# ସୁଅବିଗ୍ରର

## ବରେନ୍ଦ୍ରକୃଷ୍ଣ ଧଳ

ରାଜନୀତି ଓ ଅମଲାତନ୍ତ୍ର ଉପରେ ସର୍ବାଧିକ ବିତର୍କିତ ନେପଥ୍ୟ କାହାଣୀ

Digitized by srujanika@gmail.com

# ମୁକ୍ତ ବିଚାର

ବରେନ୍ଦ୍ର କୃଷ୍ଣ ଧଳ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମୁକ୍ତ ବିଚାର - ଲେଖକ: ବରେନ୍ଦ୍ର କୃଷ୍ଣ ଧଳ, ପ୍ରକାଶକ: ସହଦେବ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨, ପ୍ରଥମ ପ୍ରକାଶ: ୧୯୯୫, ପ୍ରଚ୍ଛଦ: ଅସୀମ ବସୁ, ମୁଦ୍ରଣ: ଜଗନ୍ନାଥ ପ୍ରୋସେସ୍, ଷ୍ଟୋନି ରୋଡ଼, କଟକ

**MUKTA BICHARA** - Author: Barendra Krushna Dhall, Publisher: Sahadev Pradhan, Friends' Publishers, Binodbehari, Cuttack-753002,Orissa (India), Cover Design: Asim Basu, Printer: Jagannath Process, Cuttack.

First Edition: 1995

Price - Rs.80.00

ISBN 81-7401-112-9

Digitized by srujanika@gmail.com

# ମୁକ୍ତ ବିଚାରର ସୂର୍ଯ୍ୟସ୍ନାନ ବେଳେ.....

ସାମାଜିକତାର ଆବରଣ ଭିତରେ ସୁରକ୍ଷିତ ବହୁ ବ୍ୟକ୍ତି ଓ ସଂସ୍ଥା ସମାଜ ପ୍ରତି ଏଭଳି ଅସାମାଜିକ ଓ ହୀନ ଆଚରଣ କରିଥା'ନ୍ତି, ଯାହା ଅନେକ ସମୟରେ ଏପରିକି ନିତିପ୍ରତି ଆମେ ଦେଖିଥାଉ। ଆମର ସୀମିତ ଶକ୍ତି ଏହି ମହା ଧନୁର୍ଦ୍ଧରମାନଙ୍କ ମୁଖା ଖୋଲିବାରେ କିମ୍ବା ଏମାନଙ୍କୁ ବାଧା ଦେବାରେ ସାହସ କରିପାରେ ନାହିଁ। ଆମ ଚାରିପଟେ ଏହିଭଳି ନୀଳବର୍ଣ୍ଣ ଶୃଗାଳମାନେ ଯେଉଁଭଳି ଭାବେ ଆତଯାତ ହୁଅନ୍ତି, ସେମାନଙ୍କୁ ଚିହ୍ନି ମଧ୍ୟ ଆମେ ନଚିହ୍ନିବା ଭଳି ବ୍ୟବହାର କରୁ।

ଆଉ ଦୁଇବର୍ଷ ପରେ ଆମେ ସ୍ୱାଧୀନତା ପାଇବାର ଅର୍ଦ୍ଧଶତାବ୍ଦୀ ପୂର୍ଣ୍ଣ ହେବ। ପଚାଶ ବର୍ଷରେ ବ୍ୟକ୍ତି ବାର୍ଦ୍ଧକ୍ୟରେ ପହଞ୍ଚେ। ଗୋଟିଏ ରାଷ୍ଟ୍ର, ଗୋଟିଏ ରାଜ୍ୟ ପକ୍ଷରେ ପଚାଶ ବର୍ଷ ଏକ ଦୀର୍ଘ ସମୟ। ଅଥଚ ଆଜି ଆମେ ଓଡ଼ିଶାବାସୀ ଦାରିଦ୍ର୍ୟ, ଅଶିକ୍ଷା ଓ ହୀନମାନ ଜୀବନ ନେଇ ବଞ୍ଚୁଛୁ। ଆମ ସମାଜର ମଉଡ଼ମଣି ଗଣ ଆମକୁ ନିତିପ୍ରତି ସରମନ ଶୁଣାଇ ଚାଲିଛନ୍ତି— ''ହେ ଜନତା ଜନାର୍ଦ୍ଦନ! ଯାହା ଆମେ କରୁଛୁ ସେଥିପ୍ରତି ଆଖି ବୁଜିଦିଅ। ଯାହା ଆମେ କହୁଛୁ ତାହାହିଁ କର।'' ଆଉ ଆମେ ଅତୀତର ବୀର ଓଡ଼ିଆ ମେରୁଦଣ୍ଡହୀନ ପ୍ରାଣୀ ଭଳି ଚିତ୍କାର କରି କହୁ 'ହେ ମୋଗାମ୍ବୋ ତୁମର ଜୟ ହେଉ।'

ଅଦ୍ଭୁତ ଏକ ମାନସିକ ଭିତରେ ଏ ସମଗ୍ର ଓଡ଼ିଆ ଜାତିଟା ଆଚ୍ଛନ୍ନ ହୋଇପଡ଼ିଛି। ଆଜି କଥା କଥାକେ ଆମେ ଅତୀତର ଉଦାହରଣ ଦେଉଛୁ। ଆମ ପାଖରେ 'ଆଜି'କୁ ନେଇ ଗର୍ବ କରିବାର କିଛି ନାହିଁ। ଚରମ ଅବସନ୍ନତା ଆଉ ଅବକ୍ଷୟ ମଧ୍ୟରେ ଆମେ ଗତି କରୁଛୁ। କୌଣସି କ୍ଷେତ୍ରରେ କାହାକୁ ନେଇ ଗର୍ବ କରିବାର ଆମର କିଛି ନାହିଁ। ଆମର ନେତୃମଣ୍ଡଳୀ ଆମର ଅସହାୟତାର ସୁଯୋଗ ନେଇ ଆମକୁ ତଳକୁ, ଆହୁରି ତଳକୁ ଏକ ଅନ୍ଧକାରମୟ ଜଗତ ଭିତରକୁ ଠେଲିଦେବା ପାଇଁ ଅହରହ ଯତ୍ନଶୀଳ।

Digitized by srujanika@gmail.com

ଆମର ପ୍ରଶାସନ ଦୁର୍ନୀତିର ଏକ ବହଳ ଆବରଣରେ ଆଚ୍ଛାଦିତ। ଯେଉଁ ଦଶ/ପନ୍ଦର ଭାଗ ସାଧୁ, ସଚ୍ଚୋଟ ଓ କର୍ମଠ ଲୋକ ଅଛନ୍ତି, ସେମାନଙ୍କର ସୁଯୋଗ ନାହିଁ ମୁଣ୍ଡ ଟେକିବାକୁ। ରାଜନୀତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ସହ ପ୍ରଶାସକମାନେ ନିଜକୁ ଏପରି ଭାବେ ଚିହ୍ନଟ କରି ରଖିଦେଇଛନ୍ତି ଯେ ସାଧାରଣ ଲୋକେ ହାରିଗୁହାରି କରିବା ପାଇଁ କାହା ପାଖକୁ ଯିବାର ବାଟ ନାହିଁ। ଗୋଟିଏ ଦଳର ଶାସନ ଶେଷ ହେବା ପରେ ଅନ୍ୟ ଦଳ ଶାସନକୁ ଆସି ପ୍ରଥମେ ନିଜ ନିଜର ବାଞ୍ଛିତ ବ୍ୟକ୍ତିମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରୁଛନ୍ତି। ପ୍ରଶାସନର ସର୍ବୋଚ୍ଚସ୍ତରର ଅମଲାମାନେ ଯଦି ରାଜନୀତିକ ବ୍ୟକ୍ତିବିଶେଷଙ୍କର ହାତବାରସି ତେବେ ଛୋଟ ଅମଲା ନିଜ ସ୍ୱାର୍ଥପାଇଁ ସ୍ୱାଭାବିକ ଭାବେ ଶାସନରେ ଥିବା ଦଳର ଅନୁଗତ ହୋଇ ହାତ ଚିକ୍କଣ କରିବା ନୀତି ହିଁ ଗ୍ରହଣ କରିବେ ଏବଂ ଏବେ ତାହାହିଁ ହେଉଛି।

ଘଟଣା ଏଇଠି ଶେଷ ନୁହେଁ। ସାରା ଓଡ଼ିଶାଟା ରାଜନୀତି ଦଳ ଅନୁସାରେ ଭାଗ ହୋଇଯାଇଛି। ପ୍ରତି ଗାଁରେ ଦଳେ କଂଗ୍ରେସ ତ ଆର ଦଳଟା ଜନତା। ପ୍ରତି କଥାରେ ରାଜନୀତି। ପ୍ରତି କଥାରେ ମାଡ଼ପିଟ୍, କଳିକଜିଆ। ଆଜି ଏହି ବାସ୍ତବତାକୁ ଆଖି ବୁଜିଦେବାର ଉପାୟ ନାହିଁ। ତେବେ କରିବାର କିଛି ନାହିଁ। କେବଳ ନୀରବରେ ଚାହିଁ ଚାହିଁ ସବୁ ଦେଖିବା ଛଡ଼ା ଆଉ କୌଣସି କରଣୀୟ ନାହିଁ। ଠିକ୍ ଯେପରି ଜଣେ ତୃଷାତୁର ବ୍ୟକ୍ତି ସମୁଦ୍ର ତୀରରେ ଠିଆହୋଇ ନିଜର ତୃଷା ମେଣ୍ଟାଇବା ପାଇଁ ବ୍ୟାକୁଳ ହୁଏ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମେ ସମସ୍ତେ ଚଳୁଛେଁ। କିନ୍ତୁ ଗଣତନ୍ତ୍ର କେଉଁଠି ? ଏବେ ଗଣତନ୍ତ୍ର ଦଳତନ୍ତ୍ର ବା ବ୍ୟକ୍ତିତନ୍ତ୍ରରେ ପରିଣତ ହୋଇଯାଇଛି। ବ୍ୟକ୍ତିବିଶେଷଙ୍କ ମର୍ଜି ଉପରେ 'ଗଣ' ଚଳିବାକୁ ବାଧ୍ୟ। ଗଣ ବିରୋଧ କରୁଥିବା କିମ୍ବା ଯୋଗ୍ୟତା ନଥିବା ବ୍ୟକ୍ତିଙ୍କୁ ବ୍ୟକ୍ତିତନ୍ତ୍ର ଜରିଆରେ ସ୍ଥାପନା କରିବାର ବହୁ ଦୃଷ୍ଟାନ୍ତ ରହିଛି।

ବହିର ମୁଖବନ୍ଧ ଲେଖୁ ଲେଖୁ ଆମେ ବାଟ ହୁଡ଼ିଗଲୁ କି ? କଣ ଓ କିଭଳି ଭାବେ ଆରମ୍ଭ କରିବୁ ଭାବି ଭାବି ଏତେ କଥା ଲେଖିଗଲୁ। ପୁଣି ଥରେ ପଢ଼ିଲୁ। ମନେହେଲା ଏଇମିତି ବିଶେଷ କିଛି ଭୁଲ ଲେଖିନାହୁଁ।

ସାମ୍ବାଦିକ ରୂପେ ଜୀବନର ତିରିଶଟି ବର୍ଷ ବିତିଗଲାଣି। ଜୀବନରେ ଆମେ ଆମ ପେଶା ପ୍ରତି କେବେ ବିଶ୍ୱାସଘାତକତା କରିନାହୁଁ। ପ୍ରଭୁଙ୍କ ଦୟାରୁ ସାମ୍ବାଦିକ ରୂପେ ଭାରତର ଜାତୀୟ ସାମ୍ବାଦିକ ୟୁନିୟନର ସର୍ବଭାରତୀୟ ସଭାପତି ରୂପେ ୧୯୯୦ରୁ ୧୯୯୩ ସାଲ ପର୍ଯ୍ୟନ୍ତ କାର୍ଯ୍ୟ କରିବା ଅବସରରେ ସମଗ୍ର ଦେଶର ବହୁ ବିଖ୍ୟାତ

Digitized by srujanika@gmail.com

ସାମ୍ବାଦିକ, ସମ୍ବାଦପତ୍ର ସମ୍ପାଦକଙ୍କ ସହ ଘନିଷ୍ଠ ସମ୍ପର୍କରେ ଆସିବାର ସୁଯୋଗ ଲାଭ କରିଛୁ। ଏହା ଜୀବନରେ ଗୋଟିଏ ଭାଗ। ସାମ୍ବାଦିକତା ଆମର ପେଶା ହୋଇଥିବାବେଳେ ସାହିତ୍ୟ ଆମର ନିଶା ରୂପେ ଆମ ମୁଣ୍ଡରେ ବସା ବାନ୍ଧିଛି। ଆମେ ମନେକରୁ ସାମ୍ବାଦିକତା ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇଟ ପାର୍ଶ୍ୱ। କାରଣ ସାମ୍ବାଦିକତା ମୁହଁର କଥା ନୁହେଁ, କାଗଜର ଭାଷା। ଲୋକଙ୍କ ପାଖରେ ପହଞ୍ଚିବାବେଳେ ସମ୍ବାଦପତ୍ରର ଭାଷାରେ ଠିକ୍ ସାହିତ୍ୟ ନହେଲେ ମଧ୍ୟ ଏକ ସାବଲୀଳତାର ଛୁଆଁ ରହିବା ଆବଶ୍ୟକ।

ଆମେ ପ୍ରଥମେ କିଛି ନିବନ୍ଧ 'ପ୍ରଜାତନ୍ତ୍ର'ରେ ଲେଖିବା ପରେ ନିୟମିତ ଭାବେ ଗତ ଦୁଇବର୍ଷ ଧରି 'ସମ୍ବାଦ' ଖବରକାଗଜରେ ଲେଖୁଛୁ। ଆମର ଅନେକ ନିବନ୍ଧ ତୀବ୍ର ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସମ୍ବାଦର ସମ୍ପାଦକ ବାବୁ ସୌମ୍ୟରଞ୍ଜନ ପଟ୍ଟନାୟକ ଆମର ଧନ୍ୟବାଦାର୍ହ। ଅନେକ ସମୟରେ ସେ ଆମକୁ ଏହିଭଳି ପରିସ୍ଥିତିରେ ଦୃଢ଼ ସମର୍ଥନ ଜଣାଇଛନ୍ତି। ଜଣେ ସମ୍ପାଦକ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ରହିଲେ ହିଁ ତାଙ୍କ କାଗଜ ପାଠକମାନଙ୍କ ନିକଟରେ ବିଶ୍ୱାସ୍ୟତା ଅର୍ଜନ କରିପାରିବ। ସମ୍ବାଦପତ୍ର ତା'ର ପାଠକମାନଙ୍କ ନିକଟରେ ଏହି ପ୍ରତ୍ୟୟ ଜନ୍ମାଇବା ଉଚିତ ଯେ, "ହେ ମୋର ପାଠକ ବନ୍ଧୁଗଣ! ଯାହା ମୁଁ ପରିବେଷଣ କରୁଛି ତାହା ମୁଁ ଜାଣିବାରେ ସତ୍ୟ।"

ଆମର ପ୍ରତ୍ୟେକ ନିବନ୍ଧ ଆମକୁ ନୂତନ ବନ୍ଧୁ, ଶୁଭେଚ୍ଛୁ ଓ ସମର୍ଥକ ସୃଷ୍ଟି କରିବାରେ ଯେତିକି ସାହାଯ୍ୟ କରିଛି, ଠିକ୍ ସେହିଭଳି କିଛି ନାମୀ, ବେନାମୀ ଶତ୍ରୁ ମଧ୍ୟ ଠିଆ କରାଇଛି। ତେବେ ଅନେକ ଅନେକ ଶୁଭେଚ୍ଛା ଆଉ ଶ୍ରଦ୍ଧା ନିକଟରେ ଏ ଶତ୍ରୁତାକୁ ଆମେ ଗ୍ରାହ୍ୟ କରିନାହୁଁ।

ଭାରତବର୍ଷରେ Right to information ବା ତଥ୍ୟ ଜାଣିବାର ଅଧିକାର କାହାରି ନାହିଁ। ଆମେରିକା ଭଳି ଉନ୍ନତ ଦେଶରେ ଏହି ତଥ୍ୟ ଜାଣିବାର ଅଧିକାର ଯୋଗୁଁ ହିଁ ଆମେରିକାର ରାଷ୍ଟ୍ରପତି ଭଳି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ (ନିକ୍ସନ୍)ଙ୍କୁ ନିଜ ପଦବୀରୁ ହଟାଇ ଦିଆଯାଇପାରିଲା। ଆମ ଦେଶରେ ଏବେବି ଚରମ ଆଦିମତାର ଆବରଣରେ ଲକ୍ଷ ଲକ୍ଷ ଲୋକ ବଣ-ପାହାଡ଼ରେ ଘୂରି ବୁଲୁଛନ୍ତି। ଅଶିକ୍ଷା, ଦାରିଦ୍ର୍ୟତା ଆମର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ତେଣୁ ସେଠି ତଥ୍ୟ ଜାଣିବାର ଅଧିକାର ଖୋଜି ବୁଲିଲେ 'ଅନ୍ଧର ହାତୀ ଦେଖା' ହେବାର ସାର ହେବ।

ଆମର ଅନେକ ବନ୍ଧୁ ବିଭିନ୍ନ ସମୟରେ ବିଭିନ୍ନ ତଥ୍ୟ ଯୋଗାଇ ଦେଇଛନ୍ତି। ଅନେକ ଆମକୁ ଏଭଳି ଗୋପନୀୟ ବିଷୟ କିଏ ଯୋଗାଇ ଦେଇପାରିବ ତାହାର

Digitized by srujanika@gmail.com

ମଧ ସୂଚନା ଦେଇଛନ୍ତି। ତଥ୍ୟ ଜାଣିବାର ଅଧିକାର ନଥିବା ଯୋଗୁଁ ସାମାନ୍ୟ ବିଷୟ ହେଲେ ମଧ ଆମେ ସେମାନଙ୍କ ନାମ ଗୋପନ ରଖିଛୁ। ଏ ପୁସ୍ତକ ସୂର୍ଯ୍ୟାଲୋକ ଦେଖିଲାବେଳେ ଆଜି ସେହି ବନ୍ଧୁମାନଙ୍କୁ ଅତ୍ୟନ୍ତ ଶ୍ରଦ୍ଧାର ସହ ସ୍ମରଣ କରୁଛି।

ନିବନ୍ଧଗୁଡ଼ିକୁ ପୁସ୍ତକର ରୂପ ଦେବାକୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ପରିଚିତ ଓ ଅପରିଚିତ ବନ୍ଧୁଙ୍କ ନିକଟରୁ ତାଗିଦା ପାଇଛି। କିଛି କିଛି ପ୍ରକାଶକ ବନ୍ଧୁ ମଧ ଏ ଦିଗରେ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଶେଷରେ ବନ୍ଧୁ ସହଦେବ ପ୍ରଧାନଙ୍କ ''ଫ୍ରେଣ୍ଡସ୍ ପବ୍ଲିଶର୍ସ'' ସଂସ୍ଥା ମାଧ୍ୟମରେ ଏହା ସୂର୍ଯ୍ୟସ୍ନାନ କରିଥିବାରୁ ଆମେ ତାଙ୍କ ନିକଟରେ କୃତଜ୍ଞ।

ଏଠି ଆଉ ଏକ ବିଷୟ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି। ତା' ହେଲା ଏ ସମସ୍ତ ନିବନ୍ଧର ରଚନାକାଳ ୧୯୯୩ ମସିହା ମାର୍ଚ୍ଚରୁ ୧୯୯୫ ମାର୍ଚ୍ଚ ମଧ୍ୟରେ। ନିବନ୍ଧର ଶେଷରେ ସବୁ ସ୍ଥାନରେ ତାରିଖ ଦେବା ସମ୍ଭବ ହୋଇନାହିଁ। ତେଣୁ ପାଠକ ବନ୍ଧୁମାନେ ସେହି ସମୟର ପରିବେଶକୁ ମନରେ ଧରି ପଢ଼ିବାକୁ ଅନୁରୋଧ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।

ବରେନ୍ଦ୍ର କୃଷ୍ଣ ଧଳ

Digitized by srujanika@gmail.com

# ସୂଚୀ ■ ■ ■


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧ | ସଚିବାଳୟର ମନ୍ତ୍ରୀଗଛି (୧,୨,୩,୪) | ୧-୧୭ |
| ୨ | ବିଧାନସଭା ଅଧିବେଶନ ଓ ଭୟଭୀତ ସରକାରୀ ଦଳ (୧ ରୁ ୧୧) | ୧୮-୭୨ |
| ୩ | ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ (୧ ରୁ ୧୧) | ୭୩-୧୪୪ |
| ୪ | ଓଡ଼ିଶାର ଯେସ୍ ମିନିଷ୍ଟର ଓ ଆଇ.ଏ.ଏସ୍. ଅଫିସର (୧ ରୁ ୧୮) | ୧୪୫-୧୮୩ |
| ୫ | ଦିଲ୍ଲୀ ଦରବାରରେ ଓଡ଼ିଆ ଲିଲିପୁଟ | ୧୮୪-୧୮୮ |
| ୬ | ବିଜୁ ବିଜୟ ଓ ବିଦ୍ରୋହୀ ବିଧାୟକ | ୧୮୯-୧୯୯ |
| ୭ | ବିଜୁବାବୁ ଓ ତାଙ୍କର ଦୁର୍ନୀତିଗ୍ରସ୍ତ ମନ୍ତ୍ରିମଣ୍ଡଳ | ୨୦୦-୨୦୫ |
| ୮ | ନିର୍ବାଚନ ଓ ବିଜୁବାବୁଙ୍କ ଜନତାଦଳ | ୨୦୬-୨୧୦ |
| ୯ | ବିଜୁବାବୁଙ୍କ ଜନ୍ମଦିବସ ଓ ସରକାରୀ ବିଜ୍ଞାପନ | ୨୧୧-୨୧୫ |
| ୧୦ | ନିର୍ବାଚନ ଓ ବିଜୁବାବୁଙ୍କ ଜନତାଦଳ | ୨୧୬-୨୨୦ |
| ୧୧ | ନିର୍ବାଚନ ହାୱା — କାହା ଗୁଡ଼ି କେତେ ଉପରକୁ ଉଠିବ | ୨୨୧-୨୨୫ |
| ୧୨ | ଦିନରେ ବସନ୍ତ ଆମେ... | ୨୨୬-୨୩୧ |
| ୧୩ | ମଦବେପାରୀ, ସରକାର ଓ ମନ୍ତ୍ରୀସଭାର ଗୋପନ ଦଲିଲ | ୨୩୨-୨୩୭ |
| ୧୪ | ପରଦା ଉଠନେବାଲା ହୈ | ୨୩୮-୨୪୨ |
| ୧୫ | କ୍ଷମତାର ଅଳିଗଳି ଓ ବିପଦଗ୍ରସ୍ତ ଶେଷାନ | ୨୪୩-୨୪୯ |
| ୧୬ | କଳିଙ୍ଗଶ୍ବରଙ୍କ ଖମାର ବାଡ଼ି... | ୨୫୦-୨୫୪ |
| ୧୭ | ଦେଶୀମଦ, ସରକାର ଓ ନିଶାନିବାରଣ ବାନା | ୨୫୫-୨୫୮ |
| ୧୮ | ବାଙ୍କୀର ବକ୍ରପଥ ଓ ପ୍ରଚ୍ଛି ଲୋକପ୍ରତିନିଧି | ୨୫୯-୨୬୩ |


•

Digitized by srujanika@gmail.com

# ମୁକ୍ତ ବିଚାର

Digitized by srujanika@gmail.com

# ସଚିବାଳୟର ମନ୍ତ୍ରୀଗଳି (୧)

ଭୁବନେଶ୍ୱର ବାହାରୁ ଯେଉଁମାନେ କୌଣସି କାମରେ ଓଡ଼ିଶା ସଚିବାଳୟକୁ ଆସନ୍ତି, ସେମାନଙ୍କର ଅନ୍ୟ ଯେ କୌଣସି ବିଭାଗରେ କାମ ଥାଉନା କାହିଁକି, ସେମାନେ ଟିକେ ମନ୍ତ୍ରୀଗଳି ଦେଖିଯା'ନ୍ତି। କାରଣ ସମଗ୍ର ସେକ୍ରେଟେରିଏଟ ବା ସଚିବାଳୟରେ ଏହା ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି ଗଳି ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିଥାଏ। ଗଳିର ପ୍ରତି କୋଠରୀରେ ଜନସାଧାରଣଙ୍କ ଭୋଟରେ ବିଜୟୀ ହୋଇ ବହୁ ଦେବଦେବୀ ବିଜେ କରିଥା'ନ୍ତି। ତେଣୁ ସ୍ୱାଭାବିକ ଭାବେ ଏହି ଦେବଦେବୀ ସଚିବାଳୟର ମନ୍ତ୍ରୀ ଗଳିରେ ବସି କ'ଣ କରନ୍ତି, ତାହା ଜାଣିବା ପାଇଁ ସାଧାରଣ ଲୋକଙ୍କର ଆଗ୍ରହର ସୀମା ନାହିଁ।

ଏହି ମନ୍ତ୍ରୀମାନେ ସଚିବାଳୟରେ କେଉଁଠି ବସନ୍ତି, କ'ଣ କରନ୍ତି, କିଏ ସେମାନଙ୍କ ପାଖକୁ ଯା'ନ୍ତି, ସେ ବିଷୟରେ ଜାଣିବା ଲାଗି ସାଧାରଣ ଲୋକଙ୍କ ମନରେ ଯେଉଁ ଉତ୍କଣ୍ଠା ଥାଏ, ତାହା ଚରିତାର୍ଥ କରିବା ପାଇଁ ଚାଲନ୍ତୁ ଯିବା ସଚିବାଳୟର ମନ୍ତ୍ରୀଗଳିକୁ।

ସଚିବାଳୟର ମନ୍ତ୍ରୀଗଳି ତିନିଥାକିଆ। ସ୍ୱାଧୀନତା ଲାଭ ପରେ ଯେତେବେଳେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱର ଗଲା, ସେତେବେଳେ ପ୍ରଥମେ ନାଲିକୋଠା (ବର୍ତ୍ତମାନ ସଚିବାଳୟର ବାଁ ପଟେ)ରେ ସଚିବାଳୟ ଆରମ୍ଭ ହୋଇଥିଲା। ଡଃ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ରୂପେ ଏହି ନାଲିକୋଠାରେ ଅଫିସ ଆରମ୍ଭ କରିଥିଲେ। ପରେ ବର୍ତ୍ତମାନର ସଚିବାଳୟ ନିର୍ମାଣ ହେଲା। ଆରମ୍ଭରୁ ସଚିବାଳୟରେ ତିନିତାଲା ଥିଲା। ତିନିତାଲାର ଗୋଟିଏ ଗଳିରେ ମନ୍ତ୍ରୀମାନେ ବସୁଥିଲେ। ୧୯୬୭ରେ ମନ୍ତ୍ରୀଗଳି ଉପର ମହଲା ନିର୍ମାଣ କରାଯାଇଥିଲା ଏବଂ ୧୯୮୫ରେ ଦି'ତାଲାରେ ଥିବା ସ୍ୱାସ୍ଥ୍ୟବିଭାଗକୁ ହଟାଇ ସେଠାରେ ଆଉ ଏକ ମନ୍ତ୍ରୀଗଳି ସୃଷ୍ଟି ହେଲା। ଏବେ ସଚିବାଳୟରେ ମନ୍ତ୍ରୀଗଳି ତିନିଥାକିଆ। ତେବେ ମଧ୍ୟ ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳର ସବୁ ମନ୍ତ୍ରୀ ଏଠି ବସିପାରି ନାହାନ୍ତି। ଏପରିକି ବିଜୁବାବୁଙ୍କର ମନ୍ତ୍ରିମଣ୍ଡଳର ଚାରିଜଣ ମନ୍ତ୍ରୀ ଇସ୍ତଫା ଦେବାପରେ ମଧ୍ୟ ସବୁ ମନ୍ତ୍ରୀ ଏହି ତିନି ଥାକରେ ଧରିଲେ ନାହିଁ। ଫଳରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ପ୍ରସନ୍ନ ପାଟଶାଣୀ, ଅନଙ୍ଗ

Digitized by srujanika@gmail.com

ଉଦୟ ସିଂହଦେଓଙ୍କ ଭଳି କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଓ ବସନ୍ତ କୁମାର ମହାନନ୍ଦ ଏବଂ ରଘୁନାଥ ହେମ୍ବ୍ରମ୍ (ରାଷ୍ଟ୍ରମନ୍ତ୍ରୀ) ମନ୍ତ୍ରୀଗଳିର ବାହାରେ ବସୁଛନ୍ତି। ବର୍ତ୍ତମାନ ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ ୩୨ (ବତିଶ) ଜଣ ମନ୍ତ୍ରୀ ଅଛନ୍ତି। ତେଣୁ ମନ୍ତ୍ରୀଗଳିର ବାହାରେ ବସୁଥିବା ମନ୍ତ୍ରୀମାନେ ଅନେକ ସମୟରେ 'ଫିସ୍ ଆଉଟ ଅଫ୍ ୱାଟର' ଭଳି ନିଜକୁ ମନେ କରନ୍ତି। ଏହି ମନ୍ତ୍ରୀମାନଙ୍କ ନିକଟରେ ସେହି ଦୃଷ୍ଟିରୁ ଭିଡ଼ କମ୍। କାରଣ ଅତି କାମ ନ ପଡ଼ିଲେ କିମ୍ବା ବନ୍ଧୁ ସଂଖୋଳିବା କାର୍ଯ୍ୟ ନ ହେଲେ ଏମାନଙ୍କ ନିକଟକୁ ଲୋକେ ଯା'ନ୍ତି ନାହିଁ। ତା'ଛଡ଼ା କାର୍ଯ୍ୟ ନ ହେଲେ ଏମାନଙ୍କ ନିକଟକୁ ଲୋକେ ଯା'ନ୍ତି ନାହିଁ। ତା'ଛଡ଼ା ଏମାନେ କେଉଁଠି ବସୁଛନ୍ତି ବୋଲି ସଚିବାଳୟରେ ଯଦି ଜଣେ କାହାକୁ ପଚରାଯାଏ, ତେବେ ସାଧାରଣ ଭାବେ ଉତ୍ତର ମିଳେ, ଆମେ ଜାଣୁନା।

ସଚିବାଳୟର ମନ୍ତ୍ରୀଗଳି କହିଲେ, ଯାହାକୁ ବୁଝାଏ, ତା'ହେଲା ତିନିତାଲାର ମନ୍ତ୍ରୀଗଳି। ଗହଳ-ଚହଳ ସବୁ ଏଇ ଗଳିରେ। କାରଣ ଏହି ଗଳିଟି ମନ୍ତ୍ରିମଣ୍ଡଳର ଦୁଇ ବିବଦମାନ ଗୋଷ୍ଠୀର ମୁଖ୍ୟ କେନ୍ଦ୍ର। ଯେତେ ଛକାପଞ୍ଝା ସବୁ ଏଇ ଗଳିରେ। ଗଳିରେ ପଶୁ ପଶୁ ବାଁ ହାତି ପ୍ରଥମ କୋଠରୀ ସମ୍ମୁଖରେ ଯାହାର ନାମ ଫଳକ ରହିଛି, ସେ ହେଉଛନ୍ତି ଦେଶୀ-ବିଦେଶୀ ଓ ଚୋରା ମଦର କର୍ତ୍ତା, ଅର୍ଥାତ୍ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ। ପାଙ୍ଗୀ ପ୍ରଥମେ ମନ୍ତ୍ରୀ ହେବାବେଳେ ଥିଲେ ସମବାୟ ବିଭାଗର ରାଷ୍ଟ୍ରମନ୍ତ୍ରୀ। ସେ ବିଭାଗର ବଡ଼ମନ୍ତ୍ରୀ ହେଲେ ଅଦ୍ୱୈତ ପ୍ରସାଦ ସିଂହ। ସେତେବେଳେ ପାଙ୍ଗୀଙ୍କ ନିକଟକୁ ଆଦୌ ଫାଇଲ ଆସିଲା ନାହିଁ। ଫଳରେ କେବଳ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ବସି ଶୋଉଥିଲେ। କାଗଜରେ ବାହାରିଲା। ମୁଖ୍ୟମନ୍ତ୍ରୀଙ୍କ କାନରେ କଥା ପଡ଼ିଲା। ଫଳରେ ପାଙ୍ଗୀଙ୍କ ଭାଗ୍ୟ ପରିବର୍ତ୍ତନ ହୋଇ ଅବକାରୀ ବିଭାଗର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ହେଲେ। କିନ୍ତୁ ତା' ସତ୍ତ୍ୱେ ମଧ୍ୟ ଅବକାରୀ ମନ୍ତ୍ରୀ ରୂପେ ଯେଉଁ ଭିଡ଼ ହେବା କଥା, ସେଭଳି ଭିଡ଼ ହେଉନାହିଁ। ଅବଶ୍ୟ ଫାଇଲ ଆସୁଛି।

ଗଳିର ଦକ୍ଷିଣ ପଟେ ଅଛନ୍ତି କାଳିନ୍ଦୀ ଚରଣ ବେହେରା। ଶକ୍ତି ବିଭାଗ ମନ୍ତ୍ରୀ। ବାବୁ କାଳିନ୍ଦୀ ଚରଣ ତାଙ୍କ ଫଳକ ଉପରେ ନାମ ପୂର୍ବରୁ ଅଧ୍ୟାପକ ପଦବୀ ଯୋଡ଼ିଛନ୍ତି। କାଳିନ୍ଦୀ ଚରଣ ଅବଶ୍ୟ ଅଳ୍ପଦିନ ପାଇଁ ଲେକ୍ଚରର ଥିଲେ। କିନ୍ତୁ ଚାକିରି ଛାଡ଼ି ରାଜନୀତି କରିବା ପରେ ପଦ୍ମଶ୍ରୀ ବା ଡକ୍ଟରେଟ ପଦବୀ ଭଳି ଅଧ୍ୟାପକ ପଦବୀ ଲାଗେ ବୋଲି ଆମର ଧାରଣା ନାହିଁ। ଅବଶ୍ୟ ଶ୍ରଦ୍ଧାରେ ଆମେ ଜୀବନସାରା ଅଧ୍ୟାପନା କାର୍ଯ୍ୟରେ ରତ ଥିବା ବିଖ୍ୟାତ ଗୁରୁମାନଙ୍କୁ ପ୍ରଫେସର ଅମୁକ ବୋଲି ସମ୍ବୋଧନ କରୁ। ଯେପରି

Digitized by srujanika@gmail.com

ପ୍ରଫେସର ପରିଜା, ପ୍ରଫେସର ବାମାଚରଣ ଦାସ, ପ୍ରଫେସର ଡ଼ି.ସି. ମିଶ୍ର (ଡଃ ଦେବେନ୍ଦ୍ର ଚନ୍ଦ୍ର ମିଶ୍ର) କିନ୍ତୁ କାଳିନ୍ଦୀବାବୁଙ୍କୁ ସେଇ ଅର୍ଥରେ କେହି ପ୍ରଫେସର ବା ଅଧ୍ୟାପକ ଡାକିବା ଆମେ ଶୁଣିନାହୁଁ। ଅବଶ୍ୟ ଏହାର ଅନ୍ୟ ଏକ ଅର୍ଥ ଥାଇପାରେ (ତା' ମଧ୍ୟ ଆମର ସଂପୂର୍ଣ୍ଣ କଳ୍ପନା ପ୍ରସୂତ) ତା' ହେଲା କାଳିନ୍ଦୀବାବୁ ସମ୍ଭବତଃ ଦର୍ଶନ ପ୍ରାର୍ଥୀ ଓ ଦର୍ଶକମାନଙ୍କୁ ଜଣାଇ ଦେବାକୁ ଚାହାନ୍ତି ଯେ, ଏ ଗଳିରେ ଯେତେ ମନ୍ତ୍ରୀ ଅଛନ୍ତି, କେହି ମୋ ଯୋଗ୍ୟତା ସହ ପାସଙ୍ଗରେ ପଡ଼ିବେ ନାହିଁ। ମୁଁ ହେଉଛି ଏ ଗଳିର ବକ ମଧ୍ୟେ ହଂସ ଯଥା। କାଳିନ୍ଦୀବାବୁଙ୍କ ଅଧ୍ୟାପକ ପଦବୀଟା ଅନେକଙ୍କୁ ଅଖାଡୁଆ ଲାଗେ। କିନ୍ତୁ କ'ଣ କରାଯିବ? ତେବେ କାଳିନ୍ଦୀବାବୁଙ୍କ ଆଉ ଏକ ଉଦ୍ଦେଶ୍ୟ ଅଧ୍ୟାପକ ପଦବୀ ପଛରେ ସମ୍ଭବତଃ ନିହିତ ଅଛି। ତା'ହେଲା ଯେ, ହେ ବନ୍ଧୁ! ମୁଁ ଏକ ମର୍ଯ୍ୟାଦାପୂର୍ଣ୍ଣ ବୃତ୍ତିରୁ ରାଜନୀତିକୁ ଆସିଛି। ତୁମମାନଙ୍କ ଭଳି ମୁଁ କ୍ୟାରିଅର ରାଜନୀତିଜ୍ଞ ମୂଳରୁ ନଥିଲି।

ଆଉ ଟିକେ ଆଗେଇଲେ ଡାହାଣ ପାଖେ ପ୍ରଥମେ ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝି ଏବଂ ତାଙ୍କ ପରେ ପରେ ତଳ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ। ପୂରା ଶିକ୍ଷା ବିଭାଗର ଦାୟିତ୍ୱରେ ପ୍ରଥମେ ଚୈତନ୍ୟବାବୁ ଥିଲେ; ପରେ ତାକୁ ଦୁଇଭାଗ କରାଗଲା। ଆଶା କରାଯାଉଥିଲା, ଶିକ୍ଷା ବିଭାଗ ସଜାଡ଼ି ହୋଇଯିବ। କିନ୍ତୁ "ଗୋଦରୀ କୋଡ଼େ ଯେତେ ମାଡ଼େ ସେତେ" ବୋଲି ଯେଉଁ ପ୍ରବାଦ ଅଛି, ଶିକ୍ଷା ବିଭାଗ ପ୍ରତି ତାହା ପ୍ରଯୁଜ୍ୟ। ଏ ଦୁଇ ମନ୍ତ୍ରୀ ବ୍ୟକ୍ତି ହିସାବରେ ଗୁଣୀବ୍ୟକ୍ତି -ସଜ୍ଜନ, କିନ୍ତୁ ସଦାବେଳେ 'ବିଜି ଫର ନଥିଂ ବୋଲି ସାକ୍ଷାତକାରୀ ପ୍ରାର୍ଥୀମାନେ କୁହନ୍ତି। ଅନ୍ୟାୟ ହୋଇଛି ଜାଣିଲେ ମଧ୍ୟ ଏମାନେ ତା'ର ପ୍ରତିକାର କରିବା ପାଇଁ ଅକ୍ଷମ। ଫଳରେ ଦୁହିଁଙ୍କ କ୍ଷେତ୍ରରେ ଗତାନୁଗତିକତା ହିଁ ଶ୍ରେୟସ୍କର ପନ୍ଥା ବୋଲି ମନେପକାଇ ଦିଆଯାଇଛି। ଦୁଇଟି ଉଦାହରଣ ଯଥେଷ୍ଟ। ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପକମାନଙ୍କ ବଦଳିରେ ଅବ୍ୟବସ୍ଥା ଓ କୌଣସି ନିର୍ଦ୍ଦିଷ୍ଟ ମାନର ଅନୁସରଣ କରାଗଲା ନାହିଁ। ଫଳରେ କିଏ କେଞ୍ଚେ ପାଇଲେ ତ ଆଉ କିଏ ଖେଞ୍ଚେ ଖାଇଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ବ୍ଲାକବୋର୍ଡ ଅପରେସନ ଅନ୍ତର୍ଗତ ବହିକିଣାରେ ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ହୋଇଛି ବୋଲି ଜାଣିବା ପରେ ମଧ୍ୟ ମନ୍ତ୍ରୀ ତା'ର ପ୍ରତିକାର କରିବା ପାଇଁ ନିଜର ଅକ୍ଷମତା ପ୍ରକାଶ କଲେ। ଏ ଦୁଇ ବିଭାଗରେ ବହୁ ବିଷୟ ଅଛି। ଲେଖି ବସିଲେ ସ୍ୱତନ୍ତ୍ର ନିବନ୍ଧ ହୋଇଯିବ।

ଠିକ୍ ଦୁଇ ମନ୍ତ୍ରୀଙ୍କ ଭଳି ବାଁ ପଟେ ଆଉ ଦୁଇଜଣ ମନ୍ତ୍ରୀ ଶ୍ରୀ ଅଦ୍ୱୈତ

Digitized by srujanika@gmail.com

ପ୍ରସାଦ ସିଂହ ଓ ଘାସିରାମ ମାଝି ବିଦ୍ୟମାନ ଅଛନ୍ତି। ଏ ଦୁହିଁଙ୍କ ପାଖକୁ ସାଧାରଣ ଲୋକେ ପ୍ରାୟ ଯା'ନ୍ତି ନାହିଁ। କାରଣ କେଜାଣି କେମିତି ଲୋକଙ୍କ ଧାରଣା ଯେ, ଏମାନଙ୍କ ଦ୍ୱାରା ଉପକୃତ ହେବାର ଆଶା କମ୍। ତେଣୁ ଯାଇ ସମୟ ନଷ୍ଟ କରି ଲାଭ କ'ଣ ? ତେଣୁ ଏମାନଙ୍କର କୋଠରୀରେ ସଦାବେଳେ ଶାନ୍ତି ଓ ନୀରବତା ବିରାଜମାନ କରୁଥାଏ।

ଏହି ଗଳିର ପ୍ରକୃତ ପ୍ରସଙ୍ଗକୁ ଏଥର ଆସନ୍ତୁ। ବାଁ-ଡାହାଣ ପଟର ଉପରୋକ୍ତ ମନ୍ତ୍ରୀମାନଙ୍କୁ ଛାଡ଼ିଦେଲେ ଆଉ ଯେଉଁମାନେ ରହିଲେ, ସେମାନଙ୍କ ମଧ୍ୟରେ ଯେଉଁ ଦୁଇ ଗୋଷ୍ଠୀ ଏବେ ଜନତା ଦଳ ଓ ସରକାର ମଧ୍ୟରେ ମୁହାମୁହିଁ ସମରରେ ଅବତୀର୍ଣ୍ଣ, ସେମାନେ ହେଲେ ଗୋଟିଏ ଦିଗରେ ବିଜୟ ମହାପାତ୍ର ଓ ନଳିନୀ ମହାନ୍ତି ଏବଂ ଅନ୍ୟ ଦିଗରେ ଦାମୋଦର ରାଉତ ଓ ଭାଗବତ ବେହେରା। ବସ୍ତୁତଃ ମନ୍ତ୍ରୀଗଳିକୁ ଆସୁଥିବା ଅଧିକାଂଶ ଦର୍ଶକ ଏହି ଚାରୋଟି କୋଠରୀକୁ ଆସନ୍ତି। ଘଟଣା ଏତେ ଦୂରକୁ ଗଡ଼ିଯାଇଛି ଯେ କେତେକ ସାଂବାଦିକ ମଧ୍ୟ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ଗୋଷ୍ଠୀକୁ ଆଶ୍ରୟ କରି ରହିଯାଇଛନ୍ତି। ଜନତାଦଳର ବିଧାୟକଙ୍କ ମଧ୍ୟରୁ କେତେକଙ୍କୁ କିଏ କେଉଁ ଗୋଷ୍ଠୀର, ତାହା ମଧ୍ୟ ଚିହ୍ନଟ କରାଯାଇଛି। ତିନିତାଲାର କାଚଘର ଛକରେ ଠିଆ ହୋଇଥିବା ସାଂବାଦିକମାନେ ଗଳି ଭିତରକୁ ମୁହାଁଉଥିବା ବିଧାୟକ କାହା ପାଖକୁ ଯାଉଛନ୍ତି, ବିନା ଗୌରଚନ୍ଦ୍ରିକାରେ ପ୍ରକାଶ କରିଥାନ୍ତି।

ଜନତାଦଳ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ବିବାଦ ଏତେ ଖୋଲାଖୋଲି ଅବସ୍ଥାକୁ ଆସିଗଲାଣି ଯେ ମନ୍ତ୍ରୀମାନେ ପରସ୍ପରକୁ ବିପଦରେ ପକାଇବା ପାଇଁ ଚକ୍ରାନ୍ତ କରିବାରୁ ବିରତ ହେଉନାହାନ୍ତି। ଏହି ଗଳି ଭିତରେ ଜନତାଙ୍କର ଅସଲ ପ୍ରଭୁମାନେ ଗାଦିନସୀନ।

•

Digitized by srujanika@gmail.com

## (୨)

ତିନିତାଲା ମନ୍ତ୍ରୀଗଳିର ଅବିମୃଷ୍ୟକାରୀ ରାଜନୀତି ସମଗ୍ର ଦଳ ଓ ସରକାର ପାଇଁ ଏକ ଅନ୍ତଃସାରହୀନ ପରିବେଶ ସୃଷ୍ଟି କରିଛି। ଏହି ରାଜନୀତିର ଶିକାର ହୋଇ ବିଦାୟ ନେଇଛନ୍ତି ଏହି ଗଳି ଓ ଦୋତାଲା ଗଳିର ଚାରିଜଣ ଦକ୍ଷ ବାସିନ୍ଦା, ଭବିଷ୍ୟତରେ ଆଉ ଜଣେ ଦୁଇଜଣ ଯେ ନଯିବେ ସେ କଥା ମଧ୍ୟ କହିହେବ ନାହିଁ। ଏହି ଗଳିରେ ପ୍ରବେଶ କରୁଥିବା ଅଧିକାଂଶ ନେତା, କର୍ମୀ ଓ ସାମ୍ବାଦିକ ହିପୋକ୍ରାଟ ସାଜୁଛନ୍ତି। ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କ କୋଠରୀରେ ଆଡ୍ଡା ଦେଲାବେଳେ ସେମାନେ ବିରୋଧୀ ଗୋଷ୍ଠୀଙ୍କ ବିରୁଦ୍ଧରେ ରସାଳ ମନ୍ତବ୍ୟ ଦେବା ସମୟରେ ଭାଗବତ ବେହେରା ଓ ଦାମୋଦର ରାଉତଙ୍କ ଆଡ୍ଡାରେ ବାବୁ ବିଜୟ ଓ ବାବୁ ନଳିନୀକାନ୍ତଙ୍କ ବିରୁଦ୍ଧରେ ଅନୁରୂପ ବ୍ୟାଖ୍ୟା କରିଥାନ୍ତି।

ବିଚିତ୍ର ରାଜନୀତି। ରାଜନୀତି ନଦୀଭଳି ନିମ୍ନଗାମୀ। ପାଣି ତଳକୁ ତଳ ଗଡ଼ିଯିବା ଭଳି ରାଜନୀତି ତଳକୁ ତଳ ଗାଁକୁ ଗାଁ ଗଡ଼ିଚାଲେ। ନଦୀ ଆବର୍ଜନା ନେଇ ମଧ୍ୟ ପବିତ୍ର ଓ ସ୍ୱଚ୍ଛ। କିନ୍ତୁ ସ୍ୱାଧୀନତା ପରେ ସମୟ ଯେତିକି ଯେତିକି ଗଡ଼ି ଯାଉଛି, ରାଜନୀତି ସେତିକି ସେତିକି ପଙ୍କିଳ ପିଚ୍ଛିଳ ଓ ଦୁର୍ଗନ୍ଧମୟ ହୋଇଉଠିଛି। ଅଭିଧାନରେ ଥିବା ରାଜନୀତି ଏବେ ଆଉ ନାୟକ ମୁହଁରେ ଭାଷା ନହୋଇ ଖଳନାୟକର ଭାଷା ହୋଇଯାଉଛି। ଧୀରେ ଧୀରେ ଏହି ଭାଷା ସ୍ପଷ୍ଟ ହୋଇଆସୁଛି।

ତିନିତାଲା ମନ୍ତ୍ରୀଗଳିର ଏହି ଦୃଶ୍ୟ କିନ୍ତୁ ଦୋତାଲା ମନ୍ତ୍ରୀଗଳିରେ ସଂପୂର୍ଣ୍ଣ ଅନୁପସ୍ଥିତ। ଏ ଗଳିର ବାସିନ୍ଦାମାନେ ଉଣା ଅଧିକେ ନିଜକୁ ଉପର ଗଳିର ଦ୍ୱନ୍ଦ୍ୱରୁ ମୁକ୍ତ ରଖିଛନ୍ତି। ଏ ଗଳିର ଅଧିକାଂଶ କୋଠରୀରେ ଅଧିଷ୍ଠାତା ଅନେକ ସମୟରେ ଅନୁପସ୍ଥିତ ରହିଥାନ୍ତି। ଖୋଜା-ଲୋଡ଼ା କଲେ ଉତ୍ତର ମିଳେ ମନ୍ତ୍ରୀ ଘରେ ଅଛନ୍ତି ନଚେତ୍ ଟୁର୍‌ରେ ଯାଇଛନ୍ତି। ବେଳେବେଳେ ଏଭଳି ମଧ୍ୟ ଦେଖାଯାଇଛି କୋଠରୀରେ ମନ୍ତ୍ରୀ ବା କର୍ମଚାରୀ କିମ୍ବା ଚପରାସୀ ମଧ୍ୟ ନଥାନ୍ତି। ଖରାଦିନେ କେତେକ କୋଠରୀ ମନ୍ତ୍ରୀଙ୍କ ଅନୁପସ୍ଥିତି ବେଳେ ଭିତରୁ ବନ୍ଦ ଥାଏ। ମନ୍ତ୍ରୀଙ୍କର କେତେକ କର୍ମଚାରୀ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଖୋଲି ମନ୍ତ୍ରୀଙ୍କ ଖଟରେ ଓ ସୋଫାରେ ଶୟନ କରିଥାନ୍ତି। ସାଧାରଣ ଦର୍ଶକ ଓ ନେତାମାନଙ୍କ ଧାରଣା ଏ ଗଳି ମନ୍ତ୍ରୀଙ୍କ କଥାକୁ ଅମଲାମାନେ ସେଭଳି ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ ଯେତେବେଳେ ଏ ଗଳିକୁ ଚାହିଁବେ ସେତେବେଳେ ଏହା ପୂରା ଫାଙ୍କା-ଠିକ୍

Digitized by srujanika@gmail.com

ଯେପରି ରବିବାର ଦିନର କ୍ୟାପିଟାଲ ମୁଖ୍ୟ ମ୍ୟାର୍କେଟ ବିଲ୍ଡିଂ। ମନ୍ତ୍ରୀମାନଙ୍କ କୋଠରୀ ସମ୍ମୁଖରେ ପଡ଼ିଥିବା ଅଧିକାଂଶ ବେଞ୍ଚ ଖାଲି। କେତେକଙ୍କ ବେଞ୍ଚରେ କିଛି ଲୋକ ବସି ଘୁମାଉଥିବେ। ମନେ ହୁଏ ଦୂରରୁ ଆସିଥିବା ବ୍ୟକ୍ତିମାନେ ମନ୍ତ୍ରୀଙ୍କୁ ନପାଇ ସେଇଠି ବସି ଥକା ମେଣ୍ଟାଇ ନେଉଛନ୍ତି।

ଉପରେ ଦୋତାଲା ମନ୍ତ୍ରୀଗଳିର ଯେଉଁ ବର୍ଣ୍ଣନା ଦିଆଗଲା ସେଥିରୁ କେହି ପାଠକେ ବିଚାର କରିବା ଉଚିତ ନୁହେଁ ଯେ ଏ ଗଳିରେ ବସୁଥିବା ମନ୍ତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକର୍ତ୍ତା ନୁହନ୍ତି। କିନ୍ତୁ କେଜାଣି କେମିତି ଏ ଗଳିର ମନ୍ତ୍ରୀମାନଙ୍କ ଭାବମୂର୍ତ୍ତିରେ ମନ୍ତ୍ରିତ୍ୱର ଯେଉଁ ଗୁରୁତ୍ୱ ରହିବା କଥା ତା'ର ଅଭାବ ରହିଛି। ଏହି ଗଳିର ଡାହାଣ ପାଖେ ପ୍ରଥମ ଚେମ୍ବର ହେଲା ଶିଳ୍ପମନ୍ତ୍ରୀ ଦିଲ୍ଲୀପ ରାୟଙ୍କର ଏବଂ ଶେଷ ଚେମ୍ବର ହେଲା ଶ୍ରମ ରାଷ୍ଟ୍ରମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କର। ଓଡ଼ିଶାର ପ୍ରଶାସନରେ ଶିଳ୍ପ ବିଭାଗକୁ ଯେତିକି ଗୁରୁତ୍ୱ ଦିଆଯାଏ ଶ୍ରମ ବିଭାଗକୁ ସେତିକି ଗୌଣ ମନେକରାଯାଏ। ବିଜୁବାବୁ ଏବେ ଶିଳ୍ପ ବିଭାଗକୁ ତିନିଭାଗ କରିଦେଇଛନ୍ତି। ଫଳରେ ଏ ବିଭାଗର ଗୁରୁତ୍ୱ ପୂରାପୂରି ହ୍ରାସ ପାଇଛି। ରାଜ୍ୟରେ ଗତ ତିନିବର୍ଷ ମଧ୍ୟରେ ଇସ୍ପାତ କାରଖାନା ପାଇଁ ସମସ୍ତେ ସ୍ୱପ୍ନ ଦେଖୁଛନ୍ତି। ଇସ୍ପାତ ଭଳି ଏ ସ୍ୱପ୍ନ ମଧ୍ୟ କଠୋର। ତେଣୁ ବାସ୍ତବରେ ରୂପାୟିତ ହୋଇପାରେନି। ବିଜୁବାବୁଙ୍କ ବର୍ତ୍ତମାନର କାର୍ଯ୍ୟକାଳ ଆଉ ଠିକ୍ ଦେଢ଼ ବର୍ଷ। ତେଣୁ ଇସ୍ପାତର ଏହି ସ୍ୱପ୍ନର ସାକାର କେବେ ହେବ ତାହା ସମୟ କହିବ। ବିଜୁବାବୁଙ୍କ ଦୀର୍ଘଦିନର ଏହି ସ୍ୱପ୍ନ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବାସ୍ତବରେ ରୂପାୟିତ ହେଉ- ଏହା ସମସ୍ତେ ଚାହାନ୍ତି। ସରକାର ଏହି ଇସ୍ପାତ ସ୍ୱପ୍ନରେ ମସଗୁଲ ରହି ରାଜ୍ୟରେ ଅନ୍ୟ ସମସ୍ତ ଶିଳ୍ପକୁ ଜଳାଞ୍ଜଳି ଦେଇଛନ୍ତି। ଫଳରେ ଶିଳ୍ପମନ୍ତ୍ରୀ ଅଯଥା ସମୟ ନଷ୍ଟ ନକରି ନିଜ ହୋଟେଲ ପ୍ରକଳ୍ପରେ ମନୋନିବେଶ କରିଛନ୍ତି। ଗୋଟିକ ପରେ ଗୋଟିଏ ସରକାରୀ ଶିଳ୍ପ କାରଖାନା ଘରୋଇ ମାଲିକାନା ହାତକୁ ଚାଲିଯାଉଛି। ତେଣୁ ଶିଳ୍ପମନ୍ତ୍ରୀଙ୍କ କାମ ଧୀରେ ଧୀରେ ସୀମିତ ଓ ସଂକୁଚିତ ହୋଇପଡ଼ିଛି। ରାଜ୍ୟରେ ଶିଳ୍ପର ଏଭଳି ଅବସ୍ଥାବେଳେ ଶ୍ରମବିଭାଗର ପରିସ୍ଥିତି କଣ ହୋଇପାରେ ? ଅଗତ୍ୟା ଶ୍ରମମନ୍ତ୍ରୀ ଅଧିକାଂଶ ସମୟ ଦାଦନୀୟା ହୋଇ ବୁଲୁଛନ୍ତି। ଏହି ଧାଡ଼ିରେ ବସୁଥିବା ଅନ୍ୟ ମନ୍ତ୍ରୀଙ୍କ ମଧ୍ୟରୁ ଗ୍ରାମ ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ହାତରେ ଘଡ଼ା ରହିଛି। ତେବେ ବି ଲୋକଙ୍କ ଭିଡ଼ ନାହିଁ। ତାର ଅନ୍ୟ କାରଣ ହେଲା ଏବେ ବିଜୁବାବୁ ଏହି ବିଭାଗର ଅର୍ଥକୁ ଏମ୍.ଏଲ୍.ଏ.ମାନଙ୍କୁ ବାଣ୍ଟି ଦେଇଛନ୍ତି। ଏମ୍.ଏଲ୍.ଏ.ମାନେ ଯାହାକୁ ଯାହା ଦେବାକୁ କହିବେ ତାହାହିଁ ହେଉଛି ସରକାରୀ ନିର୍ଦ୍ଦେଶ। ତେଣୁ ଘଡ଼ା ମାଲିକଙ୍କ ଘରକୁ ହଡ଼ା ମଧ ଆସୁନି।

Digitized by srujanika@gmail.com

ପ୍ରସନ୍ନ ଏମିତି ଭଦ୍ର, ସୁଦର୍ଶନ ଓ ଅଯଥା ହୋହଲ୍ଲାକୁ ପସନ୍ଦ କରୁନଥିବା ଯୁବକ। ତେଣୁ ବିଜୁବାବୁଙ୍କ ନିଷ୍ପତ୍ତିରେ ସେ ମଧ ଖୁସି। ଏମ୍.ଏଲ୍.ଏ. ଟଙ୍କା ମାରନ୍ତୁ। କାମ ହେଉ କି ନହେଉ, ସେ କଥା ବିଜୁବାବୁ ବୁଝିବେ, ଏମ୍.ଏଲ୍.ଏ. ବୁଝିବେ। ଧାଡ଼ିର ଅନ୍ୟ ମନ୍ତ୍ରୀ ହେଲେ ମାଛ, ଦୁଧ ଓ ଅଣ୍ଡା ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର; ଖବରକାଗଜକୁ ବିଜ୍ଞାପନ ଓ ସାମ୍ବାଦିକଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟ ବିଭାଗ ମନ୍ତ୍ରୀ ଶ୍ରୀ ବୈରାଗୀ ଚରଣ ଜେନା ଏବଂ ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ମଙ୍ଗଳା କିଶାନ। ନିଜ ବିଭାଗର ନାମ ଅନୁସାରେ ଏମାନଙ୍କ କାମ। ଏମାନଙ୍କ ମଧରେ ପାତ୍ରେ ମହାଶୟ ଦିଲ୍ଲୀ ବମ୍ବେ ସାଙ୍ଗକୁ ବିଦେଶ ବୁଲିବାବେଳେ ବୈରାଗୀବାବୁ ଭଦ୍ରଖ ଏବଂ ମଙ୍ଗଳା କିଶାନ କୁତ୍ରା ପଞ୍ଚାୟତ ସମିତିକୁ ନେଇ ବ୍ୟସ୍ତ ଥା'ନ୍ତି।

ଦି'ତାଲା ଗଳିର ବାଁ ପଟ ଧାଡ଼ି ଆରମ୍ଭ ହୋଇଛି ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଛୋଟରାୟ ମାଝୀଙ୍କ ନାମ ଫଳକରୁ ଏବଂ ଶେଷ ଆଡ଼କୁ ଅଛନ୍ତି ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ। ଯେଉଁଠି ମୂଳ ଶିଳ୍ପମନ୍ତ୍ରୀଙ୍କ ଅବସ୍ଥା ଏପରି, ସେଠି ଶିଳ୍ପର ବିଖଣ୍ଡିତ କ୍ଷୁଦ୍ର ଅଂଶର ଦୁଇ ରାଷ୍ଟ୍ରମନ୍ତ୍ରୀଙ୍କ ଅବସ୍ଥା କ'ଣ ହୋଇଥିବ ତାହା ବୁଦ୍ଧିମାନ୍ ପାଠକେ ସହଜରେ ଅନୁମାନ କରିପାରୁଥିବେ। ତେଣୁ ଦୁଇ ମାଝୀ ନିଜ ନିଜ ସଂସ୍କୃତିକୁ ନେଇ ବ୍ୟସ୍ତ ଥାନ୍ତି। ସର୍ବଶେଷ କୋଠରୀ ହେଉଛି ପଞ୍ଚାୟତରାଜ ବିଭାଗ ରାଷ୍ଟ୍ରମନ୍ତ୍ରୀ ପଦ୍ମନାଭ ବେହେରାଙ୍କର। ବାବୁ ପଦ୍ମନାଭ ଯୁବକ, ଆସିଛନ୍ତି ଓଡ଼ିଶାର ଆଦିମତମ ପଛୁଆ ଅଞ୍ଚଳ ଫୁଲବାଣୀରୁ। କାମ କରିବାର ସ୍ପୃହା ଅଛି, କିନ୍ତୁ କାମ ନାହିଁ। ତେବେ ଦି'ତାଲା ଗଳି ଆରମ୍ଭରୁ ଏଭଳି ଜନଶୂନ୍ୟ ନଥିଲା। ଶରତ କର ଓ ବିଶ୍ୱଭୂଷଣ ହରିଚନ୍ଦନ ଏହି ଗଳିରେ ବସୁଥିଲେ। ସେତେବେଳେ ଏ ଦୁହିଁଙ୍କ ପାଖକୁ ବେଶ୍ ଲୋକ ଆସୁଥିଲେ। ଗଳି ମଝିର ଅଳିନ୍ଦ ମୁଖର ହୋଇଉଠୁଥିଲା। ଏବେ ଶରତବାବୁ ବସୁଥିବା କୋଠରୀରେ ବୈରାଗୀ ବାବୁ, ବିଶ୍ୱଭୂଷଣ ବାବୁଙ୍କ କୋଠରୀରେ କିରଣ ସିଂଦେଓ ବସୁଛନ୍ତି। କିନ୍ତୁ କେଜାଣି କାହିଁକି ଏ ଗଳିର ଆଉ 'ଶ୍ରୀ' ନାହିଁ। ମନ୍ତ୍ରୀଗଳିର ଯେଉଁ ପତିଆରା, ଯେଉଁ ଅଳଂକରଣ ଓ ଯେଉଁ ଭାବମୂର୍ତ୍ତି ରହିବା କଥା ସେ ସବୁ ଏଠାରେ ଅନୁପସ୍ଥିତ। ଫଳରେ ଏ ଗଳିକୁ ଏବେ ବଡ଼ ବଡ଼ କାଗଜର ସାମ୍ବାଦିକ କ୍ୱଚିତ୍ ଆସନ୍ତି। କାରଣ ମୁଖରୋଚକ ବା ରୋମାଞ୍ଚକର ସମ୍ବାଦ ଏ ଗଳିରୁ ମିଳେ ନାହିଁ। ବାକି ରହିଲା ଡେଭ୍‌ଲପମେଣ୍ଟାଲ ସମ୍ବାଦ। ଏବେ ଡେଭ୍‌ଲପମେଣ୍ଟାଲ ସମ୍ବାଦ ପଢ଼ିବାକୁ ପାଠକ ମଧ ଆଗ୍ରହୀ ନୁହନ୍ତି। ତା'ଛଡ଼ା ଏବେ ଓଡ଼ିଶାରେ ଜନତା ସରକାର ଆସିବା ପରେ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମ ଏମ୍.ଏଲ୍.ଏ. ଓରିଏଣ୍ଟେଡ୍ ହୋଇଥିବା ଫଳରେ ମନ୍ତ୍ରୀମାନଙ୍କ ହାତରେ ଆଉ ଖବର ବି ନାହିଁ। ତେଣୁ ସାମ୍ବାଦିକମାନେ ଏ ଗଳିକୁ ଆସିବା

Digitized by srujanika@gmail.com

ପ୍ରାୟ ବନ୍ଦ କରିଦେଇଛନ୍ତି। ମଝିରେ ମଝିରେ ଅବଶ୍ୟ କିଛି ସାମ୍ବାଦିକ ମନ୍ତ୍ରୀଙ୍କ ସାଂଗେ ବସି ଚା' ପିଇ ଆଡ୍‌ଡା ଜମେଇବାକୁ ଆସନ୍ତି।

ଏହି ଗଳିର ପ୍ରବେଶ ପଥରେ ତିନିତାଲା ଓ ଚାରିତାଲା ଗଳି ଉଭି ପୋଲିସ ପ୍ରହରା ବ୍ୟବସ୍ଥା ରହିଛି। କିନ୍ତୁ ଯେତେବେଳେ ସମଗ୍ର ଗଳିଟି ନିବିଡ଼ ଶୂନ୍ୟତାରେ ଆଚ୍ଛାଦିତ, ସେତେବେଳେ ପ୍ରହର ଗଣିବା ପାଇଁ ଆଉ ପୋଲିସ ଇଚ୍ଛୁକ ନୁହନ୍ତି। ତେଣୁ ବସ୍ତୁତଃ ଏଠି ଆଉ ପୋଲିସ ବସୁନାହାନ୍ତି। ଏହାହିଁ ଏ ଗଳିର ଗୁରୁତ୍ୱ ଓ ଭାବମୂର୍ତ୍ତିର ସୂଚନା ଦିଏ।

ଓଡ଼ିଶା ମନ୍ତ୍ରିମଣ୍ଡଳର ମୋଟ ୩୨ ଜଣ (ମୁଖ୍ୟମନ୍ତ୍ରୀଙ୍କ ସମେତ) ସଦସ୍ୟଙ୍କ ମଧ୍ୟରୁ ମୂଳ ୩ଟି ମହଲା ମନ୍ତ୍ରୀଗଳିରେ ୨୮ ଜଣ ବସନ୍ତି। ବାକି ଚାରିଜଣ ସଚିବାଳୟର ଉତ୍ତର ଓ. ଦକ୍ଷିଣ ଦିଗରେ ବସନ୍ତି। ଦକ୍ଷିଣ ପଟେ ନାଲି କୋଠାରେ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍‌ସିପାତ୍ର ଓ ତାଙ୍କର ରାଷ୍ଟ୍ରମନ୍ତ୍ରୀ ବସନ୍ତ କୁମାର ମହାନନ୍ଦ ବସୁଥିବା ବେଳେ ଉତ୍ତର ପଟେ ପର୍ଯ୍ୟଟନ ଓ କ୍ରୀଡ଼ାମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବଂ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ମନ୍ତ୍ରୀ ପ୍ରସନ୍ନ କୁମାର ପାଟଶାଣୀ ନିଜର ଆସ୍ଥାନ ଜମାଇ ରଖିଛନ୍ତି।

ଭାରତବର୍ଷରେ ଯେତେବେଳେ ହରିଜନ-ସବର୍ଣ୍ଣ, ବ୍ରାହ୍ମଣ-କ୍ଷତ୍ରିୟ ଆଦି ଜାତି-ଧର୍ମ-ବର୍ଣ୍ଣ ଲୋପ କରିବା ପାଇଁ ଆନ୍ଦୋଳନ ହେଉଥିଲା, ଯେତେବେଳେ ଜାତିର ପିତା ମହାତ୍ମା ଗାନ୍ଧି ସମସ୍ତଙ୍କୁ ଏକ ମାନବିକ ଧର୍ମରେ ଆବଦ୍ଧ କରିବାକୁ ଡାକରା ଦେଇଥିଲେ, ସେତେବେଳେ ଜନତା ସରକାର ଶାସନକୁ ଆସି ପୁଣି ଦେଶରେ ଜାତିପ୍ରଥା ଆରମ୍ଭ କଲେ। ଏବେ ବ୍ରାହ୍ମଣ, କ୍ଷତ୍ରିୟ ଓ କରଣଙ୍କୁ ବାଦ୍‌ଦେଲେ ଖଣ୍ଡାୟତଙ୍କ ସମେତ ସମସ୍ତଙ୍କୁ ଅନ୍ୟାନ୍ୟ ପଛୁଆ ଜାତି ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମନ୍ତ୍ରିମଣ୍ଡଳରେ କେଉଁ ଜାତିର କେତେ ମନ୍ତ୍ରୀ ଅଛନ୍ତି ଏବଂ କିଏ କେଉଁ ଜାତିର ତାହା ନିମ୍ନରେ ପ୍ରଦତ୍ତ ହେଲା।

ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବ୍ରାହ୍ମ : ଅନ୍ୟ ମନ୍ତ୍ରୀମାନଙ୍କ ମଧ୍ୟରେ ବ୍ରାହ୍ମଣ (୩ ଜଣ) ସର୍ବଶ୍ରୀ ହରିଶ୍ଚନ୍ଦ୍ର ବକ୍‌ସିପାତ୍ର, ନରସିଂହ ମିଶ୍ର ଓ ପ୍ରସନ୍ନ ଆଚାର୍ଯ୍ୟ, କ୍ଷତ୍ରିୟ (୨ ଜଣ) ଅନଙ୍ଗ ଉଦୟ ସିଂ ଦେଓ ଓ କିରଣ ଚନ୍ଦ୍ର ସିଂ ଦେଓ, ଖଣ୍ଡାୟତ (୧୦ ଜଣ) ସର୍ବଶ୍ରୀ ଅଦ୍ୱୈତ ପ୍ରସାଦ ସିଂ, ବିଜୟ ମହାପାତ୍ର, ଦାମୋଦର ରାଉତ, ପ୍ରଫୁଲ୍ଲ ଘଡ଼େଇ, ଦିଲ୍ଲୀପ ରାୟ, ପ୍ରଫୁଲ୍ଲ ସାମଲ, ନଳୀନିକାନ୍ତ ମହାନ୍ତି, ପ୍ରସନ୍ନ ପାଟଶାଣୀ, ସୁରେନ୍ଦ୍ର ନାୟକ ଓ ଡ. କମଳା ଦାସ, ଆଦିବାସୀ (୮ ଜଣ) ସର୍ବଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ, ଘାସୀରାମ ମାଝୀ, ସହରାଇ ଓରାମ, ଛୋଟରାୟ ମାଝି, ଯାଦବ ମାଝି, ଜୟରାମ ପାଙ୍ଗି, ମଙ୍ଗଳା କିଶାନ ଓ ରଘୁନାଥ ହେମ୍ବ୍ରମ୍, ହରିଜନ (୪ ଜଣ)

Digitized by srujanika@gmail.com

ସର୍ବଶ୍ରୀ ବୈରାଗୀ ଚରଣ ଜେନା, କାଳିନ୍ଦୀ ଚରଣ ବେହେରା, ବସନ୍ତ ମହାନନ୍ଦ ଓ ପଦ୍ମନାଭ ବେହେରା ସଂଖ୍ୟାଲଘୁ (୧) ମୁସ୍ତାଫିଜ୍ ଅହମ୍ମଦ, ଅନ୍ୟାନ୍ୟ (୩ ଜଣ) ବେଦ ପ୍ରକାଶ ଅଗ୍ରୱାଲା, ଭାଗବତ ବେହେରା ଓ ସୂର୍ଯ୍ୟନାରାୟଣ ପାତ୍ର ।

●

Digitized by srujanika@gmail.com

## (୩)

ଏବେ ପୁଣି ତିନିତାଲା ମନ୍ତ୍ରୀଗଳିକୁ ଚାଲନ୍ତୁ ଯିବା। ମନ୍ତ୍ରୀଗଳି ପ୍ରବେଶ ପଥରେ ପୋଲିସ ପ୍ରହରା। ଦି'ତାଲା ଭଳି ଏଠାରେ ପୋଲିସ ପହରା ଢ଼ିଲା ନୁହଁ। ଦୁଇ ତିନିଜଣ ପୋଲିସ ସଦାବେଳେ ଏଠି କର୍ତ୍ତବ୍ୟରତ। ତେବେ ଟିକିଏ କଷ୍ଟ କରି ଠିଆହେଲେ କାହା ସାଙ୍ଗେ ଭିତରେ ଢୁକିଯାଇ ହେବ। ପୂର୍ବରୁ ଯେଉଁ ମନ୍ତ୍ରୀମାନଙ୍କ କଥା ଆଲୋଚନା ହୋଇଛି, ସେମାନଙ୍କ ବାଦ୍ ଏଠି ଆଉ ଯେଉଁ ପ୍ରତାପଶାଳୀ ମନ୍ତ୍ରୀ ଅଛନ୍ତି, ସେ ହେଉଛନ୍ତି ରାଜସ୍ୱମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ। ରାଜ୍ୟ ପ୍ରଶାସନରେ ରାଜସ୍ୱ ବିଭାଗ ହେଉଛି ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ। ଅନେକ ସମୟରେ ଏହାକୁ କ୍ୟାବିନେଟ୍‌ର ଦୁଇ ନମ୍ବର ମନ୍ତ୍ରୀଙ୍କୁ ଦିଆ ଯାଇଥାଏ ଏବଂ ସାଧାରଣ ଭାବେ ଦୀର୍ଘ ଅଭିଜ୍ଞତାସମ୍ପନ୍ନ ମେଧା ବ୍ୟକ୍ତିଙ୍କୁ ଦାୟିତ୍ୱରେ ରଖାଯାଇଥାଏ। ରାଜ୍ୟର ଜନସାଧାରଣଙ୍କ ସହ ଏ ବିଭାଗର ପ୍ରତ୍ୟକ୍ଷ ସମ୍ପର୍କ ରହୁଥିବାରୁ ମନ୍ତ୍ରୀଙ୍କ ଦାୟିତ୍ୱ ଅନ୍ୟ ମନ୍ତ୍ରୀଙ୍କ ତୁଳନାରେ ଯଥେଷ୍ଟ ଅଧିକ। କିନ୍ତୁ ବିଜୁବାବୁଙ୍କ ସରକାରରେ କୌଣସି ବିଭାଗର ଗୁରୁତ୍ୱ ସମ୍ପର୍କରେ କେହି ପର୍ଯ୍ୟାଲୋଚନା କରିବାକୁ ନାହିଁ ବା ଚିନ୍ତା କରିବାକୁ ନାହିଁ। ଫଳରେ ଫାଇଲ ଆସିଲେ ଦସ୍ତଖତ କରିବା କଥା। ରାଜସ୍ୱ ବିଭାଗ ସେଥିରୁ ମୁକ୍ତ ନୁହେଁ- ଅବଶ୍ୟ ବଦଳି କ୍ଷେତ୍ରରେ ସମସ୍ତ କଥା ମନ୍ତ୍ରୀ କରନ୍ତି। ଅନ୍ୟ ବିଷୟ ଅମଲାମାନଙ୍କ ହାତରେ। ବାବୁ ସୁରେନ୍ଦ୍ର ନାଥ କଥା କଥାକେ ଦୁର୍ବାସା ମୂର୍ତ୍ତି ଧାରଣ କରନ୍ତି। ତେବେ ମଧ୍ୟ ଲୋକେ ଆସନ୍ତି। କାରଣ ଏବେ ରାଜନୀତି କହିଲେ ଅଫିସରଭିତ୍ତିକ ରାଜନୀତି। ଏହି ଗଳିର ଅନ୍ୟତମ ମନ୍ତ୍ରୀ ଆଇନମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର। ଶ୍ରୀ ମିଶ୍ରଙ୍କ ଇଜମ ହେଲା ଜର୍ମାନ ଦାର୍ଶନିକ କାର୍ଲମାର୍କ୍ସଙ୍କ ନିର୍ଦ୍ଦେଶିତ ପଥ କିନ୍ତୁ ପଶିଆସିଛନ୍ତି ଇଜମ୍‌ବିହୀନ ଜନତା ଦଳ ଭିତରକୁ। ତାଙ୍କ ଜିଲ୍ଲା ବଲାଙ୍ଗୀରରୁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବଲାଙ୍ଗୀର ରାଜଭ୍ରାତା ଅନଙ୍ଗ ଉଦୟ। ଉଭୟଙ୍କ ମଧ୍ୟରେ ଅହି-ନକୁଳ ସଂପର୍କ। ଜନତା ଦଳ ମଧ୍ୟରେ ମିଶ୍ର ଆପଣେ ନିଜକୁ ଖାପ୍ ଖୁଆଇ ପାରିନାହାନ୍ତି। ଫିସ୍ ଆଉଟ୍ ଅଫ୍ ଓ୍ୟାଟର ଭଳି ତାଙ୍କର ଅବସ୍ଥା।

ଏହି ଗଳିର ତିନିଜଣ ମନ୍ତ୍ରୀଙ୍କ ମୁଣ୍ଡ ଉପରେ ଅଦାଲତ, ଟ୍ରିବ୍ୟୁନାଲ ଓ ମହିଳା କମିଶନଙ୍କ ଖଣ୍ଡା ଝୁଲୁଛି। ଏମାନେ ହେଲେ ଯଥା କ୍ରମେ ଘାସିରାମ ମାଝି, ନରସିଂହ ମିଶ୍ର ଓ ଦାମୋଦର ରାଉତ। ତିନିହେଁ ପରବର୍ତ୍ତୀ ଉଚ୍ଚ ଅଦାଲତର ଆଶ୍ରୟ ନେଇଛନ୍ତି। ଏହି ତିନି ମନ୍ତ୍ରୀଙ୍କ ମଧ୍ୟରେ ପ୍ରଥମେ ଓ ଶେଷୋକ୍ତ ଦୁଇ ମନ୍ତ୍ରୀ ଜନତା ସରକାରଙ୍କ ପାୱାରଗ୍ରୁପ୍ (ବିଜୟ ମହାପାତ୍ର-ନଳିନୀ ମହାନ୍ତି)ର

Digitized by srujanika@gmail.com

ବିରୋଧୀ। ତେଣୁ ଏମାନଙ୍କ ମକଦ୍ଦମାର ଫଳାଫଳକୁ ରାଜ୍ୟବାସୀ ଆଗ୍ରହର ସହ ଅପେକ୍ଷା କରି ରହିଛନ୍ତି।

ତିନିତାଲା ମନ୍ତ୍ରୀଗଳିର ଠିକ୍ ସମ୍ମୁଖରେ ଆଉ ଏକ ଇଂରାଜୀ ଅକ୍ଷର 'ଏଲ୍' ଆକୃତିର ଅନ୍ଧଗଳି ଅଛି। ଏହି ଗଳିକୁ ଅନ୍ଧଗଳି କହିବାର ଅର୍ଥ ହେଉଛି, ଏଠି ପଶିଲେ ଅନ୍ୟ ଦିଗରେ ବାହାରିଯିବାର ରାସ୍ତା ନାହିଁ। ବର୍ତ୍ତମାନ ରାଜ୍ୟର ଅବସ୍ଥା ଭଳି ଏଗଳିର ଅବସ୍ଥା। ଅଣ୍ଟାଳି ଅଣ୍ଟାଳି ଯିବାକୁ ପଡ଼େ। ନୂଆ ହୋଇ ଯେଉଁମାନେ ସଚିବାଳୟକୁ ଆସନ୍ତି, ଠିକ୍ ଭାବେ ଲକ୍ଷ୍ୟ ରଖି ନଥିଲେ, ଏଠି ଏଭଳି ଏକ କ୍ଷୁଦ୍ର ମନ୍ତ୍ରୀଗଳି ଅଛି ବୋଲି ଜାଣିହେବ ନାହିଁ। ଏ ଗଳିଟି ଦି'ତାଲା ମନ୍ତ୍ରୀଗଳି ଭଳି ପୋଲିସ ପହରାହୀନ ଗଳି। ସରକାର ସବୁ ମନ୍ତ୍ରୀମାନଙ୍କୁ ପୋଲିସ ପହରା ଯୋଗାଇ ଦେବାବେଳେ ଏ ଗଳିର ମନ୍ତ୍ରୀମାନଙ୍କ ନିରାପତ୍ତା ସେଭଳି ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସମ୍ଭବତଃ ମନେକରି ପୋଲିସ ପହରା ବସାଇ ନାହାନ୍ତି। ତେଣୁ ଜନସାଧାରଣ ଯେଉଁମାନେ ସଚିବାଳୟକୁ ଆସନ୍ତି, ସେମାନେ ଏ ଗଳିରେ ଅବାଧରେ ପ୍ରବେଶ କରିବାର ସୁଯୋଗ ପା'ନ୍ତି। ଏ ଗଳିରେ ମୋଟ ତିନିଜଣ ମନ୍ତ୍ରୀ ବସନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ସୟଦ୍ ମୁସ୍ତାଫିଜ ଅହମ୍ମଦ୍, ଗ୍ରାମ୍ୟ ଉନ୍ନୟନ (ଉଠା ଓ କ୍ଷୁଦ୍ର ଜଳସେଚନ) ମନ୍ତ୍ରୀ ସହରାଇ ଓରାମ୍ (ଉଭୟେ କ୍ୟାବିନେଟ୍ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ-ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡାକ୍ତର କମଳା ଦାସ ହେଉଛନ୍ତି ଏ ଗଳିର ପରସ୍ପରର ପଡ଼ୋଶୀ। ମୁସ୍ତାଫିଜ୍ ଭାଇ (ଏଇ ନାମରେ ପରିଚିତ) ହେଉଛନ୍ତି କଟକ ପ୍ରତିନିଧି। ତେଣୁ ତାଙ୍କ କୋଠରୀରେ କଟକିଆଙ୍କ ଭିଡ଼ ବେଶୀ। ଏବେ ସଂପ୍ରତି କଟକ ନଗର ପିତା ତ୍ରିଲୋଚନ କାନୁନଗୋ ଓ ମୁସ୍ତାଫିଜ୍ ଭାଇଙ୍କ ମଧ୍ୟରେ ମନ କଷାକଷି ଚାଲିଛି।

ସହରାଇଙ୍କ କୋଠରୀ ମୁସ୍ତାଫିଜ୍‌ଙ୍କ ପରେ। ଏ କଠୋରୀରେ ଅଧିକାଂଶ ସମୟରେ ନୀରବତା ବିରାଜମାନ କରୁଥାଏ। ମନ୍ତ୍ରୀଙ୍କ ଘର କେଉଁଝର ଜିଲ୍ଲାରେ। ତେଣୁ ମଝିରେ ମଝିରେ ତାଙ୍କ ଅଞ୍ଚଳରୁ ଲୋକେ ଆସିଲେ ନୀରବତା ଭଙ୍ଗ ହୁଏ। ମନ୍ତ୍ରୀଙ୍କର ଅମଲାଙ୍କ ସହ ଭଲ ସଂପର୍କ। କାରଣ ଫାଇଲରେ ମନ୍ତ୍ରୀ ସୁନାପୁଅ ଭଳି ଦସ୍ତଖତ କରିଦିଅନ୍ତି।

ଶେଷ କୋଠରୀଟି ହେଉଛି ଡାକ୍ତର କମଳା ଦାସଙ୍କର। ସମଗ୍ର ମନ୍ତ୍ରିମଣ୍ଡଳରେ ମହିଳାମାନଙ୍କର ଏକମାତ୍ର ପ୍ରତିନିଧି। ନିଜେ ଡାକ୍ତର। ତାଙ୍କ ବିଭାଗଟି ମଧ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ। ତେଣୁ ତାଙ୍କର ନିଜସ୍ୱ ମତ ରହିଛି। ବିଭାଗୀୟ କର୍ତ୍ତାମାନେ ତାଙ୍କୁ ପରାମର୍ଶ କରି ଫାଇଲ ପଠାନ୍ତି। କାର୍ଯ୍ୟକ୍ଷେତ୍ରରେ ଅନେକ ପୁରୁଷ ମନ୍ତ୍ରୀଙ୍କ ଅପେକ୍ଷା ଅଧିକ ସକ୍ରିୟ।

Digitized by srujanika@gmail.com

ଦି'ତାଲା ଓ ତିନିତାଲା ମନ୍ତ୍ରୀଗଳିର କାର୍ଯ୍ୟକଳାପ ଏବଂ ଆଚରଣ ପର୍ଯ୍ୟାଲୋଚନା କଲେ ଯେ କୌଣସି ସମୀକ୍ଷକ ସ୍ପଷ୍ଟ ଅନୁଭବ କରିବ ମନ୍ତ୍ରିମଣ୍ଡଳରେ ବୌଦ୍ଧିକ ବିଚାର ବୁଦ୍ଧି, ରାଜନୀତିକ ଇଚ୍ଛାଶକ୍ତି ଏବଂ ଦୃଢ଼ତାର ଅଭାବ ରହିଛି। କୌଣସି ସମୟରେ କୌଣସି ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କର କୌଣସି ନିଷ୍ପତ୍ତିର ପ୍ରତିବାଦ କରିବାର ନଜିର ନାହିଁ। ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମନ୍ତ୍ରିମଣ୍ଡଳର ବିନା ଅନୁମୋଦନରେ କାର୍ଯ୍ୟକାରୀ ହେଉଛି। ବଲାରପୁର ଇଣ୍ଡଷ୍ଟ୍ରିକୁ ବାଉଁଶ ରୟାଲିଟ୍‌ରେ ରିହାତିଠାରୁ ଆରମ୍ଭ କରି ସଂପ୍ରତି ପଞ୍ଚାୟତ ସମିତିର କର୍ମକର୍ତ୍ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସଂପର୍କୀୟ ଅଧ୍ୟାଦେଶ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହିଁ କାର୍ଯ୍ୟକାରୀ ହୋଇଛି। ମନ୍ତ୍ରିମଣ୍ଡଳର ଅନୁମୋଦନ ଏ କ୍ଷେତ୍ରରେ ନିଆଯାଇନାହିଁ। ସମସ୍ତେ ଏକଥା ଜାଣିଛନ୍ତି; ଅଥଚ ପାଟି ଫିଟାଇବାର 'ଜୁ' ନାହିଁ। ବିଧାନସଭାରେ ଜନତା ଦଳର ବିଧାୟକମାନେ କିନ୍ତୁ ଏହା ଉପରେ ହୋହଲ୍ଲା କଲେ। ଅବଶ୍ୟ ଶେଷୋକ୍ତ ଅଧ୍ୟାଦେଶ ପରେ ବିଧାନସଭା ବସିନି। ମନ୍ତ୍ରିମଣ୍ଡଳରେ ଆଲୋଚନା କରି ମନ୍ତ୍ରୀମାନଙ୍କର ସୁଚିନ୍ତିତ (ଯଦି କିଛି ଥାଏ) ପରାମର୍ଶ ଦେଇ ଏହାକୁ ବିଧିବଦ୍ଧଭାବେ କାର୍ଯ୍ୟକାରୀ କରିବାରେ କିଛି ବାଧା ନଥିଲା। କିନ୍ତୁ ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? ମୁଖ୍ୟମନ୍ତ୍ରୀଙ୍କୁ କହିବ କିଏ ? ଅଥଚ ଏ ରାଜ୍ୟର ମନ୍ତ୍ରୀ ରୂପେ ନିର୍ଭୀକତାର ସହ ସାମ୍ବିଧାନିକ ଦାୟିତ୍ୱ ତୁଲାଇବା ପାଇଁ ଏମାନେ ସମସ୍ତେ ଶପଥ ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ମଧ୍ୟରେ ବ୍ୟକ୍ତିତ୍ୱର ଦୂରତ୍ୱ ଏତେ ବ୍ୟାପକ ଯେ, ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେବା ପାଇଁ ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ କାହାରି କ୍ଷମତା ନାହିଁ। ଫଳରେ ମୁଖ୍ୟମନ୍ତ୍ରୀ ଯେତେବେଳେ କୌଣସି କାର୍ଯ୍ୟ କରୁଛନ୍ତି, ତା'ର ପ୍ଲସ ପଏଣ୍ଟ ବା ମାଇନସ ପଏଣ୍ଟ କ'ଣ ରହିଛି ସେ ସଂପର୍କରେ କେହି ପର୍ଯ୍ୟାଲୋଚନା କରିବାର ଅବକାଶ ମଧ୍ୟ ରହୁନାହିଁ।

ଏ ଗଳିଗୁଡ଼ିକରେ କେବେହେଲେ କୌଟିଲ୍ୟଙ୍କର ନୀତିଶାସ୍ତ୍ର ବର୍ଣ୍ଣିତ ରାଜଧର୍ମର ସୂକ୍ଷ୍ମ ବିଚାରବୁଦ୍ଧି ଉପରେ ଆଲୋଚନା କରାଯାଏ ନାହିଁ। ଏଠି ଚାଲେ ପରସ୍ପରର ପକ୍ଷଚ୍ଛେଦନ ପାଇଁ ଗୁପ୍ତ ମନ୍ତ୍ରଣା। କିଛି ମଣିଷ ରାଜନୀତିର ଗଣ୍ଡି ଭିତର ଦେଇ ଭାଗ୍ୟକ୍ରମେ ରାଜେନ୍ଦ୍ରାସନର ଅଧିକାରୀ ହୋଇଛନ୍ତି। ଏହି ଆସନର ପତିଆରା ଓ ମର୍ଯ୍ୟାଦା ରକ୍ଷା କରିବା କେବଳ ସେମାନଙ୍କର ଧର୍ମ ନୁହେଁ, କର୍ତ୍ତବ୍ୟ ମଧ୍ୟ। କିନ୍ତୁ ରାଜଧର୍ମ ବଦଳରେ ଏଠି ବ୍ୟକ୍ତିସ୍ୱାର୍ଥ ଓ ନ୍ୟସ୍ତସ୍ୱାର୍ଥକୁ ଅଧିକ ପ୍ରଶ୍ରୟ ଦିଆଯାଇଥାଏ। ସମଗ୍ର ରାଜ୍ୟର ସର୍ବୋଚ୍ଚ ସ୍ଥାନରେ ବସିଥିବା ଏହି ଜନ ପ୍ରତିନିଧିମାନେ ବିଗତ ଦଶବର୍ଷର ଇତିହାସ ଓ ତା'ର ଚରିତ୍ରଗୁଡ଼ିକୁ ସମ୍ଭବତଃ ଭୁଲିଯାଇଛନ୍ତି। ଅଶୀ ଦଶକର ମହାପ୍ରତାପଶାଳୀ ସେଇ ବ୍ୟକ୍ତିମାନେ ଆଜି କେଉଁଠି ? ଆଜି

Digitized by srujanika@gmail.com

ସାଧାରଣରେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଖୋଜିଲେ ମଧ୍ୟ ସେମାନେ ମିଳୁନାହାନ୍ତି। ସେମାନଙ୍କ ନିକଟରେ ଯେଉଁ ତୋଷାମୋଦକାରୀ, ଦଲାଲମାନେ ଥିଲେ ଆଜି ସେମାନେ ନିଜ ମୁଖାରେ ରଙ୍ଗ ବୋଳି ବର୍ତ୍ତମାନର ମନ୍ତ୍ରୀଗଳିର କ୍ଷମତାଶାଳୀ ମନ୍ତ୍ରୀମାନଙ୍କର କଣ୍ଠାକୁ ମ୍ୟାନ ସାଜିଛନ୍ତି; ମାତ୍ର ମନ୍ତ୍ରୀଗଳିର ଦଣ୍ଡଧରମାନେ ବୁଝିପାରୁନାହାନ୍ତି। ଦେଢ଼ବର୍ଷ ପରେ ଏହି କଉିତ୍କର୍ମା ବ୍ୟକ୍ତିଗଣ ସେମାନଙ୍କୁ କଦଳୀ ଚୋପା ଭଳି ଝୁଡ଼ି ଭିତରକୁ ଫିଙ୍ଗିଦେଇ ନୂତନର ସନ୍ଧାନ ନେବେ। ସଚିବାଳୟ ମନ୍ତ୍ରୀଗଳିର ଏବେ ବହୁ ମନ୍ତ୍ରୀଙ୍କ ଅପେକ୍ଷା ଏହି ଦଲାଲମାନେ ଅଧିକ ଶକ୍ତିଶାଳୀ। ହେ ମହାପ୍ରତାପଶାଳୀ ମହାମେଘବାହନ ଐର ଖାରବେଳଙ୍କ ମନ୍ତ୍ରୀମାନେ! ଏଭଳି ଉଦାହରଣ ସୃଷ୍ଟି କର, ଯାହା ଇତିହାସର ସୁବର୍ଣ୍ଣ ପୃଷ୍ଠା ମଣ୍ଡନ କରୁ, କଳଙ୍କିତ ପୃଷ୍ଠା ନୁହେଁ।

•

Digitized by srujanika@gmail.com

# ( ୪ )

ଏବେ ଆସନ୍ତୁ ଯିବା ଚାରିତାଲାକୁ। ଇଂରାଜୀରେ ଯାହାକୁ କୁହାଯାଏ ଥାର୍ଡ଼ ଫ୍ଲୋର। ରାଜ୍ୟ ସଚିବାଳୟର ଏହା ସର୍ବୋଚ୍ଚ ମହଲା। ଏଠି ମଧ୍ୟ ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ବ୍ୟକ୍ତି ସଂସ୍ଥାପିତ। ଏହି ଗଳିଟି ମୁଖ୍ୟମନ୍ତ୍ରୀ ଗଳି ଭାବେ ପରିଚିତ। ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଏଠି ରାଜ୍ୟର ଅର୍ଥମନ୍ତ୍ରୀ ମଧ୍ୟ ଆସ୍ଥାନ ଜମାଇ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଜଣେ ବେକାର ଯୁବକର ଚାପୁଡ଼ାମାଡ଼ ଓ ମୁଖ୍ୟମନ୍ତ୍ରୀଙ୍କ ଓଲଟା ଚାପୁଡ଼ା ଘଟଣା ପରେ ଏ ଗଳିର ପ୍ରବେଶ ଦ୍ୱାରରେ କଡ଼ା ପୋଲିସ୍ ପ୍ରହରା ବ୍ୟବସ୍ଥା ହୋଇଛି। ଏ ଗଳିରେ ଢୁକିବା ପୂର୍ବରୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବଡ଼ଦାଣ୍ଡ ପୂର୍ବରୁ ବାଟମଙ୍ଗଳା ଠାକୁରାଣୀଙ୍କ ଭଳି ମୁଖ୍ୟମନ୍ତ୍ରୀଙ୍କ ଲୋକ ସଂପର୍କ ବିଭାଗ ଅଧିକାରୀଙ୍କ ଅଫିସ, ସେଠୁ ଅନୁମତି ପାଇଲେ ଭିତରେ ଢୁକିବା ସହଜ ହେବ।

ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ୍ ବିଜୁ ପଟ୍ଟନାୟକଙ୍କ ଆଦର୍ଶ ହେଉଛନ୍ତି କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳ। ତେଣୁ ଅନେକ ସମୟରେ ତାଙ୍କୁ ଖାରବେଳ ବୋଲି ତାଙ୍କର ବହୁ ସମର୍ଥକ କୌତୁକ କରି କହିଥା'ନ୍ତି। ଜନତା ଦଳର କେତେକ ଏମ.ଏଲ.ଏ. ଚାରିତାଲାକୁ ନିତ୍ୟ ବୃନ୍ଦାବନ ଆଖ୍ୟା ଦେଇଛନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଏକ ଅଦ୍ଭୁତ ଆକର୍ଷଣୀୟ ବ୍ୟକ୍ତିତ୍ୱ। ଭାରତୀୟ ରାଜନୀତିରେ ଏହି ପରିଣତ ବୟସର ବ୍ୟକ୍ତି ହେଉଛନ୍ତି ସବୁଠାରୁ ଗ୍ଲାମୋରସ୍ ବ୍ୟକ୍ତିତ୍ୱ। ଏକ ଶକ୍ତିଶାଳୀ ପର୍ସନାଲିଟି କଲ୍ଟର ଅଧିକାରୀ। ଏଇ ବୟସରେ ତାଙ୍କର ବ୍ୟକ୍ତିତ୍ୱ ବହୁ ନାରୀଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ। ହିନ୍ଦୀ ଚଳଚ୍ଚିତ୍ରରେ ଯେପରି ଅମିତାଭ ବଚ୍ଚନ ଓ ସଞ୍ଜୟ ଦତ୍ତ ଆଣ୍ଟି ହିରୋ ଫିଗରରୁ ଏକ ନମ୍ବର ହିରୋର ମର୍ଯ୍ୟାଦା ଲାଭ କରିଛନ୍ତି ଭାରତୀୟ ରାଜନୀତିରେ ବିଜୁବାବୁ ସେହିଭଳି ଆସନ ଅଧିକାର କରିଛନ୍ତି।

୧୯୯୦ ମସିହା ମାର୍ଚ୍ଚ ୫ ତାରିଖରେ ତାଙ୍କର ୭୫ତମ ଜୟନ୍ତୀ ଦିବସରେ ସ୍ଲିଭଲେସ ଶ୍ୱେତଶୁଭ୍ର ଧୋତି-ପଞ୍ଜାବି, ଚପଲ ପିନ୍ଧି ମୁଣ୍ଡ ବାଳକୁ ବ୍ୟାକ୍ ବ୍ରସ କରି ବିଜୁବାବୁ ସଚିବାଳୟର ଚାରିତାଲାରେ ମୁଖ୍ୟମନ୍ତ୍ରୀ କୋଠରୀରେ ଯେତେବେଳେ ପ୍ରବେଶ କଲେ, ସେତେବେଳେ ଓଡ଼ିଶାର ସମଗ୍ର ସତ୍ତାରେ ଏକ ପରିବର୍ତ୍ତନର ଡିଣ୍ଡିମ ବାଜି ଉଠିଲା, କିନ୍ତୁ ସମୟର ପରିବର୍ତ୍ତନ ସାଙ୍ଗେ ସାଙ୍ଗେ ତିରିଶ ବର୍ଷ ପରେ ମୁଖ୍ୟମନ୍ତ୍ରୀ ରୂପେ ବିଜୁବାବୁଙ୍କ ଆବିର୍ଭାବକୁ ସ୍ୱାଗତ କରିଥିଲେ

Digitized by srujanika@gmail.com

ଆଜି ସେମାନଙ୍କ ମଧ୍ୟରୁ ଅନେକ ସେ ଭାଷା ଭୁଲିଯାଇଛନ୍ତି।

ସେମାନେ ଆଜି ମନେ ପକାଉଛନ୍ତି ତିରିଶବର୍ଷ ତଳର ଇତିହାସକୁ। ଯେଉଁଠି ବିଜୁ ପଟ୍ଟନାୟକଙ୍କ ନାମ ଖୋଦିତ ହୋଇଛି ସ୍ୱର୍ଣ୍ଣାଭ ପୃଷ୍ଠାରେ। ୧୯୬୧ ମସିହା ଜୁନ୍ ମାସରେ ଓଡ଼ିଶା ବିଧାନସଭା ପାଇଁ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ କଂଗ୍ରେସ ଦଳ ବିଜୁବାବୁଙ୍କ ନେତୃତ୍ୱରେ ଅଭୂତପୂର୍ବ ବିଜୟଲାଭ କରିଥିଲା। ବିଜୁବାବୁ ମୁଖ୍ୟମନ୍ତ୍ରୀ ରୂପେ ତିନିତାଲା ମନ୍ତ୍ରୀଗଳିର ପ୍ରଥମ ଡାହାଣ ହାତ କୋଠରୀ ଅଧିକାର କଲେ। ଏହି କୋଠରୀ ବହୁ ରାଜନୀତିଜ୍ଞଙ୍କ ପାଇଁ ଅଶୁଭ କୋଠରୀ ରୂପେ ପ୍ରତୀୟମାନ ହୋଇଛି। ଯେଉଁମାନେ ଏହି କୋଠରୀ ଅଧିକାର କରିଥିଲେ ସେମାନଙ୍କ ମଧ୍ୟରୁ ଶତକଡ଼ା ୯୫ ଭାଗ ଆଉ କ୍ଷମତାକୁ ଫେରିନାହାନ୍ତି। ବହୁ ବିଶିଷ୍ଟ ନେତାଙ୍କୁ ଏହି ଅଭିଶପ୍ତ କୋଠରୀ ଆଉ ଥରେ ନିଜ କୋଳରେ ବସାଇବାକୁ ସୁଯୋଗ ଦେଇନି। ଏହା କାକତାଳୀୟ ନ୍ୟାୟ ହୋଇପାରେ। କିନ୍ତୁ ଏହା ଘଟୁଛି, ଭବିଷ୍ୟତରେ କ'ଣ ହେବ, ତାହା ଏବେଠୁ କୁହାଯାଇ ନପାରିଲେ ମଧ୍ୟ ୧୯୯୨ ସୁଦ୍ଧା ଏହି କୋଠରୀ ବହୁ ରାଜନୀତିଜ୍ଞଙ୍କର ଶେଷହସ ଦେଖୁଛି।

ଯେଉଁ ବିଶିଷ୍ଟ ରାଜନୀତିଜ୍ଞମାନେ ଏହି କୋଠରୀରେ ନିଜର ଶେଷ ଅଫିସ କରିବା ପରେ କ୍ଷମତାକୁ ଆଉ ଫେରିନାହାନ୍ତି ସେମାନେ ହେଲେ ସର୍ବଶ୍ରୀ ଡ. ହରେକୃଷ୍ଣ ମହତାବ (୧୯୫୬-୧୯୬୧), ବୀରେନ ମିତ୍ର (୧୯୬୫), ସଦାଶିବ ତ୍ରିପାଠୀ (୧୯୬୫-୬୭), ପବିତ୍ର ମୋହନ ପ୍ରଧାନ (୧୯୬୭-୭୦), ରାଜେନ୍ଦ୍ର ନାରାୟଣ ସିଂହଦେଓ (୧୯୭୧), ବାଙ୍କ ବିହାରୀ ଦାସ (୧୯୭୪), ପ୍ରତାପ ଚନ୍ଦ୍ର ମହାନ୍ତି (୧୯୭୭-୮୦), ଉପେନ୍ଦ୍ର ଦୀକ୍ଷିତ (୧୯୮୦-୮୫), ନିରଞ୍ଜନ ପଟ୍ଟନାୟକ (୧୯୮୫-୯୦) ଏବଂ ଜନତା ସରକାରର ପୂର୍ବତନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ (୧୯୯୦-୯୨)।

କେବଳ ଦୁଇଜଣ ବ୍ୟକ୍ତି ଏହ ଅଭିଶପ୍ତ କୋଠରୀର କୋପରୁ ସାମୟିକ ଭାବେ ରକ୍ଷା ପାଇଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହି କୋଠରୀରେ ମୁଖ୍ୟମନ୍ତ୍ରୀ ରୂପେ ୧୯୬୧ ଜୁନ୍‌ରୁ ୧୯୬୩ ଅଗଷ୍ଟ ଏବଂ ନୀଳମଣି ରାଉତରାୟ ୧୯୭୨ ଜୁନ୍‌ରୁ ୧୯୭୩ ଫେବୃୟାରୀ ଉପମୁଖ୍ୟମନ୍ତ୍ରୀ ରୂପେ ବସୁଥିଲେ। ବିଜୁବାବୁ ପ୍ରାୟ ୩୦ ବର୍ଷ ପରେ ଏବଂ ନୀଳମଣି ବାବୁ ୧୯୭୭ରେ ପୁଣି ଥରେ ଶାସନକୁ ଆସିଥିଲେ।

ବିଜୁବାବୁ ୧୯୬୧ ମସିହା ଜୁନ ମାସରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ୧୯୬୩ ଅଗଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟ ଚଳାଇଥିଲେ। ମାତ୍ର କାମରାଜ ଯୋଜନାରେ

Digitized by srujanika@gmail.com

ତାଙ୍କୁ ଅବ୍ୟାହତି ନେବାକୁ ପଡ଼ିଲା । ପରେ ପରେ ସେ ରାଜ୍ୟ ଯୋଜନା ବୋର୍ଡ଼ ନାମରେ ଏକ ସଂସ୍ଥା ଗଠନ କରି ତା'ର ଚେୟାରମ୍ୟାନ ହେଲେ । ମୁଖ୍ୟମନ୍ତ୍ରିତ୍ୱରୁ ଗଲେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ କୋଠରୀ ଛାଡ଼ି ନଥିଲେ । ସେଇ କୋଠରୀରେ ସେ ଯୋଜନା ବୋର୍ଡ଼ ଚେୟାରମ୍ୟାନ ହୋଇ ୧୯୬୫ ମସିହା ଜାନୁୟାରୀ ପର୍ଯ୍ୟନ୍ତ ବସିଥିଲେ । ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ସବ୍‌କମିଟି ତାଙ୍କ ବିରୋଧରେ ପ୍ରଶାସନିକ ଅସଙ୍ଗତି (Administrative Impropriety) ଅଭିଯୋଗ ଆଗତ କରିଥିଲେ । କ୍ୟାବିନେଟ୍ ସବ୍ କମିଟିର ମୁଖ୍ୟ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଗୁଲଜାରୀଲାଲ ନନ୍ଦାଙ୍କୁ ବିଜୁବାବୁ ପ୍ରଶ୍ନ କରିଥିଲେ, ଯେତେବେଳେ ମୋ ବିରୋଧରେ କୌଣସି ଦୁର୍ନୀତି ଅଭିଯୋଗ ପ୍ରମାଣିତ ହୋଇନାହିଁ ଏବଂ କୌଣସି କ୍ଷେତ୍ରରେ ମୋର ବ୍ୟକ୍ତିଗତ ଫାଇଦାର ପ୍ରମାଣ ନଥିବାବେଳେ ଏ ତଥାକଥିତ ପ୍ରଶାସନିକ ଅସଙ୍ଗତି ମୋ ବିରୋଧରେ କି ଅଭିଯୋଗର ପ୍ରମାଣ କରୁଛି ? ନନ୍ଦା ଉତ୍ତର ଦେଇଥିଲେ, ଯେତେବେଳେ ସମସ୍ତ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହୋଇପାରିଲା ନାହିଁ, ସେତେବେଳେ ପ୍ରଶାସନିକ ଅସଙ୍ଗତି ଏକ ଅଭିମତ ମାତ୍ର । ବିଜୁବାବୁଙ୍କୁ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୧୯୬୫ ଫେବୃୟାରୀ ମାସରେ ଯୋଜନା ବୋର୍ଡ଼ ଚେୟାରମ୍ୟାନ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ବିଜୁବାବୁ ମୁଖ୍ୟମନ୍ତ୍ରୀ ପାଇଁ ଉଦ୍ଦିଷ୍ଟ ଏହି କୋଠରୀଟି କିନ୍ତୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ଛାଡ଼ି ନଥିଲେ । ତେଣୁ ବୀରେନ ମିତ୍ର ମୁଖ୍ୟମନ୍ତ୍ରୀ ରୂପେ ନିଜ ମନ୍ତ୍ରୀ କୋଠରୀରେ ବସୁଥିଲେ । ବିଜୁବାବୁ ଜାନୁୟାରୀ ମାସରେ ସେ କୋଠରୀ ତ୍ୟାଗ କଲେ । ବୀରେନ ମିତ୍ର ସେ କୋଠରୀ ଅଧିକାର କଲେ । ମାତ୍ର ମାସକ ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଲା । ବିଜୁବାବୁଙ୍କୁ ଏଭଳି ଏକ ଅପମାନଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା, ତା'ର ଏକମାତ୍ର ଅଦୃଶ୍ୟ କାରଣ ହେଉଛି ସେ ନେହେରୁଙ୍କ ତିରୋଧାନ ପରେ ପ୍ରଧାନମନ୍ତ୍ରୀ ପଦ ପାଇଁ ମୋରାରଜୀ ଦେଶାଇଙ୍କ ପକ୍ଷ ସମର୍ଥନ କରିଥିଲେ । ଇନ୍ଦିରା ଗାନ୍ଧି ଲାଲବାହାଦୁର ଶାସ୍ତ୍ରୀଙ୍କୁ ସମର୍ଥନ କଲାବେଳେ ସେତେବେଳେ କଂଗ୍ରେସର ଶକ୍ତିଶାଳୀ ସିଣ୍ଡିକେଟ୍ ଗୋଷ୍ଠୀ ମୋରାରଜୀ ଦେଶାଇଙ୍କୁ ସମର୍ଥନ କରୁଥିଲେ । ମାତ୍ର କେବଳ ଇନ୍ଦିରାଙ୍କ ସମର୍ଥନ ଯୋଗୁଁ ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହୋଇଗଲେ । ବସ୍ତୁତଃ ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପରଠାରୁ ବିଜୁବାବୁଙ୍କର ପତନ ଆରମ୍ଭ ହେଲା । ଅନ୍ୟପକ୍ଷରେ ବିଜୁବାବୁଙ୍କୁ ଯଥାର୍ଥ ରାଜନୀତିକ ପରାମର୍ଶ ଦେବାପାଇଁ କେହି ନଥିଲେ । କାରଣ ତାଙ୍କର ଆଦ୍ୟଗୁରୁ ଡଃ ମହତାବ ସେତେବେଳେ ତାଙ୍କର ଘୋର ବିରୋଧୀ ହୋଇପଡ଼ିଥିଲେ । ୧୯୬୮ ଫେବୃୟାରୀ ୨୧ ତାରିଖରେ ସଦାଶିବ ତ୍ରିପାଠୀ ଓଡ଼ିଶାର ପଞ୍ଚମ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଲେ । ଏହା ପରେ ପରେ

Digitized by srujanika@gmail.com

ବିଜୁବାବୁ ଓଡ଼ିଶାର ପ୍ରଶାସନ ଉପରୁ ତାଙ୍କ ନିୟନ୍ତ୍ରଣ ହରାଇଲେ। ଏହି କୋଠରୀଟି ୧୯୬୭ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କୋଠରୀ ରୂପେ ନିଜକୁ ଯେଉଁ ମର୍ଯ୍ୟାଦାବନ୍ତ ସ୍ଥାନରେ ରଖିଥିଲା ୧୯୬୭ ନିର୍ବାଚନ ପରେ ତା'ର ପରିସମାପ୍ତି ଘଟିଥିଲା।

୧୯୬୭ ନିର୍ବାଚନ ପରେ ଚାରିତାଲା ମୁଖ୍ୟମନ୍ତ୍ରୀ ଗଳିର ଦ୍ୱିତୀୟ କୋଠରୀରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ କାର୍ଯ୍ୟ କରିଥିଲା। ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ପ୍ରଥମେ ଏହାକୁ ମୁଖ୍ୟମନ୍ତ୍ରୀ ରୂପେ ଅଧିକାର କରିଥିଲେ। ସେହିଦିନଠାରୁ ଏହା ମୁଖ୍ୟମନ୍ତ୍ରୀ କୋଠରୀ ଓ ଏ ଗଳିକୁ ମୁଖ୍ୟମନ୍ତ୍ରୀ ଗଳି କୁହାଯାଇଥାଏ।

ସିଂହଦେଓଙ୍କ ସମେତ ୧୯୯୦ ମସିହା ପର୍ଯ୍ୟନ୍ତ ଏ ଗଳିରେ ପାଞ୍ଚଜଣ ଇନ୍ଦ୍ର ସଚିମାନଙ୍କ ଆଳରେ ନିଜର ପ୍ରଭୁତ୍ୱ ବିସ୍ତାର କରି ଆସିଛନ୍ତି। ବିଜୁବାବୁ ୬ଷ୍ଠ ଇନ୍ଦ୍ର। ବିଭିନ୍ନ ସମୟରେ ବିଭିନ୍ନ ଇନ୍ଦ୍ର ସିଂହାସନ ଆରୋହଣ କରି ଯେଉଁ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଛନ୍ତି, ତାହା ଇତିହାସରେ ଲିପିବଦ୍ଧ ହୋଇ ରହିଛି। ଚାରିତାଲାର ମୁଖ୍ୟମନ୍ତ୍ରୀ ଗଳିଟି ମୁଖ୍ୟତଃ ମୁଖ୍ୟମନ୍ତ୍ରୀଙ୍କ ସେକ୍ରେଟାରିଏଟ୍। ଏଠି ବିଭିନ୍ନ କୋଠରୀରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ପ୍ରିନ୍ସପାଲ ସଚିବ, ଅତିରିକ୍ତ ସଚିବ, ତିନିଜଣ ଉପଶାସନ ସଚିବ ଓ ସେକ୍ସନ ଅଫିସର ଏବଂ କିରାଣିମାନେ ଅଛନ୍ତି।

ଭାରତରେ ଏବେ ମୂଲ୍ୟବୋଧଭିତ୍ତିକ ରାଜନୀତି ଆଉ ନାହିଁ। ରାଜନୀତି ଏବେ ଆଉ ଏକ ସମ୍ମାନଜନକ ପେଶା ଭାବେ ଲୋକଚକ୍ଷୁରେ ଗଣ୍ୟ ହେଉନାହିଁ। ଓଡ଼ିଶା ସେଥିରୁ ବାଦ୍ ଯାଇନାହିଁ। ଭାରତର ପଚିଶଟି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭଳି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ ଜଣେ। କିନ୍ତୁ ବିଜୁ ପଟ୍ଟନାୟକ ଏହି ପଚିଶ ଜଣଙ୍କ ମଧରେ ଏକ ବ୍ୟତିକ୍ରମ। ଆଶା କରାଯାଉଥିଲା ସଚିବାଳୟର ଚାରିତାଲା ଓଡ଼ିଶାକୁ ପୁଣି ଥରେ ସେହି ତିରିଶ ବର୍ଷ ତଳର ବଜ୍ର ନିର୍ଘୋଷ କେବଳ ଶୁଣାଇବେ ନାହିଁ। ୧୯୯୦ରେ ଆରମ୍ଭ କରିବ ଏକ ନୂତନ ଦିଗନ୍ତ। ଯେଉଁ ଦିଗନ୍ତ ଓଡ଼ିଶାକୁ ଟାଣିନେବ ଆଗକୁ ଆଗକୁ- ଅଗ୍ରଗତିରୁ ପ୍ରଗତିକୁ। ମଧାହ୍ନ ସୂର୍ଯ୍ୟାଲୋକର ରଶ୍ମିରେ ଧୋଇ ହୋଇଯିବ ଓଡ଼ିଶା ଆଉ ଓଡ଼ିଶାବାସୀଙ୍କର ଦୁଃଖ-ଦୈନ୍ୟ ଉଭୟ ମାନସିକ ଓ ଶାରୀରିକ ସ୍ତରରେ। କାରଣ ବିଜୁବାବୁଙ୍କ ନେତୃତ୍ୱ ଉପରେ ଓଡ଼ିଶାବାସୀଙ୍କର ଥିଲା ଅଖଣ୍ଡ ବିଶ୍ୱାସ।

ଆଜି ବିଜୁବାବୁ ଚାରିତାଲାର ମୁଖ୍ୟମନ୍ତ୍ରୀ କୋଠରୀରେ ସାଢ଼େ ତିନିବର୍ଷ ବସି ରାଜୁତି କରିବା ପରେ ଓଡ଼ିଶାର ଜନତା ତା'ର ଏହି ଶ୍ରଦ୍ଧାସ୍ପଦ ନେତାଙ୍କର ସମ୍ପର୍କରେ ସମ୍ଭବତଃ ଭାବୁଛନ୍ତି ୧୯୬୧ ମସିହାରେ ସଚିବାଳୟ ତିନିତାଲା ମନ୍ତ୍ରୀ ଗଳିରେ ବସୁଥିବା ବିଜୟାନନ୍ଦ ପଟ୍ଟନାୟକ ଓ ୧୯୯୩ ମସିହାରେ ଚାରିତାଲାରେ ବସିଥିବା ବିଜୁ ପଟ୍ଟନାୟକ ଭିନ୍ନ ଭିନ୍ନ ଚରିତ୍ରର ଦୁଇଜଣ ମଣିଷ।

Digitized by srujanika@gmail.com

# ବିଧାନସଭା ଅଧିବେଶନ ଓ ଭୟଭୀତ ସରକାରୀ ଦଳ (୧)

ଅନେକ ଦିନ ଧରି ଆମ ରାଜ୍ୟରେ ରାଜନୈତିକ ନେତାଙ୍କ ଠାରୁ ଆରମ୍ଭ କରି ସମାଲୋଚକମାନେ ମତ ଦେଇ ଆସୁଥିଲେ ଯେ କ୍ରମାଗତ ଭାବେ ରାଜନୀତିକ ଅସ୍ଥିରତା ଯୋଗୁଁ ଓଡ଼ିଶା ଆଗେଇ ପାରୁନାହିଁ। ସ୍ୱାଧୀନତା ପରଠାରୁ ୧୯୮୦ ସାଲ ପର୍ଯ୍ୟନ୍ତ ଓଡ଼ିଶାରେ ରାଜନୀତିକ ଅସ୍ଥିରତା ଲାଗି ରହିଥିଲା। ୧୯୬୧ ସାଲରେ ବିଜୁ ପଟ୍ଟନାୟକ କଂଗ୍ରେସର ନେତୃତ୍ୱ ନେଇ ଏକ ବିପୁଳ ସଂଖ୍ୟାଗରିଷ୍ଠତା (୧୪୦ ସ୍ଥାନରୁ ୮୨ ସ୍ଥାନ) ଲାଭ କରିଥିଲେ ମଧ୍ୟ ତାଙ୍କ ଶାସନ କାଳ ମାତ୍ର ଦୁଇ ବର୍ଷରେ ସୀମାବଦ୍ଧ ରହିଯାଇଥିଲା। ୧୯୬୧ରୁ ୧୯୬୭ ମଧ୍ୟରେ ତିନିଜଣ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଫଳରେ ବସ୍ତୁତଃ ଏହାକୁ ଏକ ଅସ୍ଥିର ସରକାର ବୋଲି ମଧ୍ୟ କୁହାଗଲା। ଅନ୍ୟପକ୍ଷରେ ଏହାକୁ ଏକ ଉଲ୍ଲେଖନୀୟ ସମୟ ବୋଲି ମଧ୍ୟ କୁହାଯାଇଥାଏ। ତେବେ ଆଜି ଆମର ଆଲୋଚନାର ପରିସର ଭିନ୍ନ।

ଆମର ପ୍ରଶ୍ନ ହେଉଛି ରାଜନୀତି କ୍ଷେତ୍ରରେ ଅସ୍ଥିରତା ଓ ସ୍ଥିତିଶୀଳତା ମଧ୍ୟରେ ଓଡ଼ିଶାବାସୀଙ୍କ ପାଇଁ କେଉଁଟି କାମ୍ୟ ଓ ଉପକାରୀ ? କାରଣ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିଧାନସଭାର ସ୍ଥାନ ସର୍ବାଗ୍ରେ ଅବସ୍ଥିତ। ବିଧାନସଭାର ସଂଖ୍ୟାଗରିଷ୍ଠ ଦଳ ହିଁ ରାଜ୍ୟ ଶାସନର ଅଧିକାରୀ। ଏକ ସ୍ଥିତିଶୀଳ ଓ ସ୍ଥାୟୀ ସରକାର ବିଧାନସଭାରେ ରାଜ୍ୟର ଉନ୍ନତି ଏବଂ ପ୍ରଗତି ପାଇଁ ନିଜର ଯୋଜନା ଉପସ୍ଥାପିତ କରନ୍ତି। ବିରୋଧୀଦଳର ସଦସ୍ୟମାନଙ୍କର ମତାମତ ବିଚାରକୁ ନେଇ ରାଜ୍ୟ ପାଇଁ ଓ ରାଜ୍ୟବାସୀଙ୍କ ପାଇଁ ଉପକାରୀ ଓ ଦରକାରୀ ଯୋଜନା ପ୍ରଣୟନ କରନ୍ତି। ବିଧାନସଭା ସେହି ଦୃଷ୍ଟିରୁ ରାଜ୍ୟର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ପରିପ୍ରେକ୍ଷୀରେ ବିଚାର କଲାବେଳେ ସ୍ୱତଃ ମନକୁ ଆସେ ଏକ ସ୍ଥିତିଶୀଳ ସରକାର ବିଧାନସଭାର ସମ୍ମୁଖୀନ ହେବା ପାଇଁ ଏତେ ଭୟ କରୁଛନ୍ତି କାହିଁକି ? ବିଧାନସଭା ଏଭଳି ଏକ ସ୍ଥାନ ଯେଉଁଠି ପ୍ରତ୍ୟେକ ସଦସ୍ୟର ବାକ୍ ସ୍ୱାଧୀନତା ଅପରିସୀମ। ଏହି ପବିତ୍ର ଓ ଶକ୍ତିଶାଳୀ ଗୃହର ସଦସ୍ୟମାନଙ୍କୁ

Digitized by srujanika@gmail.com

ରକ୍ଷା କରିବା ପାଇଁ ସମ୍ବିଧାନରେ ସମସ୍ତ ପ୍ରକାର ବ୍ୟବସ୍ଥା ଖଞ୍ଜା ହୋଇ ରହିଛି। ତା'ସତ୍ତ୍ୱେ ଆମର ଶାସକଦଳ ବିଧାନସଭାର ସମ୍ମୁଖୀନ ହେବାପାଇଁ ନିଜକୁ ପ୍ରସ୍ତୁତ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ କ୍ରମେ ବିରୋଧୀଦଳଗୁଡ଼ିକ ବିଧାନସଭାରେ ନିଜର ଯେଉଁ ଭୂମିକା ନିର୍ବାହ କରିବା କଥା ତାହା କରିବାରେ ଅଧିକାଂଶ ସମୟରେ ସମର୍ଥ ହୋଇପାରୁ ନାହାନ୍ତି। ଏହାର କାରଣ କ'ଣ ହୋଇପାରେ ?

ଏହି ପ୍ରତିବେଦକ ୧୯୬୪ରୁ ଅଦ୍ୟାବଧି ଓଡ଼ିଶା ବିଧାନସଭାର ପ୍ରାୟ ସମସ୍ତ ଅଧିବେଶନରେ ଉପସ୍ଥିତ ରହି ଗୃହର କାର୍ଯ୍ୟ ବିବରଣୀ ସଂଗ୍ରହ କରିଛି। ଏହି ଦୀର୍ଘ ସମୟର ଅଭିଜ୍ଞତାରୁ ଆମେ ଏତିକି କହିପାରୁ ସରକାର ଓ ବିରୋଧୀଦଳରେ ନିର୍ବାଚିତ ହୋଇଆସୁଥିବା ସଦସ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଏଭଳି ବ୍ୟକ୍ତି ଆସୁଛନ୍ତି ଯେଉଁମାନେ ରାଜ୍ୟର ଏହି ସର୍ବୋଚ୍ଚ ଗୃହର ସଦସ୍ୟରୂପେ ନିଜକୁ ଖାପଖୁଆଇ ପାରୁନାହାନ୍ତି। ଫଳରେ ଗୃହର ସମ୍ମାନ ରକ୍ଷା କରିବା ଏକ ଦୁରୂହ ବ୍ୟାପାର ହୋଇପଡ଼ୁଛି। ଏ ସଂପର୍କରେ ଘଟଣା ଚରମ ସୀମାରେ ପହଞ୍ଚିଲା ସଦ୍ୟ ଶେଷ ହୋଇଥିବା ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ସର୍ବଶେଷ ଦିନର ଚରମ ମୂହୂର୍ତ୍ତରେ।

ଜୁଲାଇ ୨୬ ତାରିଖ ଅପରାହ୍ଣ (ସନ୍ଧ୍ୟା) ଛ'ଟା ବାଜି ପାଞ୍ଚ ମିନିଟ୍। ଉପବାଚସ୍ପତି ଶ୍ରୀ ପ୍ରହ୍ଲାଦ ଦୋରା ଅତ୍ୟନ୍ତ ମ୍ରିୟମାଣ। ତାଙ୍କ ନିଜ ଦଳ (ସରକାରୀ ଦଳ)ର ସଦସ୍ୟମାନଙ୍କ ବ୍ୟବହାରରେ ଅତ୍ୟନ୍ତ ବ୍ୟଥିତ ହୋଇ ବିଧାନସଭା ଇତିହାସରେ ଏକ ନଜିରବିହୀନ ଉଦାହରଣ ରଖି ଦେଇଗଲେ। ଶ୍ରୀ ଦୋରା ବିଧାନସଭା ଅଧିବେଶନ ଶେଷ ହେଲା ବୋଲି ଘୋଷଣା କରିବା ପୂର୍ବରୁ କହିଲେ, "ମାନ୍ୟବର ସଭ୍ୟମାନେ ଜାଣିବା ଦରକାର ଯେ ସଂସଦୀୟ ଗଣତନ୍ତ୍ରରେ ଯେତେବେଳେ ବାଚସ୍ପତି ହୁଅନ୍ତୁ ବା ସେ ଯେ କେହି ହୁଅନ୍ତୁ ନା କାହିଁକି, ଅଧ୍ୟକ୍ଷତା କରୁଥିବା ବେଳେ କୌଣସି ନିଷ୍ପତ୍ତି ବା ରୁଲିଂ ଦେଲେ, ତାର ପୁନର୍ବିଚାର ପାଇଁ ମାନ୍ୟବର ସଭ୍ୟମାନେ ନିଜ ଆସନରେ ଯାଇ ନିବେଦନ କରିପାରନ୍ତି। କିନ୍ତୁ ଶାସକଦଳ ପାଇଁ ଏହା ଦୁର୍ଭାଗ୍ୟର ବିଷୟ ଯେ, ସେମାନେ ନିଜ ଆସନରେ ଥାଇ କୌଣସି ନିୟମକୁ ଦେଖାଇଲେ ନାହିଁ ବା ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲେଖ କଲେ ନାହିଁ। ତାହା ଦେଖାଇଥିଲେ, ମୁଁ ସେ ସମସ୍ତଙ୍କୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ। କିନ୍ତୁ ସେମାନେ ତାହା ନ କରି ଯେଉଁଭଳି ବାହୁବଳ ଦେଖାଇ ମୋତେ ବାଧ୍ୟ କରିବା ଲାଗି ଗୃହର ମଧ୍ୟଭାଗକୁ ଆସିଲେ ତାର ପ୍ରତିବାଦ କରି ଘୋଷଣା କରୁଛନ୍ତି ଯେ, ଉପବାଚସ୍ପତି ପଦରୁ ଇସ୍ତଫା

Digitized by srujanika@gmail.com

ଦେଉଛି।''

ଓଡ଼ିଶା ବିଧାନସଭାର ଉପବାଚସ୍ପତି ଶ୍ରୀ ପ୍ରହ୍ଲାଦ ଦୋରାଙ୍କ ବକ୍ତବ୍ୟ ପରେ ବିଧାନସଭାର ସଦସ୍ୟ ବିଶେଷକରି ସରକାରୀ ଦଳର କେତେକ ସଦସ୍ୟଙ୍କ ସଂପର୍କରେ ଅଧିକ କୌଣସି ମନ୍ତବ୍ୟର ଆଉ ଆବଶ୍ୟକତା ଅଛି ବୋଲି ଆମେ ମନେ କରୁନାହୁଁ। କାରଣ ଏହାଠାରୁ ଆଉ ଅଧିକ ତୀକ୍ଷ୍ଣ ମନ୍ତବ୍ୟ ଆମେ ଦେଇପାରି ନଥାନ୍ତୁ। ଏ ଘଟଣା କିନ୍ତୁ କେବଳ ଏଇଠି ଶେଷ ନୁହେଁ। ଗଣତନ୍ତ୍ରର ପ୍ରଥମ ସ୍ତରର ବ୍ୟକ୍ତିମାନେ ଅନେକ ସମୟରେ ଭୁଲିଯାନ୍ତି ସେମାନଙ୍କୁ ଲୋକଙ୍କ ପାଖକୁ ଯିବାକୁ ହେବ। ଲୋକେ ସବୁ ସମୟରେ ମୂକ ବଧିର ନୁହନ୍ତି। ତେଣୁ ସେମାନେ କାହାର କ'ଣ ପ୍ରାପ୍ୟ ତା ଜାଣନ୍ତି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆମେ ପାଠକ ବନ୍ଧୁମାନଙ୍କର ଗୋଚରାର୍ଥେ ଜଣାଉଛୁ। ତା' ହେଲା ବିଧାନସଭା ଅଧିବେଶନ କ୍ରମେ କ୍ରମେ ସଂକୁଚିତ ହୋଇଆସୁଛି। ସରକାର ବିଧାନସଭାର ସମ୍ମୁଖୀନ ହେବାକୁ ଭୟ କରୁଛନ୍ତି। ଏକଦା ଶ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୫୫ ସାଲରେ ବିଧାନସଭା ଅଧିବେଶନ ବସିଥିଲା ୧୦୩ ଦିନ ପାଇଁ। ଆଧୁନିକ ଭାରତର ରାଜନୈତିକ ଇତିହାସରେ ନବକୃଷ୍ଣ ଚୌଧୁରୀଙ୍କୁ କିଭଳି ଭାବେ ବର୍ଣ୍ଣନା କରାଯାଇପାରିବ ତା' ଆମକୁ ଜଣାନାହିଁ। ଆମର କ୍ଷୁଦ୍ର ବୁଦ୍ଧିରେ ଏତିକି କହିପାରୁ ମହାତ୍ମା ଗାନ୍ଧିଙ୍କ ପରେ ଭାରତବର୍ଷରେ ଅଳ୍ପ ଯେଉଁ କେତେ ଜଣଙ୍କୁ ଜନସେବା, ଆତ୍ମତ୍ୟାଗ, ସାଧୁତା, ସରଳତା ଆଉ ମାନବିକ ମର୍ଯ୍ୟାଦାବୋଧର ପ୍ରତୀକ ରୂପେ ଗ୍ରହଣ କରାଯିବ ନବକୃଷ୍ଣ ଚୌଧୁରୀ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ। '୧୯୫୫' ଓଡ଼ିଶା ପାଇଁ ଏକ ଦୁଃଖର ବର୍ଷ। ଦଳେଇଘାଇର ବନ୍ୟା ସାଙ୍ଗକୁ ଓଡ଼ିଶାର ସୀମା ସଂକୋଚନ ବିରୋଧରେ ଆନ୍ଦୋଳନ ଏ ବର୍ଷର ପ୍ରତିଟି ଦିନ ପ୍ରତି ଓଡ଼ିଆର ପ୍ରାଣକୁ ସ୍ପର୍ଶ କରିଥିଲା। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନ ଏକ ଖୋଲା ଖାତା। ସେ ଖାତାରେ କିଛି ଗୋପନୀୟତା ନଥିଲା, ପ୍ରତି ଓଡ଼ିଆର ପ୍ରାଣର ସ୍ପନ୍ଦନ ସେଇ ହୃଦୟରେ ବାଜୁଥିଲା। ତେଣୁ ବିରୋଧୀଦଳର ସାମାନ୍ୟ ଦାବିରେ ବିଧାନସଭା ଅଧିବେଶନ ବସୁଥିଲା। ନବବାବୁଙ୍କର ଭୟ ନଥିଲା। କାରଣ ତାଙ୍କ ବ୍ୟକ୍ତିଗତ ଚରିତ୍ର ପର୍ଦ୍ଦାର ଝିଲ୍ଲି ଏତେ ସ୍ୱଚ୍ଛ ଯେ ସେଠି ବିରୋଧୀଦଳ ମଇଳା ବା ପଙ୍କ ଖୋଜିବା ବା ପାଇବା କେବଳ କଷ୍ଟ ନୁହେଁ -ଅସମ୍ଭବ।

କହୁ କହୁ ଆମେ ଟିକେ ଭାବପ୍ରବଣ ହୋଇପଡ଼ିଲୁ। କାରଣ ଆମେ ଶୁଣିଛୁ ଓଡ଼ିଶାର ଏହି ମୁଖ୍ୟମନ୍ତ୍ରୀ ତାଙ୍କର ପଦବୀ ହରାଇବା ଦିନ ବେଡ଼ିଂ

Digitized by srujanika@gmail.com

ବିସ୍ତରା ଧରି ବସ୍‌ରେ ଅନୁଗୋଳ ଯାଉଥିଲେ। ଆମେ ଦେଖିଛୁ ଓଡ଼ିଶାର ଏହି ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତାଙ୍କ ଭୁବନେଶ୍ୱର ରହଣି ସମୟରେ (ରହଣି ସ୍ଥାନ-ତାଙ୍କ ଆତ୍ମୀୟ ନିତ୍ୟାନନ୍ଦ ଦାସଙ୍କ ବାସଭବନ) ସାଇକେଲ୍ ପଛରେ ବସି ଯିବାଆସିବା କରିବାର। ଡଃ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସ୍ୱଳ୍ପ ସମୟର ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବିନା ଗାଡ଼ିରେ ଯିବାଆସିବା କରିବାର କେହି କେବେ ଦେଖିଛନ୍ତି କି?

କଥା ବୁଡ଼ିଯାଇ ଆମେ ଅନ୍ୟଆଡ଼େ ଚାଲିଗଲୁ। ହଁ, ନବକୃଷ୍ଣ ଚୌଧୁରୀଙ୍କ ଶାସନ ସମୟରେ ଓଡ଼ିଶା ବିଧାନସଭାର ଅଧିବେଶନ ସବୁଠାରୁ ଅଧିକ ସମୟ ପାଇଁ ବସିଥିଲା। ୧୯୫୦ ମସିହା ମେ' ମାସରେ ନବବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇ ୧୯୫୬ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ସେହି ପଦବୀରେ ରହିଥିଲେ। ଏହି ସମୟ ମଧ୍ୟରେ ଓଡ଼ିଶା ବିଧାନସଭାର ଅଧିବେଶନ କେଉଁ ବର୍ଷରେ କେତେ ଦିନ ବସିଥିଲା ତାର ହିସାବ ନିମ୍ନରେ ଦେଲୁ।

୧୯୫୦ ସାଲରେ ୪୮ ଦିନ ବିଧାନସଭା ଅଧିବେଶନ ବସିଥିବା ବେଳେ ୧୯୫୧ରେ ୫୬ ଦିନ, ୧୯୫୨ ସାଲରେ ୭୬ ଦିନ, ୧୯୫୩ରେ ୫୮ ଦିନ, ୧୯୫୪ରେ ୬୦ ଦିନ, ୧୯୫୫ରେ ୧୦୩ ଦିନ ଓ ୧୯୫୬ ସାଲରେ ୫୭ ଦିନ ବିଧାନସଭାର ଅଧିବେଶନ ବସିଥିଲା। ଏହି ସମୟରେ ଓଡ଼ିଶା ପ୍ରଶାସନରେ ଅର୍ଥାତ୍ ରାଜ୍ୟ ସଚିବାଳୟରେ ମୋଟ ୨୪ଟି ବିଭାଗ ନଅ ଜଣ ମନ୍ତ୍ରୀଙ୍କ ଦାୟିତ୍ୱରେ ଥିଲା। ତେବେ ୧୯୫୬ ସାଲରେ ଡଃ ମହତାବ ମୁଖ୍ୟମନ୍ତ୍ରୀ ହେବାପରେ ଏଥିରୁ ତିନୋଟି ବିଭାଗ ଲୋପ ପାଇଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାପରେ ଅର୍ଥାତ୍ ୧୯୩୬ ସାଲରେ ଓଡ଼ିଶା ପ୍ରଶାସନର ସମୁଦାୟ ୯ଟି ସରକାରୀ ବିଭାଗ ସୃଷ୍ଟି ହୋଇଥିଲା। ପ୍ରଥମ ମନ୍ତ୍ରିମଣ୍ଡଳରେ ୬ ଜଣ ମନ୍ତ୍ରୀ ଥିଲେ ଏବଂ ବିଧାନସଭାରେ ସଭ୍ୟ ସଂଖ୍ୟା ଥିଲା ୬୦ ଜଣ। ୧୯୩୬-୩୭ ଆର୍ଥିକ ବର୍ଷରେ ରାଜ୍ୟ ବଜେଟର ଅର୍ଥ ପରିମାଣ ଥିଲା ମାତ୍ର ଦୁଇ କୋଟି ଟଙ୍କା। ଆଜି ୧୯୯୩-୯୪ ଆର୍ଥିକ ବର୍ଷରେ ବଜେଟରେ ଅର୍ଥ ବରାଦ ହୋଇଛି ଆଠ ହଜାର ଏକ ଶହ କୋଟି ଟଙ୍କା। ୧୯୩୭ ସାଲରେ ଓଡ଼ିଶା ବିଧାନସଭା ପାଇଁ ପ୍ରଥମ ସାଧାରଣ ନିର୍ବାଚନ ହେଲା। ୧୯୩୭ ସାଲରେ ବିଧାନସଭା ଅଧିବେଶନ ମୋଟ ୨୨ ଦିନ ପାଇଁ ବସିଥିବାବେଳେ ୧୯୯୩ ସାଲରେ ଅର୍ଥାତ୍ ୫୬ ବର୍ଷ ପରେ ବିଧାନସଭା ଅଧିବେଶନ ମାତ୍ର ୪୭ ଦିନ ପାଇଁ

Digitized by srujanika@gmail.com

ବସିଥିଲା ।

ଉପରୋକ୍ତ ଘଟଣା ବର୍ଣ୍ଣନା କରିବାର ଏକମାତ୍ର କାରଣ ହେଲା ବିଧାନସଭା ଅଧିବେଶନର ଏହି ଅବକ୍ଷୟତା ପାଇଁ କାହାକୁ ଦୋଷ ଦିଆଯାଇପାରେ ? ଏକ ସ୍ଥାୟୀ ଓ ସ୍ଥିତିଶୀଳ ସରକାର ବିଧାନସଭା ଅଧିବେଶନକୁ ଭୟ କରିବାର କାରଣ କ'ଣ ?- ଅପାରଗତା ? ନା ଅକ୍ଷମତା ? ୧୯୮୦ରୁ ୧୯୮୯ ପର୍ଯ୍ୟନ୍ତ ଏହି ଅବସ୍ଥା ଆହୁରି ଶୋଚନୀୟ । ଏହି ସମୟରେ ଓଡ଼ିଶା ରାଜନୀତିର ସବୁଠାରୁ ଦୃଢ଼ ଓ ସ୍ଥାୟୀ ସରକାର ପ୍ରଥମ ଥର ପାଇଁ ଗଠିତ ହୋଇଥିଲା । ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓଡ଼ିଶା ରାଜନୀତିରେ ପ୍ରଥମ ବ୍ୟକ୍ତି ଯେ କି ୧୯୮୦ ଓ ୧୯୮୫ ନିର୍ବାଚନରେ କଂଗ୍ରେସର ନେତୃତ୍ୱ ନେଇ ବିପୁଳ ସଂଖ୍ୟା ଗରିଷ୍ଠତାରେ ବିଜୟୀ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ସରକାର ଗଢ଼ିଥିଲେ । ଏକାଦିକ୍ରମେ ନଅ ବର୍ଷକାଳ ସେ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିଲେ । କିନ୍ତୁ ତାଙ୍କ ସମୟରେ ତାଙ୍କ ସରକାର ବିଧାନସଭାର ସମସ୍ତ ପରିଆରା ଓ ପରମ୍ପରାକୁ ନଷ୍ଟଭ୍ରଷ୍ଟ କରିଦେଇଥିଲେ । ବିଧାନସଭାରେ କଂଗ୍ରେସ ଦଳର ବିପୁଳ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ବିରୋଧୀଦଳର ସାମାନ୍ୟ କେତେ ଜଣ ସଦସ୍ୟଙ୍କ ଭୟରେ ଅଧିବେଶନର କାର୍ଯ୍ୟକାଳକୁ ଅତି ବେପରୁଆ ଭାବେ ସଙ୍କୁଚିତ କରିଦିଆଗଲା । ତେବେ କ'ଣ ବୁଝିବାକୁ ହେବ ଯେ ସଂଖ୍ୟାଗରିଷ୍ଠତା ଆମ ବିଧାୟକମାନଙ୍କର ଅବାଧ ବାକ୍ ସ୍ୱାଧୀନତାକୁ କଣ୍ଠରୋଧ କରୁଛି ?

ଉପରେ ଆମେ ୧୯୫୦ରୁ ୧୯୫୬ ସାଲ ପର୍ଯ୍ୟନ୍ତ ବିଧାନସଭା ଅଧିବେଶନର ଦିନ ସଂଖ୍ୟା ଦେଇଛୁ । ବର୍ତ୍ତମାନ ଦେଖନ୍ତୁ ୧୯୮୦ରୁ ୧୯୮୯ ସାଲରେ କେତେ ଦିନ ବିଧାନସଭା ଅଧିବେଶନ ବସିଛି । ୧୯୮୦ରେ ୨୯ ଦିନ, ୧୯୮୧ ଓ ୮୨ରେ ୩୭ ଦିନ ଲେଖାଏଁ ବିଧାନସଭା ବସିଥିବାବେଳେ ୧୯୮୩ରେ ୩୯ ଦିନ, ୧୯୮୪ରେ ୩୭ ଦିନ, ୧୯୮୫ରେ ୩୦ ଦିନ, ୧୯୮୬ରେ ୩୮ ଦିନ, ୧୯୮୭ ଓ ୧୯୮୮ରେ ୩୯ ଦିନ ଲେଖାଏଁ ଏବଂ ୧୯୮୯ରେ ୪୧ ଦିନ ବିଧାନସଭାର ଅଧିବେଶନ ବସିଛି ।

ଅନ୍ୟ ଅର୍ଥରେ କହିବାକୁ ଗଲେ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଥିବା ବିଧାୟକମାନେ ବର୍ଷରେ ତାଙ୍କ ଆସନରେ ମାତ୍ର ୩୦ରୁ ୪୦ ଦିନ ବସନ୍ତି । ଅନ୍ୟ ଦିନଗୁଡ଼ିକ ସେମାନଙ୍କର କଟେ କିପରି ?

●

Digitized by srujanika@gmail.com

## (୨)

ଲୋକସଭା ଅଧିବେଶନ ବର୍ଷରେ କେତେଦିନ ହୁଏ ବୋଲି ଆମେ ଓଡ଼ିଶାର କେତେକ ଲୋକସଭା ସଦସ୍ୟ ବନ୍ଧୁଙ୍କ ନିକଟରୁ ଜାଣିବାକୁ ଚାହିଁବାରେ ସେମାନେ ଉତ୍ତର ଦେଲେ ବର୍ଷସାରା। ଆମେ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କ ମୁହଁକୁ ଅନାଇବାରୁ ଜଣେ ବନ୍ଧୁ କହିଲେ, ଦିନ ହିସାବରେ ୩୬୫ ଦିନ ନୁହଁ କିନ୍ତୁ ଗୋଟିଏ ଅଧିବେଶନ ପରେ ଏଭଳି ସ୍ୱଳ୍ପ ସମୟ ବ୍ୟବଧାନରେ ଆଉ ଏକ ଅଧିବେଶନ ଡକାହୁଏ ଯେ ସାତୋଟିଯାକ ବିଧାନସଭା ନିର୍ବାଚନମଣ୍ଡଳୀ ଘୂରି ଲୋକଙ୍କ ସହ ସାକ୍ଷାତ କରିବା ପାଇଁ ସମୟ ମିଳେନାହିଁ। ଦିନ ହିସାବରେ ଲୋକସଭା ଅଧିବେଶନ ୨୧୦ ଦିନରୁ ୨୨୦ ଦିନ ପର୍ଯ୍ୟନ୍ତ ବସେ। ତା' ବାଦ୍ ବିଭିନ୍ନ କମିଟିରେ ଥିବା ବ୍ୟକ୍ତିମାନେ ଏହି ଫାଙ୍କ ସମୟରେ କମିଟି ବୈଠକରେ ବସନ୍ତି। ସେହି ଦୃଷ୍ଟିରୁ ବର୍ଷସାରା ବୋଲି କହିଲୁ। ଏମ.ପି. ବନ୍ଧୁଙ୍କ କଥା ଶୁଣିବା ପରେ ଅଗଷ୍ଟ ପ୍ରଥମ ସପ୍ତାହରେ ଆମେ ଦିଲ୍ଲୀ ଯାଇଥିବା ବେଳେ ଏ ସଂପର୍କରେ ପାର୍ଲାମେଣ୍ଟ ଭବନକୁ ଯାଇ ସେଠାକାର ରୀତି ରିୱାଜ ସଂପର୍କରେ ପଚରା ଉଚୁରା କଲୁ। ଯାହା ଜାଣିଲୁ ତାର ସାରମର୍ମ ହେଉଛି ଲୋକସଭାର ୫୪୧ ଜଣ ସଦସ୍ୟଙ୍କ ପାଇଁ ବର୍ଷରେ ପ୍ରାୟ ସାତ ମାସ ଅଧିବେଶନ ବସେ। ପ୍ରତି ମିନିଟ ପାଇଁ ଖର୍ଚ୍ଚ ହୁଏ ପନ୍ଦର ହଜାର ଟଙ୍କା। ଅବଶ୍ୟ ଏହି ହିସାବ ଅଧିବେଶନର ସମୟ ଅନୁସାରେ କମ୍‌ବେଶୀ ହୋଇପାରେ।

ଏବେ ଆସନ୍ତୁ ଆମ ରାଜ୍ୟର କଥାକୁ ଆସିବା। ଆମ ରାଜ୍ୟ ବିଧାନସଭା ପାଇଁ ଖର୍ଚ୍ଚ ହୁଏ ମିନିଟ ପାଇଁ ଷୋଳଶହ ବାଷଠି ଟଙ୍କା। ବିଧାନସଭାର ବାର୍ଷିକ ଅଟକଳ ୩ କୋଟି ୨୫ ଲକ୍ଷ ଟଙ୍କା। ଏଥିମଧ୍ୟରୁ ୨୬ ଲକ୍ଷ ଟଙ୍କା ରାଜ୍ୟଗୋଷ୍ଠୀ ସଂଘ ଓ ଅନ୍ୟାନ୍ୟ ସଂସ୍ଥାର ସଦସ୍ୟ ଚାନ୍ଦା ଆକାରରେ ବ୍ୟୟ ହୁଏ। ଅବଶିଷ୍ଟ ଅର୍ଥ ବିଧାନସଭାର ବର୍ଷକୁ ବସୁଥିବା ୪୦ରୁ ୫୦ ଦିନର ଅଧିବେଶନ ପାଇଁ ବ୍ୟୟ ହୁଏ।

ଆମର ଏକ ଜନପ୍ରିୟ ପ୍ରବାଦ ଅଛି 'କହ୍ନେଇ ଲାଗି ଗାଈ ଗୁହାଳ' ଏବେ ଦେଖାଯାଉ ଯେଉଁ କହ୍ନେଇମାନଙ୍କ ପାଇଁ ଗାଈ ଆଉ ଗୁହାଳ ସେମାନଙ୍କ ଅବସ୍ଥା କଣ? ଆମେ ପୁନଶ୍ଚ ଏଠି ଉପବାଚସ୍ପତି ଶ୍ରୀ ପ୍ରହ୍ଲାଦ ଦୋରାଙ୍କ ବିଷୟ ଅବତାରଣା କରୁଛୁ। ଦୋରା ମହାଶୟ ଅଧ୍ୟକ୍ଷ ଆସନରେ ଥାଇ ସଦସ୍ୟମାନଙ୍କର ବିଧାନସଭା ପ୍ରତି ଆନୁଗତ୍ୟ, ଆଲୋଚନା ପ୍ରତି ମନୋଯୋଗ, ସରକାରୀ କାର୍ଯ୍ୟକ୍ରମ ପ୍ରତି ଅନୁରାଗ ଓ ସର୍ବୋପରି ଗୃହର ଶୃଙ୍ଖଳା ଓ ମର୍ଯ୍ୟାଦା

Digitized by srujanika@gmail.com

ରକ୍ଷା ଦିଗରେ ଆନ୍ତରିକତା ସମ୍ପର୍କରେ ଏକ ଚମତ୍କାର ଅନୁଶୀଳନ କରିଛନ୍ତି। ତାକୁ ଦୋହରାଇବାର ଆବଶ୍ୟକତା ଆଉ ଅଛି ବୋଲି ଆମେ ମନେ କରୁନଥିଲେ ମଧ୍ୟ ସାମାନ୍ୟ ଦୃକ୍‌ପାତ କରିବାର ପ୍ରୟୋଜନ ଅନୁଭବ କରୁଛୁ।

ଶ୍ରୀ ଦୋରା ଦର୍ଶାଇଛନ୍ତି "ଖୁବ୍ କମ୍ ସଂଖ୍ୟକ ସଦସ୍ୟ ବିଧାନସଭାରେ ଉପସ୍ଥିତ ରହୁଛନ୍ତି। ସରକାରୀ ବିଲ୍‌ର ଆଲୋଚନା ପରେ ତାହା ଗୃହୀତ ହେବା ପାଇଁ 'ହଁ' ଓ 'ନା' ଡାକରେ ଅନେକ ସମୟରେ କେହି ଜବାବ ଦେଉନାହାନ୍ତି। ଫଳରେ ଦୁଇ/ତିନି ଥର ଡାକିବା ପରେ କାଁ ଭାଁ 'ହଁ' ବା 'ନା' ଶୁଭୁଛି। ଏ ସମ୍ପର୍କରେ ଆମେ ଯାହା ଦେଖୁଛୁ ଏବଂ ବିଧାନସଭା ଅଧିବେଶନରେ ଦୈନିକ ବିବରଣୀ ସଂଗ୍ରହ କରୁଥିବା ସାମ୍ବାଦିକମାନେ ଯାହା ଦେଖୁଛନ୍ତି ତାର ସାରମର୍ମ ଉପବାଚସ୍ପତି ସଂକ୍ଷିପ୍ତରେ ଗୃହରେ ଘୋଷଣା କରିବା ପରେ ଗାଣ ଆଉ ଗୃହୀକର ଆବଶ୍ୟକତା ସମ୍ପର୍କରେ ଚିନ୍ତା କରିବାର ବେଳ ଆସିଛି।

ବିଧାନସଭାରେ ସଦସ୍ୟମାନେ କିପରି ଆଚରଣ କରିବେ, କେଉଁଭଳି ବିଷୟ ଉପରେ ଆଲୋଚନା ହେବ, କେଉଁ ଢ଼ଙ୍ଗରେ ଆଲୋଚନା ହେବ ଆଦି ବିଭିନ୍ନ ବିଷୟ ଉପରେ ମଝିରେ ମଝିରେ ଶିକ୍ଷାଶିବିରମାନଙ୍କର ଆୟୋଜନ ହୁଏ। ସରକାରୀ ଓ ବିରୋଧୀଦଳର ସଦସ୍ୟମାନେ ଏହି ଶିବିରରେ ଯୋଗ ଦେଇ ବିଧାନସଭା ନୀତି ନିୟମ ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅଭିହିତ ହୁଅନ୍ତି। ବିଭିନ୍ନ ବର୍ଷ ବିଧାନସଭା ବାଚସ୍ପତି ଓ ଉପବାଚସ୍ପତିମାନଙ୍କର ସମ୍ମିଳନୀରେ ଗୃହର କାର୍ଯ୍ୟ କିପରି ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ସେ ସଂପର୍କରେ ଆଲୋଚନା ହୋଇଥାଏ। ଚଳିତ ବର୍ଷ ପ୍ରଥମ ଭାଗରେ ଭୁବନେଶ୍ୱରଠାରେ ଏହିଭଳି ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବାସ୍ତବ କ୍ଷେତ୍ରରେ ଏ ସମ୍ମିଳନୀଗୁଡ଼ିକ କେବଳ ମଉଜ କରାଯିବା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ସାଧନ କରିବା ଭଳି ମନେହୁଏନାହିଁ। ସରକାରୀ ପଇସାରେ ପରିବାରବର୍ଗଙ୍କ ପାଇଁ ଏହା ଏକ ସୁଖପ୍ରଦ ଭ୍ରମଣ ବ୍ୟବସ୍ଥା ବୋଲି କହିଲେ ଅନୁଚିତ ବକ୍ତବ୍ୟ ହେବ ନାହିଁ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟ ଏବଂ ପରବର୍ତ୍ତୀ ସମୟ ମଧ୍ୟରେ ବିଧାନଗତ କାର୍ଯ୍ୟକ୍ରମର ପରିସର, ଗୁରୁତ୍ୱ ଓ ଦାୟିତ୍ୱର କ୍ଷେତ୍ର ସମ୍ପୂର୍ଣ୍ଣ ଭିନ୍ନ। ସ୍ୱାଧୀନତା ପରେ ଲୋକପ୍ରତିନିଧି ଶାସନରେ ସରକାର ଲୋକଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ ଯଥାର୍ଥ ଭାବେ ପାଳନ କରୁଛନ୍ତି କି ନାହିଁ ତାହା ବିଧାନସଭା କାର୍ଯ୍ୟକ୍ରମରୁ ହିଁ ପ୍ରତିଫଳିତ ହୁଏ। ବିଧାନସଭାକୁ ନିର୍ବାଚିତ ହେଉଥିବା ସଦସ୍ୟମାନଙ୍କ ପାଇଁ ବିଧାନସଭା ଅଧିବେଶନ ଯଦି ନହୁଏ କିମ୍ବା ସଙ୍କୁଚିତ ହୋଇଯାଏ ତେବେ ସଭ୍ୟମାନଙ୍କର ଆବଶ୍ୟକତା କ'ଣ ଅଛି? ବିଧାନସଭାକୁ ବାଦ୍ ଦେଇ ଏମାନଙ୍କ

Digitized by srujanika@gmail.com

ଦାୟିତ୍ୱ କ'ଣ ? ବିଧାନସଭା ଯଦି ବର୍ଷରେ ୪୦/୫୦ ଦିନ ବସେ ତେବେ ଏମାନେ ଭୁବନେଶ୍ୱରରେ ସ୍ଥାୟୀ ଭାବେ ବସବାସ କରିବାର ଆବଶ୍ୟକତା କ'ଣ ଅଛି ?

ଏବେ ଆସନ୍ତୁ ଦେଖିବା ସ୍ୱାଧୀନତା ପରେ ବିଭିନ୍ନ ସରକାରଙ୍କ ସମୟରେ ବର୍ଷରେ କେତେ କେତେ ଦିନ ବିଧାନସଭା ଅଧିବେଶନ ଅନୁଷ୍ଠିତ ହୋଇଛି ? ଇତିପୂର୍ବରୁ ଗତ ନିବନ୍ଧରେ ଆମେ ନବକୃଷ୍ଣ ଚୌଧୁରୀ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଜତ୍ୱ କାଳରେ ବିଧାନସଭା କେଉଁ କେଉଁ ବର୍ଷ କେତେ ଦିନ ଲେଖାଏଁ ବସିଛି ତାର ଏକ ତାଲିକା ଦେଇଥିଲୁ । ଏବେ ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ରାଜତ୍ୱ ସମୟରେ ଏହାର ସ୍ଥିତି ସଂପର୍କରେ ଆଲୋଚନା କରିବା ।

ସ୍ୱାଧୀନତା ପ୍ରାପ୍ତିର ବର୍ଷେ ଆଠମାସ ପୂର୍ବରୁ ଓଡ଼ିଶାରେ ଡଃ ମହତାବଙ୍କ ରାଜତ୍ୱ ଆରମ୍ଭ ହୋଇଥିଲା । ମହତାବ ବାବୁ ୧୯୪୬ ସାଲ ଜାନୁୟାରୀ ୨୩ ତାରିଖରୁ ୧୯୫୦ ସାଲ ମଇ ମାସ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ରୂପେ ଶାସନଗାଦିରେ ଥିଲେ । ପୁନଶ୍ଚ ୧୯୫୭ ସାଲ ଅକ୍ଟୋବର ୧୯ ତାରିଖରୁ ୧୯୬୧ ସାଲ ଫେବୃୟାରୀ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଶାସନ ଭାର ଗ୍ରହଣ କରିଥିଲେ । ଅନ୍ୟ ଅର୍ଥରେ ମହତାବବାବୁ ମୋଟ ଆଠବର୍ଷ ସାତମାସ କାଳ ଶାସନ କ୍ଷମତାରେ ଥିଲେ ।

ଡଃ ମହତାବଙ୍କ ରାଜତ୍ୱ କାଳରେ ଆଶା କରାଯାଉଥିଲା ବିଧାନସଭା ଅଧିବେଶନ ଅଧିକ ସମୟ ପାଇଁ ବସିବ । ମାତ୍ର ତାହା ହୋଇନଥିଲା । ମହତାବଙ୍କର ପ୍ରଥମ ରାଜତ୍ୱ ସମୟରେ ସାଢେ ଚାରିବର୍ଷରେ ମାତ୍ର ୧୪୦ ଦିନ ବିଧାନସଭା ଅଧିବେଶନ ବସିଥିଲା । ୧୯୪୬ରେ ୨୪ ଦିନ, ୧୯୪୭ରେ ୩୮ ଦିନ, ୧୯୪୮ରେ ୩୪ ଦିନ ୧୯୪୯ରେ ୨୩ ଦିନ ଏବଂ ୧୯୫୦ରେ ମଇ ମାସ ମଧ୍ୟରେ ମାତ୍ର ୨୦ ଦିନ ବିଧାନସଭା ଅଧିବେଶନ ଅନୁଷ୍ଠିତ ହୋଇଥିଲା । କିନ୍ତୁ ଡଃ ମହତାବଙ୍କର ଦ୍ୱିତୀୟ ଥର ଶାସନ ସମୟରେ ବିଧାନସଭା ଅଧିବେଶନର ସମୟ ବୃଦ୍ଧି ପାଇଥିଲା । ତେବେ ତାଙ୍କ ପୂର୍ବରୁ ୧୯୫୦ରୁ ୧୯୫୬ ସାଲ ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ବିଧାନସଭା ଅଧିବେଶନ ମୋଟ ୪୩୯ ଦିନ ପାଇଁ ବସିଥିବାରୁ ମହତାବ ବାବୁ ଆଉ ଅଧିକ ସମୟ କମାଇବା ସମ୍ଭବ ହୋଇନଥିଲା । ସ୍ୱାଧୀନତାର ୪୭ ବର୍ଷ ମଧରେ ନବବାବୁ ହିଁ ଏକମାତ୍ର ମୁଖ୍ୟମନ୍ତ୍ରୀ, ଯେ ପ୍ରମାଣ କରିଥିଲେ ଯେ ରାଜନୀତିରେ ପ୍ରକୃତ ଗାମ୍ଭୀର୍ଯ୍ୟ ହିଁ ବିଧାନସଭା ଗୃହ (Assembly House is the centre of Political gravity)ମହତାବ ବାବୁଙ୍କ ଦ୍ୱିତୀୟ ଥର ଶାସନ ବେଳେ ସାଢେ ଚାରିବର୍ଷରେ ମୋଟ ୨୫୨

Digitized by srujanika@gmail.com

ଦିନ ବିଧାନସଭା ଅଧିବେଶନ ବସିଥିଲା । ମହତାବଙ୍କ ଉଭୟ ସମୟର ଶାସନ ଅର୍ଥାତ୍ ଆଠବର୍ଷ ମଧ୍ୟରେ ବିଧାନସଭାର ମୋଟ ୩୯୨ ଦିନ ଅଧିବେଶନ ବସିଥିଲା । ମହତାବଙ୍କର ପ୍ରଥମ ଚାରିବର୍ଷର ଶାସନ କାଳରେ ମାତ୍ର ୧୪୦ ଦିନ ବିଧାନସଭା ଅଧିବେଶନ ବସିଥିବା ବେଳେ ଶେଷ ଚାରିବର୍ଷରେ ୨୫୨ ଦିନ ବସିବାର ଏକମାତ୍ର କାରଣ ହେଉଛି ନବବାବୁଙ୍କ ପ୍ରଭାବକୁ ବା ନବବାବୁ ରଖିଯାଇଥିବା ପରମ୍ପରାକୁ ବ୍ୟାହତ କରିବା ପାଇଁ । ମହତାବବାବୁ ହଠାତ୍ ସାହସ କରିନଥିଲେ । କାରଣ ତା' ଦ୍ୱାରା ତାଙ୍କ ଭଳି ସର୍ବଭାରତୀୟ ନେତାଙ୍କର ଭାବମୂର୍ତ୍ତି ଅକ୍ଷୁଣ୍ଣ ରଖାଯାଇ ପାରିନଥାନ୍ତା ।

ନବବାବୁ ଏବଂ ମହତାବବାବୁ ଉଭୟେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଦୁଇ ପ୍ରମୁଖ ନେତା । ସର୍ବଭାରତୀୟ ସ୍ତରରେ ମହତାବ ବାବୁ ଜଣେ ବିଶିଷ୍ଟ ସଂଗ୍ରାମୀର ସ୍ୱୀକୃତି ଲାଭ କରିଥିଲେ । ନେହେରୁ, ପଟେଲ, ଆଜାଦଙ୍କ ଭଳି ବହୁ ବିଶିଷ୍ଟ କଂଗ୍ରେସ ନେତାଙ୍କ ସହ ଭାରତଛାଡ ଆନ୍ଦୋଳନରେ ଗିରଫ ହୋଇ ମହତାବ ଅହମଦନଗର ଫୋର୍ଟ ଜେଲରେ ବନ୍ଦୀ ହୋଇ ରହିଥିଲେ । ୧୯୩୮ ହରିପୁର କଂଗ୍ରେସ ଅଧିବେଶନରେ ତାଙ୍କୁ କଂଗ୍ରେସର ତତ୍କାଳୀନ ସଭାପତି ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସଦସ୍ୟ ରୂପେ ଗ୍ରହଣ କରିଥିଲେ । ସେହି ଦୃଷ୍ଟିରୁ ମହତାବ ବାବୁ ପ୍ରଥମ ଥର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଆଶା କରାଯାଉଥିଲା ବିଧାନସଭା ଅଧିବେଶନର ସମୟ ବୃଦ୍ଧି ପାଇବ, କିନ୍ତୁ ଅତି ଆଶ୍ଚର୍ଯ୍ୟଜନକଭାବେ ଏହାକୁ ମହତାବ ବାବୁ ସଂକୁଚିତ କରିଦେଇଥିଲେ । ଯେତେବେଳେ ୧୯୩୮ ସାଲରେ ୪୬ ଦିନ, ୧୯୩୯ରେ ୩୮ ଦିନ ଏବଂ ୧୯୪୨ରେ ୪୧ ଦିନ ବିଧାନସଭା ଅଧିବେଶନ (୧୯୩୯ ଅକ୍ଟୋବର ମାସରୁ ୧୯୪୧ ନଭେମ୍ବର ମାସ ପର୍ଯ୍ୟନ୍ତ ବିଧାନସଭା ସସ୍‌ପେଣ୍ଡ ହୋଇ ରହିଥିଲା । କାରଣ ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶକୁ ସହଯୋଗ ନ କରିବା ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯିବାରେ ଓଡ଼ିଶା ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲେ) ବସିଥିଲା ।

ତେବେ ଏହି ସମୟର ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଓଡ଼ିଶା ସହ ୨୪ ଗଡ଼ଜାତର ମିଶ୍ରଣ । ୧୯୪୭ ଡିସେମ୍ବର ୧୫ ତାରିଖରେ ଓଡ଼ିଶାର ୨୫ଟି ଗଡ଼ଜାତର ଶାସକ (ରାଜା ଓ ମହାରାଜା) ମାନେ ଓଡ଼ିଶା ରାଜ୍ୟ ସହ ମିଶ୍ରଣ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ । ଭାରତର ତତ୍କାଳୀନ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଡ଼ଃ ମହତାବଙ୍କ ନିମନ୍ତ୍ରଣରେ ଓଡ଼ିଶା ଆସି ଏହି କାର୍ଯ୍ୟ ସଂପାଦନ କରିଥିଲେ ।

ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ପୂର୍ବରୁ ଛ'ଟି ଜିଲ୍ଲା ଥିଲା । ସେ ଜିଲ୍ଲାଗୁଡିକ ହେଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ।

Digitized by srujanika@gmail.com

ଚୁକ୍ତି ସ୍ୱାକ୍ଷର ପରେ ଏହି ପଚିଶଟି ଗଡଜାତ ମଧ୍ୟରୁ ଷଢେଇକଳା ଓ ଖରସୁଆଁ ବିହାରରେ ମିଶିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି କଲେ। ଅଭିଯୋଗ ହୁଏ ଯେ ଭାରତର ପ୍ରଥମ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ ଏଥିପାଇଁ ଜୋର୍ ଦେଲେ ଏବଂ ଡଃ ମହତାବ ଯେଉଁଭଳି ପ୍ରତିବାଦ କରିବା କଥା ତାହା କଲେ ନାହିଁ। ୧୯୪୮ ଜାନୁୟାରୀ ପହିଲାରେ ଅବଶିଷ୍ଟ ୨୩ଟି ଗଡଜାତ ଓଡ଼ିଶାରେ ମିଶିଲା। କିନ୍ତୁ ମୟୂରଭଞ୍ଜ ମିଶିବା ପାଇଁ ମନା କଲା। ମାତ୍ର ପରିସ୍ଥିତି ଦେଖି ୧୯୪୯ ଜାନୁୟାରୀ ପହିଲାରେ ମୟୂରଭଞ୍ଜ ଓଡ଼ିଶା ରାଜ୍ୟର ସାମିଲ ହେଲା।

ଯେଉଁ ଚବିଶଟି ଦେଶୀୟ ରାଜ୍ୟ ଓଡ଼ିଶାରେ ମିଶିଲେ ସେଗୁଡ଼ିକ ହେଲେ ମୟୂରଭଞ୍ଜ, ବାମଣ୍ଡା, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ପାଟ୍‌ନା, ବଣାଇ, ଗାଙ୍ଗପୁର, କେନ୍ଦୁଝର, ନୀଳଗିରି, ଆଠଗଡ଼, ବଡମ୍ବା, ଦଶପଲ୍ଲା, ହିନ୍ଦୋଳ, ଖଣ୍ଡପଡ଼ା, ନରସିଂହପୁର, ରଣପୁର, ତିଗିରିଆ, ପାଲଲହଡା, ତାଳଚେର, ଆଠମଲ୍ଲିକ, ବଉଦ, ରେଢାଖୋଲ ଓ ସୋନପୁର।

ଡଃ ମହତାବଙ୍କ ରାଜତ୍ୱ କାଳରେ ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାରେ ଆଉ ସାତୋଟି ନୂତନ ଜିଲ୍ଲା ସୃଷ୍ଟି ହେଲା। ଏହି ଜିଲ୍ଲାଗୁଡ଼ିକ ହେଲା- ବଲାଙ୍ଗୀର, ଫୁଲବାଣୀ, ଢେଙ୍କାନାଳ, କଳାହାଣ୍ଡି, କେଉଁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼।

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ମହତାବବାବୁ ତାଙ୍କର ପ୍ରଥମଥରର ରାଜତ୍ୱ ସମୟରେ ଓଡ଼ିଶାର ସୀମା-ସରହଦ ସ୍ଥିର କରିବାରେ ଅଧିକ ମନୋନିବେଶ କରିଥିଲେ। ଗଡ଼ଜାତ ମିଶ୍ରଣ ସଂପର୍କରେ ସର୍ଦ୍ଦାର ପଟେଲ କୁହନ୍ତି- All said and done, if any leader of Orissa, could claim any cerdit for the merger of feudatory status with the Orissa Province it was Mahatab who tenaciously worked to bring about the merger and ultimately succeded in giving Orissa its present shape.

Digitized by srujanika@gmail.com

# (୩)

ଶାମ, ଦାନ, ଦଣ୍ଡ ଓ ଭେଦ ହେଉଛି ଚତୁର୍ବିଧ ରାଜନୀତି ପ୍ରକ୍ରିୟା । ଡଃ ହରେକୃଷ୍ଣ ମହତାବ ତାଙ୍କ ରାଜତ୍ୱ କାଳରେ ଏହି ନୀତିକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ତାଙ୍କର ପ୍ରଥମ ରାଜତ୍ୱ କାଳ (୧୯୪୬ ଏପ୍ରିଲ ୨୩ ତାରିଖରୁ ୧୯୫୦ ମଇ ମାସ ୧୨ ତାରିଖ)ରେ ଗଡ଼ଜାତ ମିଶ୍ରଣ ବେଳେ ମହତାବବାବୁ ଗଡ଼ଜାତ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ନଅଟି ନୂଆ ଜିଲ୍ଲା ଗଠନ କରିଦେଲେ । ଏହି ଜିଲ୍ଲାଗୁଡ଼ିକ ହେଲା- ଢେଙ୍କାନାଳ, ସୁନ୍ଦରଗଡ଼, କେଉଁଝର, ବଲାଙ୍ଗୀର, ପାଟ୍‌ନା, ନୟାଗଡ଼, ନରସିଂହପୁର, ବାମଣ୍ଡା, ନୀଳଗିରି ଓ ବଉଦ । ମାତ୍ର ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ନରସିଂହପୁର, ନୟାଗଡ଼, ବାମଣ୍ଡା ଓ ନୀଳଗିରିକୁ ପରେ ସବ୍‌ଡ଼ିଭିଜନ ରୂପେ ଘୋଷଣା କରାଗଲା । ନରସିଂହପୁର ଆଠଗଡ଼ ସବ୍‌ଡ଼ିଭିଜନ ଅଧୀନରେ ରହିଲା । ପରେ ବଲାଙ୍ଗୀର ପାଟନା ଅଧୀନରୁ କଳାହାଣ୍ଡିକୁ ଆଣି ସ୍ୱତନ୍ତ୍ର ଜିଲ୍ଲାର ମର୍ଯ୍ୟାଦା ଦିଆଗଲା । ଏହି ପ୍ରକ୍ରିୟା ଫଳରେ ଅର୍ଥାତ୍ ଜିଲ୍ଲାକୁ ସବ୍‌ଡ଼ିଭିଜନ ଓ ସବ୍‌ଡ଼ିଭିଜନକୁ ଜିଲ୍ଲା କରିବା ଯୋଗୁଁ ମହତାବଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି ହୋଇଥିଲା । ଶେଷରେ ୧୯୫୦ ମେ' ୧୨ ତାରିଖରେ ମହତାବ ବାବୁ ନବକୃଷ୍ଣ ଚୌଧୁରୀଙ୍କୁ ଗାଦିରେ ବସାଇ ନିଜେ ଶାସନ କ୍ଷେତ୍ରରୁ ଅପସରି ଯାଇଥିଲେ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦେଇଥିଲେ ।

ଆମେ ଏଠି କହିରଖୁ ଯେ, ଓଡ଼ିଶା ବିଧାନସଭାର ପ୍ରଥମ ଐତିହାସିକ ଅଧିବେଶନ ଆରମ୍ଭ ହୋଇଥିଲା ୧୯୩୭ ସାଲ ଜୁଲାଇ ୨୮ ତାରିଖରେ । ସ୍ଥାନ ଥିଲା ରେଭେନ୍ସା କଲେଜର ହଲ । ୧୯୫୨ ସାଲ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ରେଭେନ୍ସା କଲେଜର ହଲ ହିଁ ବିଧାନସଭାର କାର୍ଯ୍ୟ ତୁଲାଉଥିଲା । ୧୯୫୨ ମାର୍ଚ୍ଚ ୪ ତାରିଖରେ ବିଧାନସଭା ଭୁବନେଶ୍ୱର ଠାରେ ସର୍ଦ୍ଦାର ପଟେଲ୍ ହଲ୍‌ରେ ଅନୁଷ୍ଠିତ ହେଲା । ବର୍ତ୍ତମାନର ବିଧାନସଭା ୧୯୬୧ ସାଲ ଫେବୃୟାରୀ ୧୨ ତାରିଖରେ ଭାରତର ତତ୍କାଳୀନ ଉପରାଷ୍ଟ୍ରପତି ଡଃ ସର୍ବପଲ୍ଲି ରାଧାକୃଷ୍ଣନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଜୁ ପଟ୍ଟନାୟକ ପ୍ରଥମ ମୁଖ୍ୟମନ୍ତ୍ରୀ ରୂପେ ୧୯୬୧ ଜୁନ ୨୩ ତାରିଖରେ ଏହି ଭବନରେ ପ୍ରବେଶ କରିଥିଲେ । ଏହି ବିଧାନସଭା ଭବନ ପାଇଁ ମୋଟ ୨୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା । ସେତେବେଳେ ଏହାର ମୋଟ ଆୟତନ ୪୭ ହଜାର ବର୍ଗଫୁଟ । କଂଗ୍ରେସ-ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ୧୯୫୯ ମେ ୨୨ ତାରିଖରେ ଗଢ଼ା ହୋଇ ୧୯୬୧ ଫେବୃୟାରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ମାତ୍ର ଡଃ ମହତାବ ଓ ବିଜୁ ପଟ୍ଟନାୟକଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁଁ ଏହି ମନ୍ତ୍ରିମଣ୍ଡଳର ପତନ ଘଟିଥିଲା ।

Digitized by srujanika@gmail.com

ସେହି ବର୍ଷ ଫେବୃୟାରୀ ୨୫ ତାରିଖରୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରିହେଲା।

ସ୍ୱାଧୀନତା ପରେ ଏହା ଦ୍ୱିତୀୟ ବିଧାନସଭା। ଦ୍ୱିତୀୟ ବିଧାନସଭାରେ ବାଚସ୍ପତି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଓ ଉପବାଚସ୍ପତି ଥିଲେ ଯଦୁମଣି ମଙ୍ଗରାଜ। ଏହି ବିଧାନସଭାର ବାଚସ୍ପତି ରୂପେ ପଣ୍ଡିତ ଦାସଙ୍କର ବାଚସ୍ପତି ଭୂମିକା ଉପରେ ଏକ ବିଶ୍ଳେଷଣକୁ ଭାରତ ସରକାର ଗ୍ରହଣ କରି ସମଗ୍ର ଦେଶର ବିଧାନସଭାଗୁଡ଼ିକ ପାଇଁ ଲାଗୁ କରିଥିଲେ। ପଣ୍ଡିତ ଦାସ ଦର୍ଶାଇଥିଲେ ଯେ, ବିଧାନସଭା ଭାଙ୍ଗିଗଲା ପରେ ବାଚସ୍ପତି ପଦ ଲୋପ ପାଇଯିବ ନାହିଁ। ସମ୍ବିଧାନର ୧୭୯ ଧାରା 'ଗ' ଉପଧାରାର ବ୍ୟବସ୍ଥା ଅନୁସାରେ ପରବର୍ତ୍ତୀ ବିଧାନସଭାର ପ୍ରଥମ ଅଧିବେଶନର ଅବ୍ୟବହିତ ପୂର୍ବ ପର୍ଯ୍ୟନ୍ତ ବାଚସ୍ପତି ତାଙ୍କ ପଦରେ ବାହାଲ ରହିବେ। ଭାରତ ସରକାର ଏହି ବିଶ୍ଳେଷଣକୁ ଗ୍ରହଣ କରିଥିଲେ ଓ ସମସ୍ତ ବିଧାନସଭା ପ୍ରତି ଏହା ଲାଗୁ କରିଥିଲେ।

ଆମେ ପୂର୍ବ ନିବନ୍ଧରେ ମହତାବ ବାବୁଙ୍କର ଦୁଇଥରର କାର୍ଯ୍ୟକ୍ରମ ସଂପର୍କରେ ଉଲ୍ଲେଖ କରିଥିଲୁ। ୧୯୬୧ରେ ମିଳିତ ମନ୍ତ୍ରିମଣ୍ଡଳକୁ ବିଜୁବାବୁ ବସ୍ତୁତଃ ଭାଙ୍ଗି ଦେଇଥିଲେ ଏବଂ କଂଗ୍ରେସର ନେତୃତ୍ୱରୁ ମହତାବଙ୍କୁ ଅପସାରି ଦେଇ ନିଜେ ଗ୍ରହଣ କରିଥିଲେ। ୧୯୬୧ରେ ଜୁନ୍ ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେଲା। ଏହି ନିର୍ବାଚନରେ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ କଂଗ୍ରେସ ଏକ ନିଷ୍ପତ୍ତିମୂଳକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ବିଧାନସଭାର ୧୪୦ଟି ସ୍ଥାନ ମଧ୍ୟରୁ କଂଗ୍ରେସ ୮୨ଟି ସ୍ଥାନ ଅଧିକାର କରିଥିବା ବେଳେ ଗଣତନ୍ତ୍ର ପରିଷଦ ୩୭ଟି ସ୍ଥାନ ହାସଲ କରିଥିଲା। ସ୍ୱାଧୀନତା ପରେ ପଞ୍ଚମ ବିଧାନସଭା (୧୯୭୧) ପର୍ଯ୍ୟନ୍ତ ପ୍ରଜା ସୋସାଲିଷ୍ଟ ପାର୍ଟି ଏକ ପ୍ରମୁଖ ରାଜନୀତିକ ଦଳ ଥିଲା। ବିଧାନସଭାକୁ ଏହି ଦଳର ୧୦ ଜଣରୁ ୧୧ ଜଣ ସଦସ୍ୟ ନିୟମିତ ନିର୍ବାଚିତ ହେଉଥିଲେ। ୧୯୬୭ରେ ଏହି ଦଳର ସର୍ବାଧିକ ୨୧ ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ସେମାନଙ୍କ ସଂଖ୍ୟା ତୁଳନାରେ ସେମାନଙ୍କର ଗୁରୁତ୍ୱ ଯଥେଷ୍ଟ ବେଶୀ ଥିଲା। ସରକାର ଅଧିକାଂଶ ସମୟରେ ପି.ଏସ.ପି. ଦଳର ସଦସ୍ୟଙ୍କୁ ଭୟ କରୁଥିଲେ। କାରଣ ବିଧାନଗତ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ରାଜ୍ୟର ସମସ୍ୟା ଯଥାର୍ଥ ଭାବେ ଉପସ୍ଥାପନ କରିବାରେ ଏମାନେ ଅନ୍ୟ ଦଳର ସଦସ୍ୟଙ୍କ ଅପେକ୍ଷା ଅଧିକ ପାରଙ୍ଗମ ଥିଲେ। ଏହି ଦଳର ଅଧିକାଂଶ ସଦସ୍ୟ କଟକ ଓ ବାଲେଶ୍ୱର ଜିଲ୍ଲାରୁ ନିର୍ବାଚିତ ହେଉଥିଲେ।

ଓଡ଼ିଶା ବିଧାନସଭା ଅଧିବେଶନ ସଂପର୍କରେ ପର୍ଯ୍ୟାଲୋଚନା କରିବାକୁ ଗଲାବେଳେ ବହୁ କୌତୂହଳ ଉଦ୍ଦୀପକ ତଥ୍ୟ ମିଳିଥିଲା। ଯାହା ସଚରାଚର

Digitized by srujanika@gmail.com

ଆଲୋଚନା ହୋଇନଥାଏ । ଯେପରି ୧୯୩୭ ସାଲରେ ବିଧାନସଭାରେ ସଭ୍ୟ ସଂଖ୍ୟା ୬୦ ଥିବାବେଳେ ୧୯୪୯ରେ ଏହା ୯୧କୁ ବୃଦ୍ଧି ପାଇଥିଲା । ୧୯୫୨ ନିର୍ବାଚନରେ ଏହା ୧୪୦କୁ ବୃଦ୍ଧି ପାଇବା ବେଳେ ୧୯୭୪ରେ ଏହା ୧୪୭ଟି ସ୍ଥାନକୁ ବୃଦ୍ଧି ପାଇଥିଲା ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ପ୍ରଥମ ଓ ଦ୍ୱିତୀୟ ବିଧାନସଭାରେ ଗାଦି ରକ୍ଷା କରିବା ପାଇଁ କଂଗ୍ରେସ ଦଳ ପକ୍ଷରୁ ଯେଉଁ ଉଦ୍ୟମ ହୋଇଥିଲା ସେଥିରେ ଦଳତ୍ୟାଗ ଏକ ନିୟମିତ ଘଟଣା ହୋଇପଡ଼ିଥିଲା । ଏହି ସମୟରେ ବିରୋଧୀ ଦଳରେ ଗଣତନ୍ତ୍ର ପରିଷଦର ଆବିର୍ଭାବ ଶାସକ କଂଗ୍ରେସ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା । ପ୍ରଥମ ବିଧାନସଭାରେ ଗଣତନ୍ତ୍ର ପରିଷଦର ଶ୍ରୀ ଶ୍ରଦ୍ଧାକର ସୂପକାର ବିରୋଧୀଦଳ ନେତା ରୂପେ କାର୍ଯ୍ୟ କରିଥିଲେ । ତେବେ ଏହି ଦଳର ମୁଖ୍ୟ ନେତା ରୂପେ ବଲାଙ୍ଗୀରର ପୂର୍ବତନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଶେଷ ପର୍ଯ୍ୟନ୍ତ ରହିଥିଲେ । ପ୍ରଥମ ବିଧାନସଭାର ବାଚସ୍ପତି ରୂପେ ଶ୍ରୀ ନନ୍ଦ କିଶୋର ଦାସ ଏବଂ ଉପବାଚସ୍ପତି ରୂପେ ମୌଲବି ମହମ୍ମଦ ହନିଫ ନିର୍ବାଚିତ ହୋଇଥିଲେ ।

ଦ୍ୱିତୀୟ ବିଧାନସଭା (୧୯୫୭-୧୯୬୧)ରେ ଶ୍ରୀ ସିଂହଦେଓ ଗଣତନ୍ତ୍ର ପରିଷଦର ନେତୃତ୍ୱ ନେଇ ବିରୋଧୀଦଳ ନେତା ରୂପେ କାର୍ଯ୍ୟ କରିଥିଲେ । କଂଗ୍ରେସ ଦଳ ମହତାବଙ୍କ ନେତୃତ୍ୱରେ ସରକାର ଗଢ଼ିଥିଲେ ମଧ୍ୟ ଏହା ଏକ ସଂଖ୍ୟାଲଘୁ ସରକାର ଥିଲା । ଫଳରେ ସରକାର ରଖିବା ପାଇଁ ଯାବତୀୟ କୁକର୍ମ କରିବାକୁ କେହି ପଛାଇ ନଥିଲେ । ଓଡ଼ିଶା ରାଜନୀତିରେ ଏହି ସମୟକୁ ସବୁଠାରୁ ଅନ୍ଧକାରମୟ କାଳ ବୋଲି କୁହାଯାଇଥାଏ । ଏମ.ଏଲ.ଏ. କିଣାବିକାର ଘୋଡ଼ାବେପାର ଏହି ସମୟରେ ଚରମ ସୀମାରେ ପହଞ୍ଚିଥିଲା । ଏହାକୁ ଓଡ଼ିଶା ରାଜନୀତିର ଚରମ ଦୁର୍ନୀତିଗ୍ରସ୍ତ ସମୟ ବୋଲି ମଧ୍ୟ କୁହାଯାଇଥାଏ । ଏହି କାରବାରରେ ଗୋଟିଏ ଦିଗରେ ଡଃ ହରେକୃଷ୍ଣ ମହତାବ ଓ ତାଙ୍କର ଦୁଇ ମୁଖ୍ୟ ସମର୍ଥକ ବିଜୁ ପଟ୍ଟନାୟକ ଓ ବୀରେନ ମିତ୍ର ଅନ୍ୟ ଦିଗରେ କଳାହାଣ୍ଡିର ପୂର୍ବତନ ମହାରାଜା ପ୍ରତାପ କେଶରୀ ଦେଓ ଓ ତାଙ୍କର ସାଙ୍ଗମାନେ ମୁଖାମୁଖି ହୋଇ ଚରମ ଉତ୍ତେଜନାର ପରିବେଶ ସୃଷ୍ଟି କରିଥାନ୍ତି । ରାଜନୀତିରେ ଏଭଳି ପରିବେଶ ଆଗରୁ ବା ପରେ ସମ୍ଭବତଃ ଆସିନି । ଗୋଟିଏ ଘଟଣାର ଉଲ୍ଲେଖ କଲେ ଏହାର ଗୁରୁତ୍ୱ ବୁଝିହେବ ।

୧୯୫୮ ସାଲ ଏପ୍ରିଲ ୨୬ ତାରିଖରେ ମହତାବ ମନ୍ତ୍ରିମଣ୍ଡଳର ଉପମନ୍ତ୍ରୀ ଅନୁପ ସିଂହଦେଓ କଂଗ୍ରେସକୁ ବ୍ଲାକ୍ ମାର୍କେଟିୟରମାନଙ୍କ ଦଳ ବୋଲି ଅଭିହିତ କରି ଇସ୍ତଫା ଦେବା କଥା ଘୋଷଣା କରିଥିଲେ । ବିଜୁ ପଟ୍ଟନାୟକ ସେତେବେଳେ

Digitized by srujanika@gmail.com

ମହତାବଙ୍କ ଡାହାଣ ହାତ। ଜଣେ ବେପରୁଆ ମଣିଷ ରୂପେ ବିଜୁବାବୁ ଖ୍ୟାତି ବା ଅଖ୍ୟାତି ଲାଭ କରିଥାନ୍ତି। ୨୬ ତାରିଖ ସନ୍ଧ୍ୟାରେ ବିଜୁବାବୁ ଅନୁପ ସିଂହଦେଓଙ୍କୁ ଖୋଜି ଖୋଜି ଗାଙ୍ଗପୁର ରାଜା ଉଦିତ ପ୍ରତାପ ଶେଖର ଦେଓଙ୍କ ବାସଭବନରେ ପହଞ୍ଚିଲେ। ବିଜୁ ପଟ୍ଟନାୟକ ତାଙ୍କ ଷ୍ଟେସନ ୱାଗନକୁ ଫାଟକ ପାଖରେ ରଖି ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଘର ଆଡ଼କୁ ମାଡ଼ି ଆସିଲେ। ସେତେବେଳେ ସେଠି ଗାଙ୍ଗପୁର ରାଜାଙ୍କ ସମେତ ଗଣତନ୍ତ୍ର ପରିଷଦର ସଭାପତି ରାମପ୍ରସାଦ ମିଶ୍ର, ଗୁରୁଚରଣ ନାୟକ ଓ ପାଞ୍ଚ ଛ'ଜଣ ଏମ.ଏଲ.ଏ. ବସି ମଦ ପିଉଥିଲେ। ଅନୁପ ସିଂହଦେଓ ସେମାନଙ୍କ ଗହଣରେ ମଧ୍ୟ ରହିଥିଲେ। ବିଜୁବାବୁ ଘରଆଡ଼କୁ ମାଡ଼ିଆସିବା ଦେଖି ଅନୁପ ସିଂହଦେଓଙ୍କୁ ବୈଠକଖାନାକୁ ଲାଗିଥିବା ଏକ କୋଠରୀରେ ରଖି ବାହାରୁ କବାଟ ଦେଇ ଦିଆଗଲା। ବିଜୁବାବୁ ବୈଠକଖାନାରେ ପଶିଯାଇ ଚିତ୍କାର କରି ହିନ୍ଦୀରେ ପଚାରିଲେ "ଅନୁପ କାହାଁ ହେଁ" (ବିଜୁବାବୁ ରାଗିଗଲେ ଇଂରାଜୀ ବା ହିନ୍ଦୀରେ ଗାଳି ଦିଅନ୍ତିନି), ରାମ ପ୍ରସାଦ ମିଶ୍ର ଜବାବ ଦେଲେ "ହମ୍‌ଲୋଗୋଁ କୋ ମାଲୁମ ନେହିଁ।" ବିଜୁବାବୁ ସେହିଭଳି ସ୍ୱରରେ କହିଲେ, "ଉସ୍‌କୋ ନିକାଲ୍ ଦୋ- ହମ୍‌କୋ ମାଲୁମ ହେଁ ଓ ଇହାଁ ହେଁ।" ବୈଠକଖାନାରେ ଉପସ୍ଥିତ ସମସ୍ତେ ଚୁପ୍ କରି ରହିଲେ। କେହି ଁ ଚୁଁ ହେଲେନାହିଁ। ବିଜୁବାବୁ ସିଂହ ଭଳି ଗର୍ଜୁଥାନ୍ତି। ଏହି ସମୟରେ ସମସ୍ତଙ୍କୁ ଚକିତ କରି କୋଠରୀ ଭିତରେ ଥିବା ଉପମନ୍ତ୍ରୀ ଅନୁପ ସିଂହଦେଓ ଉଚ୍ଚସ୍ୱରରେ କହିଲେ "କୌନ ଆୟା ହେ? ଖୁଲୋ ଦରୱାଜା ମେଁ ଦେଖ୍ ଲୁଙ୍ଗାଁ।" ଉପସ୍ଥିତ ସମସ୍ତଙ୍କ ମୁହଁ ତଳକୁ ହୋଇଗଲା। ଦରଜା ଖୋଲା ହେଲା, ଭିତରୁ ଟଳି ଟଳି ଅନୁପ ସିଂହଦେଓ ବାହାରି ଆସି ବିଜୁବାବୁଙ୍କ ଆଡ଼କୁ ମାଡ଼ିଗଲେ। ବିଜୁବାବୁ ଖପ୍ କରି ଅନୁପ ସିଂହଦେଓଙ୍କ ହାତକୁ ଧରି କହିଲେ, "ତୁମ ୟାହାଁ ଛୁପା ହୁଆ ହେ?" ଅନୁପ ସିଂହଦେଓ ଏଭଳି ଟଳୁଥିଲେ ଯେ ବିଜୁବାବୁଙ୍କ ଝଟକା ସମ୍ଭାଳି ନ ପାରି ସୋଫାରେ ବସି ପଡ଼ିବାକୁ ଯାଇ ତଳେ ଗଡ଼ିପଡ଼ିଲେ। ସେଠି ଉପସ୍ଥିତ ଅନୁପ ସିଂହଦେଓଙ୍କର ଜଣେ ଭୃତ୍ୟ ଏ ଘଟଣାକୁ ଠିକ୍‌ଭାବେ ପ୍ରତ୍ୟକ୍ଷ ନ କରି ବିଜୁବାବୁ ତାଙ୍କ ରାଜାଙ୍କୁ ମାରି ତଳେ ଗଡ଼ାଇଦେଲେ ଭାବି ଉହୁଙ୍କି ଯାଇ ବିଜୁବାବୁଙ୍କୁ ଏକ ଶକ୍ତ ମୁଥ ମାରିଲା। ପରେ ପରେ ସେଠା ଉପସ୍ଥିତ ଏମ.ଏଲ.ଏ. ଓ ବିଜୁବାବୁଙ୍କ ମଧ୍ୟରେ ମାଡ଼ପିଟ ଲାଗିଗଲା। ଖାଲି ମଦ ବୋତଲଗୁଡ଼ିକ ମଧ୍ୟ ଏହି ଗୋଳମାଳରେ ବ୍ୟବହୃତ ହୋଇଥିଲା।

ଏଣେ ବାହାରେ ଗାଡ଼ି ଭିତରେ ପଦ୍ମପୁର ଏମ.ଏଲ.ଏ. ବୀର ବିକ୍ରମାଦିତ୍ୟ ସିଂହ ବରିହା ବସି ବିଜୁବାବୁଙ୍କୁ ଅପେକ୍ଷା କରିଥିଲେ। ଘଟଣା ବେଗତିକ ଦେଖି ସେ ଚମ୍ପଟ ମାରିଲେ। ସମ୍ମିଳିତ ଆକ୍ରମଣରେ ବିଜୁବାବୁ ତଳେ ବସି ପଡ଼ିଲେ।

Digitized by srujanika@gmail.com

ଦେହ ରକ୍ଷାକ୍ତ। କିଛି ସମୟ ପରେ ଉଠି ପାଣି ପିଇବାକୁ ମାଗିଲେ। ଗାଙ୍ଗପୁର ରାଜା ପାଣି ବଦଳରେ ବଡ଼ ପେଗ୍ ହୁଇସ୍କି ଧରାଇଦେଲେ। ଏକା ନିଃଶ୍ୱାସରେ ତାକୁ ଗଳାଧଃକରଣ କରି ବିଜୁ ଗାଡ଼ିକୁ ଫେରିଆସିଲେ।

ମହତାବଙ୍କ ମନ୍ତ୍ରିମଣ୍ଡଳ ରକ୍ଷା କରିବା ପାଇଁ ବିଜୁବାବୁ ଯେଉଁ ବିପଦ ବରଣ କରିଥିଲେ, ମହତାବ କିନ୍ତୁ ତାର କୌଣସି ପ୍ରତିଦାନ ଦେଇନଥିଲେ। ଏପରିକି ବିଜୁବାବୁ ୧୯୫୭ରେ ଏବଂ ୧୯୫୯ରେ ମନ୍ତ୍ରିମଣ୍ଡଳରେ ଯୋଗଦେବା ପାଇଁ ବହୁ ଉଦ୍ୟମ କଲେ ମଧ୍ୟ ମହତାବ ତାକୁ ସଫଳ କରିବାରେ ବାଧା ଦେଇଥିଲେ।

●

Digitized by srujanika@gmail.com

# (୪)

ଓଡ଼ିଶା ରାଜନୀତିକ ଇତିହାସରେ ୧୯୬୧ର ଓଡ଼ିଶା ବିଧାନସଭାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଏକ ଅନନ୍ୟସାଧାରଣ ଘଟଣା। ପ୍ରଥମ ଥର ପାଇଁ କଂଗ୍ରେସ ଦଳ ଏକ ନିଷ୍କରିମୂଳକ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କଲେ। ଏହି କୃତିତ୍ୱର ଏକମାତ୍ର ଅଧିକାରୀ ଶ୍ରୀ ବିଜୁ ପଟ୍ଟନାୟକ। ସ୍ୱାଧୀନତା ପୂର୍ବରୁ ଓ ପରେ ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାର କ୍ଷମତା ରାଜନୀତିକୁ ଆଚ୍ଛନ୍ନ କରି ରଖିଥିବା ଡଃ ହରେକୃଷ୍ଣ ମହତାବଙ୍କୁ ତାଙ୍କରି ଦ୍ୱାରା ସୃଷ୍ଟ ଜଣେ ଯୁବକ ଫିଙ୍ଗିଦେଲା ଅନ୍ଧକାର ଭିତରକୁ। କିନ୍ତୁ ଭିନ୍ନ ଛାଞ୍ଚରେ ଗଢ଼ା ରାଜନୀତିର ପ୍ରକୃତି ପୁରୁଷ ହରେକୃଷ୍ଣ ମହତାବ ସାମୟିକ ଭାବେ ନିଜର କାର୍ଯ୍ୟକ୍ଷେତ୍ର ଭୁବନେଶ୍ୱରରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରିଥିଲେ। ଲୋକସଭା ସଦସ୍ୟ ରୂପେ ସେ ନିର୍ବାଚିତ ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ମନୋନୀତ ପ୍ରାର୍ଥୀ ଶ୍ରୀ ସତ୍ୟନାରାୟଣ ସିହ୍ନାଙ୍କ ବିରୁଦ୍ଧରେ କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ଡେପୁଟି ଲିଡର ପଦ ପାଇଁ ପ୍ରତିଦ୍ୱନ୍ଦିତା କରିଥିଲେ। ମହତାବ ବାବୁଙ୍କ ଏହି ଭୂମିକା ସେତେବେଳେ କଂଗ୍ରେସ ଦଳରେ ବେଶ୍ ଶିହରଣ ସୃଷ୍ଟି କରିଥିଲା। ମହତାବ ବାବୁ କେନ୍ଦ୍ରସ୍ତରରେ ପଟେଲପନ୍ଥୀ ରୂପେ ଜଣାଶୁଣା ଥିଲେ। ଫଳରେ ନେହରୁଙ୍କ ସୁନଜରରେ ନଥିଲେ। ଓଡ଼ିଶା ରାଜନୀତିରେ ମହତାବଙ୍କ ପ୍ରଭାବ କ୍ଷୁଣ୍ଣ କରିବା ପାଇଁ ନେହରୁ ପ୍ରଥମେ ନବବାବୁ ଏବଂ ପରେ ବିଜୁବାବୁଙ୍କୁ ସମର୍ଥନ କରିଥିଲେ। କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ଡେପୁଟି ଲିଡର ନିର୍ବାଚନରେ ସମସ୍ତ ହିସାବକିତାବ ଓ ବିଚାର ବିବେଚନାକୁ ନସ୍ୟାତ୍ କରି ଦେଇ ଓଡ଼ିଶାର ଏହି ବରପୁତ୍ର ବିଜୟୀ ହେଲେ।

କହୁ କହୁ ଆମେ ମୂଳ ରାସ୍ତା ଛାଡ଼ି ଗଳି-ଉପଗଳିରେ ପ୍ରବେଶ କରିଯାଉଛୁ। କିନ୍ତୁ ଅନେକ ସମୟରେ ଶାଖା-ପ୍ରଶାଖା ଯେପରି ବୃକ୍ଷକୁ ଆକର୍ଷଣୀୟ କରେ ଓ ପଥିକକୁ ଅଧିକ ଛାୟା ଓ ଫୁଲଫଳ ପ୍ରଦାନ କରେ ଆମେ ମନେକରୁ କଥା ଭିତରେ ନଥାଉ ସେହି ଭୂମିକା।

ବିଜୁ ପଟ୍ଟନାୟକ ଏକ ନିର୍ଦ୍ଦିଷ୍ଟ ଭାବମୂର୍ତ୍ତିର ଅଧିକାରୀ ଥିଲେ। ମହତାବ ବାବୁ ବିଜୁବାବୁଙ୍କୁ ଓଡ଼ିଶା ରାଜନୀତିକୁ ଆଣିଥିଲେ ମଧ୍ୟ ତାଙ୍କୁ କୌଣସି ସମୟରେ ମନ୍ତ୍ରିତ୍ୱ ଦେଇନଥିଲେ। ୧୯୫୨ ମସିହାରୁ ବିଜୁବାବୁ ଓଡ଼ିଶାରେ ମନ୍ତ୍ରୀ ହେବା ପାଇଁ ଉଦ୍ୟମ କରିଆସିଥିଲେ। ମାତ୍ର ମହତାବ ସବୁ ସମୟରେ ବିଜୁବାବୁଙ୍କର ଏହି ଉଦ୍ୟମକୁ ବିଫଳ କରିଥିଲେ। ୧୯୫୨ ସାଲରେ ଫେବୃଆରୀ ୧୧

Digitized by srujanika@gmail.com

ତାରିଖରେ ବିଜୁବାବୁ ମହତାବଙ୍କୁ ଏକ ପତ୍ର ଲେଖି ଓଡ଼ିଶା ମନ୍ତ୍ରିମଣ୍ଡଳରେ ତାଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଯୁକ୍ତି ଦର୍ଶାଇଥିଲେ। ବିଜୁବାବୁ ଲେଖିଥିଲେ:-

"I had thought of joining the Government of Orissa and to take up the department of planning, industries, mines and electricity through the combination of which I could set a pattern for rapid industrial growth of Orissa."

୧୯୫୨ ସାଲରେ ନବବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ମଧ ଡଃ ମହତାବଙ୍କ ପରାମର୍ଶକ୍ରମେ ସମସ୍ତ କାର୍ଯ୍ୟ କରୁଥିଲେ। ବିଜୁବାବୁଙ୍କ ପତ୍ର ପାଇବା ପରେ ମହତାବ ପରେ ଆଲୋଚନା ପ୍ରସଙ୍ଗରେ କହିଥିଲେ, "I found Biju Patnaik and Biren Mitra trying their best to be included in the Council of Ministers. But since I had known much about them by then, I felt that inclusion of them in the Cabinet would not be congenial to the interest of the State. ମାତ୍ର ନବବାବୁ ମହତାବଙ୍କ ଯୁକ୍ତିକୁ ଗ୍ରହଣ ନ କରି ବିଜୁବାବୁଙ୍କୁ ମନ୍ତ୍ରିମଣ୍ଡଳରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଥିଲେ। ତେବେ ମନ୍ତ୍ରିମଣ୍ଡଳରେ ଯୋଗ ଦେବା ପାଇଁ ଅନେକ ଲୋକଙ୍କର ବ୍ୟାକୁଳତାକୁ ଲକ୍ଷ୍ୟ କରି ବିଜୁବାବୁ ମନ୍ତ୍ରୀ ହେବାକୁ ମନା କରିଥିଲେ।

ଘଟଣା ଏତିକିରେ ଶେଷ ହୋଇ ନଥିଲା। ୧୯୫୯ ମଇ ମାସ ୨୦ ତାରିଖରେ (କଂଗ୍ରେସ- ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଠନ ହେବାର ଦୁଇ ଦିନ ପୂର୍ବ଼ରୁ) ବିଜୁବାବୁ ବ୍ୟବସାୟ କାର୍ଯ୍ୟରେ ୟୁରୋପ ଗସ୍ତରେ ଗଲେ। ଯିବା ପୂର୍ବରୁ ମିଳିତ ମନ୍ତ୍ରିମଣ୍ଡଳରେ ତାଙ୍କୁ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟଙ୍କୁ ମନ୍ତ୍ରୀ ରୂପରେ ନହେଲେ ମଧ ପାର୍ଲାମେଣ୍ଟାରୀ ସେକ୍ରେଟାରୀ ରୂପେ ନେବା ପାଇଁ ଏକ ପ୍ରସ୍ତାବ ଦେଇଥିଲେ। ମାତ୍ର ମହତାବ ବାବୁ ଏ ପ୍ରସ୍ତାବକୁ ମଧ ବିରୋଧ କରିଥିଲେ। ମନ୍ତ୍ରିମଣ୍ଡଳରେ ଢୁକିବାର ଏହା ଏକ ବ୍ୟାକ୍‌ଡୋର ମେଥଡ୍ ବୋଲି କହି ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ।

ଓଡ଼ିଶା ରାଜନୀତିର ଏହି ପୃଷ୍ଠଭୂମିରେ ୧୯୬୧ ସାଲରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବିଜୁବାବୁ ତାଙ୍କର ସମସ୍ତ ଶକ୍ତି ଖଟାଇ ମହତାବଙ୍କୁ ଓଡ଼ିଶାରୁ ହଟାଇ ଦେଲେ। ଏହି ନିର୍ବାଚନରେ ବିଧାନସଭାର ୧୪୦ଟି ସ୍ଥାନ ମଧ୍ୟରୁ ୮୨ଟି ସ୍ଥାନରେ କଂଗ୍ରେସ, ୩୭ଟି ସ୍ଥାନରେ ଗଣତନ୍ତ୍ର ପରିଷଦ, ୧୦ଟି ସ୍ଥାନରେ ପି.ଏସ୍.ପି., ୪ଟି ସ୍ଥାନରେ ସି.ପି.ଆଇ. ଓ ୭ଟି ସ୍ଥାନରେ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ। କଂଗ୍ରେସର ଏହି ବିପୁଳ ବିଜୟର ସୂତ୍ରଧର ବିଜୁ ପଟ୍ଟନାୟକ କିନ୍ତୁ ଶେଷରକ୍ଷା କରିପାରି ନଥିଲେ।

Digitized by srujanika@gmail.com

ଏଥର ଆମ ମୂଳ ପ୍ରସଙ୍ଗକୁ ଯିବା। ୧୯୬୧ ଜୁନ୍ ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ନିର୍ବାଚନ ହୋଇଥିଲା। ଜୁନ୍ ୨୩ ତାରିଖରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଲେ। ସ୍ୱାଧୀନତା ପରେ ଓଡ଼ିଶାର ୩ୟ ବିଧାନସଭା ପାଞ୍ଚବର୍ଷ ବଦଳରେ ୬ ବର୍ଷ ଚାଲିଥିଲା। ଏଥିପାଇଁ ପାର୍ଲାମେଣ୍ଟରେ ଏହାର ଏକବର୍ଷ କାର୍ଯ୍ୟକାଳ ବୃଦ୍ଧି ପାଇଁ ସମ୍ବିଧାନ ସଂଶୋଧନ କରାଯାଇଥିଲା। ଏହି ୬ ବର୍ଷ ମଧ୍ୟରେ କଂଗ୍ରେସ ସରକାରରେ ୩ ଜଣ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଶ୍ରୀ ବିଜୁ ପଟ୍ଟନାୟକ ୧୯୬୩ ସାଲ ଅକ୍ଟୋବର ୨ ତାରିଖରେ କାମରାଜ ଯୋଜନାରେ ପଦତ୍ୟାଗ କରିବା ପରେ ବୀରେନ୍ ମିତ୍ର ୧୯୬୫ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ବୀରେନ୍ ମିତ୍ର ନିଜକୁ 'ଭରତ' ବୋଲି ଅଭିହିତ କରି ବିଜୁବାବୁଙ୍କ ପାଦୁକାକୁ ଧରି ଶାସନ କାର୍ଯ୍ୟ ଚଳାଉଛନ୍ତି ବୋଲି ବାରମ୍ବାର ମତ ଦେଇଥିଲେ। ବାସ୍ତବ କ୍ଷେତ୍ରରେ ତାହାହିଁ ହୋଇଥିଲା। ଓଡ଼ିଶା ପ୍ରଶାସନରେ ବିଜୁବାବୁଙ୍କ ପ୍ରଭାବ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ରହିଥିଲା। ଏହି ସମୟର ତୃତୀୟ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଶ୍ରୀ ସଦାଶିବ ତ୍ରିପାଠୀ। ଶ୍ରୀ ତ୍ରିପାଠୀ (୧୯୬୫ ଫେବୃଆରୀ ୨୧ ତାରିଖରୁ ୧୯୬୭ ମାର୍ଚ୍ଚ ପହିଲା)ଙ୍କ ଶାସନ କାଳରେ ବିଜୁବାବୁ ଶାସନ ଡୋରି ନିଜ ହାତକୁ ନେବାକୁ ବହୁ ଉଦ୍ୟମ କରି ମଧ୍ୟ ସଫଳ ହୋଇପାରିନଥିଲେ।

ଏବେ ଦେଖିବା ଆସନ୍ତୁ ଏହି ସମୟରେ ବିଧାନସଭା ଅଧିବେଶନର ସମୟ। ରେକର୍ଡ଼ ଅନୁସାରେ ୧୯୬୧ରୁ ୧୯୬୭ ମଧ୍ୟରେ ୩ୟ ବିଧାନ୍ସଭାର ମୋଟ ୧୧ଟି ଅଧିବେଶନ ଅର୍ଥାତ୍ ବର୍ଷରେ ଦୁଇଟି କରି ଅଧିବେଶନ ବସିଛି। ୧୯୬୧ରେ ଗୋଟିଏ ଏବଂ ୧୯୬୬ ପର୍ଯ୍ୟନ୍ତ ବର୍ଷକୁ ୨ଟି କରି ଅଧିବେଶନ ବସିଛି। ୧୯୬୭ ମାର୍ଚ୍ଚ ପହିଲାରେ ବିଧାନସଭା ଭଙ୍ଗ ହେବାରେ ଆଉ ଅଧିବେଶନ ବସିନାହିଁ। ଏହି ୧୧ଟି ଅଧିବେଶନ ସମୟରେ ମୋଟ ୩୩୫ ଦିନ ପାଇଁ ବିଧାନସଭା ବସିଥିଲା। ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ବିରୋଧୀଦଳ ନେତା ଥିବାବେଳେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ବାଚସ୍ପତି ଓ ଲୋକନାଥ ମିଶ୍ର ଉପବାଚସ୍ପତି କାର୍ଯ୍ୟ ତୁଲାଉଥିଲେ। ଏହି ସମୟରେ ବିଧାନସଭା ଅଧିବେଶନ ଅତ୍ୟନ୍ତ ବିବଦମାନ ପରିସ୍ଥିତିରେ ପହଞ୍ଚିଥିଲା। ବିଜୁ ପଟ୍ଟନାୟକ ଓ ବୀରେନ୍ ମିତ୍ରଙ୍କ ବିରୁଦ୍ଧରେ ବିରୋଧୀଦଳ ପକ୍ଷରୁ ଗୁରୁତର ଦୁର୍ନୀତି ଅଭିଯୋଗ ଆଗତ କରାଯାଇଥିଲା।

ପୂର୍ବ ନିବନ୍ଧରେ ଆମେ ଦର୍ଶାଇଥିଲୁ ଯେ ନବବାବୁଙ୍କ ରାଜତ୍ୱ ପରଠାରୁ ବିଧାନସଭା ଅଧିବେଶନର ସମୟକ୍ରମେ ହ୍ରାସ ପାଇଆସୁଥିଲା। ୧୯୬୧ରୁ ୧୯୬୭ ସାଲ ରାଜତ୍ୱ ସମୟରେ ନବବାବୁ ଓ ମହତାବ ବାବୁଙ୍କ ସମୟ ଅପେକ୍ଷା ଏହା ଆନୁପାତିକ ଭାବେ ଶତକଡ଼ା ୧୨.୦୭ ଭାଗ ସମୟ କମିଗଲା। କ'ଣ

Digitized by srujanika@gmail.com

ଏହାର କାରଣ ହୋଇପାରେ ? ରାଜନୀତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ ସରକାରରେ ଥିବା ବ୍ୟକ୍ତିମାନେ ନିଜ ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଓ ବିରୋଧୀଦଳର ସମାଲୋଚନା ପ୍ରତି ଭୟଭୀତ ହୋଇ ବିଧାନସଭାର ସମ୍ମୁଖୀନ ହେଉନଥିଲେ। ଏହା ଅବଶ୍ୟ ଗୋଟିଏ କାରଣ ହୋଇପାରେ। ମାତ୍ର ଅସଲ କାରଣଟି ହେଲା ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ରୂପେ ଯେଉଁମାନଙ୍କ ମୁଣ୍ଡରେ ଶିରପା ବାନ୍ଧୁଛନ୍ତି ସେମାନଙ୍କ ମଧ୍ୟରୁ ଅଳ୍ପ କେତେ ଜଣଙ୍କୁ ବାଦ୍ ଦେଲେ ଅଧିକାଂଶ କେବଳ ଅପାରଗ ନୁହନ୍ତି ସାଧାରଣ ବିଧି ବ୍ୟବସ୍ଥା ପ୍ରତି ଜଣେ ଜଣେ ଅନ୍ଧୀଭୂତ ମୁରାରୀ। ତେଣୁ ବିଧାନସଭାରେ ଅନେକ ସମୟରେ ଏମାନେ ସାଧାରଣ ସଦସ୍ୟମାନଙ୍କର ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇନପାରି ସରକାରର ଭାବମୂର୍ତ୍ତି କ୍ଷୁଣ୍ଣ କରିବାରେ ସାହାଯ୍ୟ କରିଥାଆନ୍ତି। ନିଜ ମନ୍ତ୍ରୀମାନଙ୍କର ଏ ଦୁର୍ବଳତା ମୁଖ୍ୟମନ୍ତ୍ରୀମାନେ ଯେ ଜାଣନ୍ତି ନାହିଁ ତା ନୁହେଁ। କିନ୍ତୁ ଏକ ନିର୍ବିବାଦ ସରକାର ଚଳାଇବା ପାଇଁ ଏଭଳି ଲୋକଙ୍କର ଆବଶ୍ୟକତା ଥାଏ। ସରକାର ଚଳାଇବାରେ ବା କୌଣସି ଅନୈତିକ କାର୍ଯ୍ୟ ମନ୍ତ୍ରୀମାନଙ୍କ ଜରିଆରେ କରାଇ ନେବାରେ ମୁଖ୍ୟମନ୍ତ୍ରୀଙ୍କର ଅସୁବିଧା ନହେଲେ ମଧ୍ୟ ବିଧାନସଭାକୁ ସମ୍ମୁଖୀନ ହେବା କଷ୍ଟକର ହୋଇପଡ଼େ। ଯାହାର ଫଳ ସ୍ୱରୂପ ବିଧାନସଭା ଅଧିବେଶନର ସମୟକୁ ସରକାର ଜାଣିଶୁଣି ସଙ୍କୁଚିତ କରିଦିଅନ୍ତି। ସବୁଠାରୁ ଯେଉଁଟି ବଡ଼ କାରଣ ତା ହେଲା ସରକାରରେ ଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଧୀରେ ଧୀରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ପଦାକୁ ଫୁଟି ଉଠେ। ବିଧାନସଭା ଏଭଳି ଏକ ସ୍ଥାନ ଯେଉଁଠି ଯେ କେହି ସଦସ୍ୟ ଯାହା କିଛି କହିପାରିବ। ତେଣୁ ସରକାର ଭୟ କରନ୍ତି ବିଧାନସଭାର ସମ୍ମୁଖୀନ ହେବାକୁ।

ବିଜୁବାବୁଙ୍କ ପ୍ରଥମ ଶାସନ କାଳ ମଧ୍ୟରେ ହିଁ ସବୁଠାରୁ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ୧୯୬୪ ସାଲ ଜୁଲାଇ ୨୮ ତାରିଖରେ ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ୬୩ ଜଣ ବିରୋଧୀଦଳ ସଦସ୍ୟ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପଠାଇଥିଲେ। ଏଥିରେ ବିଜୁ ପଟ୍ଟନାୟକ ଓ ବୀରେନ୍ ମିତ୍ରଙ୍କ ବିରୁଦ୍ଧରେ ଦୁର୍ନୀତି, ବ୍ୟକ୍ତିଗତ ଫାଇଦା ପାଇଁ ସରକାରୀ ଦଳର ଅପବ୍ୟବହାର ଅଭିଯୋଗ ହୋଇଥିଲା। ଏହି ସ୍ମାରକପତ୍ର ପାଇବା ପରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଗୁଲଜାରିଲାଲ ନନ୍ଦା ଏହାର ତଦନ୍ତ ପାଇଁ ସି.ବି.ଆଇ.କୁ ଦେଇଥିଲେ। ସି.ବି.ଆଇ. ସଂସ୍ଥା ପକ୍ଷରୁ ତଦନ୍ତ କରଯାଇ ପ୍ରାଥମିକ ରିପୋର୍ଟ ସେହିବର୍ଷ ନଭେମ୍ବର ମାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଦେଇଥିଲେ। ସି.ବି.ଆଇ. ସଂସ୍ଥା ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ

Digitized by srujanika@gmail.com

ଯେ- Among other things, that on the basic of the scrutiny of the records it is not possible to say that all the allegations are unfounded, unsubstanciated or untrue. There are quite a few and some of them are serious which require further enquiries to come to definite and clear conclusions.

ଭାରତ ବର୍ଷରେ ସମ୍ଭବତଃ ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ତାଙ୍କ ନିଜ ଦଳର ଦୁଇ ଜଣ କ୍ଷମତାସୀନ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଖୋଲାଖୋଲି ସି.ବି.ଆଇ. ତଦନ୍ତ ପାଇଁ ଆଦେଶ ଦେଇଥିଲେ ଓ ତଦନ୍ତ ପରେ ଉଭୟଙ୍କୁ କ୍ଷମତାରୁ ଅପସରି ଦେଇଥିଲେ।

୧୯୬୧ରୁ ୧୯୬୬ ପର୍ଯ୍ୟନ୍ତ (୧୯୬୭ ମାର୍ଚ୍ଚ ପହିଲାରେ ବିଧାନସଭା ଭଙ୍ଗ ହେଲା) ଓଡ଼ିଶା ବିଧାନସଭା ଅଧିବେଶନ ବସିଛି- ୧୯୬୧ରେ ୪୯ ଦିନ, ୧୯୬୨ରେ ୬୦ ଦିନ, ୧୯୬୩ରେ ୪୯ ଦିନ, ୧୯୬୪ରେ ୭୫ ଦିନ, ୧୯୬୫ରେ ୬୫ ଦିନ ଓ ୧୯୬୬ରେ ୪୧ ଦିନ।

କିନ୍ତୁ ଏହି ସମୟକୁ ଓଡ଼ିଶାର ବିକାଶ କ୍ଷେତ୍ରରେ ସୁବର୍ଣ୍ଣଯୁଗ ବୋଲି କୁହାଯାଏ। ପାରାଦୀପ ବନ୍ଦର ଠାରୁ ଆରମ୍ଭ କରି ତାଳଚେର ତାପଜ କେନ୍ଦ୍ର ସବୁ କିଛି ଏହି ସମୟରେ। ବିଜୁବାବୁଙ୍କୁ ୧୯୬୧ ଓଡ଼ିଶାର ମହାନାୟକ ରୂପେ ଯେପରି ବରଣ କରି ଆଣି "ବରପୁତ୍ର"ର ସମ୍ମାନ ଦେଇଥିଲା; ଠିକ୍ ସେହିଭଳି ତାଙ୍କୁ ଖଳନାୟକ ରୂପେ ସଜାଇ ଦେଇ ଦୀର୍ଘଦିନ ପାଇଁ ରାଜ୍ୟର କ୍ଷମତା ରାଜନୀତିରୁ ଅପସାରିତ କରି ଦେଇଥିଲା। ସମ୍ଭବତଃ ସର୍ବଶକ୍ତିମାନ 'ସମୟ' କହିବାକୁ ଚାହୁଁଥିଲା "ହେ ଭୂମିପୁତ୍ର, ଶୂନ୍ୟରେ କେବଳ ବେଲୁନ ନ ଫୁଙ୍କି ଭୂମିରେ ପାଦ ଦେଇ ବାସ୍ତବତାକୁ ପରଖ ଆଉ କାମ କର। ନଚେତ୍....."

●

Digitized by srujanika@gmail.com

## (୪)

୧୯୬୭ ଫେବୃଆରୀ ୨୧ ତାରିଖରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା । ୧୯୬୧ ସାଲ ନିର୍ବାଚନରେ ବିଜୁବାବୁଙ୍କ ନେତୃତ୍ୱରେ କଂଗ୍ରେସ ପ୍ରଥମ ଥର ପାଇଁ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ୧୯୬୭ ସାଲ ନିର୍ବାଚନରେ ଇନ୍ଦ୍ର ପତନ ଘଟିଲା । ବିଜୁ ପଟ୍ଟନାୟକ-ବୀରେନ୍ ମିତ୍ରଙ୍କ ବିରୁଦ୍ଧରେ ସମଗ୍ର ରାଜ୍ୟରେ ଏକ ଅଭୂତପୂର୍ବ ଜନଜାଗରଣ ଦେଖାଦେଲା । ୧୯୬୧ରେ ଯେତେବେଳେ କଂଗ୍ରେସ ୮୨ଟି ସ୍ଥାନରେ ଅଧିକାରୀ ହୋଇଥିଲା ୧୯୬୭ ନିର୍ବାଚନରେ ତାହା ଖସି ଆସି ୩୧ଟି ସ୍ଥାନରେ ପହଞ୍ଚିଲା । ଘଟଣା ସେଇଠି ଶେଷ ହେଲା ନାହିଁ। ନିଜେ ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟ ପରାସ୍ତ ହେଲେ । ଏହି ନିର୍ବାଚନ ପୁଣି ଓଡ଼ିଶାକୁ ଅସ୍ଥିରତା ଭିତରକୁ ଠେଲିଦେଲା । ପୁଣି ମିଳିତ ମନ୍ତ୍ରିମଣ୍ଡଳର ରାଜନୀତି ଆରମ୍ଭ ହେଲା ।

ଏଠାରେ ଆମେ ପାଠକମାନଙ୍କୁ ସ୍ମରଣ କରାଇ ଦେଉଅଛୁ ଯେ ୧୯୬୭ ନିର୍ବାଚନରେ ଦୁଇଟି ସମ୍ପୂର୍ଣ୍ଣ ନୂଆ ଦଳ ଓଡ଼ିଶାରେ ସୃଷ୍ଟି ହେଲା । ୧୯୬୨ ମାର୍ଚ୍ଚ ୩ ତାରିଖରେ ଗଣତନ୍ତ୍ର ପରିଷଦ ରାଜଗୋପାଳଚାରୀଙ୍କର ନିଖିଳ ଭାରତ ସ୍ୱତନ୍ତ୍ର ପାର୍ଟିରେ ମିଶିଗଲା ଏବଂ ଡଃ ମହତାବଙ୍କ ସମର୍ଥକମାନେ କଂଗ୍ରେସରୁ ବାହାରି ଆସି 'ଜନ କଂଗ୍ରେସ' ନାମରେ ଏକ ନୂଆ ଦଳ ୧୯୬୬ ସାଲ ଶେଷ ଭାଗରେ ଗଠନ କଲେ । ଶ୍ରୀ ପବିତ୍ରମୋହନ ପ୍ରଧାନ ଜନକଂଗ୍ରେସ ଦଳର ସଭାପତି ହେଲେ ।

ଏହି ନିର୍ବାଚନରେ ବିଜୁବାବୁଙ୍କୁ ବଡ଼ ହୀନାବସ୍ଥା ହେବାକୁ ପଡ଼ିଥିଲା । ଗୋଟିଏ ପଟେ ମହତାବ- ସିଂହଦେଓ- ନବକୃଷ୍ଣ ଚୌଧୁରୀ ଅନ୍ୟ ପଟେ ଏକାକୀ ବିଜୁ ପଟ୍ଟନାୟକ । ଫଳରେ ନିର୍ବାଚନ ଯାହା ହେବା କଥା ! ଏଥର କେଉଁ ଦଳ କେତୋଟି ସ୍ଥାନ ଦଖଲ କରିଥିଲେ ତାହା ନିମ୍ନରେ ଦେଲୁ । କଂଗ୍ରେସ-୩୧, ସ୍ୱତନ୍ତ୍ର- ୪୯, ଜନକଂଗ୍ରେସ-୨୬, ପି.ଏସ୍.ପି.- ୨୧, କମ୍ୟୁନିଷ୍ଟ-୭, ସି.ପି.ଏମ୍.-୧, ଏସ୍.ଏସ୍.ପି-୨ ଓ ସ୍ୱାଧୀନ-୩ ଜଣ ।

ସ୍ୱତନ୍ତ୍ର ଓ ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ଗଠନ କଲେ । ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ଏବଂ ଶ୍ରୀ ପବିତ୍ର ମୋହନ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲେ । ଶ୍ରୀ ସଦାଶିବ ତ୍ରିପାଠୀଙ୍କୁ ବିରୋଧୀଦଳ ନେତା ରୂପେ ଘୋଷଣା କରାଯାଇଥିଲା ।

Digitized by srujanika@gmail.com

ଚତୁର୍ଥ ବିଧାନସଭାର (୧୯୬୭ ଫେବୃଆରୀ ୨୧ରୁ ୧୯୭୧ ଜାନୁଆରୀ ୨୩ ତାରିଖ) ମୋଟ ୧୦ଟି ଅଧିବେଶନ ବସିଥିଲା। ସମୁଦାୟ ୧୯୭ ଦିନ ବିଧାନସଭା କାର୍ଯ୍ୟ କରିଥିଲା। ଏଥିମଧ୍ୟରୁ ୧୯୬୭ ସାଲରେ ୫୩ ଦିନ, ୧୯୬୮ରେ ୫୨ ଦିନ, ୧୯୬୯ରେ ୪୩ ଦିନ ଏବଂ ୧୯୭୦ ସାଲରେ ୪୯ ଦିନ ବିଧାନସଭା ଅଧିବେଶନ ହୋଇଥିଲା। ଏହି ବିଧାନସଭାରେ ସ୍ୱତନ୍ତ୍ର ଦଳର ଶ୍ରୀ ନନ୍ଦକିଶୋର ମିଶ୍ର ବାଚସ୍ପତି ଏବଂ ଶ୍ରୀ ହରିହର ବାହିନୀପତି ଉପବାଚସ୍ପତି ରୂପେ କାର୍ଯ୍ୟ କରିଥିଲେ।

ଭାରତୀୟ ରାଜନୀତି ଏବଂ ଓଡ଼ିଶା ରାଜନୀତିରେ ୧୯୬୭ରୁ ୭୦ ପର୍ଯ୍ୟନ୍ତ ସମୟକୁ ଗୁରୁତ୍ୱପୂର୍ଣ୍ଣ କାଳ କୁହାଯାଏ। ଏହି ସମୟରେ କଂଗ୍ରେସ ଜାତୀୟ ସ୍ତରରେ ଦୁଇ ଭାଗରେ ବିଭକ୍ତ ହୋଇଗଲା। ରାଷ୍ଟ୍ରପତି ନିର୍ବାଚନକୁ କେନ୍ଦ୍ର କରି ଏହି ବିଭକ୍ତିକରଣ ସୃଷ୍ଟି ହେଲା, ସେତେବେଳେ କଂଗ୍ରେସରେ ସିଣ୍ଡିକେଟ୍ (ନିଜଲିଙ୍ଗପ୍ପା, ଅତୁଲ୍ୟ ଘୋଷ, ପାଟିଲ, ମୋରାରଜୀ ଦେଶାଇ ପ୍ରମୁଖ) ଗୋଷ୍ଠୀ ଟାଣୁଆ ଗୋଷ୍ଠୀ। ସେମାନେ ସଂଜୀବ ରେଡ୍‌ଡୀଙ୍କୁ ରାଷ୍ଟ୍ରପତି ପଦ ପାଇଁ ମନୋନୀତ କରିବାବେଳେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଭି.ଭି. ଗିରିଙ୍କୁ ଏଥିପାଇଁ ମନୋନୀତ କଲେ। ପ୍ରଥମ ଥର ପାଇଁ କଂଗ୍ରେସ ଦଳ ପକ୍ଷରୁ ବିଶେଷକରି ଶ୍ରୀମତୀ ଗାନ୍ଧିଙ୍କ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ବିବେକାନୁମୋଦିତ ଭୋଟଦାନ ବ୍ୟବସ୍ଥା ପ୍ରଚଳିତ ହେଲା। ଓଡ଼ିଶାରେ ବିଜୁ ପଟ୍ଟନାୟକ ସଂଜୀବ ରେଡ୍‌ଡୀଙ୍କୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ନେଲେ। ମହତାବ ବାବୁ ଏହିଭଳି ଏକ ମଉକା ଖୋଜୁଥିଲେ। ବିଜୁବାବୁଙ୍କ ପାଇଁ ସେ କଂଗ୍ରେସ ଛାଡ଼ିଥିଲେ। ଏବେ ଏଇ ମଉକାରେ ବିଜୁବାବୁଙ୍କୁ କଂଗ୍ରେସରୁ ନିକାଲି ଦେବା ପାଇଁ ସେ ନିଜକୁ ପ୍ରସ୍ତୁତ କଲେ। ଜନକଂଗ୍ରେସ ଦଳ ଶ୍ରୀମତୀ ଗାନ୍ଧିଙ୍କ ସମର୍ଥିତ ପ୍ରାର୍ଥୀ ଭି.ଭି. ଗିରିଙ୍କୁ ସମର୍ଥନ କରିବ ବୋଲି ସ୍ଥିର କଲା। ପି.ଏସ୍.ପି. ଦଳ ମଧ୍ୟ ଗିରିଙ୍କୁ ସମର୍ଥନ କଲା। ମାତ୍ର ସ୍ୱତନ୍ତ୍ର ଦଳ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ସି.ଡି. ଦେଶମୁଖଙ୍କୁ ସମର୍ଥନ କଲା। ୧୯୬୯ ଅଗଷ୍ଟ ମାସରେ ଭୋଟ୍ ଫଳ ପ୍ରକାଶ ପାଇବାରେ ଜଣାଗଲା ଓଡ଼ିଶାରୁ ଭି.ଭି. ଗିରି ୬୭, ଦେଶମୁଖ ୪୬ଟି ଏବଂ ରେଡ୍‌ଡୀ ମାତ୍ର ୧୫ଟି ଭୋଟ ପାଇଛନ୍ତି। ସର୍ବଭାରତୀୟ ସ୍ତରରେ କଂଗ୍ରେସ ଦୁଇ ଭାଗ ହୋଇଗଲା। ବିଜୁବାବୁ ନିଜ ଭୁଲ ବୁଝିପାରିଲେ। ସେ କଂଗ୍ରେସ ବିଭାଜନରେ ସିଣ୍ଡିକେଟ୍‌କୁ ସମର୍ଥନ ନକରି ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ କରିବାକୁ ଆଗେଇ ଯାଇଥିଲେ। ମାତ୍ର ଶ୍ରୀମତୀ ଗାନ୍ଧି ଆଉ ତାଙ୍କୁ ବିଶ୍ୱାସକୁ ନେଇନଥିଲେ।

ଚରମ ପରିଣତି ସୃଷ୍ଟି ହେଲା ୧୯୭୦ ମାର୍ଚ୍ଚ ୨୫ ତାରିଖରେ। ରାଜ୍ୟସଭାକୁ

Digitized by srujanika@gmail.com

ଓଡ଼ିଶାରୁ ୩ ଜଣ ସଦସ୍ୟ ଯିବାପାଇଁ ନିର୍ବାଚନ ହେଲା। ବିଜୁ ପଟ୍ଟନାୟକ ବିଧାନସଭା ନିର୍ବାଚନରେ ଫେଲ୍ ମାରି ବେକାର ହୋଇ ବସିଥାଆନ୍ତି। ରାଜ୍ୟସଭାକୁ ଯିବାପାଇଁ ଇଚ୍ଛା କରି ପ୍ରଦେଶ କଂଗ୍ରେସ କମିଟି ଜରିଆରେ କଂଗ୍ରେସ ହାଇକମାଣ୍ଡଙ୍କ ନିକଟକୁ ପ୍ରସ୍ତାବ ଦେଲେ। ମାତ୍ର ଦାଉ ସାଧିଲେ ନନ୍ଦିନୀ ଶତପଥୀ। ଇନ୍ଦିରାଙ୍କ ନିକଟତମ ବ୍ୟକ୍ତି ରୂପେ ସେତେବେଳେ ନନ୍ଦିନୀ ଦେବୀ ଜଣାଶୁଣା। ବିଜୁଙ୍କୁ କାଟି ନାଁ ପଠାଇଲେ ନାରାୟଣ ପାତ୍ରଙ୍କର। ଫଳ ହେଲା ପାତ୍ର ହାରିଲେ। ବିଜୁବାବୁ କଂଗ୍ରେସ ଛାଡ଼ି ଉତ୍କଳ କଂଗ୍ରେସ ଦଳ ଗଢ଼ିଲେ।

ଚତୁର୍ଥ ବିଧାନସଭାରେ ସରକାରୀ ଦଳ ବିଶେଷକରି ସ୍ୱତନ୍ତ୍ର ଦଳ କେନ୍ଦୁପତ୍ର ଠିକା ଦୁର୍ନୀତିକୁ କେନ୍ଦ୍ରକରି ଘୋର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଏହି ସମୟର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ଖାନ୍ନା କମିଶନଙ୍କ ନିଯୁକ୍ତି। ୧୯୬୧ରୁ ୧୯୬୭ ମଧ୍ୟରେ ଥିବା ତିନିଜଣ ମୁଖ୍ୟମନ୍ତ୍ରୀଙ୍କ (ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ସଦାଶିବ ତ୍ରିପାଠୀ) ବିରୁଦ୍ଧରେ ତଦନ୍ତ କରିବା ପାଇଁ ଏହି କମିଶନ ଗଠନ କରାଯାଇଥିଲା। ଓଡ଼ିଶାରେ କମିଶନ ରାଜନୀତି ଏହି ସମୟରୁ ଆରମ୍ଭ ହେଲା। ବିଧାନସଭାରେ ଏ ସମ୍ପର୍କୀୟ ପ୍ରସ୍ତାବ ଆଗତ ବେଳେ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ କ୍ଷୀଣ ପ୍ରତିବାଦ ହୋଇଥିଲା। ମାତ୍ର ପି.ଏସ୍.ପି. ଦଳ ଏହାକୁ ସ୍ୱାଗତ କରିଥିଲେ।

ଓଡ଼ିଶା ରାଜନୀତିରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ଜଣେ ଅତି ବିଚକ୍ଷଣ ପୁରୁଷ। ବିଭିନ୍ନ ସମୟରେ ସେ ମହତାବ ଓ ବିଜୁବାବୁଙ୍କୁ ପଶାପାଲିର ଗୋଟିକରି ପରସ୍ପର ବିରୁଦ୍ଧରେ ଲଗାଇ ଦେଇ ନିଜେ ନଖରେ ନଖ ଘଷି ମଜା ଦେଖିଛନ୍ତି। ସ୍ୱତନ୍ତ୍ର- ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳରେ ବିଜୁବାବୁଙ୍କ ବିରୁଦ୍ଧରେ ଖାନ୍ନା କମିଶନ ବସାଇବା ବେଳେ ୧୯୭୧ ସ୍ୱତନ୍ତ୍ର ଉତ୍କଳ କଂଗ୍ରେସ ମନ୍ତ୍ରିମଣ୍ଡଳରେ ମହତାବଙ୍କ ବିରୁଦ୍ଧରେ ସରଜୁ ପ୍ରସାଦ କମିଶନ ନିଯୁକ୍ତ କରିଥିଲେ। ମାତ୍ର ସିଂହଦେଓ ନିଜେ ଶେଷରେ ଏହି କମିଶନ ଚକ୍ରରେ ପଡ଼ିଯାଇଥିଲେ। ଶ୍ରୀମତୀ ଶତପଥୀ ମୁଖ୍ୟମନ୍ତ୍ରୀ ହେବା ପରେ କେନ୍ଦୁପତ୍ର କାରବାରରେ ଦୁର୍ନୀତି ଅଭିଯୋଗରେ ତଦନ୍ତ ପାଇଁ ଜି.କେ. ମିତ୍ର କମିଶନ ନିଯୁକ୍ତ କରିଥିଲେ। ମିତ୍ର କମିଶନ ସିଂହଦେଓ, ତାଙ୍କ ଜଙ୍ଗଲ ମନ୍ତ୍ରୀ ହରପ୍ରସାଦ ମହାପାତ୍ର ଓ ବିଶ୍ୱନାଥ ଦାଶଙ୍କ ମନ୍ତ୍ରିମଣ୍ଡଳର ଜଙ୍ଗଲ ମନ୍ତ୍ରୀ ଶ୍ରୀ ଅଇଁଠୁ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ରାଜ୍ୟର ୬୦ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ଘଟିଛି ବୋଲି ମନ୍ତବ୍ୟ ଦେଇଥିଲେ।

ଚତୁର୍ଥ ବିଧାନସଭାରେ ବିରୋଧୀ ଦଳରେ ବହୁ ବିଶିଷ୍ଟ ନେତା ଅନୁପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ବାଙ୍କବିହାରୀ ଦାସ, ନିଶାମଣି

Digitized by srujanika@gmail.com

ଖୁଣ୍ଟିଆ ପ୍ରମୁଖ ନେତାମାନେ ନିର୍ବାଚନରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ମହତାବ, ସିଂହଦେଓ ପ୍ରମୁଖ ସରକାରରେ ଥିବା ଦୃଷ୍ଟିରୁ ନିକିତି ସରକାରୀ ପକ୍ଷରେ ଭାରୀ ହୋଇ ରହିଥିଲା। ତେଣୁ ଆଶା କରାଯାଇଥିଲା ବିଧାନସଭା ଅଧିବେଶନର ସମୟ ବୃଦ୍ଧିପାଇବ। ମାତ୍ର ବିଧାନସଭାର କାକବନ୍ଧ୍ୟା ଯୋଗ କଟିନଥିଲା। ବରଂ କ୍ରମେ ଏହି ସମୟ କମି ଯାଇଥିଲା, ସମ୍ଭବତଃ କେନ୍ଦୁପତ୍ର ଅଠା ଲାଗିଯିବ ବୋଲି ଆଶଙ୍କା କରି ଏହା ସଙ୍କୁଚିତ ହୋଇଯାଇଥିଲା।

ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମଧ୍ୟରେ ମନୋମାଳିନ୍ୟ ଯୋଗୁ ସରକାରର ପତନ ଘଟିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ୧୯୭୧ ଜାନୁଆରୀ ୯ ତାରିଖରେ ଇସ୍ତଫା ଦେଲେ। ସେହିଦିନ ରାତି ୮ଟାବେଳେ ପୁରୀ ଏକ୍ସପ୍ରେସ୍ ଯୋଗେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସୌକତ୍ଉଲ୍ଲା ସାହ ଆନ୍‌ସରୀ କଲିକତା ଦେଇ ଦିଲ୍ଲୀ ଯାଉଥିଲେ। ଷ୍ଟେସନରେ ଜିନିଷପତ୍ର ପହଞ୍ଚି ସାରିଥିଲା। ହଠାତ୍ ଖବର ପାଇ ରାଜ୍ୟପାଳ ତାଙ୍କ ଗସ୍ତ ବାତିଲ କଲେ। ରାତି ସାଢ଼େ ୮ଟା ବେଳେ ଶ୍ରୀ ସିଂହଦେଓଙ୍କ ଇସ୍ତଫା ଗ୍ରହଣ କରାଗଲା। କିନ୍ତୁ ସେତେବେଳେ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହୋଇନଥିଲା। ରାଷ୍ଟ୍ରପତି ଶାସନ ଜାରି ହେଲା ଜାନୁଆରୀ ୧୧ ତାରିଖରେ।

ଜାନୁଆରୀ ୯ ତାରିଖ ରାତି ସାଢ଼େ ୮ଟାରୁ ୧୧ ତାରିଖ ଦିନ ୧୦ଟା ପର୍ଯ୍ୟନ୍ତ ଓଡ଼ିଶାରେ କାହାର ଶାସନ ଥିଲା? ରାଜ୍ୟପାଳଙ୍କର? କିନ୍ତୁ ରାଜ୍ୟପାଳଙ୍କୁ ଏଥିପାଇଁ ସମ୍ବିଧାନ କ୍ଷମତା ଦେଇଛି କି?

ଆଜି ମଧ୍ୟ ଏ ପ୍ରଶ୍ନ ଅମୀମାଂସିତ ହୋଇ ରହିଛି ଏବଂ ସମ୍ଭବତଃ ଭବିଷ୍ୟତ ପାଇଁ ମଧ୍ୟ ରହିଯିବ।

•

Digitized by srujanika@gmail.com

# (୬)

ସତୁରି ଦଶକ ଓଡ଼ିଶା ବିଧାନସଭା ପାଇଁ ଏକ ଦୁଃସହ ସମୟ। ଗଣତନ୍ତ୍ରର ଏହି ଗର୍ବିତ ପ୍ରତୀକ ଏହି ଦଶକରେ ବାରମ୍ବାର ଝୁଣ୍ଟୁଥିଲା; ମୁହଁମାଡ଼ି ପଡ଼ିଯାଉଥିଲା। ଗଣତନ୍ତ୍ରର ରକ୍ଷକ ସାଜି ଯେଉଁମାନେ ଏ ପବିତ୍ର ଗୃହକୁ ଆସୁଥିଲେ ଛୋଟ ଛୋଟ ସ୍ୱାର୍ଥ, ଅପରିଷ୍କାର ମନୋବୃତ୍ତି ଏବଂ କ୍ଷମତାର କୁତ୍ସିତ ଡାକରାରେ ଯେ କୌଣସି ସ୍ତରକୁ ଓହ୍ଲାଇଯିବାକୁ ପଛଘୁଞ୍ଚା ଦେଉନଥିଲେ। ଫଳରେ ଭାରତୀୟ ଗଣତନ୍ତ୍ରର ଅହଙ୍କାର ଓ ପତିଆରା ନେଇ ଠିଆ ହୋଇଥିବା ଏହି ପ୍ରଥମ ସ୍ତମ୍ଭ ବାରମ୍ବାର ଶୂନ୍ୟ ହୋଇ ଦୀର୍ଘଶ୍ୱାସ ପକାଇ ରହୁଥିଲା। ସତୁରି ଦଶକ ଅର୍ଥାତ୍ ୧୯୭୧ ସାଲରୁ ୧୯୮୦ ସାଲ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪ଥର ବିଧାନସଭା ନିର୍ବାଚନ ହୋଇଛି। ଏହି ନିର୍ବାଚନଗୁଡ଼ିକର ସମୟ ବା କାଳ ଏହିପରି –

(୧) ୧୯୭୧ ସାଲ ମାର୍ଚ୍ଚ ୫ ତାରିଖରେ ୫ମ ବିଧାନସଭା ପାଇଁ ନିର୍ବାଚନ।

(୨) ୧୯୭୪ ସାଲ ଫେବୃଆରୀ ୨୪ ତାରିଖରେ ୬ଷ୍ଠ ବିଧାନସଭା ପାଇଁ ନିର୍ବାଚନ।

(୩) ୧୯୭୭ ସାଲ ଜୁନ୍ ୧୦ ତାରିଖରେ ୭ମ ବିଧାନସଭା ପାଇଁ ନିର୍ବାଚନ।

(୪) ୧୯୮୦ ସାଲ ମଇ ମାସ ୩୧ ତାରିଖରେ ୮ମ ବିଧାନସଭା ପାଇଁ ନିର୍ବାଚନ।

ଯେଉଁଠି ୫ ବର୍ଷରେ ଥରେ ନିର୍ବାଚନ ହେବା କଥା, ସେଠି ଓଡ଼ିଶା ବିଧାନସଭା ଦୁଇବର୍ଷ/ ତିନିବର୍ଷରେ ଭାଙ୍ଗି ଦେଇ ସାନି ନିର୍ବାଚନ କରାଯିବା ଏକ ସାଧାରଣ କଥା ହୋଇଗଲା। କେବଳ ସେତିକି ନୁହେଁ, ସ୍ୱାଧୀନତା ପରେ ଓଡ଼ିଶାରେ ଜାରି ହୋଇଥିବା ମୋଟ ୬ ଥର ରାଷ୍ଟ୍ରପତି ଶାସନ ମଧ୍ୟରୁ କେବଳ ଏହି ଦଶନ୍ଧିରେ ପାଞ୍ଚ ପାଞ୍ଚ ଥର ଜାରି କରାଯାଇଛି। ରାଷ୍ଟ୍ରପତି ଶାସନର କାଳ ନିମ୍ନରେ ପ୍ରଦତ୍ତ ହେଲା –

(୧) ୧୯୭୧ ଜାନୁଆରୀ ୧୧ ତାରିଖରୁ ୧୯୭୧ ଏପ୍ରିଲ୍ ୩ ତାରିଖ। (ବିଧାନସଭା ପ୍ରଥମେ ସସ୍‌ପେଣ୍ଡ ହୋଇ ପରେ ଜାନୁଆରୀ ୨୩ ତାରିଖରେ ଭଙ୍ଗ କରାଗଲା)

(୨) ୧୯୭୩ ସାଲ ମାର୍ଚ୍ଚ ୩ ତାରିଖରୁ ୧୯୭୪ ସାଲ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ।

Digitized by srujanika@gmail.com

(ଗ) ୧୯୭୬ ଡିସେମ୍ବର ୧୬ ତାରିଖରୁ ୧୯୭୬ ଡିସେମ୍ବର ୨୯ ତାରିଖ। (ବିଧାନସଭା ସସ୍‌ପେଣ୍ଡ ହୋଇଥିଲା)

୪ର୍ଥ ଥର ପାଇଁ ୧୯୭୭ ସାଲ ଏପ୍ରିଲ ୩୦ ତାରିଖରୁ ୧୯୭୭ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ୫ମ ଥର ପାଇଁ ରାଷ୍ଟ୍ରପତି ଶାସନ ଜାରି ହେଲା ୧୯୮୦ ସାଲ ଫେବୃଆରୀ ୧୭ ତାରିଖରୁ ଏବଂ ଅବସାନ ହେଲା ସେହି ବର୍ଷ ଜୁନ୍ ୯ ତାରିଖରେ।

ଆମେ ଏହି ବିଷୟ ଏଠି ଉଲ୍ଲେଖ କରିବାର ଏକମାତ୍ର କାରଣ ହେଉଛି ଯେ ସମ୍ଭବତଃ ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ବାରମ୍ବାର ଅସ୍ଥିରତା ଲାଗି ରହିଥିଲା। ବିଶେଷକରି ୧୯୭୧ରୁ ୧୯୭୩ ସାଲ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାରେ ଆୟାରାମ- ଗୟାରାମ ଏକ କିମ୍ବଦନ୍ତୀରେ ପରିଣତ ହୋଇଗଲା। ବିଧାୟକମାନେ ଦଳ ଦଳ ହୋଇ ରାସ୍ତା ଉପରେ ଘୂରି ବୁଲିଲେ। ୧୯୭୧ରେ ସ୍ୱତନ୍ତ୍ର ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡ ମନ୍ତ୍ରିମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ରୂପକ ପିଠା କିଏ ଖାଇବ ବୋଲି ବିଜୁ ପଟ୍ଟନାୟକ ଓ ସିଂହଦେଓଙ୍କ ମଧ୍ୟରେ କଳିଆ ଲାଗିବା ଫଳରେ ବାବୁ ବିଶ୍ୱନାଥ ଦାଶ ବାନର ଭୂମିକା ଗ୍ରହଣ କରି ପିଠାଟି ମାରିନେଲେ। ୮୪ ବର୍ଷ ବୟସ୍କ ବାବୁ ବିଶ୍ୱନାଥ ବିଧାନସଭାର ସଦସ୍ୟ ନଥାଇ ମୁଖ୍ୟମନ୍ତ୍ରୀ ହେଲେ। ପରେ ସେ ରାଉରକେଲାରୁ ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ।

ବିଧାନସଭାର ୧୯୭୧ ମାର୍ଚ୍ଚ ୫ ତାରିଖ ନିର୍ବାଚନରେ କଂଗ୍ରେସ ୫୧ଟି ସ୍ଥାନ ଦଖଲ କରିଥିବାବେଳେ ସ୍ୱତନ୍ତ୍ର ୩୬ଟି, ଉତ୍କଳ କଂଗ୍ରେସ ୩୩ଟି, ପି.ଏସ୍.ପି., ସି.ପି.ଆଇ. ଓ ଝାଡ଼ଖଣ୍ଡ ୪ଟି ଲେଖାଏଁ। କଂଗ୍ରେସ (ଓ) ଗୋଟିଏ, ସି.ପି.ଏମ୍. ୨ଟି, ଜନକଂଗ୍ରେସ ଗୋଟିଏ ଏବଂ ସ୍ୱାଧୀନ ସଦସ୍ୟ ୪ଟି ସ୍ଥାନ ଦଖଲ କରିଥିଲେ। ବିଧାନସଭାର ୧୪୦ଟି ସ୍ଥାନ। ତେଣୁ ସ୍ୱତନ୍ତ୍ର ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡର ମୋଟ ୭୩ ଜଣ ସଦସ୍ୟଙ୍କୁ ନେଇ ୟୁନାଇଟେଡ୍ ଫ୍ରଣ୍ଟ ଗଢ଼ାହେଲା।

ବିଜୁ ପଟ୍ଟନାୟକ ଏହି ନିର୍ବାଚନରେ ୪ଟି ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରୁ ପରାସ୍ତ ହୋଇ ନିଜର ଆଗଚଲା ସ୍ୱଭାବ ପାଇଁ ଯଥାର୍ଥ ଜବାବ ପାଇଥିଲେ। ପରେ ଅବଶ୍ୟ ରାଜନଗର ଉପ-ନିର୍ବାଚନରେ ବିପୁଳ ବିଜୟ ଲାଭ କରି କିଛି ପରିମାଣରେ ନିଜ ହୃତଗୌରବର ପୁନରୁଦ୍ଧାର କରିପାରିଥିଲେ।

ବିଜୁ ପଟ୍ଟନାୟକଙ୍କୁ ପରାସ୍ତ କରି ଯେଉଁ ଅନାମଧେୟ ବ୍ୟକ୍ତିମାନେ ରାଜନୀତିରେ ହଠାତ୍ ନେତା ରୂପେ ପରିଚିତ ହେଲେ ସେମାନେ ହେଲେ

Digitized by srujanika@gmail.com

ଭଞ୍ଜନଗର- ସୋମନାଥ ରଥ, ଖୋର୍ଦ୍ଧା- ଡଃ ବେଣୁଧର ବଳିୟାରସିଂହ, ଚୌଦ୍ୱାର- କାହ୍ନୁଚରଣ ଲେଙ୍କା ଓ ପାଟକୁରାରୁ ଚକ୍ରଧର ଶତପଥୀ। ଏହି ନିର୍ବାଚନରେ ବିଜୁବାବୁ ଆଉ ଏକ ବୋକାମି କଲେ। ତା' ହେଉଛି ଡଃ ମହତାବଙ୍କ ସହ ଭୁବନେଶ୍ୱରରେ ପ୍ରତିଦ୍ୱନ୍ଦ୍ୱିତା କଲେ। ଓଡ଼ିଶା ରାଜନୀତିରେ ଡଃ ମହତାବ ଏକମାତ୍ର ବ୍ୟକ୍ତି ଯେ ବିଭିନ୍ନ ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା (ଲୋକସଭା ଓ ବିଧାନସଭା) କରି ସର୍ବଦା ବିଜୟ ଲାଭ କରିଛନ୍ତି।

ଓଡ଼ିଶା ଏବଂ ଭାରତବର୍ଷରେ ରାଜନୀତିରେ ଆଦର୍ଶ ବା ଶୃଙ୍ଖଳା ବୋଲି କୌଣସି ବିଷୟ ନାହିଁ। ସୁବିଧାବାଦ ରାଜନୀତିର ଏକମାତ୍ର ଆଦର୍ଶ ଓ ବିଶୃଙ୍ଖଳା ଏକମାତ୍ର ଶୃଙ୍ଖଳା। କ୍ଷମତା ପାଇଁ ଯେ କୌଣସି ଆଦର୍ଶ ବା ନୀତିକୁ ବଳି ଦେବାର ଭୂରି ଭୂରି ପ୍ରମାଣ ରହିଛି। ୧୯୭୧ରୁ ୧୯୭୩ ସାଲ ମଧ୍ୟରେ ଓଡ଼ିଶା ରାଜନୀତିରେ ଏହି ସୁବିଧାବାଦ ଓ କ୍ଷମତା ଲାଭ ପାଇଁ ବ୍ୟାକୁଳ ଆଚରଣର ଏକ ଉଲଗ୍ନ ପରିପ୍ରକାଶ ଘଟିଥିଲା। ବିଧାନସଭାକୁ ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇ ଆସୁଥିବା ବ୍ୟକ୍ତିଗଣ ନିଜର କ୍ଷମତା ଅଭୀପ୍ସା ପୂରଣ ପାଇଁ କିମ୍ବା ଅନ୍ୟକୁ କ୍ଷମତାରୁ ନିକାଲିବା ପାଇଁ ଏହାକୁ ଭାଙ୍ଗିଦେବା ଭଳି ଚରମ ପନ୍ଥାର ଆଶ୍ରୟ ନେବାକୁ ପଛାଉ ନଥିଲେ।

ବ୍ୟାବହାରିକ ରାଜନୀତିରେ ଆଦର୍ଶକୁ ସବୁବେଳେ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ ବୋଲି ଏକଦା ଆଚାର୍ଯ୍ୟ କୃପାଳିନୀ ମତ ପ୍ରକାଶ କରିଥିଲେ। ୧୯୫୪ ସାଲରେ ଟ୍ରାଭାଙ୍କୋର- କୋଚିନ୍ ରାଜ୍ୟ (ଅଧୁନା କେରଳ)ରେ ମାତ୍ର ୧୯ ଜଣ ସଦସ୍ୟଙ୍କୁ ନେଇ ପ୍ରଜା ସୋସାଲିଷ୍ଟ ପାର୍ଟିର ପଟମ୍ ଥାନୁ ପିଲ୍ଲାଇ ସରକାର ଗଠନ କଲେ। କମ୍ୟୁନିଷ୍ଟମାନଙ୍କୁ କ୍ଷମତା ଦଖଲ ନଦେବା ପାଇଁ କଂଗ୍ରେସ ଦଳ ଥାନୁ ପିଲ୍ଲାଇଙ୍କୁ ଭିତିରିଆ ସମର୍ଥନ ଯୋଗାଇ ସରକାର ଗଠନ ପାଇଁ ସାହାଯ୍ୟ କଲା। ପି.ଏସ୍.ପି. ଦଳ କଂଗ୍ରେସର ତୀବ୍ର ବିରୋଧୀ ଥିଲେ। ମାତ୍ର କ୍ଷମତାକୁ ଆସିବା ପାଇଁ ଥାନୁ ପିଲ୍ଲାଇ କଂଗ୍ରେସର ସଖୀକଣ୍ଢେଇ ହୋଇ ସରକାର ଗଠନ କଲେ। ଏହି ପରିସ୍ଥିତିକୁ ପି.ଏସ୍.ପି.ର ସଭାପତି ଆଚାର୍ଯ୍ୟ କୃପାଳିନୀ ବା ତୁଙ୍ଗ ନେତା ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ର ଦେବ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖ ବିରୋଧ କରିନଥିଲେ। କେବଳ ଦଳର ସାଧାରଣ ସମ୍ପାଦକ ରାମମନୋହର ଲୋହିଆ ତୀବ୍ର ବିରୋଧ କରି ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଠିକ୍ ସେହିଭଳି ୧୯୫୩ ସାଲରେ ଆନ୍ଧ୍ରପ୍ରଦେଶ ଗଠନ ହେବା ପରେ ଆନ୍ଧ୍ରର ଜନପ୍ରିୟ ନେତା ପି.ଏସ୍.ପି.ର ଶ୍ରୀ ଟି. ପ୍ରକାଶମ୍‌ଙ୍କୁ ନେହରୁ ଆନ୍ଧ୍ରରେ ମୁଖ୍ୟମନ୍ତ୍ରୀ ପଦ ଦେଇ ଏକପ୍ରକାର କିଣି ନେଇଥିଲେ।

Digitized by srujanika@gmail.com

ପରବର୍ତ୍ତୀ ଅବସ୍ଥାରେ ଏହି ଦୁଇ ବିଶିଷ୍ଟ ସମାଜବାଦୀ ନେତା ନିର୍ବାଚନ ରାଜନୀତିରେ ମାଡ଼ ଖାଇ କଂଗ୍ରେସ ଓ ନେହରୁଙ୍କ ଦୟାରୁ ରାଜ୍ୟପାଳ ପଦବୀରେ ଆସୀନ ହୋଇ ନିଜର ରାଜନୀତିକ ଜୀବନର ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତବର୍ଷର ଏହି ଦୁଇ ବିଶିଷ୍ଟ ନେତା ସୁବିଧାବାଦୀ ରାଜନୀତିର ଯେଉଁ କଳଙ୍କମୟ ନଜିର ବା ପରମ୍ପରା ରଖିଦେଇ ଗଲେ, ତାହା ପରବର୍ତ୍ତୀ ସମୟରେ ଅନେକଙ୍କୁ ଉଦ୍‌ବୁଦ୍ଧ କରିଥିଲା ଏବଂ 'ମହାଜନୋ ଯେନ ଗତସ୍ୟ ପନ୍ଥା' ନୀତିରେ ରାଜନୀତି ଏକ ବିଶୃଙ୍ଖଳିତ ଓ ଆଦର୍ଶହୀନ ପଥର ପଥିକ ହୋଇଗଲା।

ଉପରେ ଆମେ ଯେଉଁ ଉଦାହରଣ ଦେଲୁ ତାହା ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ନୁହେଁ। କାରଣ ଯେଉଁ ସିଂହଦେଓ ମହତାବଙ୍କ ସାଙ୍ଗରେ ମିଶି ବିଜୁବାବୁଙ୍କୁ ଖାନ୍ନା କମିଶନ ଇଜଲାସରେ ଠିଆ କରାଇଥିଲେ ଏବଂ ପ୍ରଶାସନିକ ଅସଙ୍ଗତି ଦୋଷରେ ଦୋଷୀ ସାବ୍ୟସ୍ତ କରିଥିଲେ, ସେଇ ବିଜୁ ପଟ୍ଟନାୟକ ସିଂହଦେଓଙ୍କୁ ଆଦରି ନେଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କଲେ। ଘଟଣା ସେଇଠି ଶେଷ ନୁହେଁ। ସିଂହଦେଓଙ୍କ ସାଙ୍ଗରେ ମିଶି ସରକାର ଗଢ଼ିଥିବା ବେଳେ ତାଙ୍କୁ ଚିତାକାଟି କଂଗ୍ରେସ ଦଳରେ ମିଶିବା ପାଇଁ ଗୋପନ ବୁଝାମଣା ଆରମ୍ଭ କଲେ। ନୀଳମଣି ରାଉତରାୟ, ବିଜୁବାବୁ ଓ ନନ୍ଦିନୀ ଦେବୀଙ୍କ ମଧ୍ୟରେ ସେତୁ ଭଳି କାମ କଲେ। ୧୯୭୨ ଜୁନ୍ ୯ ତାରିଖରେ ବିଜୁବାବୁ ଉତ୍କଳ କଂଗ୍ରେସ ଦଳର ସଦସ୍ୟଙ୍କୁ ଅନୁମତି ଦେଲେ କଂଗ୍ରେସରେ ମିଶିବା ପାଇଁ। ବୃଦ୍ଧ ନେତା ବାବୁ ବିଶ୍ୱନାଥ ଦାଶ 'ସ୍ୱରଂ ସ୍ୱରଂ ବିଜୁ ଚରିତମ୍ ଦାରୁଭୂତ ମୁରାରୀ' ହୋଇ ଧାଇଁଲେ ରାଜଭବନକୁ। ଇସ୍ତଫା ଦେଲେ ଓ ଗୃହୀତ ହେଲା। ସ୍ୱତନ୍ତ୍ର ଦଳର ୧୦ ଜଣ ସଦସ୍ୟଙ୍କୁ ନେଇ ସୁନ୍ଦରଗଡ଼ର ଗଙ୍ଗାଧର ପ୍ରଧାନ କଂଗ୍ରେସରେ ମିଶିଗଲେ।

କିନ୍ତୁ ଏତେ କରି ମଧ୍ୟ ବିଜୁ ପଟ୍ଟନାୟକଙ୍କ ଆଶା ପୂରଣ ହେଲା ନାହିଁ। ନୀଳମଣି ରାଉତରାୟ ଉତ୍କଳ କଂଗ୍ରେସର ୨୮ ଜଣ (ତାଙ୍କ ନିଜ ସମେତ) ସଦସ୍ୟଙ୍କୁ ନେଇ କଂଗ୍ରେସରେ ଯୋଗ ଦେଲେ ଏବଂ ଉପମୁଖ୍ୟମନ୍ତ୍ରୀ ପଦବୀ ପାଇଲେ। ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ହୋଇ ତାଙ୍କ ଗୋଟି ଠିକ୍ ଚଳାଇଲେ। ବିଜୁ କଂଗ୍ରେସକୁ ଆସିଲେ ତାଙ୍କ ପାଇଁ ବିପଦ ଚିନ୍ତାକରି ବିଜୁଙ୍କ ସମେତ ୬ ଜଣଙ୍କୁ କଂଗ୍ରେସରେ ପୂରାଇ ଦେଲେ ନାହିଁ। ବିଜୁବାବୁଙ୍କ ବ୍ୟତୀତ ଅନ୍ୟ ୫ ଜଣଙ୍କୁ କଂଗ୍ରେସ ଗ୍ରହଣ କଲା ନାହିଁ। ସେମାନେ ହେଲେ ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରହଲ୍ଲାଦ ମଲ୍ଲିକ, ରାମକୃଷ୍ଣ ପଟ୍ଟନାୟକ, ଶରତ କୁମାର କର ଓ ବୃନ୍ଦାବନ ନାୟକ।

Digitized by srujanika@gmail.com

୧୯୭୧ ନିର୍ବାଚନ ପରଠାରୁ ସଂଶୟ ଓ ସନ୍ଦେହ ମଧ୍ୟରେ ବିଧାନସଭା ଚାଲିଲା। ପ୍ରତି ମୁହୂର୍ତ୍ତରେ ଭାଙ୍ଗିଯିବାର ଭୟ। ଅବଶେଷରେ ବିଜୁବାବୁ ଆଉ ନିଜର ଅପମାନ ସହ୍ୟ କରିପାରିଲେ ନାହିଁ। ତାଙ୍କ ଅନୁଗତମାନଙ୍କୁ ନିର୍ଦ୍ଦେଶ ଦେଲେ କଂଗ୍ରେସ ଦଳ ତ୍ୟାଗ କର। ଏଣେ ପୁଣି ପରମାଶ୍ଚର୍ଯ୍ୟ ଘଟଣା– ମହତାବ, ସିଂହଦେଓ ବିଜୁ ପଟ୍ଟନାୟକ ହାତ ମିଳାଇଲେ। ଗଢ଼ା ହେଲା ପ୍ରଗତି ଦଳ। ରାଜନୀତିର ବାସ୍ତବରେ ଚରିତ୍ର ନାହିଁ। ତା' ନହୋଇଥିଲେ ପରସ୍ପରର ତୀବ୍ର ଶତ୍ରୁ ଏ ତିନିଜଣ ଏକାଠି ହେଲେ କିପରି ?

୧୯୭୩ରେ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭର ମାତ୍ର ୧୩ ଦିନ ପରେ ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରିତ୍ୱରୁ ଇସ୍ତଫା ଦେଲେ ଏବଂ ରାଷ୍ଟ୍ରପତି ଶାସନ ପାଇଁ ସୁପାରିଶ କଲେ। ଏଣେ ବିଜୁବାବୁ ୭୪ ଜଣ ସଦସ୍ୟଙ୍କୁ ନେଇ ସରକାର ଗଢ଼ିବା ପାଇଁ ରାଜ୍ୟପାଳ ବି.ଡି. ଜତ୍ତିଙ୍କ ନିକଟରେ ହାଜର ହେଲେ। ଜତ୍ତି ସାହେବ ଦର୍ଶାଇଲେ ପ୍ରଗତି ଦଳ ଦୃଢ଼ ସରକାର ଗଢ଼ିପାରିବେ ନାହିଁ। ଅଗତ୍ୟା ରାଷ୍ଟ୍ରପତି ଶାସନ।

ଅତି ତୀବ୍ରଭାଷାରେ ଜତ୍ତିଙ୍କୁ ଗାଳିଗୁଲଜ କରି ବିଜୁବାବୁ ଓ ୭୪ ଜଣ ବିଧାୟକ ରାଷ୍ଟ୍ରପତି ଶାସନ ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟରେ ମୋକଦ୍ଦମା କଲେ। ୧୯୭୩ ଅକ୍ଟୋବର ୨୨ ତାରିଖରେ ହାଇକୋର୍ଟ ରାୟ ଦେଲେ ଏହା ତାଙ୍କ (ହାଇକୋର୍ଟଙ୍କର) କ୍ଷମତା ପରିସର ବାହାରେ- ଅତଏବ ମୋକଦ୍ଦମା ଖାରଜ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭା ଯାହା ବା ଯେଭଳି ବସିବା କଥା ଭଣା ଅଧିକେ ସମସ୍ତେ ଅନୁମାନ କରିପାରୁଥିବେ। ୧୯୭୧ରେ ମାତ୍ର ୩୨ ଦିନ ପାଇଁ ବିଧାନସଭା ବସିଥିବା ବେଳେ ୧୯୭୨ରେ ବାବୁ ବିଶ୍ୱନାଥ ଦାଶଙ୍କ ସରକାର ଓ ନନ୍ଦିନୀଙ୍କ ସରକାର ମୋଟ ୫୩ ଦିନ ଏବଂ ୧୯୭୩ରେ ନନ୍ଦିନୀଙ୍କ ସରକାର ମାତ୍ର ୧୩ ଦିନ ପାଇଁ ବିଧାନସଭାର ସମ୍ମୁଖୀନ ହୋଇଥିଲେ।

ପଞ୍ଚମ ବିଧାନସଭାରେ ବାଚସ୍ପତି ଥିଲେ ନନ୍ଦକିଶୋର ମିଶ୍ର ଓ ଉପବାଚସ୍ପତି ଥିଲେ ନାରାୟଣ ବୀରବର ସାମନ୍ତ। ଏହି ଦୁଇ ବର୍ଷିଆ ବିଧାନସଭା (୧୯୭୧ ମାର୍ଚ୍ଚ ୫ ତାରିଖରୁ ୧୯୭୩ ମାର୍ଚ୍ଚ ୩ ତାରିଖ)ରେ ଦୁଇଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ବିଶ୍ୱନାଥ ଦାଶ ୧ ବର୍ଷ ୪ ମାସ ଥିବାବେଳେ (୧୯୭୧ ଏପ୍ରିଲ ୯ ତାରିଖରୁ ୧୯୭୨ ଜୁନ୍ ୯ ତାରିଖ), ନନ୍ଦିନୀ ଶତପଥୀ ମାତ୍ର ୮ ମାସ ରାଜତ୍ୱ କରିଥିଲେ। କିନ୍ତୁ ଏହି ଦୁଇ ବର୍ଷରେ ୩ ଜଣ ବିରୋଧୀଦଳ ନେତା କାର୍ଯ୍ୟ କରିଥିଲେ। ବିନାୟକ ଆଚାର୍ଯ୍ୟ (୧୯୭୧ ଏପ୍ରିଲ ୯ ତାରିଖରୁ ୧୯୭୨ ଜୁନ୍ ୧୪ ତାରିଖ), ରାଜେନ୍ଦ୍ର ନାରାୟଣ ସିଂହଦେଓ (୧୪.୬.୭୨

Digitized by srujanika@gmail.com

ତାରିଖରୁ ୯.୨.୭୩ ତାରିଖ) ଏବଂ ବିଜୁ ପଟ୍ଟନାୟକ (୯.୨.୭୩ରୁ ୩.୩.୭୩ ପର୍ଯ୍ୟନ୍ତ ମାତ୍ର ୨୨ ଦିନ ପାଇଁ) ବିରୋଧୀଦଳ ନେତା ରୂପେ କାର୍ଯ୍ୟ କରିଥିଲେ।

ସତୁରି ଦଶକର ଦ୍ୱିତୀୟ ମନ୍ତ୍ରିମଣ୍ଡଳଟି ନନ୍ଦିନୀ ଶତପଥୀଙ୍କର। ଏହି ସମୟକୁ ଓଡ଼ିଶା ଓ ଭାରତବର୍ଷର ଗଣତନ୍ତ୍ରର ଅନ୍ଧକାର ଯୁଗ ବୋଲି ବର୍ଣ୍ଣନା କରାଯାଇଥାଏ। ୧୯୭୪ରୁ ୧୯୭୭ ପର୍ଯ୍ୟନ୍ତ ସମୟ ଭାରତରେ ଜରୁରୀ ପରିସ୍ଥିତି ଆଇନ ଲାଗୁ କରାଯାଇ ଗଣତାନ୍ତ୍ରିକ ବିଧିବିଧାନ ପ୍ରତି ଆଖି ବୁଜି ଦିଆଯାଇଥିଲା। ଅଧିକାଂଶ ବିରୋଧୀଦଳ ଏମ୍.ଏଲ୍.ଏ. ଜେଲ୍ ଭିତରେ ଥିଲେ। ଏପରିକି କଂଗ୍ରେସ ଦଳର ଏମ୍.ଏଲ୍.ଏ. ତ୍ରିଲୋଚନ କାନୁନ୍‌ଗୋଙ୍କ ସମେତ କେତେକ କଂଗ୍ରେସ ନେତା ଜେଲ୍‌ରେ ଥିଲେ।

ଆଉ ଏଣେ ବିଧାନସଭା ଅଧିବେଶନରେ କେବଳ ବାଘ-ଛେଳି ଖେଳ ଚାଲିଥିଲା।

•

Digitized by srujanika@gmail.com

# (୭)

ଓଡ଼ିଶା ବିଧାନସଭାର ନିର୍ବାଚନମଣ୍ଡଳୀ ପୁନର୍ଗଠନ କାର୍ଯ୍ୟ ୧୯୭୩ ସାଲରେ ଶେଷ ହୋଇଥିଲା, ଏହି ପୁନର୍ଗଠନ କାର୍ଯ୍ୟ ଅନୁସାରେ ଓଡ଼ିଶା ବିଧାନସଭାର ସ୍ଥାନ ସଂଖ୍ୟା ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ୧୯୭୪ ସାଲ ଫେବୃୟାରୀ ୨୪ ତାରିଖରେ ଷଷ୍ଠ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୭୧ରୁ ୧୯୭୩ ସାଲ ପର୍ଯ୍ୟନ୍ତ ରାଜ୍ୟ ରାଜନୀତିରେ ଅନିଶ୍ଚିତ ବାତାବରଣ ଯୋଗୁଁ ଆଶା କରାଯାଉଥିଲା ୧୯୭୪ରେ କୌଣସି ଦଳ ବିଶେଷକରି କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବ। ଶ୍ରୀମତୀ ନନ୍ଦିନୀ ଶତପଥୀ କଂଗ୍ରେସ ଦଳର ନେତୃତ୍ୱ ନେଇଥିଲେ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏ ଆଶା ଧୂଳିସାତ୍ ହୋଇଥିଲା। ୧୯୭୪ ନିର୍ବାଚନରେ କେଉଁ ଦଳ କେତେ ସ୍ଥାନ ଲାଭ କରିଥିଲେ ତାହା ନିମ୍ନରେ ଦିଆଗଲା। କଂଗ୍ରେସ-୬୯, ଉତ୍କଳ କଂଗ୍ରେସ-୩୫, ସ୍ୱତନ୍ତ୍ର-୨୧, ସି.ପି.ଆଇ.-୭, ସି.ପି.ଆଇ.(ଏମ୍) ୩, ଏସ୍.ପି.ଆଇ.-୨, ଜନକଂଗ୍ରେସ-୧, ସ୍ୱାଧୀନ-୮ ଜଣ।

ଷଷ୍ଠ ବିଧାନସଭାର କାର୍ଯ୍ୟକାଳ ୧୯୭୪ ଫେବୃୟାରୀ ମାସ ୨୪ ତାରିଖରୁ ୧୯୭୭ ଏପ୍ରିଲ ୩୦ତାରିଖ ପର୍ଯ୍ୟନ୍ତ ରହିଥିଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ଏହି ସମୟ ମଧ୍ୟରେ ରାଜତ୍ୱ କରିଥିଲେ। ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୪ ମାର୍ଚ୍ଚ ୬ ତାରିଖରୁ ୧୯୭୬ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିବା ବେଳେ ଶ୍ରୀ ବିନାୟକ ଆଚାର୍ଯ୍ୟ ୧୯୭୬ ଡିସେମ୍ବର ୨୯ ତାରିଖରୁ ୧୯୭୭ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ମୋଟ ୧୨୩ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପାଳନ କରିଥିଲେ। ଉତ୍କଳ କଂଗ୍ରେସ ଓ ସ୍ୱତନ୍ତ୍ର ଦଳକୁ ନେଇ ଗଠିତ ପ୍ରଗତି ଦଳର ନେତା ଶ୍ରୀ ବିଜୁ ପଟ୍ଟନାୟକ ୧୯୭୪ ମାର୍ଚ୍ଚ ୧୯ ତାରିଖରେ ବିରୋଧୀଦଳ ନେତା ରୂପେ ସ୍ୱୀକୃତ ହେଲେ। ଏହି ସମୟରେ ଦେଶର ସାତୋଟି ବିରୋଧୀଦଳ ମିଶି ଭାରତୀୟ ଲୋକଦଳ ନାମରେ ଏକ ନୂତନ ସର୍ବଭାରତୀୟ ଦଳ ଗଠନ କଲେ। ଓଡ଼ିଶାରେ ସ୍ୱତନ୍ତ୍ର ଉତ୍କଳ କଂଗ୍ରେସ, ସୋସାଲିଷ୍ଟ ପାର୍ଟି ମିଳିତ ହୋଇ ୧୯୭୪ ଡିସେମ୍ବର ୧୦ ତାରିଖରେ ଭାରତୀୟ ଲୋକଦଳ ଗଠନ କଲେ ଏବଂ ଶ୍ରୀ ବିଜୁ ପଟ୍ଟନାୟକ ଏହାର ନେତା ରୂପେ ନିର୍ବାଚିତ ହେଲେ। ବିଧାନସଭାରେ ସେ ଭାରତୀୟ ଲୋକଦଳର ନେତା ରୂପେ ବିରୋଧୀଦଳ ନେତା ସ୍ଥାନ ଅଧିକାର କଲେ।

୧୯୭୪ରୁ ୧୯୭୬ ସାଲ ପର୍ଯ୍ୟନ୍ତ ସମୟକୁ ଭାରତୀୟ ଗଣତନ୍ତ୍ରର

Digitized by srujanika@gmail.com

ଅନ୍ଧକାରଯୁଗ ବୋଲି କୁହାଯାଇଥାଏ। ଶ୍ରୀମତୀ ଶତପଥୀ କଂଗ୍ରେସର ୬୯ ଜଣଙ୍କୁ ନେଇ ସରକାର ଗଢିବା ପାଇଁ ଡାକରା ପାଇଲେ। ୧୪୭ ଜଣିଆ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୭୫ ଜଣ (ବାଚସ୍ପତିଙ୍କ ସମେତ) ସଦସ୍ୟ ଦରକାର। ବାସପ୍ପା ଦାନପ୍ପା ଜତ୍ତି ମହାଶୟ ରାଜ୍ୟପାଳ ଥିଲେ। ଏହି ରାଜ୍ୟପାଳ ୧୯୭୩ ସାଲରେ ବିଜୁ ପଟ୍ଟନାୟକଙ୍କ ୭୨ ଜଣିଆ ପ୍ରଗତି ଦଳକୁ ସରକାର ଗଢ଼ିବା ପାଇଁ ଅନୁମତି ଦେଇ ନଥିଲେ।

ଏଥର ୬୯ ଜଣିଆ କଂଗ୍ରେସ ଦଳକୁ ବାହାରୁ କମ୍ୟୁନିଷ୍ଟ ଦଳର ୭ ଜଣ ଯାକ ସଦସ୍ୟ ସମର୍ଥନ ଜଣାଇବେ ବୋଲି ଲିଖିତ ଆକାରରେ ଦେବା ପରେ ଶ୍ରୀମତୀ ଶତପଥୀଙ୍କୁ ମନ୍ତ୍ରିମଣ୍ଡଳ ଗଠନ କରିବାକୁ ତତ୍କ୍ଷଣାତ୍ ଅନୁମତି ଦେଇଥିଲେ।

ମନ୍ତ୍ରିମଣ୍ଡଳ ଗଠନ ପରେ ଦେଖାଗଲା ଅଧିକାଂଶ କମ୍ୟୁନିଷ୍ଟ ସଦସ୍ୟ ଗୋଟିଏ ଲେଖାଏଁ ନୂଆ ପ୍ରେମିୟର ପଦ୍ମିନୀ (ଫିଏଟ୍) କାର୍ ଚଢ଼ି ଆସୁଛନ୍ତି। ଏପରିକି ବିଧାନସଭାରେ ସେମାନଙ୍କ କାର୍ଯ୍ୟକଳାପ ଅନେକଙ୍କୁ ଚମତ୍କୃତ କରିଥିଲା। ଏମାନଙ୍କ ଭାଷଣ ଓ କାର୍ଯ୍ୟକଳାପ ଦେଖି ମନେହୋଇଥିଲା ଏମାନେ ପ୍ରକୃତ କଂଗ୍ରେସ ଦଳ ??

୧୯୭୫ ଜୁନ୍ ୨୫ ତାରିଖ ମଧ୍ୟ ରାତ୍ରିରୁ ଦେଶରେ ଜରୁରୀ ପରିସ୍ଥିତି ଜାରି କରାଗଲା। ବହୁ ବଡ଼ ବଡ଼ ନେତା ଗିରଫ୍ ହେଲେ। ଓଡ଼ିଶାର ସମସ୍ତ ତୁଙ୍ଗନେତା ଏହି ସମୟରେ ଜେଲ୍‌ରେ ରହିଲେ। ଓଡ଼ିଶା ବିଧାନସଭାର ବିରୋଧୀଦଳ ନେତା ବିଜୁ ପଟ୍ଟନାୟକଙ୍କ ସମେତ ଡଃ ମହତାବ, ପ୍ରତାପ ମହାନ୍ତି, ପ୍ରହ୍ଲାଦ ମଲ୍ଲିକ, ଅଇଁଠୁ ସାହୁ, ଭାଗବତ ବେହେରା, ନଟବର ପ୍ରଧାନ ପ୍ରମୁଖ ବିରୋଧୀଦଳ ସଦସ୍ୟଙ୍କ ସହ କଂଗ୍ରେସ ଦଳର ତ୍ରିଲୋଚନ କାନୁନ୍‌ଗୋ ଜେଲ ଭିତରେ ପଶିଲେ। ଏମାନଙ୍କ ବ୍ୟତୀତ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ମଧ୍ୟ ଜେଲରେ ପଶିଲେ।

ଏଭଳି ପରିବେଶରେ ବିଧାନସଭା ଅଧିବେଶନ ଯେପରି ଚାଲିବା କଥା ସମସ୍ତେ ଊଣାଅଧିକେ ଅନୁମାନ କରିପାରୁଥିବେ। ଖବରକାଗଜରେ ବିଧାନସଭା ବିବରଣୀ ପ୍ରକାଶ ପାଇବା ପୂର୍ବରୁ ତାର ଯାଞ୍ଚ କରାଗଲା। ୧୯୭୫ ଜୁନ୍ ୨୫ ତାରିଖ ରାତିରେ ଜରୁରୀ ପରିସ୍ଥିତି ଜାରି ହେବା ପରେ ବିଧାନସଭା ଅଧିବେଶନରେ ଏହାର ପ୍ରଭାବ ପଡ଼ିଲା।

ଜୁନ୍ ୨୫ ତାରିଖରେ ଜରୁରୀ ପରିସ୍ଥିତି ଜାରି ହେବା ପରେ ଜୁଲାଇ

Digitized by srujanika@gmail.com

୨୯ ତାରିଖରେ ଓଡ଼ିଶା ବିଧାନସଭାର ଜରୁରୀକାଳୀନ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀ ଶୈଳେନ ମହାପାତ୍ର ଏକ ପ୍ରସ୍ତାବ ଗୃହର ବିଚାର ପାଇଁ ଆଗତ କଲେ। ପ୍ରସ୍ତାବଟି ହେଲା - ଶ୍ରୀ ଶୈଳେନ ମହାପାତ୍ର - ଏହି ବିଧାନସଭା ନିର୍ଦ୍ଧାରଣ କରୁଅଛି ଯେ ଚଳିତ ବିଧାନସଭା ଅଧିବେଶନ କେତେକ ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ କରିବା ପାଇଁ ଜରୁରୀକାଳୀନ ଭିତ୍ତିରେ ବସୁଥିବାରୁ କେବଳ ସରକାରୀ କାର୍ଯ୍ୟ ଏହି ଅଧିବେଶନରେ ସଂପାଦନ ହେବ ଏବଂ ଅନ୍ୟ କୌଣସି କାର୍ଯ୍ୟ ଯାହା ହେଉନା କାହିଁକି- ପ୍ରଶ୍ନ, ସ୍ୱଳ୍ପମିଆଦି ପ୍ରଶ୍ନ, ଦୃଷ୍ଟି ଆକର୍ଷଣକାରୀ ନୋଟିସ୍, ମୁଲତବୀ ପ୍ରସ୍ତାବ ସମେତ କିମ୍ବା ବେସରକାରୀ ସଭ୍ୟଙ୍କ ଦ୍ୱାରା ଉତ୍‌ଥାପିତ ଅନ୍ୟ ଯେକୌଣସି ପ୍ରସ୍ତାବ ଗୃହରେ ଆଗତ କିମ୍ବା ସଂପାଦନ ହୋଇପାରିବ ନାହିଁ ଏବଂ ଏହି ବିଷୟରେ ସମସ୍ତ ପ୍ରାସଙ୍ଗିକ ଓଡ଼ିଶା ବିଧାନସଭାର ନିୟମାବଳୀ ଚଳିତ ଅଧିବେଶନ ପାଇଁ ଏତଦ୍ୱାରା ସ୍ଥଗିତ ହେଲା।

Mr. Speaker ଆପଣ Motionଇଂରାଜୀରେ ପଢ଼ିଲେ ନାହିଁ।

ଶ୍ରୀ ଶୈଳେନ ମହାପାତ୍ର - ଓଡ଼ିଆରେ ମଧ ଦିଆଯାଇଥାଏ।

Mr. Speaker - ପ୍ରସ୍ତାବଟି ଆଗତ ହେଲା।* * *

ଶ୍ରୀ ନଟବର ପ୍ରଧାନ - ମୁଁ ଗୋଟିଏ Submission ବର୍ତ୍ତମାନ ଜରୁରୀ ପରିସ୍ଥିତି ପାଇଁ ବାହାରେ କେହି ପାଟି ଫିଟାଇ ପାରୁନାହାନ୍ତି। କେବଳ ଏହି ଗୃହ ଭିତରେ ଆମେ କିଛି କହିପାରିଥାନ୍ତୁ। ବର୍ତ୍ତମାନ ଆମକୁ ସେ ସୁଯୋଗ ମିଳିଲା ନାହିଁ। ତାର ପ୍ରତିବାଦ କରି ଆମେ ସମସ୍ତ ବିରୋଧୀଦଳ ସଦସ୍ୟ Walk out କରୁଛୁ। (All opposition members except the C.P.I. members walked out)

Mr. Speaker– Now the Question is that this house resolves that the current session of the Orissa Legislative Assembly being in the nature of an emergency session to transact certain urgent and important Government business, only Govt. business be transacted during the session and no other business whatsoever including Question, Short notice questions, Calling attention, Adjournment motion or any other business to be initiated by a private member be brought before or transacted in the house during the session and all relevant Rules on the subject in the rules of procedure and Conduct of business

Digitized by srujanika@gmail.com

in the Orissa Legislative Assembly do hereby stand suspended to that extent. (The motion was adopted.) (O.L.A. debates Vol - V-No. 29, ୯-୭-୭୫, ପୃଷ୍ଠା-୮)

ଏହି ପ୍ରସଙ୍ଗର ଅବତାରଣା କରିବାର ଏକମାତ୍ର ଉଦ୍ଦେଶ୍ୟ ହେଲା ଯେ ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କ ମୌଳିକ ଅଧିକାରକୁ ଲୋପ କରି ଦିଆଗଲା । ଏହା ସଙ୍ଗେ ସଙ୍ଗେ ବିଧାନସଭାର ସମସ୍ତ ନିୟମାବଳୀକୁ ମଧ୍ୟ ପଙ୍ଗୁ କରିଦିଆଗଲା । ଏଠି ଆଉ ଏକ ବିଷୟ ଲକ୍ଷଣୀୟ ଯେ ବିରୋଧୀଦଳର ସଭ୍ୟମାନେ ବିଧାନସଭାର କକ୍ଷତ୍ୟାଗ କରିବା ପରେ ବାଚସ୍ପତି ପ୍ରସ୍ତାବକୁ ଗ୍ରହଣ କରିନେଲେ ।

୧୯୭୫ ଜୁଲାଇ ୨୯ ତାରିଖରେ ମାତ୍ର ପାଞ୍ଚ ଦିନ ପାଇଁ ବିଧାନସଭା ଅଧିବେଶନ ବସିଥିଲା । ଏହି ଅଧିବେଶନ ଡାକିବାର ଏକମାତ୍ର କାରଣ ହେଲା ଯେ ସମ୍ବିଧାନର ୩୮ ତମ ସଂଶୋଧନ ଅନ୍ତର୍ଗତ ୨୧୩, ୨୩୯-ଖ, ୩୫୨, ୩୫୬, ୩୫୯ ଓ ୩୬୦ ଧାରାର ସଂଶୋଧନକୁ ବିଧାନସଭା ବୈଠକରେ ଅନୁମୋଦନ କରିବା ଏହି ଆଲୋଚନା ବେଳେ କେବଳ କମ୍ୟୁନିଷ୍ଟ ଦଳର ସଭ୍ୟମାନଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତ ବିରୋଧୀଦଳର ସଦସ୍ୟ କକ୍ଷତ୍ୟାଗ କରିଥିଲେ ।

ଏହି ଆଲୋଚନା ବେଳେ କମ୍ୟୁନିଷ୍ଟ ଦଳର ଶ୍ରୀ ଲୋକନାଥ ଚୌଧୁରୀ ଯାହା କହିଥିଲେ ସେଥି ମଧ୍ୟରୁ ଅଳ୍ପ କେତେ ଲାଇନ୍ ଏଠାରେ ଆମେ ଉଦ୍ଧାର କଲୁ । ତାହା ଏହିପରି—

ଶ୍ରୀ ଲୋକନାଥ ଚୌଧୁରୀ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧି ଦେଶର ଏହି ଘଡ଼ିସନ୍ଧି ବେଳେ ଯେଉଁ ଦୃଢ଼ ପଦକ୍ଷେପ ବିଚକ୍ଷଣତାର ସହ ନେଇଛନ୍ତି, ତାହା ପୃଥିବୀ ଇତିହାସରେ ବିରଳ । ଫାସିଜିମ୍ ବିରୁଦ୍ଧରେ ସେ ଯେଉଁ ବିରାଟ ନେତୃତ୍ୱ ନେଇଛନ୍ତି ତାହା ମଧ୍ୟ ପୃଥିବୀ ଇତିହାସରେ ବିରଳ ।

(Orissa Legislative Assembly debates. Sixth Assembly Vol-V-No. 2-ପୃଷ୍ଠା ୧୬) କମ୍ୟୁନିଷ୍ଟ ଦଳର ସଦସ୍ୟମାନେ ଜରୁରୀ ପରିସ୍ଥିତି ସମୟରେ କେଉଁ ଅବସ୍ଥାକୁ ଓହ୍ଲାଇ ଆସିଥିଲେ, ଶ୍ରୀ ଚୌଧୁରୀଙ୍କ ବକ୍ତବ୍ୟ ତା'ର ଏକ ସାମାନ୍ୟ ଉଦାହରଣ ।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସରକାର ବିରୋଧୀଦଳର ବହୁ ବିଶିଷ୍ଟ ନେତାଙ୍କୁ କାରାରୁଦ୍ଧ କରିଥିଲେ ମଧ୍ୟ ବିରୋଧୀ ଦଳରେ ଯେତିକି ସଦସ୍ୟ ଥିଲେ, ସେମାନଙ୍କୁ ମଧ୍ୟ ଭୟ କରୁଥିଲେ । ତା' ନହୋଇଥିଲେ ବିଧାନସଭା

Digitized by srujanika@gmail.com

ନୀତି ନିୟମକୁ ଏଭଳି ବିକଳାଙ୍ଗ କରିଦେଇ ନଥାନ୍ତେ ।

ଷଷ୍ଠ ବିଧାନସଭାରେ ବାଚସ୍ପତି ରୂପେ ଦାୟିତ୍ୱ ନେଇଥିଲେ ଶ୍ରୀ ବ୍ରଜମୋହନ ମହାନ୍ତି ଏବଂ ଉପବାଚସ୍ପତି ଥିଲେ ଶ୍ରୀ ଚିନ୍ତାମଣି ଜେନା । ଶ୍ରୀମତୀ ଶତପଥୀ ମୋଟ ୨ ବର୍ଷ ୧୦ ମାସ ଶାସନ କ୍ଷମତାରେ ଥିଲେ । ତାଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କୁ ମୁକାବିଲା କରିବା ଭଳି ଅଭିଯୋଗ ଆଗତ ହୋଇଥିଲା । ତାଙ୍କୁ ଇସ୍ତଫା ଦେବାପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଶ୍ରୀମତୀ ଶତପଥୀ କାଳେ ଇସ୍ତଫା ନ ଦେବେ, ସେଥିପାଇଁ କେନ୍ଦ୍ରରୁ ଯଥେଷ୍ଟ କ୍ଷମତା ଦେଇ ଶ୍ରୀ ରାମକୃଷ୍ଣେୟାଙ୍କୁ ରାଜ୍ୟପାଳଙ୍କ ପରାମର୍ଶଦାତା ରୂପେ ପଠାଯାଇଥିଲା । ସେ ସମୟରେ ଓଡ଼ିଶାରେ ମୁଖ୍ୟ ବିଚାରପତି ଶ୍ରୀ ଶିବନାରାୟଣ ଶଙ୍କର ରାଜ୍ୟପାଳ ଦାୟିତ୍ୱରେ ଥିଲେ । ତେବେ ଶ୍ରୀମତୀ ଶତପଥୀ ୧୯୭୬ ସାଲ୍ ଡିସେମ୍ବର ୧୬ ତାରିଖରେ ଇସ୍ତଫା ଦେଲେ । ମୁଖ୍ୟମନ୍ତ୍ରୀ ରୂପେ ଶ୍ରୀ ବିନାୟକ ଆଚାର୍ଯ୍ୟ ଡିସେମ୍ବର ୨୯ ତାରିଖରେ ଦାୟିତ୍ୱ ନେଲେ । ୧୬ ତାରିଖରୁ ୨୯ ତାରିଖ ରାଷ୍ଟ୍ରପତି ଶାସନ ଓଡ଼ିଶାରେ ଜାରି ହୋଇଥିଲା ।

ଏହି ବିଧାନସଭାରେ ମୋଟ ନଅଥର ଅଧିବେଶନ ବସିଛି ଓ ୧୫୦ ଦିନ ପାଇଁ ଗୃହର ବୈଠକ ହୋଇଛି ।

•

Digitized by srujanika@gmail.com

## (୮)

ଜରୁରୀ ପରିସ୍ଥିତି ସମୟରେ ବିଧାନସଭାକୁ ଯଥେଚ୍ଛାଭାବେ ବ୍ୟବହାର କରାଗଲା। ବିଚାର ବିଭାଗର ସ୍ୱାଧୀନତାକୁ ସମ୍ବିଧାନ ସଂଶୋଧନ କରି ସମ୍ପୂର୍ଣ୍ଣ ଭାବେ ସାବାଡ଼ କରି ଦିଆଗଲା। ୧୯୮୫ ଜୁନ୍ ମାସ ପ୍ରଥମ ଭାଗରେ ଆହ୍ଲାବାଦ ହାଇକୋର୍ଟ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଦେବା ଫଳରେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହେଲା। ଶ୍ରୀମତୀ ଗାନ୍ଧି ଇସ୍ତଫା ନ ଦେଇ ସୁପ୍ରିମକୋର୍ଟରେ ଆବେଦନ କଲେ। ମାତ୍ର ଏଣେ ସମ୍ବିଧାନର ୩୯ତମ ସଂଶୋଧନ ଆଗତ କଲେ। ସମ୍ବିଧାନର ୭୧, ୩୨୯ ଓ ୯୭ ଏ ୩୬୮ ଧାରାକୁ ସଂଶୋଧନ କରି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଲୋକସଭା ବାଚସ୍ପତିଙ୍କ ନିର୍ବାଚନକୁ କୌଣସି ବିଚାରାଳୟରେ ଚାଲେଞ୍ଜ କରାଯାଇ ପାରିବ ନାହିଁ ବୋଲି ବ୍ୟବସ୍ଥା ହେଲା। ପାର୍ଲାମେଣ୍ଟର ଉଭୟ ଗୃହ ଏହାକୁ ଗ୍ରହଣ କଲେ।

ଓଡ଼ିଶା ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଏଥିପାଇଁ ୧୯୭୫ ଅଗଷ୍ଟ ୯ ତାରିଖରେ ଆହ୍ୱାନ କରାଯାଇ ପାର୍ଲାମେଣ୍ଟରେ ଗୃହୀତ ଏହି ସଂଶୋଧନ ବ୍ୟବସ୍ଥାକୁ ଅନୁମୋଦନ କରାଗଲା। ଏହି ଅଧିବେଶନରେ ଯେଉଁ ବିଷୟଟି ସବୁଠାରୁ ରକ୍ଷଣୀୟ ତା'ହେଲା କୌଣସି ବିରୋଧୀଦଳ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରିନଥିଲେ। ଆଠଗଡ଼ର ସ୍ୱାଧୀନ ସଭ୍ୟ ଶ୍ରୀ ରାଧାନାଥ ରଥ ଏକମାତ୍ର ବିରୋଧୀଦଳ ସଦସ୍ୟ (ଯଦି ତାଙ୍କୁ ବିରୋଧୀଦଳ ବୋଲି ଧରି ନିଆଯିବ?) ଯିଏ ଜରୁରୀ ପରିସ୍ଥିତି ଓ ସମ୍ବିଧାନ ସଂଶୋଧନକୁ ସମର୍ଥନ କରି ଲମ୍ବା ଭାଷଣ ଦେଇଥିଲେ। ଅନ୍ୟ ଯେଉଁମାନେ ଏହି ଆଲୋଚନାରେ ଅଂଶ ନେଇଥିଲେ, ସେମାନେ ହେଲେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ, ଗଙ୍ଗାଧର ମହାପାତ୍ର (କଂଗ୍ରେସ), ଶୈଳେନ ମହାପାତ୍ର (ସରକାରୀ ଦଳର ମୁଖ୍ୟ ସଚେତକ), ରଘୁନାଥ ପଟ୍ଟନାୟକ (କଂଗ୍ରେସ) ଓ କାର୍ତ୍ତିକେଶ୍ୱର ପାତ୍ର (କଂଗ୍ରେସ)। ଏଥିରୁ ସହଜରେ ଅନୁମେୟ ଯେ, ବିଧାନସଭାକୁ କିପରି ଭାବେ କିଭଳି ଭାବେ ବ୍ୟବହାର କରାଯାଇଥିଲା।

ଶ୍ରୀମତୀ ଶତପଥୀଙ୍କ ରାଜତ୍ୱ ଶେଷ ହୋଇଥିଲା ଡିସେମ୍ବର ୧୬ ତାରିଖ ୧୯୭୬ ସାଲ୍‌ରେ। ତାଙ୍କ ପରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲେ ଶ୍ରୀ ବିନାୟକ ଆଚାର୍ଯ୍ୟ। ହଠାତ୍ ୧୯୭୭ ଜାନୁଆରୀ ୧୭ ତାରିଖରେ ଇନ୍ଦିରା ଗାନ୍ଧି ସମଗ୍ର ଦେଶବାସୀଙ୍କୁ ଚମକାଇ ଦେଇ ଅଚାନକ ଭାବେ ରେଡ଼ିଓରେ ଲୋକସଭା ଭଙ୍ଗ ହେଲା ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ମାର୍ଚ୍ଚ ମାସରେ ନିର୍ବାଚନ

Digitized by srujanika@gmail.com

ହେବ ବୋଲି ଘୋଷଣା କରିଥିଲେ । ଏହି ଘୋଷଣା ପରେ ୧୮ ତାରିଖରେ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ଆନୁଷ୍ଠାନିକ ଭାବେ ଲୋକସଭା ଭଙ୍ଗ କଲେ । ସାରା ଦେଶରେ ରାଜନୈତିକ ବାତାବରଣ ଉଷ୍ମ ହୋଇଉଠିଲା । ୧୯୭୭ ଫେବୃଆରୀ ୨ ତାରିଖରେ ନନ୍ଦିନୀ ଶତପଥୀ କଂଗ୍ରେସରୁ ଇସ୍ତଫା ଦେଇ ଜଗଜ୍ଜୀବନ ରାମଙ୍କ କଂଗ୍ରେସ ଫର୍ ଡେମୋକ୍ରାସି ଦଳରେ ସାମିଲ ହେଲେ ।

୧୯୭୭ ମାର୍ଚ୍ଚ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ହେଲା । ଓଡ଼ିଶାର ୨୧ଟି ସ୍ଥାନ ମଧ୍ୟରୁ ୧୪ଟି ଜନତା, ଗୋଟିଏ ସି.ଏଫ୍.ଡି. (ଢେଙ୍କାନାଳ), ଗୋଟିଏ ସି.ପି.ଏମ୍. (ଭୁବନେଶ୍ୱର), ଗୋଟିଏ ସ୍ୱାଧୀନ (କଳାହାଣ୍ଡି) ଏବଂ ଚାରୋଟି ସ୍ଥାନ କଂଗ୍ରେସ ଦଳ ଲାଭ କଲେ । ୧୯୭୭ ମାର୍ଚ୍ଚ ୨୪ ତାରିଖରେ ମୋରାରଜୀ ଦେଶାଇ ଭାରତର ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲେ । ଏହି ସମୟରେ ଓଡ଼ିଶାର ବହୁ କଂଗ୍ରେସ ଏମ୍.ଏଲ.ଏ. ଜନତାଦଳରେ ଯୋଗଦେଇ ଓଡ଼ିଶାରେ ଏକ ଜନତା ମନ୍ତ୍ରିମଣ୍ଡଳ ଗଠନ କରିବାର ମସୁଧା କରିଥିଲେ । ସେମାନେ ବିଜୁ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ । ମାତ୍ର କେନ୍ଦ୍ରୀୟ ଜନତାପାର୍ଟି ଏହାକୁ ନାପସନ୍ଦ କରି ନିର୍ବାଚନ ମାଧ୍ୟମରେ ନିରୋଳା ଜନତା ସରକାର ଗଢ଼ିବା ପାଇଁ ନିଷ୍ପତ୍ତି ନେଲେ । କ୍ଷମତା କିପରି ସମସ୍ତ ଆଦର୍ଶ ଓ ମତବାଦକୁ ଉଡ଼େଇଦିଏ, ତାହା ଏହି ସମୟରେ ପ୍ରମାଣିତ ହୋଇଥିଲା । ରାଜନୀତିରେ ସୁବିଧାବାଦର ସ୍ଥାନ କିପରି, ତାହା ଏହି ସମୟ ହିଁ ଦେଶବାସୀଙ୍କୁ ଜଣାଇଥିଲା । କାରଣ ଲୋକମାନେ କଂଗ୍ରେସରେ ଏବଂ ଇନ୍ଦିରା ଗାନ୍ଧିଙ୍କର ପ୍ରିୟଭାଜନ ହୋଇ କ୍ଷମତା ଓ ଅର୍ଥରେ ଚରମ ଭୋଗ ବାସନା ଚରିତାର୍ଥ କରିଥିଲେ, ସେଇମାନେ ତାଙ୍କ ବିପଦ ସମୟରେ ତାଙ୍କୁ ଛାଡ଼ି ଚାଲି ଆସିଲେ ।

କେନ୍ଦ୍ରରେ ଜନତାପାର୍ଟି ସରକାର ଗଠନ ହେବାପରେ ୧୯୭୭ ଏପ୍ରିଲ୍ ୩ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚରଣ ସିଂହ ୯ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ନିକଟକୁ ପତ୍ର ଲେଖି ସେମାନଙ୍କ ରାଜ୍ୟର ବିଧାନସଭାଗୁଡ଼ିକୁ ଭାଙ୍ଗିଦେବା ପାଇଁ ପରାମର୍ଶ ଦେଲେ । ଏହି ୯ଟି ରାଜ୍ୟ ହେଲା- ପଶ୍ଚିମବଙ୍ଗ ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ପଞ୍ଜାବ ଓ ହରିୟାନା । ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହି ଧମକ ବିରୋଧରେ ଚାରୋଟି ରାଜ୍ୟ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ ଓ ପଞ୍ଜାବ ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଲେ । ଓଡ଼ିଶା ସରକାର ଓଡ଼ିଶା ହାଇକୋର୍ଟର ଆଶ୍ରୟ ନେଇ ଦର୍ଶାଇଥିଲେ ଯେ, ଲୋକସଭା ନିର୍ବାଚନରେ କଂଗ୍ରେସର ଜନପ୍ରିୟତା ହ୍ରାସ ପାଇନାହିଁ । କାରଣ

Digitized by srujanika@gmail.com

୧୯୭୪ରେ କଂଗ୍ରେସ ଦଳ ଶତକଡ଼ା ୩୮.୪୬ ଭାଗ ପାଇ ସରକାର ଗଢ଼ିଥିବା ବେଳେ ୧୯୭୭ ଲୋକସଭା ନିର୍ବାଚନରେ ୩୮.୧ ଭାଗ ଭୋଟ ପାଇଛି। ସୁପ୍ରିମକୋର୍ଟ ୧୯୭୭ ଏପ୍ରିଲ୍ ୨୯ ତାରିଖରେ ଚାରୋଟି ରାଜ୍ୟର ଆବେଦନକୁ ଖାରଜ କରିଦେଲେ। ସେହିଦିନ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକ ବସି କଂଗ୍ରେସ ଶାସିତ ୯ଟି ରାଜ୍ୟରେ ରାଷ୍ଟ୍ରପତି ଶାସନ ସେହିଦିନ ଜାରି କରିବା ପାଇଁ ନିଷ୍ପତ୍ତି ନେଲେ। ମାତ୍ର ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ବି.ଡି. ଜତ୍ତି ମନ୍ତ୍ରିମଣ୍ଡଳ ସୁପାରିଶ ଅନୁଧ୍ୟାନ କରିବା ପାଇଁ ଚବିଶ ଘଣ୍ଟା ସମୟ ନେଲେ। ଭାରତର ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ୧୯୭୭ ଫେବୃଆରୀ ୧୧ ତାରିଖରେ ପରଲୋକ ଗମନ କରିବାରୁ ଜତ୍ତି ସାହେବ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇଥିଲେ।

ଓଡ଼ିଶା ବିଧାନସଭା ଓ ସରକାରୀ ଦଳ ସମ୍ପର୍କରେ ଆମର ଆଲୋଚନାକୁ ଯଦିଚ ସୀମାବଦ୍ଧ ରଖିବା କଥା, କିନ୍ତୁ ଭାରତୀୟ ରାଜନୀତିକୁ କେତେକ ସମୟରେ ବାଦ୍ ଦେଇହେବ ନାହିଁ। କାରଣ ଏହି ସମୟର ଘଟଣାବଳୀରେ ଭାରତୀୟ ରାଜନୀତିର ପ୍ରଭାବ ଯେ ଯଥେଷ୍ଟ ରହିଥିଲା ତାହା କହିଲେ ଅନୁଚିତ ବକ୍ତବ୍ୟ ହେବନାହିଁ।

ଏବେ ଆସନ୍ତୁ ଜତ୍ତି ସାହେବଙ୍କ ପାଖକୁ ଯିବା। କେନ୍ଦ୍ର ମନ୍ତ୍ରିମଣ୍ଡଳ ସୁପାରିଶକୁ ଜତ୍ତି ସାହେବ ଭଲକରି ପଢ଼ି ୧୯୭୭ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟା ସାତଟା ୪୦ ମିନିଟରେ ଦସ୍ତଖତ କଲେ। ଓଡ଼ିଶାରେ ବିନାୟକ ଆଚାର୍ଯ୍ୟଙ୍କ ସରକାର ଏପ୍ରିଲ୍ ୩୦ ତାରିଖ ରାତି ୮ଟାରେ କ୍ଷମତାଚ୍ୟୁତ ହେଲେ ଏବଂ ସେତିକିବେଳୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି କରାଗଲା।

ଓଡ଼ିଶାରେ ନିର୍ବାଚନ ରାଜନୀତିରେ ୧୯୭୭ ସାଲ୍‌ର ପର ସମୟକୁ ହାଉଆ ରାଜନୀତି ବୋଲି କହିଲେ ଯଥାର୍ଥ ମନ୍ତବ୍ୟ ହେବ। ଉଲ୍ଲେଖଯୋଗ୍ୟ ଘଟଣା ଏହି ଯେ, ୧୯୭୭ରୁ ଯାହା ସପକ୍ଷରେ ହାଉଆ ବୋହୁଛି, ସେ ବିପୁଳ ସଂଖ୍ୟାଗରିଷ୍ଠତାରେ ବିଧାନସଭା ଭିତରେ ପ୍ରବେଶ କରୁଛି। ଆଉ ଏକ ଲକ୍ଷଣୀୟ ବିଷୟ ଏହି ଯେ, ଏହି ହାଉଆ କ୍ରମେ ଝଞ୍ଜାର ରୂପ ନେଉଛି। କାରଣ ପ୍ରତି ବିଧାନସଭାରେ ସରକାରୀ ଦଳ (ଯେଉଁ ଦଳ ହୁଅନ୍ତୁ ପଛକେ)ର ସଂଖ୍ୟା ପୂର୍ବ ନିର୍ବାଚନ ତୁଳନାରେ ଅଧିକ ହେଉଛି। ଯେମିତି ୧୯୭୭ ନିର୍ବାଚନରେ ଜନତାପାର୍ଟି ୧୧୦ଟି ଆସନରେ ବିଜୟୀ ହୋଇଥିବାବେଳେ ୧୯୮୦ ସାଲରେ କଂଗ୍ରେସ ୧୧୭ଟି ସ୍ଥାନରେ, ୧୯୮୫ରେ କଂଗ୍ରେସ ୧୧୭ଟି ସ୍ଥାନ ଏବଂ ୧୯୯୦ରେ ଜନତାଦଳ ୧୨୩ଟି ସ୍ଥାନ ଅଧିକାର କରିଥିଲେ। ଏହାର ଅନ୍ୟ ଦିଗଟି ଅତ୍ୟନ୍ତ ମାରାତ୍ମକ। ବିଶେଷକରି ଗଣତନ୍ତ୍ରରେ ଏକ ଦାୟିତ୍ୱସମ୍ପନ୍ନ

Digitized by srujanika@gmail.com

ବିରୋଧୀଦଳର ଆବଶ୍ୟକତା ଥିବାବେଳେ ହାଉଆ ରାଜନୀତିରେ ବିରୋଧୀଦଳ କ୍ରମେ ମୂଳପୋଛ ହେବାକୁ ବସିଲେଣି। ଓଡ଼ିଶା ନିର୍ବାଚନ ରାଜନୀତିର ଏହି ବିଶେଷ ଦିଗଟି ସମ୍ପର୍କରେ ଆଲୋଚନା ଓ ଗବେଷଣା ହେବା ଉଚିତ। ରାଜନୀତି ବିଜ୍ଞାନର ସୁଧୀ ଗବେଷକମାନେ ଏ ଦାୟିତ୍ୱ ନେବା ଉଚିତ। କାରଣ ଏହି ଦିଗଟି ଯଥାର୍ଥ ପର୍ଯ୍ୟାଲୋଚନା କରାନଗଲେ କ୍ରମେ ଗଣତନ୍ତ୍ର ପଙ୍ଗୁ ହୋଇ ପଡ଼ିବ। ଆମର ମନେହୁଏ ସରକାର ଗଠନ କରୁଥିବା ଦଳର ଲୋକେ ଭୋଗବିଳାସରେ ଏଭଳି ମାତିଯାଉଛନ୍ତି ଯେଉଁଥିରେ ଜନସାଧାରଣ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଏମାନେ ଚରମ ଦୁର୍ନୀତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ନିଜର କର୍ମଭୂମି ଛାଡ଼ି ରାଜଧାନୀର ସ୍ଥାୟୀ ବାସିନ୍ଦା ହୋଇ ରହିଯାଉଛନ୍ତି। ତାହାହିଁ ତାଙ୍କର କାଳ ହେଉଛି ଏବଂ ଲୋକଙ୍କ ବିରକ୍ତିର ଶିକାର ହେଉଛନ୍ତି।

ଏବେ ୧୯୭୭ ସାଲ୍‌କୁ ଯିବା। ଜୁନ୍ ୧୦ ତାରିଖରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା। ଯାହା ଆଶା କରାଯାଉଥିଲା ତାହାହିଁ ଘଟିଲା। କଂଗ୍ରେସର ମୂଳୋତ୍ପାଟନ ହେଲା। ଜନତାପାର୍ଟିର ଲୋକେ ବିପୁଳ ସଂଖ୍ୟାରେ ନିର୍ବାଚିତ ହେଲେ। ଦଳୱାରୀ ସଂଖ୍ୟା ତଳେ ଦିଆଗଲା। ଜନତାପାର୍ଟି ୧୧୦, କଂଗ୍ରେସ ୨୬, ସି.ପି.ଆଇ. ୧, ସି.ପି.ଏମ୍. ୧, ସ୍ୱାଧୀନ ୯। ଏହି ନିର୍ବାଚନରେ ବିଜୁବାବୁ ପୁଣି ଥରେ ଜନସାଧାରଣଙ୍କ ଉପରେ ଥିବା ତାଙ୍କ କର୍ତ୍ତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ୧୯୬୧ରେ ବିଜୁବାବୁ ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ଯେପରି ପ୍ରଥମ ଥର ପାଇଁ ଏକ ନିଷ୍ପତ୍ତିମୂଳକ ସଂଖ୍ୟାଗରିଷ୍ଠତାରେ ଜିତାଇଥିଲେ, ୧୯୭୭ରେ ପ୍ରଥମ ଥର ପାଇଁ ରେକର୍ଡ ସଂଖ୍ୟକ ଶତାଧିକ ଜନତାପାର୍ଟି ସଭ୍ୟଙ୍କୁ ବିଧାନସଭାକୁ ନେଇ ଆସିଥିଲେ। ଏଇଆ ହିଁ ବିଜୁବାବୁଙ୍କ ବାହାଦୁରୀ। ଏହି ଘଟଣାର ପୁନରାବୃତ୍ତି ଘଟିଥିଲା ୧୯୯୦ରେ, ଯେତେବେଳେ ବିଜୁବାବୁ ପୂର୍ବବର୍ତ୍ତୀ କଂଗ୍ରେସ ଦଳର ବିପୁଳ ସଂଖ୍ୟାଗରିଷ୍ଠତାକୁ କାଟି ତା' ଅପେକ୍ଷା ଯଥେଷ୍ଟ ଅଧିକ (୧୨୩ ଜଣ) ଜନତାଦଳ ସଭ୍ୟଙ୍କୁ ବିଧାନସଭାକୁ ଆଣିଥିଲେ। ମାତ୍ର ଦୁର୍ନୀତି, ଖାମ୍‌ଖିଆଲି ଓ ହାମ୍‌ବଡ଼ା ନୀତି ଯୋଗୁଁ ଶାସନ କୁଶାସନରେ ପରିଣତ ହୁଏ ଏବଂ ପରବର୍ତ୍ତୀ ନିର୍ବାଚନରେ ଫୁଲମାଳ ବଦଳରେ ଜୋତାମାଳ ପିନ୍ଧିବାକୁ ପଡ଼େ। ଓଡ଼ିଶା ରାଜନୀତିରେ ଏହା ଏକ ଗତାନୁଗତିକ ପ୍ରକ୍ରିୟାରେ ପରିଣତ ହୋଇଯାଇଛି।

୧୯୭୭ ସାଲ୍‌ର ସପ୍ତମ ବିଧାନସଭାରେ ଶେଷ ପର୍ଯ୍ୟନ୍ତ ଜଣେ ମୁଖ୍ୟମନ୍ତ୍ରୀ (ନୀଳମଣି ରାଉତରାୟ ୨୬.୬.୭୭ରୁ ୧୭.୨.୮୦ ପର୍ଯ୍ୟନ୍ତ) ଥିଲେ। ମାତ୍ର ବିରୋଧୀଦଳ ନେତା ପରିବର୍ତ୍ତନ କ୍ଷେତ୍ରରେ ସପ୍ତମ ବିଧାନସଭା ଏକ ରେକର୍ଡ଼ର ଅଧିକାରୀ। ଏହି ସମୟରେ କଂଗ୍ରେସ ଦଳ ଦ୍ୱିତୀୟ ଥର ପାଇଁ ବିଭାଜିତ

Digitized by srujanika@gmail.com

ହୋଇଥିଲା । ବିଧାନସଭା ଆରମ୍ଭରେ କଂଗ୍ରେସ ଦଳର ନେତା ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ବିରୋଧୀଦଳ ନେତା ରୂପେ ସ୍ୱୀକୃତ ହେଲେ । ଶ୍ରୀ ପାଣିଗ୍ରାହୀ ୧୯୭୮ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଏହି ପଦବୀରେ ରହିବାପରେ କଂଗ୍ରେସରୁ ୧୫ ଜଣ ସଦସ୍ୟ ବାହାରିଆସି କଂଗ୍ରେସ (ଆଇ)ରେ ଯୋଗଦେବା ଫଳରେ ଏହି ଦଳର ନେତା ବୃନ୍ଦାବନ ନାୟକ ବିରୋଧିଦଳ ନେତା ରୂପେ ୧୯୭୮ ଫେବୃଆରୀ ୨୦ ତାରିଖରୁ ସ୍ୱୀକୃତ ହେଲେ ।

କଂଗ୍ରେସ ଭଳି ଜନତାପାର୍ଟି ମଧ୍ୟ ବିଭାଜିତ ହେଲା । ୧୯୭୯ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଚରଣ ସିଂହଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା । ଜନତାପାର୍ଟିର କେତେକ ବ୍ୟକ୍ତି ଚରଣ ସିଂହଙ୍କୁ ସମର୍ଥନ କଲେ । ଫଳରେ କେନ୍ଦ୍ରର ଜନତାଦଳର ପତନ ଘଟିଲା । ଓଡ଼ିଶାର ମୋରାରଜୀ ଦେଶାଇଙ୍କ ଦଳକୁ ସମର୍ଥନ କରୁଥିବା ୨୮ ଜଣ ବିଧାୟକ ଶ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ନେତୃତ୍ୱରେ ଜନତା (ଓ) ଦଳ ଗଢ଼ିଲେ । ଫଳରେ ବିରୋଧୀଦଳର ନେତା ପଦବୀ ବୃନ୍ଦାବନ ନାୟକଙ୍କ ହାତରୁ ପ୍ରହ୍ଲାଦ ମଲ୍ଲିକଙ୍କ ହାତକୁ ଗଲା । ପ୍ରହ୍ଲାଦ ମଲ୍ଲିକ ୩.୯.୭୯ରୁ ୧୩.୨.୮୦ ପର୍ଯ୍ୟନ୍ତ ରହିବା ପରେ ଜନତାଦଳ ଛାଡ଼ି କଂଗ୍ରେସରେ ଯୋଗଦେଲେ । ଜନତାପାର୍ଟି ଭାଗ ହୋଇ ଫେବୃଆରୀ ୧୩ ତାରିଖରେ ଚରଣ ସିଂହଙ୍କ ଗୋଷ୍ଠୀ ଭାରତୀୟ ଲୋକଦଳ ଗଠନ କଲେ । ଓଡ଼ିଶାରେ ଅନନ୍ତ ନାରାୟଣ ସିଂହଦେଓ ମୂଳ ଜନତାଦଳର ନେତା ହେଲେ ଓ ପ୍ରହ୍ଲାଦ ମଲ୍ଲିକଙ୍କ ସ୍ଥାନରେ ବିରୋଧୀଦଳ ନେତା ରୂପେ ସ୍ୱୀକୃତ ହେଲେ ।

କେନ୍ଦ୍ରରେ ଜନତାଦଳ ସରକାରର ପତନ ପାଇଁ ଅନେକେ ବିଜୁ ପଟ୍ଟନାୟକଙ୍କୁ ଦାୟୀ କରନ୍ତି । କାରଣ ଜାମସେଦ୍‌ପୁରର ଏମ୍.ପି. ରୁଦ୍ରନାରାୟଣ ଷଡ଼ଙ୍ଗୀ ବିଜୁବାବୁଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆଣିଥିଲେ । ପ୍ରଧାନମନ୍ତ୍ରୀ ମୋରାରଜୀ ଭାଇ ଏହାର ତଦନ୍ତ ପାଇଁ ଘଟାନି କମିଶନ ବସାଇବା ଲାଗି ନିଷ୍ପତ୍ତି ନେଲେ । ବିଜୁ ପଟ୍ଟନାୟକ ନିଜ ଅନୁଗତଙ୍କୁ ନେଇ ଲୋକଦଳରେ ମିଶିଗଲେ । ନା' ରହେଗା ବାଂଶ୍ ନା' ବଜେଗି ବାଂଶୁରୀ ।

•

Digitized by srujanika@gmail.com

ବିରୋଧୀଦଳର ଆବଶ୍ୟକତା ଥିବାବେଳେ ହାଉଆ ରାଜନୀତିରେ ବିରୋଧୀଦଳ କ୍ରମେ ମୂଳପୋଛ ହେବାକୁ ବସିଲେଣି। ଓଡ଼ିଶା ନିର୍ବାଚନ ରାଜନୀତିର ଏହି ବିଶେଷ ଦିଗଟି ସମ୍ପର୍କରେ ଆଲୋଚନା ଓ ଗବେଷଣା ହେବା ଉଚିତ। ରାଜନୀତି ବିଜ୍ଞାନର ସୁଧୀ ଗବେଷକମାନେ ଏ ଦାୟିତ୍ୱ ନେବା ଉଚିତ। କାରଣ ଏହି ଦିଗଟି ଯଥାର୍ଥ ପର୍ଯ୍ୟାଲୋଚନା କରାନଗଲେ କ୍ରମେ ଗଣତନ୍ତ୍ର ପଙ୍ଗୁ ହୋଇ ପଡ଼ିବ। ଆମର ମନେହୁଏ ସରକାର ଗଠନ କରୁଥିବା ଦଳର ଲୋକେ ଭୋଗବିଳାସରେ ଏଭଳି ମାତିଯାଉଛନ୍ତି ଯେଉଁଥିରେ ଜନସାଧାରଣ ତାଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ଏମାନେ ଚରମ ଦୁର୍ନୀତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ନିଜର କର୍ମଭୂମି ଛାଡ଼ି ରାଜଧାନୀର ସ୍ଥାୟୀ ବାସିନ୍ଦା ହୋଇ ରହିଯାଉଛନ୍ତି। ତାହାହିଁ ତାଙ୍କର କାଳ ହେଉଛି ଏବଂ ଲୋକଙ୍କ ବିରକ୍ତିର ଶିକାର ହେଉଛନ୍ତି।

ଏବେ ୧୯୭୭ ସାଲ୍‌କୁ ଯିବା। ଜୁନ୍ ୧୦ ତାରିଖରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା। ଯାହା ଆଶା କରାଯାଉଥିଲା ତାହାହିଁ ଘଟିଲା। କଂଗ୍ରେସର ମୂଳୋତ୍ପାଟନ ହେଲା। ଜନତାପାର୍ଟିର ଲୋକେ ବିପୁଳ ସଂଖ୍ୟାରେ ନିର୍ବାଚିତ ହେଲେ। ଦଳୱାରୀ ସଂଖ୍ୟା ତଳେ ଦିଆଗଲା। ଜନତାପାର୍ଟି ୧୧୦, କଂଗ୍ରେସ ୨୬, ସି.ପି.ଆଇ. ୧, ସି.ପି.ଏମ୍. ୧, ସ୍ୱାଧୀନ ୯। ଏହି ନିର୍ବାଚନରେ ବିଜୁବାବୁ ପୁଣି ଥରେ ଜନସାଧାରଣଙ୍କ ଉପରେ ଥିବା ତାଙ୍କ କର୍ତ୍ତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ୧୯୬୧ରେ ବିଜୁବାବୁ ତାଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ଯେପରି ପ୍ରଥମ ଥର ପାଇଁ ଏକ ନିଷ୍କରିମୂଳକ ସଂଖ୍ୟାଗରିଷ୍ଠତାରେ ଜିତାଇଥିଲେ, ୧୯୭୭ରେ ପ୍ରଥମ ଥର ପାଇଁ ରେକର୍ଡ ସଂଖ୍ୟକ ଶତାଧିକ ଜନତାପାର୍ଟି ସଭ୍ୟଙ୍କୁ ବିଧାନସଭାକୁ ନେଇ ଆସିଥିଲେ। ଏଇଆ ହିଁ ବିଜୁବାବୁଙ୍କ ବାହାଦୁରୀ। ଏହି ଘଟଣାର ପୁନରାବୃତ୍ତି ଘଟିଥିଲା ୧୯୯୦ରେ, ଯେତେବେଳେ ବିଜୁବାବୁ ପୂର୍ବବର୍ତ୍ତୀ କଂଗ୍ରେସ ଦଳର ବିପୁଳ ସଂଖ୍ୟାଗରିଷ୍ଠତାକୁ କାଟି ତା' ଅପେକ୍ଷା ଯଥେଷ୍ଟ ଅଧିକ (୧୨୩ ଜଣ) ଜନତାଦଳ ସଭ୍ୟଙ୍କୁ ବିଧାନସଭାକୁ ଆଣିଥିଲେ। ମାତ୍ର ଦୁର୍ନୀତି, ଖାମ୍‌ଖିଆଲି ଓ ହାମ୍‌ବଡ଼ା ନୀତି ଯୋଗୁଁ ଶାସନ କୁଶାସନରେ ପରିଣତ ହୁଏ ଏବଂ ପରବର୍ତ୍ତୀ ନିର୍ବାଚନରେ ଫୁଲମାଳ ବଦଳରେ ଜୋତାମାଳ ପିନ୍ଧିବାକୁ ପଡ଼େ। ଓଡ଼ିଶା ରାଜନୀତିରେ ଏହା ଏକ ଗତାନୁଗତିକ ପ୍ରକ୍ରିୟାରେ ପରିଣତ ହୋଇଯାଇଛି।

୧୯୭୭ ସାଲ୍‌ର ସପ୍ତମ ବିଧାନସଭାରେ ଶେଷ ପର୍ଯ୍ୟନ୍ତ ଜଣେ ମୁଖ୍ୟମନ୍ତ୍ରୀ (ନୀଳମଣି ରାଉତରାୟ ୨୬.୬.୭୭ରୁ ୧୭.୨.୮୦ ପର୍ଯ୍ୟନ୍ତ) ଥିଲେ। ମାତ୍ର ବିରୋଧୀଦଳ ନେତା ପରିବର୍ତ୍ତନ କ୍ଷେତ୍ରରେ ସପ୍ତମ ବିଧାନସଭା ଏକ ରେକର୍ଡ଼ର ଅଧିକାରୀ। ଏହି ସମୟରେ କଂଗ୍ରେସ ଦଳ ଦ୍ୱିତୀୟ ଥର ପାଇଁ ବିଭାଜିତ

Digitized by srujanika@gmail.com

ହୋଇଥିଲା। ବିଧାନସଭା ଆରମ୍ଭରେ କଂଗ୍ରେସ ଦଳର ନେତା ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ ବିରୋଧୀଦଳ ନେତା ରୂପେ ସ୍ୱୀକୃତ ହେଲେ। ଶ୍ରୀ ପାଣିଗ୍ରାହୀ ୧୯୭୮ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ଏହି ପଦବୀରେ ରହିବାପରେ କଂଗ୍ରେସରୁ ୧୫ ଜଣ ସଦସ୍ୟ ବାହାରିଆସି କଂଗ୍ରେସ (ଆଇ)ରେ ଯୋଗଦେବା ଫଳରେ ଏହି ଦଳର ନେତା ବୃନ୍ଦାବନ ନାୟକ ବିରୋଧିଦଳ ନେତା ରୂପେ ୧୯୭୮ ଫେବୃଆରୀ ୨୦ ତାରିଖରୁ ସ୍ୱୀକୃତ ହେଲେ।

କଂଗ୍ରେସ ଭଳି ଜନତାପାର୍ଟି ମଧ୍ୟ ବିଭାଜିତ ହେଲା। ୧୯୭୯ ଅଗଷ୍ଟ ମାସରେ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଚରଣ ସିଂହଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା। ଜନତାପାର୍ଟିର କେତେକ ବ୍ୟକ୍ତି ଚରଣ ସିଂହଙ୍କୁ ସମର୍ଥନ କଲେ। ଫଳରେ କେନ୍ଦ୍ରର ଜନତାଦଳର ପତନ ଘଟିଲା। ଓଡ଼ିଶାର ମୋରାରଜୀ ଦେଶାଇଙ୍କ ଦଳକୁ ସମର୍ଥନ କରୁଥିବା ୨୮ ଜଣ ବିଧାୟକ ଶ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ନେତୃତ୍ୱରେ ଜନତା (ଓ) ଦଳ ଗଢ଼ିଲେ। ଫଳରେ ବିରୋଧୀଦଳର ନେତା ପଦବୀ ବୃନ୍ଦାବନ ନାୟକଙ୍କ ହାତରୁ ପ୍ରହ୍ଲାଦ ମଲ୍ଲିକଙ୍କ ହାତକୁ ଗଲା। ପ୍ରହ୍ଲାଦ ମଲ୍ଲିକ ୩.୯.୭୯ରୁ ୧୩.୨.୮୦ ପର୍ଯ୍ୟନ୍ତ ରହିବା ପରେ ଜନତାଦଳ ଛାଡ଼ି କଂଗ୍ରେସରେ ଯୋଗଦେଲେ। ଜନତାପାର୍ଟି ଭାଗ ହୋଇ ଫେବୃଆରୀ ୧୩ ତାରିଖରେ ଚରଣ ସିଂହଙ୍କ ଗୋଷ୍ଠୀ ଭାରତୀୟ ଲୋକଦଳ ଗଠନ କଲେ। ଓଡ଼ିଶାରେ ଅନନ୍ତ ନାରାୟଣ ସିଂହଦେଓ ମୂଳ ଜନତାଦଳର ନେତା ହେଲେ ଓ ପ୍ରହ୍ଲାଦ ମଲ୍ଲିକଙ୍କ ସ୍ଥାନରେ ବିରୋଧୀଦଳ ନେତା ରୂପେ ସ୍ୱୀକୃତ ହେଲେ।

କେନ୍ଦ୍ରରେ ଜନତାଦଳ ସରକାରର ପତନ ପାଇଁ ଅନେକେ ବିଜୁ ପଟ୍ଟନାୟକଙ୍କୁ ଦାୟୀ କରନ୍ତି। କାରଣ ଜାମସେଦ୍‌ପୁରର ଏମ୍.ପି. ରୁଦ୍ରନାରାୟଣ ଷଡ଼ଙ୍ଗୀ ବିଜୁବାବୁଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆଣିଥିଲେ। ପ୍ରଧାନମନ୍ତ୍ରୀ ମୋରାରଜୀ ଭାଇ ଏହାର ତଦନ୍ତ ପାଇଁ ଘଟାନି କମିଶନ ବସାଇବା ଲାଗି ନିଷ୍ପତ୍ତି ନେଲେ। ବିଜୁ ପଟ୍ଟନାୟକ ନିଜ ଅନୁଗତଙ୍କୁ ନେଇ ଲୋକଦଳରେ ମିଶିଗଲେ। ନା' ରହେଗା ବାଂଶ୍ ନା' ବଜେଗି ବାଂଶୁରୀ।

•

Digitized by srujanika@gmail.com

# (୯)

ସମ୍ପ୍ରତି କଲିକତା ଠାରେ 'ଦି ଷ୍ଟେଟ୍‌ସମ୍ୟାନ୍'ର ବାର୍ଷିକ ବିତର୍କରେ ବିଶିଷ୍ଟ ସମାଜସେବୀ ଓ 'ମାନୁଷୀ'ର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀମତୀ ମଧୁ କିଶୋର ପାର୍ଲାମେଣ୍ଟ ଓ ଏହାର ସଦସ୍ୟମାନଙ୍କ ସମ୍ପର୍କରେ ଅତ୍ୟନ୍ତ ବାସ୍ତବ ଏବଂ କଟୁ ସତ୍ୟ ପ୍ରକାଶ କରିଥିଲେ। ଏହି ବିତର୍କର ବିଷୟବସ୍ତୁ ଥିଲା "Who is afraid of electoral reforms." ଅର୍ଥାତ୍ "ନିର୍ବାଚନ ସଂସ୍କାରକୁ ଭୟ କରୁଛି କିଏ ?" ଶ୍ରୀମତୀ କିଶୋର ଆଲୋଚନା ପ୍ରସଙ୍ଗରେ କହିଥିଲେ- "The Parliament can not be trusted. It is full of goondas & hoodlums. It passes shameless, lawless laws, makes mincemeat of the Consitution. To bring about reforms, we have to change it ourselves." ଅର୍ଥାତ୍ "ପାର୍ଲାମେଣ୍ଟ ଏବେ ଆଉ ବିଶ୍ୱାସଯୋଗ୍ୟ ନୁହେଁ। ଏହା ଗୁଣ୍ଡା ଓ ପ୍ରବଞ୍ଚକମାନଙ୍କ ଦ୍ୱାରା ପରିପୂର୍ଣ୍ଣ। ଏଥିରେ ନିର୍ଲଜ୍ଜ ଓ ଅବୈଧାନିକ ଆଇନ ଗୃହୀତ ହୁଏ। ସମ୍ବିଧାନକୁ ଏହା ମାଂସର କିମା ଭଳି ଧ୍ୱସ୍ତବିଧ୍ୱସ୍ତ କରେ। ସଂସ୍କାର ଆଣିବାକୁ ହେଲେ ଆମେ ଏହାର ପରିବର୍ତ୍ତନ କରିବାକୁ ହେବ।"

ଶ୍ରୀମତୀ କିଶୋର ଯାହା କହିଲେ, ତାହା ଆମେ ସିଧାସଳଖ କହିବାରେ ଅସୁବିଧା ନଥିଲେ ମଧ୍ୟ ବିଧାନସଭା ଓ ପାର୍ଲାମେଣ୍ଟରେ 'ସ୍ୱାଧିକାର' ନାମକ ଶବ୍ଦଟି ଏଭଳି ଶସ୍ତା ହୋଇଗଲାଣି ଯେ, କଥା କଥାକେ ତାହା ପ୍ରୟୋଗ ହୋଇଯାଉଛି। ତେଣୁ ବାଧ୍ୟହୋଇ ଆମେ ଶ୍ରୀମତୀ କିଶୋରଙ୍କ ମନ୍ତବ୍ୟକୁ ଆମର ଢାଲ କରି ବ୍ୟବହାର କଲୁ। ଶ୍ରୀମତୀ କିଶୋର ଯାହା ପାର୍ଲାମେଣ୍ଟ ସମ୍ପର୍କରେ କହିଲେ, ବିଧାନସଭାର ପରିସ୍ଥିତି ତା' ଅପେକ୍ଷା ଆହୁରି ଭୟଙ୍କର। ଏଠାରେ ମନ୍ତ୍ରୀ ଓ ସରକାରୀ ଦଳର ପଦାଧିକାରୀ ବ୍ୟକ୍ତିମାନେ ଯେଉଁ ମନ୍ତବ୍ୟ ଦିଅନ୍ତି, ଅନେକ ସମୟରେ ତାହା ବିବରଣୀରୁ ବାଦ୍ ଯାଏ। ଏ ଅବସ୍ଥାରେ ବିରୋଧୀଦଳର ସ୍ଥିତି କ'ଣ ଓ କିପରି ସୁରକ୍ଷିତ, ତାହା ସହଜରେ ଅନୁମିତ। ଅନେକ ସମୟରେ ସରକାର ନିଜ ଦଳର ଲୋକଙ୍କ ଦ୍ୱାରା ଯେଉଁ ବିରୋଧର ସମ୍ମୁଖୀନ ହୁଅନ୍ତି, ତାହା ତାଙ୍କୁ ଅଡୁଆ ପରିସ୍ଥିତିରେ ପକାଇଦିଏ। ଫଳରେ ବିଧାନସଭାକୁ ଏଡ଼ାଇଦେଇ ଯେତେ ଯାହା କରାଯାଇ ପାରିବ, ସରକାର ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି। ବିଧାନସଭା ଠିକ୍ ଶେଷ ହେବା ପରେ ପରେ ଅଧ୍ୟାଦେଶ ଜାରିକରି ନିଜର କାମ କରି ନିଅନ୍ତି।

ଏଭଳି ଘଟଣା ବେଶି ଘଟୁଛି ଯେତେବେଳେ ସରକାର ନିଜ ଉପରୁ

Digitized by srujanika@gmail.com

ବିଶ୍ୱାସ ହରାଇ ବସୁଛନ୍ତି। ବିଧାନସଭାରେ ବିପୁଳ ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ବିଧାନସଭାକୁ ସାମନା କରିବାକୁ ଭୟ ପାଉଛନ୍ତି। ଆମେ ପୂର୍ବ ନିବନ୍ଧରେ ଦର୍ଶାଇଥିଲୁ ଯେ, ୧୯୭୭ ସାଲ୍‌ରୁ ନିର୍ବାଚନରେ ହାଉଆ ବେଶି କାମ କରୁଛି। ହାଉଆ ଭିତରେ ପଡ଼ି ରାମା-ଦାମା-ଶାମା ସମସ୍ତେ ଆମର ମାନନୀୟ ବିଧାୟକ ହୋଇଯାଉଛନ୍ତି। ହାଉଆ ଶେଷ ହୋଇଗଲେ ଏମାନେ ଫଟା ବେଲୁନ୍ ପରି ସେଇମିତି ହାଉଆରେ ଉଡ଼ି ଲୀନ ହୋଇଯାନ୍ତି। ଏଇ ଯେମିତି ୧୯୭୭ ସାଲ୍ ଜନତା ହାଉଆରେ ଆସିଥିବା ୧୧୦ ଜଣ ଏମ୍.ଏଲ.ଏ.ଙ୍କ ମଧ୍ୟରୁ ଏବେ ଆଉ ୯୦ ଭାଗ ଲୋକଙ୍କର ରାଜନୀତିକ ସତ୍ତା ନାହିଁ। ଘଟଣା ଏଭଳି ସ୍ତରରେ ପହଞ୍ଚିଲା ଯେତେବେଳେ ଏହି ସରକାରର ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ସମେତ (ନୀଳମଣି ରାଉତରାୟ) ବହୁ ମନ୍ତ୍ରୀ ଓ ବାଚସ୍ପତି ଅଦ୍ୟାବଧି ଆଉ ବିଧାନସଭାର ମୁହଁ ଦେଖିନାହାନ୍ତି। ଏପରିକି ସର୍ବାଧିନାୟକ ବିଜୁ ପଟ୍ଟନାୟକ ଲୋକସଭା ନିର୍ବାଚନରେ ତାଙ୍କ ନିଜ ଦୁର୍ଗ କେନ୍ଦ୍ରାପଡ଼ାରୁ ରାଜନୀତିରେ ଅନାମଧେୟ ଗୟାଚାନ୍ଦ ଭୂୟାଁଙ୍କ ଅପେକ୍ଷା ମାତ୍ର ପାଞ୍ଚହଜାର ଭୋଟରେ ଯେନତେନ ଭାବେ ନିର୍ବାଚନ ବୈତରଣୀ ପହଁରି ପାର ହୋଇଗଲେ।

୧୯୭୭ ସାଲ୍ ନିର୍ବାଚନ ପରେ ୧୯୮୦ ସାଲ୍ ଫେବୃଆରୀ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ମାତ୍ର ୯୭ ଦିନ ବୈଠକ ବସିଛି। ଏଥିମଧ୍ୟରୁ ୧୯୭୮ ଓ ୧୯୭୯ ସାଲ୍‌ରେ ବାର୍ଷିକ ୪୫ ଦିନ ଲେଖାଏଁ ବୈଠକ ବସିଛି। ସପ୍ତମ ବିଧାନସଭାର ବାଚସ୍ପତି ଥିଲେ ଶ୍ରୀ ସତ୍ୟପ୍ରିୟ ମହାନ୍ତି ଏବଂ ଉପବାଚସ୍ପତି ଥିଲେ ଶ୍ରୀ ସୁରେନ୍ଦ୍ର ନାଥ ନାୟକ।

ବତିଶ ମାସର ଜନତା ରାଜତ୍ୱ ଶେଷହେବା ପରେ ୧୯୮୦ ସାଲ୍ ମେ' ମାସ ୩୧ ତାରିଖରେ ଅନୁଷ୍ଠିତ ଅଷ୍ଟମ ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ସେଇଭଳି ହାଉଆରେ ଜନତାଦଳକୁ ମୂଳପୋଛ କରି କ୍ଷମତାକୁ ଆସିଲେ। ଏ ହାଉଆର ବେଗ ବା ଗତି ଏଭଳି ପ୍ରଖର ଥିଲା ଯେ, ୧୯୭୭ରେ ଯେଉଁ ଦଳ ୧୧୦ଟି ସ୍ଥାନ ଅଧିକାର କରିଥିଲେ, ସେମାନେ ବିଧାନସଭାରେ ସ୍ୱୀକୃତ ବିରୋଧୀଦଳ ନେତା ପଦ ପାଇଁ ଆବଶ୍ୟକ ହେଉଥିବା ୧୫ ଜଣ ସଦସ୍ୟ ମଧ୍ୟ ଆଣିପାରିଲେ ନାହିଁ। ଅଷ୍ଟମ ବିଧାନସଭାରେ ଲୋକଦଳ -୨ ଜଣ ଓ ଜନତା (ଚନ୍ଦ୍ରଶେଖର) ଦଳରେ ୧୧ ଜଣ ମିଳିତ ଭାବେ କାର୍ଯ୍ୟ କଲେ। ଏହି ନିର୍ବାଚନରେ କେଉଁ ଦଳର କେତେ ସଦସ୍ୟ ଥିଲେ, ତା'ର ତାଲିକା ନିମ୍ନରେ ଦେଲୁ। କଂଗ୍ରେସ- ୧୧୭, ଲୋକଦଳ ଓ ଜନତା (ଚନ୍ଦ୍ରଶେଖର)- ୧୩ ଜଣ, ଜନତା (ଜେ.ପି.)- ୩ ଜଣ, ସି.ପି.ଆଇ. - ୪ ଜଣ, କଂଗ୍ରେସ(ୟୁ)-

Digitized by srujanika@gmail.com

୨ ଜଣ, ସ୍ୱାଧୀନ- ୭ ଓ ଗୋଟିଏ ସ୍ଥାନ ଖାଲି ଥିଲା । ଶ୍ରୀ ବିଜୁ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ଓ ପାଟକୁରା ବିଧାନସଭା ଆସନରୁ ବିଜୟୀ ହୋଇଥିଲେ । ସେ ଲୋକସଭା ସ୍ଥାନ ରଖି ପାଟକୁରାରୁ ଇସ୍ତଫା ଦେବାରେ ଏହା ଶୂନ୍ୟ ରହିଥିଲା । ପରେ ଏହି ଉପନିର୍ବାଚନରେ ବିଜୟ ମହାପାତ୍ର ବିଜୟ ଲାଭ କରି ବିଧାନସଭାକୁ ଆସିଲେ ।

ଅଷ୍ଟମ ବିଧାନସଭା ଗଢ଼ା ହେଲା ଜୁନ୍ ୯ ତାରିଖରେ । ସେହିଦିନ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କଂଗ୍ରେସ ଦଳର ନେତା ରୂପେ ମନୋନୀତ ହେଲେ । ଶ୍ରୀ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଜୁନ୍ ୯ ତାରିଖରେ ଶପଥ ନେଲେ । କିନ୍ତୁ ସେତେବେଳେ ସେ ବିଧାନସଭାର ସଦସ୍ୟ ନଥିଲେ । ସମ୍ବିଧାନର ବ୍ୟବସ୍ଥା ଅନୁସାରେ ପାର୍ଲାମେଣ୍ଟ ବା ବିଧାନସଭାର ସଦସ୍ୟ ନଥାଇ ଜଣେ ବ୍ୟକ୍ତି ୬ ମାସ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ବା ମୁଖମନ୍ତ୍ରୀ ବା ମନ୍ତ୍ରୀ ରୂପେ କାର୍ଯ୍ୟ କରପାରିବେ । ତଦନୁଯାୟୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ ଓ ଶ୍ରମମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ଆଠଗଡ଼ରୁ ନିର୍ବାଚିତ ହୋଇଥିବା କଂଗ୍ରେସ ସଭ୍ୟ ଶ୍ରୀ ରସାନନ୍ଦ ସାହୁ ୧୯୮୦ ଅକ୍ଟୋବର ୭ ତାରିଖରେ ଇସ୍ତଫା ଦେଲେ । ସେହିବର୍ଷ ନଭେମ୍ବର ୨୩ ତାରିଖରେ ଆଠଗଡ଼, ନିମାପଡ଼ା ଓ ପାଟକୁରା ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଲା । ଆଠଗଡ଼ରୁ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ନିମାପଡ଼ାରୁ ଶ୍ରୀ ରବୀନ୍ଦ୍ର କୁମାର ସେଠୀ (ଉଭୟେ କଂଗ୍ରେସ) ଏବଂ ପାଟକୁରାରୁ ଶ୍ରୀ ବିଜୟ ମହାପାତ୍ର (ଜନତା) ନିର୍ବାଚିତ ହେଲେ । ନିଜ ସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ି ଦେଇଥିବାରୁ ଶ୍ରୀ ରସାନନ୍ଦ ସାହୁଙ୍କୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଚେୟାରମ୍ୟାନ୍ ପଦବୀ ପୁରସ୍କାର ସ୍ୱରୂପ ମିଳିଥିଲା ।

ଅଷ୍ଟମ ବିଧାନସଭାର ବାଚସ୍ପତି ରୂପେ ଶ୍ରୀ ସୋମନାଥ ରଥ ଏବଂ ଉପବାଚସ୍ପତି ରୂପେ ଶ୍ରୀ ହିମାଂଶୁ ଶେଖର ପାଢ଼ୀ ନିର୍ବାଚିତ ହୋଇଥିଲେ । ଶ୍ରୀ ରଥ ୧୯୮୪ ଫେବୃଆରୀ ୧୧ ତାରିଖରେ ବାଚସ୍ପତି ପଦବୀରୁ ଇସ୍ତଫା ଦେଇ ରାଜ୍ୟ ମନ୍ତ୍ରିମଣ୍ଡଳରେ ଜଣେ ମନ୍ତ୍ରୀ ରୂପେ ଯୋଗ ଦେଇଥିଲେ । ତାଙ୍କ ସ୍ଥାନରେ ଫେବୃଆରୀ ୨୨ ତାରିଖରେ ଶ୍ରୀ ପ୍ରସନ୍ନ କୁମାର ଦାସ ବାଚସ୍ପତି ରୂପେ ନିର୍ବାଚିତ ହୋଇ ସେହି ପଦବୀରେ ୧୯୯୦ ସାଲ୍ ପର୍ଯ୍ୟନ୍ତ ରହିଥିଲେ ।

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଆଶା କରାଯାଉଥିଲା ବିଧାନସଭା ଅଧିବେଶନର ସମୟ ବୃଦ୍ଧି ହେବ ଏବଂ ବୌଦ୍ଧିକତା ଦୃଷ୍ଟିରୁ ଏହା ପୂର୍ବାପେକ୍ଷା ଅଧିକ ଗ୍ରହଣୀୟ ହେବ । ଶ୍ରୀ

Digitized by srujanika@gmail.com

ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ରହିଥିବାବେଳେ ବିଧାନସଭାର ଯେଉଁ ମର୍ଯ୍ୟାଦା ଓ ପତିଆରା ରହିଥିଲା, ଜାନକୀବାବୁଙ୍କବେଳେ ତା'ର ପୁନରାବୃତ୍ତି ଘଟିବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକାଶ କରିଥିଲେ। କାରଣ ଜାନକୀବାବୁ ଜୀବନର ଅଧିକାଂଶ ସମୟ ଜଣେ ସାମ୍ବାଦିକ ରୂପେ ଅତିବାହିତ କରିଥିଲେ। କେବଳ ସାମ୍ବାଦିକ ବୋଲି କହିଲେ ତାଙ୍କ ପ୍ରତି ଯଥାର୍ଥ ନ୍ୟାୟ ହେବନାହିଁ, ଓଡ଼ିଶା ସମ୍ବାଦପତ୍ରଗୁଡ଼ିକର ସମ୍ପାଦକମାନଙ୍କ ମଧ୍ୟରେ ସମ୍ଭବତଃ ଏବେ ସୁଦ୍ଧା ତାଙ୍କୁ ଅଗ୍ରଣୀ ଭୂମିକାରେ ନିଆଯାଇପାରିବ। କିନ୍ତୁ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଗଣତାନ୍ତ୍ରିକ ବିଚାରଧାରାର ମୂଳ ସ୍ତମ୍ଭ ତାଙ୍କ ସମୟରେ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଲା। ଗଣତନ୍ତ୍ରର ଏହି ପ୍ରଥମ ସ୍ତମ୍ଭ ଉପେକ୍ଷା ଓ ଅବହେଳାର ମୂର୍ତ୍ତିମନ୍ତ ଶିକାର ହୋଇ ହେଟ ବଦନରେ ମଥା ତଳକୁ କରି ଦଣ୍ଡାୟମାନ ହୋଇ ରହିଲା।

ବିଧାନସଭାରେ ଯେଉଁଠି ଆବଶ୍ୟକ ସଭ୍ୟଙ୍କ ଅଭାବରୁ ସ୍ୱୀକୃତିପ୍ରାପ୍ତ ବିରୋଧୀଦଳ ନାହାନ୍ତି, ସେଠି ବିଧାନସଭାକୁ ଜାନକୀବାବୁ ଏତେ ଭୟ କଲେ କାହିଁକି ? ଯେତେବେଳେ ନବକୃଷ୍ଣ ଚୌଧୁରୀ ବର୍ଷକୁ ୧୦୩ ଦିନ ଅଧିବେଶନ ବସାଇବାକୁ କୁଣ୍ଠାବୋଧ କରୁନଥିଲେ, ସେତେବେଳେ ଜାନକୀବାବୁଙ୍କ ରାଜତ୍ୱରେ ବର୍ଷକୁ ମାତ୍ର ୩୭ ଦିନ ବିଧାନସଭା ବସିଲା। ଏପରିକି ୧୯୮୫ ସାଲରେ ଏହା ଆହୁରି କମିଯାଇ ମାତ୍ର ୩୦ ଦିନରେ ସୀମାବଦ୍ଧ ହୋଇ ରହିଗଲା। ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ବିଧାନସଭା କାହିଁକି ଏତେ କମ୍ ସମୟ ବସୁଛି, ସେ ସମ୍ପର୍କରେ କୌଣସି ଏମ୍.ଏଲ.ଏ. (ସରକାରୀ ବା ବିରୋଧୀ) ପାଟି ମଧ୍ୟ ଫିଟାଇଲେ ନାହିଁ। କାରଣ ବିଧାନସଭା ଯେତିକି ଅଧିକ ଦିନ ବସିବ, ଏମ୍.ଏଲ.ଏ.ମାନେ ସେତିକି ଅଧିକ ଭତ୍ତା ପାଇବେ। ୧୯୮୩ ସାଲରେ ଏମ୍.ଏଲ.ଏ. ମାନଙ୍କର ଦୈନିକ ଭତ୍ତା ପଚିଶ ଟଙ୍କାରୁ ପଚାଶ ଟଙ୍କାକୁ ବୃଦ୍ଧି ପାଇଥିଲା। ତା' ସତ୍ତ୍ୱେ ଏମ୍.ଏଲ.ଏ.ମାନେ ବିଧାନସଭା ଅଧିବେଶନ ଅଧିକ ସମୟ ବସାଇବା ପାଇଁ ଦାବି କଲେ ନାହିଁ କାହିଁକି? ତେବେ କ'ଣ ବୁଝିବାକୁ ହେବ ଯେ ଏମ୍.ଏଲ.ଏ.ମାନେ ଏଇ ଭତ୍ତା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ? କିନ୍ତୁ ଜାନକୀବାବୁ ବିଧାନସଭାକୁ ଭୟ କଲେ କାହିଁକି? ବିରୋଧୀଦଳର ସାମାନ୍ୟ ସଂଖ୍ୟକ ସଭ୍ୟଙ୍କ ଭୟରେ ନା ଅପାରଗତା ଯୋଗୁଁ?

ଜାନକୀବାବୁ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ; ଯିଏ ପୂର୍ବର ସମସ୍ତ ରେକର୍ଡକୁ ମ୍ଳାନ କରି ଏକାଦିକ୍ରମେ ନଅବର୍ଷ କାଳ ମୁଖ୍ୟମନ୍ତ୍ରୀ ରୂପେ ସିଂହାସନାରୂଢ଼ ହୋଇଥିଲେ। ୧୯୮୦ ଜୁନ୍ ୯ ତାରିଖରୁ ୧୯୮୫ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ

Digitized by srujanika@gmail.com

ପ୍ରଥମ ପର୍ଯ୍ୟାୟ ଏବଂ ୧୯୮୫ ମାର୍ଚ୍ଚ ୯ ତାରିଖରୁ ୧୯୮୯ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଲୋକସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଘଟିବାରୁ ଜାନକୀବାବୁ ଡିସେମ୍ବର ୭ ତାରିଖରେ ଇସ୍ତଫା ଦେଇଥିଲେ। ସେହିଦିନ ଶ୍ରୀ ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇ ୧୯୯୦ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ।

ଅଷ୍ଟମ ବିଧାନସଭାରେ ୧୯୮୪ ଏପ୍ରିଲ୍ ପହିଲା ତାରିଖ ପର୍ଯ୍ୟନ୍ତ କୌଣସି ସ୍ୱୀକୃତିପ୍ରାପ୍ତ ବିରୋଧୀଦଳ ନେତା ନଥିଲେ। ଏପ୍ରିଲ୍ ଦୁଇ ତାରିଖରେ ଜନତାଦଳ ଓ କମ୍ୟୁନିଷ୍ଟ ଦଳ ମଧ୍ୟରେ ବୁଝାମଣା ହୋଇ ୟୁନାଇଟେଡ୍ ଫ୍ରଣ୍ଟ ଲେଜିସ୍‌ଲେଟିଭ୍ ପାର୍ଟି ଗଢ଼ା ହେବାପରେ ଶ୍ରୀ ଶରତ ଦେବ ବିରୋଧୀଦଳ ନେତା ରୂପେ ସ୍ୱୀକୃତି ଲାଭ କଲେ। ମାତ୍ର ଏହା କ୍ଷଣସ୍ଥାୟୀ ହୋଇଥିଲା। କମ୍ୟୁନିଷ୍ଟ ଦଳ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିନେବାରୁ ଶରତ ଦେବଙ୍କ ବିରୋଧୀଦଳ ନେତା ସ୍ୱୀକୃତି ମଧ୍ୟ ପ୍ରତ୍ୟାହୃତ ହୋଇଯାଇଥିଲା। ମାତ୍ର କଂଗ୍ରେସରୁ ଦୁଇଜଣ ସଦସ୍ୟ ଇସ୍ତଫା ଦେଇ ଡେମୋକ୍ରାଟିକ୍ ସୋସାଲିଷ୍ଟ ପାର୍ଟି ଗଠନ କରି ୟୁନାଇଟେଡ୍ ଫ୍ରଣ୍ଟରେ ଯୋଗଦେବାରୁ ଶରତ ଦେବ ପୁଣି ବିରୋଧୀଦଳ ନେତା ପଦବୀ ଲାଭ କରିଥିଲେ।

ଜାନକୀବାବୁଙ୍କ ପ୍ରଥମ ପର୍ଯ୍ୟାୟ ରାଜତ୍ୱ ବେଳେ ଓଡ଼ିଶା ବିଧାନସଭାର ଅଧିବେଶନ କେଉଁବର୍ଷ କେତେଦିନ ବସିଥିଲା, ତାହା ନିମ୍ନରେ ଦିଆଗଲା। ୧୯୮୦- ୨୯ ଦିନ, ୧୯୮୧- ୩୭ ଦିନ, ୧୯୮୨- ୩୭ ଦିନ, ୧୯୮୩- ୩୯ ଦିନ, ୧୯୮୪- ୩୭ ଦିନ, ୧୯୮୫- ୩୦ ଦିନ।

୨ୟ ପର୍ଯ୍ୟାୟରେ ଅର୍ଥାତ୍ ୯ମ ବିଧାନସଭାରେ ବିରୋଧୀଦଳ ସଂଖ୍ୟା ଅଷ୍ଟମ ବିଧାନସଭା ଭଳି ୩୦ ଜଣ ରହିଥିଲେ ମଧ୍ୟ ଜନତାଦଳ ଏକକ ଭାବେ ସ୍ୱୀକୃତ ବିରୋଧୀଦଳର ମର୍ଯ୍ୟାଦା ଲାଭ କରିଥିଲା। ଏହି ଦଳର ୧୯ ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ ଏବଂ ବିଜୁ ପଟ୍ଟନାୟକ ବିରୋଧୀଦଳ ନେତା ଦାୟିତ୍ୱ ଗ୍ରହଣ କରିଥିଲେ।

୧୯୮୪ ଅକ୍ଟୋବର ୩୧ ତାରିଖରେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡ କଂଗ୍ରେସର ଭାଗ୍ୟ ଖୋଲିଦେଲା। ଇନ୍ଦିରା ମରିଗଲେ; କିନ୍ତୁ କଂଗ୍ରେସ ତରିଗଲା। ପୁଣି ଥରେ ମଳିନ ପଡ଼ିଆସିଥିବା ଜାନକୀବାବୁଙ୍କ ଭାଗ୍ୟଲିପି ଉଜ୍ଜ୍ୱଳ ହୋଇଉଠିଲା। ରାଜଭବନର ବିସ୍ତୃତ ସବୁଜ ଘାସ ଗାଲିଚାରେ ଜାନକୀବାବୁ ପୁଣି ଥରେ ଶପଥ ନେଲେ ୧୯୮୫ ମାର୍ଚ୍ଚ ୯ ତାରିଖ ସକାଳ ୧୧ଟା ବେଳେ।

Digitized by srujanika@gmail.com

# (୧୦)

ଓଡ଼ିଶାର ନିର୍ବାଚନ ରାଜନୀତିରେ ୧୯୮୦ ସାଲ୍‌ରୁ ୧୯୯୦ ସାଲ୍ କଂଗ୍ରେସ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି କୁହାଯାଇପାରେ। ୧୯୫୦ ସାଲ ପରଠାରୁ ପ୍ରଥମ ଥର ପାଇଁ ଏହି ଦଶନ୍ଧିରେ କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତାରେ ଲାଗ ଲାଗ ଦୁଇଥର ସରକାର ଗଠନ କଲା। ତେବେ କେଉଁ କାରଣରୁ ଏବଂ କେଉଁ ପରିସ୍ଥିତିରେ ୧୯୯୦ରେ କଂଗ୍ରେସ ସମ୍ପୂର୍ଣ୍ଣ ଭୂଲୁଣ୍ଠିତ ହେଲା, ତାହା ଅନ୍ୟତ୍ର ବିଚାର କରାଯାଇପାରେ।

ଆମେ ପୂର୍ବରୁ କହିଛୁ ଯେ, ଇନ୍ଦିରା ଗାନ୍ଧିଙ୍କ ହତ୍ୟାକାଣ୍ଡ ହିଁ କଂଗ୍ରେସକୁ ୧୯୮୫ରେ ନବଜୀବନ ଦେଲା। ସମୀକ୍ଷକମାନଙ୍କ ମତରେ କଂଗ୍ରେସକୁ ପୁନର୍ବାର କ୍ଷମତାକୁ ଆଣିବାରେ ଏବଂ ରାଜୀବଙ୍କୁ ଭାରତୀୟ ରାଜନୀତିର ପ୍ରଥମପୁରୁଷ କରିବା କ୍ଷେତ୍ରରେ ଇନ୍ଦିରାଙ୍କ ଏହି ହତ୍ୟାକାଣ୍ଡ ମୁଖ୍ୟତଃ ପ୍ରଧାନ ଭୂମିକା ଗ୍ରହଣ କରିଥିଲା। ସେହି ପରିପ୍ରେକ୍ଷୀରେ ଓଡ଼ିଶାରେ କଂଗ୍ରେସ ୧୯୮୫ରେ ଅତି ଅଦ୍ଭୁତ ଭାବେ ବିନା ଆୟାସରେ ପୂର୍ବ ନିର୍ବାଚନ ଭଳି ୧୧୭ଟି ସ୍ଥାନରେ ବିଜୟ ଲାଭ କରିଥିଲା। ନବମ ବିଧାନସଭା ପାଇଁ ୧୯୮୫ ମାର୍ଚ୍ଚ ୫ ତାରିଖରେ ବିଧାନସଭାର ୧୪୭ଟି ସ୍ଥାନ ମଧ୍ୟରୁ ୧୪୫ଟି ଆସନରେ ନିର୍ବାଚନ ହେଲା। କାକଟପୁର ଓ କେଉଁଝରେ ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦୁଇଜଣ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ଏହି ସ୍ଥାନ ଦୁଇଟିରେ ନିର୍ବାଚନ ସ୍ଥଗିତ ରହିଥିଲା। ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହି ନିର୍ବାଚନରେ ଉଭୟ ଆଠଗଡ଼ ଓ ଖୋରଧାରୁ ବିଜୟ ଲାଭ କରିଥିଲେ। ସେ ପରେ ଖୋରଧାରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ତିନୋଟି ସ୍ଥାନ ପାଇଁ ୧୯୮୫ ଏପ୍ରିଲ୍ ୨୪ ତାରିଖରେ ଉପନିର୍ବାଚନ କରାଯାଇଥିଲା। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଦେଢ଼ମାସ ତଳେ ବିପୁଳ ସଂଖ୍ୟାଗରିଷ୍ଠତାରେ ଆସିଥିବା କଂଗ୍ରେସ ଦଳ ଏହି ତିନୋଟିଯାକ ସ୍ଥାନରେ ଦୟନୀୟ ଭାବେ ପରାଜିତ ହେଲା।

ମାତ୍ର ମାସକ ମଧ୍ୟରେ ଏଭଳି ବିପରୀତ ପ୍ରକ୍ରିୟା ଅନେକଙ୍କୁ କେବଳ ଯେ ବିସ୍ମିତ କରିଥିଲା; ତା' ନୁହେଁ, କଂଗ୍ରେସର ଦୁର୍ଗ ପତନର ଏହା ପ୍ରଥମ ସଂକେତ ବୋଲି ମନେକରାଇ ଦେଇଥିଲା। ୧୯୮୬ ମାର୍ଚ୍ଚ ୩ ତାରିଖରେ କଂଗ୍ରେସ ସଦସ୍ୟ ରାଇରଙ୍ଗପୁରର ଭବେନ୍ଦ୍ର ନାଥ ମାଝିଙ୍କ ଅକାଳ ବିୟୋଗ ଜନିତ ଘଟଣାରେ ସେହିବର୍ଷ ନଭେମ୍ବର ୨୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ

Digitized by srujanika@gmail.com

ହୋଇଥିଲା। ଏହି ନିର୍ବାଚନରେ ମଧ୍ୟ କଂଗ୍ରେସର ଅନୁରୂପ ପରିଣତି ଘଟିଥିଲା। ଏହି ଚାରୋଟି ସ୍ଥାନରୁ ନିର୍ବାଚିତ ହୋଇଥିଲେ କାକଟପୁର- ସୁରେନ୍ଦ୍ର ନାଥ ନାୟକ (ଜନତା), ଖୋରଧା- ପ୍ରସନ୍ନ କୁମାର ପାଟଶାଣୀ (ସ୍ୱାଧୀନ), କେଉଁଝର- ଛୋଟରାୟ ମାଝି (ଜନତା) ଓ ରାଇରଙ୍ଗପୁର- ଚୈତନ୍ୟପ୍ରସାଦ ମାଝି (ଜନତା)।

ନବମ ବିଧାନସଭାରେ ବିଭିନ୍ନ ଦଳର ସ୍ଥିତି ଉପନିର୍ବାଚନ ପରେ ନିମ୍ନମତେ ରହିଥିଲା। କଂଗ୍ରେସ- ୧୧୫, ଜନତା- ୨୨, ସି.ପି.ଆଇ.- ୧, ବି.ଜେ.ପି.- ୧, ସ୍ୱାଧୀନ- ୮। ମୁଖ୍ୟମନ୍ତ୍ରୀ ରୂପେ ଜାନକୀବଲ୍ଲଭ ପଟ୍ଟନାୟକ ୧୯୮୫ ମାର୍ଚ୍ଚ ୧୦ ତାରିଖରେ ପୁନର୍ବାର ଶପଥ ନେଲେ। ଅଦ୍ୟାବଧି ଓଡ଼ିଶାରେ ଏହି କୃତିତ୍ୱର ଅଧିକାରୀ କେବଳ ଜାନକୀବାବୁ। ସେହିଦିନ ତାଙ୍କ ସାଙ୍ଗରେ ପାଞ୍ଚଜଣ କ୍ୟାବିନେଟ୍ ପାହ୍ୟାର ଓ ଦଶଜଣ ରାଜ୍ୟମନ୍ତ୍ରୀ ପାହ୍ୟାର ମନ୍ତ୍ରୀ ଶପଥ ନେଲେ। ତେବେ ନବମ ବିଧାନସଭାର ସବୁଠାରୁ ଉଲ୍ଲେଖଯୋଗ୍ୟ ଅନୁପସ୍ଥିତି ହେଉଛନ୍ତି ବସନ୍ତ ବିଶ୍ୱାଳ। ଅଷ୍ଟମ ବିଧାନସଭାରେ ସେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ କ୍ଷମତାଶାଳୀ ମନ୍ତ୍ରୀ ଥିଲେ। ଅନ୍ୟପକ୍ଷରେ ବିରୋଧୀଦଳର ନେତା ରୂପେ ଜନତାପାର୍ଟିର ନେତା ଶ୍ରୀ ବିଜୁ ପଟ୍ଟନାୟକ ୧୯୮୫ ମାର୍ଚ୍ଚ ୨୨ ତାରିଖରେ ଦାୟିତ୍ୱ ଗ୍ରହଣ କଲେ।

ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ରୂପେ ଜାନକୀବାବୁ ଦାୟିତ୍ୱ ଗ୍ରହଣ କରିବା ପରେ ଇତିହାସରେ ତାଙ୍କର ନାମୋଲ୍ଲେଖ ରହିପାରେ। ମାତ୍ର ଏହି ସମୟଟି ତାଙ୍କ ପାଇଁ ଅତ୍ୟନ୍ତ ଅପମାନଜନକ ସମୟ ରୂପେ ପରିଗଣିତ। ନିଜ ଦଳ ଭିତରେ ଓ ବାହାରେ ବହୁ ଶତ୍ରୁ ତାଙ୍କୁ ଘେରି ଯାଇଥିଲେ। ଏହି 'ସମୟ'କୁ ସେ ରାଜ୍ୟର ବିକାଶ ପାଇଁ ଯେଭଳି ଭାବେ ବ୍ୟୟ କରିବା କଥା, ତାହା କରିପାରି ନଥିଲେ। ବରଂ ସମଗ୍ର 'ସମୟ'ଟିକୁ ସେ ଆତ୍ମରକ୍ଷା ପାଇଁ ମୁଖ୍ୟତଃ ବ୍ୟୟ କରିଥିଲେ। ଏହି ପ୍ରକ୍ରିୟାରେ ବିଧାନସଭା ଅଧିବେଶନ ଅଷ୍ଟମ ବିଧାନସଭା ଅଧିବେଶନ ଭଳି ସୀମିତ ସଂଖ୍ୟକ ଦିନରେ ସୀମାବଦ୍ଧ ଥିଲା। ଅଷ୍ଟମ ଅଧିବେଶନ ଅପେକ୍ଷା ନବମ ଅଧିବେଶନରେ ବିରୋଧୀ ସଭ୍ୟଙ୍କ ଆକ୍ରମଣ ତୀବ୍ର ଓ ଶାଣିତ ଥିଲା। ସରକାରୀ ପକ୍ଷ ଏହି ଆକ୍ରମଣର ସମ୍ମୁଖୀନ ହେବାକୁ ଅନେକ ସମୟରେ ଭୟ କରୁଥିଲେ। ଫଳରେ ବିଧାନସଭା ଅଧିବେଶନ ପୂର୍ବଭଳି ସଂକୁଚିତ ହୋଇ ରହିଥିଲା। କେଉଁବର୍ଷ କେତେ ଦିନ ବିଧାନସଭାର ଅଧିବେଶନ ବସିଥିଲା, ତାହା ନିମ୍ନରେ ଦିଆଗଲା। ୧୯୮୫- ୩୦ ଦିନ, ୧୯୮୬- ୩୮ ଦିନ, ୧୯୮୭- ୩୯ ଦିନ, ୧୯୮୮- ୩୯ ଦିନ ଏବଂ ୧୯୮୯- ୪୧ ଦିନ।

ଜାନକୀବାବୁଙ୍କ ରାଜତ୍ୱ କାଳରେ ଏମ୍.ଏଲ୍.ଏ.ମାନଙ୍କୁ ସନ୍ତୁଷ୍ଟ କରିବା

Digitized by srujanika@gmail.com

ପାଇଁ ବାରମ୍ବାର ଦରମା, ଦୈନିକ ଭତ୍ତା, ନିର୍ବାଚନମଣ୍ଡଳୀ ଭତ୍ତା, ଯାନବାହନ ଭତ୍ତା ଓ କନ୍‌ସୋଲିଡେଟେଡ୍ ଆଲାଉନ୍‌ସ ବୃଦ୍ଧି କରାଯାଇଥିଲା । ୧୯୮୦ ସାଲ୍‌ରେ ଜାନକୀବାବୁ ମୁଖ୍ୟମନ୍ତ୍ରୀ ହେବାବେଳେ ଜଣେ ଏମ୍.ଏଲ୍.ଏ. ମାସିକ ଦରମା ଟ୪୫୦+ କନ୍‌ସୋଲିଡେଟେଡ୍ ଭତ୍ତା ଟ୪୦୦+ ନିର୍ବାଚନମଣ୍ଡଳୀ ଭତ୍ତା ଟ୨୦୦ (ଯାହା ବର୍ଷକୁ ଟ୨୪୦୦ ହିସାବରେ ଦିଆଯାଉଥିଲା)= ମୋଟ ଟ୧୦୫୦/- ପାଉଥିଲେ । ଏହାବ୍ୟତୀତ ବିଧାନସଭା ଅଧିବେଶନ ଓ ବିଧାନସଭା ନଥିବାବେଳେ ବିଭିନ୍ନ କମିଟ ବୈଠକ ପାଇଁ ଦୈନିକ ୨୫ ଟଙ୍କା ଭତ୍ତା ପାଉଥିଲେ । ଜାନକୀବାବୁଙ୍କ ବେଳେ ୧୯୮୩ରେ ମାସିକ ଦରମା ଟ୭୦୦କୁ ବୃଦ୍ଧି ପାଇଥିଲା । କନ୍‌ସୋଲିଡେଟେଡ୍ ଭତ୍ତା ଟ୯୦୦ (୧୯୮୭ ସାଲ୍‌ରେ)କୁ ବୃଦ୍ଧି ପାଇବା ସଂଗେ ସଂଗେ ନୂଆକରି ଯାନବାହନ ଭତ୍ତା ଟ୩୫୦ (୧୯୮୬ ସାଲ୍‌ରେ) ପ୍ରଦାନ କରାଗଲା । ବାର୍ଷିକ ଭତ୍ତା ଟ୨୪୦୦/-ରୁ ୧୯୮୩ରେ ୪୮୦୦ ଟଙ୍କା, ୧୯୮୬ରେ ୬୦୦୦ ଟଙ୍କା ଏବଂ ୧୯୮୭ରେ ବାରହଜାର (୧୨୦୦୦) ଟଙ୍କାକୁ ବୃଦ୍ଧି ପାଇଲା । ଅନ୍ୟଅର୍ଥରେ ୧୯୮୦ ସାଲରେ ଜଣେ ଏମ୍.ଏଲ୍.ଏ. ଯେତେବେଳେ ମାସିକ ୧୦୫୦ ଟଙ୍କା ପାଉଥିଲେ, ୧୯୮୭ ସାଲରେ ଏହା ବୃଦ୍ଧି ପାଇ ମାସିକ ୨୯୫୦ ଟଙ୍କା ହେଲା । ଏହା ଏପର୍ଯ୍ୟନ୍ତ ଚାଲିଛି । ଏ ଗଲା ମାସିକ ଦରମା । ଏହାବାଦ୍ ଦୈନିକ ଭତ୍ତା ଯାହା ୧୯୮୦ ସାଲ୍‌ରେ ୨୫ ଟଙ୍କା ଥିଲା, ତାହା ୧୯୮୩ରେ ୫୦ ଟଙ୍କାକୁ ଏବଂ ୧୯୮୭ରେ ୭୫ ଟଙ୍କାକୁ ବୃଦ୍ଧି ପାଇଲା ।

ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ପ୍ରଥମେ ୧୯୩୮ ସାଲ୍‌ରେ ଦରମା ଓ ଭତ୍ତା ବ୍ୟବସ୍ଥା ଆରମ୍ଭ ହେଲା । ସେତେବେଳେ ଦରମା ୭୫ ଟଙ୍କା ଓ ଦୈନିକ ଭତ୍ତା ଅଢ଼େଇ ଟଙ୍କା ଥିଲା । ୧୯୪୪ ସାଲ୍‌ରେ ଦରମା ଶହେ ଟଙ୍କାକୁ ବୃଦ୍ଧି ପାଇବାବେଳେ ଦୈନିକ ଭତ୍ତା ଦଶଟଙ୍କାକୁ ବୃଦ୍ଧି ପାଇଥିଲା । ଏହି କ୍ରମରେ ଦରମା ବୃଦ୍ଧି ପାଇ ୧୯୬୩ରେ ତିନିଶହ ଟଙ୍କାରେ ପହଞ୍ଚିଲା । ଏହା ୧୯୭୬ ସାଲ୍ ପର୍ଯ୍ୟନ୍ତ ଅପରିବର୍ତ୍ତିତ ଥିଲା । ୧୯୭୬ରେ ଏହା ବୃଦ୍ଧି ପାଇ ସାଢ଼େ ଚାରିଶହ ଟଙ୍କାରେ ପହଞ୍ଚିଲା । ସେହିଭଳି ବିଧାନସଭା ଅଧିବେଶନ କାଳରେ ଦୈନିକ ଭତ୍ତା (କେବଳ ଅଧିବେଶନରେ ଯୋଗଦେଇଥିବା ସଦସ୍ୟମାନଙ୍କ ପାଇଁ) ଅଢ଼େଇ ଟଙ୍କାରୁ ବୃଦ୍ଧି ପାଇ ୧୯୬୩ରେ ପନ୍ଦର ଟଙ୍କାରେ ପହଞ୍ଚିଥିଲା । ୧୯୭୪ରେ ଏହା ପଚିଶ ଟଙ୍କାକୁ ବୃଦ୍ଧି ପାଇଥିଲା ।

ଏହି ନିବନ୍ଧରେ ନାନାପ୍ରକାର ହିସାବ ଏବଂ ମିଶାଣ ଫେଡ଼ାଣ ପଢ଼ି ମୁଣ୍ଡ ଭାରାକ୍ରାନ୍ତ ହୋଇପଡ଼ିବ ଜାଣି ମଧ୍ୟ ଆମେ ଦେବାକୁ ଏଇଥିପାଇଁ ଚାହିଁଲୁ

Digitized by srujanika@gmail.com

ଯେ, ଜଣେ ଏମ୍.ଏଲ.ଏ.ଙ୍କର ବାସ୍ତବ ଆର୍ଥିକ ସ୍ଥିତି ସମ୍ପର୍କରେ ପାଠକମାନଙ୍କୁ ଅବଗତ କରାଇବା। ଅନ୍ୟ ଅର୍ଥରେ ଜଣେ ଏମ୍.ଏଲ.ଏ. ମାସିକ ୨୯୫୦ ଟଙ୍କା ଆୟ ବାଦ୍ ବିଧାନସଭା ଅଧିବେଶନ ବେଳେ ଦୈନିକ ୭୫ ଟଙ୍କା ଭତ୍ତା ପାଆନ୍ତି। ଏହା ତାଙ୍କର ମୋଟ ଆୟ।

ଏବେ ଆସନ୍ତୁ ଯିବା ପେନ୍‌ସନ ବ୍ୟବସ୍ଥାକୁ। ଓଡ଼ିଶାରେ ୧୯୭୭ ସାଲ୍‌ରେ ପ୍ରଥମେ ଏମ୍.ଏଲ.ଏ.ମାନଙ୍କ ପେନ୍‌ସନ ପାଇଁ ଆଇନଗତ ବ୍ୟବସ୍ଥା ଗ୍ରହଣ କରାଗଲା। ମୂଳ ଆଇନରେ ସର୍ବନିମ୍ନ ପାଞ୍ଚବର୍ଷ ପାଇଁ ବିଧାନସଭାର ସଦସ୍ୟ ଥିବା ଯେକୌଣସି ବ୍ୟକ୍ତି ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ବ୍ୟବସ୍ଥା ରହିଥିଲା। ପ୍ରଥମେ ଏହାର ପରିମାଣ ସର୍ବନିମ୍ନ ମାସିକ ତିନିଶହ ଟଙ୍କା ଏବଂ ସର୍ବୋଚ୍ଚ ସାଢ଼େ ଚାରିଶହ ଟଙ୍କା। ମାତ୍ର ୧୯୮୪ରେ, ୧୯୮୭ରେ ଓ ୧୯୮୯ରେ ଏହି ଆଇନର ସଂଶୋଧନ କରାଯାଇ ସର୍ବନିମ୍ନ ପାଞ୍ଚଶହ ଟଙ୍କା ଓ ସର୍ବୋଚ୍ଚ ଏକହଜାର ଟଙ୍କା ରଖାଗଲା। ସର୍ବନିମ୍ନ ପାଞ୍ଚବର୍ଷ ବଦଳରେ ସାଢ଼େ ଚାରିବର୍ଷ ରଖାଗଲା।

ଏ ସମସ୍ତ ବ୍ୟବସ୍ଥା ଜାନକୀବାବୁଙ୍କ ରାଜତ୍ୱରେ ଘଟିଥିଲା। ଆମେ ଏହାର ବିରୋଧ ମଧ୍ୟ କରୁନାହୁଁ। ବରଂ ଆମ ମତରେ ଏମ୍.ଏଲ.ଏ. ମାନଙ୍କର ଦରମା ଆହୁରି ଅଧିକ ହେବା ଉଚିତ। ତା'ହେଲେ ଯେଉଁ ଦୁର୍ନୀତି ଓ ଅନୀତି ଚାଲିଛି, ତା'ର କେତେକାଂଶରେ ବିଲୋପ ହୋଇପାରନ୍ତା। ଆଜି ଜଣେ ଏମ.ଏଲ.ଏ. ହୋଇ ଆସିବା ପରେ ସାଧାରଣ ଭାବେ କୁହାଯାଉଛି ଯେ, ସେ ପାଞ୍ଚପୁରୁଷ ପାଇଁ ସମ୍ପତ୍ତି ସଂଚୟ କରିଦେଉଛି। ଏମାନଙ୍କ ବିରୋଧରେ କୌଣସି ଆଇନଗତ ବ୍ୟବସ୍ଥା ନେବାର କୌଣସି ନଜିର୍ ନାହିଁ। ମାସକୁ ତିନିହଜାର ଟଙ୍କା ଦରମା ପାଉଥିବା ବ୍ୟକ୍ତି ପାଞ୍ଚବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ ବନିଯାଉଛନ୍ତି। ଏହା ଘଟୁଛି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଆଉ ପ୍ରଶାସନର ସହାୟତାରେ। ଅଦ୍ଭୁତ ଶାସନ - ଅଦ୍ଭୁତ ଗଣତନ୍ତ୍ର।

୧୯୮୫-୯୦ ନବମ ବିଧାନସଭାରେ ପ୍ରଥମ ଥର ପାଇଁ ଦଳବଦଳ ନିରୋଧ ଆଇନରେ ଭଜମନ ବେହେରା ତାଙ୍କର ସଭ୍ୟ ପଦ ହରାଇଥିଲେ। କଂଗ୍ରେସ(ଆଇ) ସଦସ୍ୟ ଥାଇ ସେ ପ୍ରଥମେ ଭି.ପି. ସିଂହଙ୍କ ଜନମୋର୍ଚ୍ଚାରେ ଯୋଗଦେଇଥିଲେ। ଏକ ସରକାରୀ ବିଲ୍‌ରେ ଭୋଟ ଦେବାବେଳେ ସେ ଦଳର ହୁଇପ୍‌କୁ ନ ମାନିବାରୁ ତାଙ୍କୁ କଂଗ୍ରେସ ଦଳର ପରାମର୍ଶରେ ୧୯୮୯ ସେପ୍ଟେମ୍ବର ୧୫ ତାରିଖରେ ବିଧାନସଭାର ସଭ୍ୟପଦରୁ ଅନ୍ତର କରାଗଲା। କିନ୍ତୁ ସ୍ୱାଧୀନ ସଭ୍ୟ ଶ୍ରୀ ତ୍ରିଲୋଚନ କାନୁନ୍‌ଗୋ ଜନମୋର୍ଚ୍ଚାରେ ଯୋଗଦେବା କଥା ଘୋଷଣା

Digitized by srujanika@gmail.com

କରି ବିଧାନସଭା ସଭ୍ୟପଦରୁ ଇସ୍ତଫା ଦେଇଥିଲେ। ଏହି ଦୁଇ ସଦସ୍ୟଙ୍କ ବହିଷ୍କାର ଓ ଇସ୍ତଫା ଦୁହିଁଙ୍କର ସୁବିଧାବାଦ ଓ ଆଦର୍ଶଗତ ରାଜନୀତିର ପ୍ରମାଣ ଦିଏ। ଭଜମନ ନିଜର ସଭ୍ୟପଦ ଜାବୁଡ଼ି ଧରି ରଖିବାକୁ ଚାହୁଁଥିବାବେଳେ ତ୍ରିଲୋଚନ ନିଜର ସଭ୍ୟପଦକୁ ନିଜ ପକ୍ଷରୁ ତ୍ୟାଗ କରିଥିଲେ।

ଜାନକୀବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ଲୋକସଭା ପାଇଁ ୧୯୮୯ ନଭେମ୍ବର ୨୪ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। ଏହି ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ଘଟିଲା। ମୋଟ ୨୧ଟି ସ୍ଥାନ ମଧ୍ୟରୁ କଂଗ୍ରେସ ମାତ୍ର ୪ଟି ସ୍ଥାନରେ ବିଜୟ ଲାଭ କଲା। ଏହି ପରାଜୟକୁ ସ୍ୱୀକାର କରି ଜାନକୀବାବୁ ୧୯୮୯ ଡିସେମ୍ବର ୬ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। କଂଗ୍ରେସ ହାଇକମାଣ୍ଡ ଏହି ଇସ୍ତଫା ଗ୍ରହଣ କରି ସମଗ୍ର ରାଜ୍ୟବାସୀଙ୍କୁ ଚମକାଇ ଦେଇ ଅସନ୍ତୁଷ୍ଟ ଗୋଷ୍ଠୀର ଅନ୍ୟତମ ନେତା ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ମନୋନୀତ କଲେ। ହେମାନନ୍ଦ ମୁଖ୍ୟମନ୍ତ୍ରୀ ରୂପେ ଡିସେମ୍ବର ୭ ତାରିଖରୁ ୧୯୯୦ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ରହିଥିଲେ। ୮୬ ଦିନ ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରି ହେମାନନ୍ଦ କେବଳ କାମଚଳା ମୁଖ୍ୟମନ୍ତ୍ରୀ ହୋଇଥିଲେ। କାରଣ ନିର୍ବାଚନ ଘୋଷଣା ଯୋଗୁଁ କୌଣସି ଉନ୍ନୟନ କାର୍ଯ୍ୟ କିମ୍ବା ଅନ୍ୟ କୌଣସି ଆର୍ଥିକ ନିଷ୍ପତ୍ତି ନେବା ସମ୍ଭବ ନଥିଲା। ହେମାନନ୍ଦଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୯୦ ଫେବୃଆରୀ ୨୭ ତାରିଖରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା। ଯାହା ଆଶା କରାଯାଉଥିଲା, ତାହାହିଁ ଘଟିଲା। କଂଗ୍ରେସ ମୂଳପୋଛ ହୋଇଗଲା। ଜନତାଦଳ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଏକ ନୂତନ ପ୍ରସ୍ଥ ଆରମ୍ଭ କଲେ।

•

Digitized by srujanika@gmail.com

# (୧୧)

କଂଗ୍ରେସର ଦଶବର୍ଷର ଶାସନକୁ ବିଧ୍ୱସ୍ତ କରି ନିଜକୁ ଓଡ଼ିଶାର ଜନସାଧାରଣଙ୍କ ଆଶା ଆକାଙ୍‌କ୍ଷାର ପ୍ରତୀକ ରୂପେ ବିଜୟ ବୈଜୟନ୍ତୀ ଧରି ଶ୍ରୀ ବିଜୁ ପଟ୍ଟନାୟକ ପ୍ରବେଶ କଲେ ଓଡ଼ିଶା ବିଧାନସଭାରେ। ସମୟ ୧୯୯୦ ମାର୍ଚ୍ଚ ୫ ତାରିଖ। ଦଶବର୍ଷର ଶାସନ ପରେ ଦଶମ ବିଧାନସଭାକୁ କଂଗ୍ରେସ ଦଳର ଠିକ୍ ଦଶଜଣ ସଦସ୍ୟ ଆସିଲେ। ଅନ୍ୟ ଅର୍ଥରେ ୧୯୯୦ ମାର୍ଚ୍ଚ ୫ ତାରିଖରେ ଗଠିତ ଦଶମ ବିଧାନସଭାରେ କୌଣସି ସ୍ୱୀକୃତିପ୍ରାପ୍ତ ବିରୋଧୀଦଳ ରହିଲେ ନାହିଁ। ସ୍ୱାଧୀନତା ପରେ ଏହି ପ୍ରଥମ ଥର ପାଇଁ ବିଧାନସଭା ସ୍ୱୀକୃତ ବିରୋଧୀଦଳ-ବିହୀନ ହୋଇପଡ଼ିଲା। ଅଷ୍ଟମ ବିଧାନସଭାରେ ଅନୁରୂପ ପରିସ୍ଥିତି ଉଦ୍ଭବ ହୋଇଥିଲେ ମଧ୍ୟ ପରେ କମ୍ୟୁନିଷ୍ଟ ଦଳ ସାହାଯ୍ୟରେ ଜନତାପାର୍ଟିର ନେତା ଶ୍ରୀ ଶରତ ଦେବ ବିରୋଧୀଦଳ ନେତା ରୂପେ ସ୍ୱୀକୃତି ପାଇଥିଲେ।

୧୯୯୦ ମାର୍ଚ୍ଚ ୫ ତାରିଖରେ ବିଜୁ ପଟ୍ଟନାୟକଙ୍କର ପଞ୍ଚସ୍ତରିତମ ଜନ୍ମ ଜୟନ୍ତୀରେ ଓଡ଼ିଶାବାସୀ ତାଙ୍କୁ ଦେଲେ ଏକ ମହାର୍ଘ୍ୟ ଉପହାର। ବହୁବର୍ଷ ଧରି ସେହି ଆକାଙ୍‌କ୍ଷିତ ପଦବୀଟି ପାଇଁ ଅତି ବ୍ୟାକୁଳ ଚିତ୍ତରେ ଅପେକ୍ଷା କରି ରହିଥିଲେ ଓଡ଼ିଶାର ଏହି ଜନନାୟକ। ଅତି ପ୍ରାଣସ୍ପର୍ଶୀ ଭାଷାରେ ସେ ଓଡ଼ିଶାବାସୀଙ୍କୁ ବିକଳ ଭାବେ ନିବେଦନ କରିଥିଲେ ଜୀବନର ଶେଷ ସମୟରେ ମୋତେ ତୁମର ସେବା କରିବା ପାଇଁ ଥରୁଟିଏ ସୁଯୋଗ ଦିଅ। ମୁଁ ସବୁକିଛି ଅଜାଡ଼ିଦେବି। ଅଜାଡ଼ିଦେବି ଧନ, ରତ୍ନ, ମଣି ମାଣିକ୍ୟ। ଆଉ ସବୁଠାରୁ ଯାହା ବେଶୀ ଦରକାର ଓଡ଼ିଆର ସେ ଅହଙ୍କାର ପତିଆରା ସବୁକିଛି ମୁଁ ଆଣିଦେବି। ମୁଁ ଖାରବେଳ ହୋଇ ପୁଣି ଓଡ଼ିଶାର ସୀମା ସରହଦକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢ଼େଇ ନେଇଯିବି। ଲୋକେ ବିଶ୍ୱାସ କଲେ। ଲୋକଙ୍କ ମନରେ ୧୯୬୧ରୁ ୬୪ ପର୍ଯ୍ୟନ୍ତ କଂଗ୍ରେସର ସେଇ ସମୟର ବିଜୁବାବୁଙ୍କ ନେତୃତ୍ୱ କଥା ଅବିସ୍ମୃତ ଅଧ୍ୟାୟ ହୋଇ ରହିଯାଇଛି। ତା'ରି ଫଳସ୍ୱରୂପ ଲୋକେ କାର୍ପଣ୍ୟ କଲେନାହିଁ। ସମଗ୍ର ହୃଦୟ ଉଜାଡ଼ି କରି ବିଜୁବାବୁଙ୍କୁ ସମର୍ଥନ କଲେ।

ଦଶମ ବିଧାନସଭା ପାଇଁ ନିର୍ବାଚନ ହେଲା ୧୯୯୦ ଫେବୃଆରୀ ୨୭ ତାରିଖ ଦିନ। ମାର୍ଚ୍ଚ ୩ ତାରିଖରେ ଗଠିତ ହେଲା ବିଧାନସଭା। ୫ ତାରିଖ ପୂର୍ବାହ୍ନ ୧୧ଟା ବେଳେ ରାଜଭବନର ବିସ୍ତୃତ ସବୁଜ ଘାସ ପଡ଼ିଆରେ ସହସ୍ରାଧିକ ଅନୁଗାମୀଙ୍କ ଉପସ୍ଥିତିରେ ଏକମାତ୍ର ବିଜୁବାବୁ ଶପଥ ନେଲେ। ସାଙ୍ଗରେ ପାର୍ଶ୍ୱ ପାରିଷଦ କେହି ନାହାନ୍ତି। ଶପଥ ଗ୍ରହଣ ପରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ

Digitized by srujanika@gmail.com

କୋଠରୀରେ ପ୍ରବେଶ କରି ପ୍ରଥମ ସାମ୍ବାଦିକ ସମ୍ମିଳନୀରେ କହିଲେ, ଓଡ଼ିଶା ଲୋକେ ତାଙ୍କୁ ହିଁ ଭୋଟ ଦେଇଛନ୍ତି। ତେଣୁ ସେ ହିଁ ଶପଥ ନେଲେ। ଅର୍ଥାତ୍ ଅନ୍ୟ ସମସ୍ତେ ତାଙ୍କରି ବିଭୂତିରୁ ହିଁ ଜାତ।

ନିର୍ବାଚନରେ ବିଧାନସଭାରେ ବିଭିନ୍ନ ଦଳର ସ୍ଥିତି ନିମ୍ନରୂପେ ରହିଥିଲା। ଜନତାଦଳ- ୧୨୩, କଂଗ୍ରେସ (ଆଇ)- ୧୦, ବି.ଜେ.ପି.- ୨, ସି.ପି.ଆଇ.(ଏମ୍)- ୧, ସି.ପି.ଆଇ.- ୫ ଏବଂ ସ୍ୱାଧୀନ ୬ ଜଣ। ବିଧାନସଭାର ବାଚସ୍ପତି ଓ ଉପବାଚସ୍ପତି ରୂପେ ଯଥାକ୍ରମେ ଯୁଧିଷ୍ଠିର ଦାଶ ଓ ଶ୍ରୀ ପ୍ରହ୍ଲାଦ ଦୋରା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେଲେ। ତେବେ ଏହି ବିଧାନସଭାକୁ ନିର୍ବାଚିତ ହୋଇଥିବା ଚାରିଜଣ ସଦସ୍ୟ ଅକାଳରେ ପରଲୋକ ଗମନ କଲେ। ସେମାନେ ହେଲେ ବିଜେପୁରର ନିକୁଞ୍ଜ ବିହାରୀ ସିଂହ, ମାଲକାନଗିରିର ନାକା କାନାୟା, ହିନ୍ଦୋଳର ତ୍ରିନାଥ ନାୟକ (ରାଷ୍ଟ୍ରମନ୍ତ୍ରୀ) ଓ ସୁନ୍ଦରଗଡ଼ର ଭରତେନ୍ଦ୍ର ଶେଖର ଦେଓ। ପ୍ରଥମ ତିନୋଟି ସ୍ଥାନରେ ଉପନିର୍ବାଚନ ଅନୁଷ୍ଠିତ ହୋଇ ବିଜେପୁର (କିଶୋରମଣି ସିଂହ), ହିନ୍ଦୋଳ (ପାଟ ନାୟକ)ରୁ ଜନତାଦଳ ସଭ୍ୟ ଏବଂ ମାଲକାନଗିରି (ଅରବିନ୍ଦ ଢାଲି)ରୁ ବି.ଜେ.ପି.ରୁ ସଭ୍ୟ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ୧୯୯୧ ଜୁନ୍ ୧୫ ତାରିଖ ଲୋକସଭା ନିର୍ବାଚନରେ ବିଜୟୀ ହୋଇ ପୁରୀର ସଦସ୍ୟ ବ୍ରଜକିଶୋର ତ୍ରିପାଠୀ ଏବଂ ଭଣ୍ଡାରୀପୋଖରୀରୁ ସଦସ୍ୟ ଅର୍ଜୁନ ଚରଣ ସେଠୀ ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେବାରେ ସେଠାରେ ଉପନିର୍ବାଚନ ହୋଇ ଜନତାଦଳର ଉମାବଲ୍ଲଭ ରଥ ଓ ପ୍ରଫୁଲ୍ଲ କୁମାର ଜେନା ନିର୍ବାଚିତ ହୋଇଥିଲେ। ତେଣୁ ପରବର୍ତ୍ତୀ ସମୟରେ ଜନତାଦଳର ମୂଳ ସଂଖ୍ୟାରେ ମାତ୍ର ଗୋଟିଏ ପରିବର୍ତ୍ତନ ହେଲା ଏବଂ ଜନତାଦଳ ୧୨୨କୁ ଖସି ଆସିବାବେଳେ ବି.ଜେ.ପି.ର ସଂଖ୍ୟା ତିନୋଟିକୁ ବୃଦ୍ଧି ପାଇଥିଲା। ସୁନ୍ଦରଗଡ଼ରେ ଅଦ୍ୟାବଧି ନିର୍ବାଚନ ହୋଇନଥିବାରୁ ଏହି ସ୍ଥାନଟି ଖାଲି ଅଛି। ଜନତାଦଳର ସଂଖ୍ୟା ଏବେ ୧୨୧।

ଦଶମ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଲା ୧୯୯୦ ମାର୍ଚ୍ଚ ୧୯ ତାରିଖରେ ଏବଂ ଶେଷ ହେଲା ସେହି ମାସ ୨୯ ତାରିଖରେ। ଏହି ଅଧିବେଶନରେ ସରକାର ତିନିମାସ ପାଇଁ ଏକ କାମଚଳା ବଜେଟ୍ ଗ୍ରହଣ କରିଥିଲେ। ଏହି ଅଧିବେଶନରେ ସରକାରଙ୍କ ପକ୍ଷରୁ ରାଜ୍ୟର ଆର୍ଥନୀତିକ ସ୍ଥିତି ସମ୍ପର୍କରେ ଏକ ଶ୍ୱେତପତ୍ର ପ୍ରକାଶ ପାଇଥିଲା। ଏହି ଶ୍ୱେତପତ୍ରରେ ୧୯୭୯-୮୦ରୁ ୧୯୮୮-୮୯ ସାଲ ପର୍ଯ୍ୟନ୍ତ ଓଡ଼ିଶାର ଆର୍ଥିକ ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରାଯାଇ ଏଥିରୁ ଉଦ୍ଧାର ପାଇବା ପାଇଁ ଅଷ୍ଟମ ଯୋଜନା କାଳରେ

Digitized by srujanika@gmail.com

୩ ହଜାର କୋଟି ଟଙ୍କାରୁ ଅତିରିକ୍ତ ପୁଞ୍ଜି ବିନିଯୋଗ ସକାଶେ ପ୍ରସ୍ତାବ କରାଯାଇଥିଲା । ଏହି ଶ୍ୱେତପତ୍ରର ୪ର୍ଥ ପୃଷ୍ଠାରେ ଦର୍ଶାଯାଇଥିଲା ଯେ- The State Govt. will have to take up special trust oriented programmes to remove poverty, unemployment and under development by improving the infrastructures and creating a Congenial atmosphere of Progress and Development by earadication of curruption. ଏଥିସହ ପୁଣି କୁହାଯାଇଥିଲା ଯେ Expansion of network of railways by participation with Centre, rapid industrialisation of the State by localing good. number of large & medium industries like second steel plant which would generate employment potential for the unemployed youths at various levels, speedy completion of on-going Irrigation & Power Projects.

୧୯୯୦ ମାର୍ଚ୍ଚ ୨୫ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଏହି ଶ୍ୱେତପତ୍ର ବିଧାନସଭାରେ ମାନ୍ୟବର ବିଧାୟକମାନଙ୍କୁ ଦିଆଯାଇଥିଲା । ଏହି ଶ୍ୱେତପତ୍ରର ପ୍ରକାଶ କାଳଠାରୁ ବର୍ତ୍ତମାନ ସାଢ଼େ ଚାରିବର୍ଷ ପରେ ଏଥିରେ ସନ୍ନିବେଶିତ ସରକାରୀ ପ୍ରତିଶ୍ରୁତି ସମ୍ପର୍କରେ ମାନ୍ୟବର ବିରୋଧୀଦଳର ଜଣେ ହେଲେ ସଦସ୍ୟ କୌଣସି ପ୍ରଶ୍ନ ସରକାରଙ୍କୁ ପଚାରିଛନ୍ତି କି ? ଯଦି ପଚାରିଥାନ୍ତେ ତେବେ ତା'ର ଉତ୍ତର କ'ଣ ? ଏହି ଧରଣର ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ବିଧାନସଭାରେ କୌଣସି ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି କି ? କାହିଁକି ଆଣିଲେ ନାହିଁ ? – ଅପାରଗତା, ଅକ୍ଷମତା ନା ଅଯୋଗ୍ୟତା ? କ'ଣ କାରଣ ହୋଇପାରେ ?

ପ୍ରଥମ ଦିନ ନିଜେ ଏକାକୀ ଶପଥ ନେବା ପରେ ଆଶା କରାଯାଉଥିଲା ବିଜୁବାବୁ ଏକ କ୍ଷୁଦ୍ର ମନ୍ତ୍ରିମଣ୍ଡଳ ଗଠନ କରିବେ । ମାତ୍ର ତିନି ଛେକରେ ସେ ଯେଉଁ ମନ୍ତ୍ରିମଣ୍ଡଳ ଗଠନ କଲେ ତାହା ସମସ୍ତଙ୍କୁ ଚପିଗଲା । ତାଙ୍କୁ ମିଶାଇ ମୋଟ ୩୭ ଜଣଙ୍କୁ ମନ୍ତ୍ରୀ ରୂପେ ସେ ସରକାରୀ ମର୍ଯ୍ୟାଦା ଦେଲେ । ଘଟଣା ଏଇଠି ଶେଷ ହେଲା ନାହିଁ, ଏତେ ମନ୍ତ୍ରୀଙ୍କୁ କାମ ଦେବା ପାଇଁ ସେ ସରକାରୀ ବିଭାଗ ମଧ୍ୟ ବଢ଼ାଇଦେଲେ । ୧୯୯୦ରେ ମୋଟ ୩୧ଟି ସରକାରୀ ବିଭାଗ ଥିବାବେଳେ ୧୯୯୪ରେ ଏହା ବୃଦ୍ଧି ପାଇ ୪୦ଟି ବିଭାଗରେ ପହଞ୍ଚିଲା । ତା' ସତ୍ତ୍ୱେ ଅନେକ ମନ୍ତ୍ରୀ ଗତ ସାଢ଼େ ୪ ବର୍ଷ ମଧ୍ୟରେ ୪ ଥର ଉତ୍ତର ଦେଇଥିବା ମଧ୍ୟ ସନ୍ଦେହ । ତା'ର ଅନ୍ୟ ଅର୍ଥ ହେଉଛି ଅନେକ ମନ୍ତ୍ରୀଙ୍କ ପାଇଁ କାମ ନାହିଁ । ଅବଶ୍ୟ ପରେ ୪ ଜଣ ମନ୍ତ୍ରୀଙ୍କୁ ସେ ମନ୍ତ୍ରିମଣ୍ଡଳରୁ ବହିଷ୍କାର

Digitized by srujanika@gmail.com

କଲେ ।

ବିଜୁବାବୁ ୧୯୬୧ ସାଲରେ ପ୍ରଥମେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ୨ ବର୍ଷ ପରେ ସେ ମୁଖ୍ୟମନ୍ତ୍ରୀ ଗାଦି ହରାଇ ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷ ହେଲେ। ମାତ୍ର ସି.ବି.ଆଇ. ତଦନ୍ତ ଓ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଫଳରେ ତାଙ୍କୁ ଯୋଜନା ବୋର୍ଡ଼ର ଅଧକ୍ଷ ପଦରୁ ମଧ ଇସ୍ତଫା ଦେବାକୁ ପଡ଼ିଲା। ରାଜ୍ୟ ଶାସନର ଡୋରି ତା'ପରେ ତାଙ୍କ ହାତରୁ ଖସିଗଲା। ୧୯୭୭ ସାଲରେ ଜନତା ପାର୍ଟି ପୁଣି ଶାସନକୁ ଆସିଲା। କିନ୍ତୁ ବିଜୁବାବୁ ରାଜ୍ୟ ଶାସନ ନୀଳମଣି ରାଉତରାୟଙ୍କ ହାତରେ ସମର୍ପଣ କରି କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ହେଲେ। ତେଣୁ ୧୯୬୩ ପରଠାରୁ ବିଜୁବାବୁ ପ୍ରତ୍ୟକ୍ଷ ଭାବେ ରାଜ୍ୟ ଶାସନରୁ ବାହାରେ ଥିଲେ। ୨୭ ବର୍ଷ ପରେ ୧୯୯୦ ସାଲରେ ସେ ଯେତେବେଳେ ପୁଣି ମୁଖ୍ୟମନ୍ତ୍ରୀ ହେଲେ ରାଜ୍ୟବାସୀଙ୍କୁ ଅନେକ ଆଶା ଆକାଂକ୍ଷାର ସ୍ୱପ୍ନ ଦେଖାଇଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ କିଛି କରିପାରିଲେ ନାହିଁ। ତାଙ୍କର ବହୁଳ ପ୍ରଚାରିତ Steel Plant ଏକ Still born childର ରୂପ ନେଲା। ବହୁ ଲୋକଙ୍କୁ ସେ ନିମନ୍ତ୍ରଣ କଲେ। ସମସ୍ତେ ଆସି ସରକାରୀ ଖର୍ଚ୍ଚରେ ଓଡ଼ିଶା ଘୂରିଗଲେ। ଶହ ଶହ ଏକର ଜମି ସରକାରୀ ଖର୍ଚ୍ଚରେ କିଣା ହେଲା। କିନ୍ତୁ କିଛି ହେଲା ନାହିଁ।

ବିଜୁବାବୁ କିନ୍ତୁ ଏଥିପାଇଁ ଏବେ ମଧ ଅନୁତପ୍ତ ନୁହନ୍ତି। ବିଧାନସଭାରେ ଏବେ ମଧ ସେ କୁହନ୍ତି ଓଡ଼ିଶାରେ ଗୋଟିଏ ନୁହେଁ ଛ' ଛ'ଟି ଇସ୍ପାତ କାରଖାନା ହେବ। ଏବେ ମଧ ଇବ୍ ଉପତ୍ୟକାରେ ନିର୍ମୀୟମାଣ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବିଦ୍ୟୁତ୍ ଉତ୍ପାଦିତ ହୋଇ ନାହିଁ। ୧୯୯୦ ମାର୍ଚ୍ଚ ୨୫ ତାରିଖରେ ବିଧାନସଭାରେ ଉପସ୍ଥାପିତ ସରକାରୀ ଶ୍ୱେତପତ୍ର ଅନୁସାରେ ଏବେ ସାଢ଼େ ଚାରିବର୍ଷ ପରେ ମଧ ଗୋଟିଏ ହେଲେ ଜଳସେଚନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇନାହିଁ। ୧୯୮୦ ସାଲରେ ଓଡ଼ିଶାରେ ଯେଉଁ ଶତକଡ଼ା ୧୮ ଭାଗ ଜମି କେନାଲ ଜଳସେଚିତ ହେଉଥିଲା, ଆଜି ପନ୍ଦର ବର୍ଷ ପରେ ପାଞ୍ଚ ହଜାର କୋଟି ଟଙ୍କା ବ୍ୟୟ ହୋଇ ମଧ ସେଇ ୧୮ ଭାଗ ଜମି ଜଳସେଚିତ ହେଉଛି। ବିଧାନସଭାରେ କୌଣସି ସରକାରୀ ବା ବିରୋଧୀଦଳ ସଦସ୍ୟ ଏ ବିଷୟ ଉଠାଉ ନାହାନ୍ତି।

ଆମେ କହୁ କହୁ କଥାକୁ ଅନ୍ୟ ଆଡ଼କୁ ଟାଣିନେଲୁ। ବିଧାନସଭା ଅଧିବେଶନର ଦିନ ବୃଦ୍ଧି ପାଇଁ ନିଖିଳ ଭାରତ ବାଚସ୍ପତି ସମ୍ମେଳନରେ ଆଲୋଚନା ହୋଇଥିଲା। ୧୯୯୧ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଏହି ସମ୍ମେଳନରେ ବିଭିନ୍ନ

Digitized by srujanika@gmail.com

ଦଳର ମୁଖ୍ୟ ହ୍ୱାଟିଆ ବା ସଚେତକମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅଧିବେଶନରେ ବିଧାନସଭାଗୁଡ଼ିକର ଅଧିବେଶନ ସମୟ ବୃଦ୍ଧି ପାଇଁ ପ୍ରସ୍ତାବ କରାଗଲା। ଓଡ଼ିଶା ବିଧାନସଭାର ୪୦ ଦିନ ଅଧିବେଶନ ପାଇଁ ହାରାହାରି ୭ ଲକ୍ଷ ୩୮ ହଜାର ଟଙ୍କା ବ୍ୟୟ ହେଉଛି। ୮୦ ଦିନ ପାଇଁ ୧୫ ଲକ୍ଷ ଟଙ୍କା ଏବଂ ୧୨୦ ଦିନ ପାଇଁ ୨୨ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ହିସାବ କରାଗଲା। ଏହି ଅଧିବେଶନରେ ପୁଣି ସ୍ଥିର ହେଲା ଯେ ସରକାରୀ କାର୍ଯ୍ୟର ବ୍ୟାପକ ଅଭିବୃଦ୍ଧି ଯୋଗୁଁ ବିଧାନସଭା ଅଧିବେଶନର ଦିନ ବୃଦ୍ଧି କରାଗଲେ ଏବଂ ଏଥିପାଇଁ ୧୫ କିମ୍ୱା ୨୨ ଲକ୍ଷ ଟଙ୍କା ବ୍ୟୟ ହେଲେ ତାହା ଯଥାର୍ଥ ବ୍ୟୟ ହେବ। ଏହା ଫଳରେ ବିଧାନସଭା ଏକ ସଂସାଧନକ୍ଷମ ଅନୁଷ୍ଠାନରେ ପରିଣତ ହେବ।

ଏହି ଅଧିବେଶନରେ ପୁଣି ମତ ପ୍ରକାଶ ପାଇଲା ଯେ ଅଧିକାଂଶ ବିଧାୟକ ଅପରାହ୍ଣ ଅଧିବେଶନରେ ଅନୁପସ୍ଥିତ ରହୁଛନ୍ତି। ଏମାନେ ବିଧାନସଭାକୁ ଆସିବା ପରିବର୍ତ୍ତେ ସଚିବାଳୟର ବିଭିନ୍ନ ବିଭାଗଗୁଡ଼ିକରେ ବୁଲି ନିଜ ନିଜର କାର୍ଯ୍ୟ କରନ୍ତି। ଅନେକ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ବିଲ୍ ବା ଖର୍ଚ୍ଚ ଦାବିର ଆଲୋଚନା ବେଳେ କୋରମ୍ ଅଭାବ ହୁଏ। କୋରମ୍ ଅଭାବରୁ ୨/୩ ଥର ଲେଖାଏଁ ଅଧିବେଶନ ସାମୟିକ ଭାବେ ବନ୍ଦ ହୋଇଯାଇଛି। ପରେ ପୁଣି ଆବଶ୍ୟକ ସଂଖ୍ୟକ ସଦସ୍ୟ ଆସିବା ପରେ ଅଧିବେଶନ ଚାଲିଛି।

୧୯୯୦ ସାଲରୁ ବିଧାନସଭା ଅଧିବେଶନ କେତେ ଦିନ ଲେଖାଏଁ ଚାଲିଛି ତାହା ନିମ୍ନରେ ପ୍ରଦତ୍ତ ହେଲା। ୧୯୯୦-୪୬ ଦିନ, ୧୯୯୧-୪୪ ଦିନ, ୧୯୯୨-୪୩ ଦିନ, ୧୯୯୪-୫୭ ଦିନ ଏବଂ ୧୯୯୪ରେ ସେପ୍ଟେମ୍ବର ମାସର ଅଧିବେଶନ ସହିତ ମୋଟ ୪୮ ଦିନ ବିଧାନସଭା ଅଧିବେଶନ ବସିଛି।

ବିଧାନସଭା ଗଣତନ୍ତ୍ରର ପ୍ରଥମ ସ୍ତମ୍ଭ। ଏହି ଅନୁଷ୍ଠାନ ପ୍ରତି ସରକାର ଓ ବିଧାୟକମାନଙ୍କର ଯେଉଁ ଅନୁରକ୍ତି ରହିବା କଥା ତାହା ଧୀରେ ଧୀରେ କମି ଆସୁଛି ବୋଲି କହିଲେ ଅନୁଚିତ ବକ୍ତବ୍ୟ ହେବ ନାହିଁ। ବିରୋଧିଦଳ ପ୍ରତି ସରକାରୀ ଦଳର ଯେଉଁ ଭୟ ଥିଲା ତାହା ଏବେ ଆଉ ନାହିଁ। ଅନ୍ୟପକ୍ଷରେ ବିଧାନସଭା କ୍ରମେ ଏକ ଅପାଂକ୍ତେୟ ଅନୁଷ୍ଠାନରେ ପରିଣତ ହେବାକୁ ଯାଉଛି। କିଏ ଏହାକୁ ରକ୍ଷା କରିବ ?

●

Digitized by srujanika@gmail.com

# ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ (୧)

ଗତ କିଛି ବର୍ଷ ହେଲା ମୁଖ୍ୟମନ୍ତ୍ରୀମାନଙ୍କର ସଚିବମାନଙ୍କୁ କେନ୍ଦ୍ରକରି ନାନା ପ୍ରକାର ବାଦବିସମ୍ବାଦ ସୃଷ୍ଟି ହୋଇଛି। ଅନେକ ସମୟରେ ପରିସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଛି ଯେ ମନ୍ତ୍ରୀମାନେ ମଧ୍ୟ ମିଳିତ ଭାବେ ସଚିବମାନଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆପତ୍ତି ଦର୍ଶାଇଛନ୍ତି। କିନ୍ତୁ କେତେକ ମୁଖ୍ୟମନ୍ତ୍ରୀ ଓ ସେମାନଙ୍କ ସଚିବଙ୍କ ମଧ୍ୟରେ ଏଭଳି କ୍ଷୀର-ନୀର ସଂପର୍କ ଗଢ଼ିଉଠିଥାଏ ଯେ ସେ ମନ୍ତ୍ରୀମାନଙ୍କ କଥାକୁ ଏ କାନରେ ପୂରାଇ ସେ କାନରେ ବାହାର କରିଦିଅନ୍ତି। ମନ୍ତ୍ରୀମାନେ ସବୁ ଅନୁଭବ କରନ୍ତି; କିନ୍ତୁ କରିବାର କିଛି ନଥାଏ। କାରଣ 'କାଲ ଠାର କାଲ ମା' ଜାଣେ' ଭଳି ମୁଖ୍ୟମନ୍ତ୍ରୀଙ୍କର ଅଧିକାଂଶ ପାପ-ପୁଣ୍ୟର ସାକ୍ଷୀ ଓ ସାଥୀ କେବଳ ଏହି ସଚିବମାନେ। ଅନେକ ଦୁର୍ବଳତମ ମୁହୂର୍ତ୍ତର ପଞ୍ଜିକାର ହେଉଛନ୍ତି ଏଇ ସଚିବମାନେ। ମନ୍ତ୍ରୀମାନେ ତାହା ଜାଣନ୍ତି-କାରଣ ଅଧିକାଂଶ ତଥାକଥିତ ଟାଣୁଆ ମନ୍ତ୍ରୀ ଏଇ ଦୋଷରେ ମଧ୍ୟ ଦୂଷିତ। ସେମାନଙ୍କର ଅନେକ ଗୋପନ ତଥ୍ୟ ସେମାନଙ୍କର ବ୍ୟକ୍ତିଗତ ସଚିବ ବା ବ୍ୟକ୍ତିଗତ ସହକାରୀଙ୍କ ନଖଦର୍ପଣରେ। ତେଣୁ ଦେଖାଯାଇଛି ଯେ ଶାସନରୁ ଚାଲିଯିବା ପରେ ମଧ୍ୟ ଅନେକ କ୍ଷେତ୍ରରେ ସଂପୃକ୍ତ ସରକାରୀ କର୍ମଚାରୀମାନେ ନିଜ ନିଜର ପ୍ରାକ୍ତନ ରାଜନୀତିକ ପ୍ରଭୁଙ୍କ ସହ ଖୁବ୍ ଘନିଷ୍ଠ ସଂପର୍କ ରଖିଥାନ୍ତି। ତେଣୁ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତାଙ୍କ ସଚିବଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ହୁଏ, ତାହା ଉପରେ ପ୍ରାୟ କାର୍ଯ୍ୟାନୁଷ୍ଠାନ ହୁଏ ନାହିଁ।

ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେବା ଫଳରେ ଶାସନକୁ ଅନେକ ସମୟରେ ଏଭଳି ଲୋକ ଆସୁଛନ୍ତି, ଯେଉଁମାନେ ନା କହିପାରନ୍ତି ନା ଲେଖିପାରନ୍ତି ନା ବୁଝିପାରନ୍ତି। ଏଭଳି ଲୋକଙ୍କୁ ତାଙ୍କର ସଚିବମାନେ ସ୍ୱାଭାବିକ ଭାବେ ଯାହା କରିବା କଥା ତା କରନ୍ତି। ବିଲାତର ଟି.ଭି.ରେ ବି.ବି.ସି. ପକ୍ଷରୁ 'ୟେସ୍ ମିନିଷ୍ଟର' ନାମରେ ଏକ ଚମତ୍କାର ସିରିୟାଲ ପ୍ରଦର୍ଶିତ ହେଉଥିଲା। ଏହି ସିରିୟାଲର ଜଣେ ମନ୍ତ୍ରୀ ନିଜ ବୁଦ୍ଧି ବିଦ୍ୟା ଅନୁସାରେ କାର୍ଯ୍ୟ କଲେ ବା ନୀତି ବଖାଣିଲେ ଯେଉଁ ବିଭ୍ରାଟ ସୃଷ୍ଟି ହେଉଛି ତାହା ମୁଖ୍ୟତଃ ପ୍ରଦର୍ଶିତ ହୋଇଛି। ଏହି ସିରିୟାଲ

Digitized by srujanika@gmail.com

ପୃଥିବୀର ବିଭିନ୍ନ ଦେଶରେ ପ୍ରଦର୍ଶିତ ହୋଇଥିଲା। ଭାରତରେ ଏହା ଅତ୍ୟନ୍ତ ଜନପ୍ରିୟ ହୋଇଥିଲା। ଭାରତ ପାଇଁ ଏହି ସିରିୟାଲ ଚମତ୍କାର ଖାପ ଖାଉଥିବାରୁ ଏହାର ବିଶେଷ ଆଦୃତ ହୋଇଥିଲା।

ଏହି ଉପକ୍ରମଣିକା ଦେବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଓଡ଼ିଶାରେ ଗତ କିଛି ବର୍ଷ ହେଲା ମୁଖ୍ୟମନ୍ତ୍ରୀଙ୍କ ସଚିବମାନଙ୍କୁ କେନ୍ଦ୍ରକରି ଯେଉଁ ବିବଦମାନ ପରିସ୍ଥିତିର ଉଦ୍ଭବ ହୋଇଛି, ତାର ଆଲୋଚନା କରିବା। ୧୯୬୭ ସାଲରେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ସଚିବ ବ୍ୟବସ୍ଥା ଆରମ୍ଭ ହେଲା। ସେ ପର୍ଯ୍ୟନ୍ତ ଅର୍ଥାତ୍ ୧୯୬୭ ନିର୍ବାଚନ ପୂର୍ବ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀମାନଙ୍କ ଅଫିସ୍‌ରେ ସର୍ବୋଚ୍ଚ ଅଫିସର ଥିଲେ ଜଣେ ପ୍ରାଇଭେଟ୍ ସେକ୍ରେଟାରୀ। ସେଇ ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ନେଇ ମୁଖ୍ୟମନ୍ତ୍ରୀମାନେ କାର୍ଯ୍ୟ ଚଳାଉଥିଲେ। ଏହି ପ୍ରାଇଭେଟ୍ ସେକ୍ରେଟାରୀ ପଦବୀ ଷ୍ଟେନୋଗ୍ରାଫରରୁ ପଦୋନ୍ନତି ପାଇ ପ୍ରାଇଭେଟ୍ ସେକ୍ରେଟାରୀରେ ରୂପାନ୍ତରିତ ହେଉଥିଲା। ୧୯୫୧ ସାଲରୁ ୧୯୬୭ ସାଲ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ମୁଖ୍ୟମନ୍ତ୍ରୀଙ୍କର ଏକମାତ୍ର ପ୍ରାଇଭେଟ୍ ସେକ୍ରେଟାରୀ ଥିଲେ ଶ୍ରୀ ପି.ଏସ୍. ରାମଚନ୍ଦ୍ରନ୍। ଶ୍ରୀ ରାମଚନ୍ଦ୍ରନ୍ ତାଙ୍କର ଏହି ଦୀର୍ଘକାଳ ଚାକିରି ମଧ୍ୟରେ ବହୁ ପରସ୍ପର ବିରୋଧୀ ଚରିତ୍ରର ମୁଖ୍ୟମନ୍ତ୍ରୀମାନଙ୍କ ନିକଟରେ କାର୍ଯ୍ୟ କରି ଆସିଥିଲେ। ୧୯୫୧ରେ ନବକୃଷ୍ଣ ଚୌଧୁରୀ, ୧୯୫୭ରେ ଡକ୍ଟର ହରେକୃଷ୍ଣ ମହତାବ, ୧୯୬୧ରେ ବିଜୁ ପଟ୍ଟନାୟକ, ୧୯୬୩ରେ ବୀରେନ୍ ମିତ୍ର ଏବଂ ୧୯୬୫ରେ ସଦାଶିବ ତ୍ରିପାଠୀଙ୍କର ରୂପେ ଅତି ଦକ୍ଷତାର ସହ କାର୍ଯ୍ୟ କରି ଆସିଥିଲେ।

ବିଭିନ୍ନ ବିଭାଗରୁ ଆସୁଥିବା ଫାଇଲ୍‌ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କର ଆଦେଶ ନେବାଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୈନିକ କାର୍ଯ୍ୟନିର୍ଘଣ୍ଟ ଓ ଗସ୍ତକ୍ରମ ଆଦି ସେ ପ୍ରସ୍ତୁତ କରୁଥିଲେ। ତାଙ୍କୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରେ ଜଣେ ସେକ୍ସନ ପାହ୍ୟା ଅଫିସର, ୨ ଜଣ ପି.ଏ., ୨ ଜଣ ଷ୍ଟେନୋ ଓ କିଛି କିରାଣି ରହୁଥିଲେ। ଏହି ବ୍ୟବସ୍ଥା ଚଳି ଆସୁଥିଲା ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରୁ। ଏହି ସମୟ ମଧ୍ୟରେ ଯେଉଁମାନେ ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟ କରିଆସିଛନ୍ତି, ସେମାନେ ଉଭୟ ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଏମାନଙ୍କ ସମୟରେ ଗୋଟିଏ ବିଷୟ ସ୍ପଷ୍ଟ ହୋଇଥିଲା, ତା ହେଲା ଏମାନେ ଦଳ ଓ ସରକାର ଉପରେ ଦୁଇଟି ଭିନ୍ନ ଆସ୍ତରଣ ଢ଼ାଙ୍କି ରଖୁଥିଲେ। ଫଳରେ ଦଳୀୟ ସ୍ୱେଚ୍ଛାଚାରିତା ପରିମିତ ସୀମାରେ ରହୁଥିଲା।

Digitized by srujanika@gmail.com

ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ପ୍ରଥାର ପରିବର୍ତ୍ତନ କଲେ। ସେ ତାଙ୍କର ସଚିବ ରୂପେ ଜଣେ ଅଭିଜ୍ଞ ଆଇ.ଏ.ଏସ୍. ଅଫିସର ଶ୍ରୀ ପଞ୍ଚାନନ ତ୍ରିପାଠୀଙ୍କୁ ନିଯୁକ୍ତି ଦେବାବେଳେ ଶ୍ରୀ ଯୁଗଳ କିଶୋର ମିଶ୍ର ନାମକ ଜଣେ ଓ.ଏ.ଏସ୍. ଅଫିସରଙ୍କୁ ପ୍ରାଇଭେଟ୍ ସେକ୍ରେଟାରୀ ରୂପେ ନିଯୁକ୍ତ କଲେ। ଏହା ବ୍ୟତୀତ ଷ୍ଟେନୋ କ୍ୟାଡରରୁ ଜଣେ ପ୍ରାଇଭେଟ୍ ସେକ୍ରେଟାରୀ ମଧ୍ୟ ତାଙ୍କର ନିଯୁକ୍ତି ପାଇଥିଲେ। ଶ୍ରୀ ସିଂହଦେଓ ଜଣେ ପୂର୍ବତନ ମହାରାଜା ହୋଇଥିବାରୁ ପାତ୍ର-ମନ୍ତ୍ରୀ ଗହଣରେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ହେବା ପରେ ସେ ତାଙ୍କର ସେହି ପୂର୍ବ ପରମ୍ପରା ଓ ପତିଆରାକୁ ସରକାରୀ କଳରେ ପ୍ରବର୍ତ୍ତନ କରିଥିଲେ ବୋଲି କେତେକ ମତ ଦିଅନ୍ତି। ଶ୍ରୀ ତ୍ରିପାଠୀ ଓ.ଏ.ଏସ୍. କ୍ୟାଡରରୁ ଆଇ.ଏ.ଏସ୍.କୁ ପଦୋନ୍ନତି ପାଇଥିଲେ। ତେଣୁ ଶାସନ କାର୍ଯ୍ୟରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତାକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ସେ ପ୍ରୟୋଗ କରିଥିଲେ। ଶ୍ରୀ ସିଂହଦେଓ ସ୍ୱତନ୍ତ୍ର ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କର ଏଇ ଆଇ.ଏ.ଏସ୍. ଅଫିସର ସେକ୍ରେଟାରୀ ନିଯୁକ୍ତିକୁ ଡଃ ମହତାବ ପସନ୍ଦ କରିନଥିଲେ। କିନ୍ତୁ ଶ୍ରୀ ସିଂହଦେଓ ନିଜ ନିଷ୍ପତ୍ତିରେ ଅଟଳ ରହିବାରେ ସେ ବାଧ୍ୟ ହୋଇ ଚୁପ୍ ରହିଲେ। ସଚିବ ରୂପେ ପଞ୍ଚାନନ ବାବୁ ଉଭୟ ସ୍ୱତନ୍ତ୍ର ଦଳର ଏମ୍.ଏଲ୍.ଏ. ନେତା ଏବଂ ସରକାରୀ କଳ ମଧ୍ୟରେ ଏକ ସମନ୍ୱୟ ରୂପେ କାର୍ଯ୍ୟ କଲେ। ପଞ୍ଚାନନ ତ୍ରିପାଠୀଙ୍କୁ ନେବାର ଅନ୍ୟ କାରଣ ହେଲା ପ୍ରଶାସନିକ ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣ ମଧ୍ୟକୁ ଆଣିବା। ବ୍ୟୁରୋକ୍ରାସି ବା ଅମଲାତନ୍ତ୍ରର ଇଙ୍ଗିତରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ସେ ପ୍ରସ୍ତୁତ ନଥିଲେ। ନିଜେ ମହାରାଜା ଥିବାରୁ ଶାସନ କ୍ଷେତ୍ରରେ ତାଙ୍କର ନିଜର କିଛି ଅଭିଜ୍ଞତା ଥିଲା। ତେବେ ସବୁଠୁ ବଡ଼ କଥା ହେଲା ସେ ନିଜର ମତାମତକୁ ବ୍ୟୁରୋକ୍ରାସି ଉପରେ ଚାପି ଦେବାକୁ ଚାହୁଁଥିଲେ। ସମ୍ଭବତଃ ସେଥିପାଇଁ ସେ ବ୍ୟୁରୋକ୍ରାସି ଭିତରୁ ଲୋକ ଆଣିଥିଲେ। ତାଙ୍କର ଆଉ ଜଣେ ପରାମର୍ଶଦାତା ଥିଲେ ତାମିଲ ବ୍ରାହ୍ମଣ ଶ୍ରୀ ସୁନ୍ଦର ରାଜନ୍। ଶ୍ରୀ ସୁନ୍ଦର ରାଜନ୍ ସେତେବେଳେ ଜଙ୍ଗଲ ବିଭାଗ ସଚିବ ଥିଲେ। ସେଇ ସମୟରେ ଓଡ଼ିଶା ଶାସନର ସବୁଠାରୁ 'କୁଖ୍ୟାତ କେନ୍ଦୁପତ୍ର ବ୍ୟାପାର' ସମଗ୍ର ଦେଶରେ ମୁଖରୋଚକ ଆଲୋଚ୍ୟ ବିଷୟ ହୋଇଥିଲା। ଶ୍ରୀ ତ୍ରିପାଠୀ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କର ପ୍ରଶାସନିକ ରାଜନୀତିକ ସମସ୍ୟାର ଅନ୍ୟତମ ମୁଖ୍ୟ ପରାମର୍ଶଦାତା ଥିଲେ ମଧ୍ୟ ତାଙ୍କ ଦେହକୁ ସବୁ ଘଟଣାରୁ ନିରାପଦ ଦୂରତ୍ୱରେ ରଖୁଥିବାରୁ ତାଙ୍କ ସମ୍ପର୍କରେ ସେଭଳି ବିବଦମାନ ପରିସ୍ଥିତି ଉପୁଜି ନଥିଲା। ବରଂ ପରବର୍ତ୍ତୀ ସରକାର ସମୟରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ରୂପେ ନିଯୁକ୍ତି ପାଇଥିଲେ।

Digitized by srujanika@gmail.com

ମାତ୍ର କେନ୍ଦୁପତ୍ର ଅଠା ସୁନ୍ଦର ରାଜନ୍‌ଙ୍କ ଦେହରେ ଲାଗି ଯାଇଥିଲା । ଫଳରେ ପରବର୍ତ୍ତୀ ସମୟରେ ସେ କେତେକଙ୍କର ସୁନଜରରେ ନଥିଲେ ।

ଶ୍ରୀ ସିଂହଦେଓଙ୍କ ପ୍ରଶାସନିକ ପ୍ରାଜ୍ଞତା ସେଇ ସମୟର ଅନ୍ୟ ବିଶିଷ୍ଟ ନେତୃବର୍ଗଙ୍କ ଅପେକ୍ଷା କୌଣସି ଗୁଣରେ କମ୍ ନଥିଲା । ଡଃ ମହତାବ, ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଭଳି ବିଦ୍ୱାନ୍ ବ୍ୟକ୍ତିମାନେ ତାଙ୍କ ପୂର୍ବରୁ ଶାସନଭାର ଗ୍ରହଣ କରି ପ୍ରଚଳିତ ବ୍ୟବସ୍ଥାରେ ଶାସନ କରି ଆସିଥିଲେ । ଏପରିକି ସେତେବେଳେ ଶାସନ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ବୀରେନ୍ ମିତ୍ର ମଧ୍ୟ ଜଣେ ଜଣେ ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ନେଇ କାମ ଚଳାଉଥିବା ବେଳେ ହଠାତ୍ ଶ୍ରୀ ସିଂହଦେଓଙ୍କ ଭଳି ଜଣେ ବିଚାରବନ୍ତ ବ୍ୟକ୍ତି ଶାସନ କ୍ଷେତ୍ରରେ ଏଭଳି ଦ୍ୱୈବିଧ୍ୟ ବ୍ୟବସ୍ଥା ପ୍ରଚଳନ କଲେ କାହିଁକି ? ତାଙ୍କ ପୂର୍ବରୁ ଯେଉଁମାନେ ମୁଖ୍ୟମନ୍ତ୍ରୀ ଥିଲେ ସେମାନେ ତେବେ କିପରି ଫାଇଲପତ୍ର ଓ ରାଜନୀତିକ ବ୍ୟାପାର ଚଳାଉଥିଲେ ଏ ସମ୍ପର୍କରେ ଆମେ ଅନେକ ଅବସରପ୍ରାପ୍ତ ଅଭିଜ୍ଞ ଓ ପ୍ରବୀଣ ପ୍ରଶାସକମାନଙ୍କୁ ପ୍ରଶ୍ନ କରିଥିଲୁ । ନାମ ପ୍ରକାଶ ପାଇଁ ଅନିଚ୍ଛୁକ କେତେକ ଆମକୁ ଜଣାଇଥିଲେ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳନ ହେବା ପରେ ଗଣତନ୍ତ୍ରର ମୂଳ ତିନୋଟି ସ୍ତମ୍ଭ ଆଇନସଭା, ବିଚାର ବିଭାଗ ଓ ଅମଲାତନ୍ତ୍ରକୁ ନିଜ ନିଜ ଗୁଳାରେ ଚାଲିବା ପାଇଁ ଏହି ମୁଖ୍ୟମନ୍ତ୍ରୀମାନେ ସୁଯୋଗ ଓ ସୁବିଧା ଦେଇଥିଲେ । ଫଳରେ ଦଳ ଓ ସରକାର ମଧ୍ୟରେ ଏକ ସ୍ୱଚ୍ଛ ସୀମାରେଖା ରହୁଥିଲା । ଦଳ ପାଇଁ ଚାନ୍ଦା ଆଦାୟ କରାଯାଉଥିଲେ ମଧ୍ୟ ଆଜିକାଲି ଭଳି ଉଲଗ୍ନ ଭାବେ ସରକାରକୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରାଯାଉନଥିଲା । କିନ୍ତୁ ଶ୍ରୀ ସିଂହଦେଓ ସମ୍ଭବତଃ କାର୍ଯ୍ୟ ପରିଚାଳନା ପାଇଁ ସବୁ ସମୟରେ ଚିଫ୍ ସେକ୍ରେଟାରୀଙ୍କ ଉପରେ ନିର୍ଭର କରିବାକୁ ଭଲ ମନେ କରୁନଥିଲେ ଏବଂ ସମସ୍ତଙ୍କୁ ବିଶ୍ୱାସର ପରିଧି ଭିତରକୁ ଆଣୁନଥିଲେ ।

ଶ୍ରୀ ବିଜୁ ପଟ୍ଟନାୟକ ବା ବୀରେନ୍ ମିତ୍ରଙ୍କ ସମ୍ପର୍କରେ ଏମାନଙ୍କର ମତ ଏହି ଯେ ବିଜୁବାବୁ ଓ ବୀରେନ୍‌ବାବୁଙ୍କ ବେଳେ ଓଡ଼ିଶାର ଚିଫ୍ ସେକ୍ରେଟାରୀ ଥିଲେ ଶ୍ରୀ ବି. ଶିବରମଣ । ଶିବ ରମଣ ସ୍ୱାଧୀନୋତ୍ତର ଭାରତର ଜଣେ ଆଇ.ସି.ଏସ୍. ଅଫିସର । କେବଳ ଆଇ.ସି.ଏସ୍. କହିଲେ ତାଙ୍କ ପ୍ରତି ଯଥାର୍ଥ ନ୍ୟାୟ ହେବ ନାହିଁ, ତତ୍କାଳୀନ ଶାସନ ବ୍ୟବସ୍ଥାରେ ଶିବରମଣ ଏକ ଅନନ୍ୟ ପ୍ରତିଭା ଥିଲେ । ବିଜୁବାବୁ ଓ ଶିବରମଣଙ୍କ ମଧ୍ୟରେ ଯଥେଷ୍ଟ ହୃଦ୍ୟତା ରହିଥିଲା । ମହତାବଙ୍କୁ ଗାଦିରୁ ବେଦଖଲ କରି ବିଜୁବାବୁ ୧୯୬୧ରେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ଯେଉଁ କେତୋଟି ଭଲ କାମ କରିଥିଲେ ତା ମଧ୍ୟରେ ଗୋଟିଏ

Digitized by srujanika@gmail.com

ହେଲା ଚିଫ୍ ସେକ୍ରେଟାରୀ ପଦବୀରେ ଶିବରମଣଙ୍କୁ ଅବସ୍ଥାପିତ କରିବା। ଶିବରମଣ ୧୯୬୫ ମେ ମାସ ପର୍ଯ୍ୟନ୍ତ ଓଡ଼ିଶାର ଚିଫ୍ ସେକ୍ରେଟାରୀ ରୂପେ କାର୍ଯ୍ୟ କରିବା ପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଅବସ୍ଥାପିତ ହୋଇ ଦିଲ୍ଲୀ ଯାଇଥିଲେ।

ଶିବରମଣଙ୍କ ପରେ ବୀରେନ୍ ସାହେବ ଓଡ଼ିଶାର ମୁଖ୍ୟ ଶାସନ ସଚିବ ବା ଚିଫ୍ ସେକ୍ରେଟାରୀ ପଦରେ ଅଧିଷ୍ଠିତ ହେଲେ। ଅତୀତରେ ଆଇ.ଏ.ଏସ୍. ଅଫିସରମାନଙ୍କ ମଧ୍ୟରେ ନିଜ କ୍ୟାଡରରେ ପ୍ରବୀଣମାନଙ୍କ ପ୍ରତି ଯେଉଁ ସମ୍ମାନ ଓ ସମ୍ଭ୍ରମବୋଧ ଥିଲା କ୍ରମେ ତାହା ଅପସାରିତ ହୋଇଆସୁଛି। ଉଚ୍ଚ ରାଜନୈତିକ କ୍ଷମତାସମ୍ପନ୍ନ ବ୍ୟକ୍ତିମାନଙ୍କର ସଖ୍ୟତା ଓ ପୃଷ୍ଠପୋଷକତା ଲାଭ କରୁଥିବା କେତେକ ଆଇ.ଏ.ଏସ୍. ଅଫିସର ନିଜ କ୍ୟାଡରର ବରିଷ୍ଠ ଅଫିସରମାନଙ୍କ ପ୍ରତି ଭ୍ରୂକୁଟି ପ୍ରଦର୍ଶନ କରିବା ଏବେ ଏକ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି। ଏବେ ଯେଝା ହାତରେ ଯେଝା ଚଉଦ'ପା।

ଆମେ କଥାର ଖିଅ ଛାଡ଼ି ଅନ୍ୟ ଆଡ଼କୁ ମାଡ଼ି ଆସିଲୁ। ଶ୍ରୀ ସିଂହଦେଓଙ୍କ ସମୟରେ ଚିଫ୍ ସେକ୍ରେଟାରୀ ଥିଲେ ବୀରେନ୍ ସାହେବ। ବୀରେନ୍ ସାହେବଙ୍କ ଜରିଆରେ ସବୁ କାମ କରିବା ସମ୍ଭବପର ନୁହେଁ ଜାଣି ଶ୍ରୀ ସିଂହଦେଓ ଜଣେ ଆଇ.ଏ.ଏସ୍. ଅଫିସରଙ୍କୁ ନିଜର ସଚିବ ରୂପେ ନିଯୁକ୍ତି ଦେଲେ। ଅବଶ୍ୟ ପଞ୍ଚାନନ ବାବୁ ପୂର୍ବରୁ ସିଂହଦେଓଙ୍କର ଅନ୍ତରଙ୍ଗ (ଅନୁଗତ କହିଲେ ଯଦି ଠିକ୍ ନହୁଏ) ଅଫିସର ରୂପେ ଜଣାଶୁଣା ଥିଲେ। କିନ୍ତୁ ଏସବୁ ସତ୍ତ୍ୱେ ବୀରେନ୍ ସାହେବଙ୍କ ପଦମର୍ଯ୍ୟାଦାରେ କିମ୍ବା କ୍ଷମତାରେ ସାମାନ୍ୟତମ ଅବହେଳା କିମ୍ବା ଅବଜ୍ଞାସୂଚକ ଭାବ ପ୍ରକାଶ ପାଇନଥିଲା।

କିନ୍ତୁ ସେଇ ହେଉଛି ଅୟମାରମ୍ଭ। ସିଂହଦେଓ ଯେଉଁ ବିଷବୃକ୍ଷ ରୋପଣ କରିଯାଇଥିଲେ, ସମୟକ୍ରମେ ତାହା ଆଜି ଶାଖାପ୍ରଶାଖା ମେଲାଇ ଏକ ବିଷବୃକ୍ଷରେ ପରିଣତ ହୋଇ ସମଗ୍ର ପ୍ରଶାସନକୁ ସ୍ଥାଣୁ ଓ ଅଚଳ କରିଦେବା ପାଇଁ ମୁଖ ବିସ୍ତାର କରିବସିଛି। କ୍ଷମତାର କେନ୍ଦ୍ରବିନ୍ଦୁ ରୂପେ ଏହି ପଦବୀ ଏବେ ଚିଫ୍ ସେକ୍ରେଟାରୀ, ଅତିରିକ୍ତ ଚିଫ୍ ସେକ୍ରେଟାରୀ ଏବଂ ବିଭିନ୍ନ ବିଭାଗଗୁଡ଼ିକର ବରିଷ୍ଠ ସଚିବମାନଙ୍କ କ୍ଷମତାକୁ ବୃଦ୍ଧାଙ୍ଗୁଳି ପ୍ରଦର୍ଶନ କରି ଶାସନ ବ୍ୟବସ୍ଥାର କ୍ରମପ୍ରବହମାନ ଧାରାକୁ ଟୁକୁରା ଟୁକୁରା କରି ଫିଙ୍ଗିଦେବାରେ ନିଜ ଶକ୍ତିର ପରାକାଷ୍ଠା ପ୍ରମାଣ କରୁଛି।

Digitized by srujanika@gmail.com

# (୨)

ଗତ ମାସ ଅର୍ଥାତ୍ ମାର୍ଚ୍ଚ ୩୧ ତାରିଖରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସ ଅବସର ନେବା କଥା। ମାତ୍ର ଓଡ଼ିଶା ସରକାର ତାଙ୍କୁ ଆଉ ୬ ମାସ କାଳ ସେଇ ପଦରେ ରଖିବା ପାଇଁ ନିଷ୍ପତ୍ତି ନେଲେ। ଏହି ନିଷ୍ପତ୍ତି ଫଳରେ ଆଇ.ଏ.ଏସ୍. ଅଫିସରମାନଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଲା। ଆଇ.ଏ.ଏସ୍. ଅଫିସରର୍ସ ଆସୋସିଏସନ୍‌ର କାର୍ଯ୍ୟକାରୀ କମିଟି ଏହାକୁ ନାପସନ୍ଦ କରି ଏକ ପ୍ରସ୍ତାବ ଗ୍ରହଣ କଲେ। ଏଭଳି ସମ୍ପ୍ରସାରଣ ବାଞ୍ଛନୀୟ ନୁହେଁ ବୋଲି ଏହି ସଂଘର ପ୍ରସ୍ତାବକୁ କିନ୍ତୁ ସମସ୍ତ ଆଇ.ଏ.ଏସ୍. ମନପ୍ରାଣରେ ଗ୍ରହଣ କଲେ ନାହିଁ। ଓଡ଼ିଶାରେ ଆଇ.ଏ.ଏସ୍. ଅଫିସରମାନଙ୍କ ମଧ୍ୟରେ ବିଭିନ୍ନ ଗୋଷ୍ଠୀ ରହିଛି। ହଠାତ୍ ଓଡ଼ିଶା ସରକାର ଅନ୍ୟ ଅର୍ଥରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବିରୁଦ୍ଧରେ ଏଭଳି ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହେବା ଏବଂ ଏହା ସ୍ଥାନୀୟ ଓ ସର୍ବଭାରତୀୟ ସମ୍ବାଦପତ୍ରମାନଙ୍କରେ ବ୍ୟାପକ ଭାବେ ପ୍ରଚାର ହେବା ଫଳରେ ଆମ ଭଳି ବହୁ ଅକିଞ୍ଚନଙ୍କ ମନରେ ନାନା ପ୍ରକାର ପ୍ରଶ୍ନ ଉଦିତ ହେଲା। ସେଥିରୁ ପ୍ରଥମଟି ହେଲା ଯାହାହେଉ ଓଡ଼ିଶାରେ ଆଇ.ଏ.ଏସ୍. ଅଫିସରମାନେ ଖୁବ୍ ଟାଣୁଆ। ତା ନହେଲେ ବିଜୁବାବୁଙ୍କ ଭଳି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଏଭଳି ଖୋଲାଖୋଲି ସମାଲୋଚନା କରିନଥାନ୍ତେ। କିନ୍ତୁ ଆମେ ଏଇଠି ଟିକେ ସୂଚାଇ ଦେବାକୁ ଚାହୁଁ ଯେ, କେନ୍ଦ୍ରରେ କ୍ୟାବିନେଟ୍ ସେକ୍ରେଟାରୀଙ୍କ ଚାକିରିରେ ମଧ୍ୟ ସମ୍ପ୍ରସାରଣ ହୋଇଛି। ଥରେ ନୁହେଁ ଏକାଧିକ ବାର। କେହି ପ୍ରତିବାଦ କରିନାହାନ୍ତି। ଅବଶ୍ୟ ଏଠି ଆମର ପ୍ରସଙ୍ଗ ଠିକ୍ ସେଇ ସମ୍ପ୍ରସାରଣକୁ ସମର୍ଥନ କରିବା ବା ବିରୋଧ କରିବା ନୁହେଁ। ଆମର ପ୍ରଶ୍ନ ହେଉଛି ଯଦି ନୀତିଗତ ଭାବେ ଏହାକୁ ମାନି ନିଆଯାଏ ଯେ ମୁଖ୍ୟଶାସନ ପଦବୀର ସମ୍ପ୍ରସାରଣ ଉଚିତ ନୁହେଁ, ତେବେ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ପ୍ରିନ୍ସିପାଲ ସେକ୍ରେଟାରୀ ବା ସିନିଅର କମିଶନର କ୍ୟାଡରର ଜଣେ ଅଫିସର ରହିବା ଆବଶ୍ୟକତା ରହିଛି କି? ସମସ୍ତେ ଜାଣନ୍ତି ମୁଖ୍ୟ ଶାସନ ସଚିବ ପଦବୀଟି ପଦୋନ୍ନତି ବା ସିନିୟର ପୋଷ୍ଟ ଭିତ୍ତିରେ ପୂରଣ ହୁଏ ନାହିଁ। ଏଇ ଯେମିତି ବର୍ତ୍ତମାନ ଏକାଧିକ ସିନିଅର ଅଫିସର ଥିଲେ ମଧ୍ୟ ରବିନାରାୟଣ ଦାସଙ୍କୁ ମୁଖ୍ୟ ଶାସନ ସଚିବ ପଦବୀ ଦିଆଯାଇଛି। ଓଡ଼ିଶାରେ କେବଳ ନୁହେଁ ସାରା ଦେଶରେ ଚିଫ୍ ସେକ୍ରେଟାରୀ ଓ ପୋଲିସ୍ ଡି-ଜି. ପଦବୀ ମୁଖ୍ୟମନ୍ତ୍ରୀମାନଙ୍କ ମର୍ଜି ଅନୁସାରେ ପୂରଣ ହୁଏ। (ଅବଶ୍ୟ ସିନିୟର ପୋଷ୍ଟ ଅଫିସରମାନଙ୍କ ମଧ୍ୟରୁ) ଏପରିକି

Digitized by srujanika@gmail.com

ଅନେକ ସମୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧ୍ୟ ଏକା ପ୍ରଣାଳୀରେ ମନୋନୀତ ହୁଅନ୍ତି। ତେବେ ମୁଖ୍ୟ ଶାସନ ସଚିବଙ୍କ ଚାକିରି ବୃଦ୍ଧି ଫଳରେ କିଏ ବା କେଉଁମାନେ କ୍ଷତିଗ୍ରସ୍ତ ହେଲେ ତାହା ଆମେ ବୁଝିପାରିଲୁ ନାହିଁ। ତେଣୁ କାହିଁକି ଏ ପ୍ରସ୍ତାବ ?

ଏଇଠି ଆମେ କେବଳ ନୁହେଁ ଆମ ଭଳି ବହୁ ମୋଟାବୁଦ୍ଧିଆ ଅସୁବିଧାରେ ପଡ଼ୁଛୁ। ଘଟଣାଟି ହେଉଛି ଯଦି ଚିଫ୍ ସେକ୍ରେଟାରୀ ଓ ଅତିରିକ୍ତ ଚିଫ ସେକ୍ରେଟାରୀ ଓ ପୋଲିସ ଡି.-ଜି. ମୁଖ୍ୟମନ୍ତ୍ରୀଙ୍କ ଖାସ୍ ଲୋକ ହେଉଛନ୍ତି ତେବେ ତାଙ୍କ (ମୁଖ୍ୟମନ୍ତ୍ରୀ) ସଚିବ ପଦରେ ଆଉ ଜଣେ ଖାସ୍ ଲୋକର ଆବଶ୍ୟକତା ରହୁଛି କାହିଁକି ? ତା ହେଲେ କ'ଣ ବୁଝିବାକୁ ହେବ ଯେ ବିଭାଗୀୟ ସେକ୍ରେଟାରୀ ପଠାଉଥିବା ଫାଇଲ ବା ପ୍ରସ୍ତାବ ଯାହା ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ମନ୍ତ୍ରୀଙ୍କ ଦ୍ୱାରା ତନଖି ହୋଇଆସୁଛି ତାହା ଯଥାର୍ଥ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଚିଫ୍ ସେକ୍ରେଟାରୀ ବିଶ୍ୱସ୍ତ ନୁହନ୍ତି ? ତେଣୁ ଆଉ ଜଣେ ସିନିଅର କମିଶନର ପାହ୍ୟାର ଅଫିସର ବା ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଆବଶ୍ୟକତା ପଡ଼ୁଛି ? ଏ ଦୁହିଁଙ୍କ ମଧରୁ ତେବେ ମୁଖ୍ୟମନ୍ତ୍ରୀଙ୍କ ଅଧିକ ବିଶ୍ୱସ୍ତ କିଏ ? ଯାହା ଅଭିଯୋଗ ହୁଏ ତଳୁ ଯେଉଁ ପ୍ରସ୍ତାବ ଆସୁଛି, ସେଥିରୁ ଅଧିକାଂଶ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ବଦଳି ଯାଉଛି ବା ରିଜେକ୍ଟ ହୋଇଯାଉଛି। ଏହାମଧରୁ ଅଧିକାଂଶ ଫାଇଲ ପୁଣି ରିସବମିଟ୍ ବା ପୁନର୍ବାର ବିଚାର ପାଇଁ ପଠାଯାଉଛି। ଏସବୁ ଘଟଣା କିପରି ଘଟୁଛି ? ଏହା ଘଟୁଛି, ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଜଣେ ଅତି ସିନିୟର କମିଶନର ବା ପ୍ରିନ୍ସିପାଲ ସେକ୍ରେଟାରୀ ପଦବୀର ଅଫିସର ରହୁଛନ୍ତି। ଅନ୍ୟ ଅର୍ଥରେ ଶାସନର ରିମୋର୍ଟ କଣ୍ଟ୍ରୋଲ ବା ଅଦୃଶ୍ୟ ରଜ୍ଜୁ ମୁଖ୍ୟମନ୍ତ୍ରୀଙ୍କର ବରିଷ୍ଠ ସେକ୍ରେଟାରୀଙ୍କ ହାତରେ ରହୁଛି। ଭାଗବତରେ ଗୋଟିଏ ଚମତ୍କାର ପଙ୍କ୍ତି ମନକୁ ଆସୁଛି। ତାହା ହେଲା —

ଅଦୃଶ୍ୟ ରଜ୍ଜୁ କରେ ଧରି
ମୃଗ ନଚାନ୍ତି ନରହରି

ପାଞ୍ଚଶହ ବର୍ଷ ତଳେ ଅତିବଡ଼ୀ ଜଗନ୍ନାଥ ଦାସ ଯାହା ବୟାନ କରିଥିଲେ ଆଜି ଏକବିଂଶ ଶତାବ୍ଦୀର ପାଦଦେଶରେ ପହଞ୍ଚି ସେଇ ପଙ୍କ୍ତିଟି ଆଧୁନିକ ଶାସନ ବ୍ୟବସ୍ଥାରେ କିଭଳି ଭାବେ ଖାପ୍ ଖାଇଯାଉଛି ତାହା ଦେଖିଲେ ବାସ୍ତବରେ ଏ ଜାତିର ସେଇ ପୂର୍ବସୂରୀଙ୍କ ନିକଟରେ ମଥାନତ ହୋଇଯାଉଛି। ଏବେ ପ୍ରଶାସନରେ ଏଇ 'ନରହରି' ଭୂମିକା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସଚିବମାନଙ୍କର। ଅନେକ ସମୟରେ ଏଇ 'ନରହରି' ଭୂମିକାରେ ଅଭିନୟ କରୁ କରୁ କେତେକ

Digitized by srujanika@gmail.com

ନିଜକୁ ପ୍ରକୃତ 'ନରହରି' ମନେକରି ଯେଉଁ ଅବସ୍ଥା ସୃଷ୍ଟି କରନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ବଡ଼ ଦୟନୀୟ ପରିସ୍ଥିତିର ଉଦ୍ରେକ କରାଇଥାଏ। କିନ୍ତୁ କୌଶଳୀ ଓ ବୁଦ୍ଧିମାନ ବ୍ୟକ୍ତି ସବୁ ଘଟଣାରୁ ନିର୍ଲିପ୍ତ ରହି ମୁଖ୍ୟମନ୍ତ୍ରୀଙ୍କ ମାଧ୍ୟମରେ 'ନରହରି' କାର୍ଯ୍ୟ କରି ନିଜକୁ ପରବର୍ତ୍ତୀ ସମୟର କାଠଗଡ଼ାର ଅଗଣ ମଧ୍ୟରୁ ମୁକ୍ତ ରଖିଥାଆନ୍ତି। ଏହି ପଦବୀ ଅନେକ ବିଚକ୍ଷଣ ଦକ୍ଷ ଓ ସଚ୍ଚୋଟ ଅଫିସରଙ୍କ ନିଷ୍କଳଙ୍କ ଶରୀରରେ ଅଲିଭା କାଳିର ଦାଗ ଦେଇଦେବାରେ ମଧ୍ଯ କାର୍ପଣ୍ୟ କରେନାହିଁ।

ଏଥର ଆସନ୍ତୁ ପୁଣି ଫେରିଯିବା ୧୯୬୭ ସାଲକୁ। ୧୯୬୭ରୁ ୧୯୭୧ ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ସ୍ୱତନ୍ତ୍ର- ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳର ପରିସର ଭିତରକୁ। ଓଡ଼ିଶାରେ ଏହି ମନ୍ତ୍ରିମଣ୍ଡଳ ପ୍ରଥମେ 'ତଦନ୍ତ କମିଶନ' ରାଜନୀତି ଆରମ୍ଭ କଲେ। ଜୁନ୍ ୨୩ ତାରିଖ ୧୯୬୧ରୁ ମାର୍ଚ୍ଚ ୮ ତାରିଖ ୧୯୬୭ ମଧ୍ୟରେ ଶାସନରେ ଥିବା ବିଜୁ ପଟ୍ଟନାୟକ- ବୀରେନ୍ ମିତ୍ର ଓ ସଦାଶିବ ତ୍ରିପାଠୀଙ୍କ ମନ୍ତ୍ରିମଣ୍ଡଳର ତିନି ମୁଖ୍ୟମନ୍ତ୍ରୀଙ୍କ ସମେତ ସର୍ବଶ୍ରୀ ନୀଳମଣି ରାଉତରାୟ, ବୃନ୍ଦାବନ ନାୟକ, ଟି. ସାଙ୍ଗମା (ସମସ୍ତେ କ୍ୟାବିନେଟ୍ ମନ୍ତ୍ରୀ) ଏବଂ ସର୍ବଶ୍ରୀ ପ୍ରହଲ୍ଲାଦ ମଲ୍ଲିକ, ସନ୍ତୋଷ କୁମାର ସାହୁ, ଅନୁପ ସିଂହଦେଓ, ଚିତ୍ତରଞ୍ଜନ ନାୟକ ଓ ଚନ୍ଦ୍ରମୋହନ ସିଂହଙ୍କ (ସମସ୍ତେ ଉପମନ୍ତ୍ରୀ) ବିରୁଦ୍ଧରେ ୭୦ଟି ଅଭିଯୋଗ ସମ୍ବଳିତ ଚିଠା ଖାନ୍ନା କମିଶନ ବିଚାର କରିଥିଲେ।

ହଂସରାଜ ଖାନ୍ନା କମିଶନ ବସିବା ପରେ ୧୯୬୭ ଜୁନ୍ ୨୬ ତାରିଖରେ ତତ୍କାଳୀନ ବିରୋଧୀଦଳ ନେତା ଶ୍ରୀ ସଦାଶିବ ତ୍ରିପାଠୀ ଓ ଅନ୍ୟ ୨୪ ଜଣ କଂଗ୍ରେସ ବିଧାୟକ ରାଷ୍ଟ୍ରପତି ଡଃ ଜାକିର ହୋସେନ୍‌ଙ୍କୁ ଏକ ସ୍ମାରକପତ୍ର ପଠାଇ ସେଥିରେ ସ୍ୱାଧୀନତା ପରଠାରୁ ଓଡ଼ିଶା ଶାସନରେ ଥିବା ସମସ୍ତ ନେତୃବୃନ୍ଦ ବିଶେଷକରି ଡଃ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ନବକୃଷ୍ଣ ଚୌଧୁରୀ, ଶାନ୍ତନୁ କୁମାର ଦାସ ଓ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ବିରୁଦ୍ଧରେ ୨୬ ଦଫା ସମ୍ବଳିତ ଦୁର୍ନୀତି ଅଭିଯୋଗ ଆଗତ କରିଥିଲେ। କେନ୍ଦ୍ର ସରକାର ଏହି ସ୍ମାରକପତ୍ର ଗ୍ରହଣ କରି ତୁରନ୍ତ ଏହାର ବିଚାର ପାଇଁ ଏକ ତଦନ୍ତ କମିଶନ ବସାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଶ୍ରୀ ଜେ.ଆର୍. ମୁଧୋଲକରଙ୍କୁ ଜଣକିଆ ତଦନ୍ତ କମିଟି ରୂପେ ଓଡ଼ିଶା ସରକାର ନିଯୁକ୍ତି ଦେଇଥିଲେ। ମୁଧୋଲକରଙ୍କୁ କମିଶନ ଅଫ୍ ଏନ୍‌କ୍ୱାରୀ ଆଇନ ଅନୁସାରେ ନିଯୁକ୍ତି ଦିଆଯାଇ ନଥିବାରୁ ତାଙ୍କର ରାୟକୁ କମିଶନ ରାୟ ବୋଲି କୁହାଯାଏ ନାହିଁ। ତେବେ ମୁଧୋଲକର ନିଜକୁ 'ସ୍ପେଶାଲ ଜଜ୍' ବୋଲି ଅଭିହିତ କରି

Digitized by srujanika@gmail.com

୧୯୬୮ ସେପ୍ଟେମ୍ବର ୨୬ ତାରିଖରେ ତାଙ୍କ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ କିନ୍ତୁ ୨ ବର୍ଷ କାଳ ଶୀତଳ ଭଣ୍ଡାରରେ ରହି ୧୯୭୦ ଅକ୍ଟୋବର ମାସରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ କରାଯାଇଥିଲା। ମୁଧୋଲକର ରିପୋର୍ଟ ପରେ ଉଭୟ ଜନକଂଗ୍ରେସ ଓ ସ୍ୱତନ୍ତ୍ର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଲା। ୧୯୭୧ ଜାନୁଆରୀ ୬ ତାରିଖରେ ସ୍ୱତନ୍ତ୍ର ଦଳର ମନ୍ତ୍ରୀମାନେ ବସି ମହତାବଙ୍କ ବିରୁଦ୍ଧରେ ମୁଧୋଲକର ଦେଇଥିବା ରିପୋର୍ଟ ଭିତ୍ତିରେ ବିଚାର କରିବା ପାଇଁ ରାଜସ୍ଥାନ ଓ ଆସାମ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଶ୍ରୀ ସରଜୁ ପ୍ରସାଦଙ୍କୁ ଜଣକିଆ କମିଶନ ରୂପେ ନିଯୁକ୍ତ କରିଥିଲେ। ମାତ୍ର ଜାନୁଆରୀ ୯ ତାରିଖରେ ସିଂହଦେଓ ଇସ୍ତଫା ଦେଲେ ଏବଂ ତତ୍କାଳୀନ ରାଜ୍ୟପାଳ ଆନ୍‌ସାରୀ ଅନ୍ୟ ବ୍ୟବସ୍ଥା ଗ୍ରହଣ କରିବା ପୂର୍ବରୁ ତାହା ଗ୍ରହଣ କରିନେଲେ। ଫଳରେ ଓଡ଼ିଶାରେ ସେତେବେଳେ ଏକ ଅଦ୍ଭୁତ ପରିସ୍ଥିତିର ଉଦ୍ଭବ ହୋଇଥିଲା। କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିନଥିବାରୁ ଓଡ଼ିଶାରେ କୌଣସି ଆଇନସମ୍ମତ ସରକାର ରହିଲା ନାହିଁ। ଜାନୁଆରୀ ୧୨ ତାରିଖରେ କେନ୍ଦ୍ର ରାଷ୍ଟ୍ରପତି ଶାସନ ଜାରି କରିବା ପରେ ଏହି ଅନିଶ୍ଚିତ ଅବସ୍ଥାର ଅବସାନ ଘଟିଥିଲା। ଏହି ଦୁଇଦିନ ଅର୍ଥାତ୍ ଜାନୁଆରୀ ୧୦ ତାରିଖ ଓ ୧୧ ତାରିଖରେ ଓଡ଼ିଶାର ସ୍ଥିତି କ'ଣ ତାହା ଏବେ ସୁଦ୍ଧା ପ୍ରଶ୍ନବାଚକ ହୋଇ ରହିଛି।

ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ କଥା କହୁ କହୁ ଆମେ କମିଶନ ରାଜନୀତି ଭିତରକୁ ଆସିବାର ଏକମାତ୍ର କାରଣ ହେଲା ଯେ ସିଂହଦେଓ ସମ୍ଭବତଃ ଏହି କଥା ମନ ଭିତରେ ରଖି ଜଣେ ଅଭିଜ୍ଞ ଆଇ.ଏ.ଏସ୍. ଅଫିସରଙ୍କୁ ତାଙ୍କର ସଚିବ ରୂପେ ଗ୍ରହଣ କରିଥିଲେ। ଆଉ ଏକ କାରଣ ହେଲା ଆଇ.ଏ.ଏସ୍. ଅଫିସରମାନଙ୍କ ମଧ୍ୟରେ ବିଭାଜନ କରିବା ଏବଂ ତଦ୍ୱାରା ନିଜ ଉଦ୍ଦେଶ୍ୟ ସାଧନ କରିବା। ପରବର୍ତ୍ତୀ ସମୟରେ କେତେକ ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ୟରେ ସିନିଅରର ଆଇ.ଏ.ଏସ୍. ଅଫିସରମାନଙ୍କୁ ନିଜର ସଚିବ ରୂପେ ଗ୍ରହଣ କଲେ। ସେହି ଦିନଠୁ ଏହି ପ୍ରଥା ଚଳିଆସିଲେ ମଧ୍ୟ ସଚିବମାନେ ଦିନକୁଦିନ ଅଧିକ କ୍ଷମତାଶାଳୀ ହୋଇଉଠିଲେ। କମିଶନ ରାଜନୀତି କିନ୍ତୁ ଏଇଠି ଶେଷ ହୋଇନଥିଲା। ନନ୍ଦିନୀ ଶତପଥୀ ୧୯୭୨ ମସିହାରେ କେନ୍ଦ୍ରରୁ ତଥ୍ୟ ଓ ବେତାର ବିଭାଗର ରାଷ୍ଟ୍ରମନ୍ତ୍ରୀ ଚାକିରି ଛାଡ଼ି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବାକୁ ଆସିଲେ। ସେ ସେତେବେଳେ ମାତ୍ର ୮ ମାସ ମୁଖ୍ୟମନ୍ତ୍ରୀ ରହିଥିଲେ। ତେବେ ଏହି ସମୟରେ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଜି.କେ. ମିତ୍ରଙ୍କୁ ୧୯୭୦ ଓ ୧୯୭୧ ମସିହାରେ କେନ୍ଦୁପତ୍ର କାରବାରରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ତଦନ୍ତ କରିବାକୁ ନିଯୁକ୍ତି ଦେଇଥିଲେ। ମିତ୍ର କମିଶନ ତଦନ୍ତ କରି ଏହି ସମୟରେ ଶାସନରେ

Digitized by srujanika@gmail.com

ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ (୧୯୭୦), ଜଙ୍ଗଲମନ୍ତ୍ରୀ ହରପ୍ରସାଦ ମହାପାତ୍ର (୧୯୭୦), ଜଙ୍ଗଲମନ୍ତ୍ରୀ ଅଇଁଠୁ ସାହୁ (୧୯୭୧) ଏବଂ ଜଙ୍ଗଲ ବିଭାଗ ସଚିବ ଏସ୍. ସୁନ୍ଦରରାଜନ୍ ଓ ଅଣ୍ଡର- ସେକ୍ରେଟାରୀ ଅର୍ଜୁନ ଶତପଥୀଙ୍କୁ ଏଥିପାଇଁ ବିଭିନ୍ନ ପ୍ରକାର ଦୋଷରେ ଦୋଷୀ ସାବ୍ୟସ୍ତ କରିଥିଲେ। ସୁନ୍ଦରରାଜନ୍‌ଙ୍କ ସମ୍ପର୍କରେ କମିଶନ କହିଥିଲେ "The attitude of Sundararajan and his conduct were through out not such as are expected from a secretary of a department."

Sundararajan's conduct falls far below the standard. ଅବଶ୍ୟ କହିବା ବାହୁଲ୍ୟ ଏହାକୁ ଅଭିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କ ସମ୍ପର୍କରେ ଯଥାର୍ଥ ବିଚାର ନୁହେଁ ବୋଲି ଯୁକ୍ତି ଦର୍ଶାଇଥିଲେ। (ସୁନ୍ଦରରାଜନଙ୍କ କଥା ଉଲ୍ଲେଖ କରିବାର ଏକମାତ୍ର କାରଣ ହେଉଛି ସିଂହଦେଓ କିପରି ଅମଲାତନ୍ତ୍ରକୁ ନିଜ ଦଳୀୟ କାର୍ଯ୍ୟରେ ଲଗାଇ ପାରୁଥିଲେ)

୧୯୭୧ ସାଲରେ ଉତ୍କଳ କଂଗ୍ରେସ ଓ ସ୍ୱତନ୍ତ୍ର ମନ୍ତ୍ରିମଣ୍ଡଳରେ ୮୨ ବର୍ଷ ବୟସ୍କ ବୃଦ୍ଧ ଶ୍ରୀ ବିଶ୍ୱନାଥ ଦାଶ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ଯୋନେଜା କେନ୍ଦ୍ରରୁ ଆସି ୧୯୭୦ରେ ମୁଖ୍ୟ ଶାସନ ସଚିବ ଥିଲେ। ମାତ୍ର ଶ୍ରୀ ବିଶ୍ୱନାଥ ଦାଶ ତାଙ୍କ ସଚିବ ରୂପେ ଗଞ୍ଜାମ ଅଧିବାସୀ ଶ୍ରୀ ବି.ଏମ୍. ପାଢ଼ୀଙ୍କୁ ନିଯୁକ୍ତି ଦେଲେ। ଶ୍ରୀ ପାଢ଼ୀ ଓ.ଏ.ଏସ୍.ରୁ ଆଇ.ଏ.ଏସ୍.କୁ ପଦୋନ୍ନତି ପାଇଥିଲେ। ବୟସାଧିକ୍ୟ ଯୋଗୁ ହେଉ, ଦୀର୍ଘଦିନ ରାଜନୀତିରେ ନରହିବା ଯୋଗୁ ହେଉ ବା ରାଜନୀତିକ ପ୍ରଶାସନର ମୁଖ୍ୟସ୍ରୋତରେ ବହୁଦିନ ଅନୁପସ୍ଥିତ ରହିବା ଯୋଗୁ ହେଉ ଶ୍ରୀ ଦାଶ ଶ୍ରୀ ପାଢ଼ୀଙ୍କୁ ତାଙ୍କ ସଚିବ ରୂପେ ନେବାକୁ ବାଧ ହୋଇଥିଲେ। ଶ୍ରୀ ତ୍ରିପାଠୀଙ୍କ ଭଳି ଶ୍ରୀ ପାଢ଼ୀଙ୍କୁ କିନ୍ତୁ ଦଳ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ କୌଣସି କାର୍ଯ୍ୟ କରିବାକୁ ପଡ଼ିନଥିଲା। କାରଣ ମୁଖ୍ୟମନ୍ତ୍ରୀ ଶ୍ରୀ ଦାଶ କୌଣସି ଦଳର ନଥିଲେ। ଏହି ପରିସ୍ଥିତି ବେଳେ ବିଶ୍ୱନାଥ ଦାଶ ମୁଖ୍ୟମନ୍ତ୍ରୀ ରୂପେ କେବଳ ନାମକା ବାସ୍ତେ କାମ ଚଳାଇଲେ। ତେଣୁ ତାଙ୍କ ସମୟରେ ସେ କିମ୍ବା ତାଙ୍କ ସଚିବ କୌଣସି କ୍ଷେତ୍ରରେ ବିବଦମାନ ବ୍ୟକ୍ତିତ୍ୱ ହେବାର ସୁଯୋଗ ପାଇନଥିଲେ। ତାଛଡ଼ା ତାଙ୍କ ଦୁଇ ପାର୍ଶ୍ୱରେ ଦୁଇ ବିବଦମାନ ବ୍ୟକ୍ତିତ୍ୱ ସିଂହଦେଓ ଓ ବିଜୁ ପଟ୍ଟନାୟକ ଥିବାରୁ ସେ ଅଧିକାଂଶ ସମୟରେ ଏ ଦୁହିଁଙ୍କ ଚାପାରେ ସ୍ୟାଣ୍ଡଉଇଚ୍ ହୋଇ ଘଡ଼ିଘଡ଼ିକେ ଇସ୍ତଫା ଦେବାକୁ ଧମକ ଦେଉଥିଲେ।

•

Digitized by srujanika@gmail.com

# (୩)

ସମ୍ପ୍ରତି ଇଟାଲୀରେ ଏକ ଆନ୍ତର୍ଜାତିକ ବିଜ୍ଞାନ ସମ୍ମିଳନୀରେ ଆମେରିକାର ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ଚାର୍ଲସ୍ ଆଲକକ୍ ଗୋଟିଏ ଅଦ୍ଭୁତ ତଥ୍ୟ ପ୍ରକାଶ କରି କହିଲେ ଯେ, ବସ୍ତୁମୟ ବିଶ୍ୱର ଏଭଳି ଏକ କ୍ଷୁଦ୍ରକାୟ ତାରକା ରହିଛି, ଯାହାର ନିଜସ୍ୱ କୌଣସି ରଶ୍ମି ବିକିରଣ କରିବାର କ୍ଷମତା ନାହିଁ। କିନ୍ତୁ ଏହା ଗୋଟିଏ ନିର୍ଦ୍ଦିଷ୍ଟ ନକ୍ଷତ୍ରର ସମ୍ମୁଖ ଭାଗକୁ ଆସିଗଲେ ଏଥିରୁ ଉଜ୍ଜ୍ୱଳ ଜ୍ୟୋତି ନିର୍ଗତ ହୁଏ ଏବଂ ଏହା ପ୍ରାୟ ଦୁଇ ମାସ ଧରି ସେଇ ଜ୍ୟୋତି ବିକିରଣ କରେ। ଯେତେବେଳେ ଏହା ସଂପୃକ୍ତ ନକ୍ଷତ୍ରର କକ୍ଷପଥରୁ ଅପସରି ଯାଏ ସେତେବେଳେ ନିଜର ସେଇ ପୂର୍ବ ସ୍ଥିତିକୁ ଫେରିଆସେ। ଏହି ବସ୍ତୁକୁ ବିଜ୍ଞାନର ପରିଭାଷାରେ "ମାଚୋ" (MACHO) ଅର୍ଥାତ୍ "ମାସିଭ୍ କମ୍ପାକ୍ଟ ହାଲୋ ଅବଜେକ୍ଟସ୍" ବୋଲି କୁହାଯାଇଛି। 'ମାଚୋ' ମଝିରେ ମଝିରେ ଏହି ନକ୍ଷତ୍ରର ମୁହାଁମୁହିଁ ହୋଇଗଲେ ଆକାଶରେ ବୃହସ୍ପତି ଭଳି ନିଜକୁ ପ୍ରତିଭାତ କରେ।

ଆମେ ଏହି ଉପକ୍ରମଣିକା ଦେଇ ତୃତୀୟ ଭାଗ ନିବନ୍ଧ ଆରମ୍ଭ କରିବାର ଏକମାତ୍ର କାରଣ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣୀତ ରୁଲ୍ସ ଅଫ୍ ବିଜିନେସ୍। ସମ୍ବିଧାନର ୧୬୬ ଧାରା ଅନୁସାରେ ଓଡ଼ିଶା ସରକାର ପ୍ରଣୟନ କରିଥିବା ରୁଲ୍ସ ଅଫ୍ ବିଜିନେସ୍ ବା ଓଡ଼ିଆ ପରିଭାଷାରେ "ପଥ ନିର୍ଦ୍ଦେଶକ ନିୟମାବଳୀ"ରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀର ଦାୟିତ୍ୱ କ'ଣ ତା'ର କୌଣସି ଉଲ୍ଲେଖ ନାହିଁ। ଏହି ପଦବୀଟି ଆଇ.ଏ.ଏସ୍. କ୍ୟାଡରର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏହି ପଦବୀର କୌଣସି ଦାୟିତ୍ୱ ନାହିଁ। ଏହି ପଦବୀ ସହ ଆଉ ଗୋଟିଏ ପଦବୀ ହେଲା ରାଜ୍ୟପାଳଙ୍କ ସଚିବ ପଦବୀ। ଆଇ.ଏ.ଏସ୍. କ୍ୟାଡର ସଂଖ୍ୟା ବୃଦ୍ଧି ପାଇଁ ଏ ଦୁଇଟି ପଦବୀ ସୃଷ୍ଟି କରାଯାଇଛି। ଏ ପଦବୀ ଦୁଇଟିକୁ ଯୋଡ଼ିଏ ଗ୍ଲୋରିଫାଏଡ୍ କ୍ଲର୍କ ପଦବୀ ବୋଲି ଅନେକ ସମୟରେ ଅନେକ ଆଇ.ଏ.ଏସ୍. ଅଫିସର କହିଥାଆନ୍ତି। ୧୯୯୩ ସାଲ ପର୍ଯ୍ୟନ୍ତ ଏହି ପଦବୀ ଦୁଇଟି ରହିଛି। ହେଉଛି- ଟାଇମ୍ ସ୍କେଲ ପଦବୀ। ଅର୍ଥାତ୍ କମିଶନର ପାହ୍ୟା ପାଇନଥିବା ସେକ୍ରେଟାରୀ ପାହ୍ୟାର ଅଫିସର ଏଠାରେ ନିଯୁକ୍ତି ପାଇପାରିବେ। ଏହି ପଦବୀ ସମ୍ପର୍କରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଖବର ହେଉଛି ୧୯୮୫ ସାଲରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ରାଜ୍ୟପାଳଙ୍କ ସଚିବ ପଦବୀ ଦୁଇଟିକୁ କମିଶନର ପାହ୍ୟା ପଦବୀକୁ ଉନ୍ନୀତ କରିବା ପାଇଁ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଅନୁମତି ଚାହିଁଥିଲେ। ମାତ୍ର କେନ୍ଦ୍ର ସରକାର ସ୍ପଷ୍ଟ ଭାବେ ଏହାର କୌଣସି

Digitized by srujanika@gmail.com

ଆବଶ୍ୟକତା ନାହିଁ ବୋଲି ଦର୍ଶାଇ ଓଡ଼ିଶା ସରକାରଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ। ରାଜ୍ୟ ସରକାର ଆଉ ଥରେ ତିନି ବର୍ଷ ପରେ ଆଇ.ଏ.ଏସ୍. କ୍ୟାଡର ରିଭିଜନ୍ ବେଳେ ସେଇ ଏକା ପ୍ରସ୍ତାବ ଦେଇଥିଲେ। ମାତ୍ର କେନ୍ଦ୍ର ସରକାର ପୁଣି ଥରେ ତାହାକୁ ଅଗ୍ରାହ୍ୟ କରିଦେଇ କହିଥିଲେ ଯେ ଏହି ପଦବୀର ସ୍ୱାଧୀନ ଭାବେ ନିଷ୍ପତ୍ତି ଗ୍ରହଣ କରିବାର କିମ୍ବା ସୁପାରିଶ ବା ବିଚାର କରିବାର ପରିସର ନଥିବାରୁ 'କମିଶନର' ପାହ୍ୟାର ଏକ ବଡ଼ ପଦବୀକୁ ଏହା ଉନ୍ନୀତ ହେବାର ଆବଶ୍ୟକତା ନାହିଁ। କେନ୍ଦ୍ର ସରକାରଙ୍କ ଠାରୁ ଏହି ଅସ୍ୱୀକୃତି ପତ୍ର ପାଇବା ସତ୍ତ୍ୱେ ସେତେବେଳେ ତା ଉପରେ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ଜଣକ ପରେ ଜଣେ ସିନିଅର କମିଶନର ପାହ୍ୟା ଅଫିସର ଏହି ପଦବୀରେ ରହି ଶେଷରେ ପ୍ରିନ୍ସିପାଲ ସେକ୍ରେଟାରୀ ପାହ୍ୟାର ଜଣେ ଅଫିସର ଏହି ପଦବୀରେ ଆସୀନ ହେଲେ। ଏବେ ୧୯୯୪ କ୍ୟାଡର ରିଭିଜନ୍‌ରେ ଏହାକୁ କମିଶନର ପାହ୍ୟାରେ ରଖାଯାଇଛି।

ଉପରେ ଆମେ ଯେଉଁ 'ମାଚୋ' ଗ୍ରହ କଥା ଉଲ୍ଲେଖ କଲୁ, ତା'ର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଯେଉଁ ପଦବୀରେ ଯେଉଁ ବ୍ୟକ୍ତି ରହିବା କଥା ତା'ର ବ୍ୟତିକ୍ରମ କରାଗଲେ ଏବଂ ଜଣେ ଅଧିକ ଶକ୍ତିଶାଳୀ ବ୍ୟକ୍ତିକୁ ଏକ ସଙ୍କୁଚିତ ପରିବେଶ ଭିତରେ ଅବସ୍ଥାପିତ କଲେ ସେ ନିଜର ସ୍ୱାତନ୍ତ୍ର୍ୟ ଜାହିର କରିବା ପାଇଁ ସେଇ ପରିବେଶକୁ ଭାଙ୍ଗି ଛିନ୍‌ଛତ୍ର କରିଦେବ। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। 'ମାଚୋ' ଗ୍ରହ ଅନ୍ୟ ନକ୍ଷତ୍ରର ସଂସ୍ପର୍ଶରେ ଆସି ମୂଳ ନକ୍ଷତ୍ର ଅପେକ୍ଷା ସାମୟିକ ଭାବେ ଅଧିକ ତେଜସ୍ୱୀ ହୋଇଉଠେ ସେହିଭଳି ଏହି ନିମ୍ନ ପଦବୀଟିରେ ଜଣେ ଅତି ବରିଷ୍ଠ ଅଫିସରଙ୍କୁ ଅବସ୍ଥାପିତ କଲେ ସେ ମୂଳ ପଦବୀ ଅପେକ୍ଷା ଯେ ଅନେକ ସମୟରେ ଅଧିକ ଶକ୍ତିଶାଳୀ ହୋଇ ଉଠିବେ ସେଥିରେ ଦ୍ୱିରୁକ୍ତି କରିବାର କିଛି ନାହିଁ। କିନ୍ତୁ ଏଥିପାଇଁ ଦାୟୀ କିଏ ? ଆମର ମନେହୁଏ ଏଥିପାଇଁ ସଂପୃକ୍ତ ମୁଖ୍ୟମନ୍ତ୍ରୀମାନେ ଯେତିକି ଦାୟୀ ବ୍ୟୁରୋକ୍ରାସି ବା ଅମଲାତନ୍ତ୍ର ଅନୁରୂପ ଦାୟୀ। ଅମଲାତନ୍ତ୍ରର କାର୍ଯ୍ୟ ହେଲା ସରକାରଙ୍କୁ ଯଥାର୍ଥ ପରାମର୍ଶ ଦେବା। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏଥିରୁ କ'ଣ ଆମେ ଓ ଆମ ପାଠକ ବନ୍ଧୁମାନେ ଏଇ ସିଦ୍ଧାନ୍ତରେ ଉପନୀତ ହେବାନି ଯେ, ଅମଲାତନ୍ତ୍ର ଧୀରେ ଧୀରେ ମେରୁଦଣ୍ଡବିହୀନ ସଂସ୍ଥାରେ ପରିଣତ ହୋଇଗଲାଣି। ଆଇ.ଏ.ଏସ୍. ଗୋଷ୍ଠୀକୁ ଆମେ ଜନସାଧାରଣ ସରକାରଙ୍କ ଆଖିକାନ ବୋଲି ଅନେକ ସମୟରେ ବିଚାର କରୁ। ଏମାନେ ସର୍ବଭାରତୀୟ ସ୍ତରର ଚାକିରିଆ। ଭାରତ ସରକାରଙ୍କ ଧାର୍ଯ୍ୟ ନୀତି ଓ ନିୟମାବଳୀର ଏମାନେ ରକ୍ଷକ। ଅଥଚ

Digitized by srujanika@gmail.com

ଓଡ଼ିଶାରେ ହୋଇଛି କ'ଣ ?

ଆମେ ଏଇଠି ଟିକେ ପରିସର ବାହାରକୁ ଯାଇ ଆଉ ଏକ ବିଷୟ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ଏବେ ସରକାରୀ କଲେଜ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଛି। ସେମାନଙ୍କ ଦାବି ମଧ୍ୟରେ ଗୋଟିଏ ମୁଖ୍ୟ ଦାବି ହେଲା ମୁକ୍ତ ବିଜ୍ଞାପନ ଜରିଆରେ ପ୍ରଫେସର ପଦବୀର ଚୟନ ପଦ୍ଧତି ବାତିଲ କରି କ୍ୟାଡର ଭିତରୁ ବାଇଶ ବର୍ଷରୁ ଅଧିକ ଚାକିରି କରିଥିବା ଅଧ୍ୟାପକମାନଙ୍କ ମଧ୍ୟରୁ ପ୍ରଫେସର ପଦବୀରେ ଅବସ୍ଥାପିତ କରାଯାଉ। ବର୍ତ୍ତମାନ ୩୫ଟି ପ୍ରଫେସର ପଦବୀ ଖାଲି ପଡ଼ିଛି। ପ୍ରଫେସର ଦରମାର ସର୍ବୋଚ୍ଚ ସୀମା ଟ୭୩୦୦କୁ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି। ଆମେ ଅଧ୍ୟାପକ ବନ୍ଧୁମାନଙ୍କ ଆନ୍ଦୋଳନ ଓ ଉତ୍ତରପତ୍ର ମୂଲ୍ୟାୟନ ନ କରିବା ନୀତିକୁ ପସନ୍ଦ କରୁନଥିଲେ ମଧ୍ୟ ଏହି ଦାବି ପ୍ରତି ଅନ୍ତତଃ ସମର୍ଥନ ଜଣାଉଛୁ। ଆମେ ଆଶାକରୁ ଆଇ.ଏ.ଏସ୍. ଗୋଷ୍ଠୀ ଏହି ଦାବିକୁ ସମର୍ଥନ କରିବେ। କାରଣ ସେମାନେ ଭାରତ ସରକାରଙ୍କ ଧାର୍ଯ୍ୟ ନୀତି ଓ ନିୟମକୁ ଯେଉଳି ଖୋଲାଖୋଲି ଭାବେ ଅଳିଆଗଦା ଭିତରକୁ ଫିଙ୍ଗି ଦେଇଛନ୍ତି ସେଥିରେ କଲେଜ ଶିକ୍ଷକ ବନ୍ଧୁମାନଙ୍କର ଦାବିକୁ ଅଯୌକ୍ତିକ ବୋଲି କହିପାରିବେ କିପରି ?

ଓଡ଼ିଶାରେ ମୋଟ ଆଇ.ଏ.ଏସ. ଅଫିସରଙ୍କ ସଂଖ୍ୟା ୨୧୭। ଏମାନଙ୍କ କ୍ୟାଡ଼ର ସିଡ୍ୟୁଲ୍ ଅନୁସାରେ କେଉଁ ପଦବୀରେ କେତେ ଜଣ ଅଫିସର ରହିବେ ତାହାକୁ ଭାରତ ସରକାର ସ୍ଥିର କରି ଦେଇଛନ୍ତି। ପ୍ରତି ତିନି ବର୍ଷରେ ଆଇ.ଏ.ଏସ. କ୍ୟାଡ଼ର ରିଭିଜନ ହୁଏ। ୧୯୯୪ ସାଲ ଅନୁଯାୟୀ ପହିଲା ସୁଦ୍ଧା ସଂଶୋଧିତ ହୋଇଥିବା କ୍ୟାଡ଼ର ସିଡ୍ୟୁଲ୍ ଓ ନିୟମାବଳୀ ଅନୁସାରେ ଓଡ଼ିଶାରେ ଚିଫ ସେକ୍ରେଟାରୀ ପାହ୍ୟାରେ ଦୁଇଜଣ ଏବଂ ଅତିରିକ୍ତ ଚିଫ ସେକ୍ରେଟରୀ ପାହ୍ୟାରେ ୬ ଜଣ ରହିବା କଥା। ଚିଫ୍ ସେକ୍ରେଟାରୀ ପାହ୍ୟା ମୂଳ ଦରମା ୮ ହଜାର ଟଙ୍କା ରହିଥିବା ବେଳେ ଅତିରିକ୍ତ ଚିଫ୍ ସେକ୍ରେଟାରୀ ପଦବୀ ମୂଳ ଦରମା ୭ ହଜାର ୩ ଶହରୁ ୭ ହଜାର ୬ ଶହ ଟଙ୍କା। କିନ୍ତୁ ବର୍ତ୍ତମାନର ସରକାର ଗାଦି ଦଖଲ କରିବା ପରେ ଚିଫ୍ ସେକ୍ରେଟାରୀ ପାହ୍ୟାରେ ୬ ଜଣ ଏବଂ ଅତିରିକ୍ତ ଚିଫ୍ ସେକ୍ରେଟାରୀ ପାହ୍ୟାରେ ୧୬ ଜଣ ଅଫିସର ଅଛନ୍ତି। ଆଇ.ଏ.ଏସ. କ୍ୟାଡ଼ର ତାଲିକାରେ ଓଡ଼ିଶା ପାଇଁ କମିଶନର ପାହ୍ୟା ପଦବୀ ସଂଖ୍ୟା ମୋଟ ୨୮। ମାତ୍ର ବର୍ତ୍ତମାନ ୬୪ ଜଣ କମିଶନର ପାହ୍ୟା ଅଫିସର ଅଛନ୍ତି ଏମାନଙ୍କ ଦରମା ହାର ଟ୫୮୦୦ରୁ ଟ୬୯୦୦। ଏହି ତାଲିକାର ବ୍ୟତିକ୍ରମ କିପରି ଓ କାହିଁକି ହେଲା ତାହାର ଉତ୍ତର କିଏ ଦେବ ? କାରଣ ମୁଖ୍ୟମନ୍ତ୍ରୀ ବା

Digitized by srujanika@gmail.com

ମନ୍ତ୍ରିମଣ୍ଡଳ ଯେଉଁମାନେ ପ୍ରକୃତରେ ସରକାର ସେମାନେ ମୂକ ଏବଂ ବଧିର। ବିଜୁବାବୁ ଖର୍ଚ୍ଚକାଟ୍, ବ୍ୟୟ ସଂକୋଚନ ଉପରେ ଲମ୍ବା ଭାଷଣ ଦେଇ ଦେଇ ଭାରତ ସରକାରଙ୍କ ବ୍ୟୟ ସଂକୋଚ କମିଟିର ଚେୟାରମ୍ୟାନ୍ ହୋଇଗଲେ। କିନ୍ତୁ ତାଙ୍କ ରାଜ୍ୟରେ ଏତେ ବ୍ୟାପକ ଭାବେ ଯେଉଁ ସର୍ବୋଚ୍ଚ ପଦବୀଗୁଡ଼ିକ ବୃଦ୍ଧି ହୋଇଗଲା ସେଥିପ୍ରତି ସେ ଆଖିବୁଜି ଦେଲେ କିପରି ? ଏ ସଂପର୍କରେ ଜନସାଧାରଣଙ୍କୁ ସେ କି ଉତ୍ତର ଦେବେ ? ଯେଉଁଠି ଦୁଇ ଶହ ଲୋକଙ୍କ ମଧ୍ୟରୁ ୬୪ ଜଣଙ୍କୁ କମିଶନର ପାହ୍ୟା ଦେଲେ ସେଠି ପାଞ୍ଚ ହଜାର ଅଧ୍ୟାପକମାନଙ୍କ ମଧ୍ୟରୁ ଖାଲିଥିବା ୩୫ଟି ପ୍ରଫେସର ପଦବୀ ପୂରଣ କରିବାରେ ସେ କୁଣ୍ଠାବୋଧ କରୁଛନ୍ତି କାହିଁକି ?

ଘଟଣା ଏଇଠି ଶେଷ ହୋଇନାହିଁ। ରାଜ୍ୟର ଉନ୍ନୟନ କମିଶନର ବା ଡେଭଲପ୍‌ମେଣ୍ଟ କମିଶନର ପଦବୀ ସାଧାରଣତଃ ମୁଖ୍ୟ ଶାସନ ସଚିବଙ୍କ ଦାୟିତ୍ୱରେ ଥାଏ। ନୂଆ ସରକାର ଆସିବାପରେ କେନ୍ଦୁପତ୍ର ଅଠା ଖ୍ୟାତ ବାବୁ ସୁନ୍ଦରରାଜନ୍ ନିଜ ପଦବୀ ସହ ଡେଭଲପମେଣ୍ଟ କମିଶନର ପଦବୀ ଯୋଡ଼ିଦେଲେ। ସେତେବେଳେ ମୁଖ୍ୟ ଶାସନ ସଚିବ ଥିଲେ ବାବୁ ରମାକାନ୍ତ ମିଶ୍ର। ଏଇମିତି ମିଶ୍ର ମହାଶୟେ ଖୁବ୍ ଅମାୟିକ ଲୋକ। ସେ ଆପତ୍ତି କଲେ ନାହିଁ। କିନ୍ତୁ ତାଙ୍କ ପଦବୀ ସହ ଯୋଡ଼ିଦେଲେ ଚିଫ୍ ଡେଭଲପମେଣ୍ଟ କମିଶନର ପଦବୀକୁ। ତେବେ ଏହି ପଦବୀକୁ କିଏ ଏବଂ କେଉଁ ଭିତ୍ତିରେ ସ୍ୱୀକୃତି ଦେଲେ ତାହା ଏବେ ସୁଦ୍ଧା ଜଣାପଡ଼ିନାହିଁ।

ଆଇ.ଏ.ଏସ. ହେଉଛି ସର୍ବଭାରତୀୟ ଚାକିରି। ଏହି ଶ୍ରେଣୀର ଅମଲାମାନଙ୍କ ପାଇଁ ଅଲ୍ ଇଣ୍ଡିଆ ସର୍ଭିସ୍ ଆକ୍ଟ ପ୍ରଣୀତ ହୋଇଛି। ଏହି ଆଇନର ପରିଧି ବା ଗଣ୍ଡି ମଧ୍ୟରେ ଏମାନଙ୍କ ସୀମାବଦ୍ଧତା ଓଡ଼ିଶାରେ ଯାହାସବୁ ଘଟିଯାଉଛି ବା ଯାଇଛି ତାକୁ ନେଇ ଜଣେ ମାନ୍ୟବର ହାଇକୋର୍ଟ ବା ସୁପ୍ରିମକୋର୍ଟ ଦ୍ୱାରସ୍ଥ ହେଲେ ଏବଂ ସମଗ୍ର ଘଟଣାର ଯଥାଯଥ ତର୍ଜମା କରାଗଲେ ଏହା ଭାରତୀୟ ଗଣତନ୍ତ୍ରର ଏକ ନୂତନ ରୂପକୁ ଜନସମକ୍ଷରେ ଉପସ୍ଥାପନ କରିପାରନ୍ତା।

ମୂଳକଥାରୁ ଆମେ ଟିକେ ହୁଡ଼ିଗଲୁ। ତେବେ ଆମେ ବିଚାର କରୁ ଏହା ପୂରାପୂରି ଅପ୍ରାସଙ୍ଗିକ ନୁହେଁ। କାରଣ ସମସ୍ତେ ସମସ୍ତଙ୍କ ସହ ଜଡ଼ାଜଡ଼ି ହୋଇ ରହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ପ୍ରସଙ୍ଗରୁ ଏହାର ଅବତାରଣା। ଗତ ନିବନ୍ଧରେ ଆମେ ବାବୁ ବିଶ୍ୱନାଥ ଦାଶ ମହାଶୟଙ୍କ ପର୍ଯ୍ୟନ୍ତ ଆସିଥିଲୁ। ତାଙ୍କ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା ଜୁନ୍ ୯ ତାରିଖ ୧୯୭୨ ମସିହାରେ। କାରଣ ସ୍ୱତନ୍ତ୍ର ଉତ୍କଳ କଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳରୁ ଉତ୍କଳ କଂଗ୍ରେସ ଓହରିଗଲା।

Digitized by srujanika@gmail.com

ଉତ୍କଳ କଂଗ୍ରେସର ୩୪ ଜଣ ସଦସ୍ୟ କଂଗ୍ରେସରେ ମିଶିବା ପାଇଁ ବ୍ୟବସ୍ଥା ହେଲା। ନନ୍ଦିନୀ ଶତପଥୀ ଦିଲ୍ଲୀରୁ ତଥ୍ୟ ଓ ବେତାର ବିଭାଗ ରାଷ୍ଟ୍ରମନ୍ତ୍ରୀ ଚାକିରି ଛାଡ଼ି ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଦୌଡ଼ି ଆସିଲେ। ତେବେ ଇନ୍ଦିରା ଗାନ୍ଧି ଏହି ସଦସ୍ୟଙ୍କ ମଧ୍ୟରୁ ଛ' ଜଣଙ୍କୁ ଦଳରେ ନେଲେନାହିଁ। ସେଇ ଛ' ଜଣ ହେଲେ ବିଜୁ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରହ୍ଲାଦ ମଲ୍ଲିକ, ରାମକୃଷ୍ଣ ପଟ୍ଟନାୟକ, ଶରତ କୁମାର କର ଓ ବୃନ୍ଦାବନ ନାୟକ। ବିଜୁବାବୁଙ୍କୁ କଂଗ୍ରେସ ଦଳରେ ଗ୍ରହଣ କରାନଯିବାରୁ ତା'ର ପ୍ରତିବାଦ କରି ଏଗାର ଜଣ ସଦସ୍ୟ ନନ୍ଦିନୀଙ୍କ ସଂଗ ତ୍ୟାଗ କରିଥିଲେ। ସେମାନେ ହେଲେ ଜଗନ୍ନାଥ ମଲ୍ଲିକ, ବଟକୃଷ୍ଣ ଜେନା, ରାଜକିଶୋର ନାୟକ, ମାନଗୋବିନ୍ଦ ସାମଲ, ହୃଦାନନ୍ଦ ମଲ୍ଲିକ, ବୀରଭଦ୍ର ସିଂହ, ନୀଳାଦ୍ରୀ ନାୟକ, ଅଚ୍ୟୁତାନନ୍ଦ ମହାନ୍ତି, ରବି ସିଂହ ମାଝୀ, ପୂର୍ଣ୍ଣଚନ୍ଦ୍ର ମିର୍ଗାନ ଓ ଦିସାରି ସାନୁ। ଏହି ତାଲିକା ଦେବାର ଏକମାତ୍ର କାରଣ ହେଉଛି ବିଜୁବାବୁଙ୍କ ବର୍ତ୍ତମାନର ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିବା ରାମକୃଷ୍ଣ, ଶରତ ଓ ଜଗନ୍ନାଥ କେବେଠୁ କି ଅବସ୍ଥାରେ ବିଜୁବାବୁଙ୍କ ସହ ରହିଆସିଛନ୍ତି ତାହା ପାଠକମାନଙ୍କୁ ଜଣାଇବା। ଏଠି କହିରଖେ, ନୀଳମଣି ବାବୁ କିନ୍ତୁ ନନ୍ଦନୀ ଶତପଥୀଙ୍କ ମନ୍ତ୍ରିମଣ୍ଡଳରେ ଉପ-ମୁଖ୍ୟମନ୍ତ୍ରୀ ହୋଇ ରହିଲେ।

ଏବେ ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରିତ୍ୱ ପ୍ରତି ଦୃଷ୍ଟି ଦିଅନ୍ତୁ। ସିଂହଦେଓ ବା ବିଶ୍ୱନାଥ ଦାଶ ଜଣେ ଜଣେ ପ୍ରମୋଟି ଯୁଗ୍ମ ସଚିବ ପାହ୍ୟାର ଆଇ.ଏ.ଏସ.ଙ୍କୁ ନେଇ ସନ୍ତୁଷ୍ଟ ଥିଲେ ମଧ୍ୟ ନନ୍ଦିନୀ ଦେବୀ ଦୁଇଜଣ ଡାଇରେକ୍ଟ ଆଇ.ଏ.ଏସ. ନେଲେ। ସଚିବ ରୂପେ ଶ୍ରୀ ସୀତାକାନ୍ତ ମହାପାତ୍ର ଏବଂ ବ୍ୟକ୍ତିଗତ ସଚିବ ରୂପେ ଶ୍ରୀ ଦେବୀ ପ୍ରସାଦ ବାଗ୍‌ଚିଙ୍କୁ।

ଶ୍ରୀମତୀ ଶତପଥୀଙ୍କ ପ୍ରଥମ ପର୍ଯ୍ୟାୟ ମୁଖ୍ୟମନ୍ତ୍ରିତ୍ୱ ଆରମ୍ଭ ହେଲା ୧୯୭୨ ଜୁନ୍ ୧୪ ତାରିଖରେ ଏବଂ ଶେଷ ହେଲା ୧୯୭୩ ମାର୍ଚ୍ଚ ପହିଲାରେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀମତୀ ଶତପଥୀ ଶପଥ ନେଲେ ୧୯୭୪ ମାର୍ଚ୍ଚ ୬ ତାରିଖରେ ଏବଂ ବିଦାୟ ନେଲେ ୧୯୭୬ ଡିସେମ୍ବର ୧୬ ତାରିଖରେ।

ଶ୍ରୀମତୀ ଶତପଥୀ ମୁଖ୍ୟମନ୍ତ୍ରୀ ରୂପେ ଯୋଗଦେବା ବେଳେ ଶ୍ରୀ ଜୋନେଜା ମୁଖ୍ୟ ଶାସନ ସଚିବ ଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଯୋଗ ଦେଇଥିବା ଶ୍ରୀ ସୀତାକାନ୍ତ ମହାପାତ୍ର ଜଣେ ଭିନ୍ନ ଚରିତ୍ରର ବ୍ୟକ୍ତି ଏବଂ ଅତିରିକ୍ତ ସଚିବ ପାହ୍ୟାର ଅଫିସର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ଅନ୍ୟ ବିଭାଗ ସଚିବଙ୍କ ମଧ୍ୟରେ କୌଣସି ବିବାଦୀୟ ପରିସ୍ଥିତି ଉପୁଜି ନଥିଲା। ଶ୍ରୀ ଜୋନେଜା ବିଦାୟ ନେବା ପରେ ଶ୍ରୀ ଏମ୍ ରାମକ୍ରିଷ୍ଣାୟା ମୁଖ୍ୟ ଶାସନ

Digitized by srujanika@gmail.com

ସଚିବ ରୂପେ ଯୋଗଦେଲେ । ଏହି ଦୁଇ ପ୍ରବୀଣ ଅଫିସର ଚିଫ୍ ସେକ୍ରେଟେରୀ ରୂପେ ରହିବା ଫଳରେ ଶ୍ରୀମତୀ ଶତପଥୀ ବ୍ୟୁରୋକ୍ରାସି ଉପରେ ନିଜର ଯେଉଁ ଆଧିପତ୍ୟ ବିସ୍ତାର କରିବା କଥା ତାହା କରିପାରି ନଥିଲେ । ଫଳରେ ୧୯୭୪ରେ କମ୍ୟୁନିଷ୍ଟ ଦଳର ୭ ଜଣଙ୍କ ସହାୟତାରେ ସରକାର ଗଢ଼ିବା ପରେ ତାଙ୍କର ମୁଖ୍ୟ କାମ ହେଲା ପ୍ରଥମେ ରାମକ୍ରିଷ୍ଣାୟାଙ୍କୁ ତଡ଼ିବା । ଶ୍ରୀ ରାମକ୍ରିଷ୍ଣାୟା ତାଙ୍କର ଦୁଇବର୍ଷର ରହଣି ମଧ୍ୟରେ ଓଡ଼ିଆ-ଅଣଓଡ଼ିଆ ପ୍ରୀତି ନେଇ କିଛି ବିଶିଷ୍ଟ ଲୋକଙ୍କର ସୁନଜରରେ ନଥିଲେ । ତେବେ ଶାସନ କ୍ଷେତ୍ରରେ ରାମକ୍ରିଷ୍ଣାୟା ରହିଲେ ତାଙ୍କ ନିଜ ମର୍ଜି ଅନୁସାରେ ଶାସନ କରିବା ଅସୁବିଧା ହେବ ବୋଲି ବିଚାର କରି ଶ୍ରୀମତୀ ଶତପଥୀ ତାଙ୍କୁ ଓଡ଼ିଶାରୁ ବିଦା କରିବା ପାଇଁ ଉଦ୍ୟମ ଆରମ୍ଭ କଲେ । ରାମକ୍ରିଷ୍ଣାୟା ୧୯୭୪ ଅଗଷ୍ଟ ୩୦ ତାରିଖରେ ଛୁଟିରେ ଯାଇ ପରେ କେନ୍ଦ୍ରରେ ଜାହାଜ ଚଳାଚଳ ଓ ପରିବହନ ବିଭାଗ ସଚିବ ରୂପେ ଯୋଗଦେଲେ ।

୧୯୭୪ ସାଲର ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟମନ୍ତ୍ରିତ୍ୱ ବେଳେ ଶ୍ରୀମତୀ ଶତପଥୀଙ୍କ ସଚିବ ରୂପେ ଯୋଗଦେଲେ ଶ୍ରୀ ରମାକାନ୍ତ ରଥ । ଶ୍ରୀ ରଥ ସେତେବେଳକୁ ଜଣେ ବରିଷ୍ଠ ସଚିବ ଓ ଦକ୍ଷ ଅଫିସର ରୂପେ ଖ୍ୟାତି ଲାଭ କରିଥିଲେ । କିନ୍ତୁ ଶ୍ରୀମତୀ ଶତପଥୀଙ୍କ ସଚିବ ରୂପେ ତାଙ୍କ କାର୍ଯ୍ୟକାଳ ଅନେକଙ୍କ ଆଖିପତାକୁ ପଲକ ପକାଇବା ପାଇଁ ଦେଇନଥିଲା ।

•

Digitized by srujanika@gmail.com

# (୪)

ବିଭିନ୍ନ ଦୃଷ୍ଟିରୁ ୧୯୭୫ ମସିହାରେ ଗଠିତ ଷଷ୍ଠ ବିଧାନସଭା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୫୨ ମସିହାରୁ ୧୯୭୧ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାରେ ସ୍ଥାନ ସଂଖ୍ୟା ଥିଲା ୧୪୦। ୧୯୭୧ ମସିହା ଜନସଂଖ୍ୟା ଭିତ୍ତିରେ ସମଗ୍ର ଦେଶରେ ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁନର୍ବିନ୍ୟାସ କରାଯାଇଥିଲା। ସେ ଅନୁସାରେ ଓଡ଼ିଶା ବିଧାନସଭାରେ ସ୍ଥାନ ସଂଖ୍ୟା ୧୪୦ରୁ ୧୪୭କୁ ବୃଦ୍ଧି ପାଇଥିଲା। ଫଳରେ ୧୯୭୧ ମସିହା ନିର୍ବାଚନରେ ଓଡ଼ିଶା ବିଧାନସଭାର ୧୪୦ଟି ସ୍ଥାନ ପାଇଁ ନିର୍ବାଚନ ହୋଇଥିବାବେଳେ ୧୯୭୪ ମସିହା ଫେବୃୟାରୀ ୨୨ ଓ ୨୪ ତାରିଖର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ୧୪୭ଟି ସ୍ଥାନ ପାଇଁ ନିର୍ବାଚନ ହୋଇଥିଲା।

ଏହି ନିର୍ବାଚନରେ କଂଗ୍ରେସ ଦଳକୁ ଶ୍ରୀମତୀ ନନ୍ଦିନୀ ଶତପଥୀ ନେତୃତ୍ୱ ଦେଉଥିଲାବେଳେ ନବଗଠିତ ପ୍ରଗତି ଦଳକୁ ଶ୍ରୀ ବିଜୁ ପଟ୍ଟନାୟକ ନେତୃତ୍ୱ ଦେଇଥିଲେ। ନିର୍ବାଚନରେ କଂଗ୍ରେସଦଳ ୬୯ଟି ସ୍ଥାନ ପାଇ ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ତେବେ କମ୍ୟୁନିଷ୍ଟ ଦଳର ୭ ଜଣ ସଦସ୍ୟଙ୍କ ସହାୟତାରେ ଶ୍ରୀମତୀ ଶତପଥୀ ଏକ ସଂଖ୍ୟାଲଘୁ ସରକାର ଗଢ଼ିଥିଲେ। କମ୍ୟୁନିଷ୍ଟ ଦଳ ସରକାରରେ ଯୋଗ ନଦେଇ ବାହାରୁ କଂଗ୍ରେସ ସରକାରଙ୍କୁ ସମର୍ଥନ ଜଣାଇଥିଲେ। ଶ୍ରୀମତୀ ଶତପଥୀ ୧୯୭୪ ମାର୍ଚ୍ଚ ୬ ତାରିଖରେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ।

ଶ୍ରୀମତୀ ଶତପଥୀଙ୍କ ସମୁଦାୟ କାର୍ଯ୍ୟକାଳ ହେଉଛି ୨ ବର୍ଷ ୯ ମାସ ୧୦ ଦିନ। ତେବେ ଏହି ସ୍ୱଳ୍ପ ସମୟର ଶାସନକାଳ ଓଡ଼ିଶାରେ ବିଭିନ୍ନ ଦୃଷ୍ଟିରୁ ଏକ ସ୍ମରଣୀୟ ସମୟ। ଆମର କଥାରେ ଅଛି 'ଦେଉଳ ତୋଳିଲେ ନାଁ ପଡ଼େ, ବାଟରେ ହଗିଲେ ନାଁ ପଡ଼େ।' ଶ୍ରୀମତୀ ଶତପଥୀଙ୍କର ଏହି ଶାସନ ସମୟଟି ସେଇ ଦୃଷ୍ଟିରୁ ବିଚାର କରାଯାଇପାରେ।

ଏହି ସମୟର ସବୁଠାରୁ ବଡ଼ ଘଟଣା ହେଉଛି 'ଜରୁରୀ ପରିସ୍ଥିତି'। ଭାରତ ବର୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଜରୁରୀ ପରିସ୍ଥିତି ଜାରି କରି ସାରା ଜୀବନ ପାଇଁ ଯେଉଁ କଳଙ୍କର ଅପଯଶ ବହନ କରିଥିଲେ ଓଡ଼ିଶାରେ ଶ୍ରୀମତୀ ଶତପଥୀ ଶ୍ରୀମତୀ ଗାନ୍ଧିଙ୍କର ଅଭିନ୍ନ ହୃଦୟ ପ୍ରତିନିଧି ରୂପେ ଏହାକୁ ସଫଳ କରିବା ପାଇଁ ଯଥାର୍ଥ ପଦକ୍ଷେପ ନେଇଥିଲେ। ଏହି ସମୟର ଓଡ଼ିଶା ଓ ଏହାର ଶାସନ ଯେଉଁ ଦୁଇଜଣଙ୍କ ଅଙ୍ଗୁଳି ଟିପର ଅଗରେ ରହିଥିଲା ସେ

Digitized by srujanika@gmail.com

ଦୁହେଁ ହେଉଛନ୍ତି ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ତାଙ୍କ ସଚିବ ଶ୍ରୀ ରମାକାନ୍ତ ରଥ।

ମୁଖ୍ୟମନ୍ତ୍ରୀଙ୍କ ସଚିବ କେତେଦୂର ପ୍ରଭାବଶାଳୀ ଓ କ୍ଷମତାସଂପନ୍ନ ହୋଇପାରନ୍ତି ତା'ର ପ୍ରଥମ ପରୀକ୍ଷା ହୋଇଥିଲା ୧୯୭୪ ସାଲର ମନ୍ତ୍ରିମଣ୍ଡଳ ବେଳେ। ଶ୍ରୀମତୀ ଶତପଥୀ ଶପଥ ଗ୍ରହଣ ପରେ ପରେ ତାଙ୍କର ପ୍ରଥମ କାମ ହୋଇଥିଲା ମୁଖ୍ୟ ଶାସନ ସଚିବ ଶ୍ରୀ ଏମ୍ ରାମକ୍ରିଷ୍ଣାୟାଙ୍କୁ ଓଡ଼ିଶାରୁ ବିଦା କରିବା। ଶ୍ରୀମତୀ ଶତପଥୀଙ୍କ ସହ ରାମକ୍ରିଷ୍ଣାୟାଙ୍କର ଭଲ ନ ପଟିବାର ଏକମାତ୍ର କାରଣ ହେଲା ଯେ ସେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ନିର୍ଦ୍ଦେଶକୁ ପ୍ରଶାସନିକ ଦୃଷ୍ଟିରୁ ବିଚାର କରି ତାହା ଗ୍ରହଣଯୋଗ୍ୟ କି ନୁହେଁ ସେ ସଂପର୍କରେ ପରାମର୍ଶ ଦେଉଥିଲେ। ମାତ୍ର ଶ୍ରୀମତୀ ଶତପଥୀ ଏ ଧରଣର ଉତ୍ତରରେ ସନ୍ତୁଷ୍ଟ ହୋଇପାରିନଥିଲେ। ପୁନଶ୍ଚ ରାମକ୍ରିଷ୍ଣାୟାଙ୍କ ଭଳି ଜଣେ ଷ୍ଟ୍ରଙ୍ଗ୍ ହେଡେଡ୍ ଚିଫ୍ ସେକ୍ରେଟାରୀ ରହିଲେ ତାଙ୍କର ଯୋଜନା କାର୍ଯ୍ୟକାରିତା ହେବା କ୍ଷେତ୍ରରେ ବାଧା ସୃଷ୍ଟିହେବ ବୋଲି ବିଚାର କରିଥିଲେ। ରାମକ୍ରିଷ୍ଣାୟା ମଧ୍ୟ ଏଭଳି ପରିବେଶରେ କାମ କରିବା ସମ୍ଭବ ନୁହେଁ ଦେଖି ଛୁଟିରେ ଯାଇଥିଲେ। ଶ୍ରୀମତୀ ଶତପଥୀ ଇଚ୍ଛା ବିରୋଧରେ ପରବର୍ତ୍ତୀ ସିନିୟର- ମୋଷ୍ଟ ଅଫିସର ଶ୍ରୀ ଭି.ଏସ. ମାଥ୍ୟୁସ୍‌ଙ୍କୁ ରାମକ୍ରିଷ୍ଣାୟାଙ୍କ ସ୍ଥାନରେ ଚିଫ୍ ସେକ୍ରେଟାରୀ ପଦବୀ ଦେଇଥିଲେ।

ତେବେ ମାଥ୍ୟୁସ୍‌ଙ୍କୁ ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପୂର୍ବରୁ ତାଙ୍କ ସଚିବ ଶ୍ରୀ ରଥଙ୍କ ସହ ପ୍ରଥମେ ପରାମର୍ଶ କରି ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ଭବତଃ ପ୍ରଶାସନିକ ଇତିହାସରେ ରାଜ୍ୟର ସର୍ବୋଚ୍ଚ ପ୍ରଶାସକଙ୍କର ଏଭଳି ଦୟନୀୟ ପରିସ୍ଥିତି ଏହି ପ୍ରଥମ। ଶ୍ରୀ ମାଥ୍ୟୁସ ସ୍ୱାଧୀନତା ପରେ ଓଡ଼ିଶା ପ୍ରଶାସନରେ ଯୋଗ ଦେଇଥିବା ପ୍ରଥମ ଆଇ.ଏ.ଏସ. ଅଫିସର, ତାଙ୍କ ପରେ ଏମ୍. ରାମକ୍ରିଷ୍ଣାୟା ଓଡ଼ିଶା କ୍ୟାଡ଼ରରେ ଯୋଗ ଦେଇଥିଲେ। ମାଥ୍ୟୁସ୍‌ଙ୍କ ପ୍ରତି ଶ୍ରୀମତୀ ଶତପଥୀଙ୍କ ବୈରଭାବ ଆହୁରି ପ୍ରକଟିତ ହେଲା ଯେତେବେଳେ ସେ ଶ୍ରୀ ଜେ.ଏ. ଡାଭେଙ୍କୁ ଅତିରିକ୍ତ ଚିଫ୍ ସେକ୍ରେଟାରୀ ପଦବୀରେ ଅଭିଷିକ୍ତ କଲେ। ସେତେବେଳେ ଓଡ଼ିଶାରେ ଅତିରିକ୍ତ ଚିଫ୍ ସେକ୍ରେଟାରୀ ପଦବୀ ଥିଲେ ମଧ୍ୟ ତାହା ଖାଲି ଥିଲା। ବସ୍ତୁତଃ ଶ୍ରୀ ଡାଭେ ଓଡ଼ିଶାର ପ୍ରଥମ ଅତିରିକ୍ତ ଚିଫ୍ ସେକ୍ରେଟାରୀ।

ଆଇ.ଏ.ଏସ. ଇତିହାସରେ ଶ୍ରୀ ମାଥ୍ୟୁସ୍ ସମ୍ଭବତଃ ଏକମାତ୍ର ବ୍ୟକ୍ତି ଯାହାଙ୍କୁ ଜଣେ ମୁଖ୍ୟମନ୍ତ୍ରୀ ଅତିମାତ୍ରାରେ ହେୟ ଓ ହାନିମାନିଆ କରିଥିଲେ। କେହି ଜଣେ ହେଲେ ଆଇ.ଏ.ଏସ୍. ତାଙ୍କୁ ସୁରକ୍ଷା ଦେବା ପାଇଁ ଆଗେଇ

Digitized by srujanika@gmail.com

ଆସିନଥିଲେ। ଭିତରେ ଭିତରେ କେତେକ ସହାନୁଭୂତିଶୀଳ ହୋଇଥିଲେ ମଧ ପାଟି ଖୋଲିବାର 'ଜ୍ଞ' ନଥିଲା। ଶ୍ରୀ ତାଭେ ବସ୍ତୁତଃ ମୁଖ୍ୟ ସଚିବ ରୂପେ କାର୍ଯ୍ୟ କରୁଥିଲେ। କାରଣ ଘରୋଇ ବିଭାଗ ଓ ପଲିଟିକାଲ ସର୍ଭିସେସ୍ (ଅଧୁନା ସାଧାରଣ ପ୍ରଶାସନ ବିଭାଗ ରୂପେ ପରିଚିତ) ବିଭାଗ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ତାଭେଙ୍କ ହାତରେ ନ୍ୟସ୍ତ ହୋଇଥିଲା। ଚିଫ୍ ସେକ୍ରେଟାରୀଙ୍କୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁକରି ବସାଇ ଦିଆଗଲା।

ଏହି ସମୟରେ ମୁଖ୍ୟମନ୍ତ୍ରୀ ସଚିବଙ୍କ ଅଫିସ୍ ହିଁ ସମ୍ବିଧାନ ବହିର୍ଭୂତ କ୍ଷମତାର ମୁଖ୍ୟ ବିନ୍ଦୁ (ଯାହାକୁ ଇଂରାଜୀରେ Extra Constitutional Authority ବୋଲି କୁହାଯାଏ) ହୋଇ ଉଠିଲା। ପରିସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଗଲା ଯେ ବରିଷ୍ଠ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ ସହ ସାକ୍ଷାତ କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିଲା। ଭାରତ ବର୍ଷରେ ସର୍ବୋଚ୍ଚ ଶାସକ ଗୋଷ୍ଠୀର ଏ ପ୍ରକାର କରୁଣତମ ଅବସ୍ଥା ଏହି ପ୍ରତିବେଦକ ଅନେକବାର ପ୍ରତ୍ୟକ୍ଷ କରିଛି। ହାୟରେ ଗଣତନ୍ତ୍ର, ହାୟ ହାୟ ଗଣତନ୍ତ୍ରର ଦ୍ୱିତୀୟ ସ୍ତମ୍ଭ। ପାଠକ ବନ୍ଧୁମାନେ ଅନୁମାନ କରିପାରୁଥିବେ, କି ଅବସ୍ଥାରେ ଥିଲା ଏ ଦେଶର ଗଣତନ୍ତ୍ର ! ଏ ରାଜ୍ୟର ଶାସନତନ୍ତ୍ର !

ଏହି ନିବନ୍ଧ ବା ପ୍ରତିବେଦନ ଉପସ୍ଥାପିତ କରିବାବେଳେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, କାହାରିକୁ କୌଣସି କ୍ଷେତ୍ରରେ ଉପହସିତ ବା ବିଡ଼ମ୍ବିତ କରିବା ଆମର ଲକ୍ଷ୍ୟ ନୁହେଁ। ଘଟଣାର ପ୍ରବହମାନ ସ୍ରୋତ ଭିତରକୁ ଯିଏ ଯେତେବେଳେ ଭାସି ଆସୁଛନ୍ତି ଇଚ୍ଛା ନଥିଲେ ମଧ ଆମେ ଉଲ୍ଲେଖ କରିବା ପାଇଁ ବାଧ୍ୟ ହେଉଛୁ।

ବିଧିର କି ବିଚିତ୍ର ବିଡ଼ମ୍ବନା ! ୧୯୭୪ରେ ଆଉ ଯେଉଁ ଅଫିସର ଜଣକ ବିଶେଷ ଭାବେ ବିଡ଼ମ୍ବିତ ହୋଇଥିଲେ ସେ ହେଉଛନ୍ତି ଶ୍ରୀ ପ୍ୟାରୀମୋହନ ମହାପାତ୍ର। ୧୯୭୪ର ଇତିହାସର ଚକ କି ଚମତ୍କାର ଭାବେ ଘୂରି ଆସିଲା ୧୯୯୨ ସାଲକୁ। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀଙ୍କ ସଚିବ ପ୍ୟାରୀବାବୁ, ଅନ୍ୟ ପଟେ ମୁଖ୍ୟ ଶାସନ ସଚିବ ରମାକାନ୍ତ ରଥ। ୧୯୭୪ରେ ଯେଉଁ ଅନିଶ୍ଚିତତା, ଯେଉଁ ବିଷମତା ପ୍ୟାରୀ ବାବୁ, ରାମକ୍ରିଷ୍ଣାୟା ବା ମାଥୁ୍ୟସଙ୍କୁ ଘେରି ରହିଥିଲା, ଠିକ୍ ସେଇ ଏକା ଅବସ୍ଥା ସୃଷ୍ଟ ହେଲା ପ୍ୟାରୀବାବୁ ଏବଂ ରମାକାନ୍ତ ରଥ ଓ ରବିନାରାୟଣ ଦାସଙ୍କୁ କେନ୍ଦ୍ରକରି ମାତ୍ର ୨୦ ବର୍ଷର ବ୍ୟବଧାନରେ। ଯାହାକୁ କୁହାଯାଏ History repeats itself। ତେବେ ଏ ପ୍ରସଙ୍ଗ ଏଇଠି ରହୁ। ଆମେ ଏହା ଉପରେ ବାରାନ୍ତରରେ ଆଲୋଚନା କରିବୁ।

Digitized by srujanika@gmail.com

ଏଥର ଫେରି ଆସିବା ପୁଣି ୧୯୭୪ ସାଲକୁ। ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀକୁ କେନ୍ଦ୍ରକରି ଆମେ ଅନେକ ବନ୍ଧୁଙ୍କୁ ପ୍ରଶ୍ନ କରିଛୁ। ଏ ସ୍ଥାନ କାହିଁକି ବହୁ ଦକ୍ଷ, ପ୍ରବୀଣ ଓ କୌଶଳୀ ଅଫିସରଙ୍କୁ ଘଡ଼ିକ ମଧ୍ୟରେ ଭିନ୍ନ ମଣିଷରେ ରୂପାନ୍ତରିତ କରିଦିଏ ? କାହିଁକି ପ୍ରଶାସନର ମହାଦ୍ରୁମମାନେ ସାମୟିକ ସମ୍ରାଟ୍ ହେବାର ଲାଳସାରେ ଏହି କୁହୁକ ଜୋତାରେ ପାଦ ରଖନ୍ତି। କାହିଁକି ନିଜ ନିଜର ସୁନିର୍ମଳ ଭାବମୂର୍ତ୍ତିକୁ କ୍ଷଣିକ ଉନ୍ମାଦନାରେ ଅଥଳ ଜଳରାଶିରେ ଭାଙ୍ଗି ଫିଙ୍ଗି ଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ? କିନ୍ତୁ କେହି ଯଥାର୍ଥ ଉତ୍ତର ଦେଇପାରନ୍ତି ନାହିଁ। କେତେକଙ୍କ ମତରେ ଅନେକେ ବାଧ ହୋଇ ଟାଣି ହୋଇଆସନ୍ତି। ଆଉ କେତେକ ଲୋଭ ଓ କ୍ଷମତା ପାଇଁ ସମ୍ଭବତଃ ଆସକ୍ତ। ଅବଶ୍ୟ ଏହା ତର୍କର ବିଷୟ।

ଏଇ ପରିପ୍ରେକ୍ଷୀରେ ବିଚାର କଲେ ଅନେକ ଆଶ୍ଚର୍ଯ୍ୟ ହୁଅନ୍ତି, ରମାକାନ୍ତ ବାବୁଙ୍କ ଭଳି ଜଣେ ବିଚକ୍ଷଣ ଅଫିସର କିପରି ଓ କାହିଁକି କ୍ଷମତାର ଏହି ଅନ୍ଧଗଳିରେ ପ୍ରବେଶ କଲେ। କାରଣ ରମାକାନ୍ତ ରଥ ସେତେବେଳେ ସମଗ୍ର ଦେଶରେ ଜଣେ ପ୍ରତିଷ୍ଠାବାନ୍ କବି ବା ସାହିତ୍ୟିକ କେବଳ ନଥିଲେ, ତା ସଙ୍ଗେ ସଙ୍ଗେ ପ୍ରତିଶ୍ରୁତିବାନ୍ ବ୍ୟୁରୋକ୍ରାଟ୍ ରୂପେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ସମଗ୍ର ଚାକିରି ଜୀବନର ଶ୍ୱେତ ଶୁଭ୍ର ଅଙ୍ଗାବରଣରେ ଏହି ସମୟଟି ଏକ କଜ୍ଜଳ ଟିକା ଭଳି ପ୍ରତୀୟମାନ ହୋଇ ରହିଗଲା।

ଦୁଇବର୍ଷ ନ' ମାସର ଏହି ଶାସନ କାଳ ମଧ୍ୟରେ ଜରୁରୀ ପରିସ୍ଥିତି ଭଳି ଭୟଙ୍କର ଦୈତ୍ୟର ବିରାଟ ଥାବା ଭିତରେ ଗଣତନ୍ତ୍ରର ସମାଧି ହୋଇଥିବାବେଳେ ଓଡ଼ିଶାରେ ପ୍ରଶାସନିକ ନୈତିକତା ଖଣ୍ଡବିଖଣ୍ଡ ହୋଇ ଚତୁର୍ଦ୍ଦିଗରେ ବିଛୁ ହୋଇ ପଡ଼ିଥିଲା। ମୁଖ୍ୟ ଶାସନ ସଚିବ ମାଥ୍ୟୁସ୍ କେବଳ ଅସହନୀୟ ଅସ୍ୱସ୍ତି ଓ ଅପମାନଜନକ ପରିଧି ମଧ୍ୟରେ ସମୟ ଅତିବାହିତ କରିନଥିଲେ, ଶେଷରେ ତାଙ୍କୁ ୧୯୭୬ ସାଲ ମେ ମାସରେ ବିନା ନୋଟିସ୍‌ରେ ତିନି ମାସର ଦରମା ଦେଇ ଚାକିରିରୁ ଅତି ଦୟନୀୟ ଭାବେ ବିଦା କରି ଦିଆଯାଇଥିଲା। ସମ୍ଭବତଃ ଭାରତ ବର୍ଷରେ ଏ ଧରଣର ଘଟଣା ଅଦ୍ୟାବଧି ପର୍ଯ୍ୟନ୍ତ ଏହି ପ୍ରଥମ। ଏହି ସମସ୍ତ ଘଟଣା ପାଇଁ ସେତେବେଳେ ଅନେକ ବ୍ୟୁରୋକ୍ରାଟ୍ ରମାକାନ୍ତ ରଥଙ୍କୁ ଦାୟୀ କରିଥିଲେ।

ଘଟଣା ଏତିକିରେ ଶେଷ ହୋଇନଥିଲା। ଏହି ଶାସନ କାଳରେ ଶିକ୍ଷାବିତ୍‌ମାନେ ମଧ୍ୟ ବାଦ୍ ପଡ଼ିନଥିଲେ। ବିଖ୍ୟାତ୍ ପ୍ରଫେସର ବିଧୁଭୂଷଣ ଦାସଙ୍କୁ ଡି.ପି.ଆଇ. ପଦବୀରୁ ହଟାଇ ଦେଇ ବସ୍ତୁତଃ କୌଣସି କାର୍ଯ୍ୟ ନଥିବା ଏସ୍.ସି.ଇ.ଆର୍.ଟି.ର

Digitized by srujanika@gmail.com

ଡିରେକ୍ଟର ପଦବୀରେ ଅବସ୍ଥାପିତ କରାଗଲା । ଶିକ୍ଷା ବ୍ୟବସ୍ଥାରେ ଆଉ ଏକ ଚୋଟ ପଡ଼ିଥିଲା ତତ୍କାଳୀନ ରାଜନୀତି ବିଜ୍ଞାନର ପ୍ରଫେସର ଡଃ ଶ୍ରୀ ରାମଚନ୍ଦ୍ର ଦାଶଙ୍କ ଉପରେ । ପ୍ରଫେସର ଦାଶ ତାଙ୍କ ବାଧ୍ୟତାମୂଳକ ଅବସର ସମ୍ପର୍କରେ ତାଙ୍କର ଆତ୍ମଜୀବନୀ 'ମୋ ଅକୁହା କାହାଣୀ'ରେ ଲେଖିଛନ୍ତି "ମୁଁ ସେଠାରୁ ନିରାଶ ହୋଇ ତାଙ୍କ (ମୁଖ୍ୟ ମନ୍ତ୍ରୀଙ୍କର) ବ୍ୟକ୍ତିଗତ ସଚିବ ରମାକାନ୍ତ ରଥଙ୍କ ଘରକୁ ଗଲି । ମୁଁ ବାରଣ୍ଡା ତଳେ ଠିଆ ହୋଇଥାଏ । ରଥ ସାହେବ ହାତରେ ଚା' କପ୍ ଧରି ପିଇ ପିଇ ମୋ ସାଙ୍ଗେ କଥାବାର୍ତ୍ତା କଲେ ଏବଂ କହିଲେ ମୁଁ ଓ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଉଛୁ । ଆମେ ସେଠାରୁ ଚଣ୍ଡୀଗଡ଼ କଂଗ୍ରେସ ଅଧିବେଶନକୁ ଯିବୁ । ଜାନୁଆରୀ ୧୮ ତାରିଖରେ ଫେରିବୁ । ଆପଣ ତାଙ୍କୁ ୨୨ ତାରିଖରେ ଦେଖା କରିପାରିବେ । ତା ପୂର୍ବରୁ ନୁହେଁ । ମୁଁ କହିଲି– ମୁଁ ଆଜି ଦେଖା କରିବାକୁ ଆସିଛି । ତୁମେ ଟିକିଏ ବ୍ୟବସ୍ଥା କରିଦିଅ । ସେ ରୋକ୍‌ଠୋକ୍ ମନା କରିଦେଲେ ଓ ନିତାନ୍ତ ଅସମ୍ଭବ କହି ଫେରାଇ ଦେଲେ । ରଥ ସାହେବଙ୍କୁ ତାଙ୍କ ବିଭାଘର ଓ ଆଇ.ଏ.ଏସ୍. ପାଇବା ବେଳେ ମୁଁ ଯେଉଁ ସାହାଯ୍ୟ କରିଥିଲି ସେ କଥା ବୋଧେ ତାଙ୍କର ମନେ ନଥିଲା । ଗଧ ପାଦ ଧରିପାରିଲି ନାହିଁ।"

ପ୍ରଫେସର ଦାଶଙ୍କ ଏହି ମନ୍ତବ୍ୟକୁ ଶ୍ରୀ ରଥ ଖଣ୍ଡନ କରିନାହାନ୍ତି । ତା'ର ଅନ୍ୟ ଅର୍ଥ ହେଉଛି ମୁଖ୍ୟମନ୍ତ୍ରୀଙ୍କ ସଚିବ ଦଳୀୟ ଅଧିବେଶନରେ ମଧ୍ୟ ଯୋଗ ଦେଉଥିଲେ । ପ୍ରଶାସନ ଓ ଦଳ ଏହି ସମୟରେ ଅଭିନ୍ନ ହୋଇ ଉଠିଥିଲା । ଆଉ ଶ୍ରୀ ରଥ ସମଗ୍ର ବ୍ୟବସ୍ଥାର ଜଣେ ମୁଖ୍ୟ ତତ୍ତ୍ୱାବଧାରକ ଥିଲେ ।

•

Digitized by srujanika@gmail.com

# (୫)

ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମୁଖ୍ୟ ଏବଂ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ କୌଣସି ଅବାଞ୍ଛିତ ମାଧ୍ୟମକୁ ଆଇ.ଏ.ଏସ୍. ଅଫିସରମାନେ ସୁନଜରରେ ଦେଖୁନଥିଲେ (କିମ୍ବା ବର୍ତ୍ତମାନ ମଧ୍ୟ ଦେଖୁନାହାନ୍ତି)। ୧୯୫୪ ସାଲରେ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ସାଧାରଣ ପ୍ରଶାସନ ବିଭାଗର ତତ୍କାଳୀନ ଡେପୁଟି ସେକ୍ରେଟାରୀ ଶ୍ରୀ ଜେ.ଏ. ଡାଭେଙ୍କୁ ତାଙ୍କର ନିଜ ଦାୟିତ୍ୱ ସହ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବ୍ୟବସ୍ଥାକୁ ସେତେବେଳେ ବରିଷ୍ଠ ଆଇ.ଏ.ଏସ୍. ଅଫିସରମାନେ ବିରୋଧ କରିଥିଲେ। ପ୍ରବୀଣ ଓ ଅଭିଜ୍ଞ ଆଇ.ଏ.ଏସ୍. ଶ୍ରୀ ବ୍ରଜସୁନ୍ଦର ମହାନ୍ତି ଓ ଶ୍ରୀ ପି.କେ. ତ୍ରିପାଠୀ ଖୋଲାଖୋଲି ଭାବେ ଏ ସମ୍ପର୍କରେ ସେମାନଙ୍କ ମତ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା କୁହାଯାଏ। ଏପରିକି ଶ୍ରୀ ଶିବରମଣ (ରାଜସ୍ୱ ବୋର୍ଡ଼ ସଦସ୍ୟ) ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ଏହି ନିର୍ଦ୍ଦେଶକୁ ନାପସନ୍ଦ କରିଥିଲେ। ଶ୍ରୀ ଡାଭେଙ୍କ ନିଯୁକ୍ତିକୁ ବିରୋଧ କରିବାର ଅନ୍ୟ କାରଣଟି ହେଲା ସେ ଏହି ପଦବୀ ପାଇବା ପରେ ନିଜର ବରିଷ୍ଠ ସହଯୋଗୀମାନଙ୍କୁ ଯେଉଁଭଳି ସମ୍ମାନ ଦେଖାଇବା କଥା ତାହା ଦେଖାଉ ନଥିଲେ। ଫଳରେ ୧୯୫୬ରେ ଡଃ ମହତାବ ମୁଖ୍ୟମନ୍ତ୍ରୀ ହେବା ବେଳେ ବହୁ ଅଫିସର ତାଙ୍କୁ ଭେଟି କୌଣସି ଆଇ.ଏ.ଏସ୍. ଅଫିସରଙ୍କୁ ସଚିବ ରୂପେ ନରଖିବା ପାଇଁ ଅନୁରୋଧ କରିଥିଲେ। ମହତାବ ବାବୁ ଘଟଣାର ଗୁରୁତ୍ୱ ବୁଝି ସେ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ କେବଳ ପି.ଏସ୍. ରାମଚନ୍ଦ୍ରନ୍‌ଙ୍କୁ ନେଇ କାମ ଚଳାଇଥିଲେ।

ଆମର ଧାରଣା ଥିଲା ବାବୁ ପଞ୍ଚାନନ ତ୍ରିପାଠୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ସଚିବ। ମାତ୍ର ପରେ ପୁରୁଣା ରେକର୍ଡ଼ ଘାଣ୍ଟିବାରେ ଜଣାଗଲା ବାବୁ ଜେ.ଏ. ଡାଭେ ଏ କ୍ଷେତ୍ରରେ ପ୍ରଥମ। ଡାଭେ ସାହେବ ଜାଣିଥିଲେ ମୁଖ୍ୟମନ୍ତ୍ରୀ ସଚିବ ହେବାରେ କି ମଉଜ। ରାଜ୍ୟର ପ୍ରଶାସନିକ ଓ ରାଜନୀତିକ ମୁଖ୍ୟଙ୍କ ନିକଟରେ ରହିବାରେ, କାନରେ କହି ନିଜ ମନମୁତାବକ ନିଷ୍ପତ୍ତି ନେବାରେ ଏବଂ ସର୍ବୋପରି ଯାହା ବିରୁଦ୍ଧରେ ଯାହା ରାଗ ଥିବ, ତାକୁ ଯଥାର୍ଥ ଭାବେ ଶୁଝେଇବାରେ (ଯାହାକୁ ଇଂରାଜୀ ଭାଷାରେ settling the score ବୋଲି କୁହାଯାଏ) ଏହି ପଦବୀ ଅପେକ୍ଷା ଆଉ ଭଲ ପଦବୀ ନାହିଁ। ତେଣୁ ୧୯୬୪ରୁ ୬୬ ମେ ମାସ ପର୍ଯ୍ୟନ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ତାହା ପରେ ଡିସେମ୍ବର ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ରୂପେ ମୁଖ୍ୟମନ୍ତ୍ରୀଙ୍କ ଅଫିସର ନିର୍ଦ୍ଦେଶ ମୁତାବକ ସେ ଯନ୍ତ୍ର ଭଳି କାର୍ଯ୍ୟ କରିଯାଇଥିଲେ। କାରଣ ସେ ଜାଣିଥିଲେ

Digitized by srujanika@gmail.com

ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ନକଲେ ମାଥ୍ୟୁସ୍ ଓ ରାମକ୍ରିଷ୍ଣେୟାଙ୍କ ଭଳି ତାଙ୍କ ଅବସ୍ଥା ହେବ।

ଜରୁରୀ ପରିସ୍ଥିତି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଥିଲା ଘରୋଇ ବିଭାଗ। ଏହି ବିଭାଗୀୟ ସଚିବ ଥିଲେ ଶ୍ରୀ ବିଘ୍ନରାଜ ପଟେଲ। ଜରୁରୀ ପରିସ୍ଥିତି ସମ୍ପର୍କୀୟ ସମସ୍ତ ଗୋପନୀୟ ନିର୍ଦ୍ଦେଶ ଓ ପତ୍ର କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଘରୋଇ ବିଭାଗକୁ ସିଧାସଳଖ ପଠାଉଥିଲେ। ଏହି ପତ୍ରଗୁଡ଼ିକ ବା ନିର୍ଦ୍ଦେଶଗୁଡ଼ିକ ଘରୋଇ ସଚିବ ଏକ ବାକ୍ସରେ ତାଲା ପକାଇ ରଖୁଥିଲେ ଏବଂ ସେଇ ବାକ୍ସ ଧରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଓ ଅନ୍ୟଟି ଘରୋଇ ସଚିବଙ୍କ ପାଖରେ ଥାଏ। ଏହି ଫାଇଲ୍ ବା ନିର୍ଦ୍ଦେଶ ଏ ଦୁହିଁଙ୍କ ବ୍ୟତୀତ ଅନ୍ୟ କେହି ଜାଣିବା କଥା ନୁହେଁ। ଏପରିକି ମୁଖ୍ୟ ବା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଏହା ଗତାଗତ କରୁନଥିଲା। ସେ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ସ୍ୱାଭାବିକ ଭାବେ ଏହା ଜାଣିବା କଥା ମଧ୍ୟ ନୁହେଁ। ମାତ୍ର ସେତେବେଳେ ଅଭିଯୋଗ ହୋଇଥିଲା ମୁଖ୍ୟମନ୍ତ୍ରୀ ଅନେକ ଫାଇଲ୍‌କୁ ପରେ ଦେଖିବେ ବୋଲି କହି ରଖି ଦେଉଥିଲେ ଏବଂ ଅଧିକାଂଶ ଫାଇଲ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିଲେ ମଧ୍ୟ ଅର୍ଡ଼ର ଦେଉଥିଲେ ତାଙ୍କ ସଚିବ। ଜରୁରୀ ପରିସ୍ଥିତି ସମୟରେ ପୋଲିସ୍ ବିଭାଗ କର୍ତ୍ତା କିନ୍ତୁ ସିଧାସଳଖ ଅନେକ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ ସହ ସମ୍ପର୍କ ରଖୁଥିଲେ।

ଏହି ସମୟରେ ଆଉ ଏକ ଉଲ୍ଲେଖନୀୟ ଘଟଣା ହେଲା ତଥାଗତ ଶତପଥୀଙ୍କ ଡାଏରୀ। ଏହି ଡାଏରୀରେ ଶ୍ରୀମତୀ ଶତପଥୀ ଓ ରମାକାନ୍ତ ରଥଙ୍କ ସମ୍ପର୍କରେ ଅନେକ ତଥ୍ୟ ଲିପିବଦ୍ଧ ହୋଇ ରହିଛି। ଏହି ଡାଏରୀର କିୟଦଂଶ ଅରୁଣ ଗାନ୍ଧିଙ୍କ ଦ୍ୱାରା ଲିଖିତ "ଦି ମୋରାରଜୀ ପେପରସ୍" ଏବଂ ଜନାର୍ଦ୍ଦନ ଠାକୁରଙ୍କର "ଅଲ୍ ଦି ଜନତା ମ୍ୟାନ୍" ପୁସ୍ତକରେ ସନ୍ନିବେଶିତ କରାଯାଇଛି। ଏହି ଡାଏରୀଟି ରମାକାନ୍ତ ରଥଙ୍କ ଭାବମୂର୍ତ୍ତିକୁ କେତେକ ମାତ୍ରାରେ ମଳିନ କରି ଦେଇଥିଲା।

ଶ୍ରୀମତୀ ଶତପଥୀଙ୍କ ଶାସନର ପତନ ଘଟିଲା ୧୯୭୬ ଡିସେମ୍ବର ୧୭ ତାରିଖରେ। ସବୁଠାରୁ ଉଲ୍ଲେଖଯୋଗ୍ୟ ଓ ମଜାର ବିଷୟ ହେଲା ଶ୍ରୀମତୀ ଶତପଥୀ ଓଡ଼ିଶାରେ ତାଙ୍କ ଶାସନ ଆରମ୍ଭରେ ମୁଖ୍ୟ ଶାସନ ସଚିବ ରାମକ୍ରିଷ୍ଣେୟାଙ୍କର ମୁହାଁମୁହିଁ ହୋଇଥିଲେ ଓ ନାନା ପ୍ରକାର ଚକ୍ରାନ୍ତ କରି ତାଙ୍କୁ ଓଡ଼ିଶାରୁ ବିଦାୟ ଦେଇଥିବା ବେଳେ ସେଇ ରାମକ୍ରିଷ୍ଣେୟା ରାଜ୍ୟପାଳଙ୍କ ପରାମର୍ଶଦାତା ରୂପେ ଆସି ନନ୍ଦିନୀଙ୍କ ଦୁର୍ଗ ପତନର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଦେଇଥିଲେ।

Digitized by srujanika@gmail.com

ଜରୁରୀ ପରିସ୍ଥିତି ସମୟରେ ଇନ୍ଦିରା ଗାନ୍ଧି ବା କଂଗ୍ରେସ ଦଳର ଭାବମୂର୍ତ୍ତି ବୃଦ୍ଧି କରାଯିବା ଅପେକ୍ଷା ନନ୍ଦିନୀ ଶତପଥୀଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତି କିପରି ବୃଦ୍ଧି କରାଯିବ, ସେ ସମ୍ପର୍କରେ ବିଶେଷ ଭାବେ କାର୍ଯ୍ୟ ହେଉଥିଲା । ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ର ନିର୍ଦ୍ଦେଶକ୍ରମେ ତାଙ୍କୁ ''ଏସିଆର ମୁକ୍ତି ସୂର୍ଯ୍ୟ'' ବୋଲି ଆଖ୍ୟା ଦିଆଯାଇ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହଜାର ହଜାର ପୋଷ୍ଟର ବେସରକାରୀ ଭାବେ ଛପା ହୋଇ ସହର- ମଫସଲ ଚାରିଆଡ଼େ ମରାଯାଇଥିଲା । ଏହି ପୋଷ୍ଟରରେ ଲେଖାଥିଲା ''ଏସିଆର ମୁକ୍ତି ସୂର୍ଯ୍ୟ, ଲୌହ ପ୍ରଣାମ- ଲୌହ ପ୍ରଣାମ'' । ଏହି ପୋଷ୍ଟରଟା ମରା ହେବା ପରେ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଏ ସମ୍ପର୍କରେ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲେ । ଏହି ରିପୋର୍ଟ ସହ କେତେକ ରଙ୍ଗିନ ପୋଷ୍ଟର ମଧ୍ୟ ପଠାଯାଇଥିଲା । ଯାହା ସେତେବେଳେ ପ୍ରକାଶ ପାଇଥିଲା, ସଂଜୟ ଗାନ୍ଧି ଏହା ଦେଖି ଅଗ୍ନିଶର୍ମା ହୋଇଯାଇଥିଲେ ଏବଂ ତତ୍କାଳୀନ ପ୍ରତିରକ୍ଷା ଉପମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ସମସ୍ତ ବିଷୟ ବୁଝି ଏକ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ଶତପଥୀ ନିଜକୁ ଏସିଆର ମୁକ୍ତି ସୂର୍ଯ୍ୟ କରିବାରେ ଭାରତର ମୁକ୍ତି ସୂର୍ଯ୍ୟ ଶ୍ରୀମତୀ ଗାନ୍ଧି ତାଙ୍କୁ ନିଜ କକ୍ଷପଥରୁ ବିଚ୍ୟୁତ କରିବାକୁ ନିଷ୍ପତ୍ତି ନେଲେ ଏବଂ ତାହା ହିଁ ନନ୍ଦିନୀଙ୍କୁ ଅତଳ ଗହ୍ୱରକୁ ଫିଙ୍ଗିଦେଲା । ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି ବୃଦ୍ଧି କରିବାର ଆଉ ଏକ ଘଟଣା ହେଲା ସମସ୍ତ ସରକାରୀ ଓ ଅର୍ଦ୍ଧସରକାରୀ ଅଫିସ୍‌ଗୁଡ଼ିକରେ ଶ୍ରୀମତୀ ଶତପଥୀଙ୍କର ଛବି ଟଙ୍ଗା ହେବ । ୧୯୭୬ ସାଲ ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଶ୍ରୀ ଡାଭେ ଉପମୁଖ୍ୟ ସଚିବ ଶ୍ରୀ ଏ.କେ. ମଜୁମ୍‌ଦାର ଘରୋଇ ବିଭାଗ ସଚିବ ଶ୍ରୀ ବି.ଆର୍. ପଟେଲ ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଏ.ଏନ୍. ତିୱାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ରମାକାନ୍ତ ରଥ ଏକ ବୈଠକରେ ମିଳିତ ହୋଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧିଙ୍କ ଛବି (ପୂର୍ବରୁ ନିର୍ଦ୍ଦେଶିତ ହୋଇ ଟଙ୍ଗା ହୋଇଥାଏ) ସହ ଶ୍ରୀମତୀ ଶତପଥୀଙ୍କ ଏକ ଫଟୋ ଟଙ୍ଗା ହେବା ପାଇଁ ନିଷ୍ପତ୍ତି ହେଲା । ଏହି ନିଷ୍ପତ୍ତି ରାଜ୍ୟର ସମସ୍ତ ଅଫିସ୍‌କୁ ଜଣାଇ ଦିଆଗଲା ।

କିନ୍ତୁ ଏହି ସମୟ ମଧ୍ୟରେ ରମାକାନ୍ତ ରଥ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଯେଉଁ କେତେଗୁଡ଼ିଏ ଭଲ କାମ କରିଥିଲେ, ସେଥିମଧ୍ୟରୁ ଗୋଟିଏ ହେଲା ଦରିଦ୍ର, ଅସହାୟ କଳାକାର ଓ ସାହିତ୍ୟିକମାନଙ୍କୁ ପେନ୍‌ସନ୍ ବ୍ୟବସ୍ଥା । ପ୍ରଥମ ଦଫାରେ ୧୦ ଜଣ ବ୍ୟକ୍ତିଙ୍କୁ ଏହି ପେନ୍‌ସନ୍ ୧୯୭୬ ଅଗଷ୍ଟ ୧୫ ତାରିଖରେ ଦିଆଯାଇଥିଲା । ଠିକ୍ ସେହିଭଳି ଉପେନ୍ଦ୍ର ଭଞ୍ଜ, ଗୋପାଳକୃଷ୍ଣ ଓ ସାଲବେଗଙ୍କ

Digitized by srujanika@gmail.com

ରଚନାକୁ ନେଇ ଓଡ଼ିଶାର ବିଖ୍ୟାତ ସଂଗୀତଜ୍ଞମାନଙ୍କ ଦ୍ୱାରା ସ୍ୱର କରାଇ ଲଙ୍ଗ୍ ପ୍ଲେ ରେକର୍ଡ଼ ପ୍ରସ୍ତୁତ କରିବାରେ ସେ ବ୍ୟକ୍ତିଗତ ଉଦ୍ୟମ କରିଥିଲେ।

ଶ୍ରୀମତୀ ଶତପଥୀଙ୍କ କାର୍ଯ୍ୟକାଳ ମାତ୍ର ୨ ବର୍ଷ ୯ ମାସ ଥିଲା। କିନ୍ତୁ ଏହି ସ୍ୱଳ୍ପ ସମୟ ଏଭଳି ଘଟଣାବହୁଳ ହୋଇ ପଡ଼ିଥିଲା ଯେ, ତାହାର ପୂର୍ଣ୍ଣ ବର୍ଣ୍ଣନା କରିବା ପାଇଁ ବହୁ ନିବନ୍ଧର ଆବଶ୍ୟକତା ପଡ଼ିବ। ତେଣୁ ସେଥିରୁ ଅଳ୍ପ କେତୋଟି ଘଟଣା ଆମେ ଉଲ୍ଲେଖ କରିଛୁ ମାତ୍ର। ଶ୍ରୀମତୀ ଶତପଥୀଙ୍କ ସଚିବ ରୂପେ ଶ୍ରୀ ରମାକାନ୍ତ ରଥଙ୍କ କାର୍ଯ୍ୟ ସରକାରୀ ସୀମା ପର୍ଯ୍ୟନ୍ତ ଥିଲା କି ? ଏହି ପ୍ରଶ୍ନ ସେତେବେଳେ ଅନେକ ଅନେକଙ୍କୁ କରିଥିଲେ।

ସେତେବେଳେ ଓଡ଼ିଶାର ରାଜ୍ୟପାଳ ପଦବୀ ପୂରଣ ହୋଇନଥିବାରୁ ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ଶିବନାରାୟଣ ଶଙ୍କର ଅସ୍ଥାୟୀ ରାଜ୍ୟପାଳ ରୂପେ କାର୍ଯ୍ୟ ତୁଲାଉଥିଲେ। ଡିସେମ୍ବର ୧୬ ତାରିଖରେ ନନ୍ଦିନୀ ଇସ୍ତଫା ଦେଇଥିଲେ ମଧ୍ୟ ବିନାୟକ ଆଚାର୍ଯ୍ୟ ଶପଥ ନେଇଥିଲେ ଡିସେମ୍ବର ୨୯ ତାରିଖରେ। ମଝିରେ ବାର ଦିନ ପାଇଁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା।

ନନ୍ଦିନୀ ଶତପଥୀ ଏତେ ଶୀଘ୍ର ତାଙ୍କ ସରକାରର ପତନ ଘଟିବ ବୋଲି ଆଶା କରିନଥିଲେ। ଯେତେବେଳେ ସେ ଜାଣିଲେ ଆଉ ରହିବା ସମ୍ଭବ ନୁହଁ, ସେତେବେଳେ ରମାକାନ୍ତ ରଥଙ୍କୁ ପିଛିଲା ତାରିଖରେ ଏକ ବଦଳି ଆଦେଶ ଦେଇଥିଲେ। ଏହି ଆଦେଶକୁ ସେ ହାତରେ ଲେଖିଥିଲେ। ଶ୍ରୀ ରଥଙ୍କୁ ପ୍ରଶାସକୀୟ ଅଧିକରଣର ସଭ୍ୟ ରୂପେ ନିଯୁକ୍ତି ଦେଇଥିଲେ। ପରେ ଶ୍ରୀ ରଥ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ କୃଷି ବିଭାଗର ଯୁଗ୍ମସଚିବ ରୂପେ ନିଯୁକ୍ତି ପାଇ ଦିଲ୍ଲୀ ଯାଇଥିଲେ।

ରମାକାନ୍ତ ବାବୁଙ୍କୁ କିନ୍ତୁ ତା'ପରେ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୧୯୭୭ ସେପ୍ଟେମ୍ବର ୭ ତାରିଖରେ ତାଙ୍କ ଦିଲ୍ଲୀ ବାସଭବନ ଓଡ଼ିଶା ଭିଜିଲାନ୍ସ ବିଭାଗ ଖାନତଲାସ କରିଥିଲେ। ମାତ୍ର କିଛି ପାଇନଥିଲେ। ଏହି ଖାନତଲାସ ଘଟଣାକୁ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ପସନ୍ଦ କରିନଥିଲେ। ସେ ଏ ସମ୍ପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କୁ ଏକ ପତ୍ର ଲେଖି ଶ୍ରୀ ରଥଙ୍କ ପ୍ରତି ଭବିଷ୍ୟତରେ ଏ ପ୍ରକାର ଆଚରଣ ନକରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଲେଖିଥିଲେ –

Digitized by srujanika@gmail.com

"Quite apart from the aspect concerning Smt. Satpathy, it would seem that the search ordered of Shri Rath's house was uncalled for, as was established by the nil end result. I do not know whether the state Govt. has considered the adverse impact on the moral of officials that this kind of incident creates. I understand that shri Rath has an excellent record of service, and this makes the humilation to which he was subjected all the more deplorable."

## [ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ- ଭାଗ ୪, ୫କୁ କେନ୍ଦ୍ରକରି ମିଳିଥିବା ପ୍ରତିବାଦ ଓ ତହିଁର ଉତ୍ତର] (୧)

ମହାଶୟ,

୧୦.୫.୯୪ ତାରିଖର 'ସମ୍ବାଦ'ରେ ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳଙ୍କର ନିବନ୍ଧ (ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ-୪) ପଢ଼ି ମର୍ମାହତ ହେଲି। ମୋ ବିଷୟରେ କେତୋଟି ଅସତ୍ୟ ଓ ପ୍ରତିକୂଳ ମନ୍ତବ୍ୟ ତା'ର ମୁଖ୍ୟ କାରଣ ନୁହେଁ (ଯଦିଓ ଜଣେ ସାମ୍ବାଦିକ ଭାବେ ଓ ଆଜିଯାଏ ବନ୍ଧୁ ଭାବେ ଆଚରଣ ଦେଖାଇ ଆସୁଥିବା ବ୍ୟକ୍ତି ଭାବେ ସେ ଉଦ୍ଦିଷ୍ଟ ମନ୍ତବ୍ୟଗୁଡ଼ିକର ଯଥାର୍ଥତା ବିଷୟରେ ମତେ ସିଧାସଳଖ ପଚାରିବା ଉଚିତ ହୋଇଥାନ୍ତା); କାରଣ ହେଉଛି ତାଙ୍କର କପୋଳକଳ୍ପିତ ତଥ୍ୟର ଯଥେଚ୍ଛା ପ୍ରୟୋଗ ଓ ସେପରି ତଥ୍ୟ ଭିତ୍ତିରେ ଏପରି ଏକ ଅନୁଶୀଳନ ଯେଉଁଥିରେ ସତ୍ୟର ପ୍ରହେଳିକା ଅଛି, ସତ୍ୟ ନାହିଁ।

ବରେନ୍ଦ୍ର ବାବୁଙ୍କ ପ୍ରତ୍ୟେକ ତଥ୍ୟର ଅସତ୍ୟତା ପ୍ରମାଣ କରିବାକୁ ଗଲେ ଏ ପତ୍ର ଖୁବ୍ ଦୀର୍ଘ ହୋଇଯିବ। କର୍ମଜୀବନରେ ଅନେକଙ୍କର ଅଯୌକ୍ତିକ ଚାହିଦା ପୂର୍ଣ୍ଣ କରି ନ ପାରିଥିବା ଯୋଗୁଁ ବହୁତ କୁତ୍ସା ଓ ମିଥ୍ୟା ଅଭିଯୋଗ ସହିବାକୁ ପଡ଼ିଛି। ଆଜି ସେସବୁ ଆଲୋଚନା କରି ବସିଲେ ମୋର ଏଣିକି ଯାହା କରିବା କଥା, ତା' ପାଇଁ ପ୍ରୟୋଜନୀୟ ଶକ୍ତିର ଅପଚୟ ଘଟିବ। କେବଳ କେତୋଟି ଉଦାହରଣ ଦେବି, ଯେଉଁଥିରୁ ବରେନ୍ଦ୍ର ବାବୁଙ୍କ ଅନୁଶୀଳନର ଅନ୍ତଃସାରଶୂନ୍ୟତା ସ୍ପଷ୍ଟ ହୋଇପଡ଼ିବ।

ଶ୍ରୀ ମାଥ୍ୟୁସ୍‌ଙ୍କ ବାଧ୍ୟତାମୂଳକ ଅବସରରେ ମୋର କିଛିଟା ହାତ ଥିଲା ବୋଲି ବରେନ୍ଦ୍ର ବାବୁ ସୂଚାଇଛନ୍ତି। ମୁଁ ମୁଖ୍ୟମନ୍ତ୍ରୀଙ୍କ ସଚିବ ହେବା ପରେ ପରେ ଶ୍ରୀ ମାଥ୍ୟୁସ୍ ମୁଖ୍ୟ ଶାସନ ସଚିବ ପଦବୀରେ ନିଯୁକ୍ତ ହୋଇଥିଲେ। ତା'ହେଲେ ତାଙ୍କ ନିଯୁକ୍ତିରେ କ'ଣ ମୋର ହାତ ଥିଲା ? ଯଦି ଥିଲା, ଅଳ୍ପଦିନ

Digitized by srujanika@gmail.com

ପରେ ମୁଁ ତାଙ୍କ ପ୍ରତି କେଉଁ କାରଣରୁ ବୈରଭାବାପନ୍ନ ହୋଇପଡ଼ିଲି ? ଶ୍ରୀ ମାଥ୍ୟୁସ୍‌ଙ୍କ ପ୍ରତି ମୋର ଶତ୍ରୁତା କେବେ ନଥିଲା । ଏ ପର୍ଯ୍ୟନ୍ତ ଆମ ଦୁହିଁଙ୍କ ପରିବାର ମଧ୍ୟରେ ବିପୁଳ ସଦ୍‌ଭାବ ଓ ବନ୍ଧୁତା ରହିଛି । ତାଙ୍କର ଅପସାରଣ ଫଳରେ ମୋର ପଦୋନ୍ନତିର ସାମାନ୍ୟତମ ସମ୍ଭାବନା ନଥିଲା । ତାଙ୍କର ଅବସର ଗ୍ରହଣ ମତେ କେତେ ବ୍ୟଥିତ କରିଥିଲା, ସେ ନିଜେ ଜାଣନ୍ତି । ସର୍ବଭାରତୀୟ ସେବାର ଜଣେ କର୍ମଚାରୀଙ୍କ ଚାକିରି ସର୍ତ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ମୁଖ୍ୟ ଶାସନ ସଚିବଙ୍କ ଠାରୁ ବହୁ କନିଷ୍ଠ ଜଣେ କର୍ମଚାରୀଙ୍କ ମତ କେନ୍ଦ୍ର ସରକାର ବିନା ତର୍କମାରେ ଓ ନନ୍ଦିନୀ ଶତପଥୀଙ୍କ ପରି ଆତ୍ମବିଶ୍ୱାସସମ୍ପନ୍ନ ମୁଖ୍ୟମନ୍ତ୍ରୀ ବିନାଦ୍ୱିଧାରେ ଗ୍ରହଣ କରିନେବେ, ଏହା ବିଶ୍ୱାସଯୋଗ୍ୟ କି ? ଫାଇଲ୍ ପଠାଇବା ପୂର୍ବରୁ ଶ୍ରୀ ମାଥ୍ୟୁସ୍ ମୋ ସହିତ ପରାମର୍ଶ କରିବେ, ଏପରି ନିର୍ଦ୍ଦେଶ ଶ୍ରୀମତୀ ଶତପଥୀ ଆଦୌ ଦେଇନଥିଲେ ।

ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ମୋ ବିଷୟରେ କିଛି ମନ୍ତବ୍ୟ ତାଙ୍କ ଆତ୍ମଜୀବନୀରେ ଅଛି ଏବଂ ମୁଁ ଏପର୍ଯ୍ୟନ୍ତ ତାହା ଖଣ୍ଡନ କରିନଥିବାରୁ ତାହା ସତ୍ୟ ବୋଲି ବରେନ୍ଦ୍ର ବାବୁ ଧରିନେଇଛନ୍ତି । ଡକ୍ଟର ଦାଶଙ୍କ ଆତ୍ମଜୀବନୀ ମୁଁ ପଢ଼ିନାହିଁ; ସୁତରାଂ ଖଣ୍ଡନ କରିବାର ଅବକାଶ ପାଇନାହିଁ । ଆତ୍ମଜୀବନୀ ଲେଖକମାନେ ଅନେକ ସମୟରେ ଆତ୍ମପ୍ରୀତିରେ ଏତେ ମଜ୍ଜିଯାଇଥାନ୍ତି ଯେ, ସତ୍ୟ ପ୍ରତି ଉଚିତ ଦୃଷ୍ଟି ଦେଇପାରନ୍ତି ନାହିଁ । ମୁଁ ଡକ୍ଟର ଦାଶଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର କରିବା କଥା ପୂରା ମିଛ । ମୋର ବିବାହ ମୁଁ ନିଜେ ଠିକ୍ କରିଥିଲି; ଡକ୍ଟର ଦାଶ ବୋଧହୁଏ ଆଉ କାହା ବିବାହରେ ସହାୟକ ହୋଇଥିବେ ଏବଂ ସେ ବ୍ୟକ୍ତି ମୁଁ ବୋଲି ଭୁଲ୍‌ରେ ଭାବିଥିବେ । ମୁଁ ଡକ୍ଟର ଦାଶ ପଢ଼ାଉଥିବା ବିଷୟ (ରାଜନୀତି ବିଜ୍ଞାନ)ର ଛାତ୍ର ନଥିଲି କି ସେ ଆଇ.ଏ.ଏସ. ପରୀକ୍ଷାରେ ମୋର ପରୀକ୍ଷକ ନଥିଲେ । ମତେ ସେ ଚାକିରି ପାଇବାରେ ସାହାଯ୍ୟ କରିବାର ପ୍ରଶ୍ନ ଉଠୁଛି କୁଆଡୁ ? ତାଙ୍କର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାର ପ୍ରସ୍ତାବ ମୁଁ ଅଗ୍ରାହ୍ୟ କରିଥିବା କଥା ମୋର ମନେନାହିଁ, କିନ୍ତୁ ଯଦି କୌଣସି ଦିନ ମୁଖ୍ୟମନ୍ତ୍ରୀ କାର୍ଯ୍ୟବ୍ୟସ୍ତତା ଯୋଗୁଁ କାହାକୁ ସାକ୍ଷାତ କରୁନଥିବେ, ସେତକ ଜଣାଇଦେବା କ'ଣ ଅପରାଧ ହେଲା ? ମୁଁ କଂଗ୍ରେସ ବା ଅନ୍ୟ କୌଣସି ଦଳର ଅଧିବେଶନରେ ଯୋଗଦେବା କଥା ସମ୍ପୂର୍ଣ୍ଣ ଅସତ୍ୟ । ଯେଉଁମାନେ ମତେ ଚିହ୍ନିଛନ୍ତି, ସେମାନେ ଜାଣନ୍ତି ଯେ, ମୁଁ ସବୁବେଳେ ପ୍ରତ୍ୟେକ ରାଜନୈତିକ ଦଳ ଠାରୁ ସମାନ ଦୂରତା ରଖି ଆସିଛି । କେଉଁ ଦଳୀୟ ଅଧିବେଶନରେ ମୁଁ ଯୋଗଦେଇଛି, ବରେନ୍ଦ୍ର ବାବୁ ଜଣାଇଲେ ଅନେକ ତାଙ୍କ ପ୍ରତି କୃତଜ୍ଞ ରହନ୍ତେ ।

Digitized by srujanika@gmail.com

ରମାକାନ୍ତ ରଥ କାହିଁକି କ୍ଷମତାର ଅନ୍ଧଗଳିରେ ପଶିଗଲେ ବୋଲି ବରେନ୍ଦ୍ର ବାବୁ ପଚାରିଛନ୍ତି। ତା'ର ଉତ୍ତର ଏହା– ମୁଁ ଆଦୌ ପଶିନାହିଁ, ପଶିଥିଲେ କର୍ମଜୀବନରେ ଏତେ ଅନଟନ, ଏତେ ନିର୍ଯାତନା ଭୋଗି ନଥାନ୍ତି। ଯେତେବେଳେ ମତେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହା ମୋର ବିବେକାନୁଯାୟୀ ଓ ସମସ୍ତ ଶକ୍ତି ନିୟୋଜିତ କରି ସମ୍ପନ୍ନ କରିବାକୁ ଚେଷ୍ଟା କରିଛି। ଯେତେବେଳେ ମୋ ବଦଳରେ ଆଉ କାହାକୁ ଅଭିଳଷିତ ପଦବୀଟିଏ ଦିଆଯାଇଛି ବା ମୋ ବିରୋଧରେ ଦୂରଭିସନ୍ଧିମୂଳକ କାର୍ଯ୍ୟ କରାଯାଇଛି, ସେତେବେଳେ ତାହା ସହ୍ୟ କରିବାର ସାମର୍ଥ୍ୟ ପାଇଁ ପ୍ରାର୍ଥନା କରିଛି, ପାଇଛି ମଧ୍ୟ। ଆଜି ମୋ ଚାକିରି ଜୀବନ ପଛରେ ପଡ଼ିଗଲାଣି, କିନ୍ତୁ ତାକୁ ଲେଉଟି ଚାହିଁଲେ ଲାଗୁଛି ଯେ ମୁଁ ମୋର ସ୍ୱଳ୍ପ ସାମର୍ଥ୍ୟ ଦ୍ୱାରା ଏବଂ ମୁଁ କାମ କରୁଥିବା ପରିବେଶ ଭିତରେ ଯାହା କରିଛି, ତାହା ମୋଟାମୋଟି ସନ୍ତୋଷଜନକ ଏବଂ ସେତିକି କରିପାରିଥିବାରୁ ମୁଁ ଅନ୍ୟାନ୍ୟ ଅନେକଙ୍କ ଅପେକ୍ଷା ଭାଗ୍ୟବାନ୍।

ଜଣେ ପ୍ରଶାସକ ତା'ର କର୍ମ ଜୀବନରେ ବହୁ ଘଟଣାର ପ୍ରତ୍ୟକ୍ଷଦର୍ଶୀ ହୋଇଥାଏ। ଅନେକ କ୍ଷେତ୍ରରେ ସେ ଅନେକ ଘଟଣା ବିଷୟରେ ଆଜୀବନ ମୌନବ୍ରତ ଅବଲମ୍ବନ କରିବା ବିଧେୟ। ତା' ନକଲେ ସେ ତା' ଉପରେ ନ୍ୟସ୍ତ ବିଶ୍ୱାସର ଖିଲାପ କରିବ। ଏପରି ଅନେକ ଘଟଣା ଅଛି, ଯାହାର ଗୋପନୀୟତା ବଜାୟ ନ ରହିଲେ ଜନସ୍ୱାର୍ଥ ବ୍ୟାହତ ହେବ, ତା'ଛଡ଼ା ପ୍ରଶାସକମାନେ ନିଜର କର୍ମଜୀବନର ସ୍ମୃତିଚାରଣ କଲାବେଳେ ସାଧାରଣତଃ ନିଜର ଦୃଷ୍ଟିଭଙ୍ଗୀରୁ କରିଥାନ୍ତି ଏବଂ ସେ ନିଜେ ନିୟମାନୁବର୍ତ୍ତିତା, ନିର୍ଭୀକତା ଇତ୍ୟାଦି ନାନାଗୁଣରେ ଗୁଣୀ ବୋଲି ଓ ଅନ୍ୟାନ୍ୟମାନେ ସେପରି ଗୁଣର ଧାର୍ ଧାରନ୍ତି ନାହିଁ ବୋଲି ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥାନ୍ତି। ଏହାଫଳରେ ସତ୍ୟର ଅପଳାପ ତ ହୁଏ, ଅନେକଙ୍କୁ ପ୍ରତିବାଦ କରିବାର ସୁଯୋଗ ଦିଆନଯାଇ ଅପଦସ୍ଥ କରାଯାଏ। ଏହିସବୁ କାରଣରୁ ଅନେକ ବିଷୟରେ ଚୁପ୍ ରହିବାକୁ ମୁଁ ବାଧ୍ୟ। କେବଳ ଏତିକି କହିବି ଯେ, ଯେତିକି ପରମାୟୁ ବାକି ଅଛି ସେତକ ଶାନ୍ତିରେ ଓ କୁତ୍ସା ନ ଭୋଗି କାଟିପାରିଲେ କୃତାର୍ଥ ହୁଅନ୍ତି। ମତେ ସେତିକି ମାତ୍ର ସୁଯୋଗ ମିଳିଲେ ବରେନ୍ଦ୍ର ବାବୁ ଓ ତାଙ୍କର ସମଗୋତ୍ରୀମାନଙ୍କର ବିଶେଷ ଅସୁବିଧା ହେବ ବୋଲି ମୁଁ ଭାବିପାରୁନାହିଁ।

ରମାକାନ୍ତ ରଥ
ଭୁବନେଶ୍ୱର

Digitized by srujanika@gmail.com

[ ୨ ]

ମହାଶୟ,

ସମ୍ବାଦରେ "ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ-୪" ପ୍ରକାଶ ପାଇବା ପରେ ଆମର ଜଣାଶୁଣା ବହୁ ବନ୍ଧୁ ସେମାନଙ୍କ ପ୍ରତିକ୍ରିୟା ଆମକୁ ଜଣାଇଥିଲେ। କେତେକ ଏହାର ଭାଷା, କେତେକ ଏହାର ପ୍ରାସଙ୍ଗିକତା, କେତେକ ଏହାର ପ୍ରାମାଣିକତା ଏବଂ କେତେକ ଏଥିମଧ୍ୟରେ ଥିବା ଅବଧାରିତ ସତ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ହଠାତ୍ ଏହି ପରିପ୍ରେକ୍ଷୀରେ ଶ୍ରୀ ରମାକାନ୍ତ ରଥଙ୍କ ପ୍ରତିବାଦ (ସମ୍ବାଦ- ତା୧୩।୫।୯୪ - ଶୁକ୍ରବାର) ପଢ଼ି ବିସ୍ମିତ ହେଲୁ। ବିସ୍ମିତ ହେଲୁ ଏଇଥିପାଇଁ ଯେ, ସମଗ୍ର ପ୍ରତିବାଦ ପତ୍ରଟି ସମ୍ପୂର୍ଣ୍ଣ ଅନ୍ତଃସାରଶୂନ୍ୟ। ତେବେ ସମଗ୍ର ପତ୍ରଟିକୁ ଆମେ ତିନୋଟି ଭାଗରେ ବିଭକ୍ତ କରୁଛୁ। ତା'ହେଲା ପ୍ରଥମ ଭାଗ— ଆମ ପ୍ରତି ଗଭୀର ଅଭିସଂପାତ, ଦ୍ୱିତୀୟ ଭାଗ— ମାଥ୍ୟୁସ୍ ସାହେବଙ୍କ ବାଧ୍ୟତାମୂଳକ ଅବସରରେ ତାଙ୍କର ପ୍ରକାରାନ୍ତରେ ହାତ ଥିବାର ସ୍ୱୀକାରୋକ୍ତି ଏବଂ ତୃତୀୟ ଭାଗ— କୁତ୍ସାରହିତ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ସୁଯୋଗ ଦେବାକୁ ଆମକୁ ଏବଂ ଆମ ସମଗୋତ୍ରୀମାନଙ୍କ ପ୍ରତି ତାଙ୍କର ଶ୍ଳେଷୋକ୍ତିପୂର୍ଣ୍ଣ ପରାମର୍ଶ।

ଆମର ମନେହେଲା ରମାକାନ୍ତ ବାବୁ ଅତିଶୟ ଭାବାବେଗରେ ପ୍ରତିବାଦପତ୍ରଟି ଲେଖିଛନ୍ତି। ଶାନ୍ତି ପାଇଁ ଯାଚନା କରିବାକୁ ଯାଇ ଜଣେ ପ୍ରଶାସକର କର୍ତ୍ତବ୍ୟ ଓ କରଣୀୟତା ସମ୍ପର୍କରେ ଦୀର୍ଘ ମନ୍ତବ୍ୟ ଦେବାବେଳେ ଅନ୍ୟମାନଙ୍କ କର୍ତ୍ତବ୍ୟ ଓ କରଣୀୟ ବିଷୟକୁ ପୂରାପୂରି ଭୁଲିଗଲେ। ଆମେ ମୂଳରୁ କହିଛୁ, ଏବେ ମଧ୍ୟ କହୁଛୁ, ରମାକାନ୍ତ ବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। କିନ୍ତୁ ଜଣେ ପ୍ରତିବେଦକ ରୂପେ ଗୋଟଏ ନିର୍ଦ୍ଦିଷ୍ଟ ଘଟଣା ଉପରେ ଲେଖିବାକୁ ଗଲାବେଳେ ସେଥିସହ ସଂପୃକ୍ତ ପାତ୍ର-ପାତ୍ରୀ ଓ ଚରିତ୍ର ସବୁ ସ୍ୱାଭାବିକ ଭାବେ ପର୍ଯ୍ୟାଲୋଚନାର ପରିସର ଭିତରକୁ ଆସିଯିବେ। ସେ କ୍ଷେତ୍ରରେ ଘଟଣାର ଗୁରୁତ୍ୱକୁ ବିଚାର କଲାବେଳେ ସଂପୃକ୍ତ ବ୍ୟକ୍ତି ବା ବ୍ୟକ୍ତିଗଣ ଆଲୋଚନା ବା ସମାଲୋଚନାର ଅଂଶ ହୋଇପଡ଼ିବେ।

ଆମେ ବିନୀତ ଭାବେ କହିବାକୁ ଚାହୁଁ ଯେ, ସାକ୍ଷୀ ପ୍ରମାଣ ଧରି ସଦାବେଳେ ସତ୍ୟକୁ ମପାଯାଏ ନାହିଁ। ଅନେକ ସମୟରେ ସତ୍ୟକୁ ଘୋଡ଼ାଇବା ପାଇଁ ନାନାପ୍ରକାର ମାଧ୍ୟମର ପ୍ରୟୋଗ କରାଯାଏ। କେତେକଙ୍କୁ ସତ୍ୟ ପ୍ରହେଳିକାମୟ ମନେହୁଏ। କିନ୍ତୁ ସତ୍ୟ ସଦାବେଳେ ସତ୍ୟ। ଜଣେ ସାମ୍ବାଦିକ କୌଣସି ଘଟଣାର

Digitized by srujanika@gmail.com

ନିର୍ଯାସ କରିବାବେଳେ ତାର ମୂଳଲକ୍ଷ୍ୟ ରହେ ସତ୍ୟର ପରିପ୍ରକାଶ। ସମଗ୍ର ଘଟଣାକୁ ଆମେ ରିଜିନ୍ ବା ହେତୁବାଦ ଉପରେ ନିର୍ଭର କରି ବିଚାର କରୁ। ଇମୋସନ ବା ଭାବାବେଶ ଯଥାସମ୍ଭବ ପରିହାର କରୁ। ହେତୁବାଦର ଜନ୍ମ ସିନିସିଜମ୍‌ରୁ। କେତେକ ସିନିସିଜମ୍ ଭିନ୍ନ ଅର୍ଥରେ ଦେଖନ୍ତି। ମାତ୍ର ଆମେ ମନେକରୁ ସାମ୍ବାଦିକତାର ମୂଳଧର୍ମ ସିନିସିଜମ୍। ଆମ ମତରେ ସିନିସିଜମ୍ ହେଉଛି ନୂତନ ମୂଲ୍ୟବୋଧ ଓ ନୂତନ ମାନଦଣ୍ଡର ପ୍ରସୁତି ବେଦନା, ଏକ ଦୁଃସହ ଆଧ୍ୟାତ୍ମିକ ଯନ୍ତ୍ରଣା। ସେଇଥିପାଇଁ ଆମେ ଲେଖୁ, ମାପିଚୁପି ଲେଖୁ, ଅଙ୍କ କଷିବା ଭଳି ଲେଖୁ। ଦୁଃସହ ବେଦନାରେ ଲେଖୁ। ସତ୍ୟର ପରିପ୍ରକାଶ ପାଇଁ ସିନିସିଜମ୍ ଅନେକ ସମୟରେ ମନରେ ଶକ୍ତି ଦିଏ। ଆମେ କହୁ ପାଦ ଥିଲେ ଚାଲିହୁଏ; ମାତ୍ର କଲମ ଥିଲେ ସମସ୍ତେ ଲେଖିପାରନ୍ତି ନାହିଁ।

ଏବେ ମୂଳ ପ୍ରସଙ୍ଗକୁ ଯିବା। ରମାକାନ୍ତ ବାବୁ ତାଙ୍କ ପ୍ରତିବାଦରେ କୌଣସି ସ୍ଥାନରେ ମାଥ୍ୟୁସ୍‌ଙ୍କ ବାଧ୍ୟତାମୂଳକ ଅବସରରେ ତାଙ୍କ ହାତ ନାହିଁ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିନାହାନ୍ତି। ମାଥ୍ୟୁସ୍ ସାହେବଙ୍କ ବାଧ୍ୟତାମୂଳକ ଅବସର ଫାଇଲ ସାଧାରଣ ପ୍ରଶାସନ ବିଭାଗରୁ ଆରମ୍ଭ ହୋଇନଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରୁ ହିଁ ମୁଭ୍ (Move) ହୋଇଥିଲା। କାରଣ ଏହା ଅତ୍ୟନ୍ତ ଗୋପନୀୟ ବ୍ୟାପାର ଏବଂ ମୁଖ୍ୟ ଶାସନ ସଚିବଙ୍କ ବ୍ୟାପାର ଥିବାରୁ ତଳକୁ ଯିବା ପ୍ରଶ୍ନ ନଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରୁ ଯେତେବେଳେ କୌଣସି ଫାଇଲ୍ 'ମୁଭ୍' ହୁଏ, ତାହା ତାଙ୍କ ସଚିବ କିପରି ଜାଣିପାରିବେ ନାହିଁ? ରମାକାନ୍ତ ବାବୁ ପ୍ରତିବାଦରେ ଯଥାର୍ଥରେ କହିଛନ୍ତି, "ମୁଖ୍ୟ ଶାସନ ସଚିବଙ୍କ ଠାରୁ ବହୁ କନିଷ୍ଠ ଜଣେ କର୍ମଚାରୀଙ୍କ ମତ କେନ୍ଦ୍ର ସରକାର ବିନା ତର୍ଜମାରେ ଓ ନନ୍ଦିନୀ ଶତପଥୀଙ୍କ ପରି ଆତ୍ମବିଶ୍ୱାସ ସମ୍ପନ୍ନ ମୁଖ୍ୟମନ୍ତ୍ରୀ ବିନା ଦ୍ୱିଧାରେ ଗ୍ରହଣ କରନେବେ, ଏହା ବିଶ୍ୱାସଯୋଗ୍ୟ କି? ଆମେ ମଧ୍ୟ ଠିକ୍ ଏଇଆ ବିଚାର କରୁ। ତା'ହେଲା ରମାକାନ୍ତ ବାବୁଙ୍କ ମତକୁ କେନ୍ଦ୍ର ସରକାର ତର୍ଜମା କରିବା ପରେ ଆତ୍ମବିଶ୍ୱାସ ସମ୍ପନ୍ନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ବିନା ଦ୍ୱିଧାରେ ଗ୍ରହଣ କରିଛନ୍ତି; ଫଳସ୍ୱରୂପ ମାଥ୍ୟୁସ୍‌ଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ପ୍ରସଙ୍ଗତଃ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କର ଦାୟିତ୍ୱ ହେଉଛି ପରାମର୍ଶଦାତାର ଦାୟିତ୍ୱ। କୌଣସି ସରକାରୀ ଫାଇଲ୍‌ରେ ସ୍ୱନାମରେ କିମ୍ବା ବେନାମୀରେ ଲେଖିବାର ଅଧିକାର ତାଙ୍କର ନାହିଁ (ଦ୍ରଷ୍ଟବ୍ୟ: The Orissa Government Rules of Business made under Article 166 of the Constitution of India) କିନ୍ତୁ ବାସ୍ତବ କ୍ଷେତ୍ରରେ କ'ଣ ହେଉଛି? ଏଠି ଆଉ ଏକ ପ୍ରସଙ୍ଗର ଆମେ ଅବତାରଣା

Digitized by srujanika@gmail.com

କରୁଛୁ। ଜରୁରୀ ପରିସ୍ଥିତି ସମୟରେ କେବଳ ମାଥ୍ୟୁସ୍ ନୁହଁନ୍ତି, ଗୋଟିଏ ଦିନରେ ହଠାତ୍ ୩୮୦ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଗଲା। ଏଥିରେ ପୋଲିସ୍ ବିଭାଗର ବହୁ କର୍ମଚାରୀ ଅନ୍ତର୍ଭୁକ୍ତ। ଏ ସମସ୍ତଙ୍କ ଫାଇଲ୍ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଆସିଥିଲା। ସମସ୍ତଙ୍କ ଗୋପନୀୟ ଚରିତ୍ର ପଞ୍ଜିକା ମଧ୍ୟ ତା' ସଙ୍ଗରେ ଥିବ। ରମାକାନ୍ତ ବାବୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ରୂପେ କି ପରାମର୍ଶ ଦେଇଥିଲେ ? ଏହି କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଦକ୍ଷ ଓ ସଚ୍ଚୋଟ ଥିଲେ। ସେମାନଙ୍କ ଚରିତ୍ର ପଞ୍ଜିକା ସେମାନଙ୍କ ଚରିତ୍ରର ନିର୍ମଳତା ପ୍ରମାଣ କରୁଥିଲାବେଳେ ସେମାନେ କିପରି ଚାକିରି ହରାଇଲେ ? ଆମେ ଏତେ ଜୋର୍ ଦେଇ ଏକଥା କହିବାର ଏକମାତ୍ର କାରଣ ହେଉଛି, ଜନତା ସରକାର (୧୯୭୭-୮୦) ସମୟରେ ଏହି ଘଟଣାର ବିଚାର ପାଇଁ ଜଷ୍ଟିସ୍ ବୀରେନ୍ଦ୍ର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ସମସ୍ତ କର୍ମଚାରୀଙ୍କ ଚରିତ୍ର ପଞ୍ଜିକା ତନ୍ନତନ୍ନ କରି ପରୀକ୍ଷା କରିଥିଲେ। ସେମାନଙ୍କ ବିରୋଧରେ ଖଞ୍ଜା ହୋଇଥିବା ଅଭିଯୋଗ ଗୁଡ଼ିକର ଅନୁସନ୍ଧାନ ମଧ୍ୟ କରିଥିଲେ। ଏହି କମିଟିର ଅନ୍ୟ ଦୁଇଜଣ ସଦସ୍ୟ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ (ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ) ଓ ଶ୍ରୀ ହବିବ୍ ମହମ୍ମଦ ସମସ୍ତ ବିଷୟ ବିଚାର କରି ୩୫୮ ଜଣଙ୍କୁ ପୁନଃନିଯୁକ୍ତି ପାଇଁ ସୁପାରିଶ କରିଥିଲେ। ୧୯୭୯ ସାଲ୍ ଫେବୃଆରୀ ୯ ତାରିଖରେ ଓଡ଼ିଶା ମନ୍ତ୍ରିମଣ୍ଡଳ ଏହି ସୁପାରିଶ ଗ୍ରହଣ କରି ସମସ୍ତଙ୍କୁ ଚାକିରିରେ ପୁନଃ ବାହାଲ କରିଥିଲେ। ଏଠି ପ୍ରଶ୍ନ ଉଠୁଛି, କିପରି ଏହି କର୍ମଚାରୀମାନଙ୍କୁ ବିନା ଦୋଷରେ ଚାକିରିରୁ ଅବସର ଦିଆଯାଇଥିଲା ? ଏଥିପାଇଁ କିଏ ଦାୟୀ ? ରମାକାନ୍ତ ବାବୁ ଏ କ୍ଷେତ୍ରରେ ନିଜର ଦାୟିତ୍ୱ ଏଡ଼ାଇପାରିବେ କି ? ସର୍ବଭାରତୀୟ ସ୍ତରର ପ୍ରଶାସକର ଭୂମିକା ସମ୍ପର୍କରେ ସେ ପ୍ରଶ୍ନ ଉଠାଇବା ବେଳେ ବିନା ଦୋଷରେ ଏତେ ଲୋକଙ୍କ ଚାକିରି ନେଇଥିବା ବ୍ୟକ୍ତିମାନଙ୍କ ବିରୋଧରେ କି ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ, ସେକଥା ରମାକାନ୍ତ ବାବୁ କହିବେ କି ? ଏଭଳି ସୁପାରିଶ କରିଥିବା ମୁଖ୍ୟବ୍ୟକ୍ତି ପୋଲିସ୍ ଡି.-ଜି. ନରସିଂହ ସ୍ୱାଇଁ (ଜରୁରୀ ପରିସ୍ଥିତିରେ ଅନ୍ୟତମ ମାର୍ଫତଦାର)ଙ୍କ ବିରୋଧରେ କି ଦଣ୍ଡ ଗ୍ରହଣ କରାଗଲା ? ମାଥ୍ୟୁସ୍ ବା ଅନ୍ୟମାନଙ୍କୁ ଚାକିରିରୁ ନ ହଟାଇବା ପାଇଁ ସେ ପରାମର୍ଶ ଦେଇଥିଲେ ?

ଆଉ ରହିଲା କୁତ୍ସାରହିତ ଶାନ୍ତିମୟ ଜୀବନଯାପନର ପ୍ରଶ୍ନ। ଆମ ମତରେ ମଣିଷର ଅନ୍ତର୍ନିହିତ ଶକ୍ତି ହିଁ ତାକୁ ଶାନ୍ତିମୟ ଜୀବନଯାପନର ମାର୍ଗ ପ୍ରଦର୍ଶନ କରେ। ତା'ର କାର୍ଯ୍ୟ ହିଁ କୁତ୍ସା କିମ୍ବା ପ୍ରଶଂସା ଭୋଗ ପାଇଁ ସୁଯୋଗ

Digitized by srujanika@gmail.com

ଦେଇଥାଏ। ସେଥିରେ ଆମର କିମ୍ବା ଆମର ସମଗୋତ୍ରୀ (ଯଦି କେହି ଥା'ନ୍ତି) ବ୍ୟକ୍ତି ବା ବ୍ୟକ୍ତିମାନଙ୍କର କୌଣସି ଭୂମିକା ନାହିଁ। ତା'ଛଡ଼ା ଆମ ପରି ଜଣେ ଅକିଞ୍ଚନ ବ୍ୟକ୍ତି ରମାକାନ୍ତ ବାବୁଙ୍କ ଭଳି ସମାଜର ଜଣେ ବିଶାଳ ମହାରୁହଙ୍କୁ ଶାନ୍ତିରେ ରହିବାକୁ ସୁଯୋଗ ଦେବାପାଇଁ ସେ ଆମ ପ୍ରତି ଯେଉଁ ଶ୍ଳେଷୋକ୍ତି କରିଛନ୍ତି, ତାହା ବାସ୍ତବରେ ଦୁଃଖଦାୟକ।

କ୍ଷମତାର ଅନ୍ଧଗଳି ସଦାବେଳେ ଦୁର୍ନୀତିକୁ ବୁଝାଏ ନାହିଁ। ଆମେ କୌଣସି ସ୍ଥାନରେ ରମାକାନ୍ତ ବାବୁଙ୍କୁ ଦୁର୍ନୀତି ସହ ସମ୍ପୃକ୍ତ ଥିବାର କହିନାହୁଁ। କିନ୍ତୁ ୧୯୭୪ରୁ ୧୯୭୭ ସାଲ୍ ପର୍ଯ୍ୟନ୍ତ ସେ ଯେଉଁ ସ୍ଥାନରେ ଥିଲେ, ତାହା କେବଳ କ୍ଷମତାର ଅନ୍ଧଗଳି ନଥିଲା - ସାଧାରଣ ମଣିଷର ପରିଚୟ ସେଠି ଗୌଣ ହୋଇପଡ଼ିଥିଲା। ଏହି ସମୟରେ କ୍ଷମତା ଦଣ୍ଡଧରମାନେ ଅଦ୍ଭୁତ ମାନସିକତାର ପ୍ରଭୁ ହୋଇ ଉଠିଥିଲେ। ରମାକାନ୍ତ ବାବୁ ଆଜି ସ୍ୱୀକାର କରନ୍ତୁ ବା ନକରନ୍ତୁ, ସେଇ ପ୍ରଭୁମାନଙ୍କ ମଧ୍ୟରେ ତାଙ୍କ ନାମଫଳକଟି ଉଜ୍ଜ୍ୱଳତାର ସ୍ୱାକ୍ଷର ବହନ କରି ରହିଥିଲା।

ଶେଷରେ ଡଃ ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଉକ୍ତି। ସେ ସମ୍ପର୍କରେ ଆମେ ଅଜ୍ଞ। ଯାହା ପ୍ରକାଶ ପାଇଛି, ତାହାକୁ ହିଁ ଉପସ୍ଥାପିତ କରିଥିଲୁ। ତେଣିକି ଭୁଲ୍ ଠିକ୍ ଡଃ ଦାଶ କହିବେ।

ବରେନ୍ଦ୍ର କୃଷ୍ଣ ଧଳ

ଭୁବନେଶ୍ୱର

•

Digitized by srujanika@gmail.com

# [ ୩ ]

## ଏ ସ୍ୱର କାହାର....

ମହାଶୟ,

ମେ' ୨୦ ତାରିଖ ସମ୍ବାଦରୁ ବରେନ୍ଦ୍ରବାବୁଙ୍କର "ଶ୍ରୀ ରମାକାନ୍ତ ରଥଙ୍କ ପ୍ରତିବାଦର ଉତ୍ତର" ପଢ଼ିଲି। ପଢ଼ି ସ୍ତବ୍ଧ ହେଲି। ଏହାର ଉତ୍ତର କେହି ଜଣେ ଦେବ, ଆଶାରଖି ଅପେକ୍ଷା କଲି। ବୃଥା ଆଶା। ଶେଷରେ ସେଇ ଅପ୍ରୀତିକର ପ୍ରସଙ୍ଗର ଆଲୋଚନା କରିବା ପାଇଁ କଲମ ଧରିଥିବାରୁ ମନ ଦବି ଯାଉଛି। ଓଡ଼ିଆ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ନାନା ଦୁଶ୍ଚିନ୍ତା ମନକୁ ଆସୁଛି। ଦୁଃଖ ଓ କୁଣ୍ଠାର ସହିତ ଏ ଲେଖାଟି ଲେଖୁଛି କହିଲେ କିଏ କାହିଁକି ବିଶ୍ୱାସ କରିବ? ଆମର ଲିପିବଦ୍ଧ ବାକ୍ୟ କିପରି ମିଥ୍ୟା ଓ ପ୍ରବଞ୍ଚନାପୂର୍ଣ୍ଣ ହେଲାଣି, ସେହିକଥା ଦର୍ଶାଉଥିବା ଲେଖାରେ ଲେଖକ ନିଜ ମନୋଭାବ ସମ୍ପର୍କରେ ଯାହା କହୁଛି, ପାଠକମାନେ ତାହା ଗ୍ରହଣ କରିବେ ତ? ଏହିପରି ଦୋଦୁଲ୍ୟମାନ ଚିନ୍ତା ଭିତରେ ଥାଇ ଏ ଲେଖାଟି ଲେଖୁଛି। ଭୁଲ୍ କରୁଛି କି ଠିକ୍ କରୁଛି, ତା'ର ବିଚାର ପାଠକମାନେ କରିବେ।

ମୁଖ୍ୟମନ୍ତ୍ରୀଙ୍କ ଶାସନ ସଚିବ ରମାକାନ୍ତ ରଥଙ୍କ କାର୍ଯ୍ୟକଳାପର ଆଲୋଚନା ଭିତରକୁ ମୁଁ ଆଦୌ ପଶିବି ନାହିଁ। ବରେନ୍ଦ୍ର ବାବୁଙ୍କ ଚିଠିର ସଙ୍ଗତି ଅସଙ୍ଗତି ବିଷୟରେ ଯାହା କହିବି। ବରେନ୍ଦ୍ରବାବୁ ତାଙ୍କ ଚିଠିର ପ୍ରଥମ ପାରାରେ ଲେଖିଲେ, "ବିସ୍ମିତ ହେଲୁ ଏଇଥିପାଇଁ ଯେ, ସମଗ୍ର ପ୍ରତିବାଦ ପତ୍ରଟି (ରମାକାନ୍ତ ବାବୁଙ୍କର) ସମ୍ପୂର୍ଣ୍ଣ ଅନ୍ତଃସାରଶୂନ୍ୟ।" ଯାହାହେଉ, ଏତେ କାଳ ପରେ ରମାକାନ୍ତବାବୁଙ୍କ ଲେଖନୀରୁ ସମ୍ପୂର୍ଣ୍ଣ ଅନ୍ତଃସାରଶୂନ୍ୟ ଲେଖାଟିଏ ବାହାରିଲା, 'ମାପିଚୁପି ଅଙ୍କ କଷିବା ଭଳି' ଶବ୍ଦ ନିର୍ବାଚନ କରୁଥିବା କବିଙ୍କ ଲେଖନୀ ହଠାତ୍ ଦିନେ ଲଗାମଛଡ଼ା ହୋଇ ଯଦି ଏଣୁ ତେଣୁ କିଛି ଗାରେଇ ଦିଏ, ତେବେ କବିଙ୍କର ସହୃଦୟ ପାଠକଙ୍କ ନିକଟରେ ତା'ର ସ୍ୱାଦ ନିଆରା ହେବ। ବରେନ୍ଦ୍ରବାବୁଙ୍କୁ ଏହା ରୁଚିକର ନହେବା ସ୍ୱାଭାବିକ। କାରଣ ତାଙ୍କ ପତ୍ରର ତୃତୀୟ ପାରାରେ ସେ ଲେଖିଛନ୍ତି, "ଆମେ ମାପିଚୁପି ଲେଖୁ, ଅଙ୍କ କଷିଲା ଭଳି ଲେଖୁ।"

ପାଠକେ! ଏ ବାକ୍ୟଟି କାହାର? ଯଦି ଧରିପାରୁ ନାହାନ୍ତି, ତୃତୀୟ ପାରାଟି ଆଉ ଥରେ ପଢ଼ନ୍ତୁ। ଏଇଟି ସମୁଦାୟ ଲେଖା ପରିପ୍ରେକ୍ଷୀରେ ଧୋତି ପଞ୍ଜାବି ଉପରେ ସୁନ୍ଦର ନେକ୍‌ଟାଇଟଏ ଭିଡ଼ିଲା ପରି ଶୋଭାପାଉନି? ତୃତୀୟ ପାରା ପରେ ଚତୁର୍ଥ ପାରାର ଆରମ୍ଭ ବାକ୍ୟଟି ହେଉଛି, "ଏବେ ଆମେ

Digitized by srujanika@gmail.com

ମୂଳ ପ୍ରସଙ୍ଗକୁ ଯିବା।" ମୂଳ ପ୍ରସଙ୍ଗକୁ ଛାଡ଼ି ଅପ୍ରାସଙ୍ଗିକ ଆଲୋଚନାରେ ମାତିବା ଅଙ୍କ କଷିଲା ଭଳି ଲେଖିବାର ନମୁନା।

ତୃତୀୟ ପାରାର ଏଇ କେତୋଟି ବାକ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବରେନ୍ଦ୍ରବାବୁ ଲେଖିଛନ୍ତି, "ସମଗ୍ର ଘଟଣାକୁ ଆମେ ରିଜିନ୍ ବା ହେତୁବାଦ ଉପରେ ନିର୍ଭର କରି ବିଚାର କରୁ। ହେତୁବାଦର ଜନ୍ମ ସିନିସିଜମ୍‌ରୁ। କେତେକ ସିନିସିଜମ୍‌କୁ ଭିନ୍ନ ଅର୍ଥରେ ଦେଖନ୍ତି। ଆମ ମତରେ ସିନିସିଜମ୍ ହେଉଛି ନୂତନ ମୂଲ୍ୟବୋଧ ଓ ନୂତନ ମାନଦଣ୍ଡର ପ୍ରସୂତି ବେଦନା, ଏକ ଦୁଃସହ ଆଧାତ୍ମିକ ଯନ୍ତ୍ରଣା। ସେଥିପାଇଁ ଆମେ ଲେଖୁ ମାପିଚୁପି ଲେଖୁ, ଅଙ୍କ କଷିଲା ଭଳି ଲେଖୁ। ଦୁଃସହ ବେଦନାରେ ଲେଖୁ। ଆମେ କହୁ ପାଦ ଥିଲେ ଚାଲିହୁଏ, ମାତ୍ର କଲମ ଥିଲେ ସମସ୍ତେ ଲେଖିପାରନ୍ତି ନାହିଁ।"

ହେତୁବାଦ ଓ ସିନିସିଜମ୍! ଦୁଃସହ ଆଧାତ୍ମିକ ବେଦନା। କି ନେକ୍‌ଟାଇରେ ବାବା! ହଁ, ସିନେମା ହଲ୍‌ରୁ ଟିକେଟ ନ ପାଇ ଫେରିବା ତ ଅନେକଙ୍କ ପକ୍ଷରେ ଆଧାତ୍ମିକ ଯନ୍ତ୍ରଣା। ଆଉ ଦଣ୍ଡ ପାଇଥିବା ଚରିତ୍ରହୀନ, କୁଚକ୍ରୀଙ୍କ ପ୍ରତି ସମବେଦନାକୁ ଦୀର୍ଘକାଳ ହୃଦୟରେ ଚାପି ରଖିଲେ ଦୁଃସହ ଆଧାତ୍ମିକ ଯନ୍ତ୍ରଣା ହେବ ତ!

କେଉଁ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ସିନିସିଜମ୍‌ର ପ୍ରବକ୍ତା? ଏହାର ଗୋଟିଏ ଉତ୍ତର– ସୁରେନ୍ଦ୍ର ମହାନ୍ତି। ଖ୍ରୀଷ୍ଟାବ୍ଦ ୧୯୮୪ରେ ଅଧ୍ୟାପକ ବିଜୟାନନ୍ଦ ସିଂହଙ୍କ ଦ୍ୱାରା ସମ୍ପାଦିତ "ମୁଁ କାହିଁକି ଲେଖେ" ସଂକଳନରେ ସୁରେନ୍ଦ୍ର ମହାନ୍ତିଙ୍କ ଲେଖାରୁ କେତୋଟି ଧାଡ଼ି ଏଠି ଉଦ୍ଧାର କରୁଛି। ଏଇ ଧାଡ଼ିଗୁଡ଼ିକ ସହିତ ଉପରେ ଉଦ୍ଧାର କରାଯାଇଥିବା ବରେନ୍ଦ୍ରବାବୁଙ୍କ ଲେଖାକୁ ମିଳେଇ ପଢ଼ନ୍ତୁ।

ସୁରେନ୍ଦ୍ରବାବୁ ଲେଖିଛନ୍ତି, "ରିଜିନ୍ ବା ହେତୁବାଦ ଓ ଇମୋସନ୍ ବା ଆବେଗ ମୋ ଲେଖାର ଭିତ୍ତି .... ରିଜିନ୍ ବା ହେତୁବାଦର ଜନ୍ମ ସିନିସିଜମ୍‌ରୁ। ଏ ସିନିସିଜମ୍ ଅନେକଙ୍କ ମତରେ ଏକ ଅସୁସ୍ଥ ମସ୍ତିଷ୍କର ପରିଚୟ। କିନ୍ତୁ ମୋ ମତରେ ସିନିସିଜମ୍ ନୂତନ ମୂଲ୍ୟବୋଧ ଓ ନୂତନ ମାନଦଣ୍ଡ ପ୍ରସୂତି ବେଦନା, ଏକ ଦୁଃସହ ଆଧାତ୍ମିକ ଯନ୍ତ୍ରଣା। ସେଥିପାଇଁ ମୁଁ ଲେଖେ, ଅଙ୍କ କଷିଲା ଭଳି ଲେଖେ, ଏକ ଦୁର୍ବିସହ ବେଦନାରେ ଲେଖେ।"

"କିଏ ଜଣେ ଥରେ କେଉଁ ପ୍ରସଙ୍ଗରେ ଲେଖିଥିଲେ, ଗୋଡ଼ ଥିଲେ ଚାଲିହୁଏ, ମାତ୍ର ହାତ ଥିଲେ ଲେଖିହୁଏନା।"

ତୃତୀୟ ପାରା ଆରମ୍ଭରେ ବରେନ୍ଦ୍ର ବାବୁ ଲେଖିଲେ, "ଅନେକ ସମୟରେ ସତ୍ୟକୁ ଘୋଡ଼ାଇବା ପାଇଁ ନାନାପ୍ରକାର ମାଧ୍ୟମର ପ୍ରୟୋଗ କରାଯାଏ। କିନ୍ତୁ ସତ୍ୟ ସଦାବେଳେ ସତ୍ୟ।" ସତ୍ୟ ପ୍ରତି ଏତେ ଅନୁରକ୍ତି ପ୍ରକାଶ କରି ଧାଡ଼ିକ

Digitized by srujanika@gmail.com

ପରେ ଆରମ୍ଭ ହୋଇଗଲା। ସୁରେନ୍ଦ୍ରବାବୁଙ୍କ ଲେଖାକୁ ଟିକିଏ ଏକଡ଼ ସେକଡ଼ କରି କୋଉଠି 'ମୁଁ'କୁ 'ଆମେ', ଦୁର୍ବିସହକୁ ଦୁଃସହ କରିବାର ଅଙ୍କକଷା। ଧନ୍ୟ ଏ ସତ୍ୟପ୍ରୀତି !

ବର୍ତ୍ତମାନ ବ୍ୟାପାରଟିର ଅନ୍ୟାନ୍ୟ ଦିଗ ଦେଖାଯାଉ। ସୁରେନ୍ଦ୍ରବାବୁ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ସ୍ରଷ୍ଟା। ତାଙ୍କର ଅଗଣିତ ପାଠକପାଠିକା, ଅନେକ ଗୁଣମୁଗ୍ଧ ଲେଖକ ଓ ସମାଲୋଚକ ଅଛନ୍ତି। ତା'ସତ୍ତ୍ୱେ ଜଣେ ତାଙ୍କ ଲେଖାରୁ କେଇ ଧାଡ଼ି ନିଜ ନାମରେ ଚଳେଇ ନେବାକୁ ସାହସ କଲେ। ତାହା ପୁଣି ଆଉ ଜଣେ ବିଶିଷ୍ଟ ଓଡ଼ିଆ କବିଙ୍କ ପ୍ରତି ଅସ୍ୱ ଭାବେ ବ୍ୟବହାର କରି ! ଶେଷରେ ଏକଥା 'ସମ୍ବାଦ'ରେ ପ୍ରକାଶ ପାଇବାକୁ ଥିଲା। କହିବାର ତାତ୍ପର୍ଯ୍ୟ, ସୁରେନ୍ଦ୍ର ବାବୁ କେବଳ ଜଣେ ବିଶିଷ୍ଟ ସାହିତ୍ୟିକ ନୁହନ୍ତି, ସେ ଥିଲେ 'ସମ୍ବାଦ'ର ସମ୍ପାଦକ। ସମ୍ପାଦନା ଦାୟିତ୍ୱରୁ ଅବ୍ୟାହତି ନେଲାପରେ ମଧ୍ୟ 'ସମ୍ବାଦ' ସହିତ ତାଙ୍କର ନିବିଡ଼ ସମ୍ପର୍କ ଥିବା କଥା ସମସ୍ତେ ଜାଣନ୍ତି। ସୁରେନ୍ଦ୍ରବାବୁଙ୍କ ପ୍ରତି ସମ୍ବାଦ ପରିବାରର ଶ୍ରଦ୍ଧା ଓ ଭକ୍ତି ବିଷୟ ଜଣାଶୁଣା। ଏହାସତ୍ତ୍ୱେ ..... ସେ ଆଖି ବୁଜୁ ନବୁଜୁଣୁ....।

ଏକଥା ଅନ୍ୟ କୌଣସି ପ୍ରଦେଶରେ ସମ୍ଭବ ? ଜଣେ ପ୍ରତିଷ୍ଠିତ ଲେଖକ ଆଖି ନ ବୁଜୁଣୁ ଦଶବର୍ଷ ତଳେ ପ୍ରକାଶିତ ତାଙ୍କରି ଗୋଟିଏ ଲେଖାରୁ କିଛି ଅଂଶ ଜଣେ ଆତ୍ମସାତ୍ କରିଦେବ ? କରିବାକୁ ସାହସ କରିବ ? ଏଠି କାହିଁକି ତାହା ସମ୍ଭବ ହେଉଛି ଭାବିଲେ ଅବଶ ଲାଗେ। କାରଣ ଓଡ଼ିଶାରେ ସାହିତ୍ୟର ରକ୍ଷକ କେହି ନାହାନ୍ତି। କବି, ଲେଖକମାନେ ନିଜ ନିଜ ଲେଖାକୁ ନେଇ ଭୋଳ। ସେମାନେ ନିଜ ନିଜ କୋଠରୀକୁ ସଫା ରଖିଛନ୍ତି। ସାହିତ୍ୟ ପ୍ରାଙ୍ଗଣଟି ପରିଷ୍କାର ଥାଉ ବା ଅପରିଷ୍କାର ହେଉ, ସେଥିରେ ସେମାନଙ୍କର କିଛି ଯାଏଆସେ ନାହିଁ। ଓଡ଼ିଆ ସାହିତ୍ୟିକ ବାତାବରଣ ବିଷୟରେ ବରେନ୍ଦ୍ରବାବୁ ଆଦୌ ଅନଭିଜ୍ଞ ନୁହନ୍ତି। ସେ ଭଲକରି ଏହାର ଦୁର୍ବଳତା ଜାଣିଛନ୍ତି ଓ ପକ୍କା ଖେଳାଳି ପରି ଚାଲ୍ ଚଳେଇବାକୁ ସାହସ କରିଛନ୍ତି। ତେବେ ତାଙ୍କର ଅତ୍ୟଧିକ ଆତ୍ମପ୍ରତ୍ୟୟ ତାଙ୍କୁ ଅସୁବିଧାରେ ପକାଇଦେଲା।

ଓଡ଼ିଶାର ସାହିତ୍ୟିକ ବାତାବରଣକୁ ସାମାନ୍ୟ ଭାବେ ପରିବର୍ତ୍ତିତ କରିବାର ଶକ୍ତି ମୋର ନାହିଁ। ଅଥଚ ଚୁପ୍ ବି ରହିହେଉନି। ଚୁପ୍ ରହିଲେ ଯଦି ଅବଶ ଲାଗୁ ନଥାନ୍ତା, ତେବେ ମୁଁ ଅବଶ୍ୟ ଚୁପ୍ ରହନ୍ତି।

ଶରତ କୁମାର ମହାନ୍ତି
ଭୁବନେଶ୍ୱର

•

Digitized by srujanika@gmail.com

# [ ୪ ]

## ପଶାପାଲିର ଗୋଟି.....

ମହାଶୟ,

ଶ୍ରୀ ଶରତ କୁମାର ମହାନ୍ତିଙ୍କୁ ଅଶେଷ ଧନ୍ୟବାଦ। "ଏ ସ୍ୱର କାହାର"କୁ ମିଶାଇ ଆମର "ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ" ସିରିଜ୍‌ର ଚତୁର୍ଥ ଓ ପଞ୍ଚମ ଭାଗର ନିବନ୍ଧ ଉପରେ ସେ ଦୁଇଟି ପ୍ରତିବାଦମୂଳକ ନିବନ୍ଧ ଲେଖିଲେଣି। ତାଙ୍କୁ ଆମେ ଏଇଥିପାଇଁ ଧନ୍ୟବାଦ ଜଣାଉଛୁ ଯେ, ଆମ ନିବନ୍ଧଗୁଡ଼ିକୁ ସେ ବିବଦମାନ ସ୍ଥିତିକୁ ନେଇ ଆସିଛନ୍ତି। ଆମେ ଆମର ପୂର୍ବ ଉତ୍ତରରେ କେତେଗୁଡ଼ିଏ କଥା କହିବା ପାଇଁ ସଂକୋଚ କରିଥିଲୁ। ଶରତ ବାବୁ ଏହାକୁ ବିବଦମାନ ସ୍ଥିତିକୁ ନେଇ ଆସିବା ଫଳରେ ଏବେ ଆମେ ମାପିଚୁପି ଅଙ୍କ କଷିଲା ଭଳି ତାଙ୍କର ସମସ୍ତ ପଏଣ୍ଟର କେବଳ ଉତ୍ତର ଦେବୁନାହିଁ, ଯଥାର୍ଥ ଭାବେ ସମ୍ମୁଖୀନ ହେବୁ। ସେଇଥିପାଇଁ ଆଉ ଥରେ ତାଙ୍କୁ ଧନ୍ୟବାଦ।

ଶରତ ବାବୁ ଆମର "ରମାକାନ୍ତବାବୁଙ୍କ ପ୍ରତିବାଦର ଉତ୍ତର"ରେ 'ଅନ୍ତଃସାରଶୂନ୍ୟ' ଶବ୍ଦଟି ଦେଖି କେବଳ ସ୍ତବ୍ଧ ହୋଇନାହାନ୍ତି, ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଛନ୍ତି। ଶରତ ବାବୁଙ୍କ ଗୋଚରାର୍ଥେ ଆମେ ବରେନ୍ଦ୍ର କୃଷ୍ଣ ଧଳ, ପି: ସ୍ୱର୍ଗତଃ ସୁରେନ୍ଦ୍ର ନାଥ ଧଳ, ସାକିନ୍: ଚର୍ଚ୍ଚିକା, ପୋ:/ଅ: ବାଙ୍କୀ, ଜି: କଟକ (ଜାତିରେ କ୍ଷତ୍ରିୟ) ଜଣାଇବାକୁ ଚାହୁଁ ଯେ, ଏହି ଶବ୍ଦଟି ଆମର ନିଜସ୍ୱ ନୁହେଁ। ଏହାକୁ ଆମେ ରମାକାନ୍ତ ବାବୁଙ୍କ ପ୍ରତିବାଦରୁ ଚୋରି କରିଛୁ। ସେ ଏହି ଶବ୍ଦ ଆମ ଲେଖା ପ୍ରତି ପ୍ରୟୋଗ କରିଥିଲେ। ଶରତ ବାବୁ ରମାକାନ୍ତ ବାବୁଙ୍କ ପ୍ରତିବାଦଟି ନ ପଢ଼ି ଆମ ଉତ୍ତରଟି ପଢ଼ି 'ଅନ୍ତଃସାରଶୂନ୍ୟ' ଶବ୍ଦ ଦେଖି ବିଗିଡ଼ି ଯାଇଛନ୍ତି। ଏ ଶବ୍ଦ ଆମ ଭଳି ଜଣେ ଗଣ୍ଡମୂର୍ଖ ପାଇବ କେଉଁଠୁ ? ତେଣୁ ଶରତ ବାବୁଙ୍କୁ ଅନୁରୋଧ ପ୍ରଥମେ ରମାକାନ୍ତ ବାବୁଙ୍କ ପ୍ରତିବାଦଟିକୁ ଭଲଭାବେ ପଢ଼ନ୍ତୁ।

ଶରତ ବାବୁ ପୁଣି ଲେଖିଛନ୍ତି, "ମାପିଚୁପି ଅଙ୍କ କଷିବା ଭଳି" ଶବ୍ଦ ନିର୍ବାଚନ କରୁଥିବା କବିଙ୍କ ଲେଖନୀ ହଠାତ୍ ଦିନେ ଲଗାମଛଡ଼ା ହୋଇ ଯଦି ଏଣୁ ତେଣୁ କିଛି ଗାରେଇ ଦିଏ, ତେବେ କବିଙ୍କର ସହୃଦୟ ପାଠକଙ୍କ ନିକଟରେ ତା'ର ସୁଆଦ ନିଆରା ହେବ।" ଶରତବାବୁ ରମାକାନ୍ତ ବାବୁଙ୍କ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇପଡ଼ି ମୂଳ ଘଟଣା (ପ୍ରଶାସନ)ରୁ ହୁଡ଼ିଯାଇ ଘଟଣାକୁ ସାହିତ୍ୟ ଭିତରକୁ ଟାଣି ଆଣିବାକୁ ଚେଷ୍ଟା କରିଛନ୍ତି। ଆମେ ସମ୍ପୂର୍ଣ୍ଣ ଏକ

Digitized by srujanika@gmail.com

ଭିନ୍ନ ବିଷୟ ଉପରେ ଆଲୋଚନା କରୁଥିବାବେଳେ ରମାକାନ୍ତ ବାବୁଙ୍କ ନାମକୁ ଦେଖି ସେ ଟାଣିଓଟାରି ନିଜକୁ ସେଥିରେ ଭର୍ତ୍ତି କରିଛନ୍ତି।

ଶରତ ବାବୁ ବ୍ୟଙ୍ଗୋକ୍ତି କରି କହିଛନ୍ତି- "ଯାହା ହେଉ, ଏତେ କାଳ ପରେ ରମାକାନ୍ତ ବାବୁଙ୍କ ଲେଖନୀରୁ ସମ୍ପୂର୍ଣ୍ଣ ଅନ୍ତଃସାରଶୂନ୍ୟ ଲେଖାଟିଏ ବାହାରିଲା।" ତା'ର ଅନ୍ୟ ଅର୍ଥ ହେଉଛି, ରମାକାନ୍ତ ବାବୁ ଯାହା ଲେଖିବେ, ତାହା ଆଉ କାହା ପାଇଁ ହେଉ ବା ନହେଉ, ଶରତ ବାବୁଙ୍କ ପାଇଁ ବେଦର ଗାର। ଆଉ ଆମେ ଯେତେ ଅପଗଣ୍ଡ ଅଛୁ, ଯାହା ଲେଖୁ; ତା' ହେଉଛି 'ଅନ୍ତଃସାରଶୂନ୍ୟ'। ରମାକାନ୍ତ ବାବୁଙ୍କର ସମ୍ମାନ, ଆଧିପତ୍ୟ ରକ୍ଷା କରିବା ପାଇଁ ଶରତ ବାବୁ ଆବଶ୍ୟକତା ଠାରୁ ଅଧିକ ବ୍ୟଗ୍ର ହୋଇପଡ଼ିଛନ୍ତି। ଆମେ ଏଇଠି ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ରମାକାନ୍ତ ବାବୁଙ୍କ ପ୍ରତି ଆମର ସମସ୍ତ ସମ୍ମାନ ରହିଛି। ଆମର ପ୍ରତିବାଦ ଉତ୍ତରରେ ଆମେ ଲେଖିଥିଲୁ ଏକ ଭିନ୍ନ ଘଟଣାର ଆଲୋଚନା କରୁ କରୁ ତା' ସହ ସମ୍ପୃକ୍ତ ପାତ୍ର-ପାତ୍ରୀ ଓ ଚରିତ୍ର ସ୍ୱାଭାବିକ ଭାବେ ଆଲୋଚନା ପରିସର ଭିତରକୁ ଆସିବେ।

ଶରତ ବାବୁଙ୍କ ଗୋଚରାର୍ଥେ ଆମେ ତାଙ୍କୁ ୧୯୯୨ ସାଲ୍ ଫେବୃଆରୀ ୨୨ ତାରିଖ ସନ୍ଧ୍ୟା ସାଢ଼େ ୫ଟାରେ ରବୀନ୍ଦ୍ର ମଣ୍ଡପର ଭରପୂର ପ୍ରେକ୍ଷାଳୟ କଥା ସ୍ମରଣ କରାଇଦେଉଛୁ। ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରମାକାନ୍ତ ବାବୁଙ୍କ ଶ୍ରେଷ୍ଠ କବିତା ପୁସ୍ତକ ଉନ୍ମୋଚନ ଅବକାଶରେ ରମାକାନ୍ତ ବାବୁଙ୍କ କବିତ୍ୱ ଓ ଲେଖା ପ୍ରତି ଅତିଶୟ ତୁଚ୍ଛତାଚ୍ଛଲ୍ୟ କରି ନାନା ପ୍ରକାର ବ୍ୟଙ୍ଗୋକ୍ତି ପ୍ରକାଶ କରିଥିଲେ। ଆମର ଯେତେଦୂର ମନେଅଛି, ଶରତ ବାବୁ ସେହି ସଭାରେ ଉପସ୍ଥିତ ଥିଲେ। ତାଙ୍କ ସମେତ ରମାକାନ୍ତ ବାବୁଙ୍କର କେହି ଜଣେ ହେଲେ ବନ୍ଧୁ ବା ସହୃଦୟ ପାଠକ ପ୍ରେକ୍ଷାଳୟରୁ ବିଜୁବାବୁଙ୍କ ମନ୍ତବ୍ୟର ପ୍ରତିବାଦ କରିନଥିଲେ। କିନ୍ତୁ ମଞ୍ଚ ଉପରୁ ଏହି ପ୍ରତିବେଦକ ତା'ର ତୀବ୍ର ପ୍ରତିବାଦ କରିଥିଲା। ଆମେ ବିଜୁବାବୁଙ୍କୁ କହିଥିଲୁ, ଆପଣ ରମାକାନ୍ତ ବାବୁଙ୍କ ସାହିତ୍ୟ ବା କବିତା ସମ୍ପର୍କରେ ଏପରି କହିବା ଉଚିତ ନୁହେଁ। ରମାକାନ୍ତ ବାବୁ କେବଳ ଓଡ଼ିଶାରେ ନୁହନ୍ତି, ସର୍ବଭାରତୀୟ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ କବି। କେନ୍ଦ୍ର ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ସେ ବହୁ ପୁରସ୍କାର ପାଇଛନ୍ତି। କିନ୍ତୁ ବିଜୁବାବୁ ସେହିଭଳି ମାଇକ୍ରୋଫୋନ୍‌ରେ କହିଲେ— He is a big officer. He must have good number of friends among the judges. It is not at all difficult to get an award. ତା'ପରେ ବିଜୁବାବୁ ସେହି ବହିରୁ ଗୋଟିଏ କବିତା ଆବୃତ୍ତି କରି କହିଲେ, "ହୁଁ - ଚନ୍ଦ୍ର ସାଙ୍ଗରେ ରୁମାଲର ତୁଳନା - କି କବିତା

Digitized by srujanika@gmail.com

ଛଏ । ଅଲ୍ ରବିସ୍ ।''

ବିଜୁବାବୁ ଏତେ କଥା କହିଗଲେ, ସବୁ କାଗଜରେ ବଡ଼ ବଡ଼ ଅକ୍ଷରରେ ଏହା ପ୍ରକାଶ ପାଇଲା । କିନ୍ତୁ ଶରତ ବାବୁ ପଦେହେଲେ କେଉଁଠି ପ୍ରତିବାଦ କରି ଲେଖିଲେ ନାହିଁ। ବିଜୁବାବୁଙ୍କ ଭୟରେ ସମ୍ଭବତଃ ସେ ଲେଖିବାକୁ ସାହସ କଲେନାହିଁ। ଅଥଚ ଆମେ ଏକ ଭିନ୍ନ ଘଟଣା ଉପରେ ଲେଖିବାବେଳେ ଶରତବାବୁ ଯେପରି ମାଡ଼ିମକଟି କଣ୍ଟାବାଡ଼ରେ କାନି ପକାଇ କଳି କରିବା ପାଇଁ ଭିଡ଼ି ଆସୁଛନ୍ତି, ତାକୁ ଦେଖି ବାସ୍ତବରେ ଆମେ ବିସ୍ମିତ । ରମାକାନ୍ତ ବାବୁଙ୍କ ପରି ଶରତ ବାବୁଙ୍କୁ ମଧ୍ୟ ଆମେ ସମ୍ମାନ କରୁ । କିନ୍ତୁ ତାଙ୍କ ପାଖରୁ ଏଭଳି ଆଶା କରିନଥିଲୁ ।

ଏବେ ରହିଲା ଓଡ଼ିଆ ସାହିତ୍ୟ। ଯାହାର ବର୍ତ୍ତମାନ ଆଉ ଭବିଷ୍ୟତ ପାଇଁ ଶରତବାବୁଙ୍କର ଦୁଷ୍ଚିନ୍ତାର ଅନ୍ତ ନାହିଁ। ଆମେ ପୁଣି ସେଇ ବିଜୁବାବୁଙ୍କ ପାଖକୁ ଫେରିଯାଉଛୁ। ଓଡ଼ିଶାରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ବିଭିନ୍ନ ସାହିତ୍ୟ ସଭାରେ ବିଜୁବାବୁ ଓଡ଼ିଆ ସାହିତ୍ୟ ପ୍ରତି ଯେପରି ବ୍ୟଙ୍ଗବିଦ୍ରୂପ କରି ବଙ୍ଗଳା ସାହିତ୍ୟ ତୁଳନାରେ ଓଡ଼ିଆ ସାହିତ୍ୟକୁ ଅତ୍ୟନ୍ତ ଦରିଦ୍ର ବୋଲି ଘୋଷଣା କରୁଛନ୍ତି ଏବଂ ତାଙ୍କ ବକ୍ତବ୍ୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଉଛି, ସେ ସମ୍ପର୍କରେ ଶରତ ବାବୁ କେତୋଟି ପ୍ରତିବାଦ ନିବନ୍ଧ ଲେଖିଛନ୍ତି ? ତେଣୁ ସେଇ ଶରତ ବାବୁଙ୍କ ଭାଷାରେ (ଆମେ ତାଙ୍କ ଲେଖା ଚୋରିକଲୁ ବୋଲି ଦୋଷ ଧରିବେ ନାହିଁ) ''ଆମର ଲିପିବଦ୍ଧ ବାକ୍ୟ କିପରି ମିଥ୍ୟା ଓ ପ୍ରବଞ୍ଚନାପୂର୍ଣ୍ଣ ହେଲାଣି, ସେହି କଥା ଦର୍ଶାଉଥିବା ଲେଖାରେ ଲେଖକ ନିଜ ମନୋଭାବ ସମ୍ପର୍କରେ ଯାହା କହୁଛି, ପାଠକମାନେ ତାହା ଗ୍ରହଣ କରିବେ ତ ?''

ଆମେ ଏଇଠି କହିରଖୁ, ବିଜୁବାବୁଙ୍କ ଏହି ବକ୍ତବ୍ୟକୁ ଆମେ ବିରୋଧ କରି ଆମେ ୧୯୯୩ ଜୁଲାଇ ୨୫ ତାରିଖ ରବିବାର ପ୍ରଜାତନ୍ତ୍ରରେ ବିଜୁବାବୁ, ଆନନ୍ଦ ମଠ ଓ ଓଡ଼ିଆ ସାହିତ୍ୟ ଏବଂ ୧୯୯୪ ଏପ୍ରିଲ୍ ୧୪ ତାରିଖ ସମ୍ବାଦରେ ଉତ୍କଳ ଦିବସ, ବତ୍ରିଶ ସିଂହାସନ ଓ ଓଡ଼ିଆର ସ୍ୱାଭିମାନ ଶୀର୍ଷକ ଦୁଇଟି ନିବନ୍ଧ ଲେଖିଛୁ। ଓଡ଼ିଆ ସାହିତ୍ୟ ପାଇଁ ପ୍ରାଣ କାନ୍ଦୁଥିବା ଶରତ ବାବୁ ଏ ଦୁଇଟି ନିବନ୍ଧ ଦେଖି ମତାମତ ଦେବେ କି ?

ଏବେ ଆସନ୍ତୁ ଯିବା ଶରତବାବୁଙ୍କର ଉଭୟ ପ୍ରତିବାଦ ନିବନ୍ଧର ସେଇ ଦୁଇ ବ୍ୟକ୍ତିଙ୍କ ପ୍ରସଙ୍ଗକୁ, ଯେଉଁମାନଙ୍କ ସମ୍ପର୍କରେ ଶରତବାବୁ ସମସ୍ତ ପ୍ରକାର ରୁଚି ବହିର୍ଭୂତ ମନ୍ତବ୍ୟ ଦେଇ କେବଳ କ୍ଷାନ୍ତ ହୋଇନାହାନ୍ତି; ଆମ ପ୍ରତି କଟାକ୍ଷ କରି କହିଛନ୍ତି, ଆମେ ଏମାନଙ୍କୁ ଘଣ୍ଟ ଘୋଡ଼ାଇବାର ଉଦ୍ୟମ ଜାରି ରଖିଛୁ

Digitized by srujanika@gmail.com

ଏବଂ ଏମାନଙ୍କ ପ୍ରତି ସମବେଦନାକୁ ଦୀର୍ଘକାଳ ହୃଦୟରେ ଚାପିରଖି ଦୁଃସହ ଆଧ୍ୟାତ୍ମିକ ଯନ୍ତ୍ରଣା ଭୋଗୁଛୁ। ଆମେ ଆମ ମୂଳ ନିବନ୍ଧର ଦୁଇ ଜଣଙ୍କ ନାମ ଉଲ୍ଲେଖ କରିଥିଲୁ। ସେମାନଙ୍କୁ ବିନା ବିଚାରରେ ଦଣ୍ଡ ଦିଆଯାଇଛି ବୋଲି ଅଭିଯୋଗ ହୋଇଥିବା କଥା ଦର୍ଶାଇଥିଲୁ। ସେ ଦୁହେଁ ହେଲେ - (୧) ଡଃ ଶ୍ରୀରାମ ଚନ୍ଦ୍ର ଦାଶ, ପି: ସ୍ୱର୍ଗତଃ ହାଡ଼ିବନ୍ଧୁ ଦାଶ, ସାକିନ୍: କୁକୁରିଆପଦା, କଟକ ସହର (ବ୍ରାହ୍ମଣ), (୨) ଶ୍ରୀ ଭି.ଏସ୍. ମାଥ୍ୟୁସ୍, ପି: ଏସ୍.ଏଲ୍. ମାଥ୍ୟୁସ, ସାକିନ୍: ସୂର୍ଯ୍ୟନଗର, ଭୁବନେଶ୍ୱର (ଧର୍ମରେ ଖ୍ରୀଷ୍ଟିଆନ)। ଆମର ଏବଂ ଏହି ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କର ପରିଚୟ ଦେବାର ଏକମାତ୍ର କାରଣ ହେଉଛି; ଜାତି, ଧର୍ମ, ଅଞ୍ଚଳ ବା ବୃତ୍ତି କୌଣସିଟିରେ ଏମାନଙ୍କର ଆମ ସହ ସମ୍ପର୍କ ନାହିଁ। ଘଣ୍ଟ ଘୋଡ଼ାଇବା ଓ ସମବେଦନା ଜଣାଇବା ଭଳି ଶକ୍ତି ଶରତବାବୁ ଓ ତାଙ୍କ ବନ୍ଧୁମାନଙ୍କ ଏକଚାଟିଆ ଅଧିକାର, ଆମର ନାହିଁ। କିନ୍ତୁ ଆମେ ଏଠି ବାଧ୍ୟହୋଇ ଏ ଦୁହିଁଙ୍କ ସମ୍ପର୍କରେ ଶରତବାବୁଙ୍କ ନିମ୍ନରୁଚିର ମନ୍ତବ୍ୟର ଉତ୍ତର ଦେବା ଉଚିତ ମନେକରୁଛୁ। ଏଇଥିପାଇଁ ଯେ ଶରତବାବୁଙ୍କର ସତ୍‌ସାହସ ନାହିଁ, ଏମାନଙ୍କ ନାମ ପ୍ରକାଶ କରିବାକୁ ଏବଂ ସେମାନଙ୍କୁ ଉତ୍ତର ଦେବାପାଇଁ ସୁଯୋଗ ଦେବାକୁ।

ଡଃ ଶ୍ରୀରାମଚନ୍ଦ୍ର ଦାଶ ରାଜନୀତି ବିଜ୍ଞାନର (ଉତ୍କଳ ବିଶ୍ୱବିଦ୍ୟାଳୟ) ମୁଖ୍ୟ ପ୍ରଫେସର ରୂପେ ୧୯୬୦ରୁ ୧୯୭୫ ସାଲ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ତାଙ୍କର ୮୪ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଦେଶର ବିଭିନ୍ନ ସ୍ଥାନରେ ଉଚ୍ଚ ପଦବୀରେ ଅବସ୍ଥାପିତ। ଏହି କୃତିତ୍ୱ ଭାରତବର୍ଷରେ ସମ୍ଭବତଃ ଏକମାତ୍ର ତାଙ୍କର। ସେ ସର୍ବଭାରତୀୟ ରାଜନୀତି ବିଜ୍ଞାନ କଂଗ୍ରେସର ସଭାପତି ରହିଥିଲେ। ଶରତବାବୁ କହିଛନ୍ତି, "ଯାହାକୁ ମନ ତାକୁ ଫାଷ୍ଟକ୍ଲାସ୍ ଦେବା ଓ ଛାତ୍ରୀଙ୍କୁ ନିଜ ପ୍ରବୃତ୍ତି ଚରିତାର୍ଥ କରିବା ପାଇଁ ବାଧ୍ୟ କରିବା ତାଙ୍କ ବହିଷ୍କାର ଫାଇଲ୍‌ରେ ଲିପିବଦ୍ଧ ହୋଇ ନଥିବ। ଯେହେତୁ ଏହାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ।" ଯେତେବେଳେ ଶରତବାବୁ ଏଭଳି କାର୍ଯ୍ୟ ସମ୍ପର୍କରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ ବୋଲି ସ୍ୱୀକାର କରୁଛନ୍ତି, ସେତେବେଳେ ଶୁଣାକଥା ବା ଗୁଜବ ଉପରେ ଏଭଳି କୁତ୍ସିତ ମନ୍ତବ୍ୟ ତାଙ୍କରି ସମଗୋତ୍ରୀୟ ଜଣେ ଏତେ ବଡ଼ ପ୍ରଫେସରଙ୍କ ବିରୋଧରେ ଦେଲେ କିପରି ? ପୁନଶ୍ଚ ଏହି ପ୍ରଫେସରଙ୍କ ବହିଷ୍କାର ଫାଇଲ୍ ସେ କିପରି ଦେଖିଲେ ? ଏହା ସରକାରୀ ସ୍ତରର ଅତି ଗୋପନୀୟ ଫାଇଲ୍। ତାଙ୍କୁ ଏହି ଅତି ଗୋପନୀୟ ଫାଇଲ୍ କିଏ ଦେଖାଇଲା, ଦୟାକରି ତାହା ଜଣାଇବେ କି ?

Digitized by srujanika@gmail.com

ଆଉ ଜଣେ ବଡ଼ ହାକିମଙ୍କ ସମ୍ପର୍କରେ ମଧ୍ୟ ସେ ଅନୁରୂପ ମନ୍ତବ୍ୟ ଦେଇଛନ୍ତି ତାଙ୍କର 'ଅଲିଖିତ ନିୟମ' ନିବନ୍ଧରେ। ସେ ଏହି ଉଭୟ ବ୍ୟକ୍ତିଙ୍କ ସମ୍ପର୍କରେ ଯେତେ ଘଟଣା ଜାଣିଛନ୍ତି, ରାଜ୍ୟର ମୁଖ୍ୟ ଶାସନ ସଚିବ ବା ମୁଖ୍ୟମନ୍ତ୍ରୀଙ୍କ ସଚିବ ମଧ୍ୟ ତାହା ଜାଣିନାହାନ୍ତି। ଏତେ କଥା ସେ ଜାଣି ଏବଂ ନିଶ୍ଚିତ ହୋଇଥିବା ବେଳେ ଏହି ହାକିମଙ୍କ ନାଁଟିକୁ ଦେଲେନାହିଁ କିପରି ? ତେବେ ଆମେ ଆମ ନିବନ୍ଧରେ ଯେଉଁ ହାକିମଙ୍କ ନାମ ଉଲ୍ଲେଖ କରିଥିଲୁ, ତାଙ୍କ ନାମ ଶ୍ରୀ ଭି.ଏସ୍. ମାଥ୍ୟୁସ। ଶ୍ରୀ ମାଥ୍ୟୁସ୍‌ଙ୍କ ସମ୍ପର୍କରେ ନିଜେ ଶ୍ରୀ ରମାକାନ୍ତ ରଥ ଯାହା କହିଛନ୍ତି, ତା'ହେଲା "ଶ୍ରୀ ମାଥ୍ୟୁସ୍‌ଙ୍କ ପ୍ରତି ମୋର ଶତ୍ରୁତା କେବେ ନଥିଲା। ଏପର୍ଯ୍ୟନ୍ତ ଆମ ଦୁହିଁଙ୍କ ପରିବାର ମଧ୍ୟରେ ବିପୁଳ ସଦ୍‌ଭାବ ଓ ବନ୍ଧୁତା ରହିଛି। ତାଙ୍କର ଅବସର ଗ୍ରହଣ ମତେ କେତେ ବ୍ୟଥିତ କରିଥିଲା, ସେ ନିଜେ ଜାଣନ୍ତି।" ରମାକାନ୍ତବାବୁଙ୍କ ଉକ୍ତି ଦେଖିବା ପରେ ଶରତବାବୁ ସେଇ ବଡ଼ ହାକିମଙ୍କ ଚରିତ୍ର ସମ୍ପର୍କରେ କ'ଣ କହିବେ ?

ଏବେ ରହିଲା ଶରତବାବୁଙ୍କ ବାଜିମାତ୍ କରିବା ବିଷୟ। ଶରତବାବୁ ମୂଳ ପ୍ରସଙ୍ଗୁ ହୁଡ଼ିଯାଇ ଯଶସ୍ୱୀ ସାମ୍ବାଦିକ ଓ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ କେଉଁ ଲେଖାର ଦୁଇଟି ଲାଇନ୍ ଆମ ନିବନ୍ଧ ଭିତରକୁ ପଶିଆସିଛି ବୋଲି ଦେଖି ତାଙ୍କ ଜିତାପଟ ହୋଇଗଲା ବୋଲି ଆନନ୍ଦ ଉଲ୍ଲାସରେ ଫାଟି ପଡ଼ିଛନ୍ତି। ଏବଂ 'ଏ ସ୍ୱର କାହାର' ପ୍ରତିବାଦ ନିବନ୍ଧରେ ବହୁ ପରିଶ୍ରମ କରି ଏହା ପ୍ରମାଣ କରିବାକୁ ଉଦ୍ୟମ କରିଛନ୍ତି। ଶରତବାବୁଙ୍କ ଭାଷାରେ ନିଜେ ସୁରେନ୍ଦ୍ର ବାବୁ ଲେଖିଛନ୍ତି, "କିଏ ଜଣେ ଥରେ କେଉଁ ପ୍ରସଙ୍ଗରେ ଲେଖିଥିଲେ, ଗୋଡ଼ ଥିଲେ ଚାଲି ହୁଏ, ମାତ୍ର ହାତ ଥିଲେ ଲେଖିହୁଏନା।" ଏହାର ଅର୍ଥ କ'ଣ ସୁରେନ୍ଦ୍ରବାବୁ ଏହା କେଉଁଠୁ କପି କରିଛନ୍ତି ? ଆମ ମତରେ ତାଙ୍କୁ ଏହି ଦୁଇ ଲାଇନ୍ ଭଲ ଲାଗିଛି ଏବଂ ତାଙ୍କ ପ୍ରବନ୍ଧରେ ତା'ର ଅବିକଳ ଉଦ୍ଧାର କରିଛନ୍ତି। କିନ୍ତୁ ଲେଖକଙ୍କ ନାମ ଉଲ୍ଲେଖ କରିନାହାନ୍ତି। ଠିକ୍ ସେହିଭଳି ସୁରେନ୍ଦ୍ର ବାବୁଙ୍କର ଯେଉଁ ଦୁଇ ଲାଇନ୍ ଆମ ପ୍ରବନ୍ଧରେ ପଶିଯାଇଛି, ସମ୍ଭବତଃ ଆମେ କେଉଁଠାରୁ ଶୁଣିଥିଲୁ। ଆମକୁ ଭଲ ଲାଗିଥିଲା ଏବଂ ଆମେ ସେଥିରେ ବିଶ୍ୱାସ କରୁ ମଧ୍ୟ। ତେଣୁ ତାହାକୁ ଆମେ ବ୍ୟବହାର କରିଛୁ। ସୁରେନ୍ଦ୍ରବାବୁଙ୍କ ସମ୍ପୃକ୍ତ ପ୍ରବନ୍ଧ ଆମେ ପଢ଼ିନାହୁଁ। ଏଥିରେ ଶରତବାବୁ ଏତେ ଉଲ୍ଲସିତ ହେବାର କ'ଣ ଅଛି। କିମ୍ବା ଏଥିରେ ଏଭଳି କି ଗୁରୁତର ପ୍ରଣବ ଅଶୁଦ୍ଧ ହୋଇଗଲା ଆମେ ବୁଝିପାରୁନୁ।

ନିବନ୍ଧ ଶେଷ କରିବା ପୂର୍ବରୁ ଆମେ ସେଇ ପ୍ରବନ୍ଧ ଗ୍ରୀକ୍ ଦାର୍ଶନିକ ଦାଇଅ ଜିନିଷଙ୍କ କଥାକୁ ଯିବା। ଦାଇଅ ଜିନିଷ ତଳେ ବସି ନଙ୍ଗପଡ଼ି ଖରା

Digitized by srujanika@gmail.com

ପୂଆଉଁଥିବା ବେଳେ ଆଲେକ୍‌ଜାଣ୍ଡାର ତାଙ୍କ ନିକଟକୁ ଯାଇ କହିଲେ– ମୁଁ ସମ୍ରାଟ ଆଲେକ୍‌ଜାଣ୍ଡାର। ମୁଣ୍ଡ ତଳକୁ ପୋତି ଖରା ପୂଆଉଁଥିବା ସିନିସିଜମ୍‌ର ଆଦିପ୍ରବକ୍ତା ଦାଇଅ ଜିନିଷ ବିରକ୍ତ ହୋଇ କହିଲେ ଘୁଞ୍ଚିକରି ଠିଆହୁଅ– ଖରାକୁ ଆଡୁଆଳ କରନାହିଁ।

ଶରତବାବୁଙ୍କ ଭାଷାରେ ସିନିସିଜମ୍‌ର ପ୍ରବକ୍ତା ସୁରେନ୍ଦ୍ର ମହାନ୍ତି ଆଜି ବଞ୍ଚିଥିଲେ କହିଥାନ୍ତେ– "ହେ ଶରତବାବୁ, ପାରୁଛ ଯଦି ଦ୍ୟୂତକାର ହୁଅ, କାହା 'ପାଲି'ର ଗୋଟି ହୁଅନାହିଁ।"

ବରେନ୍ଦ୍ର କୃଷ୍ଣ ଧଳ

●

Digitized by srujanika@gmail.com

[ ୫ ]

'ସମ୍ବାଦ'ର ମୁକ୍ତ ବିଚାର ସ୍ତମ୍ଭରେ ପ୍ରକାଶିତ ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳଙ୍କ ପ୍ରବନ୍ଧ ଓ ତହିଁରେ ଥିବା କେତେକ ପ୍ରସଙ୍ଗକୁ ନେଇ ଶ୍ରୀ ଶରତ କୁମାର ମହାନ୍ତିଙ୍କ ପ୍ରତିବାଦ ପରିପ୍ରେକ୍ଷୀରେ ଆମେ ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ ଓ ସାମ୍ବାଦିକ ଶ୍ରୀ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ଦୁଇଟି ଚିଠି ପାଇଛୁ।

ଶ୍ରୀ ଶରତ କୁମାର ମହାନ୍ତି ତାଙ୍କର 'ଅଲିଖିତ ନିୟମ' ଶୀର୍ଷକ ଆଲୋଚନାରେ ଦେଇଥିବା କେତେକ ଆକ୍ଷେପୋକ୍ତିର ପ୍ରତିବାଦ କରି ଡକ୍ଟର ଦାଶ ଲେଖିଛନ୍ତି, ବରିଷ୍ଠ ସାମ୍ବାଦିକ ବରେନ୍ଦ୍ର କୃଷ୍ଣ ଧଳ ଗୋଟିଏ ଗୁରୁତର ପ୍ରଶ୍ନ (ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ) ଉପରେ ଅନୁସନ୍ଧାନ କରୁଥିବାବେଳେ ଶ୍ରୀ ଶରତ ମହାନ୍ତି ସେହି ଅନୁସନ୍ଧାନର ଗୁରୁତ୍ୱ ନବୁଝି ମୋ ସମ୍ପର୍କରେ ଯେଉଁ ଧରଣର କୁତ୍ସାରଟନା କରିଛନ୍ତି, ତାହା ଅତ୍ୟନ୍ତ ଆପତ୍ତିଜନକ। ଶ୍ରୀ ମହାନ୍ତି ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା କୌଣସି ତଥ୍ୟ ସଂଗ୍ରହ ନକରି ମୋ' (ଡଃ ଦାଶ) ଭଳି ଜଣେ ବରିଷ୍ଠ ବୟସ୍କ ଅଧ୍ୟାପକଙ୍କ ଚରିତ୍ର ସଂହାର କରିଥିବାରୁ ମୁଁ ଏହାର ଘୋର ପ୍ରତିବାଦ କରୁଛି। ସେହିପରି ସାମ୍ବାଦିକ ଶ୍ରୀ ପଟ୍ଟନାୟକ 'ଅଲିଖିତ ନିୟମ' ଶୀର୍ଷକ ଆଲୋଚନାକୁ ଏକ ସଙ୍ଗତିହୀନ ରଚନା ଭାବେ ଅବିହିତ କରି ଏହାଦ୍ୱାରା ଶ୍ରୀ ଶରତକୁମାର ମହାନ୍ତି ପାଠକଙ୍କ ଦୃଷ୍ଟିକୁ ଭିନ୍ନ ଆଡ଼କୁ ଘେନିଯିବା ପାଇଁ ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଲେଖିଛନ୍ତି ଯେ, ବରେନ୍ଦ୍ରବାବୁ ବୃତ୍ତ୍ୟାନୁରୂପ ନିର୍ଲିପ୍ତତାର ସହ ମେ' ୧୦ର 'ସମ୍ବାଦ'ରେ ''ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ'' ଶୀର୍ଷକ ଆଲୋଚନାରେ ଶ୍ରୀ ରମାକାନ୍ତ ରଥ ଜରୁରୀକାଳୀନ ପରିସ୍ଥିତି ବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଥାଇ କେତେକ ନୀତିଗର୍ହିତ କାର୍ଯ୍ୟ ସମ୍ପାଦନ କରିଥିବାର ଯେଉଁ ସୂଚନା ଦେଇଥିଲେ, ତାହାକୁ ଶ୍ରୀ ରଥ ତାଙ୍କର ପ୍ରତିବାଦ ମାଧ୍ୟମରେ ଖଣ୍ଡନ କରିବାକୁ ଉଦ୍ୟମ କରି ସମ୍ପୂର୍ଣ୍ଣ ସଫଳକାମ ନ ହେବାରୁ ଶ୍ରୀ ରଥଙ୍କ ପ୍ରଶାସନିକ ଅସଙ୍ଗତି ପ୍ରସଙ୍ଗରୁ ଜନମାନସକୁ ଭିନ୍ନମୁଖୀ କରାଇବା ପାଇଁ ଶ୍ରୀ ମହାନ୍ତିଙ୍କ ମାଧ୍ୟମରେ ଚେଷ୍ଟା କରାଯାଇଛି ବା ଶ୍ରୀ ମହାନ୍ତି ଜାଣିଶୁଣି ପରିବାଣୁଆ ଭୂମିକା ନିର୍ବାହ କରିବାକୁ ଆଗେଇ ଆସିଛନ୍ତି।

ଇତିମଧ୍ୟରେ ଶ୍ରୀ ଶରତ କୁମାର ମହାନ୍ତି 'ଏ ସ୍ୱର କାହାର' ଶୀର୍ଷକ ଅଭିମତରେ ସାମ୍ବାଦିକ ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତିଙ୍କ ଏକ ଲେଖାରୁ କିଛି ଧାଡ଼ି ଉଠେଇ ଆଣିଥିବା ନେଇ ଯେଉଁ ଅଭିଯୋଗ କରିଥିଲେ,

Digitized by srujanika@gmail.com

ତାହାକୁ ଶ୍ରୀ ଧଳ ସ୍ୱୀକାର କରିବା ସଂଗେ ସଂଗେ ତାଙ୍କର ଅସଲ ଉଦ୍ଦେଶ୍ୟ ପ୍ରଶାସନର ବିଷବୃକ୍ଷ ଭାବେ ପରିଗଣିତ ମୁଖ୍ୟମନ୍ତ୍ରୀମାନଙ୍କ ଶାସନ ସଚିବଙ୍କ କାର୍ଯ୍ୟକଳାପ ଚର୍ଚ୍ଚା କରିବା ପାଇଁ ଅଭିପ୍ରେତ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି।

ଡକ୍ଟର ଦାଶ ଓ ଶ୍ରୀ ପଟ୍ଟନାୟକଙ୍କ ଉପରୋକ୍ତ ଚିଠି ବ୍ୟତୀତ 'ସମ୍ବାଦ'ର ବହୁ ଶୁଭେଚ୍ଛୁ ପାଠକ ଆଲୋଚନା ପ୍ରସଙ୍ଗରେ ଏବଂ ଟେଲିଫୋନ୍ ଯୋଗେ ଆମର ଦୃଷ୍ଟି ଆକର୍ଷଣ କରି କ୍ରମେ ଏହି ପ୍ରସଙ୍ଗଟି ବ୍ୟକ୍ତିଗତ ସ୍ତରକୁ ଚାଲିଯାଉଥିବା ଦର୍ଶାଇଛନ୍ତି ଓ ବିବାଦଟିର ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ପରାମର୍ଶ ଏବଂ ଅନୁରୋଧ ଜଣାଇଛନ୍ତି।

ଆମେ ସେମାନଙ୍କର ମତକୁ ସମ୍ମାନ ଦେଇ ଏ ବିବାଦଟିକୁ ଆଉ ଅଧିକ ବଢ଼େଇବା ପାଇଁ ଚାହୁଁନାହୁଁ। ତେବେ ଅତି ଦୁଃଖର ସହ ଏତିକି କହିବାକୁ ବାଧ୍ୟ ହେଉଛୁ ଯେ, ଅନାସକ୍ତ ଆଲୋଚନା କରିବାର ଅଭ୍ୟାସ ତଥା ସମାଲୋଚନାକୁ ସହଜ ଭାବରେ ଗ୍ରହଣ କରିବାର ମାନସିକାର ଅଭାବ ଆମର ଭାଷା, ସାହିତ୍ୟ, ସଂସ୍କୃତି ଓ ସବୁକିଛିକୁ ଅଧିକ ଦରିଦ୍ର କରୁଛି।

ଏ ଦାରିଦ୍ର୍ୟରୁ ଶୀଘ୍ର ମୁକ୍ତି ମିଳୁ, ଏହାହିଁ ଜଗନ୍ନାଥଙ୍କ ପାଖେ ଆମର ପ୍ରାର୍ଥନା।

ସୌମ୍ୟରଞ୍ଜନ ପଟ୍ଟନାୟକ
ସମ୍ପାଦକ, ସମ୍ବାଦ

●

Digitized by srujanika@gmail.com

# (୬)

ଓଡ଼ିଶାର ନବମ ମୁଖ୍ୟମନ୍ତ୍ରୀ ରୂପେ ୧୯୭୭ ସାଲ ଡିସେମ୍ବର ୨୦ ତାରିଖରେ ଶ୍ରୀ ବିନାୟକ ଆଚାର୍ଯ୍ୟ ଶପଥ ଗ୍ରହଣ କଲେ। ଓଡ଼ିଶା ରାଜନୀତିରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପରି ଶ୍ରୀ ଆଚାର୍ଯ୍ୟ ଜଣେ ଅଜାତଶତ୍ରୁ ପୁରୁଷ। ତାଙ୍କର ନମ୍ର ଓ ଭଦ୍ର ବ୍ୟବହାର ଅନେକ ସମୟରେ ତାଙ୍କ ଦୁର୍ବଳତାର କାରଣ ହୋଇ ଉଠିଥିଲା। ଫଳରେ ଓଡ଼ିଶାରେ କଂଗ୍ରେସ ଦଳର ନେତୃତ୍ୱ ୧୯୬୯ ସାଲ ପର ଠାରୁ ସେ ଗ୍ରହଣ କରିଥିଲେ ମଧ ୧୯୭୨ରେ ନନ୍ଦିନୀ ଶତପଥୀ ଦିଲ୍ଲୀରୁ ଆସି ମୁଖ୍ୟମନ୍ତ୍ରୀ ହୋଇଗଲେ। ୧୯୭୪ ସାଲରେ ନିର୍ବାଚନ ପରେ ନନ୍ଦିନୀ ଶତପଥୀ ପୁଣି ମୁଖ୍ୟମନ୍ତ୍ରୀ ହୋଇ ୧୯୭୬ ସାଲ ଡିସେମ୍ବର ୧୬ ତାରିଖରେ ଇସ୍ତଫା ଦେଲେ। କଂଗ୍ରେସ ଦଳରେ ଏହାକୁ ସେତେବେଳେ ଅଧିକାଂଶ ନାପସନ୍ଦ କରିଥିଲେ ମଧ ଇନ୍ଦିରାଙ୍କ ଭୟରେ କେହି ପାଟି ଖୋଲିନଥିଲେ।

ଡିସେମ୍ବର ୧୬ ତାରିଖରୁ ଡିସେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଓଡ଼ିଶାର ଅସ୍ଥାୟୀ ରାଜ୍ୟପାଳ ଭାବେ ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀ ଶିବନାରାୟଣ ଶଙ୍କର ଦାୟିତ୍ୱ ଗ୍ରହଣ କଲେ। ଶ୍ରୀ ଏମ୍. ରାମକ୍ରିଷ୍ଣୟା ତାଙ୍କର ପରାମର୍ଶଦାତା ରୂପେ କାର୍ଯ୍ୟ କରିଥିଲେ।

ଶ୍ରୀ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପୂର୍ବ ଦିନ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଓମ୍. ମେହେଟ୍ଟା ତାଙ୍କ ଦପ୍ତରର ଅତିରିକ୍ତ ସଚିବ

ଶ୍ରୀ ବି. ଭେଙ୍କଟରମଣଙ୍କୁ ଧରି ଭୁବନେଶ୍ୱରରେ ପହଞ୍ଚିଲେ। ତତ୍କାଳୀନ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କିଛି ଦିନ ଧରି ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ। ଶ୍ରୀ ଆଚାର୍ଯ୍ୟ ଶପଥ ଗ୍ରହଣ କରିବା ପରେ ଶ୍ରୀ ଭେଙ୍କଟରମଣ ତାଙ୍କର ସଚିବ ରୂପେ ଦାୟିତ୍ୱ ଗ୍ରହଣ କଲେ। ତେବେ ଶ୍ରୀ ଭେଙ୍କଟରମଣ ମୁଖ୍ୟମନ୍ତ୍ରୀଙ୍କ ସଚିବ ଦାୟିତ୍ୱ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟା ଲାଭ କରି ଜଙ୍ଗଲ କର୍ପୋରେସନର ଚେୟାରମ୍ୟାନ୍ ଦାୟିତ୍ୱରେ ଅବସ୍ଥାପିତ ହେଲେ। ସେ ଦରମା ନେଉଥିଲେ ଜଙ୍ଗଲ କର୍ପୋରେସନରୁ ଏବଂ କାମ କରୁଥିଲେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ।

ଶ୍ରୀ ଆଚାର୍ଯ୍ୟଙ୍କୁ ସ୍ୱାଧୀନ ଭାବେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପାଳନ ପାଇଁ ସେତେବେଳେ କଂଗ୍ରେସ ହାଇକମାଣ୍ଡ ସୁଯୋଗ ଦେଇନଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଭେଙ୍କଟରମଣ ଦିଲ୍ଲୀ ଦରବାରରୁ ହୁକୁମନାମା ପାଇ ସିଧା ଓଡ଼ିଶା

Digitized by srujanika@gmail.com

ଆସି କାମରେ ଯୋଗ ଦେଲେ। ବିନାୟକ ଆଚାର୍ଯ୍ୟ ତାଙ୍କୁ ସଚିବ ପଦ ପାଇଁ ବାଛି ନଥିଲେ କିମ୍ବା ଏତେ ସିନିଅର ଜଣେ ଆଇ.ଏ.ଏସ୍. ଅଫିସରଙ୍କୁ ନେବା ପାଇଁ ଇଚ୍ଛୁକ ନଥିଲେ। କେବଳ ସଚିବ ନୁହେଁ ମନ୍ତ୍ରୀମାନଙ୍କୁ ବାଛିବା କ୍ଷେତ୍ରରେ ମଧ୍ୟ ତାଙ୍କର ସ୍ୱାଧୀନତା ନଥିଲା। ସେତେବେଳର କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମନୋନୀତ ବ୍ୟକ୍ତିମାନେ ହିଁ ମନ୍ତ୍ରୀ ହେଲେ। ଜାନକୀ ବାବୁଙ୍କ ପ୍ରଭାବ କିଭଳି ଥିଲା, ତାହା ନିମ୍ନୋକ୍ତ ଘଟଣାରୁ ଜଣାପଡ଼ିବ।

୧୯୭୪ ନିର୍ବାଚନରେ କଂଗ୍ରେସ ଟିକେଟ ନପାଇ କଂଗ୍ରେସ ବିରୁଦ୍ଧରେ ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରି ଡଃ ଯୋଗେଶ ଚନ୍ଦ୍ର ରାଉତ ବାଙ୍କୀରୁ ବିଧାନସଭାକୁ ନିର୍ବାଚିତ ହେଲେ। ଡଃ ରାଉତଙ୍କୁ ଏହି ଦଳବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସ ହାଇକମାଣ୍ଡ ଛ' ବର୍ଷ ଲାଗି ଦଳରୁ ବହିଷ୍କାର କରିଥିଲେ। ବିଧାନସଭାରେ ଡଃ ରାଉତ ସ୍ୱାଧୀନ ସଭ୍ୟ ରୂପେ କାର୍ଯ୍ୟ କରୁଥିଲେ। ବିନାୟକ ଆଚାର୍ଯ୍ୟଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ନାମ ଯେତେବେଳେ ଘୋଷଣା ହେଲା, ଦେଖାଗଲା ସ୍ୱାଧୀନ ସଦସ୍ୟ ଡଃ ଯୋଗେଶ ରାଉତ କୃଷି ଓ ସମବାୟ ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ରୂପେ ମନୋନୀତ ହୋଇଛନ୍ତି। ସେତେବେଳେ ଏହି ଘଟଣା ବେଶ୍ ଆଲୋଡ଼ନ ସୃଷ୍ଟି କରିଥିଲା। ପରେ ଜଣାପଡ଼ିଲା ଜାନକୀବାବୁଙ୍କର ଘନିଷ୍ଠ ବନ୍ଧୁ ରୂପେ ସେ ଡଃ ରାଉତଙ୍କୁ ସ୍ୱାଧୀନ ସଦସ୍ୟ ଥିଲେ ମଧ୍ୟ ମନ୍ତ୍ରୀସଭାର ସଦସ୍ୟ କରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ଉପରୁ ବହିଷ୍କାର ଆଦେଶ ଉଠାଇନେଇ ପୁଣି କଂଗ୍ରେସର ସଭ୍ୟ ରୂପେ ଗ୍ରହଣ କରି ନେଇଛନ୍ତି। ତାଙ୍କୁ ଦଳରେ ୨୪.୩.୭୭ରେ ବିଧିବଦ୍ଧ ଭାବେ ଗ୍ରହଣ କରାଗଲା।

ଆମେ ଏହି ଘଟଣାର ଉଲ୍ଲେଖ କରିବାର ଏକମାତ୍ର କାରଣ ହେଉଛି ରାଜନୈତିକ ସଚ୍ଚା, ସଚ୍ଚୋଟ ଓ ସରଳ ପ୍ରକୃତିର ଲୋକଙ୍କ ଅବସ୍ଥା କ'ଣ ହୁଏ, ତାହା ବିନାୟକ ଆଚାର୍ଯ୍ୟଙ୍କୁ ନ ଦେଖିଲେ ଓ ତାଙ୍କ ସମୟର ରାଜନୀତିକୁ ଅନୁଧ୍ୟାନ ନକଲେ ଜାଣିହେବନାହିଁ।

ଭେଙ୍କଟରମଣ ସାହେବ 'କାହା ଲୋକ' ଥିଲେ? ଆମେ ଏଇ "କାହା ଲୋକ" ଶବ୍ଦ ବ୍ୟବହାର କରିବାର ଏକମାତ୍ର କାରଣ ହେଉଛି ଭାରତର ସର୍ବୋଚ୍ଚ ପ୍ରଶାସନିକ ସେବାର ଅତି ବରିଷ୍ଠ ପଦାଧିକାରୀଗଣ ରାଜନୀତିକ ବ୍ୟକ୍ତିମାନଙ୍କର ପଶାପାଲିର ଗୋଟି ରୂପେ ନିଜକୁ ଯେପରି ବ୍ୟବହାର କରୁଥିଲେ ବା କରି ଆସୁଛନ୍ତି, ତାହା ସାମଗ୍ରିକ ଭାବେ ଗଣତନ୍ତ୍ର ପାଇଁ ଏକ ବିପଦର କାରଣ ହୋଇଉଠିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସଚିବ ହେଉ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ୍ (ପି.ଏମ.ଓ.) ହେଉ ସମ୍ବିଧାନ ବହିର୍ଭୂତ କ୍ଷମତାର ମୁଖ୍ୟସ୍ଥଳ ହୋଇଉଠିଛି।

Digitized by srujanika@gmail.com

ଏହି କ୍ଷମତାର ମୁଖ୍ୟଛଳକୁ ପରିଚାଳିତ କରୁଛନ୍ତି ଏଇ ସର୍ବଭାରତୀୟ ପ୍ରଶାସନିକ ସେବାର କିଛି ଅଧିକାରୀ। କିଛି ଦୁର୍ନୀତିଗ୍ରସ୍ତ ଖାମଖିଆଲି ରାଜନୀତିକ ବ୍ୟକ୍ତିଙ୍କ ହାତବାରିସି ହୋଇ ଏହି ପ୍ରଶାସକମାନେ ଯଦି କାର୍ଯ୍ୟ କରନ୍ତି, ତେବେ ଲୋକଙ୍କ ନିକଟରେ ଏମାନଙ୍କ ଭାବମୂର୍ତ୍ତି କି ଅବସ୍ଥାରେ ପହଞ୍ଚିବ, ସେ ସମ୍ପର୍କରେ କେବେ ଚିନ୍ତା କରିଛନ୍ତି ?

ଏଥର ଆସନ୍ତୁ ଫେରିଯିବା ଭେଙ୍କଟରମଣ ସାହେବଙ୍କ ପ୍ରସଙ୍ଗକୁ। ଶ୍ରୀ ଭେଙ୍କଟରମଣ ଏଇମିତି ଅତ୍ୟନ୍ତ ମିଷ୍ଟଭାଷୀ, ଅମାୟିକ ଭଦ୍ରଲୋକ। ଚେହେରାରେ କୌଳୀନ୍ୟର ଛାପ। ସର୍ବଦା ହସହସ। ଗୋଟିଏ କଥାରେ ଅତ୍ୟନ୍ତ ସୌହାର୍ଦ୍ଧ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ। ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ସଚିବ ରୂପେ ଭେଙ୍କଟରମଣଙ୍କ ଭୂମିକା ସେଭଳି କୌଣସି ଉଲ୍ଲେଖନୀୟ ନୁହେଁ। ଆଚାର୍ଯ୍ୟ ମହାଶୟଙ୍କ ସମଗ୍ର କାର୍ଯ୍ୟକାଳ ମାତ୍ର ୧୨୩ ଦିନ। ତେବେ ଏହି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଳାଷ ପୂରଣ ଦିଗରେ ଭେଙ୍କଟରମଣଙ୍କ ଉଦ୍ୟମ ବା କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରି ନଥିଲା। ବ୍ରହ୍ମପୁର ଠାରେ ଖୋଲାଯାଇଥିବା ଏକ ମହିଳା କଲେଜକୁ ସରକାରୀ କଲେଜରେ ପରିଣତ କରିବା ପାଇଁ ବିନାୟକ ବାବୁଙ୍କ ଇଚ୍ଛା ଥିଲା। ବ୍ରହ୍ମପୁର ଠାରେ ଏହା ସେ ଘୋଷଣା ମଧ୍ୟ କରିଥିଲେ। ମାତ୍ର ସେ ମୁଖ୍ୟମନ୍ତ୍ରୀ ଥିବା ସମୟ ମଧ୍ୟରେ ତାହା ହୋଇପାରିଲା ନାହିଁ।

ତେବେ ଏଠି ଆମେ ଗୋଟିଏ ଦିଗ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ତା' ହେଉଛି ସମଗ୍ର ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ନିଜ ହାତମୁଠା ଭିତରେ ରଖିବା ପାଇଁ ସମସ୍ତ ପ୍ରକାର ଅନୁସୃତ ନୀତି ନିୟମକୁ ଜଳାଞ୍ଜଳି ଦେବାକୁ ପଛାଉନାହାନ୍ତି। ଫଳରେ ରାଜ୍ୟଗୁଡ଼ିକରେ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କର ନିର୍ଦ୍ଦେଶ ଅନୁସାରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ସେ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀଙ୍କର କି ସଚିବଙ୍କର ତାହା ତନଖି କରିବା ପାଇଁ ସମୟ, ସୁବିଧା ବା ସୁଯୋଗ ପାଉନାହାନ୍ତି। ଏହାର ଫଳସ୍ୱରୂପ ସମଗ୍ର ପ୍ରଶାସନରେ ଛାଣୁତ୍ୱ ଦେଖାଯାଉଛି।

ଓଡ଼ିଶାରେ ଏହିଭଳି ଅବ୍ୟବସ୍ଥିତ ଭାବେ କଂଗ୍ରେସ ସରକାର ଚାଲିଥିବା ବେଳେ ୧୯୭୭ ଜାନୁଆରୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଅଚାନକ ଭାବେ ରେଡିଓରେ ଲୋକସଭା ଭଙ୍ଗ ହେବା ଓ ମାର୍ଚ୍ଚ ମାସରେ ନିର୍ବାଚନ କରାଯିବାର ଘୋଷଣା କଲେ। ଫେବୃଆରୀ ୨ ତାରିଖରେ ଜଗଜ୍ଜୀବନ ରାମ, ଏଚ.ଏନ. ବହୁଗୁଣା, ନନ୍ଦିନୀ ଶତପଥୀ ଓ କେ.ଆର୍. ଗଣେଶ କଂଗ୍ରେସ ଦଳ ତ୍ୟାଗକରି କଂଗ୍ରେସ ଫର୍ ଡେମୋକ୍ରାସି ଦଳ ଗଠନ କଲେ। ଏହି

Digitized by srujanika@gmail.com

ଦଳ ଜନତାପାର୍ଟି ସହ ମେଣ୍ଟ କରି ନିର୍ବାଚନ ବୈତରଣୀ ପାର ହେବେ ବୋଲି ନିଷ୍ପତ୍ତି ନେଲେ। ମାର୍ଚ୍ଚ ୧୬ ତାରିଖରୁ ୨୦ ତାରିଖ (୧୯୭୭ ସାଲ୍) ମଧ୍ୟରେ ନିର୍ବାଚନ ହେଲା ଓ ଜନତା ପାର୍ଟି ଅଭୂତପୂର୍ବ ସଫଳତା ଲାଭ କରି ୫୪୨ ଲୋକସଭା ସ୍ଥାନ ମଧ୍ୟରୁ ୨୭୧ଟି ସ୍ଥାନ ଦଖଲ କଲା। କଂଗ୍ରେସ ଦଳ ୧୫୨ଟି ସ୍ଥାନ ଲାଭକଲେ ମଧ୍ୟ ଉତ୍ତର ପ୍ରଦେଶ ସମେତ ଉତ୍ତର ଭାରତରେ ସଂପୂର୍ଣ୍ଣ ମୂଳପୋଛ ହୋଇଗଲା। ମାର୍ଚ୍ଚ ୨୪ ତାରିଖରେ ମୋରାରଜୀ ଦେଶାଇ ଭାରତର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ। ଓଡ଼ିଶାରେ ଜନତାଦଳ ସି.ପି.ଏମ୍. ଓ ସି.ଏଫ.ଡି. ସହଯୋଗିତାରେ ନିର୍ବାଚନ ଲଢ଼ି ୧୬ଟି ସ୍ଥାନ (ଜନତା- ୧୪, ସି.ପି.ଏମ୍.- ୧, ସି.ଏଫ.ଡି.- ୧) ହାସଲ କଲେ। କଂଗ୍ରେସ ୪ଟି ଓ କଳାହାଣ୍ଡିରୁ ପୂର୍ବତନ ମହାରାଜା ଶ୍ରୀ ପି.କେ. ଦେଓ ସ୍ୱାଧୀନ ପ୍ରାର୍ଥୀ କଂଗ୍ରେସ ସମର୍ଥିତ ବିଜୟ ଲାଭ କରିଥିଲେ।

କେନ୍ଦ୍ରରେ ଜନତା ସରକାର ଗାଦିଚ୍ୟୁତ ହେବାପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଚରଣ ସିଂହ ନ'ଟି କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ବିଧାନସଭା ଭାଙ୍ଗି ଦେବାପାଇଁ ରାଜ୍ୟପାଳଙ୍କୁ ସୁପାରିଶ କରିବାକୁ ପରାମର୍ଶ ଦେଇଥିଲେ। ଏହି ରାଜ୍ୟଗୁଡ଼ିକ ହେଲା – ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳ ପ୍ରଦେଶ, ପଞ୍ଜାବ ଓ ହରିୟାନା। ଏଥିମଧ୍ୟରୁ କେତେକ ରାଜ୍ୟ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଏପ୍ରିଲ୍ ୨୯ ତାରିଖରେ ସୁପ୍ରିମକୋର୍ଟ ଏହି ଆବେଦନ ନାକଚ କରିଦେଲେ। ଶେଷରେ ଭାରତର ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ବି.ଡି. ଜଟ୍ଟି ଏପ୍ରିଲ ୩୦ ତାରିଖ ସଂଧ୍ୟା ୭ଟା ୪୦ ମିନିଟ୍ ବେଳେ ଓଡ଼ିଶା ସମେତ ୯ଟି କଂଗ୍ରେସ ଶାସିତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ଦସ୍ତଖତ କଲେ।

୧୯୭୭ ଜୁନ୍ ୧୦ ତାରିଖରେ ସପ୍ତମ ଓଡ଼ିଶା ବିଧାନସଭା ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା। ଏହି ନିର୍ବାଚନରେ ଜନତାଦଳ- ୧୧୦ଟି (୪୯.୨୪%), କଂଗ୍ରେସ- ୨୬ଟି (୩୧.୦୧%), ସି.ପି.ଆଇ.- ୧ (୩.୫୭%), ସି.ପି.ଏମ୍.- ୧ (୦.୮୮%), ସ୍ୱାଧୀନ ସଦସ୍ୟ- ୯ଟି (୧୫.୩୦%) ସ୍ଥାନ ହାସଲ କଲେ। ଜୁନ୍ ୨୬ ତାରିଖରେ ଓଡ଼ିଶାରେ ଶ୍ରୀ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ଜନତା ସରକାର ଗଠିତ ହେଲା।

ଆମେ ମୂଳ ପ୍ରସଙ୍ଗରୁ ବାଧ୍ୟହୋଇ କିଛି ସମୟ ପାଇଁ ଅନ୍ୟ ପ୍ରସଙ୍ଗକୁ ଯାଇଥିଲୁ। କାରଣ ଭାରତୀୟ ରାଜନୀତିକ ଇତିହାସରେ ଏହି ସମୟ ହେଉଛି ଏକ ପରିବୃତ୍ତ କାଳ, ଯାହାକୁ ଇଂରାଜୀ ଭାଷାରେ Transition period କୁହାଯାଏ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହି ପ୍ରଥମ ଥର ପାଇଁ କଂଗ୍ରେସ ଦଳ

Digitized by srujanika@gmail.com

୩୦ ବର୍ଷ ପରେ ସର୍ବୋଚ୍ଚ ଶାସନ କ୍ଷେତ୍ରରୁ ଅତି ଶୋଚନୀୟ ଭାବେ ସ୍ଥାନଚ୍ୟୁତ ହେଲା । ଭାରତର ଅଗଣିତ ସାକ୍ଷର ନିରକ୍ଷର ଜନସାଧାରଣ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ ପାଇଁ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରି ଜନତା ପାର୍ଟିକୁ ଶାସନକୁ ଆଣିଲେ । ଏହାହିଁ ଭାରତୀୟ ଗଣତନ୍ତ୍ରରେ ଏକ ନୂତନ ଦିଗନ୍ତର ସୂତ୍ରପାତ କରିଥିଲା ।

ଏଥର ଆମେ ଆମର ମୂଳ ପ୍ରସଙ୍ଗକୁ ଯିବା । ନୀଳମଣି ବାବୁ ମୁଖ୍ୟମନ୍ତ୍ରୀ ହୋଇ ତାଙ୍କର ସଚିବ ରୂପେ ପ୍ରମୋଟି ଆଇ.ଏ.ଏସ. ଅଫିସର (ଯୁଗ୍ମ ସଚିବ ପାହ୍ୟା) ଶ୍ରୀ ଅକ୍ଷୟ ବିଶ୍ୱାଳଙ୍କୁ ନିଯୁକ୍ତି ଦେଇଥିଲେ । ଏହି ସମୟରେ ମୁଖ୍ୟ ଶାସନ ସଚିବ ଥିଲେ ଶ୍ରୀ କେ. ରାମମୂର୍ତ୍ତି । ଏଇମିତି ଶ୍ରୀ ରାଉତରାୟ ଜଣେ ଥଣ୍ଡା ମିଜାଜ୍‌ର ଲୋକ ଥିଲେ । ରାଜନୀତିକ ପ୍ରଶାସନରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଥିଲା । କାହାରିକୁ ଦଣ୍ଡ ଦେବା ବା ଜୋର୍‌ରେ ବା ବଡ଼ପାଟିରେ କାହାକୁ ଗାଳିଗୁଲଜ କରିବାରେ ସେ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ । ଶ୍ରୀ ଅକ୍ଷୟ ବିଶ୍ୱାଳଙ୍କ ଭଳି ଜଣେ ଜୁନିଅର ଆଇ.ଏ.ଏସ. ଅଫିସରଙ୍କୁ ସେ ତାଙ୍କ ସଚିବ ରୂପେ କାହିଁକି ମନୋନୀତ କଲେ, ତାହା ଅନେକଙ୍କୁ ବିସ୍ମିତ କରିଥିଲା । ଶ୍ରୀ ବିଶ୍ୱାଳ କ୍ଷଣକୋପୀ । ଅନେକ ସମୟରେ ତାଙ୍କ ବ୍ୟବହାର ଅନେକ ବରିଷ୍ଠ ଆଇ.ଏ.ଏସ. ଅଫିସର, ଏପରିକି ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଅପମାନିତ କରିଥିଲା । କିନ୍ତୁ ତାହା ଅନେକ ଚୁପ୍‌ଚାପ୍ ସହିଯାଉଥିଲେ । କାରଣ ମହାଦେବଙ୍କ ସାପ । କିଏ ଲାଞ୍ଜରେ ହାତ ମାରିବ ? ନୀଳମଣି ବାବୁ ଅକ୍ଷୟ ବିଶ୍ୱାଳଙ୍କୁ ନେଇ ଭୁଲ୍ କରିଥିଲେ ବୋଲି ସେତେବେଳେ ଅନେକେ ମତ ଦେଇଥିଲେ । କାରଣ ଅକ୍ଷୟ ବାବୁଙ୍କ ଝିଅ ନୀଳମଣି ବାବୁଙ୍କ ପୁତୁରାକୁ ବିବାହ କରିଥିଲେ । ଅନ୍ୟପକ୍ଷରେ ପୋଲିସ ଆଇ.-ଜି. ଗୋବିନ୍ଦ ସେନାପତି ନୀଳମଣି ବାବୁଙ୍କ ସମୁଦୀ । ସେତେବେଳେ ଅଫିସର ମହଲରେ ଏଇ ସମୁଦୀ (ଅକ୍ଷୟ ବିଶ୍ୱାଳ + ଗୋବିନ୍ଦ ସେନାପତି) ରାଜତ୍ୱ ଚାଲିଛି ବୋଲି ଆଲୋଚନା ଚାଲିଥାଏ । ତେଣୁ ବନ୍ଧୁବାନ୍ଧବ ସମ୍ପର୍କ ଥିବାରୁ ନୀଳମଣି ଅନେକ ସମୟରେ କେତେକ କଥାକୁ ବାଧ୍ୟହୋଇ ଆଖିବୁଜି ଦେଉଥିଲେ ।

ଅକ୍ଷୟ ବିଶ୍ୱାଳଙ୍କର ନିଜସ୍ୱ ଏକ ଗୋଷ୍ଠୀ ଥାଏ । ଯାହା ଅଭିଯୋଗ ହୁଏ, ଏହି ଗୋଷ୍ଠୀ ହିଁ ସମସ୍ତ କାର୍ଯ୍ୟ ଓ ଅକାର୍ଯ୍ୟରେ ମୁଖ୍ୟ କାର୍‌ପଟଦାର ଥିଲେ । ଏହି ଗୋଷ୍ଠୀକୁ ଧରିଲେ ସବୁ କାମ ହୋଇଯିବ ବୋଲି ସାଧାରଣରେ ଧାରଣା ସୃଷ୍ଟି କରାଯାଇଥିଲା । ଅକ୍ଷୟ ବାବୁଙ୍କ ସମ୍ପର୍କରେ ଅନେକ ସମୟରେ କୁହାଯାଏ ଯେ କେତେକ ନିର୍ଦ୍ଦିଷ୍ଟ ଘଟଣାରେ ସେ ନିଜେ ନିଷ୍ପତ୍ତି ନେଇଯାଉଥିଲେ ।

●

Digitized by srujanika@gmail.com

# (୭)

ଶ୍ରୀ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ତାଙ୍କ ସରକାରର ମୁଖ୍ୟ କାର୍ଯ୍ୟ ହୋଇଥିଲା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ବିରୋଧରେ ଆଗତ ହୋଇଥିବା ଦୁର୍ନୀତି ଓ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ତଦନ୍ତ କରିବା। ଏହି ଅଭିଯୋଗ କିନ୍ତୁ ଆଗତ କରିଥିଲେ ବିନାୟକ ଆଚାର୍ଯ୍ୟଙ୍କ ସରକାର। ଆଚାର୍ଯ୍ୟ ସରକାରଙ୍କ ସମୟରେ ୧୯୭୭ ମାର୍ଚ୍ଚ ୭ ତାରିଖରେ ନନ୍ଦିନୀ ଶତପଥୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସମ୍ପର୍କୀୟ ଦୁଇଟି ମକଦ୍ଦମା ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଆଗତ ହୋଇଥିଲା। ଏହି ଦୁଇଟି ଅଭିଯୋଗ ବ୍ୟତୀତ ଆଗତ ହୋଇଥିବା ଅନ୍ୟ ଅଭିଯୋଗ ଗୁଡ଼ିକର ତଦନ୍ତ କରିବା ପାଇଁ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଶ୍ରୀ ରାଜକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଜଣିକିଆ କମିଟି ଗଠନ କରିବା ସକାଶେ ଏପ୍ରିଲ ୩୦ ତାରିଖ ପୂର୍ବାହ୍ଣରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ସମସ୍ତ ଘଟଣା ତତ୍କାଳୀନ କେନ୍ଦ୍ର ପ୍ରତିରକ୍ଷା ଉପମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କରାଯାଇଥିବା କଥା କୁହାଯାଇଥିଲା। ମାତ୍ର ସେହିଦିନ ଅର୍ଥାତ୍ ଏପ୍ରିଲ୍ ୩୦ ତାରିଖ ସଂଧ୍ୟା ଘ.୭.୪୦ ମିନିଟରେ ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ବି.ଡି. ଜଟି ଓଡ଼ିଶା ସମେତ ନ'ଟି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଘୋଷଣାପତ୍ରରେ ଦସ୍ତଖତ କରିବା ଫଳରେ ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ କରିବା ପାଇଁ ବିନାୟକ ଆଚାର୍ଯ୍ୟ ସରକାର ସମୟ ପାଇନଥିଲେ।

ରାଜନୀତିର କ'ଣ ନିଜସ୍ୱ ଭାଷା ଅଛି? ରାଜନୀତିରେ ନିଜସ୍ୱ କିଛି ଆଦର୍ଶ ଅଛି? ଏହି ପ୍ରଶ୍ନ ଅନେକ ବନ୍ଧୁଙ୍କୁ ପଚାରିଛୁ। ଅନେକ ବିଭିନ୍ନ କଥା କହିଛନ୍ତି। ଆମେ ତାକୁ ଆଲୋଚନା ପର୍ଯ୍ୟାଲୋଚନା କଲାପରେ ଏହି ନିର୍ଯାସରେ ପହଞ୍ଚିଲୁ ଯେ, ରାଜନୀତିର ଭାଷା ଅଭିଧାନ ବହିର୍ଭୂତ ଶବ୍ଦାବଳୀ ଏବଂ ଆଦର୍ଶ ହେଉଛି ସୁବିଧାବାଦ। କଂଗ୍ରେସ ମନ୍ତ୍ରିମଣ୍ଡଳର ସମସ୍ତ ନିଷ୍ପତ୍ତି ଜନତା ସରକାର ଗାଦିସୀନ ହେବାପରେ କାଟ୍ ଖାଇଥିଲେ ମଧ୍ୟ ଶ୍ରୀମତୀ ଶତପଥୀଙ୍କ ସମ୍ପର୍କରେ ଗୃହୀତ ନିଷ୍ପତ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବା କ୍ଷେତ୍ରରେ ନୀଳମଣି ରାଉତରାୟଙ୍କ ସରକାର କୁଣ୍ଠା ପ୍ରକାଶ କରିନଥିଲେ। କେବଳ ସେତିକି ନୁହେଁ, ଜନତାଦଳ ରାଜ୍ୟ କମିଟି ବୈଠକ ପରେ ନନ୍ଦିନୀ ଶତପଥୀ ଫେରିବା ବେଳେ ଫରେଷ୍ଟ ପାର୍କ ଜନତାଦଳ ଅଫିସ୍ ବାରଣ୍ଡାରେ ତାଙ୍କୁ ଘେରାଉ କରି ଯେଉଁ ଅକଥ୍ୟ ଭାଷାରେ ଗାଳିଗୁଲଜ କରାଗଲା, ତାହା ଏହି ସାମ୍ବାଦିକ ପ୍ରତ୍ୟକ୍ଷ କରିଥିଲା।

Digitized by srujanika@gmail.com

ସେ ଭାଷା ସମ୍ଭବତଃ ପୃଥିବୀର ଆଦିମତମ ଭାଷାର ପରିଭାଷା କହିଲେ ବେଶି କିଛି ଭୁଲ୍ ହେବନାହିଁ।

ତେବେ ଅନ୍ୟ ଦିଗଟି ମଧ୍ୟ କମ୍ ନୁହେଁ। ଓଡ଼ିଶାରେ ଜରୁରୀ ପରିସ୍ଥିତିର ସର୍ବାର୍ଥସାଧିକା ଶ୍ରୀମତୀ ଶତପଥୀ ନିଜର ଚର୍ମରକ୍ଷା ପାଇଁ ଚନ୍ଦ୍ରଶେଖରଙ୍କ ଜରିଆରେ ଜନତାଦଳ ଭିତରେ ପ୍ରବେଶ କରି କେନ୍ଦ୍ରୀୟ ଜନତା କାର୍ଯ୍ୟକାରୀ କମିଟିର ସଦସ୍ୟ ରୂପେ ଯୋଗ ଦେଇଥାନ୍ତି। କିନ୍ତୁ ଓଡ଼ିଶାରେ ଜନତା ବିଧାୟକ ଦଳ ଓ ଜନତା କାର୍ଯ୍ୟକାରୀ କମିଟି ଏବଂ ସର୍ବୋପରି ଜନତାପାର୍ଟିର ସାଧାରଣ ସଦସ୍ୟମାନେ ମଧ୍ୟ ଶ୍ରୀମତୀ ଶତପଥୀଙ୍କୁ ତୀବ୍ର ବିରୋଧ କରି ଚାଲିଥିଲେ। ଏହି ପରିପ୍ରେକ୍ଷୀରେ ନୀଳମଣି ଶ୍ରୀମତୀ ଶତପଥୀଙ୍କ ବିରୋଧରେ ଆଚାର୍ଯ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମସ୍ତ ଶବ୍ଦ ଅର୍ଥ ସହ ପାଳନ କରିବା ପାଇଁ ଲାଗିପଡ଼ିଥିଲେ।

ଘଟଣା ଏହିପରି ଚାଲିଥିବାବେଳେ ସ୍ୱାଭାବିକ ଭାବେ ପ୍ରଶାସନ ପ୍ରତି ଯେତିକି ଦୃଷ୍ଟି ଦେବା କଥା, ନୀଳମଣି ବାବୁ ତାହା କରିପାରୁ ନଥିଲେ ବୋଲି ଅଭିଯୋଗ ହେଉଥିଲା। ଫଳରେ ତାଙ୍କ ସଚିବ ଶ୍ରୀ ଅକ୍ଷୟ ବିଶ୍ୱାଳ ବେଶ୍ ପ୍ରଭାବଶାଳୀ ହୋଇପଡ଼ିଥିଲେ। ଏହି ସମୟରେ ଆଉ ଯେଉଁ ଅଫିସରଙ୍କ ସମ୍ପର୍କରେ ଚର୍ଚ୍ଚା ହେଉଥିଲା, ସେ ହେଉଛନ୍ତି ଇଷ୍ଟେଟ୍ ବିଭାଗର ଡିରେକ୍ଟର ଶ୍ରୀ ବ୍ରଜକିଶୋର ରାଉତ। ଶ୍ରୀ ବିଶ୍ୱାଳ ଓ ଶ୍ରୀ ରାଉତ ସେ ସମୟରେ ଶାସନକୁ ଅଙ୍ଗୁଳି ଟିପରେ ରଖିଥିଲେ ବୋଲି ସେତେବେଳେ ବିଭିନ୍ନ ମହଲରେ ରସାଳ ଆଲୋଚନା ଚାଲିଥିଲା।

ଶ୍ରୀ ବିଶ୍ୱାଳଙ୍କ ସହ ଆଉ ଯେଉଁ କେତେଜଣଙ୍କ ଗଭୀର ହୃଦ୍ୟତା ଥିଲା, ସେମାନଙ୍କ ମଧ୍ୟରେ ଇମ୍ପାର ସ୍ୱତ୍ୱାଧିକାରୀ ଡଃ ପଣ୍ଡା ଅନ୍ୟତମ। ସେତେବେଳେ ଜନତା ବିଧାୟକଙ୍କ ପକ୍ଷରୁ ଇମ୍ପାକୁ ଅନୁଗ୍ରହ ପ୍ରଦର୍ଶନ କରାଯାଉଥିବା ସମ୍ପର୍କରେ ଗୁରୁତର ଅଭିଯୋଗମାନ ବିଧାନସଭାରେ ଆଗତ ହୋଇଥିଲା।

ପରିସ୍ଥିତି ଓ ପ୍ରଭାବ ଏତେଦୂର ବିସ୍ତାର କରିଥିଲା ଯେ, ମୁଖ୍ୟମନ୍ତ୍ରୀ କୌଣସି ବ୍ୟକ୍ତି ପାଇଁ ଟେଲିଫୋନ୍‌ରେ କିଛି କରିବାକୁ କୌଣସି ଅଫିସରଙ୍କୁ ଯାହା କହୁଥିଲେ, ତାଙ୍କ (ମୁଖ୍ୟମନ୍ତ୍ରୀଙ୍କ) ଅଫିସ୍‌ରୁ ଅଳ୍ପ ସମୟ ପରେ ଟେଲିଫୋନ୍‌ରେ ସଂପୃକ୍ତ ବିଷୟ ଉପରେ କୌଣସି ଗୁରୁତ୍ୱ ନଦେବା ପାଇଁ ସଂପୃକ୍ତ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା। ଏହି ଘଟଣାକୁ ସାକ୍ଷୀ ସବୁତ୍ ଦେଇ ବର୍ତ୍ତମାନ ପ୍ରମାଣ କରିବା ସମ୍ଭବ ନୁହେଁ। କିନ୍ତୁ ଏହାହିଁ ଘଟୁଥିଲା। କେତେକ ଘଟଣା ଏହି ପ୍ରତିବେଦକ ମଧ୍ୟ ପ୍ରତ୍ୟକ୍ଷ କରିଛି। ନୀଳମଣି ବାବୁ ଅନେକ କଥା ଜାଣୁ ନଥିଲେ। କେତେବେଳେ କେତେବେଳେ ଜାଣିଲେ ମଧ୍ୟ ନୀରବ ରହୁଥିଲେ। କାରଣ କାହାକୁ କହିବେ ?

Digitized by srujanika@gmail.com

ଅଙ୍କାଗା ଘା’ ଦେଖି ହୁଏନି କି ଦେଖାଇ ହୁଏନି।

ଏଠି ଆମେ ସୂଚାଇ ଦେବା ଉଚିତ ମଣୁଛୁ ଯେ, ମୁଖ୍ୟମନ୍ତ୍ରୀଙ୍କ ସେକ୍ରେଟାରିଏଟ୍ ରାଜ୍ୟ ସେକ୍ରେଟାରିଏଟ୍‌ର ଅଂଶବିଶେଷ ନୁହେଁ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରେ କାର୍ଯ୍ୟ କରୁଥିବା କୌଣସି ଅଫିସରଙ୍କର ବା କର୍ମଚାରୀଙ୍କର ସେକ୍ରେଟାରିଏଟ୍ ଷ୍ଟାଟସ୍ ବା ସଚିବାଳୟ ପଦମର୍ଯ୍ୟାଦା ନାହିଁ। ସେହିଦୃଷ୍ଟିରୁ କୌଣସି କର୍ମଚାରୀ ବା ଅଫିସରଙ୍କର କୌଣସି ସରକାରୀ ଫାଇଲରେ କୌଣସି ମନ୍ତବ୍ୟ ବା ମତାମତ ଲେଖିବାର ଅଧିକାର ନାହିଁ। ଫଳରେ ଯେତେବେଳେ କୌଣସି ମୁଖ୍ୟମନ୍ତ୍ରୀଙ୍କର କୌଣସି ସଚିବ ମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ନିଜର ମନ୍ତବ୍ୟ ଲେଖିଲେ, ସଂପୃକ୍ତ ମନ୍ତ୍ରୀ ସେ ଫାଇଲ୍‌କୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖାଇ ସଚିବଙ୍କର ଏ ପ୍ରକାର ଆଚରଣର ପ୍ରତିବାଦ କରୁଥିଲେ। ଗୋଟିଏ ଘଟଣାର ସମ୍ୟକ୍ ଅଂଶ ଆମେ ଏଠି ଉଲ୍ଲେଖ କରୁଛୁ। ସଚିବ ଯାହା ଲେଖିଥିଲେ, ତାହା ହେଲା- Chief Minister has seen the file. There are complains of frequent trems for, which may be reviewed. ଆମେ ଏଠି ସମ୍ପୃକ୍ତ ବିଭାଗ ବା ସଚିବଙ୍କ ନାମ ଉଲ୍ଲେଖ କରୁନାହୁଁ। ଏଇଥିପାଇଁ ଯେ, ସଂପୃକ୍ତ ବ୍ୟକ୍ତିମାନେ ଏହା ପଢ଼ିଲେ ବଳେ ବଳେ ଜାଣିପାରିବେ। ତେବେ ଆମେ ଏସବୁ କହିବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏହି ଯେ, ମୁଖ୍ୟମନ୍ତ୍ରୀମାନେ ନିଜ ନିଜର ସ୍ୱତନ୍ତ୍ର ସେକ୍ରେଟାରିଏଟ୍ ସୃଷ୍ଟି କରୁଥିବାବେଳେ ତାକୁ ବିଧିବଦ୍ଧ ଭାବେ ସେକ୍ରେଟାରିଏଟ୍ ଷ୍ଟାଟସ୍ ଦେଉନାହାନ୍ତି କାହିଁକି? ତା’ହେଲେ ଅନ୍ତତଃ ଯେଉଁ ବିବାଦ ଓ ବିତର୍କ ସୃଷ୍ଟି ହେଉଛି, ତା’ର ଅବସାନ ଘଟନ୍ତା। ମୁଖ୍ୟମନ୍ତ୍ରୀଙ୍କ ସଚିବ କ୍ୟାଡର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ତାଙ୍କର ଓ ତାଙ୍କ ଅଫିସ୍ ଦାୟିତ୍ୱ କ’ଣ ହେବ, ତାହା ରୁଲ୍‌ସ ଅଫ୍ ବିଜିନେସ୍‌ରେ ଅନ୍ତର୍ଭୁକ୍ତ କରାଗଲେ ବର୍ତ୍ତମାନ ଉପୁଜୁଥିବା ବିବାଦର ଅବସାନ ହୁଅନ୍ତା।

ଏଥର ନୀଳମଣି ବାବୁଙ୍କ ରାଜତ୍ୱ ପ୍ରତି ଦୃଷ୍ଟି ଫେରାଇବା। ଏହି ରାଜତ୍ୱରେ ବହୁ ଅସମ୍ଭବ ବ୍ୟାପାରମାନ ଘଟିଥିଲା। ବହୁ ପରସ୍ପରବିରୋଧୀ ଘଟଣାମାନ ଘଟିଥିଲା। ଜରୁରୀ ପରିସ୍ଥିତିରେ ମାତ୍ରାଧିକ କାର୍ଯ୍ୟ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ତତ୍କାଳୀନ ଆଇ.-ଜି. ନରସିଂହ ସ୍ୱାଇଁଙ୍କ ବିରୋଧରେ ତଦନ୍ତ କରିବା ପାଇଁ ଆଦେଶ ଦେଇଥିବା ବେଳେ ଜରୁରୀ ପରିସ୍ଥିତିର ଅନ୍ୟତମ ନାୟକ (କୁଖ୍ୟାତ କିସ୍ କୁର୍ସିକା ଚଳଚ୍ଚିତ୍ର ବ୍ୟାପାରରେ ସମ୍ପୃକ୍ତ) ସୟଦ ମୁଜାଫର ହୁସେନ ବର୍ଣ୍ଣିଙ୍କୁ ମୁଖ୍ୟ ଶାସନ ସଚିବ ରୂପେ ନିଯୁକ୍ତି ଦିଆଯାଇଥିଲା। ଶ୍ରୀ ରାଉତରାୟ ଦାୟିତ୍ୱ ଗ୍ରହଣ କରିବାବେଳେ ଶ୍ରୀ କେ. ରାମମୂର୍ତ୍ତି ମୁଖ୍ୟ ଶାସନ ସଚିବ ଥିଲେ। କେନ୍ଦ୍ରରେ ଜନତା ସରକାର ଦାୟିତ୍ୱ ଗ୍ରହଣ ପରେ ବର୍ଣ୍ଣି ସାହେବ

Digitized by srujanika@gmail.com

ଦିଲ୍ଲୀରୁ ଓଡ଼ିଶାକୁ ତଡ଼ା ଖାଇଲେ। କାରଣ ସେ ଓଡ଼ିଶା କ୍ୟାଡର ଆଇ.ଏ.ଏସ. ଥିଲେ। ୧୯୭୮ ମାର୍ଚ୍ଚ ୨୨ ତାରିଖରେ ବର୍ଣ୍ଣ ସାହେବ ରାଜସ୍ୱବୋର୍ଡ ସଦସ୍ୟ ରୂପେ ଯୋଗଦେଲେ।

ଇତିମଧ୍ୟରେ ଶାଳମଞ୍ଜି ଠିକା ହିନ୍ଦୁସ୍ଥାନ ଲିଭର କମ୍ପାନୀକୁ ଦିଆଯିବାରୁ ୧୯୭୮ ସାଲ୍ ମାର୍ଚ୍ଚ ମାସ ୩୦ ତାରିଖରେ ରାଜ୍ୟ ବିଧାନସଭାରେ ମୁଖ୍ୟ ଶାସନ ସଚିବ ଶ୍ରୀ ରାମମୂର୍ତ୍ତିଙ୍କ ବିରୋଧରେ ଜନତାଦଳର ଅଶୋକ ଦାସଙ୍କ ନେତୃତ୍ୱରେ କେତେଜଣ ବିଧାୟକ ଖୁବ୍ ପାଟିତୁଣ୍ଡ କଲେ। କେ. ରାମମୂର୍ତ୍ତି ଜନତା ସରକାରଙ୍କ କେତେକ ରାଜନୀତିକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବାରେ ଆପତ୍ତି ଦର୍ଶାଇଲେ। ଭି.ଏସ. ମାଥ୍ୟୁସ୍‌ଙ୍କୁ ଚିଲିକା ଓ ବେଳାଭୂମି ଉନ୍ନୟନ ନିଗମର ଚେୟାରମ୍ୟାନ୍ ରୂପେ ନିଯୁକ୍ତି ଦେବାପାଇଁ ବିଜୁବାବୁ ନୀଳମଣି ବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାମମୂର୍ତ୍ତି ଏହି ନିଯୁକ୍ତିକୁ ଘୋର ବିରୋଧ କରିଥିଲେ। ମାଥ୍ୟୁସ୍‌ଙ୍କୁ ସରକାରୀ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବାରୁ ଏ ପ୍ରକାର ନିଯୁକ୍ତି ଦିଆଯିବା ଉଚିତ ନୁହେଁ ବୋଲି ରାମମୂର୍ତ୍ତି ଯୁକ୍ତି ଦର୍ଶାଇବାରେ ନୀଳମଣି ବାବୁ ମାଥ୍ୟୁସଙ୍କୁ ଯେଉଁ ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା, ତାହା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦେଖାଗଲା, ମାଥ୍ୟୁସଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ଅବସର ଆଦେଶପତ୍ରଟି ବ୍ୟତୀତ ଅନ୍ୟ କୌଣସି କାଗଜ ଫାଇଲ୍‌ରେ ନଥିଲା। ଏହିଭଳି ଆଉ କେତେକ ଘଟଣାରେ ରାମମୂର୍ତ୍ତିଙ୍କ ଅନ୍ଲୁଣିଆ ମନୋଭାବ ଯୋଗୁଁ ତାଙ୍କୁ ମୁଖ୍ୟ ଶାସନ ସଚିବ ପଦବୀ ଛାଡ଼ିବାକୁ ହେଲା। ୧୯୭୯ ଫେବୃଆରୀ ୧୨ ତାରିଖରେ ରାମମୂର୍ତ୍ତିଙ୍କୁ ରାଜସ୍ୱବୋର୍ଡ ସଦସ୍ୟ ରୂପେ ବଦଳି କରି ୧୪ ତାରିଖ ପୂର୍ବାହ୍ଣରେ ନୂଆ ଦାୟିତ୍ୱରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ରାମମୂର୍ତ୍ତିଙ୍କ ସ୍ଥାନରେ ୧୪ ତାରିଖରେ ଏସ୍.ଏମ୍.ଏଚ୍. ବର୍ଣ୍ଣ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଗ୍ରହଣ କଲେ।

ଘଟଣା କିନ୍ତୁ ଏଇଠି ଶେଷ ହେଲାନାହିଁ। ଏହି ନିଯୁକ୍ତିକୁ ତୀବ୍ର ଅପସନ୍ଦ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଏକ କଡ଼ା ଚିଠି ଦେଇଥିଲେ। ନୀଳମଣି ବାବୁ ବର୍ଣ୍ଣଙ୍କ ଗୁପ୍ତ ଚରିତ୍ର ପଞ୍ଜିକା ଖୁବ୍ ଭଲ୍ ଏବଂ ତାଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ନଦେବା ପାଇଁ କେନ୍ଦ୍ରରୁ କୌଣସି ନିର୍ଦ୍ଦେଶନାମା ଆସିନଥିବାରୁ ସେ ତାଙ୍କୁ ମୁଖ୍ୟ ଶାସନ ସଚିବ ପଦବୀରେ ନିଯୁକ୍ତି ଦେଇଥିବା କଥା ଲେଖି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଦେଇଥିଲେ। ସେହି ସମୟରେ ଅର୍ଥାତ୍ ୧୯୭୯ ଫେବୃଆରୀ ୧୯ ତାରିଖରେ ଓଡ଼ିଶାର ଅତିରିକ୍ତ ମୁଖ୍ୟ

Digitized by srujanika@gmail.com

ଶାସନ ସଚିବ ରୂପେ ଶ୍ରୀ ବି. ଭେଙ୍କଟରମଣ ଯୋଗ ଦେଇଥିଲେ।

ଗୋଟିଏ ସମୟର ପ୍ରଶାସନିକ ବ୍ୟାପାର ସମ୍ପର୍କୀୟ ଘଟଣାକୁ ତୋଳି ଧରିବା ବେଳେ ପ୍ରଶାସନର ଅନ୍ୟ ପାର୍ଶ୍ୱରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ଘଟଣା ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେବା ସମ୍ଭବ ନୁହେଁ। ତେଣୁ ମଝିରେ ମଝିରେ ଆମେ ମୂଳ ପ୍ରସଙ୍ଗକୁ ଅନ୍ୟ ଆଡ଼କୁ ସାମାନ୍ୟ ଟାଣିନେଉଛୁ।

ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଅକ୍ଷୟବାବୁ ଟେଲିଫୋନ୍‌ରେ କାହାକୁ କ'ଣ କହିଥାଇପାରନ୍ତି; କିନ୍ତୁ କୌଣସି ସରକାରୀ ଫାଇଲ୍‌ରେ ସେ କେବେ କୌଣସି ସମୟରେ କିଛି ମନ୍ତବ୍ୟ ଦେଇନାହାନ୍ତି କିମ୍ବା କୌଣସି ସମୟରେ ମନ୍ତ୍ରିମଣ୍ଡଳ ବୈଠକରେ ଉପସ୍ଥିତ ରହିନାହାନ୍ତି। ତେବେ ତାଙ୍କର ଚାକିରି ଆଉ ଚାରିବର୍ଷ ଥିଲେ ମଧ୍ୟ ସେ ଅବସର ନେଇ ଡଃ ପଣ୍ଡାଙ୍କ ଇମ୍ପା କମ୍ପାନୀରେ ଚାକିରି କରିବା ଘଟଣାରେ ଅନେକ ବିସ୍ମୟ ପ୍ରକାଶ କରିଥିଲେ। ଏହି ଘଟଣା ସେତେବେଳେ ଏକ ମୁଖ୍ୟ ଆଲୋଚନାର ବିଷୟ ହୋଇଥିଲା।

୧୯୮୦ ଫେବୃଆରୀ ୧୭ ତାରିଖ ରାତିରେ ଓଡ଼ିଶା ସମେତ ନ'ଟି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ନୀଳମଣି ବାବୁ ମୟୂରଭଞ୍ଜର କରଞ୍ଜିଆ ଡାକବଙ୍ଗଳାରେ ଅବସ୍ଥାନ କରିଥିଲେ। ନୀଳମଣି ବାବୁଙ୍କ ନିଜ କଥା ଅନୁସାରେ ରାତି ତିନିଟାବେଳେ ତାଙ୍କୁ ନିଦରୁ ଉଠାଇ ଏ ଖବର ଦିଆଯାଇଥିଲା।

●

Digitized by srujanika@gmail.com

## (୮)

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏକମାତ୍ର ଭାଗ୍ୟବାନ୍ ରାଜନୀତିଜ୍ଞ ଯେ ଏକାଦିକ୍ରମେ ଦୁଇଥର ପୂର୍ଣ୍ଣ ସମୟ ଧରି ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ଅବଶ୍ୟ ଦ୍ୱିତୀୟ ଥର ତାଙ୍କ କାର୍ଯ୍ୟକାଳ ଶେଷ ହେବାର ତିନିମାସ ପୂର୍ବରୁ ସେ ଗାଦି ଛାଡ଼ିଦେଇଥିଲେ।

ଦୀର୍ଘ ନଅବର୍ଷ ଛ' ମାସର (୧୯୮୦ ଜୁନ୍ ୯ ତାରିଖରୁ ୧୯୮୯ ଡିସେମ୍ବର ୭ ତାରିଖ) ଶାସନ କାଳ ମଧ୍ୟରେ ତାଙ୍କର ତିନିଜଣ ସଚିବ ଥିଲେ। ପ୍ରଥମ ପାଞ୍ଚବର୍ଷ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଏବଂ ତାଙ୍କ ପରେ ଶ୍ରୀ ଅମୂଲ୍ୟରତ୍ନ ନନ୍ଦ ଓ ଶ୍ରୀ ନୀଳମାଧବ ମହାନ୍ତି ଏହି ପଦରେ ଆସୀନ ହୋଇଥିଲେ। ଏ ତିନିହେଁ କମିଶନର ପାହ୍ୟାର ଅଫିସର ଥିଲେ।

ଏହି ତିନିଜଣଙ୍କ ମଧ୍ୟରୁ ଜାନକୀବାବୁଙ୍କର ସବୁଠାରୁ ବିଶ୍ୱସ୍ତ ବା ପ୍ରିୟପାତ୍ର ଥିଲେ ସୁଧାଂଶୁବାବୁ। ସୁଧାଂଶୁବାବୁ ଏଇମିତି ଭଦ୍ର ଓ ଅମାୟିକ ବ୍ୟବହାରସମ୍ପନ୍ନ ବ୍ୟକ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ତାଙ୍କର ଅଖଣ୍ଡ କ୍ଷମତା ଓ ପ୍ରଭାବ ରହିଥିଲା। ପ୍ରଶାସନିକ କାର୍ଯ୍ୟ ସମ୍ପାଦନ ପାଇଁ ଜାନକୀବାବୁ ଯେଉଁ ଦୁଇଜଣ ଅଫିସରଙ୍କ ଉପରେ ଅତିମାତ୍ରାରେ ନିର୍ଭର କରିଥିଲେ, ସେ ଦୁହେଁ ହେଲେ ସଚିବ ସୁଧାଂଶୁ ଭୂଷଣ ମିଶ୍ର ଏବଂ ଉପଶାସନ ସଚିବ ଶ୍ରୀ ମଦନମୋହନ ପଣ୍ଡା। ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରେ ଫାଇଲ୍ କାମ ପୂରାପୂରି ମଦନବାବୁଙ୍କ ଦାୟିତ୍ୱରେ ଥିଲା। ପ୍ରତି ଫାଇଲ୍‌କୁ ପଢ଼ି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଯଥାର୍ଥଭାବେ ଅବହିତ କରାଇ ନିର୍ଦ୍ଦେଶ ଗ୍ରହଣ କରିବା କ୍ଷେତ୍ରରେ ମଦନବାବୁଙ୍କ ଦକ୍ଷତା ଅନନ୍ୟସାଧାରଣ। ଫଳରେ ଫାଇଲ୍ କାମ ମଦନବାବୁ ଦାୟିତ୍ୱ ନେବାରେ ସୁଧାଂଶୁବାବୁ ମୁଖ୍ୟତଃ ନୀତିଗତ ବ୍ୟାପାରରେ ମୁଖ୍ୟମନ୍ତ୍ରୀଙ୍କୁ ସହାୟତା କରୁଥିଲେ।

ଜାନକୀବାବୁଙ୍କ ବେଳେ ପ୍ରଥମେ ମନ୍ତ୍ରୀମାନଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ପଦବୀରେ ଓ.ଏ.ଏସ୍. ଅଫିସର ରହିବା ବ୍ୟବସ୍ଥା କରାଗଲା। ପୂର୍ବରୁ ମନ୍ତ୍ରୀମାନେ ନିଜ ନିଜ ପସନ୍ଦମୁତାବକ ଲୋକଙ୍କୁ ପ୍ରାଇଭେଟ୍ ସେକ୍ରେଟାରୀ ରୂପେ ନିଯୁକ୍ତି ଦେଉଥିଲେ। ମାତ୍ର ଜାନକୀବାବୁଙ୍କ ବେଳେ ଏହି ପଦ୍ଧତି ପରିବର୍ତ୍ତନ କରାଯାଇ ଭଲ ଚରିତ୍ରଲିପି ଥିବା ଅଫିସରଙ୍କୁ ମନ୍ତ୍ରୀମାନଙ୍କ ପାଖରେ ରଖିବା ପାଇଁ ସୁଧାଂଶୁବାବୁ ବ୍ୟବସ୍ଥା କରିଥିବା କଥା କୁହାଯାଇଥିଲା। ଏପରିକି ଏହି ଅଫିସରମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଦ୍ୱାରା ମନୋନୀତ ହେଲେ। ଏହି ବ୍ୟବସ୍ଥା ଫଳରେ ଦୁଇଟି ଉଦ୍ଦେଶ୍ୟ ସାଧନ ହୋଇପାରିବ ବୋଲି ମନେକରାଯାଇଥିଲା। ପ୍ରଥମତଃ

Digitized by srujanika@gmail.com

ଏ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ ସହ ଯୋଗାଯୋଗ ରଖିବେ ଏବଂ ମନ୍ତ୍ରୀମାନେ କ'ଣ କରୁଛନ୍ତି ତାହା ମୁଖ୍ୟମନ୍ତ୍ରୀ ଜାଣିପାରିବେ। ଦ୍ୱିତୀୟରେ ପ୍ରଶାସନିକ କାର୍ଯ୍ୟରେ ମନ୍ତ୍ରୀମାନଙ୍କୁ ଏମାନେ ଯଥାର୍ଥ ସହାୟତା କରିପାରିବେ। ଏହି ବ୍ୟବସ୍ଥା ପ୍ରଚଳନ ହେଲା। ମାତ୍ର ଯେଉଁ ଉଦ୍ଦେଶ୍ୟରେ ଏହା କରାଯାଇଥିଲା, ତାହା ସଫଳ ହେଲାନାହିଁ। କାରଣ ଅଧିକାଂଶ ମନ୍ତ୍ରୀ ଏମାନଙ୍କୁ ବାଦ୍ ଦେଇ ଅତିରିକ୍ତ ପ୍ରାଇଭେଟ୍ ସେକ୍ରେଟାରୀ ବା ସିନିୟର ଆସିଷ୍ଟାଣ୍ଟମାନଙ୍କ ଜରିଆରେ ନିଜର ଗୋପନ କାର୍ଯ୍ୟ ଓ ଟଙ୍କା ଦେବାନେବା ଧନ୍ଦା ଚଳାଇଲେ।

ଜାନକୀବାବୁଙ୍କର ନଅବର୍ଷ ଛ'ମାସର ଶାସନକୁ ଦୁଇଭାଗରେ ବିଭକ୍ତ କରାଯାଇ ପ୍ରତି ଭାଗର ଶାସନ ଉପରେ ପର୍ଯ୍ୟାଲୋଚନା କରାଗଲେ ଉଚିତ ନ୍ୟାୟ କରାଯିବ। କାରଣ ୧୯୮୦ରୁ ୮୫ ଏବଂ ୮୫ରୁ ୮୯ ସାଲ୍‌ର ଶାସନରେ କେବଳ ବ୍ୟକ୍ତି ପରିବର୍ତ୍ତନ ନୁହେଁ, ନୀତି ପରିବର୍ତ୍ତନ ମଧ୍ୟ ହୋଇଛି। ଗୋଟିଏ ଭାଗରେ ଅମିତ ବିକ୍ରମଶାଳୀ ବସନ୍ତ ବିଶ୍ୱାଳଙ୍କ ଆବିର୍ଭାବ ହୋଇଥିବାବେଳେ ଅନ୍ୟ ଭାଗରେ ବାସନ୍ତିକା ପରାଭବର କାହାଣୀ ବିଦ୍ୟମାନ। ଗୋଟିଏ ଭାଗରେ ବସନ୍ତଙ୍କ ରୌଦ୍ରତାପକୁ ସୁଧାଂଶୁ ଭୂଷଣଙ୍କର ଜ୍ୟୋସ୍ନାର ପ୍ରଲେପ ଭାରସାମ୍ୟ ରଖିବାବେଳେ ଅନ୍ୟ ଭାଗଟି ଅବକ୍ଷୟ ଓ ଅପସୃୟମାଣ ଜନସ୍ରୋତର ଅନୁଧାବନ ପ୍ରକ୍ରିୟାରେ ଜର୍ଜରିତ।

୧୯୮୫ ମାର୍ଚ୍ଚ ମାସ (ଜାନକୀବାବୁଙ୍କ ଶାସନର ଦ୍ୱିତୀୟ ପ୍ରସ୍ତ)ରେ ନୂଆ ସରକାର ଗଠନ କରାଗଲା। ମନ୍ତ୍ରୀମାନଙ୍କ ମଧ୍ୟରୁ ଅନେକ ବାଦ୍ ପଡ଼ିଲେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ୮୦-୮୫ ସାଲ୍‌ର ସର୍ବଶକ୍ତିମାନ ସୁପର ଚିଫ୍ ମିନିଷ୍ଟର ଶ୍ରୀ ବସନ୍ତ ବିଶ୍ୱାଳଙ୍କ ଅପସାରଣ।

ଜାନକୀବାବୁଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ ବସନ୍ତବାବୁଙ୍କ ପ୍ରଭାବ ଏଭଳି ଥିଲା ଯେ, ସୁଧାଂଶୁବାବୁଙ୍କ କାମ ଆଉ ପ୍ରାୟ ବିଶେଷ କିଛି ଥିଲା ବୋଲି ମନେହେଉ ନଥିଲା। ମାତ୍ର ସୁଧାଂଶୁବାବୁଙ୍କୁ ଜାନକୀବାବୁ ବିଭିନ୍ନ ବିଷୟରେ ପ୍ରାୟ ପରାମର୍ଶ କରୁଥିଲେ। ରାଜନୀତି ଓ ପ୍ରଶାସନ ଉଭୟ କ୍ଷେତ୍ରରେ ଜାନକୀବାବୁ ସୁଧାଂଶୁବାବୁଙ୍କ ସହ ଆଲୋଚନା କରି ତାଙ୍କର ପରାମର୍ଶ ନିଅନ୍ତି ବୋଲି ସାଧାରଣ ଭାବେ ବିଶ୍ୱାସ କରାଯାଉଥିଲା।

ତେବେ ଏହି ସମୟରେ ଦୁଇଟି ଘଟଣାରେ ସୁଧାଂଶୁବାବୁଙ୍କ ପ୍ରତି କେତେକ ଭ୍ରୂକୁଟି ପ୍ରଦର୍ଶନ କରିଥିଲେ। ସେଥିରୁ ଗୋଟିଏ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ଓଡ଼ିଶା ଶିକ୍ଷା ବିଭାଗର ଜଣେ ରିଡର ମେଜର ପି.କେ. ଦାଶଙ୍କ ନିଯୁକ୍ତି। ମେଜର ଦାଶ ୮.୧୦.୮୬ ତାରିଖରେ ଏହି ଦାୟିତ୍ୱ ଗ୍ରହଣ

Digitized by srujanika@gmail.com

କରିବା ପରେ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ନାନାପ୍ରକାର ସମାଲୋଚନାର ସ୍ୱର ଉଠିଥିଲା । ଅଭିଯୋଗ ହୋଇଥିଲା ଯେ, ମେଜର ଦାଶ ସୁଧାଂଶୁବାବୁଙ୍କର ନିକଟ ଆତ୍ମୀୟ ହୋଇଥିବାରୁ ଜାନକୀବାବୁ ଏହି ପଦକ୍ଷେପ ନେଇଥିଲେ । ଅନ୍ୟ ଘଟଣାଟି ହେଲା ଶ୍ରୀ ବି.ଆର. ପଟେଲଙ୍କୁ ମୁଖ୍ୟ ଶାସନ ସଚିବ ପଦବୀରୁ ବଞ୍ଚିତ କରିବା ।

ଜାନକୀବାବୁ ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମ ଥର ପାଇଁ ଓଡ଼ିଶାରେ ଜଣେ ଓଡ଼ିଆ ମୁଖ୍ୟ ଶାସନ ସଚିବ ପଦରେ ଆସୀନ ହେଲେ । ସେ ହେଉଛନ୍ତି ଶ୍ରୀ ସୁଧାଂଶୁମୋହନ ପଟ୍ଟନାୟକ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ରୂପେ ଶ୍ରୀ ବିମଳ କିଶୋର ମିଶ୍ର ନିଯୁକ୍ତି ପାଇଲେ । ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଓ ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଯଥେଷ୍ଟ ସୌହାର୍ଦ୍ଧ୍ୟ ରହିଥିଲା । ସୁଧାଂଶୁବାବୁ ମୁଖ୍ୟ ଶାସନ ସଚିବ ପଦବୀରୁ ୧୯୮୩ ଫେବୃଆରୀ ମାସରେ ଅବସର ନେଲେ । ଆଶା କରାଯାଉଥିଲା ଜାନକୀବାବୁ ସେ ପଦରେ ଆଉ ଜଣେ ଓଡ଼ିଆଙ୍କୁ ନିଯୁକ୍ତି ଦେବେ । ସେତେବେଳେ ପରବର୍ତ୍ତୀ ବରିଷ୍ଠ ଆଇ.ଏ.ଏସ. ଥିଲେ ଶ୍ରୀ ବିଘ୍ନରାଜ ପଟେଲ । ସେ କେନ୍ଦ୍ର ପବ୍ଲିକ୍ ସର୍ଭିସ୍ କମିଶନ୍‌ର ସଚିବ ରୂପେ କାର୍ଯ୍ୟ କରୁଥିଲେ । ଜାନକୀବାବୁଙ୍କ ସହ ତାଙ୍କର ପରିଚୟ ଓ ସମ୍ପର୍କ ମଧ୍ୟ ଥିଲା । କିନ୍ତୁ କେଜାଣି କାହିଁକି ଜାନକୀବାବୁଙ୍କ ଓଡ଼ିଆ ପ୍ରୀତି ହଠାତ୍ ନିର୍ବାପିତ ହୋଇଗଲା । ସେତେବେଳେ ଯାହା ଖବର ମିଳିଲା ସେ ଦିଲ୍ଲୀ ଯାଇ ଦୁଇଜଣ ବ୍ୟକ୍ତିଙ୍କୁ ଏହି ପଦ ଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲେ । ସେ ଦୁହେଁ ହେଲେ ଶ୍ରୀ ସି.ଜି. ସୋମେୟା ଓ ଶ୍ରୀ ୟୁ.ସି. ଅଗ୍ରୱାଲା । ମାତ୍ର ଦୁହେଁ ଏହି ପଦ ଗ୍ରହଣ କରିବା ପାଇଁ ଅସମ୍ମତ ହେଲେ । ଶ୍ରୀ ସୋମେୟା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏବଂ ଶ୍ରୀ ଅଗ୍ରୱାଲା କ୍ୟାବିନେଟ୍ ବିଭାଗର ପର୍ସନେଲ୍ ବିଭାଗ ସଚିବ ରୂପେ କାର୍ଯ୍ୟ କଲେ । ଦିଲ୍ଲୀରେ ଜାନକୀବାବୁ ଏ ଦୁହିଁଙ୍କୁ ମୁଖ୍ୟ ଶାସନ ସଚିବ ପାଇଁ ପ୍ରସ୍ତାବ ଦେବାବେଳେ ସେଠାରେ ଥିବା ଶ୍ରୀ ବି.ଆର. ପଟେଲଙ୍କୁ ଏଥିପାଇଁ ଯୋଗାଯୋଗ କରିନଥିଲେ । ସେତେବେଳେ ଏହି ଘଟଣାରେ ପଶ୍ଚିମ ଓଡ଼ିଶାର କେତେକ ନେତା ଜାନକୀବାବୁଙ୍କ ଉପରେ ଅସନ୍ତୁଷ୍ଟ ହୋଇଥିଲେ । କୁହାଯାଏ, ଶ୍ରୀ ପଟେଲ ଖୁବ୍ ଥଣ୍ଡା ମିଜାଜ୍‌ର ସରଳିଆ ଲୋକ ହୋଇଥିବାରୁ ମୁଖ୍ୟ ଶାସନ ସଚିବ ପଦ ପାଇଁ ଯଥାର୍ଥ ନ୍ୟାୟ ଦେଇପାରିବେ ନାହିଁ ବୋଲି ଜାନକୀବାବୁଙ୍କୁ କେତେକ ପରାମର୍ଶ ଦେଇଥିଲେ ।

ସୁଧାଂଶୁବାବୁ ଅବସର ନେବାପରେ ୨ ମାସ ପାଇଁ ଏଲ୍.ଆଇ. ପରିଜା ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେଇଥିଲେ । ମାତ୍ର ପରେ ଉତ୍ତର-ପୂର୍ବ ରାଜ୍ୟ ପରିଷଦର ସଚିବ ପଦ ଛାଡ଼ି ଜ୍ଞାନଚାନ୍ଦ ନନ୍ଦଚହାଲ ୧୯୮୩ ଏପ୍ରିଲ୍ ମାସରେ

Digitized by srujanika@gmail.com

ଓଡ଼ିଶାର ମୁଖ୍ୟ ଶାସନ ସଚିବ ରୂପେ ଯୋଗଦେଲେ। ସାଧାରଣ ଭାବେ ଓଡ଼ିଶାରେ ଥିବା ସିନିୟର-ମୋଷ୍ଟ ଆଇ.ଏ.ଏସ. ଅଫିସର ଚିଫ୍ ସେକ୍ରେଟାରୀ ପଦବୀରେ ଅବସ୍ଥାପିତ ହେଉଥିଲେ। ବି.ଆର. ପଟେଲ ଜ୍ଞାନଚାନ୍ଦଙ୍କ ଅପେକ୍ଷା ସିନିୟର। କିନ୍ତୁ ତାଙ୍କୁ ଚିଫ୍ ସେକ୍ରେଟାରୀ ପଦବୀରୁ ବଞ୍ଚିତ କରାଯିବା ଦ୍ୱାରା ଏହି ପରମ୍ପରା ଭଙ୍ଗ କରାଯାଇଥିଲା। ଏହି ଘଟଣା ପାଇଁ କେତେକ ଦୁଇ ସୁଧାଂଶୁ (ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ)ଙ୍କୁ ଦାୟୀ କରୁଥିଲେ ମଧ୍ୟ ଏହାର ସତ୍ୟାସତ୍ୟ ସମ୍ପର୍କରେ ଆମର ପ୍ରତ୍ୟକ୍ଷ ସୂଚନା କିଛି ନାହିଁ।

ଜାନକୀବାବୁଙ୍କ ରାଜତ୍ୱର ପ୍ରଥମ ପାଞ୍ଚବର୍ଷର ଶାସନରେ ଯେଉଁ ଦୁଇଜଣଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ବିଶେଷ ଭାବେ ଆଗ୍ରହ ସୃଷ୍ଟି ହୋଇଥିଲା, ସେ ଦୁହେଁ ହେଉଛନ୍ତି ଜଳସେଚନ ଓ ବିଦ୍ୟୁତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏବଂ ଖଣି, ନଗର ଉନ୍ନୟନ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭଳି ଏ ଦୁହିଁଙ୍କର ଦୁଇଜଣ ପ୍ରଭାବଶାଳୀ ଓ ଦକ୍ଷ ବ୍ୟକ୍ତିଗତ ସଚିବ ଥିଲେ।

ସେମାନେ ଯଥାକ୍ରମେ ଶ୍ରୀ ଗୋପବନ୍ଧୁ ଦାସ ଓ ଶ୍ରୀ ଗଗନ ଚନ୍ଦ୍ର ଦାସ। ଏହି ଦୁଇ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଅତ୍ୟନ୍ତ ଘନିଷ୍ଠ ଓ ପ୍ରିୟପାତ୍ର ଥିବାରୁ ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥାଏ। ମନ୍ତ୍ରୀମାନଙ୍କ ମଧ୍ୟରୁ ଅନେକେ ଭାଗ ଭାଗ ହୋଇ ଦୁଇଜଣଙ୍କ ଆଡ଼କୁ ଢଳିଥାନ୍ତି। ଏହି ପରିବେଶରେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କ କାମ ଏ ଦୁଇ ମନ୍ତ୍ରୀ ଅନେକ ପରିମାଣରେ ତୁଲାଇ ଦେଉଥିଲେ।

●

Digitized by srujanika@gmail.com

# (୯)

ଜାନକୀବାବୁଙ୍କର ଦ୍ୱିତୀୟ ପ୍ରସ୍ତ ମନ୍ତ୍ରିମଣ୍ଡଳ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ଶପଥ ଗ୍ରହଣ କଲେ। ସାଧାରଣ ନିର୍ବାଚନ ପରେ ଲାଗ୍ ଲାଗ୍ ଦୁଇ ଦୁଇଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବାରେ ଜାନକୀବାବୁ ହିଁ ଓଡ଼ିଶାର ପ୍ରଥମ ବ୍ୟକ୍ତି। ଦ୍ୱିତୀୟ ଥର ମନ୍ତ୍ରିମଣ୍ଡଳରେ ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ବସନ୍ତ ବିଶ୍ୱାଳଙ୍କ ଅନୁପସ୍ଥିତି। ୧୯୮୫ ନିର୍ବାଚନରେ ବିଧାନସଭା ପାଇଁ ବସନ୍ତବାବୁ ଟିକେଟ ପାଇଲେ ନାହିଁ। ଏଥିପାଇଁ ଅନେକେ ସେତେବେଳେ ନିରଞ୍ଜନ ପଟ୍ଟନାୟକଙ୍କ ରାଜନୀତି ପ୍ରତି ଅଙ୍ଗୁଳି ପ୍ରଦର୍ଶନ କରିଥିଲେ।

ପ୍ରଥମ ପାଞ୍ଚବର୍ଷର ଶାସନ ପରେ ଏକାଧିକ ମନ୍ତ୍ରୀ ଓ ପ୍ରମୁଖ ବିଧାୟକଙ୍କୁ 'ଭାବମୂର୍ତ୍ତି' ହରାଇଥିବା ଆଳରେ ଟିକେଟ ପାଇବାରୁ ବଞ୍ଚିତ କରାଗଲା। କିଛି ଲୋକଙ୍କୁ ବିଧାୟକ ଦଳ ଓ ସରକାରରୁ ବାଦ୍ ଦେବାପାଇଁ ଜାନକୀବାବୁ ଏହି ଭାବମୂର୍ତ୍ତି ଫର୍ମୁଲାର ଆଶ୍ରୟ ନେଲେ। ଏହି ନୂଆ ଫର୍ମୁଲା ପ୍ରସ୍ତୁତ କରିବାରେ ସଚିବ ସୁଧାଂଶୁବାବୁଙ୍କ ଅବଦାନ ଅନେକାଂଶରେ ସାହାଯ୍ୟ କରିଥିଲା ବୋଲି କୁହାଯାଇଥାଏ। ତେବେ ଏଥିପାଇଁ ନିରଞ୍ଜନ ପଟ୍ଟନାୟକଙ୍କ ଭୂମିକା ବେଶ ସ୍ପଷ୍ଟ ଓ ପ୍ରଭାବଶାଳୀ। ପ୍ରଥମ ପାଞ୍ଚବର୍ଷରେ ବସନ୍ତବାବୁଙ୍କ ଆଧିପତ୍ୟ ଅନେକଙ୍କୁ ତାଙ୍କ ପ୍ରତି ଈର୍ଷାନ୍ୱିତ କରିଥିଲା। ତା'ର ଫଳସ୍ୱରୂପ ଜାନକୀବାବୁଙ୍କ ଶାସନର ଦ୍ୱିତୀୟ ପ୍ରସ୍ତରେ କେବଳ ବସନ୍ତବାବୁ ନୁହନ୍ତି, ତାଙ୍କୁ ଅତିମାତ୍ରାରେ ସମର୍ଥନ କରୁଥିବା ଆଉ କେତେକ ବିଧାୟକଙ୍କର ଭାବମୂର୍ତ୍ତି ଫର୍ମୁଲାରେ ପକ୍ଷଚ୍ଛେଦ କରାଗଲା।

ଜାନକୀବାବୁଙ୍କ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସେକ୍ରେଟାରିଏଟ୍ ଜମ୍‌ଜମାଟ୍ ହୋଇ ଉଠିଥିଲା। ସମଗ୍ର ଚାରିତାଲାଟି (ଥାର୍ଡ ଫ୍ଲୋର) କେବଳ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ପରିଣତ ହୋଇଥିଲା। ଦୁଇଜଣ ଆଇ.ଏ.ଏସ୍. ଅଫିସର, ଜଣେ ଆଇ.ପି.ଏସ. ଅଫିସର, ଚାରିଜଣ ଡେପୁଟି ସେକ୍ରେଟାରୀ, ଦୁଇଜଣ ଅଣ୍ଡର-ସେକ୍ରେଟାରୀ, ଜଣେ ଲୋକସମ୍ପର୍କ ଅଫିସର (ପ୍ରଥମ ଶ୍ରେଣୀ) ଓ ଦୁଇଜଣ ସେକ୍‌ସନ ଅଫିସରଙ୍କ ସମେତ ବହୁ କିରାଣି କାର୍ଯ୍ୟ କରୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଦେଖିଲେ ମନେହେଉଥିଲା ସରକାରଙ୍କର ସମସ୍ତ କାର୍ଯ୍ୟ ଏକାକୀ ଏହି ଅଫିସ୍ ହିଁ କରୁଥିଲା।

ଏଠାରେ ଗୋଟିଏ ବିଷୟ ଉଲ୍ଲେଖ କରିବା ଉଚିତ ମଣୁଛୁ। ଓଡ଼ିଶାରେ ରାଜନୀତିକ ଶାସନ ସ୍ଥିରତା ସ୍ୱାଧୀନତାପ୍ରାପ୍ତି ପରେ ଏକ ବିରଳ ଘଟଣା। ନିର୍ବାଚନରେ ସଂଖ୍ୟାଗରିଷ୍ଠ ବିଧାୟକ ଗୋଟିଏ ଦଳର ଟିକେଟରେ ନିର୍ବାଚିତ ହେଲେ ଶାସନରେ ସ୍ଥିରତା ଆସିବ, ତାହା ଠିକ୍ ନୁହେଁ। ଏଥିପାଇଁ ଦକ୍ଷ

Digitized by srujanika@gmail.com

ନେତୃତ୍ୱର ଆବଶ୍ୟକତା ରହିଛି। କାରଣ ୧୯୬୧ରେ ପ୍ରଥମ ଥର ପାଇଁ କଂଗ୍ରେସ ଦଳ ବିଧାନସଭାରେ ଏକ ନିଷ୍ପତ୍ତିମୂଳକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ୧୪୦ଟି ସ୍ଥାନ ମଧ୍ୟରୁ ୮୨ଟି ସ୍ଥାନ କଂଗ୍ରେସ ପାଇଥିଲେ ମଧ୍ୟ ବିଜୁ ପଟ୍ଟନାୟକ ମାତ୍ର ଦୁଇବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଠିକ୍ ସେହିଭଳି ୧୯୭୭ରେ ଜନତାଦଳ ୧୧୦ଟି ଆସନ ପାଇ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ମାତ୍ର ଅଢ଼େଇ ବର୍ଷ ଶାସନ ଗାଦିରେ ଥିଲେ। ଏହି ପରିପ୍ରେକ୍ଷୀରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରଥମ ପାଞ୍ଚବର୍ଷର ଶାସନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦ୍ୱିତୀୟ ଦଫାର ଶାସନ ଅନେକଙ୍କୁ ପ୍ରଥମ ପାଞ୍ଚବର୍ଷର ଶାସନ ସହ ତୁଳନା କରିବା ପାଇଁ ସ୍ୱତଃ ଖୋରାକ ଯୋଗାଇଥିଲା।

ଦ୍ୱିତୀୟ ପ୍ରସ୍ତର ପ୍ରଥମ ବର୍ଷ ଅର୍ଥାତ୍ ୧୯୮୫ ସାଲ୍ ମଧ୍ୟଭାଗରେ ଅମୂଲ୍ୟରତ୍ନ ନନ୍ଦ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଯୋଗଦେଲେ। ସୁଧାଂଶୁବାବୁ ସ୍ୱତନ୍ତ୍ର ସଚିବ ରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଶିଳ୍ପ ବିଭାଗ, ବିଜ୍ଞାନ ଓ କାରିଗରୀ ବିଭାଗ ସହ ଗୋଟିଏ ନିଗମର ଚେୟାରମ୍ୟାନ୍ ରୂପେ ଦାୟିତ୍ୱ ଗ୍ରହଣ କଲେ। ଫଳରେ ସେତେବେଳେ ପ୍ରଶାସନରେ ଅନ୍ୟ ସଚିବମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ମାତ୍ର ଜାନକୀବାବୁଙ୍କର ସୁଧାଂଶୁବାବୁଙ୍କ ଉପରେ ଥିବା ପ୍ରଗାଢ଼ ବିଶ୍ୱାସ ଏହି ଅସନ୍ତୋଷ ପ୍ରତି କୌଣସି ଗୁରୁତ୍ୱ ଦେଇନଥିଲା।

ଏ ଘଟଣାକୁ ୧୯୮୫ ଅକ୍ଟୋବର ୧୯ ତାରିଖ 'ସମ୍ବାଦ'ର ଅଗ୍ରଲେଖାରେ ସମ୍ପାଦକ ବାବୁ ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ସମାଲୋଚନା କରିବାରୁ ପଛେଇ ନଥିଲେ। "ସ୍ଥାୟୀ ସରକାର ଅସ୍ଥାୟୀ ବ୍ୟବସ୍ଥା" ଶୀର୍ଷକ ଏହି ପ୍ରଥମ ପୃଷ୍ଠା ସମ୍ପାଦକୀୟ ଅଗ୍ରଲେଖରେ କୁହାଯାଇଥିଲା – "କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଗୁରୁଦାୟିତ୍ୱ ତୁଲାଇବାରେ ସାହାଯ୍ୟ ସହଯୋଗ କରୁଥିବେ ବୋଲି ଆମେ ଆଶାକରୁ। ବାସ୍ତବରେ ଆଜିର ମୁଖ୍ୟମନ୍ତ୍ରୀଙ୍କର ବହୁମୁଖୀ ଦାୟିତ୍ୱକୁ ଦେଖିଲେ ତାଙ୍କ ପାଇଁ ଯେ ଜଣେ ସ୍ୱତନ୍ତ୍ର ସଚିବଙ୍କର ଆବଶ୍ୟକତା ରହିଛି, ଏକଥା ମଧ୍ୟ ଅନେକ ସ୍ୱୀକାର କରିବେ ଏବଂ ଏହି ଦାୟିତ୍ୱ ତୁଲାଇବା ପାଇଁ ସ୍ୱତନ୍ତ୍ର ସଚିବଙ୍କୁ ସ୍ୱତନ୍ତ୍ର ସମୟ ଓ ଅଧିକାର ଦିଆଯିବା ଦରକାର। କିନ୍ତୁ ଆମ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତାଙ୍କର ଏକାନ୍ତ ବିଶ୍ୱସ୍ତ ଏବଂ ଶିଳ୍ପ କ୍ଷେତ୍ରରେ ଅଭିଜ୍ଞ ହୋଇଥାଇପାରନ୍ତି; ମାତ୍ର ଅନେକଗୁଡ଼ିଏ ଗୁରୁଦାୟିତ୍ୱ ଦେଇ ତାଙ୍କୁ ଅଯଥା ଭାରାକ୍ରାନ୍ତ କରିବା ଦ୍ୱାରା ତାଙ୍କର ପାରଦର୍ଶିତାର ଯଥାର୍ଥ ଉପଯୋଗରୁ ସରକାର ବଞ୍ଚିତ ହେଉଛନ୍ତି ବୋଲି ଆମର ଆଶଙ୍କା।" ଅବଶ୍ୟ ୧୯୮୫ ଡିସେମ୍ବର ମାସରେ ସୁଧାଂଶୁବାବୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ପଦରୁ

Digitized by srujanika@gmail.com

ଅବ୍ୟାହତି ନେଇ ଶିକ୍ଷ ବିଭାଗର ପୂର୍ଣ୍ଣ ସ୍ୱମ୍ଭୟ ସଚିବ ହୋଇ ରହିଲେ। ତେବେ ଶିକ୍ଷ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାଯୋଗୁଁ ତାଙ୍କର ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ ଅବ୍ୟାହତ ରହିଥିଲା।

ଶ୍ରୀ ଅମୂଲ୍ୟରତ୍ନ ନନ୍ଦ ପ୍ରାୟ ଦେଢ଼ବର୍ଷ କାଳ ଏବଂ ଅବଶିଷ୍ଟ ସମୟ ପାଇଁ ଶ୍ରୀ ନୀଳମାଧବ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ ଦାୟିତ୍ୱ ତୁଲାଇଥିଲେ। ଏହି ଦୁଇ ଭଦ୍ରଲୋକ ଅତ୍ୟନ୍ତ ମୃଦୁଭାଷୀ ଏବଂ ଅମଲାତନ୍ତ୍ରର ଚିହ୍ନିତ ଲକ୍ଷ୍ମଣରେଖା ମଧ୍ୟରେ ଆତଯାତ ହେଉଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀଟି ଏଭଳି ଏକ ପଦବୀ, ଯାହା ରାଜନୀତି ଓ ପ୍ରଶାସନ ମଧ୍ୟରେ ଏକ ସୂକ୍ଷ୍ମ ସମ୍ପର୍କ ରଖି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଦାୟିତ୍ୱ ନିର୍ବାହ କରିବା ଦିଗରେ ସାହାଯ୍ୟକାରୀ ଭୂମିକା ସମ୍ପାଦକ କରିବା କାର୍ଯ୍ୟ କରିଥାଏ। ପ୍ରଥମ ପାଞ୍ଚବର୍ଷରେ ଯାହା ସୁଧାଂଶୁବାବୁ କରୁଥିଲେ, ତାହା ପରବର୍ତ୍ତୀ ବର୍ଷ ଗୁଡ଼ିକରେ ସମ୍ଭବ ହେଲାନାହିଁ। ଫଳରେ ଏହି ସମୟ ମଧ୍ୟରେ ଜାନକୀବାବୁଙ୍କ ବିରୋଧରେ ବିଧାୟକ ଦଳରେ ସଂଖ୍ୟାଧିକ ବିଧାୟକ ଏପରିକି ଗୋଟିଏ ସମୟରେ ସତୁରି ଜଣ ବିଧାୟକ ଅସନ୍ତୁଷ୍ଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ।

ଅନ୍ୟପକ୍ଷରେ ଜାନକୀବାବୁ ଛ' ସାତ ବର୍ଷ ମୁଖ୍ୟମନ୍ତ୍ରୀ ରୂପେ କାର୍ଯ୍ୟ କରିବା ପରେ କେତେକ କ୍ଷେତ୍ରରେ ବେପରୁଆ ହୋଇ ଉଠିଥିଲେ। କେବଳ ସରକାରୀ ଫାଇଲ ବା କେତେକ ଅତି ଜରୁରୀ ବିଷୟ ବ୍ୟତୀତ ଅନ୍ୟ କୌଣସି ବିଷୟରେ ସେ ତାଙ୍କ ପରବର୍ତ୍ତୀ ଦୁଇ ସଚିବଙ୍କ ସହ ପରାମର୍ଶ କରୁନଥିଲେ। ଫଳରେ ଏହି ସମୟରେ ତାଙ୍କ ନିଜର ଓ ତାଙ୍କ ମନ୍ତ୍ରିମଣ୍ଡଳର ସହକର୍ମୀମାନଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ତାଙ୍କରି ଦଳର ସଦସ୍ୟମାନେ ଆଗତ କରିଥିଲେ। ପୁନଶ୍ଚ ବିଧାୟକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୁଧାଂଶୁବାବୁଙ୍କୁ ଯେଉଁ କ୍ଷମତା ଦିଆଯାଇଥିଲା ବା ଅନ୍ୟ ଆକାରରେ କହିବାକୁ ଗଲେ ସୁଧାଂଶୁବାବୁ ଯେଉଁ କ୍ଷମତା ପ୍ରୟୋଗ କରୁଥିଲେ, ଅମୂଲ୍ୟବାବୁ ବା ନୀଳମାଧବବାବୁ ସେଥିରେ ପଶିନଥିଲେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ କାର୍ଯ୍ୟ କରିବାରେ ଏ ଦୁହେଁ ବିଫଳ ହୋଇଛନ୍ତି ବୋଲି ଗୋଟିଏ ଦିଗରେ କୁହାଯିବା ବେଳେ ଅନ୍ୟ ଦିଗରେ କେହି କେହି ଏମାନେ ରାଜନୀତିର ଗୋଳିଆପାଣିରେ ନପଶି ବୁଦ୍ଧିମାନ୍‌ର କାର୍ଯ୍ୟ କରିଛନ୍ତି ବୋଲି ମତ ଦେଇଥାନ୍ତି।

ଅବଶ୍ୟ ଏକଥା ଠିକ୍ ପ୍ରଥମ' ଦଫାରେ ଏମ୍.ଏଲ.ଏ. ତୋଷଣ ନୀତି ବହୁଧା ବିଭକ୍ତ ହୋଇଥିଲା, କିଛି ଏମ୍.ଏଲ.ଏ. ବସନ୍ତବାବୁଙ୍କ ମାର୍ଫତରେ ରହିବାବେଳେ କିଛି ଏମ୍.ଏଲ.ଏ. ନିରଞ୍ଜନ ପଟ୍ଟନାୟକଙ୍କ ଶିବିରରେ ଥା'ନ୍ତି।

Digitized by srujanika@gmail.com

ଦୁହେଁ ଜାନକୀବାବୁଙ୍କ ସମର୍ଥକ ହୋଇଥିବାରୁ ଏମ୍.ଏଲ.ଏ. ବିଦ୍ରୋହ ସମ୍ଭବ ହୋଇନଥିଲା। କିନ୍ତୁ ଦ୍ୱିତୀୟ ଦଫା ବେଳେ ବସନ୍ତବାବୁ ଅସନ୍ତୁଷ୍ଟ ଗୋଷ୍ଠୀର ନେତା ହୋଇପଡ଼ିବାବେଳେ ମାନ୍ୟବର ଓଡ଼ିଶା ହାଇକୋର୍ଟର ବିଚାରପତି ଶ୍ରୀ ବାଳକୃଷ୍ଣ ବେହେରା ନିରଞ୍ଜନ ପଟ୍ଟନାୟକଙ୍କ ବାବଦରେ ଖଣି ସେସ୍ ଘଟଣାରେ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିବାରୁ ସେ ମନ୍ତ୍ରିମଣ୍ଡଳରୁ ସ୍ୱେଚ୍ଛାରେ ଇସ୍ତଫା ଦେଇ ସୁପ୍ରିମକୋର୍ଟରେ ଅପିଲ୍ କରିଥିଲେ। ସୁପ୍ରିମକୋର୍ଟରେ କେଶ୍ ଜିତି ସେ ପୁଣି ମନ୍ତ୍ରିମଣ୍ଡଳକୁ ଫେରିଥିଲେ ମଧ୍ୟ ଯେଉଁ ବର୍ଷାଧିକ କାଳ ସେ ବାହାରେ ରହିଲେ, ସେ ସମୟତକ ତାଙ୍କର ସାହାଯ୍ୟ ଜାନକୀବାବୁ ପାଇଲେ ନାହିଁ। ଅନ୍ୟପକ୍ଷରେ ଦୁର୍ଭାଗ୍ୟ ଆସିବା ବେଳେ ସାଙ୍ଗସାଥୀ ନେଇ ଆସିବା ଭଳି ଜାନକୀବାବୁଙ୍କ ବିରୋଧରେ ୧୯୮୭ ମେ' ମାସରେ ଇଲଷ୍ଟ୍ରେଟେଡ୍ ଉଇକ୍ଲି ପତ୍ରିକା ଏକ ଚରିତ୍ର ସଂହାରମୂଳକ ଲେଖା ପ୍ରକାଶ କରିଥିଲା। ସମସ୍ତ ଘଟଣା ଏକ ସଙ୍ଗରେ ଘଟିଯିବାରୁ ଜାନକୀବାବୁ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଜାନକୀବାବୁ ଇଲଷ୍ଟ୍ରେଟେଡ୍ ଉଇକ୍ଲି ବିରୋଧରେ ୧ କୋଟି ଟଙ୍କାର ମାନହାନି ମୋକଦ୍ଦମା ଦାୟର କରିଥିଲେ ଓ ଇଲଷ୍ଟ୍ରେଟେଡ୍ ଉଇକ୍ଲି ଏଭଳି ରିପୋର୍ଟ ପ୍ରକାଶ କରିଥିବା ନେଇ କ୍ଷମାପ୍ରାର୍ଥନା କରିବା ପରେ ସେ କେଶ୍‌ରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ତେବେ ଏହିସବୁ ପ୍ରତିକୂଳ ପରିସ୍ଥିତି ଯୋଗୁଁ ସେ ପ୍ରଶାସନ ପାଇଁ ଦେଉଥିବା ସମୟରୁ ଅନେକ ସମୟ ଅଯଥାରେ ନଷ୍ଟ ହୋଇଥିଲା। ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଉଭୟ ରାଜନୀତି ଓ ପ୍ରଶାସନର ମଙ୍ଗ ଧରି ଚଳାଇବାର ଯେଉଁ କ୍ଷମତା ଏବଂ ଦକ୍ଷତା ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କର ରହିବା ଆବଶ୍ୟକ, ଜାନକୀବାବୁ ସେତେବେଳେ ସେଭଳି ଲୋକ ପାଇଲେ ନାହିଁ। ସୁଧାଂଶୁବାବୁ ତାଙ୍କ ପରିବାରର ଏକ ଦୁଃଖଦ ଘଟଣା ପରେ ଆଉ ସଚିବ ରୂପେ ରହିବା ପାଇଁ ଅନିଚ୍ଛା ପ୍ରକାଶ କରି ଶିଳ୍ପ ବିଭାଗର ସଚିବ ହୋଇ ରହିଲେ।

ପୁନଶ୍ଚ ସେତେବେଳେ ଜାନକୀବାବୁଙ୍କୁ ବିଭିନ୍ନ ଘଟଣାରେ ପରାମର୍ଶ ଦେବାପାଇଁ ଏଭଳି କେତେକ ବ୍ୟକ୍ତି ଜୁଟିଲେ, ଯେତେବେଳେ ତାଙ୍କର ସଚିବମାନେ ଆଉ ବିଶେଷ ଆଗଭର ହୋଇ କାର୍ଯ୍ୟ କରିବା ପାଇଁ ସାହସ କଲେନାହିଁ ବା ଆଗ୍ରହୀ ହେଲେନାହିଁ। ଅନେକ ଘଟଣାରେ ଜାନକୀବାବୁ ଯାହା ଚାହିଁଛନ୍ତି, ତାହା କରିପାରିନାହାନ୍ତି।

୧୯୮୯ ଡିସେମ୍ବର ମାସ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାସ୍ତ ଯୋଗୁଁ ଜାନକୀବାବୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ସେହି ମାସ ୭ ତାରିଖରେ ସମସ୍ତଙ୍କୁ ଅବାକ୍ କରିଦେଇ କେନ୍ଦ୍ର କଂଗ୍ରେସ

Digitized by srujanika@gmail.com

ହାଇକମାଣ୍ଡ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ମନୋନୀତ କଲେ । ତା' ସଂଗେ ସଂଗେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ରୂପେ ମନୋନୀତ କଲେ । ଶ୍ରୀମତୀ ଶତପଥୀଙ୍କ ଭଳି ଜଣେ ନେତ୍ରୀ ସଭାପତି ହେବାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ପ୍ରଭାବ ଅନେକାଂଶରେ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଏହି ସମୟରେ ପରୋକ୍ଷରେ ପ୍ରଶାସନର ଡୋରି ଶ୍ରୀମତୀ ଶତପଥୀଙ୍କ ହାତରେ ରହିଥିଲା । ଶ୍ରୀ ବିଶ୍ୱାଳଙ୍କୁ ଅନେକ ପ୍ରକ୍ସି ମୁଖ୍ୟମନ୍ତ୍ରୀ ରୂପେ ସେତେବେଳେ ଅଭିହିତ କରିଥିଲେ ।

ଶ୍ରୀ ବିଶ୍ୱାଳ ତାଙ୍କର ସଚିବ ରୂପେ ଶ୍ରୀ ବି.ଏଲ୍. କିଣ୍ଡୋ ନାମକ ଜଣେ ଆଇ.ଏ.ଏସ. ଅଫିସରଙ୍କୁ ନିଯୁକ୍ତି ଦେଇଥିଲେ । ତେବେ ଏହି ମନ୍ତ୍ରିମଣ୍ଡଳ ମାତ୍ର ଦୁଇମାସ କୋଡ଼ିଏ ଦିନ କାଳ ଶାସନ କରିଥିଲା । ମାର୍ଚ୍ଚ ୫ ତାରିଖ ୧୯୯୦ ସାଲ । ନୂଆ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ନେଲେ ଶ୍ରୀ ବିଜୁ ପଟ୍ଟନାୟକ । ସେଦିନ ଓଡ଼ିଶାବାସୀଙ୍କ ମନରେ ବିଜୁବାବୁ ଯେଉଁ ସ୍ୱପ୍ନର ସୁବର୍ଣ୍ଣ ବୀଜ ବପନ କରିଥିଲେ, ତାହା ଗତ ଚାରିବର୍ଷ ଧରି ସେହିଭଳି ଅଛି । ଆଜି ମଧ୍ୟ ଲୋକେ ସେଇ ସ୍ୱପ୍ନରେ ମସ୍‌ଗୁଲ୍ ହୋଇ ରହିଛନ୍ତି ।

•

Digitized by srujanika@gmail.com

# (୧୦)

ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକ ଏକ ବିଚିତ୍ରବର୍ଣ୍ଣ ପୁରୁଷ। ଅଦ୍ଭୁତ ଚରିତ୍ରର ଏହି ବ୍ୟକ୍ତି ନିଜର ଦୁଃସାହସିକ କାର୍ଯ୍ୟ ପାଇଁ ଯେତିକି ଖ୍ୟାତି ବା ଅଖ୍ୟାତିର ଅଧିକାରୀ, ଠିକ୍ ସେହିଭଳି ଅସାମଞ୍ଜସ୍ୟ କଥା ଓ କାର୍ଯ୍ୟ ପାଇଁ ଅନୁରୂପ ଜନଶ୍ରୁତି ଲାଭ କରିଛନ୍ତି। ୧୯୬୧ ସାଲ୍‌ରେ ଏହି ବ୍ୟକ୍ତି ଓଡ଼ିଶାର କ୍ଷମତା ରାଜନୀତିରେ ଉତପ୍ତ ଲାଭା ଖଣ୍ଡ ଭଳି ହଠାତ୍ ଉଜ୍ଜ୍ୱଳ ଆଲୋକ ବିକିରଣ କରି ଆବିର୍ଭୂତ ହୋଇଥିଲେ। ମାତ୍ର ଦୁଇବର୍ଷ ପରେ ଅଚାନକଭାବେ ସେ ସେହିଭଳି ପ୍ରକ୍ରିୟାରେ ନିର୍ବାପିତ ହୋଇଯାଇଥିଲେ। ଓଡ଼ିଶା ରାଜନୀତିକ ଅଙ୍ଗନରେ ସେ ସେହିଦିନ ଠାରୁ ଘୂରି ବୁଲୁଥିଲେ ଏକ ଅଶାନ୍ତ ଗ୍ରହ ପରି। ଅବଶେଷରେ ତିରିଶ ବର୍ଷ ପରେ ୧୯୯୦ ମାର୍ଚ୍ଚ ୫ ତାରିଖରେ ଜୀବନର ସନ୍ଧ୍ୟାରାଗରେ ପୁଣି ଯେତେବେଳେ ସେ କ୍ଷମତା ରାଜନୀତିରେ ସଂସ୍ଥାପିତ ହେଲେ ସେତେବେଳେ ସାଧାରଣ ଜନତା ତାଙ୍କ ନିକଟରେ ଉଦ୍ଦାମତା ଆଉ କର୍ମଦକ୍ଷତାକୁ ଖୋଜିଲେ। କିନ୍ତୁ ୧୯୬୧ର ବିଜୁ ପଟ୍ଟନାୟକ ଆଉ ୧୯୯୦ର ବିଜୁ ପଟ୍ଟନାୟକ ମଧ୍ୟରେ ବ୍ୟକ୍ତିତ୍ୱ, ଚରିତ୍ର ଆଉ ଭାବମୂର୍ତ୍ତିର ଏଭଳି ଅମେଳ ହୋଇଯାଇଛି ଯେ, ଜନତା ହତବୁଦ୍ଧି ହୋଇ ତା'ର ନେତାକୁ ଚାହିଁ ରହିଛି।

୧୯୬୧ର ବିଜୁ ପଟ୍ଟନାୟକ ଜଣେ ନିରାକାରବାଦୀ କର୍ମଫଳବିଶ୍ୱାସୀ ବ୍ୟକ୍ତି ଥିବାବେଳେ ୧୯୯୦ର ବିଜୁ ପଟ୍ଟନାୟକ ହଠାତ୍ ଜଗନ୍ନାଥ ମହାପ୍ରଭୁଙ୍କ ପରମଭକ୍ତ ରୂପେ ନିଜକୁ ପ୍ରତିଭାତ କରିବାରେ ତାଙ୍କୁ ଜାଣିଥିବା ବ୍ୟକ୍ତିମାନେ ତାଙ୍କର ଏ ନୂତନ ଅବତାରରେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ। ଜଗନ୍ନାଥଙ୍କୁ ନେଇ ବିଜୁବାବୁ ଯେପରି ମାତବରି କଲେ, ସେଥିରେ ଅନେକ ମନେକଲେ ବିଜୁବାବୁଙ୍କର ଏହା ଏକ ମାର୍କେଟିଂ ଷ୍ଟ୍ରାଟେଜି। ବିଜୁବାବୁଙ୍କ ପରିବାର ବ୍ରାହ୍ମଧର୍ମରେ ଦୀକ୍ଷିତ। ହଠାତ୍ 'ବ୍ରାହ୍ମ'ରୁ 'ବ୍ରାହ୍ମଣବାଦ'କୁ ବିଜୁବାବୁ ଯେପରି ଲମ୍ଫଦେଲେ, ତାହା ପଛରେ ଯେ ଏକ ଚାଣକ୍ୟ କୂଟନୀତିର ଗନ୍ଧ ରହିଛି, ତାହା କହିଲେ ଅତ୍ୟୁକ୍ତି ହେବନାହିଁ। ନିରାକାରରୁ ଆକାରତ୍ୱ ପାଇଁ କିଏ ବିଜୁବାବୁଙ୍କୁ ପରାମର୍ଶ ଦେଲେ? ନିଜ ପାରିବାରିକ ଧର୍ମଶୂନ୍ୟ ବ୍ରହ୍ମ ଚେତନାରୁ ବିପଥ ଗମନ କରି ଜଗନ୍ନାଥଙ୍କ ଆକାରତ୍ୱ ମାୟାରେ ଜଡ଼ିତ ହୋଇପଡ଼ିବା ଯେ ଏକ ପୋଖତ ମସ୍ତିଷ୍କର ହିସାବୀ ଖେଳ, ଏହା କହିବା ବାହୁଲ୍ୟମାତ୍ର। ବିଜୁବାବୁଙ୍କର ଧର୍ମ ବା ହୃଦୟ ନୁହେଁ - ଏହି ରାଜନୈତିକ କୌଶଳ ପରିବର୍ତ୍ତନ ପଛରେ ତାଙ୍କ ସଚିବଙ୍କ ଭୂମିକାର ପରିମାଣ କେତେ, ତାହା ଅନୁମାନ କରାଯାଇପାରେ।

ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ (୧୯୬୧ ଜୁନ୍‌ରୁ ୧୯୬୩ ଅଗଷ୍ଟ) ସମୟରେ

Digitized by srujanika@gmail.com

ତାଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗର ତଦନ୍ତ କରି କେନ୍ଦ୍ର ମନ୍ତ୍ରିମଣ୍ଡଳର ଏକ ଉଚ୍ଚସ୍ତରୀୟ ସବ୍‌କମିଟି ୧୯୬୫ ଜାନୁଆରୀ ୭ ତାରିଖରେ, ସି.ବି.ଆଇ. ସଂସ୍ଥା ପକ୍ଷରୁ ୧୯୭୪ ନଭେମ୍ବର ୫ ତାରିଖରେ ଏବଂ ଖାନ୍ନା କମିଶନ ୧୯୬୯ ଜାନୁଆରୀ ୧୫ ତାରିଖରେ ସେମାନଙ୍କ ରିପୋର୍ଟ ଯଥାକ୍ରମେ କେନ୍ଦ୍ର ସରକାର ଓ ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ କରିଥିଲେ। ଏ ସମସ୍ତ ରିପୋର୍ଟରେ ବିଜୁବାବୁଙ୍କ ବିରୋଧରେ "ପ୍ରଶାସନିକ ଅସଙ୍ଗତି" ପ୍ରମାଣ ଥିବା କଥା ଦର୍ଶାଯାଇଥିଲା। ତେଣୁ ୧୯୯୦ରେ ବିଜୁବାବୁ ଯେତେବେଳେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ, ଆଶା କରାଯାଉଥିଲା, ଇତିହାସକୁ ସେ ପୁନରାବୃତ୍ତି କରିବେ ନାହିଁ।

୧୯୮୯ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ପରେ ଓଡ଼ିଶାର ରାଜନୀତିକ ଚିତ୍ର ସ୍ପଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ବିଧାନସଭା ନିର୍ବାଚନରେ ବିଜୁବାବୁ ଯେ ନିଶ୍ଚିତ ଭାବେ ସରକାର ଗଢ଼ିବେ, ଏହା ଦିନର ଆଲୋକ ଭଳି ପରିଷ୍କାର ହୋଇଯାଇଥିଲା। ସେତେବେଳେ ଶ୍ରୀ ପ୍ୟାରିମୋହନ ମହାପାତ୍ର ଶିକ୍ଷା ବିଭାଗର ଶାସନ ସଚିବ ଓ ମୁଖ୍ୟ ନିର୍ବାଚନ ଅଫିସର ରୂପେ କାର୍ଯ୍ୟ କରୁଥିଲେ। ପ୍ୟାରିବାବୁ ଛାତ୍ର ଜୀବନରେ କମ୍ୟୁନିଷ୍ଟ ଦଳ ଅଙ୍ଗୀକୃତ ଛାତ୍ର ସଂଗଠନ (ଷ୍ଟୁଡେଣ୍ଟସ୍ ଫେଡେରେସନ)ର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସାଧାରଣ ଭାବେ ସେ ବାମପନ୍ଥୀ ବୌଦ୍ଧିକ ତତ୍ତ୍ୱବାଦର ଜଣେ ମର୍ମଜ୍ଞ ବ୍ୟକ୍ତି ରୂପେ ପରିଚିତ। କଂଗ୍ରେସ ସରକାର ସମୟରେ କେଜାଣି କିଭଳି ଭାବେ ତାଙ୍କର କଂଗ୍ରେସ ବିରୋଧୀ ଏକ ଭାବମୂର୍ତ୍ତି ପ୍ରକଟିତ ହୋଇପଡ଼ିଥିଲା। ଫଳରେ ରାଜସ୍ୱ ବିଭାଗର ସେ ସଚିବ ଥିବା ସମୟରେ ଲ୍ୟାଣ୍ଡ ଆକ୍ୟୁଜିସନ ବିଜ୍ଞାପନ ତାଙ୍କ ବିଭାଗରୁ କାଢ଼ି ନିଆଯାଇ ଲୋକସମ୍ପର୍କ ବିଭାଗ ମାର୍ଫତରେ ରଖାଯାଇଥିଲା। ଲୋକସଭା ନିର୍ବାଚନ ସମୟରେ ବଲାଙ୍ଗୀର ଠାରେ ପୂର୍ବମନ୍ତ୍ରୀ ଶ୍ରୀ ମୁଜାଫର ହୁସେନ ଖାଁ ପିସ୍ତଲ ଧରି ଭୋଟକେନ୍ଦ୍ରରେ ପ୍ରବେଶ ଓ ଗଣ୍ଡଗୋଳ ଘଟଣାରେ ପ୍ୟାରିବାବୁ ମୁଖ୍ୟ ନିର୍ବାଚନ ଅଫିସର ରୂପେ ମନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେବା ଆଦି କେତେକ ଘଟଣା ତାଙ୍କୁ ଜନତାଦଳ ଓ ବିଜୁବାବୁଙ୍କର ନିକଟତମ କରିଦେଇଥିଲା। ତେଣୁ ଲୋକସଭା ନିର୍ବାଚନ ପରେ ପରେ ସେ ବିଜୁବାବୁଙ୍କ ସଚିବ ହେଉଛନ୍ତି ବୋଲି ଦୃଢ଼ ଧାରଣା ସୃଷ୍ଟି ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ତାହାହିଁ ଘଟିଥିଲା।

ବିଜୁବାବୁ ତାଙ୍କର ସଚିବ ରୂପେ ପ୍ୟାରିବାବୁଙ୍କୁ ନେଇ ଭୁଲ୍ କରିଥିଲେ କି ପ୍ୟାରବାବୁ ବିଜୁବାବୁଙ୍କ ସଚିବ ପଦ ଗ୍ରହଣ କରି ଭୁଲ୍ କରିଥିଲେ ତାହାର ଯଥାର୍ଥ ମୂଲ୍ୟାୟନ ବର୍ତ୍ତମାନ କରିବା ସମ୍ଭବ ନୁହେଁ। କାରଣ ପ୍ୟାରିବାବୁ ସଚିବ

Digitized by srujanika@gmail.com

ରୂପେ ଯାହା କ୍ରରିଥିଲେ, ସେ ସମସ୍ତ ଘଟଣାର ଉପଯୁକ୍ତ ସାକ୍ଷୀ ପ୍ରମାଣ ଏବେ ମିଳିବା ସମ୍ଭବ ନୁହେଁ କିମ୍ବା ବିଜୁବାବୁ ପ୍ୟାରିବାବୁଙ୍କ ଜରିଆରେ ଯାହା କରିଛନ୍ତି, ତା'ର ପ୍ରତ୍ୟକ୍ଷ ସୂଚନା ପ୍ୟାରିବାବୁ କିମ୍ବା ତାଙ୍କ ବନ୍ଧୁମାନେ କେହି ଦେବେନାହିଁ। ସେହି ଦୃଷ୍ଟିରୁ ଭବିଷ୍ୟତରେ ଯଦି କେହି ଏ ଦିଗରେ ଅନୁସନ୍ଧାନ ମୂଳକ ତଥ୍ୟ ସଂଗ୍ରହ କରେ, ତେବେ ତାଙ୍କୁ ତାହା ପାଇବାକୁ ସହଜ ହେବ।

ଏକଥା ସତ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ସଚିବ (ପରେ ପ୍ରମୁଖ ସଚିବ) ରୂପେ ଶ୍ରୀ ପ୍ୟାରିମୋହନ ମହାପାତ୍ର ଅତ୍ୟନ୍ତ ବିତର୍କିତ ହୋଇପଡ଼ିଥିଲେ। ବିଜୁବାବୁଙ୍କ ପ୍ରଶାସନରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀର ଗୁରୁତ୍ୱ ଏଭଳି ଭାବେ ବୃଦ୍ଧି ପାଇଲା, ଯାହାକୁ ରାଜ୍ୟର ଅଧିକାଂଶ ମନ୍ତ୍ରୀ ଓ ବଡ଼ ବଡ଼ ହାକିମ ପ୍ରକୃତ କ୍ଷମତା କେନ୍ଦ୍ର ବୋଲି ଖୋଲାଖୋଲି ଭାବେ ମତ ଦେଉଥିଲେ। ଅନେକ ମୁଖ୍ୟମନ୍ତ୍ରୀଙ୍କ ସଚିବ ଅଫିସ୍‌କୁ ପି.ଏମ୍. ବୋଲି ଆଖ୍ୟା ଦେଇଥିଲେ। ସାଧାରଣ ଭାବେ ପ୍ରଶାସନ ସମ୍ପର୍କରେ ଯେଉଁମାନଙ୍କର କିଛି ଧାରଣା ରହିଛି, ସେମାନେ ସ୍ପଷ୍ଟଭାବେ କହୁଥିଲେ ଆଗେ ପି.ଏମ୍.ଙ୍କ ଠାରୁ ଆପ୍ରୁଭ୍ (ମଞ୍ଜୁର) କର, ସି.ଏମ୍. ଖାଲି ଦସ୍ତଖତ କରିବେ। ଏହି ପି.ଏମ୍. ଓ ସି.ଏମ୍. ଖେଳ ବହୁଦିନ ଧରି ଚାଲିଲା। କାରଣ ମୁଖ୍ୟମନ୍ତ୍ରୀଙ୍କୁ କୁଜ୍ଝଟିକାର ଏଭଳି ଏକ ବହଳ ଆବରଣ ମଧ୍ୟରେ ରଖି ଦିଆଗଲା ଯେ, କେତେକ କ୍ଷମତାର ଅନ୍ୟ ନାମ ପି.ଏମ୍. ବୋଲି ମତ ଦେଉଥିଲେ।

ଅନ୍ୟପକ୍ଷରେ ବିଜୁବାବୁ ଜଣେ ଖିଆଲୀ ବ୍ୟକ୍ତି। ଅଦ୍ଭୁତ ବିଷୟ ତାଙ୍କ ମୁଣ୍ଡକୁ ଜୁଟେ। ଏଇ ଯେମିତି ମହିଳାମାନଙ୍କ ପାଇଁ ତିରିଶ ଭାଗ ସ୍ଥାନ ସଂରକ୍ଷଣ। ମହିଳାମାନଙ୍କୁ ଦେଖିଲେ ବିଜୁବାବୁ ଉତ୍ସାହିତ ହୋଇପଡ଼ନ୍ତି। ତେଣୁ ଗୋଟିଏ ସମୟରେ ସେ କେବଳ ମହିଳାମାନଙ୍କ ସୁରକ୍ଷା ପାଇଁ ବ୍ୟସ୍ତ ହୋଇପଡ଼ିଲେ। ବିଜୁବାବୁ ମହିଳା ସୁରକ୍ଷା ପାଇଁ ଯେତିକି ବ୍ୟସ୍ତ ହେଉଥିଲେ, ରାଜ୍ୟରେ ମହିଳା ନିଗ୍ରହ ସେହି ପରିମାଣରେ ବୃଦ୍ଧି ପାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରୁ ମହିଳାମାନଙ୍କ ପାଇଁ ଅନେକ ସମୟରେ ନୂଆ ନୂଆ ଘୋଷଣାନାମା ପ୍ରକାଶ ପାଇଲା। କିନ୍ତୁ ପରେ ଯେଉଁ ବିଭାଗ ଏହା କାର୍ଯ୍ୟକାରୀ କରିବେ, ସେ ବିଭାଗରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଏନାହିଁ। ଫଳରେ ମୁଖ୍ୟମନ୍ତ୍ରୀଙ୍କର କେତେକ ଘୋଷଣା ତାଙ୍କୁ ସାଧାରଣରେ ଏକ ହାସ୍ୟକର ଭୂମିକାରେ ପକାଇଦିଏ। ଏ କ୍ଷେତ୍ରରେ ତାଙ୍କୁ ତାଙ୍କ ଅଫିସ୍‌ରୁ ଯଥାର୍ଥ ପରାମର୍ଶ ଦିଆଯାଏ କି ନାହିଁ, ତାହା ଜାଣିବା ମୁସ୍କିଲ୍। କିନ୍ତୁ ବିଜୁବାବୁ ଯେପରି ଯଥେଚ୍ଛାଭାବେ ବିଭିନ୍ନ ଘୋଷଣା କରନ୍ତି ଏବଂ ହାସ୍ୟାସ୍ପଦ ହୁଅନ୍ତି, ସେଥିରେ ତାଙ୍କ ସଚିବଙ୍କ ଭୂମିକା ସମ୍ପର୍କରେ ପ୍ରଶ୍ନ ଉଠିପାରେ।

ଅଭିଯୋଗ ହୁଏ ଯେ, ବିଜୁବାବୁଙ୍କ ସମୟରେ ତାଙ୍କ ସଚିବାଳୟ ବିଶେଷକରି

Digitized by srujanika@gmail.com

ସଚିବଙ୍କ ଅଫିସ୍ ସମ୍ବିଧାନ ବହିର୍ଭୂତ କ୍ଷମତା କେନ୍ଦ୍ରରେ ପରିଣତ ହୋଇଥିଲା। ବିଭାଗର ସଚିବମାନେ କେବଳ ସଚିବଙ୍କ ଅଫିସ୍‌କୁ ଆସି ତାଙ୍କ ସହ ଆଲୋଚନା କରି ଫେରିଯାଉଥିଲେ। କୌଣସି କୌଣସି ଘଟଣାରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି ସମୁଦାୟ ଘଟଣା ଉପରେ ଆଲୋଚନା କରି ଆଲୋଚନାର ସାମଗ୍ରିକ ନିର୍ଯାସକୁ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସଚିବ ଜଣାଉଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ କ୍ଷମତା ଦେଇଥିଲେ କି ନାହିଁ କିମ୍ବା ଏଭଳି ଏକ କ୍ଷମତା ମୁଖ୍ୟମନ୍ତ୍ରୀ ଜଣେ ଅଫିସରଙ୍କୁ ଦେଇପାରିବେ କି ନାହିଁ, ସେ ସମ୍ପର୍କରେ ବିଚାର ଆଲୋଚନା ହେବା ଉଚିତ। ସମ୍ବିଧାନରେ ମୁଖ୍ୟମନ୍ତ୍ରୀଙ୍କୁ ଯେଉଁ କ୍ଷମତା ଦିଆଯାଇଛି, ତା'ର ଯଥାର୍ଥ ବିଶ୍ଳେଷଣ କରାଯିବା ଉଚିତ। 'ରୁଲ୍‌ସ ଅଫ୍ ବିଜିନେସ୍' ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ କୌଣସି କ୍ଷମତା ବା ଅନ୍ୟ ବିଭାଗୀୟ ସଚିବଙ୍କ ଭଳି କୌଣସି ଘଟଣା ଉପରେ ଫାଇଲ୍‌ରେ ମନ୍ତବ୍ୟ ଦେବାର ଅଧିକାର ଦେଇନାହିଁ। ଏପରିକି ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି କେବଳ ସଂପୃକ୍ତ ବିଭାଗୀୟ ସଚିବ ବା ଉପଶାସନ ସଚିବ କିମ୍ବା ସେହି ବିଭାଗର କୌଣସି କ୍ଷମତାପ୍ରାପ୍ତ ଅଫିସରଙ୍କ ଦସ୍ତଖତରେ ଇସ୍ୟୁ ହେଲେ ହିଁ ତାହା ସରକାରୀ ଆଦେଶ ରୂପେ ଗଣ୍ୟ ହେବ।

ଏହା ସାଧାରଣ ଘଟଣା ଏବଂ ଏହା ସମସ୍ତେ ଜାଣନ୍ତି। ମାତ୍ର ବିଜୁବାବୁଙ୍କ ଅଫିସ୍‌ରୁ ଏଭଳି ଅନେକ ଚିଠି ବିଭିନ୍ନ ପକ୍ଷଙ୍କୁ ପଠାଯାଇଛି ଏବଂ ଯାହା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବୋଲି ଦର୍ଶାଯାଇଛି, ଯେଉଁଥିରେ ସଂପୃକ୍ତ ପ୍ରଶାସନିକ ବିଭାଗର କର୍ତ୍ତାମାନେ ସଂପୃକ୍ତ ନୁହନ୍ତି ବା ଜାଣନ୍ତି ନାହିଁ। ଏଇ ଯେମିତି ଗତ ମାର୍ଚ୍ଚ ମାସ ୩ ତାରିଖରେ ଅଣଗେଜେଟେଡ୍ ଅଫିସର୍ସ ସମନ୍ବୟ ସମିତିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ଗ୍ରହଣ କରିନେଲେ ଏବଂ ଏହି ଦାବି ଗ୍ରହଣ କରି ତାଙ୍କ ନିଷ୍ପତ୍ତି ଘୋଷଣା କରିଛନ୍ତି ବୋଲି ତାଙ୍କ ସଚିବ ଅଣଗେଜେଟେଡ୍ ସଂଘର କର୍ମକର୍ତ୍ତାଙ୍କୁ ଜଣାଇଦେଲେ। ଏହି ଆଲୋଚନାବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର, ଜନତାଦଳ ସଭାପତି ଶ୍ରୀ ଅଶୋକ ଦାସ, ଜନତାଦଳ ବିଧାୟକ ଶ୍ରୀ ଅମର ଶତପଥୀ ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀ ପି.ଏମ୍. ମହାପାତ୍ର ଉପସ୍ଥିତ ଥିବା ବିଷୟ ମୁଖ୍ୟମନ୍ତ୍ରୀଙ୍କ ସଚିବ ରେକର୍ଡ କରିଛନ୍ତି। ଏମାନଙ୍କ ବ୍ୟତୀତ ସଂପୃକ୍ତ ସଂଘର ୧୭ ଜଣ ସଦସ୍ୟ ଉପସ୍ଥିତ ଥିବା କଥା ମଧ୍ୟ ରେକର୍ଡ ହୋଇଛି। ମୁଖ୍ୟମନ୍ତ୍ରୀ ନେଇଥିବା ନିଷ୍ପତ୍ତି ଏବଂ ଏହି ଆଲୋଚନା ଏକ ସରକାରୀ ସ୍ତରର ନିଷ୍ପତ୍ତି ବୋଲି କୁହାଯାଏ, ତେବେ ଅଶୋକ ଦାସ ଓ ଅମର ଶତପଥୀ କେଉଁ ପଦାଧିକାର କ୍ଷମତା ବଳରେ ଏହି ଆଲୋଚନାରେ ଉପସ୍ଥିତ ଥିଲେ ? ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଏହି ନିଷ୍ପତ୍ତିଗୁଡ଼ିକ ଅର୍ଥ ବିଭାଗ ଓ ରାଜସ୍ୱ

Digitized by srujanika@gmail.com

ବିଭାଗ ସମ୍ପର୍କୀୟ ହୋଇଥିଲେ ମଧ୍ୟ ଏହି ବିଭାଗଗୁଡ଼ିକର ସଚିବମାନଙ୍କୁ କିମ୍ବା ମୁଖ୍ୟ ଶାସନ ସଚିବଙ୍କୁ ଡକାଯାଇ ନଥିଲା । ଏମାନଙ୍କୁ ଡାକିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସଚିବ ପରାମର୍ଶ ଦେଇଥିଲେ କି ନାହିଁ ଏବଂ ଯଦି ଦେଇଥିଲେ, ଏମାନଙ୍କୁ ଡାକିବା ପାଇଁ ମୁଖ୍ୟମନ୍ତ୍ରୀ କାହିଁକି ମନାକଲେ ? ଏ ସମସ୍ତ ବିଭାଗର ମତାମତ ନେବାକୁ ମୁଖ୍ୟମନ୍ତ୍ରୀ ଉଚିତ ମଣିଲେ ନାହିଁ କି ତାଙ୍କ ସଚିବ ଉଚିତ ମଣିଲେ ନାହିଁ, ତାହା ସ୍ପଷ୍ଟ ହେବା ଉଚିତ । ଏଥିରୁ ଆଉ ଗୋଟିଏ କଥା ଉଠିବ, ତା' ହେଉଛି ମୁଖ୍ୟମନ୍ତ୍ରୀ ତାଙ୍କ ସଚିବଙ୍କୁ ନେଇ ଯଦି ଏତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଦଶ ମିନିଟରେ ସମାଧାନ କରିଦେଲେ, ତେବେ ଏତେ ବିଭାଗ ଏବଂ ତା'ର ସଚିବ ରୂପେ ଏତେ ବଡ଼ ବଡ଼ ଅଫିସର ରହିବାର ଆଉ ଆବଶ୍ୟକତା କ'ଣ ଅଛି ?

ଆଉ ଏକ ଅଭିଯୋଗ ହୁଏ ଯେ, ବିଜୁବାବୁଙ୍କ ଅମଳରେ ତଳୁ ବିଭାଗୀୟ ସଚିବ, ମୁଖ୍ୟ ବା ଉପମୁଖ୍ୟ ସଚିବ ଓ ମନ୍ତ୍ରୀଙ୍କ ତନଖି ପରେ ଯେଉଁ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଁ ଯାଏ, ସେଥିମଧ୍ୟରୁ ଅନେକ ପ୍ରସ୍ତାବ କାଟ୍ ଖାଇଥାଏ । ଅନେକ ବଦଳି ଘଟଣାରେ ଏହା ଘଟିଛି । ଏହା ସ୍ପଷ୍ଟ ମୁଖ୍ୟମନ୍ତ୍ରୀ ପ୍ରସ୍ତାବରେ ଯାଉଥିବା ୯୯ ଭାଗ ଲୋକଙ୍କୁ ବା ପଦବୀକୁ ଜାଣନ୍ତି ନାହିଁ । ତେବେ ଏହା କାଟ୍ ଖାଏ କିପରି ? ଅନେକ ଅଭିଯୋଗ କରନ୍ତି ସଚିବଙ୍କ ଯୋଗୁଁ ଏହା ଘଟିଥାଏ । ଯଦି ଏହା ସତ୍ୟ ହୁଏ, ତେବେ କୌଣସି କ୍ଷମତା ନଥାଇ ମଧ୍ୟ ସଚିବଙ୍କ ଅଫିସ୍ ସମ୍ବିଧାନ ବହିର୍ଭୂତ କି ବିପୁଳ କ୍ଷମତାର ଅଧିକାରୀ, ତାହା ସହଜରେ ଅନୁମେୟ ।

ଅବଶ୍ୟ ଏଥିପାଇଁ ଶ୍ରୀ ପ୍ୟାରିମୋହନ ମହାପାତ୍ର ବା ସେହି ପଦବୀରେ ରହୁଥିବା କୌଣସି ବ୍ୟକ୍ତିଙ୍କୁ ଦୋଷଦେଇ ଲାଭନାହିଁ । କାରଣ ଏହି ଅଫିସ୍ ପାଇଁ ଏତେ ବଡ଼ ଜଣେ ଅଫିସରଙ୍କୁ ମନୋନୀତ କଲେ ଏଭଳି ପରିଣତି ଏକ ସ୍ୱାଭାବିକ ଘଟଣା । ରୁଲ୍ସ ଅଫ୍ ବିଜିନେସ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କର କୌଣସି କ୍ଷମତା ବା ମତାମତ ଦେବାର ଅଧିକାର ନଥିବାବେଳେ ପ୍ୟାରିବାବୁଙ୍କ ଭଳି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଜଣେ ବରିଷ୍ଠ ଅଫିସରଙ୍କୁ ଏହି ପଦ ପାଇଁ ମନୋନୟନ କଲେ ସେ କ'ଣ ହାତଗୋଡ଼ ବାନ୍ଧି ବସିରହିବେ ? ସ୍ୱାଭାବିକ ଭାବେ ତାଙ୍କ କ୍ଷମତାର ଉପଯୋଗ କରିବେ । ସେ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଯଦି ଆଖି ବୁଜିଦିଅନ୍ତି, ଆଉ କାହାକୁ କିଏ କହିବ ?

●

Digitized by srujanika@gmail.com

# (୧୧)

"ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ପ୍ରଶାସନର ବିଷବୃକ୍ଷ" ଶୀର୍ଷକ ବିଷୟବସ୍ତୁକୁ ନେଇ ଆମେ ଯେତେବେଳେ ଏକ ଅନୁସନ୍ଧାନମୂଳକ ପ୍ରତିବେଦନ ଲେଖିବା ପାଇଁ ମନସ୍ଥ କଲୁ, ସେତେବେଳେ ଘୁଣାକ୍ଷରରେ ମଧ୍ୟ ଜାଣିନଥିଲୁ ଏହା ଏଭଳି ଏକ ସ୍ପର୍ଶକାତର ବିଷୟ ହୋଇଉଠିବ। ଏହା ବିତର୍କ ଭିତରେ ଯେଭଳି ଭାବେ ଜଡ଼ିତ ହୋଇପଡ଼ିଲା ଏବଂ ଅନାବଶ୍ୟକ ଭାବେ ଘଟଣାର ମୂଳସ୍ରୋତରୁ ଅନ୍ୟ ଦିଗକୁ ଟାଣି ନେବାପାଇଁ ଯେଭଳି ଭାବେ ଉଦ୍ୟମ ହେଲା, ତାହାକୁ ବହୁ ବନ୍ଧୁ ବିରୋଧ କରି ମୋତେ ବ୍ୟକ୍ତିଗତ ଭାବେ ଏବଂ 'ସମ୍ବାଦ'ର ସମ୍ପାଦକଙ୍କୁ ପତ୍ର ଲେଖି ଓ ଟେଲିଫୋନ୍ କରି ଯେଉଁ ସମର୍ଥନ ଜଣାଇଛନ୍ତି, ସେଥିପାଇଁ ସେମାନଙ୍କୁ ଆମର ଆନ୍ତରିକ ଧନ୍ୟବାଦ ଜଣାଉଛି।

ଏହି ଉପାଖ୍ୟାନର ଦଶମ ଅଧ୍ୟାୟ ଗତ ୨୩ ତାରିଖରେ ପ୍ରକାଶ ପାଇବା ପରେ ସର୍ବଭାରତୀୟ ସେବାର ଜଣେ ବରିଷ୍ଠ ସଦସ୍ୟ କୌତୁକରେ କହିଲେ, ଏହା କ'ଣ ଏକାଦଶ ସ୍କନ୍ଧରେ ଶେଷ ହେବ ନା ଅଠରଖଣ୍ଡ ମହାଭାରତ ଆଡ଼କୁ ଗତିକରିବ ? ଆମେ ଦଶମ ସ୍କନ୍ଧ ଭାଗବତର ବିପ୍ର ଜଗନ୍ନାଥଙ୍କ ଭାଷାରେ କହିଥିଲୁ- "ବୋଲଇ ବିପ୍ର ଜଗନ୍ନାଥ - ସୁଜନ ହିତେ ଭାଗବତ। ସେ ହରି ଆଜ୍ଞା ଶିରେ ଧରି - ଯେତେ ପାରିଲି ଅବା କରି। ପ୍ରକୃତ ଭାଷା ଏ ପ୍ରବନ୍ଧ - ଯେହ୍ନେ ଅନ୍ଧାରେ ଭ୍ରମେ ଅନ୍ଧ। ମୁଁ ଛାର ହୀନ ମୂଢ଼ମତି - କୃଷ୍ଣ ଚରଣେ ହେଉ ମତି।" ଏହି ଉପାଖ୍ୟାନ ଲେଖିବାବେଳେ ମଝିରେ ମଝିରେ ଅନେକ ବନ୍ଧୁ ସ୍ୱତଃପ୍ରବୃତ୍ତ ହୋଇ ଅନେକ ଘଟଣା ଓ ତଥ୍ୟର ବିବରଣୀ ଦେଇଛନ୍ତି। ଉଚ୍ଚ ପଦବୀରେ ଥିବା କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଏଭଳି କେତେକ ତଥ୍ୟ ଆମର ହସ୍ତଗତ ହୋଇଛି, ଯାହା ଆମେ ଜାଣିଶୁଣି ବ୍ୟବହାର କରିନାହୁଁ। ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କର ଆୟ ତୁଳନାରେ ସମ୍ପତ୍ତି (ସ୍ୱନାମ ଓ ବେନାମ) ଏବେ କିଭଳି ସ୍ତରରେ ପହଞ୍ଚିଛି ଏବଂ ନିଜ ପଦବୀର ଅପବ୍ୟବହାର କିଭଳି ପର୍ଯ୍ୟାୟରେ ଉପନୀତ ହୋଇଛି, ସେ ସମ୍ପର୍କରେ ଅନେକ ତଥ୍ୟ ଅନେକ ବନ୍ଧୁ ଯୋଗାଇ ଦେଇଛନ୍ତି। ସେଥିପାଇଁ ସେମାନଙ୍କୁ ଆମର ଧନ୍ୟବାଦ।

୧୯୫୪ରୁ ୧୯୯୪ ସାଲ୍ ପର୍ଯ୍ୟନ୍ତ ଏହି ଚାଳିଶ ବର୍ଷ ମଧ୍ୟରେ ପ୍ରଶାସନର ଏହି ବିଶେଷ ଦିଗଟି ସମ୍ପର୍କରେ ଆମେ ଆଲୋଚନା କଲାବେଳେ ଆମର ହୃଦ୍‌ବୋଧ ହୋଇଛି ଯେ, କ୍ଷମତା ପ୍ରୟୋଗ କ୍ଷେତ୍ରରେ ରାଜନୀତିକ ବ୍ୟକ୍ତିମାନେ

Digitized by srujanika@gmail.com

ଯେଉଁ ଅପରିଣାମଦର୍ଶିତାର ଅପରିଚ୍ଛିନ୍ନ ଉଦାହରଣମାନ ରଖିଯାଇଛନ୍ତି- ସେମାନଙ୍କ ସଚିବ ରୂପେ କାର୍ଯ୍ୟ କରିଥିବା କିଛି ବରିଷ୍ଠ ଅଫିସର ଅନୁରୂପ ଦୋଷଦୁଷ୍ଟ। କ୍ଷମତାରୁ ବା ସେହି ପଦବୀରୁ ଯିବାପରେ ସେମାନଙ୍କ ସମ୍ପର୍କରେ ସେମାନଙ୍କ ସହକର୍ମୀ ଓ ସେମାନଙ୍କ ଦ୍ୱାରା ଜାଣତରେ ବା ଅଜାଣତରେ ବିନା ଦୋଷରେ ଦଣ୍ଡିତ ବହୁ ବ୍ୟକ୍ତି ସେମାନଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦିଅନ୍ତି, ତାହା ସେମାନେ ଜାଣନ୍ତି କି ନାହିଁ, ଆମେ ଜାଣୁନା। କିନ୍ତୁ ସାଧାରଣ ଭାବେ ସମାଜରେ ଏମାନଙ୍କ ସମ୍ପର୍କରେ ଏଭଳି ପ୍ରଚାର ଚାଲେ, ଯାହା ଏମାନଙ୍କ ପ୍ରତି ସମ୍ମାନବୋଧ ଦୂରେଥାଉ, ଘୃଣାଭାବ ସୃଷ୍ଟି କରିଥାଏ। ଦୁର୍ନୀତିଗ୍ରସ୍ତ ସମ୍ପତ୍ତିର ଉଲଗ୍ନ ପରିପ୍ରକାଶ (Open exposure of wealth) ଏହି ଅଫିସରମାନଙ୍କୁ ପରବର୍ତ୍ତୀ ସମୟରେ ଅତ୍ୟନ୍ତ ଅପମାନଜନକ ଅବସ୍ଥାକୁ ଟାଣି ନେଇଯାଏ। କ୍ଷମତାରେ ଥିବାବେଳେ ଅଜସ୍ର ନମସ୍କାର, ସମ୍ମାନ, ଅବସର ପରେ ଅନେକଙ୍କ ପାଇଁ ସ୍ୱପ୍ନ ହୋଇଯାଏ। ମାତ୍ର ଯେଉଁମାନେ ଚାକିରି କାଳ ମଧ୍ୟରେ ନିଜର ସୀମା ସରହଦ ମଧ୍ୟରେ ଆତଯାତ ହୁଅନ୍ତି, ସେମାନଙ୍କ ପ୍ରତି ସାଧାରଣ ଲୋକ ଓ କର୍ମଚାରୀଙ୍କ ସମ୍ମାନ ଅବସର ପରେ ମଧ୍ୟ ଅକ୍ଷୁଣ୍ଣ ରହିଥାଏ।

ସଚିବାଳୟରେ କର୍ତ୍ତବ୍ୟ ଖାତିରରେ ବିଭିନ୍ନ ବିଭାଗକୁ ଯିବାବେଳେ ଅନେକ କର୍ମଚାରୀ ବନ୍ଧୁ ଦେଖା ହୋଇଥାନ୍ତି। ଏମାନଙ୍କ ମଧ୍ୟରୁ କେତେକ ଅତି ଉଲଗ୍ନ ଭାଷାରେ ଜଣେ ଜଣେ ଖୁବ୍ ବଡ଼ ହାକିମଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ମନ୍ତବ୍ୟ ଦିଅନ୍ତି। ଅନ୍ୟ କର୍ମଚାରୀମାନେ ତାହା ଉପଭୋଗ କରୁଥାନ୍ତି। ବଡ଼ ବଡ଼ ଦୁର୍ନୀତିଗ୍ରସ୍ତ ହାକିମମାନଙ୍କ ବିରୋଧରେ କ୍ଷୋଭ ଓ କ୍ରୋଧ ଜମାହୋଇ ରହିଛି ସାଧାରଣ କର୍ମଚାରୀ ମହଲରେ। କେବଳ ଆର୍ଥିକ ଅସଂଗତି ନୁହେଁ, ଅନେକ ଅଫିସରଙ୍କ ବିରୋଧରେ ନାରୀଘଟିତ ବହୁ ବ୍ୟାପାର ସହ ପ୍ରଶାସନିକ ଅସଂଗତି ସମ୍ପର୍କରେ ବହୁ ଅଭିଯୋଗ ରହିଛି।

ରାଜନୀତିକ ବ୍ୟକ୍ତିମାନଙ୍କ ଅପେକ୍ଷା କେତେକ ବଡ଼ ହାକିମମାନଙ୍କ ସମ୍ପର୍କରେ ତଳିଆ କର୍ମଚାରୀଙ୍କ ଅଧିକ କ୍ଷୋଭ ଓ କ୍ରୋଧ। ବିଜୁବାବୁଙ୍କ ଶାସନ ସମ୍ପର୍କରେ ଅନେକ ଖୋଲାଖୋଲି ମନ୍ତବ୍ୟ- "ଏଠି କାହାକୁ ଗୁହାରି କରିବୁ? ମୁଖ୍ୟମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ବଳନ୍ତି - ସଚିବଙ୍କୁ ସଚିବ ବଳନ୍ତି। କେହି କାହାକୁ କମ୍ ନୁହନ୍ତି। ତଳେ ନ୍ୟାୟ ନପାଇଲେ ଉପରେ ମଧ୍ୟ ମିଳିବନି। କାରଣ ଉପରକୁ ଯିବା ବାଟ ବନ୍ଦ। ନୀତିନିୟମ, ଆଇନକାନୁନ୍ ସବୁକିଛି ବିଜୁବାବୁ ବା ତାଙ୍କ ସଚିବଙ୍କ ମର୍ଜି ଉପରେ ଚାଲେ। ଏଇ ଯେମିତି ଛ'ବର୍ଷିଆ ବଦଳି ନିୟମ ହେଲା, ଲୋକେ ବଦଳି ହେଲେ। ମାତ୍ର କିଛି ଭାଗ୍ୟବାନ୍ ବ୍ୟକ୍ତି, ଯେଉଁମାନେ ଚାରିତାଲା

Digitized by srujanika@gmail.com

(ମୁଖ୍ୟମନ୍ତ୍ରୀଙ୍କ ଓ ତାଙ୍କ ସଚିବଙ୍କ ଅଫିସ୍)ର କୋଠରୀଗୁଡ଼ିକ ସହ ଜାତିଗତ, ଭାବଗତ, ଅଂଚଳଗତ ବା ବନ୍ଧୁତ୍ୱ ସମ୍ପର୍କ ରହିଛି; ମାତ୍ର ତିନି/ଚାରିମାସ ମଧ୍ୟରେ ନିଜ ଖୁସି ମୁତାବକ ସ୍ଥାନକୁ ଚାଲିଆସିଲେ। ମାତ୍ର ଯେଉଁମାନେ ସେଇ କୋଠରୀଗୁଡ଼ିକର ଅଧିଷ୍ଠିତ ଦେବମାନଙ୍କର ମର୍ଜିର ଖିଲାପ କରିଛନ୍ତି, ସେମାନେ ରହିଗଲେ। ଏପରିକି ବର୍ଷ ବର୍ଷ ବିତିଗଲେ ମଧ୍ୟ ସେମାନଙ୍କ ଭାଗ୍ୟଡୋରି ଖୋଲିଲା ନାହିଁ। କାରଣ ଏହି କୋଠରୀରେ ଭାଗ୍ୟରେଖା ନୂଆକରି ଟଣାଯାଏ। ମନ୍ତ୍ରୀଙ୍କ କୋଠରୀରୁ ଟଣାହୋଇ ଆସିଥିବା ଭାଗ୍ୟରେଖା ମଧ୍ୟରୁ ଅନେକ ରେଖା ଏଠି ଏବାଉଟ୍ ଟର୍ଣ୍ଣ କରି ତଳକୁ ଫେରିଯାଏ। ଯେଉଁମାନଙ୍କୁ ପଦୋନ୍ନତି ବା ବଦଳିରେ ଅନୁଗୃହୀତ କରାଯାଏ, ସେମାନଙ୍କ ମୂଳ ଫାଇଲ୍‌ରେ ଯଦି ବିରୋଧାଭାଷ ବା ଗୁପ୍ତ ଚରିତ୍ରଲିପିରେ ଯଦି ଦୋଷ ଥାଏ, ତେବେ ତାହାକୁ ଲୋପକରି (Expunge) ନୂଆ ପାର୍ଟ ଫାଇଲ୍‌ରେ ବେଆଇନ ଭାବେ ପଦୋନ୍ନତି କରି ଦିଆଯାଏ। କୌଣସି ଆପଣାର ଲୋକ ପାଇଁ ନୂଆ ପଦବୀ ସୃଷ୍ଟି କରିବା ଏହି କୋଠରୀର ଏକ ବାଁ ହାତର ଖେଳ। ବିଜୁବାବୁ କ'ଣ ସବୁ ଜାଣନ୍ତି ? ଯେଉଁଠି ବିଜୁବାବୁ ବରିଷ୍ଠ ଆଇ.ଏ.ଏସ. ଅଫିସରଙ୍କୁ ଚିହ୍ନିନାହାନ୍ତି, ସେଠି କେତେଜଣ ଅଧ୍ୟାପକ, ମେଡିକାଲ କଲେଜର ଜଣେ ଅବିବାହିତା ସହକାରୀ ପ୍ରଫେସର ବା ଯୋଜନା ସମନ୍ୱୟ ବିଭାଗର କନିଷ୍ଠ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଚିହ୍ନି ସେମାନଙ୍କ ଉପରେ ବେନିୟମ ଭାବେ ପଦୋନ୍ନତି ଓ ବଦଳିର ସୁବର୍ଣ୍ଣ କଳସ ଜଳ କିପରି ଢାଳିଦେଲେ ?

ମୁଖ୍ୟମନ୍ତ୍ରୀ ରୂପେ ବିଜୁବାବୁ ୧୯୬୧ରେ ଯେତେବେଳେ ଦାୟିତ୍ୱ ନେଲେ, ସେତେବେଳେ ତାଙ୍କର ଆଇ.ଏ.ଏସ. ସଚିବ ନଥିଲେ। ସେତେବେଳେ ତାଙ୍କର ପରାମର୍ଶଦାତା ଥିଲେ ରାଜ୍ୟର ମୁଖ୍ୟ ଶାସନ ସଚିବ ଶ୍ରୀ ବି. ଶିବରମଣ। ମାତ୍ର ୧୯୯୦ରେ ସେ ଯେତେବେଳେ ଶପଥ ନେଲେ, ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ପରାମର୍ଶଦାତା ନ କରି ରାଜ୍ୟର ଅନ୍ୟତମ ବରିଷ୍ଠ ଓ ଟାଣୁଆ ଆଇ.ଏ.ଏସ୍. ଅଫିସର ଶ୍ରୀ ପ୍ୟାରୀମୋହନ ମହାପାତ୍ରଙ୍କୁ ସଚିବ ଓ ପରାମର୍ଶଦାତା ରୂପେ ଗ୍ରହଣ କଲେ। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା, ତାଙ୍କ ସମଗ୍ର କାର୍ଯ୍ୟକାଳ ଅସଙ୍ଗତି ବିହୀନ ଏକ ପରିଷ୍କାର, ନିର୍ମଳ, ସ୍ୱଚ୍ଛ, ଶ୍ୱେତଶୁଭ୍ର ପ୍ରଶାସନର ଦୃଷ୍ଟାନ୍ତ ବହନ କରିବ। କିନ୍ତୁ ହାୟ ଏ କ'ଣ ହେଲା - କେବଳ ବଦଳି ବା ପଦୋନ୍ନତି କ୍ଷେତ୍ରରେ ନୁହେଁ, ବହୁ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଉଚ୍ଚ ନ୍ୟାୟାଳୟରେ କାଟ୍ ଖାଇଗଲା। ଯେଉଁକି ଭାବେ ବିଜୁବାବୁଙ୍କ ଗତ ଚାରିବର୍ଷର ଶାସନ କାଳ ଶେଷ ହୋଇଛି, ତା'ର ଅନ୍ୟ ନାମ ହେଲା ପ୍ରଶାସନିକ ଅସଂଗତି।

୧୯୬୯ ସାଲ୍‌ର ଜାନୁଆରୀ ୧୫ ତାରିଖରେ ଖାନ୍ନା କମିଶନ ତାଙ୍କର

Digitized by srujanika@gmail.com

ଯେଉଁ ରିପୋର୍ଟ ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ କରିଥିଲେ, ସେଥିରେ ବିଜୁବାବୁଙ୍କୁ "ପ୍ରଶାସନିକ ଅସଂଗତି" ଦୋଷରେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି ୧୯୯୪ ସାଲ୍‌ରେ ପରିଣତ ବୟସରେ ଏହି ବିଶିଷ୍ଟ ଜନନେତାଙ୍କୁ ପଚିଶ ବର୍ଷ ତଳର ସେହି ରାୟ ପୁଣି ଥରେ ମନେପକାଇ ଦେଲା- "ହେ ବନ୍ଧୁ, ମୁଁ ଅଛି, ତୁମ ପାଖେ ପାଖେ ଅଛି, ଚିନ୍ତା କରନାହିଁ।"

ଯେଉଁ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ବିରୋଧରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ବିଭିନ୍ନ ସମୟରେ ଓଡ଼ିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ତୀବ୍ର କଟାକ୍ଷପାତ କରିଛନ୍ତି, ସେଗୁଡ଼ିକ ହେଲା (୧) ଖଣି ନିଗମର ତତ୍କାଳୀନ ଏମ୍.ଡି. ଶ୍ରୀ ଏନ୍.ସି. ଦାସଙ୍କ ଅପସାରଣ, (୨) ବେଲୁ ମଦ କାରବାର ଉପରେ ତଦନ୍ତ କମିଶନ ବସାଇବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶର ବିରୁଦ୍ଧାଚରଣ, (୩) ସରକାରୀ କର୍ମଚାରୀଙ୍କୁ ମାଡ଼ ଦେବା ପାଇଁ ଖୋଲାଖୋଲି ଆହ୍ୱାନ।

ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ପ୍ୟାରୀବାବୁ ମୁଖ୍ୟମନ୍ତ୍ରୀଙ୍କ ସହ ଛାଇଭଳି ଲାଗି ରହିଥିଲେ। ଏତେ ସବୁ ଘଟଣାରେ ସେ କି ପରାମର୍ଶ ଦେଉଥିଲେ? ଆମେ ଏତେ ସବୁ ଘଟଣାର ବର୍ଣ୍ଣନା କରିବାର ଏକମାତ୍ର କାରଣ ହେଉଛି, ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ଅସଂଗତ କାର୍ଯ୍ୟରୁ ନିବୃତ୍ତ କରିବା କାହାର କର୍ତ୍ତବ୍ୟ? ଏ କ୍ଷେତ୍ରରେ ତାଙ୍କ ସଚିବଙ୍କ ଦାୟିତ୍ୱ କେତେଦୂର? ସମ୍ଭବତଃ ବିଜୁବାବୁଙ୍କୁ ଏହିଭଳି କାର୍ଯ୍ୟରୁ ନିବର୍ତ୍ତାଇବା ପାଇଁ ପ୍ୟାରୀବାବୁଙ୍କ ଭଳି ଜଣେ ଅନୁଭବୀ ପ୍ରଶାସକଙ୍କୁ ତାଙ୍କର ସଚିବ ରୂପେ ନିଆଯାଇଥିଲା ଏବଂ ଜନତାଦଳର ନେତାମାନେ ମଧ୍ୟ ଏଥିରେ ସହମତ ହୋଇଥିଲେ। ମାତ୍ର ଅଳ୍ପଦିନ ପରେ ସେମାନଙ୍କର ମୋହଭଙ୍ଗ ହେଲା। ଘଟଣା ଏପରି ଅବସ୍ଥାରେ ପହଞ୍ଚିଲା ଯେତେବେଳେ ମନ୍ତ୍ରିମଣ୍ଡଳର ଅଣଆନୁଷ୍ଠାନିକ ବୈଠକମାନଙ୍କରେ କେତେକ ମନ୍ତ୍ରୀ ପ୍ୟାରୀବାବୁଙ୍କ ସମ୍ପର୍କରେ ବିଜୁବାବୁଙ୍କ ନିକଟରେ ନାନାପ୍ରକାର ଅଭିଯୋଗ କଲେ। କାହିଁକି ଏପରି ହେଲା? ବିଜୁବାବୁ ସବୁ ଶୁଣି ମଧ୍ୟ ତାଙ୍କ ସଚିବ ପରିବର୍ତ୍ତନ କଲେନାହିଁ କାହିଁକି?

୧୯୫୪ରୁ ୧୯୯୪ ସାଲ୍ ମଧ୍ୟରେ ଓଡ଼ିଶା ପ୍ରଶାସନର ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀମାନଙ୍କ ନିକଟରେ ମୋଟ ବାରଜଣ ବରିଷ୍ଠ ଆଇ.ଏ.ଏସ. ଅଫିସର ସଚିବ ଦାୟିତ୍ୱ ପାଳନ କରିଯାଇଛନ୍ତି। କିନ୍ତୁ ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଅଫିସର କୌଣସି ଆଖିଦୃଶିଆ ସମାଲୋଚନାର ପରିସର ଭିତରକୁ ଆସିନାହାନ୍ତି।

ଅନ୍ୟ କଥାରେ କହିବାକୁ ଗଲେ, ପ୍ରଶାସନିକ ଲକ୍ଷ୍ମଣ ରେଖା ମଧ୍ୟରେ ସେମାନେ ସମସ୍ତେ ନିଜକୁ ସୀମାବଦ୍ଧ କରି ରଖିଥିଲେ। ଏବେ ଏଠି ପ୍ରଶ୍ନ

Digitized by srujanika@gmail.com

ଉଠୁଛି, ଏହି ପଦବୀର କୌଣସି ଦାୟିତ୍ୱ, କ୍ଷମତା ଓ ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ସୁଯୋଗ ନଥିବାବେଳେ ଆଇ.ଏ.ଏସ୍. କ୍ୟାଡର ତାଲିକାରେ କାହିଁକି ଏଥିପାଇଁ ଜଣେ କମିଶନର ପାହ୍ୟା ଅଫିସର ରହିବେ ବୋଲି ବ୍ୟବସ୍ଥା ରଖାଯାଇଛି ? ମୁଖ୍ୟମନ୍ତ୍ରୀଙ୍କର ବର୍ତ୍ତମାନର ସଚିବ ଶ୍ରୀ ଅରବିନ୍ଦ ବେହେରା (କମିଶନର ପାହ୍ୟା ଅଫିସର ନୁହନ୍ତି) ଯଦି ସ୍ୱଚ୍ଛ ଭାବେ କାର୍ଯ୍ୟ ଚଳାଇ ପାରୁଛନ୍ତି, ତେବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଜଣେ ଅଫିସରଙ୍କୁ ଏଥିପାଇଁ କାହିଁକି ରଖାଯାଇଥିଲା ? କ୍ୟାଡରରେ ଏଭଳି ଜଣେ ବରିଷ୍ଠ ଅଫିସର ଏହି ପଦବୀରେ ନିଯୁକ୍ତି ପାଇବାର ବ୍ୟବସ୍ଥା ରଖାହୋଇ ନଥିବାବେଳେ ପ୍ୟାରୀବାବୁ ସେ ପଦବୀରେ ନିଯୁକ୍ତି ପାଇଲେ କିପରି ? ଏହା "ପ୍ରଶାସନିକ ଅସଂଗତି" ପର୍ଯ୍ୟାୟଭୁକ୍ତ ହେବ କି ନାହିଁ ? ଯଦି ଓଡ଼ିଶା ପ୍ରଶାସନର ବରିଷ୍ଠ ଅଫିସରମାନେ ନିଜେ ପ୍ରଶାସନିକ ଅସଂଗତି ଦୋଷଦୁଷ୍ଟ ହେବେ, ତେବେ ଛୋଟ ଅଫିସରମାନଙ୍କୁ ଛୋଟ ଛୋଟ କଥା ପାଇଁ କାହିଁକି ଦଣ୍ଡ ଦିଆଯିବ ?

ପ୍ରଶ୍ନ ଉଠୁଛି ବିଜୁବାବୁ ତାଙ୍କ କାର୍ଯ୍ୟକାଳ ପୂରିବାର ବର୍ଷକ ପୂର୍ବରୁ ପ୍ୟାରୀବାବୁଙ୍କୁ ସ୍ଥାନଚ୍ୟୁତ କଲେ କାହିଁକି ? ଅବଶ୍ୟ କେତେକ କୁହନ୍ତି, ପ୍ୟାରିବାବୁ ଆପେ ଆପେ ଚାଲିଗଲେ । କିନ୍ତୁ ଯେତେବେଳେ ପ୍ୟାରୀବାବୁ ସେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀ (ଦରମା ଅନୁସାରେ)ରେ ରହିଛନ୍ତି, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ ପଦବୀରୁ ନିଜକୁ ପ୍ରତ୍ୟାହାର କରିବାର ଆବଶ୍ୟକତା କ'ଣ ଥିଲା ? ଏ ସମ୍ପର୍କରେ ବିଜୁବାବୁ କିମ୍ବା ପ୍ୟାରୀବାବୁ ସ୍ୱଚ୍ଛ କରିବା ଆବଶ୍ୟକ । କାରଣ ଜଣେ ଅଫିସର ଚାରିବର୍ଷ ଧରି ରହିବା ପରେ ତାଙ୍କୁ ଯଦି ମୁଖ୍ୟମନ୍ତ୍ରୀ ନିଜ ପକ୍ଷରୁ ଅପସାରଣ କରିଥାନ୍ତି, ତେବେ ତା'ର କାରଣ ଜନସାଧାରଣ ଜାଣିବା ଉଚିତ ନୁହେଁ କି ?

●

Digitized by srujanika@gmail.com

# ଓଡ଼ିଶାର ଯେସ୍ ମିନିଷ୍ଟର ଓ ଆଇ.ଏ.ଏସ. ଅଫିସର ( ୧ )

ସେଦିନ ଦିଲ୍ଲୀରେ ଓଡ଼ିଶା କ୍ୟାଡରର ଜଣେ ବରିଷ୍ଠ ଆଇ.ଏ.ଏସ. ଅଫିସରଙ୍କ ସହ ଦେଖାହୋଇଗଲା। ଆମକୁ ଦେଖି ଅନ୍ୟାନ୍ୟ କଥା ମଧ୍ୟରେ ଖବର ପଚାରିଲେ ଏବଂ ତାଙ୍କର କିଛି ଆଇ.ଏ.ଏସ. ବନ୍ଧୁଙ୍କ ବିଷୟରେ ମଧ୍ୟ ଜାଣିବାକୁ ଚାହିଁଲେ। କଥାବାର୍ତ୍ତା ପ୍ରସଙ୍ଗରେ ଆମେ ତାଙ୍କୁ ଓଡ଼ିଶା ଫେରିବା ସଂକ୍ରାନ୍ତରେ ପ୍ରଶ୍ନ କରିବାରେ ସେ କହିଲେ, ଏଇନେ ଫେରିଲେ କ'ଣ କରିବା ? ଆମେ ବୁଝି ନପାରି ବୋକାଙ୍କ ଭଳି ପ୍ରଶ୍ନ କଲୁ କାହିଁକି ଆପଣ ଚିଫ୍ ସେକ୍ରେଟାରୀ ବା ଅତିରିକ୍ତ ଚିଫ୍ ସେକ୍ରେଟାରୀ ପାହ୍ୟାର କୌଣସି ପଦବୀରେ କାମ କରିବେ ? ସେ କହିଲେ, ଓଡ଼ିଶାରେ ଯେଉଁ ଅବସ୍ଥା, ସେଥିରେ ଯାଇ କେବଳ ଘାସ କାଟିବା ସାର ହେବ। କାରଣ ମୋ ପାଇଁ ଆଉ ଗୋଟିଏ ଚିଫ୍ ସେକ୍ରେଟାରୀ ପାହ୍ୟାର ପୋଷ୍ଟ ସୃଷ୍ଟି କରିବାକୁ ହେବ, ଯାହା ବର୍ତ୍ତମାନ ସମ୍ଭବ ନୁହେଁ। ଆମେ କହିଲୁ ଯଦି ଦୁଇଟି ପଦବୀରୁ ସାତୋଟି ଚିଫ୍ ସେକ୍ରେଟାରୀ ପଦବୀ ଓଡ଼ିଶାରେ ସୃଷ୍ଟି ହୋଇପାରିଲା, ତେବେ ଆପଣଙ୍କ ପାଇଁ ଅଷ୍ଟମ ପଦବୀଟି ସୃଷ୍ଟି କରିବାରେ ବାଧା କେଉଁଠି ? ମାତ୍ର ସେ ଏଠାକୁ ଆସି ଏଭଳି ଏକ ପରିସ୍ଥିତି ସୃଷ୍ଟି କରିବା ପାଇଁ ଇଚ୍ଛା କଲେନାହିଁ। ଆମର ମନେହେଲା ସମ୍ଭବତଃ ଦିଲ୍ଲୀରେ କୌଣସି ଭଲ ପଦବୀ ପାଇବା ପାଇଁ ସେ ଉଦ୍ୟମୀ। କଥା ପ୍ରସଙ୍ଗରେ ସେ କହିଲେ ଓଡ଼ିଶାରେ ଯେତେ ବରିଷ୍ଠ ଅଫିସର ଅଛନ୍ତି, ଉଚ୍ଚ ପଦବୀ ସଂଖ୍ୟା ସେ ଅନୁପାତରେ ଯଥେଷ୍ଟ କମ୍ ତେଣୁ ସମସ୍ତଙ୍କୁ ଆଉ୍କଷ୍ଟ କରିବା ପାଇଁ କ୍ୟାଡର ବାହାରେ ବଡ଼ ପଦବୀ ସୃଷ୍ଟି କରାଯାଇଛି।

ଏହି ବରିଷ୍ଠ ଆଇ.ଏ.ଏସ. ଅଫିସରଙ୍କ କଥା ଶୁଣିବା ପରେ ଆମେ ଓଡ଼ିଶା ଭୂଇଁରେ ଆସି ଏ ସମ୍ପର୍କରେ ଅନୁସନ୍ଧାନ କଲୁ। ଯାହା ଦେଖିଲୁ ପରିସ୍ଥିତି ରୀତିମତ ସାଂଘାତିକ। ପରିସ୍ଥିତି ଯାହା, ସେଥିରେ ଦିଲ୍ଲୀର ସେଇ ବରିଷ୍ଠ ଆଇ.ଏ.ଏସ. ଅଫିସରଙ୍କ କଥା କେତେ ସତ୍ୟ, ତାହା ଅନୁଭବ କଲୁ। ଓଡ଼ିଶାରେ ସମଗ୍ର ଆଇ.ଏ.ଏସ. କ୍ୟାଡରରେ ମୋଟ ୨୧୦ ଜଣ ଆଇ.ଏ.ଏସ. ରହିବା କଥା। ଆଇ.ଏ.ଏସ. ଅଫିସରମାନଙ୍କ ପାଇଁ ଏକ କ୍ୟାଡର ଚାଲୁ ରହିଛି। କେନ୍ଦ୍ର ସରକାର ଯେଉଁ ବ୍ୟବସ୍ଥା ଏହି କ୍ୟାଡର ରୁଲ୍‌ରେ ଅନୁସୃତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ବାସ୍ତବ କ୍ଷେତ୍ରରେ ଏହାର କିପରି ବ୍ୟତିକ୍ରମ କରାଯାଇଛି, ତାହା ଅନୁଧ୍ୟାନ କଲେ, ଯେ କେହି ଆଶ୍ଚର୍ଯ୍ୟ ହେବ।

Digitized by srujanika@gmail.com

ଯେଉଁମାନେ ସରକାରୀ ନୀତି ନିୟମକୁ ଯଥାର୍ଥ ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି, ଏବେ ସେମାନେ ଯଦି ତାଙ୍କ ପ୍ରତି ଲାଗୁ ନିର୍ଦ୍ଦେଶକୁ ପାଳନ ନ କରନ୍ତି, ତେବେ ପ୍ରଶାସନରେ ଥିବା କ୍ୟାଡର କର୍ମଚାରୀଙ୍କ ନିକଟରେ ସେମାନଙ୍କ ପତିଆରା କିପରି ରହିବ ?

ଆମର ଯେଉଁମାନେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରୁଛନ୍ତି, ସେମାନଙ୍କ ଭୂମିକା ଗତ କିଛିବର୍ଷ ତଳେ ବ୍ରିଟେନର ବିଖ୍ୟାତ ଟେଲିଭିଜନ ସଂସ୍ଥା ବି.ବି.ସି. ଦ୍ୱାରା ପ୍ରସ୍ତୁତ 'ୟେସ୍ ମିନିଷ୍ଟର' ଶୀର୍ଷକ ଏକ ସିରିଆଲ୍‌ରେ ଚମତ୍କାର ଭାବେ ଚିତ୍ରିତ ହୋଇଛି। ଏହି ସିରିଆଲ୍‌ରେ ଗଣତନ୍ତ୍ରର ଏହି ନିର୍ବାଚିତ ପ୍ରତିନିଧିମାନଙ୍କୁ ଯେଭଳି ଚମତ୍କାର ଭାବେ ଚିତ୍ରଣ କରାଯାଇଛି, ତାହା ଏହି ସିରିଆଲ୍‌କୁ ଦର୍ଶକଙ୍କ ନିକଟରେ ବିଶ୍ୱାସଯୋଗ୍ୟ କରିପାରିଥିଲା। ଏହି ସିରିଆଲ୍‌ରେ ବୋକା ମନ୍ତ୍ରୀମାନଙ୍କ ସହ ବଡ଼ ଅମଲାମାନଙ୍କର ମତ ଅନେକକୁ ପରିଷ୍କାର ଭାବେ ଦର୍ଶାଯିବା ସଂଗେ ସଂଗେ ମନ୍ତ୍ରୀମାନଙ୍କୁ ବ୍ୟୁରୋକ୍ରାଟ୍‌ମାନେ କିପରି ଯଥାର୍ଥ ପରାମର୍ଶ ଓ ଦିଗ୍‌ଦର୍ଶନ ଦିଅନ୍ତି ତାହାକୁ ମୁଖ୍ୟତଃ ଦର୍ଶାଯାଇଛି। ବ୍ୟୁରୋକ୍ରାଟ୍ ବା ସିଭିଲ୍ ସର୍ଭାଣ୍ଟଙ୍କର ଯେଉଁ ଭୂମିକା ଏଥିରେ ଦର୍ଶାଯାଇଛି, ଏବେ କ'ଣ ଆମ ବ୍ୟୁରୋକ୍ରାଟମାନଙ୍କୁ ସେଇ ପର୍ଯ୍ୟାୟରେ ପକାଇ ହେବ ?

ଓଡ଼ିଶାରେ ଥିବା ଆଇ.ଏ.ଏସ. ଅଫିସରମାନଙ୍କ ପାଇଁ ଯେଉଁ କ୍ୟାଡର ସିଡ୍ୟୁଲ୍ ରହିଛି, ତାକୁ ପ୍ରଥମେ ଦେଖାଯାଉ। ମୋଟ ୨୧୦ ଜଣ ଆଇ.ଏ.ଏସ୍.ଙ୍କ ମଧ୍ୟରୁ ରାଜ୍ୟ ସରକାରଙ୍କ ଅଧୀନରେ ସିନିୟର ପଦବୀ ସବୁ ସମୟରେ ରହିବ ୧୦୮ଟି। ଏହି ସଂଖ୍ୟାର ଶତକଡ଼ା ୪୦ ଭାଗ ଅର୍ଥାତ୍ ୪୩ ଜଣ କେନ୍ଦ୍ର ସରକାରଙ୍କ ଅଧୀନରେ ଡେପୁଟେସନରେ ରହିବେ ଓ ଅନ୍ୟାନ୍ୟ କ୍ଷେତ୍ରକୁ ଡେପୁଟେସନ୍‌ରେ ଶତକଡ଼ା ୨୫ ଭାଗ ଅର୍ଥାତ୍ ୨୭ ଜଣ ରହିବେ। କିନ୍ତୁ ଓଡ଼ିଶାରୁ କେନ୍ଦ୍ର ସରକାରଙ୍କ ଅଧୀନକୁ ଯିବାପାଇଁ ଅନେକେ ବୀତସ୍ପୃହ। ଏବେ କେନ୍ଦ୍ର ସରକାରଙ୍କ ଅଧୀନରେ ୪୩ ଜଣଙ୍କ ସ୍ଥାନରେ ମାତ୍ର ୨୮ ଜଣ ଅଛନ୍ତି। ଅନ୍ୟମାନେ କୁହାବୋଲା କରି ଓଡ଼ିଶାରେ ରହିଯାଇଛନ୍ତି।

ସେହିଭଳି କ୍ୟାଡର ବାହାରେ ଅନ୍ୟାନ୍ୟ ଅଫିସକୁ ଡେପୁଟେସନ୍‌ରେ ଯିବାପାଇଁ ମୋଟ ୨୭ ଜଣଙ୍କ ପାଇଁ ବ୍ୟବସ୍ଥା ଥିବାବେଳେ ଏବେ ଏଥିରେ ୭୨ ଜଣ ଅଛନ୍ତି। ଏହାର ଅନ୍ୟ ଅର୍ଥ ହେଉଛି କ୍ୟାଡର ବାହାରେ ଅନେକ ପଦବୀ ସୃଷ୍ଟି କରି ପରେ ବେଆଇନ ଭାବେ ଏହାକୁ ସ୍ଥାୟୀ କରି ରଖାଯାଉଛି। କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ରାଜ୍ୟ ସରକାର କେନ୍ଦ୍ରର ବିନା ଅନୁମତିରେ

Digitized by srujanika@gmail.com

ବର୍ଷକ ପାଇଁ ଏକ୍‌ସ-କ୍ୟାଡର ପଦବୀ ସୃଷ୍ଟି କରିପାରିବେ ଏବଂ କେନ୍ଦ୍ରର ଅନୁମତି ନେଇ ଦୁଇବର୍ଷ ପାଇଁ ଏହା ରଖିପାରିବେ। କେନ୍ଦ୍ର ସରକାର ପୁଣି ସ୍ପଷ୍ଟ କରି ଦେଇଛନ୍ତି ଯେ, ସ୍ୱଳ୍ପ ସମୟ ପାଇଁ କ୍ୟାଡରଭୁକ୍ତ କିଛି ଆଇ.ଏ.ଏସ. ଅଫିସରଙ୍କୁ ଥଇଥାନ କରିବା ପାଇଁ ଅସ୍ଥାୟୀ ଭାବେ କିଛି ଡେପୁଟେସନ୍ ରିଜର୍ଭ ପଦବୀ ସୃଷ୍ଟି କରିପାରିବେ। ମାତ୍ର ଏହି ପଦବୀ ଗୁଡ଼ିକ ଆଇ.ଏ.ଏସ. କ୍ୟାଡରରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ।

ମାତ୍ର ବାସ୍ତବ କ୍ଷେତ୍ରରେ ଦେଖାଯାଉଛି, ଏହି ଏକ୍ସ-କ୍ୟାଡର ପଦବୀଗୁଡ଼ିକୁ ସ୍ଥାୟୀ ଭାବେ ରଖାଯାଉଛି ଏବଂ ଏଗୁଡ଼ିକ ମଧ୍ୟରେ ଚିଫ୍ ସେକ୍ରେଟାରୀ ଓ ଅତିରିକ୍ତ ଚିଫ୍ ସେକ୍ରେଟାରୀ ପାହ୍ୟାର ପଦବୀ ମୁଖ୍ୟତଃ ସ୍ଥାନ ପାଉଛି।

ଏବେ ଦେଖାଯାଉ ଓଡ଼ିଶା ପାଇଁ ଆଇ.ଏ.ଏସ. କ୍ୟାଡରଭୁକ୍ତ କେଉଁ କେଉଁ ପଦବୀ ଓ ଏକ୍ସ-କ୍ୟାଡରରେ କେଉଁ ପଦବୀ ରହିଛି, ଆମର 'ୟେସ୍ ମିନିଷ୍ଟର'ମାନେ ଦାନ୍ତ ନେଫେଡ଼ି ଏହି ପଦବୀଗୁଡ଼ିକୁ କିପରି ସ୍ୱୀକୃତି ଦେଇଛନ୍ତି। ୧୯୯୪ ଜାନୁଆରୀ ପହିଲା ସୁଦ୍ଧା ସଂଶୋଧିତ ଆଇ.ଏ.ଏସ. କ୍ୟାଡର ସିଡ୍ୟୁଲ ଅନୁସାରେ ଓଡ଼ିଶାରେ ଚିଫ୍ ସେକ୍ରେଟାରୀ ପାହ୍ୟାରେ ଦୁଇଟି ପଦବୀ ରହିଛି। ଏହି ଦୁଇଟି ପଦବୀ ହେଲା ରାଜସ୍ୱ ବୋର୍ଡ ସଦସ୍ୟ ଓ ଚିଫ୍ ସେକ୍ରେଟାରୀ। ଏହି ଦୁଇଟି ପଦବୀରେ ଅଛନ୍ତି ଯଥାକ୍ରମେ ଶ୍ରୀ କେ.କେ. ଭଟ୍ଟାଚାର୍ଯ୍ୟ ଓ ଶ୍ରୀ ରବିନାରାୟଣ ଦାସ। ଏହା ବାଦ୍ ଆଉ ପାଞ୍ଚଜଣ ଅଫିସରଙ୍କୁ କ୍ୟାଡର ବାହାରେ ଏହି ପାହ୍ୟା ଦିଆଯାଇଛି। ଏହି ଏକ୍ସ-କ୍ୟାଡର ପଦବୀଗୁଡ଼ିକ ସାମୟିକ ଭାବେ ପୂରଣ ବ୍ୟବସ୍ଥା ରହିଥିବା ବେଳେ ଓଡ଼ିଶାରେ ଏହାକୁ ଏକପ୍ରକାର ସ୍ଥାୟୀ କରି ଦିଆଗଲାଣି। ବର୍ତ୍ତମାନ ଓଡ଼ିଶାର ଆଇ.ଏ.ଏସ. କ୍ୟାଡର ତାଲିକାରେ ଏକ ନମ୍ବର ଓ ଦୁଇ ନମ୍ବରରେ ଅଛନ୍ତି କେ.କେ. ଭଟ୍ଟାଚାର୍ଯ୍ୟ ଓ ଆର.ଏନ. ଦାସ। ଯେଉଁ ପାଞ୍ଚଜଣଙ୍କୁ ଚିଫ୍ ସେକ୍ରେଟାରୀ ପାହ୍ୟା ସମସ୍ତ ନୀତି ନିୟମ ଉଲ୍ଲଂଘନ କରି ଦିଆଯାଇଛି, ସେମାନେ ହେଲେ ଶ୍ରୀ ପ୍ରଣବ କୁମାର ଦେ (୧୦ମ ସ୍ଥାନ), ଶ୍ରୀ ରାଜକିଶୋର ଭୁଜବଳ (୧୨ଶ ସ୍ଥାନ), ଶ୍ରୀ ଏସ.ଏଲ. ଚାଟାର୍ଜୀ (୧୩ଶ ସ୍ଥାନ), ଶ୍ରୀ ପ୍ୟାରୀମୋହନ ମହାପାତ୍ର (୧୪ଶ ସ୍ଥାନ) ଏବଂ ଶ୍ରୀ ଏମ୍.ୱାଇ. ରାଓ (୧୫ଶ ସ୍ଥାନ)। ଏବେ ଅନୁମାନ କରାଯାଉ ଯଦି ଏମାନଙ୍କ ଉପରେ ଥିବା ବରିଷ୍ଠ ଅଫିସରମାନେ କେନ୍ଦ୍ର ସରକାରଙ୍କ ଅଧୀନରୁ ଫେରି ଆସନ୍ତି, ତେବେ ଓଡ଼ିଶାରେ ୧୫ ଜଣ ଚିଫ୍ ସେକ୍ରେଟାରୀ ପାହ୍ୟା ଅଫିସର ହେବେ।

ଆସନ୍ତୁ ଦେଖିବା ଏମାନଙ୍କ ଦାୟିତ୍ୱ କଅଣ ? ଏହାପୂର୍ବରୁ ପାଠକମାନଙ୍କ

Digitized by srujanika@gmail.com

ଚାଟାର୍ଜୀ ଶ୍ରୀ ମହାପାତ୍ର ଓ ଶ୍ରୀ ରାଓଙ୍କ ଅପେକ୍ଷା ସିନିୟର ଥିବାବେଳେ ତାଙ୍କୁ ଗୋଦାମ ରକ୍ଷକ ଭଳି ଏକ ଅପମାନଜନକ ପଦବୀରେ ରଖିବାର କାରଣ କ'ଣ ? ଯଦି ଏହି ଦୁଇ ଅଫିସରଙ୍କର କୌଣସି ଆବଶ୍ୟକତା ନାହିଁ, ତେବେ ଏମାନଙ୍କୁ କେନ୍ଦ୍ର ସରକାରଙ୍କୁ ପଠାଉନାହାନ୍ତି କାହିଁକି ? ଜବରଦସ୍ତ ବାପରାଣ ଡିଙ୍କି ଗିଲ୍ ନ୍ୟାୟରେ ଏ କେଉଁ ଶାସନ ଚାଲିଛି ?

କେନ୍ଦ୍ରରେ ଆଇ.ଏ.ଏସ. ଅଫିସରଙ୍କ ପଦୋନ୍ନତି କେବଳ ସିନିୟରିଟି ବା ବରିଷ୍ଠତା ଭିତ୍ତିରେ ହୁଏନାହିଁ। ବରିଷ୍ଠତା ସାଙ୍ଗକୁ ସେମାନଙ୍କ ଦକ୍ଷତା ମଧ୍ୟ ବିଚାରକୁ ନିଆଯାଏ। ବିଶେଷକରି ଅତିରିକ୍ତ ସଚିବ ଓ ସଚିବ ପାହ୍ୟା ପାଇଁ ଘୋଡ଼ାଦୌଡ଼ ଚାଲେ। ମାତ୍ର ଓଡ଼ିଶାରେ ଆଇ.ଏ.ଏସ. ଅଫିସର ଦକ୍ଷ ହୁଅନ୍ତୁ ବା ନହୁଅନ୍ତୁ, ଚାକିରିର ବୟସ ଅନୁସାରେ ପଦୋନ୍ନତି ପାଇଯାନ୍ତି। ଏହି ନିୟମ ଅନୁସାରେ ୧୬ ବର୍ଷ ଚାକିରି ପୂର୍ଣ୍ଣ କଲେ କମିଶନର ପାହ୍ୟା ଏବଂ ୨୫ ବର୍ଷ ଚାକିରି ପୂର୍ଣ୍ଣ କଲେ ପ୍ରିନ୍‌ସିପାଲ୍ ସେକ୍ରେଟାରୀ ପାହ୍ୟା ପାଇଯାନ୍ତି। ସେଠି ସେମାନେ କାମ କରନ୍ତୁ ବା ଦିନସାରା ଶୋଇ ରୁହନ୍ତୁ, ସେଥିରେ ଯା'ଆସ ନାହିଁ।

●

Digitized by srujanika@gmail.com

## ( ୨ )

କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ଅନୁଧ୍ୟାନ ପାଇଁ ଗଢ଼ା ହୋଇଥିବା ସରକାରିଆ କମିଶନ ନିକଟରେ ନିଜର ମତାମତ ଉପସ୍ଥାପିତ କରିବାବେଳେ ଚାରୋଟି ରାଜ୍ୟ ଆଇ.ଏ.ଏସ୍. ଓ ଆଇ.ପି.ଏସ୍. ପଦବୀକୁ ଲୋପ କରିବା ପାଇଁ ଯୁକ୍ତି ବାଢ଼ିଥିଲେ। ଏହି ଚାରୋଟି ରାଜ୍ୟ ହେଲା– ପଞ୍ଜାବ, ତାମିଲନାଡୁ, ତ୍ରିପୁରା ଓ ପଶ୍ଚିମବଙ୍ଗ। ୧୯୮୫ ସାଲରେ କମିଶନ ନିକଟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପିତ କରି ସେମାନେ ଦର୍ଶାଇଥିଲେ ଯେ, କେନ୍ଦ୍ରରେ ଯେତିକି ଅଫିସର ରହିବେ, ସେମାନେ କେନ୍ଦ୍ରୀୟ ସ୍ତରରେ ମନୋନୀତ ହୁଅନ୍ତୁ। ମାତ୍ର ରାଜ୍ୟରେ ରହୁଥିବା ଅଫିସରମାନଙ୍କୁ ରାଜ୍ୟ ସରକାର ହିଁ ମନୋନୀତ କରିବେ। ପଶ୍ଚିମବଙ୍ଗ ସରକାର ୧୯୭୭ ସାଲରେ କେନ୍ଦ୍ର ସରକାରଙ୍କୁ କେନ୍ଦ୍ର-ରାଜ୍ୟ ସମ୍ପର୍କ ନେଇ ଦେଇଥିବା ସ୍ମାରକଲିପିରେ ଆଇ.ଏ.ଏସ. ଓ ଆଇ.ପି.ଏସ. ଚାକିରି ବ୍ୟବସ୍ଥା ଲୋପ କରିବା ପାଇଁ ମତବ୍ୟକ୍ତ କରିଥିଲେ। କିନ୍ତୁ ସରକାରିଆ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ସରକାରିଆ କମିଶନ ମତ ଦେଇଥିଲେ ଯେ, କେନ୍ଦ୍ର-ରାଜ୍ୟ ମଧ୍ୟରେ ଆଇ.ଏ.ଏସ. ଓ ଆଇ.ପି.ଏସ. ଅଫିସରମାନେ ସେତୁବନ୍ଧ ଭଳି କାର୍ଯ୍ୟ କରୁଛନ୍ତି। ତେଣୁ ସେହି ପଦବୀଗୁଡ଼ିକ ଲୋପ କରିବା ଅର୍ଥ କେନ୍ଦ୍ର ସହ ରାଜ୍ୟର ସମ୍ପର୍କ ଛିନ୍ନ କରିବା ଭଳି ହେବ।

କିନ୍ତୁ ବାସ୍ତବରେ କ'ଣ ଏହା ସତ୍ୟ ? ରାଜ୍ୟମାନଙ୍କରେ କାର୍ଯ୍ୟ କରୁଥିବା ଆଇ.ଏ.ଏସ. ଅଫିସର ବସ୍ତୁତଃ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରନ୍ତି। ଏମାନଙ୍କ ପଦୋନ୍ନତି ଠାରୁ ଆରମ୍ଭ କରି ଦରମା, ଭତ୍ତା ରାଜ୍ୟ ବହନ କରିଥାଏ। ରାଜ୍ୟ ସରକାରଙ୍କ ନିଜର ସୃଷ୍ଟ ସିଭିଲ୍ ସର୍ଭିସ୍ ବା ପ୍ରଶାସନିକ ଅଫିସରଙ୍କ ଭଳି ଏମାନଙ୍କର କର୍ତ୍ତା ରାଜ୍ୟ ସରକାର। ଏଭଳି ଦୃଷ୍ଟାନ୍ତ ରହିଛି ଯେତେବେଳେ ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନେକ ଆଇ.ଏ.ଏସ. ଅଫିସର କେନ୍ଦ୍ର ସରକାରଙ୍କ ମୁଖ୍ୟ ଦପ୍ତର ଦିଲ୍ଲୀକୁ ଆଦୌ ଯାଇନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ଅଫିସର ଓ ଏମାନଙ୍କ ମଧ୍ୟରେ କେବଳ ନିଯୁକ୍ତି ବ୍ୟବସ୍ଥା, ଦରମା ଓ ଭତ୍ତା, ଚାକିରିର ନିରାପତ୍ତା ଓ ସମୟାନୁବର୍ତ୍ତୀ ପଦୋନ୍ନତି ବ୍ୟବସ୍ଥା ବ୍ୟତୀତ ଆଉ ଅନ୍ୟ କ୍ଷେତ୍ରରେ ପ୍ରଭେଦ କିଛି ନାହିଁ।

ଆମେ ପୂର୍ବ ନିବନ୍ଧରେ ଦର୍ଶାଇଥିଲୁ ଯେ, ଓଡ଼ିଶାର ସାତଜଣ ବରିଷ୍ଠ ଅଫିସରଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ଦିଆଯାଇଛି। ଏହି ଅଫିସରମାନଙ୍କ ମଧ୍ୟରୁ ଶ୍ରୀ କେ.କେ. ଭଟ୍ଟାଚାର୍ଯ୍ୟ ୧୯୯୫ ଜାନୁଆରୀ ପହିଲାରେ ଅବସର

Digitized by srujanika@gmail.com

ନେବେ। ଶ୍ରୀ ରବିନାରାୟଣ ଦାସଙ୍କୁ ଅବସର ଗ୍ରହଣ ପରେ ବର୍ଷକ ପାଇଁ ଚାକିରିରେ ପୁନଃ ମୁକରିର କରାଯାଇଛି। ତାହା ଆଗାମୀ ୧୯୯୫ ମାର୍ଚ୍ଚ ମାସରେ ଶେଷ ହେବ। ତେଣୁ ଏମାନଙ୍କ କଥା ବର୍ତ୍ତମାନ ଆଲୋଚନା କରି ଲାଭ ନାହିଁ। ମାତ୍ର ଯେଉଁ ପାଞ୍ଚଜଣଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ଦିଆଯାଇଛି, ସେମାନଙ୍କ ମଧ୍ୟରୁ କେନ୍ଦ୍ରରେ ସଚିବ ପାହ୍ୟାରେ କେତେଜଣ ସ୍ୱୀକୃତି ପାଇଛନ୍ତି? ଏହି ବିଷୟ ଉତ୍‌ଥାପନ କରିବାର ଏକମାତ୍ର କାରଣ ହେଉଛି, ଆଇ.ଏ.ଏସ. ଅଫିସରମାନେ କେନ୍ଦ୍ର ସରକାରଙ୍କ ମୂଳ ଲୋକ। ଓଡ଼ିଶାରେ ସେମାନେ କେନ୍ଦ୍ର ସରକାରଙ୍କ ପ୍ରତିନିଧି। ଓଡ଼ିଶାର ମୁଖ୍ୟ ଶାସନ ସଚିବ ପଦବୀଟି କେନ୍ଦ୍ରର ସଚିବ ପାହ୍ୟା ସହ ସମାନ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀଟି କେନ୍ଦ୍ର ସରକାରଙ୍କ ଅତିରିକ୍ତ ସଚିବ ପାହ୍ୟା ସହିତ ସମାନ। ଆଇ.ଏ.ଏସ୍. ଅଫିସରମାନେ ଯେତେବେଳେ କେନ୍ଦ୍ରର ପ୍ରତିନିଧି, ସ୍ୱାଭାବିକ ଭାବେ ସେମାନଙ୍କ ପଦୋନ୍ନତି ଓ ଚାକିରି ସ୍ୱାର୍ଥ କେନ୍ଦ୍ରର ନୀତିନିୟମରେ ପରିଚାଳିତ। ତେଣୁ କେନ୍ଦ୍ର ସରକାରଙ୍କ ସେକ୍ରେଟାରୀ ପାହ୍ୟାରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ହିଁ ରାଜ୍ୟର ମୁଖ୍ୟ ଶାସନ ସଚିବ ପାହ୍ୟା ଦିଆଯିବା ଉଚିତ। ଏବେ ଓଡ଼ିଶାରେ ମୁଖ୍ୟ ଶାସନ ସଚିବ ପାହ୍ୟାରେ ଥିବା ଅଫିସରମାନେ ଏହି ପଦବୀର ହକ୍‌ଦାର କି ନୁହେଁ, ତାହା ରାଜ୍ୟ ସରକାର ବିଚାର କରିବା ଉଚିତ।

ମାତ୍ର ଆମ ଯେସ୍ ମିନିଷ୍ଟର ଓ ଚିଫ ମିନିଷ୍ଟର ଏ ଦିଗରେ କରିଛନ୍ତି କ'ଣ? ୧୯୪୭ ସାଲ୍‌ରେ ଦେଶ ସ୍ୱାଧୀନ ହେବାପରେ ସର୍ବଭାରତୀୟ ଚାକିରି ରହିବ କି ଲୋପ କରାଯିବ ବୋଲି ହୋଇଥିବା ବିଚାରରେ ସର୍ଦ୍ଦାର ପଟେଲ୍ କହିଥିଲେ- "Democracy in India is in its infant stage. We have not yet created that public opinion or our level of public opinion has not risen to such an extent as whould justify leaveing our services to the influences outside."

ସର୍ଦ୍ଦାର ପଟେଲଙ୍କ ଏହି ଉକ୍ତି ଆଜି ରାଜ୍ୟ ସରକାରୀ ଅଫିସରଙ୍କ ପାଇଁ ପ୍ରଯୁଜ୍ୟ କି ନୁହେଁ ଆମେ କହିପାରିବୁ ନାହିଁ। କିନ୍ତୁ ଆମର ରାଜ୍ୟ ନେତୃବର୍ଗଙ୍କର ଏବେ ମଧ୍ୟ ପ୍ରଶାସନ କ୍ଷେତ୍ରରେ ଯେ ବାଳଚପଳତା ଯାଇନାହିଁ ଏବଂ ଏହା ବାହ୍ୟ ପ୍ରଭାବରେ ପ୍ରଭାବିତ, ଏକଥା ନିଶ୍ଚିତ ଭାବେ କହିହେବ। ତା' ନହୋଇଥିଲେ ଆଖିବୁଜି ଯେସ୍ ମିନିଷ୍ଟର ଭଳି Dotted lineରେ ଦସ୍ତଖତ କରି ଏତେ ସଂଖ୍ୟକ ପଦବୀ ସୃଷ୍ଟି କରି ନଥାନ୍ତେ। ସର୍ଦ୍ଦାର ପଟେଲ୍ ପୁଣି କହିଥିଲେ- "The Union will go- you will not have a united

Digitized by srujanika@gmail.com

India if you have not a good All India Service which has a sence of security... If you do not adopt this course, then do not follow the present Constitution. Substitute something elese. Put in a Congress Constitution or put in R.S.S. Constitution- But not this Constitution. This Constitution is meant to be worked by a ring of service which will keep the country intact. We have in our collective wisdom come to a decision that we shall have this model wherein the ring of service will be such that will keep the country under control."

ସମ୍ଭବତଃ ଭାରତବର୍ଷ ପୃଥିବୀର ଏକମାତ୍ର ସଂଘୀୟ ଗଣତାନ୍ତ୍ରିକ ରାଷ୍ଟ୍ର, ଯେଉଁଠି ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟର ଚାକିରି ସର୍ତ୍ତାବଳୀ ଉଲ୍ଲେଖ ରହିଛି। ସମ୍ବିଧାନର Part XIVରେ କେନ୍ଦ୍ରୀୟ ଆଇ.ଏ.ଏସ., ଆଇ.ପି.ଏସ୍. ଚାକିରି ସମ୍ପର୍କରେ ବିସ୍ତୃତଭାବେ ବର୍ଣ୍ଣିତ ହୋଇଛି। ଲୌହମାନବ ସର୍ଦ୍ଦାର ପଟେଲଙ୍କ ପରେ ହିଁ ଏହା ସମ୍ଭବ ହୋଇପାରିଲା। ଯେଉଁ ଉଦ୍ଦେଶ୍ୟ ନେଇ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ଏବେ ଚାଳିଶ ବର୍ଷ ପରେ ସେହି ଉଦ୍ଦେଶ୍ୟ ସାଧିତ ହୋଇଛି କି? କେତେକ କ୍ଷେତ୍ରରେ ଦେଖାଯାଉଛି ଏହି ସର୍ବଭାରତୀୟ ସ୍ତରରେ ଚାକିରିଆଙ୍କ ମଧ୍ୟରୁ କେନ୍ଦ୍ର ଅପେକ୍ଷା ରାଜ୍ୟ ସରକାରଙ୍କ ରାଜନୀତିକ ଉଦ୍ଦେଶ୍ୟ ଚରିତାର୍ଥ କରି ନିଜ ହାତ ଚିକ୍‌କଣ କରିବା ପାଇଁ ଅନେକ କାର୍ଯ୍ୟ କରୁଛନ୍ତି। ସମ୍ପ୍ରତି ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମାକୁ କେନ୍ଦ୍ରକରି ଓଡ଼ିଶାରେ ଯେଉଁ ଘଟଣା ଘଟିଗଲା, ତାହା ଆଇ.ଏ.ଏସ୍. ଅଫିସରମାନଙ୍କର ସଂଘୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ଯେଉଁ କର୍ତ୍ତବ୍ୟ ତାହାକୁ ପଦାରେ ପକାଇ ଦେଇଛି। କେବଳ ଝାରସୁଗୁଡ଼ା ଜିଲ୍ଲାପାଳ ବେନୁଗୋପାଳ ଶର୍ମାଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ଆଇ.ଏ.ଏସ୍. ଅଫିସରଙ୍କ ମୁଖରକ୍ଷା କରିବାରେ କେତେ ପରିମାଣରେ ସାହାଯ୍ୟ କରିଥିଲାବେଳେ ତାଙ୍କଠାରୁ ବରିଷ୍ଠ ଗଜପତି ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ହୃଷୀକେଶ ପଣ୍ଡାଙ୍କ ଭୂମିକା ଏହାର ବିପରୀତ ଦିଗ ଉନ୍ମୋଚନ କରିଥିଲା। ତେଣୁ ସର୍ଦ୍ଦାର ପଟେଲ୍ ଯେଉଁ ସଂଘୀୟ ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ବିଧାନରେ ଆଇ.ଏ.ଏସ. ଚାକିରି ସର୍ତ୍ତାବଳୀ ଓ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରିଥିଲେ, ତା'ର ପୁନର୍ବିବେଚନାର ସମୟ ଏବେ ଆସିଛି। ଆମର ଆଶା ଏ ଦିଗରେ ଚିନ୍ତା କରୁଥିବା ବ୍ୟକ୍ତିମାନେ ଅଧିକ ଆଲୋକ ପ୍ରଦାନ କରିପାରିବେ।

ଏବେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାକୁ ବିଚାର କରାଯାଉ। ଆମ ରାଜ୍ୟରେ

Digitized by srujanika@gmail.com

ଉପମୁଖ୍ୟ ଶାସନ ସଚିବ ପଦବୀ ପାଇଁ କେନ୍ଦ୍ର ସରକାର ତାଙ୍କର ଆଇ.ଏ.ଏସ୍. କ୍ୟାଡର ସିଡୁଲରେ ମୋଟ ଛ'ଟି ସ୍ଥାନ ନିର୍ଦ୍ଧାରଣ କରିଛନ୍ତି। ଏହି ପଦବୀଗୁଡ଼ିକ ହେଲା- (୧) ଅତିରିକ୍ତ ମୁଖ୍ୟ ଶାସନ ସଚିବ, (୨) ସ୍ୱତନ୍ତ୍ର ରିଲିଫ କମିଶନର, (୩) କୃଷି ଉତ୍ପାଦନ କମିଶନର, (୪) ପ୍ରିନ୍‌ସିପାଲ୍ ସେକ୍ରେଟାରୀ (ଦୁଇଟି ପଦବୀ) ଓ (୫) ଅତିରିକ୍ତ ଉନ୍ନୟନ କମିଶନର ତଥା ଯୋଜନା ଓ ସମନ୍ୱୟ ବିଭାଗର ସଚିବ। ଏହି କ୍ୟାଡର ୧୯୯୩ ଡିସେମ୍ବର ୩୧ ତାରିଖ ସୁଦ୍ଧା ସଂଶୋଧନ ହୋଇ ୧.୧.୯୪ରେ ପ୍ରକାଶିତ ହୋଇଛି। ଏହାପରେ ୧.୧.୯୫ରେ ନୂତନ କ୍ୟାଡର ସିଡୁଲ୍ ସମ୍ଭବତଃ ପ୍ରକାଶ ପାଇବ। ତେଣୁ ବର୍ତ୍ତମାନ ପାଇଁ ଏହାହିଁ ସର୍ବଶେଷ ସଂଶୋଧିତ ନିର୍ଦ୍ଦେଶନାମା। ଏହି କ୍ୟାଡର ସିଡୁଲରେ ମୁଖ୍ୟ ଶାସନ ସଚିବଙ୍କ ସହ ମୁଖ୍ୟ ଉନ୍ନୟନ କମିଶନର ପଦବୀଟି ଯୋଡ଼ାଯାଇଛି। କିନ୍ତୁ କ୍ୟାଡର ସିଡୁଲ୍‌ରେ ଉନ୍ନୟନ କମିଶନର ବୋଲି କୌଣସି ପଦବୀ ନଥିବାବେଳେ ଗ୍ରେଡେସନ ତାଲିକାରେ ଉନ୍ନୟନ କମିଶନର ବୋଲି ଉଲ୍ଲେଖ ରହିଛି। ତେଣୁ ଏହି ଦୁଇଟି ପରସ୍ପରବିରୋଧୀ ତଥ୍ୟ ମଧ୍ୟରୁ କେଉଁଟି ଠିକ୍, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ କରାଯାଇ ନାହିଁ। ଆଇ.ଏ.ଏସ୍. କ୍ୟାଡର ସିଡୁଲ୍ ତାଲିକା ତଳେ ଭାରତ ସରକାରଙ୍କ ଅଣ୍ଡର-ସେକ୍ରେଟାରୀ ଚନ୍ଦର ପ୍ରକାଶଙ୍କ ନାମ ଥାଇ ଭାରତ ସରକାରଙ୍କର Notification No. 11031- 5/92 A.I.S. (II) A dated 21.1.93 and Notification No. 11031- 12/93 A.I.S. (II) A dated 20.8.93 ଉଲ୍ଲେଖ ରହିଛି। ମାତ୍ର ଗ୍ରେଡେସନ ତାଲିକା ଓ ପଦବୀ ତଳେ କୌଣସି ବିଜ୍ଞପ୍ତି ବା କାହାରି ଦସ୍ତଖତ ନାହିଁ। ପୁନଶ୍ଚ ଏହି ପୁସ୍ତକଟି କଟକର ଓଡ଼ିଶା ସରକାରୀ ପ୍ରେସ୍‌ରେ ୧୬.୨.୯୪ରେ ଛପାଯାଇଛି।

ଆମେ ଉପରେ ଏହି ବିଷୟ ଉଲ୍ଲେଖ କରିବାର ଏକମାତ୍ର କାରଣ ହେଉଛି ଯେ, ଓଡ଼ିଶାରେ ଏହି ବିଶିଷ୍ଟ ଚାକିରିଆଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ବ୍ୟବସ୍ଥା ଅନୁସୃତ ନହୋଇ ଏକ ଭିନ୍ନ ବ୍ୟବସ୍ଥା କିପରି କାର୍ଯ୍ୟକାରୀ ହେଉଛି? ଏଥିପାଇଁ ଦାୟୀ କିଏ? ଆମର ଯେସ୍ ମିନିଷ୍ଟର ନା ନିଜେ ଆଇ.ଏ.ଏସ. ଅଫିସର ଗୋଷ୍ଠୀ? ଉପରେ ଆମେ ଉପମୁଖ୍ୟ ଶାସନ ସଚିବ ପାହ୍ୟା ସମ୍ପର୍କରେ ଉଲ୍ଲେଖ କଲୁ। କିନ୍ତୁ ବାସ୍ତବ କ୍ଷେତ୍ରରେ ଛ'ଜଣଙ୍କ ସ୍ଥାନରେ ଏବେ ଆମ ରାଜ୍ୟରେ ଏହି ପାହ୍ୟାରେ ୧୬ ଜଣ ଅଫିସର ଅଛନ୍ତି।

ଗ୍ରେଡେସନ ଅନୁସାରେ ସେମାନେ ହେଲେ ସର୍ବଶ୍ରୀ (୧) ସୁରେନ୍ଦ୍ର ନାଥ ମିଶ୍ର (୨୦ଶ ସ୍ଥାନ), (୨) ସହଦେବ ସାହୁ (୨୧ଶ ସ୍ଥାନ), (୩) ଲକ୍ଷ୍ମୀଧର ମିଶ୍ର (୨୨ଶ ସ୍ଥାନ), (୪) ପ୍ରତାପ ମୁଖୋପାଧ୍ୟାୟ (୨୩ଶ ସ୍ଥାନ), (୫)

Digitized by srujanika@gmail.com

ପ୍ରିତିମାନ ସରକାର (୨୪ଶ ସ୍ଥାନ), (୬) ଭାସ୍କର ପଟ୍ଟନାୟକ (୨୬ଶ ସ୍ଥାନ), (୭) ସୁଧାଂଶୁ ଭୂଷଣ ମିଶ୍ର (୨୮ଶ ସ୍ଥାନ), (୮) ସୁଧାଂଶୁମୋହନ ପଟ୍ଟନାୟକ (୩୦ଶ ସ୍ଥାନ), (୯) ଅମୂଲ୍ୟରତ୍ନ ନନ୍ଦ (୩୧ଶ ସ୍ଥାନ), (୧୦) ରବୀନ୍ଦ୍ର ମୋହନ ସେନାପତି (୩୨ଶ ସ୍ଥାନ), (୧୧) କଲ୍ୟାଣ ରାୟ (୩୩ଶ ସ୍ଥାନ), (୧୨) କୈଳାସ ବିହାରୀ ବର୍ମା (୩୪ଶ ସ୍ଥାନ), (୧୩) ଅଭୟାନନ୍ଦ ରଥ (୩୫ଶ ସ୍ଥାନ), (୧୪) ପ୍ରସନ୍ନ କୁମାର ମିଶ୍ର (୩୬ଶ ସ୍ଥାନ), (୧୫) ଦେବୀ ପ୍ରସାଦ ବାଗ୍‌ଚି (୩୭ଶ ସ୍ଥାନ) ଓ (୧୬) ଶ୍ରୀ ଜେ.ଏନ୍. ପୋଦାର।

ଏତେ ବଡ଼ ବଡ଼ ଅଫିସର। ଏମାନଙ୍କ ମୂଳ ଦରମା ଟ୭,୩୦୦/-ରୁ ଟ୭,୬୦୦/-। ଅଥଚ ଅନେକଙ୍କ ପାଇଁ ତାଙ୍କ ପଦମର୍ଯ୍ୟାଦାକୁ ଖାପ ଖାଇଲା ଭଳି କିମ୍ବା କାମ କରିବାର ମାନସିକ ପରିବେଶ ସୃଷ୍ଟି ହେଲା ଭଳି କାମ ନାହିଁ ବା ଅଫିସ୍ ନାହିଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏମାନଙ୍କ ଅପେକ୍ଷା ଅନେକ କନିଷ୍ଠ ଆଇ.ଏ.ଏସ. ଅଫିସର ନିଯୁକ୍ତି ପାଇଥିବାବେଳେ ଏମାନଙ୍କ ମଧ୍ୟରୁ ଅନେକ ଦିନସାରା ବିନା ଫାଇଲ୍‌ରେ ବସି ରୁହନ୍ତି। ଅଦ୍ଭୁତ ବ୍ୟବସ୍ଥା ?

ଚଳିତ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପଶ୍ଚିମବଙ୍ଗ ସରକାର କେନ୍ଦ୍ର ସରକାରଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି ଯେ, ଆଉ ସିନିୟର ଆଇ.ଏ.ଏସ. ଅଫିସର ପଶ୍ଚିମବଙ୍ଗକୁ ପଠାଅ ନାହିଁ। କାରଣ ସେମାନଙ୍କ ପାଇଁ ଉପଯୁକ୍ତ ପଦବୀ ନାହିଁ। ଏଣେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ପର୍ସୋନେଲ୍ ବିଭାଗ) ଚିଠି ଲେଖୁଛନ୍ତି, କେନ୍ଦ୍ରରେ ଆଉ ସ୍ଥାନ ନାହିଁ। ତୁମ ଅଫିସରଙ୍କୁ ଫେରାଇ ଦେଉଛୁ। ତୁମେ ନିଅ। ବିଚାରା ଚିଫ୍ ସେକ୍ରେଟାରୀ ଏନ୍. କୃଷ୍ଣମୂର୍ତ୍ତି ମୁଣ୍ଡରେ ହାତ ଦେଇ ବସିଛନ୍ତି, ତାଙ୍କ ବରିଷ୍ଠ ବନ୍ଧୁମାନଙ୍କୁ କେଉଁଠି ଥୋଇବେ ?

•

Digitized by srujanika@gmail.com

# ( ୩ )

ନିର୍ବାଚନ ଆଚରଣବିଧିକୁ କେନ୍ଦ୍ରକରି ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଟି.ଏନ୍. ଶେଷାନ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ତୀବ୍ର ଭର୍ତ୍ସନା କରିଥିବା ବିଷୟ ପ୍ରକାଶ ପାଇଛି। ଘଟଣାଟି ହେଉଛି ଏହିପରି। ଡିସେମ୍ବର ଆଠ ତାରିଖରେ ନିର୍ବାଚନ କମିଶନର ଓଡ଼ିଶାରେ ବିଧାନସଭା ନିର୍ବାଚନ ପାଇଁ ଫେବୃଆରୀ ୯ ଓ ୧୨ ତାରିଖରେ ଭୋଟ ଗ୍ରହଣ ଦିନ ଘୋଷଣା କଲେ। ସେହିଦିନଠାରୁ ଅର୍ଥାତ୍ ଡିସେମ୍ବର ଆଠ ତାରିଖରୁ ନିର୍ବାଚନ ଆଚରଣବିଧି ପାଳନ ହେବ ବୋଲି ମୁଖ୍ୟ ଶାସନ ସଚିବ ବିଜ୍ଞପ୍ତି ଜାରିକଲେ। ମାତ୍ର ଓଡ଼ିଶା ମନ୍ତ୍ରିମଣ୍ଡଳ ଡିସେମ୍ବର ୧୦ ତାରିଖ ବୈଠକରେ ନିଷ୍ପତ୍ତି କଲେ ଯେ, ଆନ୍ଧ୍ର ହାଇକୋର୍ଟର ପ୍ରାଥମିକ ରାୟ ଅନୁସାରେ ନିର୍ବାଚନ ବିଜ୍ଞପ୍ତି ରାଜ୍ୟପାଳ ଜାରି କରିବା ଦିନଠାରୁ ଆଚରଣବିଧି ପାଳନ କରାଯିବ। ତଦନୁସାରେ ମୁଖ୍ୟ ଶାସନ ସଚିବ ତାଙ୍କ ପ୍ରଥମ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ମନ୍ତ୍ରିମଣ୍ଡଳ ବୈଠକର ନିଷ୍ପତ୍ତି ଜଣାଇଦେଇ ତଦନୁସାରେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ସମସ୍ତ ଅଫିସରଙ୍କୁ ଜଣାଇଦେଲେ। ଇତିମଧ୍ୟରେ ଡିସେମ୍ବର ୧୯ ତାରିଖରେ ଆନ୍ଧ୍ର ହାଇକୋର୍ଟ ତାଙ୍କ ପୂର୍ବ ନିଷ୍ପତ୍ତିକୁ ଗ୍ରହଣ କଲେ। ତେଣୁ ଓଡ଼ିଶା ସରକାର ଅନ୍ୟ ଉପାୟ ନଦେଖି ୧୯ ତାରିଖ ସନ୍ଧ୍ୟାରୁ ଆଚରଣବିଧି ପାଳନ କରାଯିବ ବୋଲି ନିଷ୍ପତ୍ତି ନେଲେ। ଏହାପୂର୍ବରୁ ମୁଖ୍ୟ ଶାସନ ସଚିବ ଡିସେମ୍ବର ୧୭ ତାରିଖରେ ଆଉ ଏକ ବିଜ୍ଞପ୍ତି ଜାରିକରି କହିଲେ ଯେ, ନିର୍ବାଚନ ଆଚରଣବିଧି ସମ୍ପର୍କରେ ସନ୍ଦେହ ହେଲେ ସରକାରୀ କର୍ମଚାରୀମାନେ କେବଳ ତାଙ୍କ ଠାରୁ ସ୍ପଷ୍ଟୀକରଣ ଚାହିଁପାରିବେ। ମୁଖ୍ୟ ଶାସନ ସଚିବଙ୍କର ଏହି ଧୃଷ୍ଟତା ପାଇଁ ମୁଖ୍ୟ ନିର୍ବାଚନ କମିଶନର ତାଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି ବୋଲି ପ୍ରକାଶ ପାଇଛି।

ଏହି ଘଟଣାଟି ଏଠି ଉଲ୍ଲେଖ କରିବାର ଏକମାତ୍ର କାରଣ ହେଲା ଯେ, ଓଡ଼ିଶା ସରକାର ନିଜ ରାଜନୀତିକ ଅଭିସନ୍ଧି ଚରିତାର୍ଥ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ବ୍ୟବହାର କଲେ। ମୁଖ୍ୟ ଶାସନ ସଚିବ ମଧ୍ୟ ଓଡ଼ିଶା ସରକାରଙ୍କ ଏହି ଅନିୟମ ଓ ବେଆଇନ କାର୍ଯ୍ୟକୁ ରୋକିବା ପରିବର୍ତ୍ତେ ନିଜେ ପଶାପାଲିର ଗୋଟି ହୋଇଗଲେ। ରାଜ୍ୟ ସରକାର ନିର୍ବାଚନକୁ ଆଖିଆଗରେ ରଖି ଚାଉଳ କିଲୋ ଦୁଇଟଙ୍କା କିମ୍ବା ୬/୭ ଲକ୍ଷ ବେକାରଙ୍କୁ ବେକାରୀ ଭତ୍ତା ଭଳି ଶସ୍ତା ଲୋକଦେଖାଣିଆ କାମ କରିବା ପାଇଁ ଯେତେବେଳେ ନିଷ୍ପତ୍ତି ନେଲେ, ସେତେବେଳେ କେନ୍ଦ୍ର ସରକାରଙ୍କର ପ୍ରତିନିଧି ରୂପେ ଆଇ.ଏ.ଏସ୍. ଅଫିସରମାନେ ତାକୁ ପ୍ରତିବାଦ

Digitized by srujanika@gmail.com

କରିବା ଉଚିତ ଥିଲା । ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶିତ ଆଚରଣବିଧି ପାଳନ କରିବାକୁ ଯେତେବେଳେ ଗଜପତି ଜିଲ୍ଲାର ଜିଲ୍ଲାପାଳ ହୃଷୀକେଶ ପଣ୍ଡା ନିଜ ଜିଲ୍ଲାରେ ନିର୍ଦ୍ଦେଶ ଜାରିକଲେ, ସେତେବେଳେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ତାଙ୍କୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପାଳନ ପାଇଁ ବାଧ୍ୟ କରାଗଲା । ଶ୍ରୀ ପଣ୍ଡାଙ୍କ ପ୍ରଥମ ନିଷ୍ପତ୍ତି ତାଙ୍କର ଅନ୍ୟ ସହଯୋଗୀ ଜିଲ୍ଲାପାଳମାନଙ୍କ ମନରେ ସାହସ ଯୋଗାଇଲା । ସେତେବେଳେ ଶ୍ରୀ ପଣ୍ଡା ମୁଖ୍ୟ ଶାସନ ସଚିବଙ୍କ ପରବର୍ତ୍ତୀ ତ୍ରୁଟିପୂର୍ଣ୍ଣ ନିର୍ଦ୍ଦେଶକୁ ଗ୍ରହଣ କରିନଥିଲେ ପ୍ରଶାସନିକ କ୍ଷେତ୍ରରେ ନିଜ ପାଇଁ ଏକ ଭିନ୍ନ ଭୂମିକା ସୃଷ୍ଟି କରିଥାନ୍ତେ ।

ଏହି ତଥ୍ୟ ଏଠି ଦେବାର ଆବଶ୍ୟକତା ଏଇଥିପାଇଁ ଆମେ ଅନୁଭବ କଲୁ ଯେ, ଯେଉଁ ଦାୟିତ୍ୱ ଆଇ.ଏ.ଏସ. ଅଫିସରମାନଙ୍କୁ କେନ୍ଦ୍ର ସରକାର ଦେଇଛନ୍ତି ଏବଂ ରାଜ୍ୟର ପ୍ରଶାସନକୁ ସୁଷ୍ଠୁ ଭାବରେ ପରିଚାଳନା କରିବା ପାଇଁ ଯେଉଁ ତାଲିମ ଦିଆଯାଇଛି, ଉପରୋକ୍ତ ଘଟଣା ତା'ର ପରିପନ୍ଥୀ ବୋଲି କହିଲେ ବିଶେଷ ଭୁଲ୍ ହେବନାହିଁ। ଭାରତବର୍ଷର ପାଞ୍ଚୋଟି ରାଜ୍ୟ ଏବେ ନିର୍ବାଚନ ପାଇଁ ସଜବାଜ ହେଉଛନ୍ତି । ବିହାର, ଗୁଜରାଟ, ମହାରାଷ୍ଟ୍ର ଓ ଅରୁଣାଚଳ ପ୍ରଦେଶ ସବୁଠି ନିର୍ବାଚନ କମିଶନଙ୍କ ଆଚରଣବିଧି ଲାଗୁ ହୋଇଛି । ମାତ୍ର ଓଡ଼ିଶାରେ ଏହି ଆଚରଣବିଧି ପାଳନ କ୍ଷେତ୍ରରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରେ ଆଇ.ଏ.ଏସ. ଅଫିସରଙ୍କ ଭୂମିକା ବାସ୍ତବରେ ଦୁର୍ଭାଗ୍ୟଜନକ । ଏହା ସଂଗେ ସଂଗେ ଆଉ ଏକ ଘଟଣା ଉଲ୍ଲେଖ କରିବାର ଆବଶ୍ୟକତା ଉପଲବ୍ଧି କରୁଛି । ତାହା ହେଉଛି ୧୯୮୯ ସାଲ୍‌ର ଲୋକସଭା ନିର୍ବାଚନ ବେଳେ ବଲାଙ୍ଗୀର ଜିଲ୍ଲାର ଏକ ଭୋଟ କେନ୍ଦ୍ରରେ ତତ୍‌କାଳୀନ ମନ୍ତ୍ରୀ ଶ୍ରୀ ମୁଜାଫର ହୁସେନ ଖାଁଙ୍କ ହସ୍ତକ୍ଷେପ ଏବଂ ତଜ୍ଜନିତ ଗଣ୍ଡଗୋଳରେ ତିନିଜଣ ବ୍ୟକ୍ତିଙ୍କ ମୃତ୍ୟୁ ସମ୍ପର୍କରେ ଯେଉଁ ତଦନ୍ତ ହୋଇଥିଲା, ତା'ର ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଯଥାସମୟରେ ଦାଖଲ ହୋଇଥିଲା । ଯାହା ପ୍ରକାଶ ପାଇଛି, ଏହି ଘଟଣାରେ ତତ୍‌କାଳୀନ ଜିଲ୍ଲାପାଳ ଶ୍ରୀ ରମେଶ ବେହେରା ଓ ଏସ୍.ପି. ଶ୍ରୀ ସଂଜୀବ ମାରିକଙ୍କୁ ଦାୟୀ କରାଯାଇ କେତେକ ମନ୍ତବ୍ୟ ଦିଆଯାଇଛି । ତେବେ ଅତି ଆଶ୍ଚର୍ଯ୍ୟଜନକ ଭାବେ ଏହି ରିପୋର୍ଟକୁ ଗତ ପାଞ୍ଚବର୍ଷ ଚାପି ରଖାଯାଇଛି । ସମ୍ପ୍ରତି ମୁଖ୍ୟ ନିର୍ବାଚନ କମିଶନର ଏହି ରିପୋର୍ଟ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜାଣିବାକୁ ଚାହିଁଛନ୍ତି । ତତ୍‌କାଳୀନ ଡି.ଆଇ.ଜି. ଶ୍ରୀ ବାଣୀପଦ ସାହାଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ସେତେବେଳେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଫିସର ଥିଲେ ଶ୍ରୀ ପ୍ୟାରିମୋହନ ମହାପାତ୍ର । ଶ୍ରୀ ମହାପାତ୍ର

Digitized by srujanika@gmail.com

ପରେ ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ସଚିବ ରୂପେ କାର୍ଯ୍ୟ କଲେ। ଶ୍ରୀ ମହାପାତ୍ର ନିଜେ ଏହି ତଦନ୍ତ ମଧ୍ୟ କରିଥିଲେ। ଗତ ପାଞ୍ଚବର୍ଷ ମଧ୍ୟରେ ତିନିଜଣ ମୁଖ୍ୟ ଶାସନ ସଚିବ ରୂପେ କାର୍ଯ୍ୟ କରିଥିଲେ। ସେମାନେ ହେଲେ ସର୍ବଶ୍ରୀ ରମାକାନ୍ତ ମିଶ୍ର, ରମାକାନ୍ତ ରଥ ଓ ବର୍ତ୍ତମାନର ଅଧିକାରୀ ରବିନାରାୟଣ ଦାସ।

ମୁଖ୍ୟ ନିର୍ବାଚନ କମିଶନର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଯଦି ଓଡ଼ିଶା ସରକାର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅକ୍ଷମ ବା ଅନିଚ୍ଛୁକ, ତେବେ ସେ ତାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏତେ ସବୁ ଘଟଣା ବର୍ଣ୍ଣନା କରିବାର ଏକମାତ୍ର କାରଣ ହେଲା ରାଜ୍ୟରେ ଆଇ.ଏ.ଏସ. କେନ୍ଦ୍ରିକ ପ୍ରଶାସନ ଚାଲୁଥିବାରୁ ଏପ୍ରକାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ କାହାକୁ ଦାୟୀ କରାଯିବ? ସର୍ଦ୍ଦାର ପଟେଲ ବହୁ ବିରୋଧ ସତ୍ତ୍ୱେ ଯେଉଁ ଯୁକ୍ତି ଦର୍ଶାଇ ଭାରତବର୍ଷରେ ଏହି ଅତିମାନବ ଗୋଷ୍ଠୀ ସୃଷ୍ଟି କରିଥିଲେ, ତାଙ୍କର ସେହି ବିଶ୍ୱାସକୁ ଏହି ଗୋଷ୍ଠୀ ରକ୍ଷାକରି ପାରିଛନ୍ତି କି? ଆମର ମନେହୁଏ ବି.ବି.ସି. ସିରିଆଲ୍ ୟେସ୍ ମିନିଷ୍ଟର ଏଠି ଏହି ଘଟଣାରେ ୟେସ୍ ବ୍ୟୁରୋକ୍ରାଟ୍ ହୋଇଯାଇଛି। କାରଣ ଯେଉଁ ଦୁଇ ଅଫିସରଙ୍କ ସମ୍ପର୍କରେ ଏହି ରିପୋର୍ଟ ଆସିଛି, ସେମାନଙ୍କ ମଧ୍ୟରୁ ଜଣେ ମୁଖ୍ୟମନ୍ତ୍ରୀଙ୍କର ଅତ୍ୟନ୍ତ ପ୍ରିୟପାତ୍ର ରୂପେ ଜଣାଶୁଣା। ଫଳରେ ୧୯୯୦ ସାଲରେ ଯେତେବେଳେ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିଶନର ଏହି ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଓଡ଼ିଶା ସରକାରଙ୍କୁ ପଠାଇଲେ ତାହା ଶୀତଳ ଭଣ୍ଡାରକୁ ଚାଲିଗଲା। ଏବେ ଏହାଉପରେ କି କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଦେଖିବାକୁ ବାକି ରହିଲା। ପରେ ଯାହା ଖବର ମିଳିଲା, ରାଜ୍ୟ ସରକାର ଏ ଦୁଇ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ଡିସେମ୍ବର ୩୦ ତାରିଖରେ ନିଷ୍ପତ୍ତି ନେଇଛନ୍ତି।

ଏବେ ଆସନ୍ତୁ ଆମ ରାଜ୍ୟର ଆଇ.ଏ.ଏସ. କ୍ୟାଡରକୁ। କ୍ୟାଡର ସିଡ୍ୟୁଲ ଅନୁସାରେ ଆମ ରାଜ୍ୟରେ କମିଶନର ପାହ୍ୟାରେ ମୋଟ ୨୬ଟି ପଦବୀ ପାଇଁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି। ଏହି ପଦବୀ ଗୁଡିକ ହେଲା (୧) ମେମ୍ବର, ଡିସ୍‌ପ୍ଲିନାରୀ ପ୍ରୋସିଡିଂ ଟ୍ରିବ୍ୟୁନାଲ (୨) ଆର.ଡି.ସି. (ତିନୋଟି ପଦବୀ), (୩) ମୁଖ୍ୟ ନିର୍ବାଚନ ଅଫିସର, (୪) ଭୂସଂସ୍କାର କମିଶନର, (୫) ବାଣିଜ୍ୟ କର କମିଶନର, (୬) ବନ୍ଦୋବସ୍ତ କମିଶନର, (୭) ପରିବହନ କମିଶନର, (୮) ରାଜ୍ୟପାଳଙ୍କ ସଚିବ, (୯) ମୁଖ୍ୟମନ୍ତ୍ରୀଙ୍କ ସଚିବ, (୧୦) ଚକବନ୍ଦୀ କମିଶନର (ଦୁଇଟି ପଦବୀ), (୧୧) ଆଦିବାସୀ ହରିଜନ ମଙ୍ଗଳ କମିଶନର,

Digitized by srujanika@gmail.com

(୧୨) ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍ ଡିରେକ୍ଟର ତଥା ତାଲିମ ଓ ସମନ୍ୱୟ କମିଶନର, (୧୩) କମିଶନର ତଥା ସେକ୍ରେଟାରୀ (ଦଶଟି ପଦବୀ) (୧୪) ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ।

ଏହି ୨୬ଟି ପଦବୀ ସ୍ଥାନରେ ଏବେ ମୋଟ ୩୮ ଜଣ କମିଶନର ଅଛନ୍ତି। ଜାନୁଆରୀ ପହିଲାରେ ରାଜସ୍ୱ ବୋର୍ଡ ସଦସ୍ୟ ଶ୍ରୀ ଭଟ୍ଟାଚାର୍ଯ୍ୟ ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ଶ୍ରୀ ଏସ୍.ଏଲ. ଚାଟାର୍ଜୀଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଶୂନ୍ୟ ସ୍ଥାନରେ ଶ୍ରୀ ସୁରେନ୍ଦ୍ର ନାଥ ମିଶ୍ରଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନୀତ କରାଯାଇଛି। ମୁଖ୍ୟ ଶାସନ ସଚିବ ପାହ୍ୟା ଅଫିସରଙ୍କ ସଂଖ୍ୟା ଛ'ରୁ ଅଧିକ ହେବ ନାହିଁ ବୋଲି ଗୋଟିଏ ସମୟରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ଯାହା ଫଳରେ ଶ୍ରୀ ପ୍ୟାରୀମୋହନ ମହାପାତ୍ର ନିଜେ ନିଜ ପକ୍ଷରୁ ଏହି ପଦବୀ ଗ୍ରହଣ ପାଇଁ ଅସ୍ୱୀକାର କରିଥିଲେ। ମାତ୍ର ଏବେ ଏହା ଏକ ଫାର୍ସରେ ପରିଣତ ହୋଇଯାଇଛି। ଠିକ୍ ସେହିଭଳି ଶ୍ରୀ ମିଶ୍ରଙ୍କ ଶୂନ୍ୟ ସ୍ଥାନରେ ପ୍ରିନ୍‌ସିପାଲ ସେକ୍ରେଟାରୀ ରୂପେ ଶ୍ରୀ ସମର ବଲ୍ଲଭ ମହାପାତ୍ରଙ୍କୁ ପଦୋନ୍ନତି ଦିଆଯାଇଛି। ଶ୍ରୀ ମହାପାତ୍ରଙ୍କ ସ୍ଥାନରେ ସେହିଭଳି ଗ୍ରେଡେସନ୍ ତାଲିକାର ୯୩ ସ୍ଥାନରେ ଥିବା ଶ୍ରୀ ପି.ଆର. ସାହାଙ୍କୁ ଦିଆଯାଇ କମିଶନର ପାହ୍ୟା ଦିଆଯାଇଛି।

ଏବେ ରାଜ୍ୟରେ ଯେଉଁ କମିଶନର ପାହ୍ୟା ଅଫିସର ଅଛନ୍ତି ଗ୍ରେଡେସନ୍ ତାଲିକାକ୍ରମ ଅନୁସାରେ ସେମାନଙ୍କ ନାମ ତଳେ ଦେଲୁ। ସର୍ବଶ୍ରୀ (୧) ରାଜେନ୍ଦ୍ର କିଶୋର ପଣ୍ଡା (୪୪ଶ ସ୍ଥାନ), (୨) ଏମ୍. କେ. ପୁରକାୟତ (୪୭), (୩) ଶ୍ରୀନିବାସ ରଥ (୪୮), (୪) ଆଇ.ଜେ.ଏସ୍. ଖୁରାନା (୪୯), (୫) ସଂଜିବ ହୋତା (୫୦), (୬) ମଦନ ମୋହନ ମହାନ୍ତି (୫୧), (୭) ହିମାଂଶୁ ଶେଖର ସରକାର (୫୩), (୮) ଅଶୋକ କୁମାର ମିଶ୍ର (୫୬), (୯) ଏସ୍. କେ ମେନନ୍ (୫୭), (୧୦) ଧୀରେନ୍ଦ୍ର ନାଥ ପାଢୀ (୫୯), (୧୧) ସୁବାଷ ଚନ୍ଦ୍ର ପାଣି (୬୦), (୧୨) ଅଜିତ କୁମାର ତ୍ରିପାଠୀ (୬୧), (୧୩) ଜି.ଡି. ମୁଖାର୍ଜୀ (୬୨), (୧୪) ଏ.କେ ଆଲେକ୍‌ସ (୬୩), (୧୫) ଫନିଭୂଷଣ ଦାସ (ଅବସର ପରେ ପୁନଃମୁକରିର), (୧୬) ୟୁ.ଏସ୍. ଶରତ ଚନ୍ଦ୍ରନ୍, (୬୬), (୧୭) ରବି ନାରାୟଣ ବହିଦାର (୬୭), (୧୮) ସନ୍ତୋଷ କୁମାର (୬୮), (୧୯) ୟୁ.ଏସ୍. ଭାଟିଆ (୬୯), (୨୦) ରାମଚନ୍ଦ୍ର ବେହେରା (ସଚିବ ପଦବୀରେ) (୭୧), (୨୧) ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ (୭୨), (୨୨) ଭାସ୍କର ଚାଟାର୍ଜୀ (୭୩), (୨୩) ତରୁଣକାନ୍ତ ମିଶ୍ର (୭୪), (୨୪) ଅରୁଣ କୁମାର ସାମନ୍ତରାୟ (୭୫), (୨୫) ସତ୍ୟ ପ୍ରକାଶ ନନ୍ଦ

Digitized by srujanika@gmail.com

(୭୬), (୨୬) ଜି.ସି. ମଣ୍ଡଳ (୭୭), (୨୭) ମଧୁର ଷଡ଼ଙ୍ଗୀ (୭୯), (୨୮) ରମେଶ ଚନ୍ଦ୍ର ମିଶ୍ର (୮୦), (୨୯) ବିଜୟ କୁମାର ପଟ୍ଟାନାୟକ (୮୧), (୩୦) ପ୍ରିୟବ୍ରତ ପଟ୍ଟନାୟକ (କମିଶନରକୁ ପଦୋନ୍ନତି ହୋଇନାହିଁ) (୮୨), (୩୧) ଜାଗର ସିଂହ (୮୩), (୩୨) ଜୟନ୍ତ କୁମାର ଦେବ (୮୪), (୩୩) ହାଓ୍ୱାସିଂହ ଚହର (୮୫) (୩୪) ରବି ନାରାୟଣ ସେନାପତି (୮୬), (୩୫) ଚିନ୍ମୟ ବସୁ (୮୭), (୩୬) ଏନ୍.ସି. ବାସୁଦେବନ୍ (୮୯), (୩୭) ଗୋକୁଳ ଚନ୍ଦ୍ର ପତି (୯୦), (୩୮) ଡଃ କେ.ଏସ୍. ଗଣେଷ (୯୧), (୩୯) ଅରିବିନ୍ଦୋ ବେହେରା (୯୨) ଓ (୪୦) ପି.ଆର. ସାହା (୯୩)।

ଗୋଟିଏ ଦିନ ମଧ୍ୟରେ ସୁରେନ୍ଦ୍ରବାବୁ, ସମରବାବୁ ଓ ପି.ଆର. ସାହାଙ୍କ ପଦୋନ୍ନତି ହୋଇଗଲା। କିନ୍ତୁ ରାଜ୍ୟର ଅନ୍ୟ ସର୍ଭିସ୍‌ଗୁଡ଼ିକରେ ଶୂନ୍ୟ ଥିବା ସ୍ଥାନରେ ଏହି କ୍ରମରେ ପଦୋନ୍ନତି ହେଉଛି ତ? କମିଶନର ପଦବୀରେ ଥିବା ଏତେ ସଂଖ୍ୟକ ଅଫିସରମାନଙ୍କ ପାଇଁ ସରକାରୀ ବିଭାଗ ନାହିଁ। ଫଳରେ ଗୋଟିଏ ଗୋଟିଏ ବିଭାଗରେ ଏକାଧିକ କମିଶନରଙ୍କୁ ନିଯୁକ୍ତି ଦିଆଯାଉଛି। ୧୯୫୯ରେ ବି. ଶିବରମଣଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଫ୍ ରେସନାଲାଇଜେସନ କମିଟି ରିପୋର୍ଟ ଓ ସୁପାରିଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି। ସଚିବାଳୟର ନିୟମାବଳୀ ଅନୁସାରେ ଏବଂ ଶିବରମଣ କମିଟି ଧାର୍ଯ୍ୟ କରିଥିବା ୟାର୍ଡଷ୍ଟିକ୍ ବା ମାପକାଠି ଅନୁସାରେ ଦୁଇ ଜଣ କନିଷ୍ଠ କିରାଣି + ଚାରିଜଣ ବରିଷ୍ଠ କିରାଣି = ଜଣେ ସେକ୍‌ସନ୍ ଅଫିସର। ତିନି ଜଣ ସେକ୍‌ସନ୍ ଅଫିସରଙ୍କ ପାଇଁ ଜଣେ ଅଣ୍ଡର-ସେକ୍ରେଟାରୀ। ତିନି ଜଣ ଅଣ୍ଡର-ସେକ୍ରେଟାରୀଙ୍କ ପାଇଁ ଜଣେ ଡେପୁଟୀ କିମ୍ବା ଜଏଣ୍ଟ କିମ୍ବା ଅତିରିକ୍ତ ସେକ୍ରେଟାରୀ ରହିବା କଥା। ଏମାନଙ୍କ ଉପରେ ସେକ୍ରେଟାରୀ ରହିବେ।

ଏହି ନିୟମ ଅନୁସାରେ ଫାଇଲଗୁଡ଼ିକ ଦୁଇଟି ସ୍ତର ଦେଇ ବା ସରକାର (ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ)ଙ୍କ ନିକଟକୁ ଯିବ। କିନ୍ତୁ ଏବେ ଗୋଟିଏ ଗୋଟିଏ ବିଭାଗରେ ବରିଷ୍ଠ ଆଇ.ଏ.ଏସ୍ ରହିବା ବେଳେ ଅଧସ୍ତନ କର୍ମଚାରୀଙ୍କ ସଂଖ୍ୟା ଆନୁପାତିକ ହାରରେ ବୃଦ୍ଧିପାଇ ନଥିବାରୁ କାହାକୁ କିଏ ଫାଇଲ୍ ଦେବ ତାହା ସମସ୍ୟା ସୃଷ୍ଟି କରିଛି।

•

Digitized by srujanika@gmail.com

# ( ୪ )

ସମଗ୍ର ଦେଶରେ ୧୯୯୩ ସାଲ ହିସାବ ଅନୁସାରେ ମୋଟ ୪୫୬୦ ଜଣ ଆଇ.ଏ.ଏସ୍. ଅଫିସର କାର୍ଯ୍ୟ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୧୭୭୦ ଜଣ ଜଏଣ୍ଟ ସେକ୍ରେଟାରୀ ବା ତଦୂର୍ଦ୍ଧ ପଦବୀରେ ଅବସ୍ଥାପିତ। ଜଏଣ୍ଟ ସେକ୍ରେଟାରୀ ବା ତଦୂର୍ଦ୍ଧ ପଦବୀ ରାଜ୍ୟଗୁଡ଼ିକରେ କମିଶନରଙ୍କ ଠାରୁ ଆରମ୍ଭ କରି ଚିଫ୍ ସେକ୍ରେଟାରୀ ପଦବୀ ପର୍ଯ୍ୟନ୍ତ। ଅନ୍ୟ ଅର୍ଥରେ ଟ୫୯୦୦ଙ୍କାରୁ ଟ୬୭୦୦ଙ୍କା ଦରମା ଠାରୁ ଆରମ୍ଭ କରି ୮ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ପର୍ଯ୍ୟନ୍ତ ପଦବୀଗୁଡ଼ିକର ସଂଖ୍ୟା ହେଲା ୧୭୭୦ଟି। ୧୯୭୬ ସାଲ ପରଠାରୁ ଉଚ୍ଚସ୍ତରର ପଦବୀଗୁଡ଼ିକର ଅଭିବୃଦ୍ଧି ଶତକଡ଼ା ୨୨ ଭାଗରୁ ୩୯ ଭାଗକୁ ବୃଦ୍ଧି ପାଇଛି। ପରିସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଲାଣି ଯେତେବେଳେ ବରିଷ୍ଠ ଆଇ.ଏ.ଏସ୍.ଅଫିସରଙ୍କ ପାଇଁ ଆଉ ଉପଯୁକ୍ତ ପଦବୀ ମଧ୍ୟ ନାହିଁ। ଫଳରେ ଅନେକ ଅଫିସର ବି କାମରେ ଅତି ଛୋଟ ଛୋଟ ପଦବୀରେ ରହି ଦରମା ନେବା ସାର ହେଉଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା କଥା ବିଚାରକୁ ନିଆଯାଉ। ୧୯୮୯ ସାଲରେ ଓଡ଼ିଶା ସଚିବାଳୟରେ ମୋଟ ୨୩ଟି ବିଭାଗ ଥିଲା। ଏବେ ଗତ ଚାରିବର୍ଷ ମଧ୍ୟରେ ବରିଷ୍ଠ ଆଇ.ଏ.ଏସ୍. ଅଫିସରଙ୍କୁ କାମ ବା ବିଶ୍ରାମ ଯୋଗାଇବା ପାଇଁ ଆଉ ଅଧିକା ୧୨ଟି ବିଭାଗ ନୂଆକରି ସୃଷ୍ଟି କରାଯାଇଛି। ନୂଆ ସୃଷ୍ଟି ହୋଇଥିବା ଏହି ବିଭାଗ ଗୁଡ଼ିକ ହେଲା - (୧) ଶକ୍ତି ବିଭାଗ, (୨) ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ, (୩) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, (୪) ସମବାୟ ବିଭାଗ, (୫) ଶିଶୁ ଓ ମହିଳା କଲ୍ୟାଣ ବିଭାଗ, (୬) ପାର୍ଲାମେଣ୍ଟାରୀ ବ୍ୟାପାର, (୭) ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ, (୮) ପବ୍ଲିକ ଏଣ୍ଟରପ୍ରାଇଜେସ୍ ବିଭାଗ, (୯) ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ବିଭାଗ, (୧୦) ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ, (୧୧) ପର୍ଯ୍ୟଟନ ଓ (୧୨) ସଂସ୍କୃତି ବିଭାଗ। ଏହି ବିଭାଗଗୁଡ଼ିକ ମଧ୍ୟରୁ ସଂସ୍କୃତି ଓ ପର୍ଯ୍ୟଟନ ପୁରୁଣା ବିଭାଗ ହେଲେ ମଧ୍ୟ ଏହା ଜଣେ ସଚିବଙ୍କ ଦାୟିତ୍ୱରେ ଥିଲା। ଏହି ସଚିବଙ୍କ ହାତରେ ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ କ୍ରୀଡ଼ା ବିଭାଗ ମଧ୍ୟ ଥିଲା। କିନ୍ତୁ ଏବେ ଏଥିମଧ୍ୟରୁ ସଂସ୍କୃତି ବିଭାଗ ଓ ପର୍ଯ୍ୟଟନ ବିଭାଗ ପାଇଁ ଜଣେ ଜଣେ କମିଶନର ପାହ୍ୟା ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସଂସ୍କୃତି ବିଭାଗର ବର୍ତ୍ତମାନର ସଚିବ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା ହେଉଛନ୍ତି ରାଜ୍ୟର ସିନିୟର-ମୋଷ୍ଟ

Digitized by srujanika@gmail.com

କମିଶନର। ଅଥଚ ତାଙ୍କଠାରୁ ବହୁ କନିଷ୍ଠ କମିଶନରଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଦିଆଯାଇଛି। ଘଟଣା ଏଇଠି ଶେଷ ନୁହେଁ। ସଦ୍ୟ ମୁଖ୍ୟ ସଚିବ ପାହ୍ୟାକୁ ଉନ୍ନୀତ ହୋଇଥିବା ଶ୍ରୀ ସୁରେନ୍ଦ୍ର ମିଶ୍ରଙ୍କୁ ଶ୍ରମ ଓ ନିଯୁକ୍ତି ଭଳି ବିଭାଗ ଦିଆଯାଇଛି। ସଂପ୍ରତି ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଫିସରଙ୍କ ସହ ଆଲୋଚନା କାଳରେ ସେ ଏଥିପାଇଁ ଦୁଃଖପ୍ରକାଶ କରି କହିଲେ କାହାକୁ କହିବା ଆମରି ବନ୍ଧୁମାନେ ତ ଏସବୁ କରୁଛନ୍ତି। ରାଜନୈତିକ ବ୍ୟକ୍ତିମାନଙ୍କର ହାତବାରିସି ହୋଇ ତ ଏମାନେ ଏସବୁ କରୁଛନ୍ତି।

ଆମେ ଗତ ନିବନ୍ଧରେ ନିର୍ବାଚନ ଆଚରଣ ବିଧିକୁ କେନ୍ଦ୍ରକରି ମୁଖ୍ୟ ନିର୍ବାଚନ କମିଶନରଙ୍କର ମନ୍ତବ୍ୟ ସଂପର୍କରେ ଖବରକାଗଜରେ ଯାହା ପ୍ରକାଶ ପାଇଥିଲା ତାହା ଉଲ୍ଲେଖ କରିଥିଲୁ। ନିବନ୍ଧ ଲେଖିସାରିବା ପରେ ପୁଣି ଖବର ପ୍ରକାଶ ପାଇଛି ଯେ ଓଡ଼ିଶା ମୁଖ୍ୟ ଶାସନ ସଚିବ କୌଣସି ସମୟରେ ନିର୍ବାଚନ କମିଶନରଙ୍କର ନିୟନ୍ତ୍ରଣାଧୀନ ନୁହନ୍ତି। ତେଣୁ ସେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି। ସେ କ୍ଷେତ୍ରରେ ସେ ରାଜ୍ୟର ଅଫିସରମାନଙ୍କୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ତାଙ୍କର ଅଧିକାରଭୁକ୍ତ। ତେଣୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ବେଆଇନ ବା ବେନିୟମ ନୁହେଁ କିମ୍ବା ନିର୍ବାଚନ ଆଇନର ପରିପନ୍ଥୀ ନୁହେଁ। ରାଜ୍ୟ ମନ୍ତ୍ରିମଣ୍ଡଳ ଡିସେମ୍ବର ୧୦ ତାରିଖରେ ଯେଉଁ ନିଷ୍ପତ୍ତି ଗ୍ରହଣ କଲେ ତାହାହିଁ ମୁଖ୍ୟ ସଚିବ ପାଳନ କରିଛନ୍ତି।

ଆମେ ଗୋଟିଏ କଥା ବୁଝିବାରେ ଏବେ ମଧ୍ୟ ଅକ୍ଷମ ହେଉଛୁ। ଭାରତବର୍ଷର ପାଞ୍ଚଟି ରାଜ୍ୟରେ ନିର୍ବାଚନ ହେଉଛି। ଓଡ଼ିଶାକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ନିର୍ବାଚନ କମିଶନରଙ୍କ ଆଚରଣ ବିଧି ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଓଡ଼ିଶାରେ ଏହାର ପ୍ରତିକୂଳ ଆଚରଣ ହେଲା କାହିଁକି? ତେବେ ସେ ଚାରୋଟି ରାଜ୍ୟର ଶାସକ ଓ ବ୍ୟୁରୋକ୍ରାଟ୍ ସମସ୍ତେ ବୋକା? ଏଥିରୁ ଏଇ ସିଦ୍ଧାନ୍ତରେ ଆମେ ଉପନୀତ ହେଲୁ ଯେ ସମଗ୍ର ଦେଶରେ ଆମେ କେବଳ ବୁଦ୍ଧିଆ। ଆନ୍ଧ୍ରରେ ତତ୍‌କାଳୀନ ଶାସକ କଂଗ୍ରେସ ଦଳର ଜନୈକ ଏମ୍.ଏଲ୍.ଏ. ଏହି ମୋକଦ୍ଦମା କରିଥିଲେ ତାଙ୍କ ସରକାରଙ୍କୁ ବଞ୍ଚାଇବା ପାଇଁ। ଆନ୍ଧ୍ରରେ କଂଗ୍ରେସିଆଏ ଯାହା ଫଳ ପାଇଲେ ତାହା ଦେଖି ମଧ୍ୟ ଆମ ସରକାରଙ୍କ ଆଖି ଫିଟିଲା ନାହିଁ। ହଁ, ଗୋଟିଏ କଥା ତାଙ୍କର ହେଜ ହେଲା। ଆରେ ଏନ୍.ଟି.ଆର୍. ଦି'ଟଙ୍କା ଚାଉଳ କହି କିସ୍ତିମାତ୍ କରି ଦେଇ ଭୋଟ୍ ନେଇଗଲା। ଆମେ ସେଇ ଲାଇନ୍‌ରେ ଯିବା। ବହୁବୁଦ୍ଧି ବା ଅତିବୁଦ୍ଧି ସମ୍ପନ୍ନ ଆମ ରାଜନୀତିକ କର୍ତ୍ତାଗଣ ନିଜ ଉଦ୍ଦେଶ୍ୟ

Digitized by srujanika@gmail.com

ଚରିତାର୍ଥ ପାଇଁ ଶାସନକୁ ଯେପରି ଭୁଲ୍ ବାଟରେ ଯିବାକୁ ବାଧ୍ୟ କଲେ ତାହା ଭବିଷ୍ୟତ ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏକ କୃଷ୍ଣବିନ୍ଦୁ ହୋଇରହିଯିବ। ତେବେ ଏବେ ପ୍ରଶ୍ନ ହେଉଛି ନିର୍ବାଚନ କମିଶନର ଠିକ୍ କି ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଠିକ୍? ଏହାର ସମାଧାନ କରିବ କିଏ? ସଂପ୍ରତି ପ୍ରକାଶ ପାଇଥିବା ଆଉ ଏକ ସମ୍ବାଦରେ କୁହାଯାଇଛି ଯେ ଆଚରଣବିଧି ବିହାରରେ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଠିକ୍ ସମୟରେ ଲାଗୁ ହୋଇଥିବା କଥା ବିହାର ମୁଖ୍ୟ ସଚିବ ନିର୍ବାଚନ କମିଶନରଙ୍କୁ ଜଣାଇଛନ୍ତି।

ଏବେ ଆମେ ଆମ ମୂଳ ପ୍ରସଙ୍ଗକୁ ଫେରି ଆସିବା। ତା' ହେଉଛି ଓଡ଼ିଶା ଭଳି ଏକ ଦରିଦ୍ର ଓ ଅନଗ୍ରସର ରାଜ୍ୟରେ ଏତେ ସଂଖ୍ୟକ ଆଇ.ଏ.ଏସ୍. ଅଫିସରଙ୍କର ଆବଶ୍ୟକତା ରହିଛି କି ? ଗୁଜୁରାଟ ସରକାର ଗତ ଦୁଇ ବର୍ଷ ଧରି କୌଣସି ନୂଆ ଆଇ.ଏ.ଏସ୍.ଅଫିସରଙ୍କୁ ଆଉ ଗ୍ରହଣ କରୁନାହାନ୍ତି। ଏହି ବ୍ୟବସ୍ଥା ସାଙ୍ଗକୁ ଗତ କିଛି ମାସ ତଳେ ଆଇ.ଏ.ଏସ୍. ଅଫିସର ସଂଘ ସେମାନଙ୍କ ଦରମା ପଚାଶ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଯୁକ୍ତି ଦର୍ଶାଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବିଭିନ୍ନ କମ୍ପାନୀର ଏକ୍‌ଜିକ୍ୟୁଟିଭମାନେ ମାସକୁ ୩୦/୪୦ ହଜାର ଟଙ୍କା ଦରମା ପାଉଥିବାବେଳେ ଏବଂ ଅନେକ କମ୍ପାନୀ ସହ ସରକାରଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ନିୟନ୍ତ୍ରଣ ଥିବାବେଳେ ସେମାନଙ୍କୁ ଅଧିକ ଦରମା ନ ଦେଲେ ସେମାନେ କାର୍ଯ୍ୟ କରିବାର ମନୋବଳ ବା ଷ୍ଟାଟସ୍ ରକ୍ଷା କରିପାରିବେ ନାହିଁ। ଏହି ଦାବିକୁ ଦେଖି ଅନ୍ୟାନ୍ୟ ସର୍ବଭାରତୀୟ ସେବାସଂଘର ଅଫିସର ସଂଘମାନେ ଅନୁରୂପ ଦାବି କଲେ। ଏହି ଦାବିକୁ ପ୍ରତ୍ୟକ୍ଷ କରି ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଶ୍ରୀ ଏମ.ଆର. ପାଲ 'ଷ୍ଟେଟସମ୍ୟାନ' ସମ୍ବାଦପତ୍ରର ୧୯୯୪ ସେପ୍ଟେମ୍ବର ୧୩ ତାରିଖ ସଂସ୍କରଣରେ ଲେଖିଥିଲେ ଯେ ସର୍ବଭାରତୀୟ ସେବାର ଅଫିସରମାନଙ୍କର ଦରମା ବୃଦ୍ଧି କରାଯିବା ଉଚିତ। ମାତ୍ର ତା'ସାଙ୍ଗରେ ସେମାନଙ୍କ ଚାକିରି ସର୍ତ୍ତରେ କେତେକ ମୌଳିକ ପରିବର୍ତ୍ତନ ହେବା ଆବଶ୍ୟକ।

(୧) ପ୍ରଥମତଃ ଗତାନୁଗତିକ ଚାକିରି ସୁରକ୍ଷା ବ୍ୟବସ୍ଥା ଏବେ ଅକାମୀ କରି ଦିଆଯାଉ ସାଧୁତା ଓ କାର୍ଯ୍ୟଦକ୍ଷତାକୁ ଏକମାତ୍ର ସୁରକ୍ଷା ରୂପେ ଗଣ୍ୟ କରାଯିବା ଉଚିତ। ତେଣୁ ଏମାନଙ୍କୁ ପ୍ରଥମେ ଦଶବର୍ଷ ପାଇଁ ମୁକରିର କରି ପରେ ପାଞ୍ଚବର୍ଷିଆ ଭିତ୍ତିରେ ନବୀକରଣ କରାଯିବା ଉଚିତ। ଦ୍ୱିତୀୟତଃ ଯୋଗ୍ୟତା ଓ ସାଧୁତାରେ ସାମାନ୍ୟ ସନ୍ଦେହ ହେଲେ ଚାକିରିରୁ ବରଖାସ୍ତ କରାଯିବା ଏବଂ ଥରକ ପାଇଁ ସେମାନଙ୍କୁ କୌଣସି ନିରପେକ୍ଷ ଓ ସ୍ୱାଧୀନ ଟ୍ରିବ୍ୟୁନାଲରେ ଆବେଦନ କରିବାର ସୁଯୋଗ ମିଳିବା ଉଚିତ।

Digitized by srujanika@gmail.com

ତୃତୀୟତଃ ନିଜର କର୍ତ୍ତବ୍ୟ ସଂପାଦନ ବେଳେ ସେମାନଙ୍କ ଦ୍ୱାରା ହୋଇଥିବା ତ୍ରୁଟି ପାଇଁ ସେମାନଙ୍କ ନିକଟରୁ କ୍ଷତିପୂରଣ ଆଦାୟ ଲାଗି ଖାଉଟି ସୁରକ୍ଷା ଆଇନର ପରିସର ଭିତରକୁ ସେମାନଙ୍କୁ ଅଣାଯିବା ଉଚିତ ଏବଂ ଚତୁର୍ଥତଃ କୌଣସି ସିଭିଲ ସର୍ଭେଣ୍ଟଙ୍କ ବିରୋଧରେ ଅଦାଲତରେ ମୋକଦ୍ଦମା ଦାଏର କରିବା ପୂର୍ବରୁ ସରକାରଙ୍କ ସ୍ୱୀକୃତିର ଯେଉଁ ଆବଶ୍ୟକତା ରହିଛି ତାହା ଉଠାଇ ଦିଆଯିବା ଉଚିତ ।

ଶ୍ରୀ ପାଲଙ୍କର ଏହି ମତାମତ ସଂପୂର୍ଣ୍ଣ ନିଜସ୍ୱ ହେଲେ ମଧ୍ୟ ସେତେବେଳେ ଏହାକୁ ସମର୍ଥନ କରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପତ୍ର ପ୍ରକାଶ ପାଇଥିଲା । ତେବେ ଏହି ପ୍ରସ୍ତାବଗୁଡ଼ିକ ଆଲୋଚନା ପାଇଁ ଯେ ଖୋରାକ୍ ଯୋଗାଇଛି ତାହା କହିବା ନିଷ୍ପ୍ରୟୋଜନ ।

ସଂପ୍ରତି କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଅନ୍ୟ ସଂସ୍ଥାଗୁଡ଼ିକର ଅଫିସରମାନେ ସେମାନଙ୍କର ଓ ଆଇ.ଏ.ଏସ. ଅଫିସରମାନଙ୍କ ମଧ୍ୟରେ ରହୁଥିବା ତାରତମ୍ୟ ବିରୋଧରେ ସ୍ୱର ଉଠାଇଛନ୍ତି । ବିଭିନ୍ନ ଆଙ୍କ ଦେଖାଇ କେନ୍ଦ୍ର ସରକାରଙ୍କର ଅନ୍ୟାନ୍ୟ ବିଭାଗ ଅଫିସରମାନଙ୍କର ପଦୋନ୍ନତିକୁ ଆଇ.ଏ.ଏସ. ଗୋଷ୍ଠୀ ଚକ୍ରାନ୍ତ କରି ଅଟକାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏକା ବ୍ୟାଚରେ ପାସ୍ କରିଥିବା ଆଇ.ଏ.ଏସ୍. ଅଫିସରଙ୍କ ଅପେକ୍ଷା ଅନ୍ୟ ବିଭାଗ ଅଫିସରମାନଙ୍କୁ ଦୁଇ ବର୍ଷ ପଛରେ ରଖାଯାଇଛି । ଏପରିକି ଯେଉଁମାନଙ୍କ ନାମ ତାଲିକାଭୁକ୍ତ ହେଉଛି ସେମାନଙ୍କୁ ମଧ୍ୟ ଉପଯୁକ୍ତ ନିଯୁକ୍ତି ମିଳୁନାହିଁ । ଅନ୍ୟ କ୍ୟାଡ଼ର ଅଫିସରମାନଙ୍କ ପକ୍ଷରୁ ପ୍ରତିବାଦ ଫଳରେ ଗତ ଦୁଇବର୍ଷ ଧରି ଆଇ.ଏ.ଏସ. ଅଫିସରମାନଙ୍କର କେନ୍ଦ୍ରରେ ପଦୋନ୍ନତିରେ ବିଳମ୍ବ ଘଟିଛି । କିନ୍ତୁ ଏହା ଓଡ଼ିଶାରେ କୌଣସି ଅସୁବିଧା ସୃଷ୍ଟି କରିନାହିଁ । କାରଣ ଗୋଟିଏ ପଦବୀ ଖାଲି ହେଲେ ସାଙ୍ଗେ ସାଙ୍ଗେ ତାହା ପୂରଣ ହୋଇଯାଉଛି ।

୧୯୮୪ ସାଲ୍ ଏପ୍ରିଲ ମାସରେ ଲୋକସଭାରେ ଉପସ୍ଥାପିତ କରାଯାଇଥିବା ଏକ ରିପୋର୍ଟରେ ଏଷ୍ଟିମେଟ କମିଟି କେନ୍ଦ୍ର ସରକାରଙ୍କ ପର୍ସୋନେଲ୍ ବିଭାଗକୁ ତୀବ୍ର ଭର୍ତ୍ସନା କରି କହିଥିଲେ ଯେ, କୌଣସି ଯୁକ୍ତି ନଥାଇ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟକୁ ଡେପୁଟେସନ ରିଜର୍ଭ ନାଁରେ ଅତ୍ୟଧିକ ଆଇ.ଏ.ଏସ. ଅଫିସରଙ୍କୁ ପଠାଯାଉଛି । ଏହି ରିପୋର୍ଟରେ ପୁଣି ଦର୍ଶାଯାଇଥିଲା ଯେ, ଆଡ୍‌ହକ୍ ଭିତ୍ତିରେ ଗୁଜରାଟରେ ଶତକଡ଼ା ୧୧୪ ଭାଗ, କର୍ଣ୍ଣାଟକରେ ଶତକଡ଼ା ୧୨୦ ଭାଗ, ତାମିଲନାଡୁରେ ୧୨୨ ଭାଗ ଏବଂ ହରିଆନାରେ ୧୩୫ ଭାଗ ଡେପୁଟେସନ ରିଜର୍ଭ ଆଳରେ ସଂଖ୍ୟାବୃଦ୍ଧି କରାଯାଉଛି । ପର୍ସୋନେଲ ବିଭାଗ ସଚିବ ଏଷ୍ଟିମେଟ

Digitized by srujanika@gmail.com

କମିଟିକୁ ଜଣାଇଥିଲେ ଯେ, ରାଜ୍ୟ ସରକାରମାନଙ୍କର ଅନୁରୋଧ ଯୋଗୁଁ ଏହି ସଂଖ୍ୟା ବୃଦ୍ଧି କରାଯାଇଛି। ଚତୁର୍ଥ ଦରମା କମିଶନ ଜଣେ କର୍ମଚାରୀ ବା ଗୋଟିଏ ଗୋଷ୍ଠୀର କର୍ମଚାରୀଙ୍କ ପାଇଁ ଉଚ୍ଚ ପଦବୀ ସୃଷ୍ଟି କରିବା ବ୍ୟବସ୍ଥା ସମ୍ବିଧାନର ୧୬ ଧାରାର ବିରୁଦ୍ଧାଚରଣ କରୁଛି ବୋଲି ମତ ଦେଇଥିଲେ। ଏହାଫଳରେ ସାମଗ୍ରିକ ଭାବେ ଶାସନ ବ୍ୟବସ୍ଥାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହେବ। କିନ୍ତୁ କମିଶନରଙ୍କର ଏହି ମନ୍ତବ୍ୟ କେବଳ ଫାଇଲ୍ ଭିତରେ ସୀମାବଦ୍ଧ ହୋଇ ରହିଗଲା।

ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଯେତେଦିନ ପର୍ଯ୍ୟନ୍ତ ଯେସ୍ ମିନିଷ୍ଟରମାନେ ଆସୁଥିବେ ସେତେଦିନ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁ ରହିଥିବ।

●

Digitized by srujanika@gmail.com

# ( ୫ )

ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ର ଦେବେ ତରୋ ଜନଃ
ସଯତ୍ ପ୍ରମାଣଂ କୁରତେ ଲୋକସ୍ତ ଦନୁ ବର୍ତ୍ତତେ ।

ଶ୍ରୀମଦ୍ ଭାଗବତ ଗୀତାର ତୃତୀୟ ଅଧ୍ୟାୟ କର୍ମ ଯୋଗରେ ମହାଯୋଗେଶ୍ୱର ହରି ପରମଭକ୍ତ ଅର୍ଜୁନଙ୍କୁ କହୁଛନ୍ତି, "ବିଶିଷ୍ଟ ବ୍ୟକ୍ତି ଯାହା ଯାହା ଆଚରଣ କରନ୍ତି, ଜନସାଧାରଣ ତାହା ହିଁ କରନ୍ତି । ସେ ଯାହା ପ୍ରମାଣସିଦ୍ଧ ବା କରଣୀୟ ବୋଲି ଗ୍ରହଣ କରନ୍ତି ଇତର ସାଧାରଣ ମଧ୍ୟ ତାହାର ଅନୁବର୍ତ୍ତନ କରନ୍ତି ।"

ଶ୍ରୀମଦ୍ ଭଗବତ୍ ଗୀତାର ଏହି ପ୍ରବଚନ ଉଲ୍ଲେଖ କରିବାର ଏକମାତ୍ର କାରଣ ହେଲା ଏହି ଯେ ଆମ ସମାଜରେ ବା ସାମାଜିକ ସ୍ତରରେ ଆଇ.ଏ.ଏସ୍.ମାନେ ହିଁ ପ୍ରକୃତ ବ୍ରାହ୍ମଣ । କାରଣ ଏମାନଙ୍କର କୌଣସି ବିକଳ୍ପ ନାହିଁ । ଏମାନଙ୍କର ବାକ୍ୟ ହିଁ ବେଦର ବାକ୍ୟ । ଯେସ୍ ମିନିଷ୍ଟରମାନେ ଏମାନଙ୍କ ଜରିଆରେ ନିଜର ବେଆଇନ ବେନିୟମ କାମ ସବୁ କରି ନିଅନ୍ତି । ଅବଶ୍ୟ ସବୁ ଆଇ.ଏ.ଏସ୍. ଏକାଭଳି ନୁହନ୍ତି । ଏମାନଙ୍କ ମଧ୍ୟରେ କେତେକ ଅଛନ୍ତି ଯେଉଁମାନେ ମିନିଷ୍ଟରମାନଙ୍କର ଯେସ୍ ମ୍ୟାନ୍ ନୁହନ୍ତି । ନିଜର ପଦପଦବୀକୁ ଏମାନେ ଜଗିଥାନ୍ତି । ଫଳରେ ପୁରସ୍କାର ସ୍ୱରୂପ ଗୋଟିଏ ବିଭାଗରୁ ଆଉ ଏକ ବିଭାଗ କିମ୍ବା ଭୁବନେଶ୍ୱରରୁ ବାହାରକୁ ଏମାନଙ୍କୁ ଫିଙ୍ଗି ଦିଆଯାଏ । ଅତ୍ୟନ୍ତ ଗୁରୁତ୍ୱହୀନ ବିଭାଗର ଦାୟିତ୍ୱରେ ରୁହନ୍ତି । ଏମାନେ ଆଇ.ଏ.ଏସ. ଗୋଷ୍ଠୀର 'ହାଭ ନଟ୍ସ' । ତେବେ ଏହି 'ହାଭ୍ ନଟ୍'ଙ୍କ ସଂଖ୍ୟା ଏବେ କମି କମି ଆସୁଛି । ବର୍ତ୍ତମାନ 'ହାଭସ୍'ଙ୍କ ସଂଖ୍ୟା ବହୁତ ବେଶି । ଏମାନଙ୍କ ଥାଟ୍-ବାଟ୍ ଦେଖିଲା ଭଳି । ଭୁବନେଶ୍ୱର ଚାରିପଟେ ଯେଉଁଠିକୁ ଗୋଟିଏ ଟେକା ଫିଙ୍ଗିବ ସେ ଟେକା ଯେଉଁ ଜମି ବା ଫାର୍ମରେ ପଡ଼ିବ ତାହା ଏହି 'ହାଭସ୍'ଙ୍କ ମଧ୍ୟରୁ କାହାରି ନା କାହାରି ହୋଇଥିବ ।

ତେଣୁ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅନ୍ୟ ଅବ୍ରାହ୍ମଣ ଚାକିରିଆମାନେ ସ୍ୱାଭାବିକ ଭାବେ ତାଙ୍କର ଚରିତ୍ର ଲିପି ଲେଖୁଥିବା ଏହି ବ୍ରାହ୍ମଣମାନଙ୍କର ସମସ୍ତ କାର୍ଯ୍ୟକୁ ଅନୁକରଣ ବା ଅନୁବର୍ତ୍ତନ କରନ୍ତି । କାରଣ ସେମାନେ ମନେ କରନ୍ତି ତାଙ୍କର ପ୍ରଭୁଗଣ ଯେଉଁ ରାସ୍ତାରେ ଯିବେ ସେମାନେ ସେହି ରାସ୍ତାରେ ଯିବା ବିଧେୟ ।

ଭାରତର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଆମ ରାଜ୍ୟର ଆଇ.ଏ.ଏସ୍.

Digitized by srujanika@gmail.com

ଅଫିସରମାନେ ଅଧିକ ସୁରକ୍ଷିତ। ଏମାନେ ଯାହାକଲେ କେହି କହିବାକୁ ନାହିଁ। ବରିଷ୍ଠ ଆଇ.ଏ.ଏସ୍.ମାନେ ସରକାରୀ ଘରେ ରୁହନ୍ତୁ କି ନିଜ ଘରେ ରୁହନ୍ତୁ ଗଣ୍ଡା ଗଣ୍ଡା ମାଳୀ ଏମାନଙ୍କ ବଗିଚାରେ ଖଟିବେ। ଏମାନଙ୍କ ଘରେ ସଦାବେଳେ ତିନି/ଚାରୋଟି ସରକାରୀ ଗାଡ଼ି ରହିଥିବ। ଏମାନଙ୍କ ଘରର ଛୁଆପିଲା ପତ୍ନୀ ସମସ୍ତେ ସରକାରୀ ଗାଡ଼ିରେ ସ୍କୁଲ, କଲେଜ, କ୍ଲବ ଓ ବନ୍ଧୁବାନ୍ଧବଙ୍କ ଘରକୁ ବୁଲିବାକୁ ଯିବେ। ଅବଶ୍ୟ ସମସ୍ତ ଆଇ.ଏ.ଏସ. ଏହି ପର୍ଯ୍ୟାୟଭୁକ୍ତ କହିବା ଠିକ୍ ହେବନାହିଁ। ସବୁଠି ବ୍ୟତିକ୍ରମ ଅଛି। ଏଠି ମଧ୍ୟ ତାହା ରହିଛି। ଆମର ଜଣେ ଅଧ୍ୟାପକ ବନ୍ଧୁ ଥରେ କଥା ପ୍ରସଙ୍ଗରେ କହୁ କହୁ କହିଲେ, ସରକାରୀ କଲେଜଗୁଡ଼ିକରେ ଯେଉଁମାନଙ୍କୁ ଅଧ୍ୟକ୍ଷ କରି ଅଣାଯାଉଛି, କେବଳ ବରିଷ୍ଠତା ତା'ର ମାପକାଠି ହେଉଥିବାରୁ ଏବଂ ଚାକିରିର ଶେଷ ପର୍ଯ୍ୟାୟରେ ଏମାନେ ଆସୁଥିବାରୁ ଏମାନଙ୍କ ମଧ୍ୟରେ ଶତକଡ଼ା ୯୦ ଭାଗ ଦୁର୍ନୀତିଗ୍ରସ୍ତ ହୋଇପଡୁଛନ୍ତି। ତେଣୁ ଅଧ୍ୟକ୍ଷ ପଦ ପାଇଁ ଜଣେ ବ୍ୟକ୍ତିର ସାଧୁତା ଓ ବରିଷ୍ଠତା ଉଭୟକୁ ବିଚାରକୁ ନେବା ଉଚିତ। ତାଙ୍କ ମତରେ ଆଇ.ଏ.ଏସ. ଅଫିସରଙ୍କ କ୍ଷେତ୍ରରେ ଅନ୍ତତଃ ଶତକଡ଼ା ୯୦ ଭାଗ ବ୍ୟକ୍ତି ଅତ୍ୟନ୍ତ ଅନେଷ୍ଟ ବା ସାଧୁ। ଆମେ ଦିନେ ସଚିବାଳୟରେ ଜଣେ ଶାସନ ସଚିବଙ୍କ ସହ ବସି କଥାବାର୍ତ୍ତା ବେଳେ ତାଙ୍କୁ ଆମ ଅଧ୍ୟାପକ ବନ୍ଧୁଙ୍କର ମନ୍ତବ୍ୟ ସଂପର୍କରେ ଜଣାଇବାରୁ ସେ ହସି ହସି କହିଲେ, ଆପଣଙ୍କ ଅଧ୍ୟାପକ ବନ୍ଧୁ ସମ୍ଭବତଃ ପାଠ ପଢ଼ିବା ସମୟରେ ତାଙ୍କର ଯେଉଁ ଦୁଇ ଚାରି ଜଣ ବନ୍ଧୁ ଆଇ.ଏସ.ଏସ. ହୋଇଛନ୍ତି ସେଇମାନଙ୍କ ସଂପର୍କରେ ଯାହା ଜାଣିଛନ୍ତି ସେହି ଭିତ୍ତିରେ ଏ କଥା କହିଥିବେ। କିନ୍ତୁ ପରିସ୍ଥିତି ଏବେ ସଂପୂର୍ଣ୍ଣ ବିପରୀତ। ଶତକଡ଼ା ୯୦ ଭାଗ କାହିଁକି ତା'ଠୁ ଅଧିକ ଆଇ.ଏ.ଏସ. ଏବେ ଦୁର୍ନୀତିଗ୍ରସ୍ତ। ଏମାନଙ୍କ ମଧ୍ୟରୁ କେତେକ ରାଜନୀତି ବ୍ୟକ୍ତିଙ୍କ ଭଳି ଦୁର୍ନୀତିକୁ ଏକ ନୀତିରେ ଗ୍ରହଣ କରି ସାରିଲେଣି। ସେ ପୁଣି କହିଲେ, ଲାଞ୍ଚ ଦିଆ ନିଆକୁ ଅଣ୍ଡର ଦି ଟେବୁଲ ବୋଲି କୁହାଯାଇଥାଏ- ଅର୍ଥାତ୍ ଗୋପନରେ ଲାଞ୍ଚ ନିଆଯାଏ। ଏବେ ଖୋଦ୍ ସଚିବାଳୟରେ ଓଭର ଦି ଟେବୁଲ ବା ଏ ହାତେ ଦିଅ ସେ ହାତେ ନିଅ ଧନ୍ଦା ଚାଲିଲାଣି। ଆଉ ସେ ପୁରୁଣା ସମୟ ନାହିଁ ବା ଆମମାନଙ୍କର ସେ ମୂଲ୍ୟବୋଧ ନାହିଁ। ଆମେ ଏହି ଅଫିସର ବନ୍ଧୁଙ୍କ କଥା ଶୁଣି 'ଥ' ହୋଇ ବସିଗଲୁ। ଏହି ଆଲୋଚନାର କିଛିଦିନ ବାଦ୍ ଜଣେ ଅବସରପ୍ରାପ୍ତ ବରିଷ୍ଠ ଆଇ.ଏ.ଏସ. ସାନ୍ଧ୍ୟ ଭ୍ରମଣରେ ଯାଉଥିବାବେଳେ ହଠାତ୍ ଆମ ସହ ଦେଖା ହୋଇଗଲେ। ଅନ୍ୟ କଥା ଭିତରେ ସେ କହିଲେ କି ଯୁଗ ହେଲା, ଆଇ.ଏ.ଏସ. ଅଫିସରମାନେ ନିଜର ସାଧୁତା, କର୍ମନିଷ୍ଠତା ଓ ନିରପେକ୍ଷତା ପାଇଁ ସାଧାରଣରେ ଯେଉଁ ମର୍ଯ୍ୟାଦା ଲାଭ କରୁଥିଲେ ଏବେ

Digitized by srujanika@gmail.com

ତାହା ଏତେ ତଳକୁ ଖସିଗଲାଣି ଯେ ତାକୁ ସଜାଡ଼ିବା ମୁସ୍କିଲ ହୋଇପଡ଼ିବ।

ସେ କହିଲେ ସଂପ୍ରତି ବାଙ୍ଗାଲୋରରେ ଜଣେ ଆଇ.ଏ.ଏସ. ଅଫିସରଙ୍କ ଘର ଖାନତଲାସ ବେଳେ ତାଙ୍କ ମୋଟ ସଂପତ୍ତିର ପରିମାଣ ସାତ କୋଟି ଟଙ୍କା ବୋଲି ହିସାବ କରାଯାଇଛି। ସେହିଭଳି ଆଉଜଣେ ଆଇ.ଏ.ଏସ. ଅଫିସରଙ୍କର ବାଙ୍ଗାଲୋରରେ ଥିବା ଦୁଇଟି କୋଠାରୁ ସେ ଯଥାକ୍ରମେ ମାସକୁ ୪୮ ହଜାର ଓ ୧୨ ହଜାର ଟଙ୍କା ଭଡ଼ା ପାଉଛନ୍ତି। ଏ ଦୁହେଁ ଏବେ ସସ୍‌ପେଣ୍ଡ ହୋଇଥିଛନ୍ତି।

ବାଙ୍ଗାଲୋରରେ ଘଟିଥିବା ଏହି ଘଟଣା ଭୁବନେଶ୍ୱରରେ କ'ଣ ବିରଳ? ଏଠି କେତେକ ଆଇ.ଏ.ଏସ୍. ଅଫିସରଙ୍କ କୋଠାବାଡ଼ି, ଜମି ଓ ଅନ୍ୟାନ୍ୟ ସମ୍ପତ୍ତି ଦେଖିଲେ ଏମାନଙ୍କ ସାଧୁତା ସଂପର୍କରେ ସ୍ୱାଭାବିକ ଭାବେ ସନ୍ଦିହାନ ହେବାକୁ ପଡ଼େ। ସବୁଠାରୁ କୌତୂହଳର ବିଷୟ ହେଉଛି ଏବେ କେତେକ ଆଇ.ଏ.ଏସ୍. ତାଙ୍କ ପୁଅ-ଝିଅଙ୍କ ବାହାଘର କାର୍ଡ଼ରେ ଆଇ.ଏ.ଏସ୍. ପଦବୀକୁ ଆଖିରେ ପଡ଼ିବା ଭଳି ଲେଖୁଛନ୍ତି। ଏହାର ଅର୍ଥ କ'ଣ? ଏହି ନିମନ୍ତ୍ରଣପତ୍ର ଅନେକ ମୁହଁଚିହ୍ନା ବା ଟେଲିଫୋନ୍ ଯୋଗେ ଚିହ୍ନା ବଡ଼ ବଡ଼ ଠିକାଦାର ଓ ଶିଳ୍ପପତିଙ୍କୁ ଦିଆଯାଉଛି। ଆମେ ଏହିଭଳି ଏକ ଘଟଣା ପ୍ରତ୍ୟକ୍ଷ କରି ବିସ୍ମିତ ହେଲୁ। ବର୍ଷକ ତଳେ (ସମୟ ଠିକ୍ ମନେ ପଡୁନି) ବାହାଘର ସିଜନରେ ଆମେ ଜଣେ ଛୋଟକାଟର ଶିଳ୍ପପତିଙ୍କ ସହ ବସି ଚା' ପିଉଥିବା ବେଳେ ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଫିସର ପହଞ୍ଚିଲେ। ଆମକୁ ଦେଖି ସାମାନ୍ୟ ଅପ୍ରତିଭ ହୋଇଗଲେ। ଶିଳ୍ପପତି ବନ୍ଧୁ ଠିଆ ହୋଇପଡ଼ି ତାଙ୍କୁ ସମ୍ମାନ ଜଣାଇଲେ। ଚା' ପାଇଁ ବରାଦ୍ ଦେବାବେଳେ ଆଇ.ଏ.ଏସ୍. ବନ୍ଧୁଜଣକ ମନାକଲେ। ତା'ପରେ ତାଙ୍କ ସନ୍ତାନର ବିବାହ ନିମନ୍ତ୍ରଣ ପତ୍ର ବଢ଼ାଇ ଦେଲେ। ଆମକୁ ହସି ହସି କହିଲେ, ଆପଣଙ୍କୁ ପଠାଇ ଦେଇଛି। ନିଶ୍ଚୟ ଆସିବେ। ଆଇ.ଏ.ଏସ୍. ବନ୍ଧୁ ଯିବା ପରେ ଶିଳ୍ପପତି ବନ୍ଧୁ କିଛି ସମୟ ପାଇଁ ଚୁପ୍ ହୋଇ ବସିଗଲେ। ଆମେ ତାଙ୍କୁ କାରଣ ପଚାରିବାରେ ସେ କହିଲେ, ଦୁଇମାସ ତଳେ ୟା'ଙ୍କୁ ଦେଖା କରିବାକୁ ମୋତେ ତିନିଦିନ ଦୌଡ଼ିବାକୁ ପଡ଼ିଥିଲା। ସବୁ କଣ୍ଡିସନ ଫୁଲଫିଲ୍ କରି ମଧ୍ୟ ମୋତେ ମାସେ କାଳ ଦୌଡ଼ାଇ ଶେଷରେ ଫାଇଲ୍ କଲେ। କିପରି ଓ କେଉଁଥିପାଇଁ କଲେ ସେ କଥା ଅବଶ୍ୟ ସେ କହିଲେ ନାହିଁ।

ଆମେ ଘରକୁ ଫେରିଆସି ଶୁଣିଲୁ ଆଇ.ଏ.ଏସ୍. ଅଫିସରଙ୍କ ପି.ଏ. ନିମନ୍ତ୍ରଣ ପତ୍ରଟି ଦେଇଯାଇଛନ୍ତି। ପି.ଏ. ଦେଇଥିବା ନିମନ୍ତ୍ରଣ ପତ୍ରଟି ପାଇ ଆମେ କିନ୍ତୁ ବିସ୍ମିତ ହୋଇନଥିଲୁ। କାରଣ ଜଡ଼ବାଦୀ ଦୁନିଆରେ ଆଇ.ଏ.ଏସ୍.

Digitized by srujanika@gmail.com

ଅଫିସର ବନ୍ଧୁଙ୍କ ନିକଟରେ ଅଧାଚିହ୍ନା ଶିଳ୍ପପତି ଆମ ଭଳି ବହୁଦିନରୁ ପରିଚିତ ଫକଡ଼ରାମ ବ୍ୟକ୍ତିଙ୍କ ଅପେକ୍ଷା ଯେ ଯଥେଷ୍ଟ ଅଧିକ ଗୁରୁତ୍ୱପୂର୍ଣ୍ଣ ତାହା କହିବା ନିଷ୍ପ୍ରୟୋଜନ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କେନ୍ଦ୍ର-ରାଜ୍ୟ ସଂପର୍କ। ଯାହା ଦେଖାଯାଉଛି ଏବେ ଆଇ.ଏ.ଏସ.ଙ୍କ କ୍ଷେତ୍ରରେ ଓ୍ୱାନ୍ ୱେ ଟ୍ରାଫିକ୍ ଚାଲିଛି ଅର୍ଥାତ୍ କେନ୍ଦ୍ର ଏବେ ଓଡ଼ିଆ ଅଫିସରଙ୍କୁ ଫେରାଇ ଦେଉଛି। ଜଣେ ହେଲେ ବଡ଼ ଅଫିସର କେନ୍ଦ୍ରକୁ ଯାଉନାହାନ୍ତି। ଗତ କେତେ ବର୍ଷ ଧରି ଏଇଆ ହିଁ ଚାଲିଛି। ଦ୍ୱିତୀୟ ଘଟଣାଟି ହେଲା ବହୁ ଓଡ଼ିଆ ଅଫିସରଙ୍କ ପଦୋନ୍ନତି ମଧ୍ୟ ହେଉନାହିଁ। ଗତ ବର୍ଷକ ମଧ୍ୟରେ ଓଡ଼ିଶାକୁ ସାତ ଜଣ ବରିଷ୍ଠ ଆଇ.ଏ.ଏସ. ଅଫିସର କେନ୍ଦ୍ରରୁ ଫେରି ଆସିଛନ୍ତି। ସେମାନେ ହେଲେ (୧) ସର୍ବଶ୍ରୀ ସୁରେନ୍ଦ୍ର ନାଥ ମିଶ୍ର, (୨) ସମରବଲ୍ଲଭ ମହାପାତ୍ର, (୩) ଲକ୍ଷ୍ମୀଧର ମିଶ୍ର, (୪) ଅମୂଲ୍ୟରତ୍ନ ନନ୍ଦ, (୫) ଅଳକା ପଣ୍ଡା, (୬) ହୃଷୀକେଶ ପଣ୍ଡା ଓ (୭) ଆଦିତ୍ୟ ପ୍ରସାଦ ପାଢ଼ୀ। ଏମାନଙ୍କ ପୂର୍ବରୁ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ମଧ୍ୟ ଦିଲ୍ଲୀରୁ ଫେରି ଆସିଥିଲେ। କିନ୍ତୁ ଏମାନଙ୍କ ବଦଳରେ ଜଣେହେଲେ ଓଡ଼ିଶାରୁ କେନ୍ଦ୍ରକୁ ଯାଇନାହାନ୍ତି। ଫଳରେ ଓଡ଼ିଶାରେ ମୁଣ୍ଡ ଭାରି ଶାସନ ଚାଲିଛି। ଆମେ ଗତ ନିବନ୍ଧରେ ଲେଖିଥିଲୁ ଯେ କାମ ନଥାଇ ଅଧିକାଂଶ ଅଫିସର କେବଳ ଦରମା ପାଉଛନ୍ତି। କେନ୍ଦ୍ର ସରକାର ଏଠାରୁ କାହାରିକୁ ନିଜ ଅଧୀନକୁ ନେଉନାହାନ୍ତି।

ଆମେ ଏ ସଂପର୍କରେ ଗତ କିଛିଦିନ ତଳେ ଦିଲ୍ଲୀରେ ଥିବାବେଳେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ପର୍ସୋନେଲ୍ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ଅଣ-ଆଇ.ଏ.ଏସ. ଅଫିସରଙ୍କୁ ପଚାରିଥିଲୁ। ସେ ଯାହା କହିଲେ ତା'ର ସାରମର୍ମ ହେଲା ବିଭିନ୍ନ ରାଜ୍ୟରୁ ଆସୁଥିବା ଆଇ.ଏ.ଏସ୍. ଅଫିସରମାନଙ୍କର ଚରିତ୍ରଲିପି ତୁଳନାରେ ଓଡ଼ିଆ ଆଇ.ଏ.ଏସ୍. ଅଫିସରଙ୍କ ଚରିତ୍ରଲିପି କେବଳ ଯେ ଖରାପ ତା' ନୁହେଁ, କାହାରି ଜଣକର ବି ଆଉଟ୍‌ଷ୍ଟାଣ୍ଡିଂ ନୁହେଁ। ଫଳରେ ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ର, ତାମିଲନାଡୁ ଆଦିର ଗଦା ଗଦା ଆଇ.ଏ.ଏସ. କେନ୍ଦ୍ରରେ ଥିବାବେଳେ ଓଡ଼ିଶାର ଆଙ୍ଗୁଠି ଅଗରେ ଗଣି ହେବାଭଳି ଅଳ୍ପ କେତେ ଜଣ ଅଛନ୍ତି। କ'ଣ ଏହାର କାରଣ ?

କେତେକଙ୍କ ମତରେ ଏହାର କାରଣ ହେଉଛି ଓଡ଼ିଶାରେ ଆଇ.ଏ.ଏସ. ଅଫିସରଙ୍କ ମଧ୍ୟରେ ତୀବ୍ର ଗୋଷ୍ଠୀ କନ୍ଦଳ। ଏହି କନ୍ଦଳ ହିଁ ପରସ୍ପରର ଗୋଡ଼ି କାଟିବା ପାଇଁ ପ୍ରେରଣା ଯୋଗାଉଛି। ଆମର କଥାରେ ଅଛି ଶାଗଖିଆ ପେଜଖିଆକୁ ସହିପାରେ ନାହିଁ।

Digitized by srujanika@gmail.com

କିନ୍ତୁ ଆଇ.ଏ.ଏସ.ମାନଙ୍କ କ୍ଷେତ୍ରରେ ତା'ତ ହେବନାହିଁ। ତେଣୁ ସେମାନଙ୍କ କ୍ଷେତ୍ରରେ ପଲାଉ ଖାଇବାବାଲା ଭାତଖିଆକୁ ସହିପାରେ ନାହିଁ ବୋଲି କହିଲେ, ଠିକ୍ ହେବ ବୋଧେ। ତେଣୁ ଯିଏ ଯେପରି ପାରିଲା ସେପରି କଇଁଚି ଚଳାଇଲା।

•

Digitized by srujanika@gmail.com

# ( ୬ )

ସମ୍ପ୍ରତି କେନ୍ଦ୍ର ସରକାରଙ୍କର ସଚିବ ଓ ଅତିରିକ୍ତ ସଚିବ ସ୍ତରକୁ ପଦୋନ୍ନତି ପାଇଥିବା ଅଫିସର ତାଲିକା ପ୍ରକାଶ ପାଇଛି। ଓଡ଼ିଶାରୁ ଯେଉଁମାନେ ସଚିବ ପାନେଲକୁ ଉନ୍ନୀତ ହୋଇଛନ୍ତି ସେମାନେ ହେଲେ ଶ୍ରୀ ରାଜକିଶୋର ଭୂଜବଳ ଓ ଶ୍ରୀ ଏମ.ଆର. ରାଓ। ଓଡ଼ିଶାର ଚିଫ ସେକ୍ରେଟାରୀ ପାହ୍ୟାରେ ଥିବା ଛ'ଜଣ (ଚିଫ୍ ସେକ୍ରେଟାରୀଙ୍କୁ ଛାଡ଼ି କାରଣ ବର୍ତ୍ତମାନର ଚିଫ୍ ସେକ୍ରେଟାରୀ ଅବସର ଗ୍ରହଣ କରିଛନ୍ତି)ଙ୍କ ମଧ୍ୟରୁ ଉପରୋକ୍ତ ଦୁଇ ଜଣଙ୍କ ବ୍ୟତୀତ ଅନ୍ୟ ଚାରି ଜଣ ଅର୍ଥାତ୍ ଶ୍ରୀ ପି.କେ. ଦେ, ଏସ.ଏଲ. ଚାଟାର୍ଜୀ, ଶ୍ରୀ ପ୍ୟାରୀମୋହନ ମହାପାତ୍ର ଓ ଶ୍ରୀ ସୁରେନ୍ଦ୍ର ନାଥ ମିଶ୍ର ଅତିରିକ୍ତ ସଚିବ ପାନେଲରେ ରହିଛନ୍ତି। ତେବେ ଶ୍ରୀ ଦେ ଅତିରିକ୍ତ ସଚିବ ପାନେଲରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇନଥିବା କୁହାଯାଉଛି। ସେହିଭଳି ଗତବର୍ଷ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ୧୫ ଜଣ ଅଫିସରଙ୍କ ମଧ୍ୟରୁ ୧୯୬୪ ସାଲ ବ୍ୟାଚର ସର୍ବଶ୍ରୀ ସହଦେବ ସାହୁ, ଲକ୍ଷ୍ମୀଧର ମିଶ୍ର, ପ୍ରତାପ ମୁଖୋପାଧ୍ୟାୟ, ପ୍ରୀତିମାନ ସରକାର, ସାନୁଜିତ ଘୋଷ, ଭାସ୍କର ଚନ୍ଦ୍ର ପଟ୍ଟନାୟକ ଓ ଡି.ପି. ଭଟ୍ଟାଚାର୍ଯ୍ୟଙ୍କ ମଧ୍ୟରୁ କେବଳ ଲକ୍ଷ୍ମୀଧର ମିଶ୍ର ଅତିରିକ୍ତ ସଚିବ ପାନେଲକୁ ପଦୋନ୍ନତି ପାଇଥିଲେ। ସେହି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ୧୯୬୫ ସାଲ ବ୍ୟାଚର ଓଡ଼ିଶା କ୍ୟାଡ଼ର ଅଫିସରଙ୍କ ମଧ୍ୟରୁ ସର୍ବଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ସୁଧାଂଶୁ ମୋହନ ପଟ୍ଟନାୟକ ଓ ଅମୂଲ୍ୟରତ୍ନ ନନ୍ଦ ଅତିରିକ୍ତ ସଚିବ ପାନେଲକୁ ପଦୋନ୍ନତି ପାଇଥିବାବେଳେ ସର୍ବଶ୍ରୀ ଏ. ବନ୍ଦୋପାଧ୍ୟାୟ, ରବୀନ୍ଦ୍ର ମୋହନ ସେନାପତି, କଲ୍ୟାଣ ରାୟ, କେ.ବି. ବର୍ମା ଓ ଅଭୟାନନ୍ଦ ରଥ ଏହି ପାନେଲର ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି।

ଏହି ତାଲିକା ଆମେ ଏଠାରେ ଉଲ୍ଲେଖ କରିବାର ଏକମାତ୍ର କାରଣ ହେଉଛି ଏହି ଯେ କେନ୍ଦ୍ରରେ ସଚିବ ପାନେଲ ବା ଅତିରିକ୍ତ ସଚିବ ପାନେଲ ପାଇଁ ଯେଉଁ ଘୋଡ଼ାଦୌଡ଼ ଚାଲିଛି ସେଥିରେ ଆମ ଓଡ଼ିଆ ଅଫିସରମାନେ ଏତେ ପଛରେ କାହିଁକି? ଆମେ ପୂର୍ବରୁ କହିଥିଲୁ ଯେ, ଏହି ପାନେଲକୁ ପଦୋନ୍ନତି ପାଇଁ ଉଭୟ ଚରିତ୍ରଲିପି ଓ କାର୍ଯ୍ୟଦକ୍ଷତା ବିଚାରକୁ ନିଆଯାଏ। ରାଜ୍ୟସ୍ତରରେ ସେମାନଙ୍କ ଚରିତ୍ରଲିପି ଚିଫ୍ ସେକ୍ରେଟାରୀ/ଅତିରିକ୍ତ ଚିଫ୍ ସେକ୍ରେଟାରୀ (ଯାହା ବିଭାଗର ଯିଏ ଅଫିସର ଥା'ନ୍ତି) ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଲେଖିଥା'ନ୍ତି। ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀଙ୍କ ମନ୍ତବ୍ୟକୁ କେନ୍ଦ୍ରରେ ତେବେ ଗୁରୁତ୍ୱ

Digitized by srujanika@gmail.com

ଦିଆଯାଇ ନଥାଏ ବୋଲି କୁହାଯାଏ। ବରଂ ଅତିରିକ୍ତ ଚିଫ୍ ସେକ୍ରେଟାରୀ ବା ଚିଫ୍ ସେକ୍ରେଟାରୀଙ୍କ ମନ୍ତବ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ତେବେ ଓଡ଼ିଶାର ଯେଉଁ ଅଫିସରମାନଙ୍କୁ ସଚିବ ବା ଅତିରିକ୍ତ ସଚିବ ପାନେଲର ଅନ୍ତର୍ଭୁକ୍ତ କରାଯାଇନାହିଁ ସେମାନେ କ'ଣ ଅଯୋଗ୍ୟ ଅଫିସର? ନା ଆଇ.ଏ.ଏସ. ଗୋଷ୍ଠୀ କନ୍ଦଳର ଶିକାର? ଅବଶ୍ୟ ଏ କଥା ସତ ଯେ ସବୁ ଅଫିସରଙ୍କ ଦକ୍ଷତା ସମାନ ନୁହେଁ ମାତ୍ର ୧୯୬୪ ସାଲ ବ୍ୟାଚର ୭ ଜଣଙ୍କ ମଧ୍ୟରୁ ମାତ୍ର ଜଣେ ଅତିରିକ୍ତ ସଚିବ ପାନେଲର ଅନ୍ତର୍ଭୁକ୍ତ ହେଲାବେଳେ ଅନ୍ୟ ସମସ୍ତେ କିପରି ଅଯୋଗ୍ୟ ହୋଇଗଲେ? ଉଭୟ ୧୯୬୪ ଓ ୧୯୬୫ ସାଲ ବ୍ୟାଚର ୧୫ ଜଣ ଅଫିସରଙ୍କ ମଧ୍ୟରୁ ମାତ୍ର ଚାରିଜଣ କେନ୍ଦ୍ର ସରକାରଙ୍କ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ରାଜ୍ୟରେ ସମସ୍ତଙ୍କୁ ପଦୋନ୍ନତି କିପରି ମିଳୁଛି? ଏ ପ୍ରକାର ନ୍ୟାୟ ରାଜ୍ୟର ଅନ୍ୟାନ୍ୟ କର୍ମଚାରୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେଉଛି କି?

ଆମର ଯେସ ମିନିଷ୍ଟର ଓ ଚିଫ୍ ମିନିଷ୍ଟର ଏ ଦିଗରେ କି ପ୍ରକାର ପଦକ୍ଷେପ ନେଇଛନ୍ତି? ବରିଷ୍ଠତା ଯଦି ପଦୋନ୍ନତିର ଏକମାତ୍ର ମାପକାଠି ହୁଏ ତେବେ ଚରିତ୍ରଲିପିର ଆବଶ୍ୟକତା କ'ଣ ଅଛି? କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତିପ୍ରାପ୍ତ ଏବଂ କେନ୍ଦ୍ରୀୟ ବିଧି ବ୍ୟବସ୍ଥାରେ ସଂସ୍ଥାପିତ ଆଇ.ଏ.ଏସ. ଅଫିସରମାନଙ୍କ ପାଇଁ କେନ୍ଦ୍ରରେ ଯେଉଁ ନିୟମ ଲାଗୁ ହେଉଛି ରାଜ୍ୟରେ ତାର ବ୍ୟତିକ୍ରମ କରାଯାଉଛି କିପରି? ଏହି ଦ୍ୱୈତ ନୀତି ଫଳରେ ଆଇ.ଏ.ଏସ.ଙ୍କ ମର୍ଯ୍ୟାଦା ଅନ୍ୟ କ୍ୟାଡ଼ର ଅଫିସରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁନାହିଁ କି?

ଓଡ଼ିଶାର ନିଜସ୍ୱ ସିଭିଲ ସର୍ଭିସ୍ ଓଡ଼ିଶା ଆଡ୍‌ମିନିଷ୍ଟ୍ରେଟିଭ୍ ସର୍ଭିସ୍ (ଓ.ଏ.ଏସ.) ଅଫିସରମାନଙ୍କ ପାଇଁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ବ୍ୟବସ୍ଥା ଲାଗୁ ହେଉଛି କି? ଯଦି ହେଉନାହିଁ କାହିଁକି ହେଉନାହିଁ? ଏହାର ଉତ୍ତର କିଏ ଦେବ? ଆଇ.ଏ.ଏସ. ଓ ଓ.ଏ.ଏସ. ଅଫିସରଙ୍କ ମଧ୍ୟରେ ପ୍ରଭେଦ କ'ଣ ଅଛି?

ଆମେ ଏଠି ମହାମାନ୍ୟ ବ୍ରିଟିଶ୍ ସରକାରଙ୍କ ଭାରତ ଓ ଭାରତୀୟଙ୍କ ପାଇଁ ଲାଗୁ ହୋଇଥିବା ନିୟମ ସଂପର୍କରେ ଗୋଟିଏ ଉଦାହରଣ ଦେଉଛୁ। ତା' ହେଉଛି ବ୍ରିଟିଶ୍ ଶାସନ ସମୟରେ ଭାରତୀୟ ଡେପୁଟି କଲେକ୍ଟର/ଡେପୁଟି ମାଜିଷ୍ଟ୍ରେଟମାନଙ୍କର ଦରମା ମାସିକ ୨୫୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ଏବଂ କେତେକ କ୍ଷେତ୍ରରେ ୮୦୦ ଟଙ୍କା ପର୍ଯ୍ୟନ୍ତ ହେଉଥିବା ବେଳେ ସେହି ଏକା ଚାକିରି ପାଇଁ ବ୍ରିଟିଶ୍ ଡେପୁଟି କଲେକ୍ଟର/ଡେପୁଟି ମାଜିଷ୍ଟ୍ରେଟ୍ ୨୨୫୦ ଟଙ୍କାରୁ ୨୮୫୦ ଟଙ୍କା ପାଉଥିଲେ (ବ୍ରିଟିଶ୍ ପାର୍ଲାମେଣ୍ଟାରୀ ପେପରର୍ସ

Digitized by srujanika@gmail.com

ଭଲ୍ୟୁମ-୨୦, ଆପେଣ୍ଡିକସ୍-୧୯୬)। ୧୮୫୪ ସାଲରେ ଲର୍ଡ଼ ଡେଲହାଉସୀ ଏହି ବ୍ୟବସ୍ଥାର ପୁନର୍ବିଚାର କରି ଭାରତୀୟ ଡେପୁଟି କଲେକ୍ଟର/ମାଜିଷ୍ଟ୍ରେଟମାନଙ୍କର ଦରମା ହାର ବୃଦ୍ଧି କରିବା ପାଇଁ ସୁପାରିଶ କରିଥିଲେ। ୧୮୬୮ ସାଲରେ ସବର୍ଡ଼ିନେଟ୍ ଏକ୍ଜିକ୍ୟୁଟିଭ୍ ସର୍ଭିସ୍ ସଦସ୍ୟମାନେ ଏହି ବେତନ ସର୍ବନିମ୍ନ ୪୦୦ ଟଙ୍କାରୁ ଆରମ୍ଭ କରିବା ପାଇଁ ଆବେଦନ କରିଥିଲେ। ମାତ୍ର ଏହି ଉଭୟ ପ୍ରସ୍ତାବ ବ୍ରିଟିଶ୍ ସରକାର ଅଗ୍ରାହ୍ୟ କରି ଦେଇଥିଲେ। ଲର୍ଡ଼ ଡେଲହାଉସୀ ଏହି ଘଟଣାର ଦୁଃଖ ପ୍ରକାଶ କରି କହିଥିଲେ ଏହାଫଳରେ ଯୋଗ୍ୟ ଦେଶୀୟ ଅଫିସରମାନଙ୍କ ପାଇଁ ଅଧିକ ବେତନ ବା ଉଚ୍ଚ ପଦବୀ ପାଇବାର ପଥରୁଦ୍ଧ ହୋଇଗଲା (Minute of Dalhousie 26th April, 1854).

ଆମେ ଏହି ଉପମାଟି ଦେବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏହି ଯେ, ଯାହା ବ୍ରିଟିଶ୍ ସରକାରଙ୍କ ବେଳେ ଦେଶୀ ଭାରତୀୟଙ୍କ ପାଇଁ କରାଯାଉଥିଲା ଏବେ ଠିକ୍ ସେଇ ଆଚରଣ ରାଜ୍ୟ ପ୍ରଶାସନିକ ଅଫିସରଙ୍କ ପାଇଁ ଲାଗୁ କରାଯାଉଛି। ଓଡ଼ିଶା ସଚିବାଳୟରେ ଆଇ.ଏ.ଏସ୍. ଡେପୁଟି ସେକ୍ରେଟାରୀ, ଜଏଣ୍ଟ ସେକ୍ରେଟାରୀ କିମ୍ବା ସେକ୍ରେଟାରୀ ଯେଉଁ ବେତନ ପାଆନ୍ତି ଓ.ଏ.ଏସ. କ୍ୟାଡ଼ରର ସେହି ପାହ୍ୟାର ଅଫିସରମାନେ ତା' ଅପେକ୍ଷା ଅନେକ କମ୍ ବେତନ ପା'ନ୍ତି। ଅଥଚ ଦୁହିଁଙ୍କ କାମ ଏକା। ୧୮୫୪ ସାଲରେ ବ୍ରିଟିଶ ସରକାର ଯେଉଁ ବ୍ୟବସ୍ଥା ପ୍ରଚଳନ କରିଥିଲେ ଆଜି ଦେଢ଼ଶହ ବର୍ଷ ପରେ ସ୍ୱାଧୀନ ଭାରତରେ ସେଇ ଏକା ବ୍ୟବସ୍ଥା ପ୍ରଚଳନ କରାଯାଉଛି। ଏଠି ଆଜି ଓ.ଏ.ଏସ. ସାହେବଙ୍କ ଭୂମିକା ଗ୍ରହଣ କରିଛନ୍ତି। ଆଉଏକ ଘଟଣା ହେଲା ଇଞ୍ଜିନିୟରଙ୍କ ପାଇଁ। ପୂର୍ତ୍ତ ବିଭାଗର ସଚିବ ପଦବୀରେ ରହୁଥିବା ଇଞ୍ଜିନିୟର ବା ବିଦ୍ୟୁତ୍ ବୋର୍ଡ଼ର ଚେୟାରମ୍ୟାନ୍ ପଦବୀରେ ରହୁଥିବା ଇଞ୍ଜିନିୟରଙ୍କ ଦରମା ୫୧୦୦ ଟଙ୍କାରୁ ୬୫୦୦ ଟଙ୍କା ରହିଥିବାବେଳେ ଆଇ.ଏ.ଏସ.ଙ୍କ ଦରମା ୫୯୦୦ ଟଙ୍କାରୁ ୬୭୦୦ ଟଙ୍କା।

କେନ୍ଦ୍ର ସରକାର ତାଙ୍କ ଚିଠି ନମ୍ବର ୧୪୦୧୫/୪/୯୩- ଏ.ଆଇ.ଏସ୍., ତାରିଖ ୧୦ ମେ' ୧୯୯୪ରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି ଯେ ସର୍ବଭାରତୀୟ ଚାକିରିକୁ ରାଜ୍ୟ ସରକାରଙ୍କ କର୍ମଚାରୀମାନେ ୪୫ ବର୍ଷ ବୟସ ମଧ୍ୟରେ ହିଁ ପଦୋନ୍ନତି ପାଇବେ। ପୂର୍ବରୁ ଏହା ୫୪ ବର୍ଷ ବୟସ ପର୍ଯ୍ୟନ୍ତ ରହିଥିଲା। ଏଥିରେ କୁହାଯାଇଛି ଯେ ୮ ବର୍ଷ ମଧ୍ୟରେ ଅଭିଜ୍ଞତା ଥିବା ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ସର୍ବଭାରତୀୟ ଚାକିରିରେ ଯୋଗଦେବା ପାଇଁ ପରୀକ୍ଷା ବା ସାକ୍ଷାତକାର ପାଇଁ ସୁଯୋଗ ଦିଆଯିବ। ଶତକଡ଼ା ୩୩-୧/୩ ଭାଗ ସିନିୟର ପଦବୀ ଓ ସେଣ୍ଟ୍ରାଲ ଡେପୁଟେସନ୍ ରିଜର୍ଭ ପଦବୀ ରାଜ୍ୟ ସରକାରଙ୍କ ଦ୍ୱାରା

Digitized by srujanika@gmail.com

ପୂରଣ ହେବ। ଏହା ଏକ ଉତ୍ତମ ବ୍ୟବସ୍ଥା। କିନ୍ତୁ ଘଟଣାଟି ହେଉଛି ଏଠି ମଧ୍ୟ ରାଜ୍ୟ ସରକାରୀ କର୍ମଚାରୀମାନେ ଆଇ.ଏ.ଏସ. ଅଫିସରମାନଙ୍କ ଦୟାରେ ହିଁ ପଦୋନ୍ନତି ପାଇବେ। କାରଣ ସାକ୍ଷାତକାର ଆଇ.ଏ.ଏସ. ଅଫିସରମାନେ ହିଁ କରିବେ। ତେଣୁ ଯେଉଁମାନଙ୍କର ଏଥିପାଇଁ ଲୋଭଥିବ ସେମାନେ ସରକାରୀ କାର୍ଯ୍ୟ ଛାଡ଼ି ଉପରିସ୍ଥ କର୍ତ୍ତାଙ୍କ ସେବାରେ ହିଁ ଦିନରାତି ଲାଗିପଡ଼ିବେ।

କେନ୍ଦ୍ର ସରକାରଙ୍କ ପର୍ସନେଲ୍ ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ମାର୍ଗାରେଟ ଆଲ୍‌ଭା ମୁଖ୍ୟମନ୍ତ୍ରୀମାନଙ୍କ ନିକଟକୁ ଲେଖିଥିବା ଏକ ପତ୍ରରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ରାଜ୍ୟ ପ୍ରଶାସନିକ ଅଫିସରମାନଙ୍କର ଚାକିରି ଏକ ଅନୁପୂରକ ଚାକିରି ନ ହୋଇ ଆଇ.ଏ.ଏସ.ଙ୍କ ଭଳି ସ୍ୱାତନ୍ତ୍ରତା ପ୍ରାପ୍ତ ନିଯୁକ୍ତି ଦିଆଯିବା ଉଚିତ ବୋଲି ମତ ଦେଇଛନ୍ତି। ଫଳରେ ଆଇ.ଏ.ଏସ. ପାଇଁ ଏମାନଙ୍କ ମନରେ ଆଉ ମୋହ ବା ଲୋଭ ରହିବ ନାହିଁ।

ସଂପ୍ରତି ଗୋଟିଏ ଘଟଣା ଆମ ମନକୁ ଆନ୍ଦୋଳିତ କରିଛି। ଗତ ସପ୍ତାହରେ ଜଣେ ବ୍ୟକ୍ତିଙ୍କୁ ଏକ ସ୍ଥାୟୀ ଫ୍ରିଲାନ୍ସ ଏକ୍ରିଡ଼ିସନ୍ କାର୍ଡ଼ ଦେବା ପାଇଁ ଆଇନମନ୍ତ୍ରୀ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀଙ୍କୁ ଅନୁରୋଧ କଲେ ବୋଲି କୁହାଗଲା। ସୂଚନା ମନ୍ତ୍ରୀ ଶ୍ରୀ ଜେନା ସାଙ୍ଗେ ସାଙ୍ଗେ ଅନୁରୋଧ କଲେ ବୋଲି କୁହାଗଲା। ସୂଚନା ମନ୍ତ୍ରୀ ଶ୍ରୀ ଜେନା ସାଙ୍ଗେ ସାଙ୍ଗେ ଏହା ଲେଖି ସଂପୃକ୍ତ ବ୍ୟକ୍ତିଙ୍କୁ ସ୍ଥାୟୀ ଫ୍ରିଲାନ୍ସ ଏକ୍ରିଡ଼ିସନ୍ କାର୍ଡ଼ ଦେବା ପାଇଁ ସୁପାରିଶ କଲେ। ମାତ୍ର ବିଭାଗୀୟ କର୍ତ୍ତା ଏହା ସମ୍ଭବ ନୁହେଁ ଏବଂ ପୂର୍ବରୁ ଏକ୍ରିଡ଼ିସନ୍ କମିଟି ଏହି ବ୍ୟକ୍ତିଙ୍କର କୌଣସି ଅଭିଜ୍ଞତା ନାହିଁ, ତେଣୁ ସେ ଏକ୍ରିଡ଼ିସନ୍ ପାଇବେ ନାହିଁ ବୋଲି ସ୍ପଷ୍ଟମତ ପ୍ରକାଶ କରି ତାଙ୍କ ଦରଖାସ୍ତକୁ ନାକଚ କରିଥିଲେ ବୋଲି ଉଲ୍ଲେଖ କରିଥିଲେ। ଆମେ ଶୁଣିଲୁ ସ୍ୱୟଂ ମୁଖ୍ୟ ଶାସନ ସଚିବ ସଂପୃକ୍ତ ମନ୍ତ୍ରୀଙ୍କ ଚାପରେ ଏହି ବ୍ୟକ୍ତିଙ୍କୁ ଏକ୍ରିଡ଼ିସନ୍ କାର୍ଡ଼ ଦେବା ପାଇଁ କୁଆଡ଼େ ବିଭାଗୀୟ କର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଲେ। ଫଳରେ ଅତି ତରବରିଆ ଭାବେ ଏହାକୁ ଏକ ଏକ୍ରିଡ଼ିସନ୍ କାର୍ଡ଼ ଦିଆଗଲା। କିନ୍ତୁ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ କିମ୍ବା ନିର୍ଦ୍ଦେଶକ ସମ୍ଭବତଃ ଭୁଲିଯାଇଛନ୍ତି ଫ୍ରିଲାନ୍ସ ଏକ୍ରିଡ଼ିସନର ମୂଳ ଅଭିଜ୍ଞତା ୫ ବର୍ଷକୁ କାଟି ନୂଆ ନିୟମରେ ୨୦ ବର୍ଷର ପୂର୍ଣ୍ଣ ସାମ୍ବାଦିକତାର ଅଭିଜ୍ଞତା ରଖାଯିବା ବିରୁଦ୍ଧରେ ଓଡ଼ିଶା ଫ୍ରିଲାନ୍ସ ସାମ୍ବାଦିକ ସଂଘ ଓଡ଼ିଶା ହାଇକୋର୍ଟରେ ଏକ ମୋକଦ୍ଦମା ଦାୟର କରିଛନ୍ତି। ରାଜ୍ୟ ସରକାର ଏଥିରେ ମୂଳ ପ୍ରତିବାଦୀର ଭୂମିକାରେ ଅଛନ୍ତି। ରାଜ୍ୟ ସରକାର ନିଜେ ଯେଉଁ ବ୍ୟବସ୍ଥାର ବିରୋଧ କରି ହାଇକୋର୍ଟରେ ପକ୍ଷ ହୋଇଛନ୍ତି ଏବେ କିଏ କେଉଁ ଭିତ୍ତିରେ ସଂପୃକ୍ତ ବ୍ୟକ୍ତିଙ୍କୁ

Digitized by srujanika@gmail.com

ଏକ୍ରିଡ଼ିସନ୍ ଦେଲେ ଏବଂ ୟେ'ସ ମିନିଷ୍ଟରଙ୍କ କଥାରେ ଆଇ.ଏ.ଏସ୍. ଅଫିସରମାନେ କିପରି ୟେସ୍ ଆଇ.ଏ.ଏସ୍. ହୋଇଗଲେ ତାହା ଆମ କ୍ଷୁଦ୍ର ବିଚାରରେ ଜାଣିପାରିଲୁ ନାହିଁ। ତେଣୁ ହାଇକୋର୍ଟରେ ଯେତେବେଳେ ମୋକଦ୍ଦମା ବିଚାର ହେବ ସେତେବେଳେ ସରକାର ନିଜେ କରିଥିବା ନିୟମର କିପରି ବିରୁଦ୍ଧାଚରଣ କଲେ ତା'ର ଉତ୍ତର କ'ଣ ହେବ? ସମ୍ଭବତଃ କହିବେ ଧର୍ମାବତାର ଆମେ ମିନିଷ୍ଟରମାନଙ୍କ କଥାରେ ୟେସ୍ କଲୁ। କାରଣ ବେଳେ ବେଳେ ଆମକୁ ୟେସ୍ ଆଇ.ଏ.ଏସ୍. ହେବାକୁ ପଡ଼ିଥାଏ।

•

Digitized by srujanika@gmail.com

# ( ୭ )

ଗତ ସପ୍ତାହରେ ଆମେ ଓଡ଼ିଶା ଇଞ୍ଜିନିୟର୍ସ ସର୍ଭିସ୍ ଆସୋସିଏସନର ବାର୍ଷିକ ଅଧିବେଶନରେ ମୁଖ୍ୟବକ୍ତା ରୂପେ ଯୋଗଦେବା ଅବସରରେ ବହୁ ବିଶିଷ୍ଟ ଇଞ୍ଜିନିୟରଙ୍କ ସହ ସାକ୍ଷାତ ଆଲୋଚନାର ସୁଯୋଗ ଲାଭ କରିଥିଲୁ। ଅବସରପ୍ରାପ୍ତ ଯନ୍ତ୍ରୀମୁଖ୍ୟ (ଇଞ୍ଜିନିୟର ଇନ୍ ଚିଫ୍)ଙ୍କ ଠାରୁ ଆରମ୍ଭ କରି ଚାକିରି ଥିବା ମୁଖ୍ୟଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅନେକଙ୍କ ସହ ଆମର ଆଳାପ ଆଲୋଚନା ହେଲା। ଅନେକଙ୍କ ସାଙ୍ଗରେ ଏବଂ ସଭାରେ ଭାଷଣ ପ୍ରସଙ୍ଗରେ ଯେତେସବୁ କଥା ଉଠିଲା, ତା'ର ସାରମର୍ମ ହେଲା ବ୍ୟୁରୋକ୍ରାଟ୍ ଓ ଟେକ୍ନୋକ୍ରାଟ୍‌ଙ୍କ ମଧ୍ୟରେ ଟେକ୍ନୋକ୍ରାଟ ଅଧିକ ଉଚ୍ଚଶିକ୍ଷିତ ଏବଂ ମେଧାବାନ୍ ହୋଇଥିବା ବେଳେ ସବୁକ୍ଷେତ୍ରରେ ସେମାନଙ୍କୁ ବ୍ୟୁରୋକ୍ରାଟ୍‌ମାନେ ନିଜର 'ଦାସ' ରୂପେ ବ୍ୟବହାର କରୁଛନ୍ତି। କେବଳ ଦାସ ନୁହେଁ, ଯନ୍ତ୍ରୀଙ୍କ ଜରିଆରେ ମନ୍ତ୍ରୀଙ୍କ ଭଳି ଏବେ ଅମଲାତନ୍ତ୍ରୀର ଉଚ୍ଚ ସୋପାନରେ ଥିବା ବ୍ୟକ୍ତିମାନେ ଅର୍ଥ ଆଦାୟ କଲେଣି। କେତେକ ଯନ୍ତ୍ରୀ ଏହିଭଳି ଅମଲାମାନଙ୍କର ଇଙ୍ଗିତରେ ସେମାନଙ୍କ ପାଇଁ ଜମିବାଡ଼ି, ପୋଖରୀ ଆଦି କ୍ରୟ କରି ଦେଇଛନ୍ତି। ଏହି ଅମଲାମାନେ ବିଭାଗୀୟ କର୍ତ୍ତା ହୋଇଥିବାରୁ ଯନ୍ତ୍ରୀମାନେ ଭୟରେ ଅନେକ ସମୟରେ ଅନେକ ଅନୈତିକ କାର୍ଯ୍ୟ କରିବା ପାଇଁ ବାଧ୍ୟ ହେଉଛନ୍ତି।

ଏହି ଅଧିବେଶନରେ ଆଲୋଚନା ପ୍ରସଙ୍ଗରେ କଥା ଉଠିଲା ଯେ, ରାଜ୍ୟର ଜଳସମ୍ପଦ, ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗଗୁଡ଼ାକର ମୁଖ୍ୟ ରୂପେ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି କାହିଁକି ଦିଆଯାଉନାହିଁ? ଆଇ.ଏ.ଏସ୍. କର୍ତ୍ତାଙ୍କ ଦ୍ୱାରା ପରିଚାଳିତ ଏହି ବିଭାଗଗୁଡ଼ିକର ଓ ଇଞ୍ଜିନିୟରଙ୍କ ଦ୍ୱାରା ପରିଚାଳିତ ପୂର୍ବ ବିଭାଗର କାର୍ଯ୍ୟକ୍ରମ ଉପରେ ଏକ ପୁଙ୍ଖାନୁପୁଙ୍ଖ ନିରପେକ୍ଷ ସମୀକ୍ଷା କରାଯାଇ ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କାରଣ ଗତ କେତେବର୍ଷ ଧରି ଇଞ୍ଜିନିୟରିଂ ବିଭାଗ ଗୁଡ଼ିକର କାର୍ଯ୍ୟକ୍ରମ ସମ୍ପର୍କରେ ନାନା ଅଭିଯୋଗ ହୋଇଆସୁଛି।

ଚା'ଖିଆ ପର୍ବ ଶେଷ ହେବାପରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍‌ର ସମ୍ମୁଖସ୍ଥ ବିସ୍ତୃତ ସବୁଜ ଆସ୍ତରଣ ଉପରେ ଦୁଇଜଣ ଅତି ବରିଷ୍ଠ ଯନ୍ତ୍ରୀଙ୍କ ସହ ଆଳାପ ବେଳେ ଆମେ କେତେକ ତଥ୍ୟ ଶୁଣି ରୀତିମତ୍ ଚମତ୍କୃତ ହେଲୁ। ଜଣେ କହିଲେ, ଆଗ ବାଘ ମଣିଷ ଖାଏ; କିନ୍ତୁ ଏବେ ବାଘଖିଆ ମଣିଷ ବାହାରିଲେଣି। ଅର୍ଥାତ୍ ଇଞ୍ଜିନିୟରମାନେ ଲାଞ୍ଚ ନିଅନ୍ତି ବୋଲି ଦୁର୍ନାମ ରହିଛି।

Digitized by srujanika@gmail.com

କିନ୍ତୁ ପ୍ରଶାସନରେ ସର୍ବୋଚ୍ଚ ଗୋଷ୍ଠୀ ମୁଖ୍ୟ ଅମଲାଙ୍କ ମଧ୍ୟରୁ ଏବେ ଯେଉଁଭଳି କେତେକ ଖୁଲମ୍‌ଖୁଲ୍ଲା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ଏକ ପୈଶାଚିକ ଆନନ୍ଦରେ ମସଗୁଲ ରହିଛନ୍ତି, ତାହା ଦେଖିଲେ ପ୍ରଶାସନ କେତେ ତଳକୁ ଖସିଗଲାଣି, ତା' ଅନୁମାନ। କେତେକ ଆଇ.ଏ.ଏସ୍. ଅଫିସରଙ୍କ ପୂରା ସମ୍ପତ୍ତି ତାଲିକା ଏହି ବନ୍ଧୁମାନେ କଥା ପ୍ରସଙ୍ଗରେ ଯେପରି କହିଗଲେ, ସେକଥା ଶୁଣି ଆମେ ବିଶ୍ୱାସ କଲୁନାହିଁ। କିନ୍ତୁ ଯେଉଁମାନେ ଏ ବିଷୟ ବଖାଣିଲେ, ସେମାନଙ୍କ ସମ୍ପର୍କରେ ଆମ ନିଜ ଧାରଣା ଏତେ ସ୍ୱଚ୍ଛ ଯେ, ସେମାନଙ୍କ କଥାକୁ ଅବିଶ୍ୱାସ ମଧ କରିପାରିଲୁ ନାହିଁ। ତେବେ ଆମେ ଏ ନିବନ୍ଧରେ ଏହି ସମ୍ପତ୍ତି ତାଲିକା ଦେବାରେ ଅସମର୍ଥ। କାରଣ ସାକ୍ଷୀ ସବୁତ୍ ପ୍ରମାଣ ନରଖି କାହାରି ସମ୍ପର୍କରେ ଲେଖିବା ଶାସ୍ତ୍ରବିରୁଦ୍ଧ। ଘଟଣା ଏପରି ଘଟିଛି, ଯେତେବେଳେ ଟେଣ୍ଡର ନୋଟିସ୍ ଚୂଡ଼ାନ୍ତ କରିବାବେଳେ କେତେକ ଆଇ.ଏ.ଏସ୍. ନିଜ ପାଉଣା ନ ପାଇଥିଲେ ତାକୁ ପକାଇ ରଖିଦେବାର ଦୃଷ୍ଟାନ୍ତ ମଧ୍ୟ ଅନେକ ରହିଛି।

ଏବେ ଆଉ ଏକ ବ୍ୟାପାର ଅନେକଙ୍କ ଦୃଷ୍ଟିକୁ ଆସିଛି। ଏ ସମ୍ପର୍କରେ କେତେକ ଆଇ.ଏ.ଏସ୍. ବନ୍ଧୁଙ୍କ ସହ ଆଲୋଚନା ବେଳେ ସେମାନେ ଏ ସମ୍ପର୍କରେ ସୂଚନା ଦେଲେ। ତା' ହେଉଛି କେତେକ ଅଣଓଡ଼ିଆ ଆଇ.ଏ.ଏସ୍. ଅଫିସର ଅତି ସାମାନ୍ୟ ମୂଲ୍ୟରେ ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସରକାରୀ ଜମି କ୍ରୟକରି ବଦଳି ହେବାପରେ ଉଚ୍ଚ ମୂଲ୍ୟରେ ତାକୁ ବିକ୍ରିକରି ଦେଉଛନ୍ତି। ଆମ ପାଖରେ ଥିବା ଖବର ଅନୁସାରେ ବର୍ତ୍ତମାନ ସୁଦ୍ଧା ଜମି ପାଇ ଘର କରି ବିକ୍ରି କରିଥିବା ଏହି ଆଇ.ଏ.ଏସ୍. ଅଫିସରମାନେ ହେଲେ ସର୍ବଶ୍ରୀ ଏସ୍.ଆର. ଭାଲ୍ଲା, ବି. ରାମଦୋରାଇ (ମୃତ), ଭି. ନଟରାଜନ, ଏ.ଏଲ୍. ନାୟାର, ପି. ରାମଚନ୍ଦ୍ରନ, ପି.କେ. କପିଳା, ସି.ବି. ଜୈନ, କେ.ଏସ୍. ବାଓ୍ୱା, ଡି.ଏଲ୍. ପୁରକାୟସ୍ଥ, ଏ.କେ. ମଜୁମଦାର ଓ ଏଫ.ଏ. ମୋଜେସ୍ (ମୃତ)। ଏମାନଙ୍କ ବ୍ୟତୀତ ଆଉ କେତେଜଣ ଅଣଓଡ଼ିଆ ଆଇ.ଏ.ଏସ. ଅଫିସର ସେମାନଙ୍କ ଘର ବିକ୍ରୟ ପାଇଁ ସୂଚନା ଦେଇଛନ୍ତି। କେବଳ ଆଇ.ଏ.ଏସ୍. ଅଫିସରଙ୍କୁ ଏ କ୍ଷେତ୍ରରେ ଦୋଷ ଦେଇହେବ ନାହିଁ। କେତେକ ଅଣଓଡ଼ିଆ ବିଚାରପତି, ଅନ୍ୟ ଶ୍ରେଣୀର ଅଫିସର ଓ ଆଇ.ପି.ଏସ୍. ଅଫିସର ମଧ ଏହି ଦୋଷଯୁକ୍ତ। ଜାଣିଶୁଣି କେତେକ ଏହି ଜମି କ୍ରୟ-ବିକ୍ରୟ ଏକ ବ୍ୟବସାୟ କରିଛନ୍ତି ବୋଲି କହିଲେ ଅନୁଚିତ ବକ୍ତବ୍ୟ ହେବ ବୋଲି ଆମେ ମନେକରୁନାହୁଁ। ଆମ ୟେସ ମିନିଷ୍ଟରମାନଙ୍କର ଏହାହିଁ କୃତିତ୍ୱ।

ଏବେ ଫେରିଆସିବା ସଚିବାଳୟ ପରିସର ଭିତରକୁ। ରାଜ୍ୟ ସଚିବାଳୟରେ

Digitized by srujanika@gmail.com

ଆଉ ଗୋଟିଏ ବିଭାଗ ଅଛି ଯେଉଁଠି କାହାରି ଦାନ୍ତ ଭୁକୁ ନାହିଁ। ସେ ବିଭାଗଟି ହେଉଛି ଆଇନ ବିଭାଗ। ଏହି ବିଭାଗରେ ସଚିବଙ୍କ ଠାରୁ ଆରମ୍ଭ କରି ଡେପୁଟି ସେକ୍ରେଟାରୀ ପଦବୀ ପର୍ଯ୍ୟନ୍ତ ସବୁଠି ଜିଲ୍ଲାଜଜ୍ ପାହ୍ୟାର ଅଫିସରମାନେ ସ୍ଥାନ ଦଖଲ କରିଛନ୍ତି। କୌଣସି ଗୋଟିଏ ପଦବୀ ମଧ୍ୟ ଆଇ.ଏ.ଏସ୍. ବା ଓ.ଏ.ଏସ୍. ନେଇପାରିନାହାନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ ସଚିବ ପଦରେ ସେହି ସେହି ବିଭାଗର ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାପାଇଁ ବହୁଦିନରୁ ଦାବିହୋଇ ଆସୁଛି। ମାତ୍ର ଏହା ଆଇ.ଏ.ଏସ୍. ଗୋଷ୍ଠୀଙ୍କ ଚକ୍ରାନ୍ତରେ ସମ୍ଭବ ହୋଇପାରୁନାହିଁ। ଆଇନ ବିଭାଗରେ ଯଦି ଏହା ହୋଇପାରୁଛି, ତେବେ ଅନ୍ୟ ପେଶାଦାର ବିଭାଗ ପାଇଁ ତାହା ଲାଗୁ ହେବାରେ ଅସୁବିଧା କ'ଣ? ଆଇନ ବିଭାଗ ଅଧୀନରେ ଥିବା ଦେବୋତ୍ତର କମିଶନର ପଦବୀଟି ମଧ୍ୟ ଜିଲ୍ଲାଜଜ୍ ପାହ୍ୟାର ଅଫିସରଙ୍କ ଦ୍ୱାରା ପୂରଣ ହୁଏ।

ଏହି ଘଟଣା ଆମକୁ ବ୍ରିଟିଶ୍ ସରକାରଙ୍କ ଶାସନ ବ୍ୟବସ୍ଥା କଥା ମନେପକାଇ ଦେଉଛି। ବ୍ରିଟିଶ ସରକାରଙ୍କ ଅମଳରେ ଥିବା ଆଇ.ସି.ଏସ୍. (ଇଣ୍ଡିଆନ ସିଭିଲ୍ ସର୍ଭିସ୍) ୧୯୪୬ ସାଲ୍ ଅକ୍ଟୋବର ୨୨ ତାରିଖରେ ଆଇ.ଏ.ଏସ୍. (ଇଣ୍ଡିଆନ୍ ଆଡ୍‌ମିନିଷ୍ଟ୍ରେଟିଭ୍ ସର୍ଭିସ୍)ରେ ରୂପାନ୍ତରିତ ହେଲା। ଆଇ.ସି.ଏସ୍.ରେ ଶତକଡ଼ା ୨୫ ଭାଗ ସ୍ଥାନ ପ୍ରାଦେଶିକ ବେସାମରିକ ଚାକିରି (ପ୍ରୋଭିନ୍‌ସିଆଲ ସିଭିଲ୍ ସର୍ଭିସ୍)ରୁ ମନୋନୟନ ଭିତ୍ତିରେ ପୂରଣ କରିବା ପାଇଁ ନିଷ୍ପତ୍ତି ହେଲା। କିନ୍ତୁ ବ୍ରିଟିଶ ସରକାରଙ୍କ ସମୟରେ ଆଇ.ସି.ଏସ୍. କ୍ୟାଡର ବାହାରେ ଦୁଇଶହ ପଦବୀ ସ୍ୱତନ୍ତ୍ର ଭାବେ ତାଲିକାଭୁକ୍ତ ହୋଇ ପ୍ରୋଭିନ୍‌ସିଆଲ୍ ସିଭିଲ୍ ସର୍ଭିସ୍ ଅଫିସରଙ୍କ ପାଇଁ ରଖାଯାଇଥିଲା। ଏହି ବ୍ୟବସ୍ଥା ଆଇ.ସି.ଏସ୍. ଅଫିସରଙ୍କ ସହ ଠିକ୍ ସମାନ୍ତର ନହେଲେ ମଧ୍ୟ ଏକ ସ୍ୱତନ୍ତ୍ର ଭାବମୂର୍ତ୍ତି ବହନ କରୁଥିଲା। କିନ୍ତୁ ଆଇ.ଏ.ଏସ୍. କ୍ୟାଡରରେ ରାଜ୍ୟ ପ୍ରଶାସନିକ ଅଫିସରଙ୍କ ମଧ୍ୟରୁ ଶତକଡ଼ା ୨୫ ଭାଗ ଅଫିସରଙ୍କୁ ମନୋନୟନ ଭିତ୍ତିରେ ଗ୍ରହଣ କରାଯିବା ବ୍ୟବସ୍ଥା ଦ୍ୱାରା ରାଜ୍ୟ ପ୍ରଶାସନିକ ସର୍ଭିସ୍‌ର ସମସ୍ତ ପ୍ରକାର ସ୍ୱାତନ୍ତ୍ର୍ୟ ନଷ୍ଟ କରିଦିଆଗଲା। ପ୍ରତିବଦଳରେ ଏମାନଙ୍କ ଚରିତ୍ରଲିପି ଲିଖନ ଠାରୁ ଆରମ୍ଭ କରି ପଦୋନ୍ନତିରେ ଆଇ.ଏ.ଏସ୍. ମୁଖାପେକ୍ଷୀ ହେବାଫଳରେ ଏହି ସର୍ଭିସ୍‌ର ସଦସ୍ୟମାନେ ମୁଖ୍ୟତଃ Boss pleasing modalityର ଶିକାର ହୋଇଗଲେ। ଆଉ ଆମ ୟେସ ମିନିଷ୍ଟରମାନେ ଏହି ପ୍ରଣାଳୀର ଜଣେ ଜଣେ ସ୍ତାବକ ପାଳଟି ଲାଇନ୍‌ରେ ଦସ୍ତଖତ କରିଥିଲେ।

ଆଇ.ସି.ଏସ୍.ର ଧ୍ୱଂସସ୍ତୂପରୁ ଜନ୍ମ ନେଇଥିବା ଆଇ.ଏ.ଏସ୍.ର କାର୍ଯ୍ୟକାରିତା ସମ୍ପର୍କରେ ସର୍ଦ୍ଦାର ପଟେଲ କହିଥିଲେ- "An Indian Civil Service like

Digitized by srujanika@gmail.com

I.A.S. could alone be efficient, impartial and free from local bias, party allegiance on political influence." କିନ୍ତୁ ଆଜିର ବାସ୍ତବତା ଏ ସମସ୍ତ ବିଷୟରେ ବିପରୀତ ଦିଗକୁ ହିଁ ନିର୍ଦ୍ଦେଶ କରୁଛି।

ଏହା ସଂଗେ ସଂଗେ ଏକଥା ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ଏବେ ମଧ୍ୟ କେତେକ ଆଇ.ଏ.ଏସ୍. ଅଫିସର ଅଛନ୍ତି, ଯେଉଁମାନଙ୍କୁ ଯଥାର୍ଥରେ ଆଦର୍ଶ ରୂପେ ଗ୍ରହଣ କରାଯାଇ ପାରିବ। ମାତ୍ର ଧୀରେ ଧୀରେ ଏମାନଙ୍କ ସଂଖ୍ୟା କମି କମି ଆସୁଛି। ଏଭଳି କେତେକ ଯୁବ ଆଇ.ଏ.ଏସ୍. ଅଛନ୍ତି, ଯେଉଁମାନେ ନିଜ ନିଜ କ୍ଷେତ୍ରରେ ଜଣେ ଜଣେ ସଫଳ ପ୍ରଶାସକ କେବଳ ନୁହନ୍ତି, ପ୍ରଶାସନର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ସେମାନଙ୍କ କାର୍ଯ୍ୟ ପ୍ରଶଂସାର ଦାବି ରଖେ। ଆମେ ନିଜେ କେତେକ ଘଟଣା ପ୍ରତ୍ୟକ୍ଷ କରିଛୁ। କିନ୍ତୁ ଆମେ ଏହି ନିବନ୍ଧରେ କାହାରି ନାମୋଲ୍ଲେଖ କରୁନାହୁଁ। କାରଣ ଆମର ପ୍ରଶଂସା ସେମାନଙ୍କ ପାଇଁ ବିପତ୍ତିର କାରଣ ହୋଇପାରେ। ସେମାନଙ୍କ ସ୍ୱଚ୍ଛ ଚରିତ୍ରଲିପିରେ କୃଷ୍ଣବିନ୍ଦୁର ସ୍ୱାକ୍ଷର ବହନ କରିପାରେ।

ଗତ ନିବନ୍ଧରେ ଆମେ ଏକ ତଥ୍ୟଗତ ତ୍ରୁଟି କରିଥିଲୁ ବୋଲି ଟେଲିଫୋନ୍ ଯୋଗେ ଓ ପତ୍ର ଦ୍ୱାରା କେତେକ ବନ୍ଧୁ ଆମକୁ ଜଣାଇଥିଲେ। ତା' ହେଉଛି ବିଦ୍ୟୁତ୍ ବୋର୍ଡ ଓ ପୂର୍ତ୍ତ ବିଭାଗର ଇଞ୍ଜିନିୟର, ଚେୟାରମ୍ୟାନ୍ ଓ ସଚିବ ଟ୫୧୦୦/-ରୁ ଟ୬୫୦୦/- ପାଉଥିବାବେଳେ ସେଠି ଆଇ.ଏ.ଏସ୍. ଚେୟାରମ୍ୟାନ୍ ବା ସଚିବ ରହିଲେ ୫୯୦୦ ଟଙ୍କାରୁ ୬୬୦୦ ଟଙ୍କା ଦରମା ପାଇବେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ଠିକ୍ ନୁହେଁ। ବର୍ତ୍ତମାନ ବିଦ୍ୟୁତ୍ ବୋର୍ଡର ଚେୟାରମ୍ୟାନ୍ ଶ୍ରୀ ଏମ୍.ଓ୍ୱାଇ. ରାଓ ମାସିକ ୮ ହଜାର ଟଙ୍କା ଦରମା ପାଉଥିବା ଅଫିସର। ଠିକ୍ ସେହିଭଳି ପୂର୍ତ୍ତ ବିଭାଗ ଅନୁରୂପ ଅନ୍ୟ ଇଞ୍ଜିନିୟରିଂ ବିଭାଗ ଜଳସମ୍ପଦ, ଶକ୍ତି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବମାନେ ୭୩୦୦ ଟଙ୍କାରୁ ୭୬୦୦ ଟଙ୍କା ଦରମା ପାଉଥିବା ଅଫିସର। "ଏହି ତିନୋଟି ବିଭାଗରେ ଏବେ ଯେଉଁ ତିନିଜଣ ସଚିବ ଅଛନ୍ତି, ସେମାନେ ହେଲେ ଶ୍ରୀ ସମରବଲ୍ଲଭ ମହାପାତ୍ର (ଜଳସମ୍ପଦ), ଶ୍ରୀ ଦେବୀପ୍ରସାଦ ବାଗ୍‌ଚି (ଶକ୍ତି) ଓ ଶ୍ରୀ କେ.ବି. ବର୍ମା (ଗ୍ରାମ୍ୟ ଉନ୍ନୟନ)। ସମସ୍ତେ ପ୍ରିନ୍‌ସିପାଲ ସେକ୍ରେଟାରୀ ବା ଅନ୍ୟ ଅର୍ଥରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟା ପାଇଥିବା ଅଫିସର।

ଆଇ.ଏ.ଏସ୍. ଅଫିସରଙ୍କ ଭଳି ସମ୍ବିଧାନରେ ଆଇ.ପି.ଏସ୍. ଅଫିସର ପଦବୀ ମଧ୍ୟ ସୃଷ୍ଟି ହୋଇଥିଲା। କିନ୍ତୁ ଆଇ.ଏ.ଏସ୍.ମାନଙ୍କର ପଦୋନ୍ନତି ଯେଭଳି ଇଲେକ୍‌ଟ୍ରୋନିକ୍ ଗତି ବେଗରେ ବଢୁଛି, ବିଚାରା ଆଇ.ପି.ଏସ୍. ଗୋଷ୍ଠୀ ତାକୁ

Digitized by srujanika@gmail.com

ଦେଖି କେବଳ ରବେଇ ଖବେଇ ହେବା ବ୍ୟତୀତ ଅନ୍ୟ କିଛି କରିପାରୁନାହାନ୍ତି। କାରଣ ବିଭାଗୀୟ ପଦୋନ୍ନତି କମିଟିରେ ମଧ୍ୟ ଆଇ.ଏ.ଏସ.ଙ୍କ ରାଜତ୍ୱ। ତେଣୁ ସେମାନେ ଯାହା ଚାହିଁବେ, ତାହାହିଁ ହେବ। ଏମାନଙ୍କ ସର୍ବୋଚ୍ଚ ଦରମା ଆଇ.ଏ.ଏସ୍.ଙ୍କ ଭଳି ୮୦୦୦ ଟଙ୍କା ହୋଇଥିଲେ ମଧ୍ୟ ୭୬୦୦ ଟଙ୍କାରୁ ଆରମ୍ଭ କରିବାକୁ ହେବ। ଫଳରେ ୮ ହଜାରରେ ପହଞ୍ଚିବା ପୂର୍ବରୁ ଅନେକ ଅବସର ନେଇସାରିଥାନ୍ତି। ୧୯୯୪ ସାଲ୍‌ରେ ଆଇ.ପି.ଏସ୍. କ୍ୟାଡର ସିଡ୍ୟୁଲ୍ ଅନୁସାରେ ଓଡ଼ିଶାରେ ମୋଟ ଆଇ.ପି.ଏସ୍. ଅଫିସରଙ୍କ ସଂଖ୍ୟା ୧୩୧।

ଏବେ ଆଉ ଏକ ବିପତ୍ତି ଦେଖାଦେଇଛି। ଷାଠିଏ ସତୁରି ଦଶକରେ ଯେତିକି ଓଡ଼ିଆ ଆଇ.ଏ.ଏସ୍. ପାଉଥିଲେ, ଏବେ ତାହା ବହୁ ପରିମାଣରେ କମିଯାଇଛି। ନିୟମ ଅନୁସାରେ ରାଜ୍ୟରେ ଶତକଡ଼ା ୫୦ ଭାଗ ଓଡ଼ିଆ ଏବଂ ବାକି ଅଣଓଡ଼ିଆ ଆଇ.ଏସ୍.ଏସ୍. ରହିବେ। ଆମ ସଂଖ୍ୟା ଯେପରି ବିପଜ୍ଜନକ ଭାବେ କମିଯାଉଛି, ସେଥିରେ ଆମର ପୁଣି ଆଶଙ୍କା ଓଡ଼ିଶା ପୁଣି ବିହାର କି ତେଲେଙ୍ଗାଙ୍କର କରଦ ରାଜ୍ୟ ହେବନାହିଁ ତ ?

ହେ ଜଗନ୍ନାଥ ବଳିଆରଭୁଜ ତୁ ହିଁ ଭରସା।

•

Digitized by srujanika@gmail.com

# ( ୮ )

ସମ୍ପ୍ରତି ହାଇଦ୍ରାବାଦର ଜଣେ ସାମ୍ବାଦିକ ବନ୍ଧୁ ଆମକୁ ଏକ ତାଙ୍କ ରାଜ୍ୟରେ ଘଟିଥିବା ଆଇ.ଏ.ଏସ୍. ଓ ଆଇ.ପି.ଏସ୍. ବିବାଦ କଥା ଶୁଣାଇଲେ। ଅବଶ୍ୟ ଏହା ସେଭଳି ଗୁରୁତର ବା ଚାଞ୍ଚଲ୍ୟକର ନ ହେଲେ ମଧ୍ୟ ଏହି ଦୁଇ କ୍ୟାଡର ମଧ୍ୟରେ ପରସ୍ପର ପ୍ରତି ଥିବା ବୈରଭାବର ପ୍ରକାଶ ପାଇଛି। ଘଟଣାଟି ଏହିପରି। ଆନ୍ଧ୍ରରେ ଜଣେ ଦକ୍ଷ ଆଇ.ପି.ଏସ୍. ହେଉଛନ୍ତି ଅଜିତ ମହାନ୍ତି। ନିଜର ସାଧୁତା, ଦୃଢ଼ତା ଓ କର୍ମଦକ୍ଷତା ପାଇଁ ସେ ସମଗ୍ର ହାଇଦ୍ରାବାଦ ସହରରେ ପରିଚିତ। ଶ୍ରୀ ମହାନ୍ତି ଏବେ ଆଇ.-ଜି. ପୋଲିସ୍ ପାହ୍ୟାର ଅଫିସର। ଗତ ମାସରେ ତାଙ୍କୁ ଏକ ବିଭାଗରେ ଜଣେ ଆଇ.ଏ.ଏସ୍.ଙ୍କ ଅଧୀନରେ ନିଯୁକ୍ତି ଦିଆଗଲା। ଶ୍ରୀ ମହାନ୍ତି ସମ୍ପୃକ୍ତ ଆଇ.ଏ.ଏସ୍.ଙ୍କ ଅଧୀନରେ ନୌକରୀ ପାଇଁ ସ୍ପଷ୍ଟ ମନାକଲେ। ତା'ର କାରଣ ହେଲା ସମ୍ପୃକ୍ତ ଅଫିସର ମହାନ୍ତିଙ୍କର ବ୍ୟାଚ୍‌ମେଟ୍। ନିଜ ବ୍ୟାଚ୍‌ର ଜଣେ ଅଫିସରଙ୍କ ଅଧୀନରେ କାର୍ଯ୍ୟ କରିବାର ମାନସିକତା ଶ୍ରୀ ମହାନ୍ତିଙ୍କ ଭଳି ଜଣେ ଦକ୍ଷ ଅଫିସରଙ୍କର ନଥିଲା। ତେଣୁ ସେ ମନା କରିଦେଲେ। ଆଉ ଏକ କାରଣ ହେଲା ସମ୍ପୃକ୍ତ ଅଫିସରଙ୍କର ଦକ୍ଷତା ଓ ସାଧୁତା ସମ୍ପର୍କରେ ଆନ୍ଧ୍ରବାସୀ ଅତ୍ୟନ୍ତ ସନ୍ଦେହାପନ୍ନ। ଫଳରେ ଶ୍ରୀ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ଏନ.ଟି.ଆର. ଡକାଇ ଆଲୋଚନା କଲେ ଏବଂ ତାଙ୍କ ପାଇଁ ଏକ ନୂଆ ପଦବୀ ଆଇ.-ଜି. ଲ'ଏଣ୍ଡ ଅର୍ଡର ସୃଷ୍ଟି କରି ନିଯୁକ୍ତି ଦେଲେ।

ଆମେ ଏହି ଘଟଣାଟି ଉଲ୍ଲେଖ କରିବାର ଏକମାତ୍ର କାରଣ ହେଲା, ଆଇ.ଏ.ଏସ୍. ଓ ଅନ୍ୟ କେନ୍ଦ୍ରୀୟ ଚାକିରିର ଅଫିସରଙ୍କ ମଧ୍ୟରେ ନିୟମିତ ଶୀତଳ ଯୁଦ୍ଧ ଚାଲିଛି। ଆଇ.ଏ.ଏସ୍. ଗୋଷ୍ଠୀ ନିଜର ସୁବିଧାଜନକ ସ୍ଥିତି ବଳରେ ଅନ୍ୟ କ୍ୟାଡରର ସଦସ୍ୟମାନଙ୍କୁ ନିଜର ଅଧସ୍ତନ କର୍ମଚାରୀ ଭାବେ ରଖିବା ପାଇଁ ବାଧ୍ୟ କରୁଛନ୍ତି। ଯାହା ଅଜିତ ମହାନ୍ତି ହାଇଦ୍ରାବାଦରେ କରିପାରିଲେ ଅନ୍ୟ ସ୍ଥାନରେ ଅନ୍ୟମାନେ ଯେ ଧୀରେ ଧୀରେ କରିବା ପାଇଁ ଅଣ୍ଟା ଭିଡ଼ିଲେଣି, ତା'ର ସୂଚନା ମଧ୍ୟ ମିଳିଲାଣି।

ଆମର ପଞ୍ଚମ ଭାଗ ନିବନ୍ଧରେ ଗୋଟିଏ ବ୍ୟାଚ୍‌ର ଆଇ.ଏ.ଏସ୍. ସେହି ବ୍ୟାଚ୍‌ର ଅନ୍ୟ କ୍ୟାଡର ଅଫିସରଙ୍କୁ ଦୁଇ ବର୍ଷ ଜୁନିଅର କରି ରଖୁନେଉଛନ୍ତି ବୋଲି ଉଲ୍ଲେଖ କରିଥିଲୁ। ଏହି ନିବନ୍ଧ ପଢ଼ି ଆୟକର କ୍ୟାଡରର ଜଣେ ବରିଷ୍ଠ ଅଫିସର ଟେଲିଫୋନ୍ ଯୋଗେ ଏହା ଦୁଇବର୍ଷ ନୁହେଁ, ସ୍ଥଳ ବିଶେଷରେ

Digitized by srujanika@gmail.com

ଛ'ବର୍ଷ ହୋଇଛି ବୋଲି ମତ ଦେଇଥିଲେ। ଜଣେ ବରିଷ୍ଠ ଆଇ.ଏ.ଏସ. ଅଫିସର ଅନୁରୂପ ଭାବେ ଉଲ୍ଲେଖ କରି କହିଲେ, ଆଇ.ପି.ଏସ୍. ଅଫିସରଙ୍କ ଡି.ପି.ସି. (ଡିପାର୍ଟମେଣ୍ଟାଲ ପ୍ରମୋସନ କମିଟି)ରେ ଜଣେ ଆଇ.ପି.ଏସ୍. ବସୁଥିବା ବେଳେ ଦୁଇଜଣ ଆଇ.ଏ.ଏସ୍. (ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ବୋର୍ଡ ସଭ୍ୟ) ବସୁଛନ୍ତି। ଏହି ବ୍ୟବସ୍ଥା ଫଳରେ ଆଇ.ଏ.ଏସ.ଙ୍କ ମର୍ଜି ଉପରେ ପଦୋନ୍ନତି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାରୁ ଏକା ବ୍ୟାଚର ଆଇ.ଏ.ଏସ୍.ଙ୍କ ଅଧୀନରେ ଆଇ.ପି.ଏସ୍. ଚାକିରି କରିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନର ଡି.-ଜି. ପୋଲିସ୍ ରବି ନାରାୟଣ ମହାପାତ୍ର (୧୯୫୯ ବ୍ୟାଚ୍), ଡି.-ଜି. ଭିଜିଲାନ୍ସ ଅମୀୟ ଭୂଷଣ ତ୍ରିପାଠୀ (୧୯୬୨ ବ୍ୟାଚ୍), ଅତିରିକ୍ତ ଡି.-ଜି. ଶ୍ୟାମନାରାୟଣ ତିୱାରୀ ଓ ବନବିହାରୀ ପଣ୍ଡା (ଉଭୟେ ୧୯୬୩ ବ୍ୟାଚ୍)। ଏମାନଙ୍କ ଆଇ.ଏ.ଏସ୍. ବ୍ୟାଚ୍‌ମେଟ୍ ଏମାନଙ୍କ ଅପେକ୍ଷା ଚାରିବର୍ଷ ତଳୁ ଏମାନଙ୍କ ଅପର ପଦବୀ ପାଇସାରିଲେଣି। ଶ୍ରୀ ମହାପାତ୍ରଙ୍କ ଏକା ବ୍ୟାଚର ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ଶ୍ରୀ ରବିନାରାୟଣ ଦାଶ ୧୯୯୦ ସାଲ୍‌ରୁ ମୁଖ୍ୟ ଶାସନ ସଚିବ ପାହ୍ୟା ପାଇଥିବାବେଳେ ତାଙ୍କର ଗୋଟିଏ ବର୍ଷ ଜୁନିଅର ଶୋଭନ କାନୁନ୍‌ଗୋ ଓ ଏସ୍.କେ. ଲାଲ ୧୯୯୧ ସାଲ୍‌ରୁ କେନ୍ଦ୍ରରେ ସଚିବ ପଦବୀ ଅଧିକାର କରିଥିଲେ। ଶ୍ରୀ ତ୍ରିପାଠୀଙ୍କ ବ୍ୟାଚ୍‌ମେଟ୍ ଶ୍ରୀ ପୂର୍ଣ୍ଣଚନ୍ଦ୍ର ହୋତା, ମହେଶ ମୋଦୀ, ସୁବୋଧ କୁମାର ବସୁ ଓ ରାଧାକାନ୍ତ ନାୟକ କେନ୍ଦ୍ରରେ ସଚିବ ପାହ୍ୟାରେ ଅଛନ୍ତି। ଶ୍ରୀ ତିୱାରୀ ଓ ଶ୍ରୀ ପଣ୍ଡାଙ୍କ ବ୍ୟାଚ୍‌ମେଟ୍ ସର୍ବଶ୍ରୀ ରାଜକିଶୋର ଭୁଜବଳ, ଶଙ୍କରଲାଲ ଚାଟାର୍ଜୀ, ପ୍ୟାରୀମୋହନ ମହାପାତ୍ର, ଏମ୍.ୱାଇ. ରାଓ ଏବଂ ସୁରେନ୍ଦ୍ରନାଥ ମିଶ୍ର ମୁଖ୍ୟ ଶାସନ ସଚିବ ପାହ୍ୟାରେ ଅଛନ୍ତି।

ଏହି ନାମ ଦେବାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏହି ଯେ, ତୁଳନାତ୍ମକ ଭାବେ ଏ ସମସ୍ତେ କେହି କାହାରି ଠାରୁ ନ୍ୟୁନ ନୁହନ୍ତି। କେନ୍ଦ୍ରରେ ଅନେକ ବିଭାଗରେ ଅଣ ଆଇ.ଏ.ଏସ୍. ସଚିବ ମଧ୍ୟ ରହିଛନ୍ତି। ଯେପରି ଡାକ-ତାର ବିଭାଗର ସଚିବ ଶ୍ରୀ ଶରତ ମହାଲିକ। କେନ୍ଦ୍ରୀୟ ସର୍ଭିସ୍ ଯାହାକୁ କୁହାଯାଏ, ତା' ମୁଖ୍ୟତଃ ଆଲାଏଡ୍ ସର୍ଭିସ୍‌କୁ ବୁଝାଏ। କେତେକ କେନ୍ଦ୍ରୀୟ ସର୍ଭିସ୍ ଅଫିସରଙ୍କ ମତରେ ଆଇ.ଏ.ଏସ୍. ଓ ଆଲାଏଡ୍‌ଙ୍କ ମଧ୍ୟରେ ପାର୍ଥକ୍ୟ କିଛି ନାହିଁ। ଦୁଇ/ଚାରି ନମ୍ବର ଏପାଖ ସେପାଖରେ କିଏ ଆଇ.ଏ.ଏସ୍. ବା କିଏ ଆଲାଏଡ୍ ହୋଇଥାଏ। ବିଦ୍ୟା, ବୁଦ୍ଧି, କାର୍ଯ୍ୟଦକ୍ଷତାରେ କେହି କାହାଠାରୁ ଊଣା ନୁହନ୍ତି। ତେବେ ଆଇ.ଏ.ଏସ୍. ଗୋଷ୍ଠୀ ଏକ ସୁବିଧାଜନକ ସ୍ଥାନରେ ରହିଥିବାରୁ ନିଜକୁ ସୁପରିୟର ଭୂମିକାରେ ଜବରଦସ୍ତ ରଖୁଛନ୍ତି।

Digitized by srujanika@gmail.com

ଘଟଣା ଏଇଠି ଶେଷ ହେଉନାହିଁ। ଶିକ୍ଷା ବିଭାଗରେ ମଧ୍ୟ ଲୋକେ ଖପା। ଆମ ଓଡ଼ିଶାରେ ଯେସ ଚିଫ ମିନିଷ୍ଟର ଓ ମିନିଷ୍ଟରମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ପଦବୀରେ କେତେକ ଜୁନିଅର ଆଇ.ଏ.ଏସ୍. ଅଫିସରଙ୍କୁ ନିଯୁକ୍ତି ଦେଇ ଦେଉଛନ୍ତି। ଆର.ଡି.ସି. କମ୍ ଭି.ସି. (ଭାଇସ୍ ଚାନ୍‌ସେଲର) ପଦବୀ ଏବେ ଅନେକ ସ୍ଥାନରେ। ଘଟଣା ଏଇଠି ମଧ୍ୟ ଶେଷ ନୁହେଁ। ଏବେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ହେଉଛନ୍ତି ପୁରୀ ଜିଲ୍ଲାପାଳ। ପରିସ୍ଥିତି କେଉଁ ଅବସ୍ଥାରେ ପହଞ୍ଚିଲାଣି, ଏଇଥିରୁ ଅନୁମାନ କରିହେବ। A Jack of all trades, master of none ଭଳି ଆଇ.ଏ.ଏସ୍.ଙ୍କ ଅବସ୍ଥା ହେଲାଣି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆର.ଡି.ସି.ଙ୍କ ମାଷ୍ଟ୍ରଙ୍କ ମାଷ୍ଟ୍ରେ ପ୍ରଫେସର ଅଛନ୍ତି। ସେଠି ଆର.ଡି.ସି. ଯେପରି କ୍ଷମତା ବଳରେ ପ୍ରଫେସରମାନଙ୍କୁ ହଲାପଟା କରୁଛନ୍ତି, ତା' ଦେଖିବା କଥା। କଡ଼ା ଶାସନ ନାଁରେ ଏମ୍.ୱାଇ. ରାଓ ଓଡ଼ିଶାର ଦୁଇଜଣ ବିଖ୍ୟାତ ପ୍ରଫେସର ଡଃ ଭ୍ରମରବର ଜେନା ଓ ଡଃ କୃଷ୍ଣଚନ୍ଦ୍ର ଜେନାଙ୍କୁ ଚାକିରିରୁ ବରଖାସ୍ତ କରିଦେଲେ। ଭାରତବର୍ଷରେ ସମ୍ଭବତଃ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ଏସବୁ ଘଟେ। ଠିକ୍ ଯାହା ଘଟିଥିଲା ୧୯୭୫ ସାଲ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ। ଅବଶ୍ୟ ଜ୍ଞାନଚାନ୍ଦଙ୍କ ହାତ ମାଧ୍ୟମରେ ଡଃ ଶ୍ରୀରାମଚନ୍ଦ୍ର ଦାସଙ୍କୁ ବହିଷ୍କାର କରାଗଲା। ପଶ୍ଚିମବଙ୍ଗରେ ବିଶ୍ୱବିଦ୍ୟାଳୟମାନଙ୍କରେ ଆଇ.ଏ.ଏସ୍. ରେଜିଷ୍ଟ୍ରାର ଅଛନ୍ତି। ବିଶ୍ୱଭାରତୀର ରେଜିଷ୍ଟ୍ରାର ଜଣେ ଆଇ.ଏ.ଏସ.। କିନ୍ତୁ କୌଣସି କ୍ଷେତ୍ରରେ କୁଳପତି ଦାୟିତ୍ୱରେ କେହି ନାହାନ୍ତି କିମ୍ବା ପଶ୍ଚିମବଙ୍ଗ ସରକାର ସେ ସାହସ କରିପାରିନାହାନ୍ତି। ଆମର ଡି.ପି.ଆଇ. ପଦବୀ ମଧ୍ୟରୁ ଗୋଟିକୁ ମଧ୍ୟ ଆଇ.ପି.ଏସ୍. ଅଫିସରଙ୍କୁ ଦିଆଯାଇଛି।

ଏବେ ଏ ଘଟଣା ସାଙ୍ଗକୁ ଆଇ.ଏ.ଏସ୍. ପରୀକ୍ଷାରେ ଓଡ଼ିଆ ପିଲାଙ୍କ ଅସଫଳତା ମସ୍ତବଡ଼ ସମସ୍ୟା ହୋଇ ଦେଖାଦେଲାଣି। ଭାରତବର୍ଷ ଏକ ସଂଘୀୟ ରାଷ୍ଟ୍ର। ଏଠାରେ ନିୟମ ଅନୁସାରେ ଗୋଟିଏ ରାଜ୍ୟରେ ବାହାର ରାଜ୍ୟର ଶତକଡ଼ା ୫୦ ଭାଗ ଓ ନିଜ ରାଜ୍ୟର ୫୦ ଭାଗ ଆଇ.ଏ.ଏସ୍. ନିଯୁକ୍ତି ପାଇବେ। ମାତ୍ର ଓଡ଼ିଆ ପିଲାଙ୍କର କ୍ରମେ ଆଇ.ଏ.ଏସ୍.ରେ ଅସଫଳତା ଏ ରାଜ୍ୟକୁ ଅଣଓଡ଼ିଆଙ୍କ ଚରାଭୂଇଁରେ ପରିଣତ କରିଦେବ। ଗତବର୍ଷ ମାତ୍ର ଜଣେ ଓଡ଼ିଆ ଛାତ୍ର ଆଇ.ଏ.ଏସ. ପାଇଛନ୍ତି। କାହିଁକି ଓ କିପରି ଏହା ଘଟୁଛି, ତା'ର ସମୀକ୍ଷା କରିବାର ବେଳ ଆସିଛି। ପରୀକ୍ଷାରେ ତ୍ରୁଟି କି ଅନ୍ୟକୌଣସି କାରଣ ଯୋଗୁଁ ଏହା ଘଟୁଛି, ତାହା ଗୁରୁତ୍ୱର ସହ ବିଚାର କରିବା କଥା। ଆଇ.ଏ.ଏସ. ଏବେ ଏକ କମର୍ସିଆଲ ଚାକିରିରେ ରୂପାନ୍ତରିତ ହୋଇଛି। ବିବାହ

Digitized by srujanika@gmail.com

ବଜାରରେ ଆଇ.ଏ.ଏସ୍.ଙ୍କ ମୂଲ୍ୟ ଏବେ ସ୍ଥଳ ବିଶେଷରେ କୋଟିଏରୁ ଅଧିକ। ତେଣୁ ଆଇ.ଏ.ଏସ୍.ରେ ଦୁର୍ନୀତି ବିବାହବେଦୀରୁ ହିଁ ଆରମ୍ଭ ହୋଇଛି। ଯେଉଁମାନେ କୋଟି କୋଟି ଟଙ୍କାରେ ବିବାହ ବେଦୀରେ ବିକ୍ରି ହେବାକୁ ପଛାଉନାହାନ୍ତି, ସେମାନେ ଚାକିରି ଜୀବନରେ ସାଧୁ ସଚ୍ଚୋଟ ହୋଇ ରହିପାରିବେ କିପରି ? ବିହାର, ଉତ୍ତରପ୍ରଦେଶ, ହରିୟାନା ଓ ରାଜସ୍ଥାନରେ ଆଇ.ଏ.ଏସ.ଙ୍କ ମୂଲ୍ୟ ଦୁର୍ମୂଲ୍ୟ। ତେଣୁ ଏହିସବୁ ରାଜ୍ୟରେ ଯେନତେନ ପ୍ରକାରେଣ ଆଇ.ଏ.ଏସ୍. ପାଇବା ପାଇଁ ଯେଉଁ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଚାଲିଛି, ସେଥିରେ ଆମ ଓଡ଼ିଆଏ ଶିକାର ହେଉନାହାନ୍ତି ତ ?

ଆଜି ନିଜକୁ ଏହି ବିବାଦରୁ ମୁକ୍ତ କରିବା ପାଇଁ ଓଡ଼ିଶାର ଓଡ଼ିଆ ଆଇ.ଏ.ଏସ. ଅଫିସରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅଯଥାରେ ନିଜ ନିଜ ଭିତରେ ଗୋଷ୍ଠି କଟାକଟି ନ ହୋଇ ଏହାର ପ୍ରତିକାର କଥା ଚିନ୍ତା କରିବା ଉଚିତ।

•

Digitized by srujanika@gmail.com

# ଦିଲ୍ଲୀ ଦରବାରରେ ଓଡ଼ିଆ ଲିଲିପୁଟ

ସ୍ୱାଧୀନତା ପରେ ସମ୍ଭବତଃ ଏହି ପ୍ରଥମ ଥର ପାଇଁ ରାଜ୍ୟସଭାରେ ଓଡ଼ିଶାର କଂଗ୍ରେସ ଦଳର ସତ୍ତା ଲୋପ ପାଇଗଲା । ରାଜ୍ୟସଭାରେ ଓଡ଼ିଶାର ଆସନ ସଂଖ୍ୟା ମୋଟ ଦଶୋଟି । ଶେଷ ଦଫାର ତିନି କଂଗ୍ରେସ ନେତା ରେଳ ରାଷ୍ଟ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା, ମନମୋହନ ମାଥୁର ଓ ସନ୍ତୋଷ କୁମାର ସାହୁ ବିଦାୟ ନେବେ ଫେବୃଆରୀ ମାସରେ । ଏହି ତିନିଜଣଙ୍କ ସ୍ଥାନ ଦଖଲ କରିବେ ପଶ୍ଚିମାଞ୍ଚଳ ସମ୍ବଲପୁରର ହରିଜନ ସଂପ୍ରଦାୟର ସନାତନ ବିଶି, ଦକ୍ଷିଣାଞ୍ଚଳ କୋରାପୁଟର ଆଦିବାସୀ ଭଗବାନ ମାଝି ଓ ଉତ୍ତରାଞ୍ଚଳ କେନ୍ଦୁଝରରୁ ଅନ୍ୟାନ୍ୟ ପଛୁଆ ଜାତିର ରାସବିହାରୀ ବାରିକ । ଶେଷୋକ୍ତ ତିନିଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

ସ୍ୱାଧୀନତା ଲାଭ ପରେ ସମ୍ବିଧାନ ଅନୁସାରେ ଆମେ ସୃଷ୍ଟି କରୁ ଦୁଇଟି କକ୍ଷ । ଅପର ହାଉସ୍ ବା ବରିଷ୍ଠ ସଦସ୍ୟମାନଙ୍କ କକ୍ଷ ଏବଂ ଲୋଏର ହାଉସ୍ ବା ଲୋକ ପ୍ରତିନିଧିମାନଙ୍କ କକ୍ଷ । ବରିଷ୍ଠ ସଦସ୍ୟ ରାଜ୍ୟଗୁଡ଼ିକର ସାମଗ୍ରିକ ଭାବେ ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ ରାଜ୍ୟସଭା ବୋଲି କୁହାଯାଉଛି । ଲୋକସଭାରେ ଆଞ୍ଚଳିକ ପ୍ରତିନିଧିତ୍ୱ ହେଉଥିବାବେଳେ ରାଜ୍ୟସଭାରେ ନିର୍ଦ୍ଦିଷ୍ଟ ଅଞ୍ଚଳର ସଦସ୍ୟ ପ୍ରତିନିଧିତ୍ୱ କରିବାର କୌଣସି ବିଧି ନାହିଁ । ବିଧାନସଭାଗୁଡ଼ିକର ସଦସ୍ୟମାନେ ରାଜ୍ୟସଭାର ସଦସ୍ୟମାନଙ୍କୁ ବାଛୁଥିବାରୁ ପୂର୍ବତନ ଅଭିଜ୍ଞ ବିଧାୟକ ବା ସଂସଦ ବିଶିଷ୍ଟ ସମାଜସେବୀ, ସାହିତ୍ୟିକ, ରାଜନୀତିଜ୍ଞ, କଳାକାର, ବୁଦ୍ଧିଜୀବୀ କିମ୍ବା ସମାଜର ଅନ୍ୟ କୌଣସି ବିଶିଷ୍ଟ ନାଗରିକଙ୍କ ମଧ୍ୟରୁ କାହାରିକୁ କାହାରିକୁ ଏହି କକ୍ଷକୁ ପଠାଯାଇଥାଏ । ଶାସକଦଳ ହେଉ ବା ବିରୋଧିଦଳ ହେଉ ଏହି ପରମ୍ପରା ବା ବିଧାନକୁ ଯେପର୍ଯ୍ୟନ୍ତ ମାନି ଚଳନ୍ତି, ସେ ପର୍ଯ୍ୟନ୍ତ ଗଣତନ୍ତ୍ର ସୁରକ୍ଷିତ ରହେ । ମାତ୍ର ନିଜର ବା ନିଜ ଦଳ ନ୍ୟସ୍ତସ୍ୱାର୍ଥ କାଏମ ରଖିବା ପାଇଁ ସମସ୍ତ ବିଧିବିଧାନକୁ ଜଳାଞ୍ଜଳି ଦିଅନ୍ତି, ତେବେ ଏ ଦେଶର ଗଣତନ୍ତ୍ର ପ୍ରତି କେବଳ ଯେ ଧକ୍କା ପହଞ୍ଚିବ ତା' ନୁହେଁ, ସାମଗ୍ରିକ ଭାବେ ଦେଶର ସ୍ୱାଧୀନତା ପ୍ରତି ମଧ୍ୟ ଭବିଷ୍ୟତରେ ଯେ ବିପଦ ସୃଷ୍ଟି ନହେବ, ତାହା କହିହେବ ନାହିଁ ।

Digitized by srujanika@gmail.com

ଏସବୁ ତତ୍ତ୍ୱର କଥା। କିନ୍ତୁ ତତ୍ତ୍ୱ ହିଁ ଅନେକ ସମୟରେ ବାସ୍ତବତାର ରୂପ ନିଏ। ଯାହା ଏବେ ଘଟୁଛି। ଦେଶ-କାଳ-ପାତ୍ର ପରିପ୍ରେକ୍ଷୀରେ ଏହି କଥା ଚିନ୍ତା କରୁ କରୁ ଏସବୁ କଥା ମୁଣ୍ଡ ଭିତରକୁ ଆପେ ଆପେ ଟାଣି ହୋଇଆସୁଛି। ଏହାର ଅନ୍ୟ ଅର୍ଥ ହେଉଛି ସଭ୍ୟତା ଓ ନିର୍ବୋଧତା ବା ବର୍ବରତା ଯେପରି ଚୂଡ଼ାନ୍ତ ଅବସ୍ଥାର ପାଖାପାଖି ହୋଇପଡ଼ିଛନ୍ତି। ଏହି ସମୟକୁ ଆମେ ଯେ ଜାଣିନାହୁଁ ତା' ମଧ୍ୟ ନୁହେଁ। କାରଣ ଐତିହାସିକ ଅଭିଜ୍ଞତା ଅନେକ ସମୟରେ ମଣିଷକୁ ଭବିଷ୍ୟତ କଥା ଜଣାଇଦିଏ। ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ଶାସନ ତନ୍ତ୍ର ଯେତେବେଳେ ଲୋକମତ ପ୍ରତି ବୃଦ୍ଧାଙ୍ଗୁଷ୍ଠି ପ୍ରଦର୍ଶନ କରେ, ସେତେବେଳେ ସାଧାରଣ ଲୋକଙ୍କର ଶାସନ ଉପରୁ ଆସ୍ଥା ତୁଟିଗଲେ ପୁଣି ଥରେ ସେହି ଆସ୍ଥା ଫେରାଇ ଆଣିବା କିମ୍ବା ଫେରି ପାଇବା ଶାସକମାନଙ୍କ ପକ୍ଷରେ କଷ୍ଟସାଧ୍ୟ ହୋଇପଡ଼େ। ଏହି ସତ୍ୟକୁ ଉପଲବ୍ଧି କରୁନଥିବା ବ୍ୟକ୍ତି, ଶାସକ ବା ଶାସକମାନେ ଜନଚେତନାରୁ ନିର୍ବାପିତ ହୋଇଯାନ୍ତି।

ଏଥର ମୂଳ ପ୍ରସଙ୍ଗକୁ ଯିବା। କହୁ କହୁ କଥା ନଅସରେ ଏଣୁ ତେଣୁ କହି ଦେଇଗଲୁ। ଏବେ ରାଜ୍ୟସଭା ତତ୍ତ୍ୱକଥାକୁ ବିଚାର କରାଯାଉ। ଏଥର ଦିଲ୍ଲୀ ପାର୍ଲାମେଣ୍ଟ ଭବନରେ ଅପର ହାଉସ୍ ବା ରାଜ୍ୟସଭାରେ ବିଜୁବାବୁଙ୍କ ଜୟ ଜୟକାର। ଆମେ ଠିକ୍ ଯାଞ୍ଚ କରି ଦେଖି ନଥିଲେ ମଧ୍ୟ ଆମର ଦୃଢ଼ ବିଶ୍ୱାସ ଏକମାତ୍ର ରାଜ୍ୟ ଓଡ଼ିଶା ଯେଉଁଠାରୁ ଜଣେହେଲେ କଂଗ୍ରେସ ସଦସ୍ୟ ରାଜ୍ୟସଭାରେ ନାହାନ୍ତି। ଦଶ ଜଣରୁ ନଅଜଣ ଜନତାଦଳର। ଅନ୍ୟ ଜଣକ ଅରିଜିନାଲ ଜନତାର କିନ୍ତୁ ଚନ୍ଦ୍ରଶେଖର ଜନତାଦଳର ବାଡ଼ ଡେଇଁ ନୂଆ ସମାଜବାଦୀ ପାର୍ଟି ଗଢ଼ିବା ପରେ କଳାହାଣ୍ଡିର ବସନ୍ତ ଦାସ ବିଜୁବାବୁଙ୍କୁ କନିଷ୍ଠାଙ୍ଗୁଳି ଦେଖାଇ ଝଟାପଟ୍ ଭକ୍ତଚରଣଙ୍କ ସାଙ୍ଗରେ ବାଡ଼ ଭାଙ୍ଗି ଚନ୍ଦ୍ରଶେଖରଙ୍କ ପାଖରେ ପହଞ୍ଚିଗଲେ। ମାତ୍ର ତା' ପରେ ପରେ ବିଜୁବାବୁ ବାଡ଼ବୁଜି ଦେଇଛନ୍ତି। ତେଣୁ 'ଏବେ ବିଜୁବାବୁଙ୍କ ଖୁଆଡ଼ରେ ପୂରା ନଅଜଣଙ୍କ ଅବସ୍ଥିତି। ତେବେ ଏଠି ପ୍ରଶ୍ନ ଉଠୁଛି କଳାହାଣ୍ଡିର ବସନ୍ତ ଦାସ ହୁଅନ୍ତୁ କି ଅନ୍ୟ ନଅଜଣ ହୁଅନ୍ତୁ, ବିଜୁବାବୁ କି ବିଚାରରେ ଏହି ବ୍ୟକ୍ତିମାନଙ୍କୁ ତାଙ୍କୁ, ତାଙ୍କ ଦଳକୁ ଏବଂ ସର୍ବୋପରି ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ପଠାଇଲେ ?

ଏବେ ଯେଉଁମାନେ ରାଜ୍ୟସଭାରେ ସଦସ୍ୟ ଅଛନ୍ତି, ସେମାନଙ୍କ ନାମ ଶୁଣନ୍ତୁ। ସେମାନେ ହେଲେ ସର୍ବଶ୍ରୀ ଏସ.ଆର. ବୋମାଇ, ପ୍ରଭାତ ସାମନ୍ତରାୟ, ବସନ୍ତ ଦାସ, ଶାରଦା ମହାନ୍ତି, ନରେନ୍ଦ୍ର ପ୍ରଧାନ, ଇଲାପଣ୍ଡା ଓ ମିରା ଦାସ। ଯେଉଁ ତିନିଜଣ ଏବେ ଫେବୃଆରୀ ମାସରେ ଯିବେ, ସେମାନେ ହେଲେ ସର୍ବଶ୍ରୀ

Digitized by srujanika@gmail.com

ରାସବିହାରୀ ବାରିକ, ସନାତନ ବିଶି ଓ ଭଗବାନ ମାଝି। ଏହି ଯେଉଁ ଦଶଜଣ ସଦସ୍ୟଙ୍କ ନାମ ଆମେ ଦେଲୁ, ସମସ୍ତେ ବିଜୁବାବୁଙ୍କ ପ୍ରତିନିଧି। ଏମାନଙ୍କୁ ବ୍ୟାପକ ଅର୍ଥରେ କିନ୍ତୁ ଓଡ଼ିଶାର ପ୍ରତିନିଧି କୁହାଯିବ। କାରଣ ରାଜ୍ୟସଭାରେ ଏମାନେ ଓଡ଼ିଶା ପ୍ରତିନିଧି।

ବିଜୁବାବୁ ଓଡ଼ିଶାରେ ଶାସନ କ୍ଷମତା ଗ୍ରହଣ କରିବା ପରେ ଓଡ଼ିଶାବାସୀ ଅନେକ କିଛି ଆଶା କରୁଥିଲେ ତାଙ୍କଠାରୁ। ବିଜୁବାବୁ ଆକୃତିରେ ଯେପରି ଲମ୍ବା- ଚଉଡ଼ା, ତାଙ୍କର କଥାବାର୍ତ୍ତା ମଧ୍ୟ ସେପରି ଲମ୍ବା ଚଉଡ଼ା। କିନ୍ତୁ କାମ କ'ଣ କଲେ? ଯେଉଁମାନଙ୍କୁ ସେ ରାଜ୍ୟସଭାକୁ ପଠାଇଛନ୍ତି, ଓଡ଼ିଶାର ଏବଂ ତାଙ୍କର କି ଭାବମୂର୍ତ୍ତି ସେମାନେ ଧରି ରଖିଛନ୍ତି। ଆମର ତ କିଛି ନାହିଁ। ପୂର୍ବସୂରୀମାନଙ୍କର କୀର୍ତ୍ତିରାଜିକୁ ନେଇ ଆମେ ଗର୍ବ କରୁ। ଆମର କୋଣାର୍କ ମନ୍ଦିର, ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ହାତୀଗୁମ୍ଫା ଆଦି ଭାସ୍କର୍ଯ୍ୟ ସାହିତ୍ୟ, ନୃତ୍ୟ ସଂଗୀତ ଓ ଚାରୁକଳାକୁ ନେଇ ଆମେ ପରିଚିତ ହେଉ। ବିଜୁବାବୁ ନିଜକୁ ଓଡ଼ିଆ ବୋଲି କହି ବାହାରେ ଯେଉଁ ପତିଆରା ଦେଖାନ୍ତି, ତାକୁ ରକ୍ଷା କରିବା ପାଇଁ ଓଡ଼ିଶାକୁ ଭାରତବର୍ଷରେ ମୁଣ୍ଡ ଟେକି ଠିଆ କରାଇବା ପାଇଁ ଯେଉଁ ଲୋକଙ୍କ ଆବଶ୍ୟକ, ସେମାନେ କ'ଣ ଏଇମାନେ?

ଓଡ଼ିଶାରେ ଜନତାଦଳ କହିଲେ ବିଜୁବାବୁ, ରାଜ୍ୟସଭା ହେଉ, ଲୋକସଭା ହେଉ ବା ବିଧାନସଭା ହେଉ ସବୁ କ୍ଷେତ୍ରରେ ପ୍ରାର୍ଥୀ ମନୋନୟନରେ ବିଜୁବାବୁଙ୍କ କଥା ହିଁ ଶେଷ କଥା। କିନ୍ତୁ ବିଧାନସଭା- ଲୋକସଭା ପ୍ରାର୍ଥୀ ମନୋନୟନ ଏବଂ ରାଜ୍ୟସଭା ପ୍ରାର୍ଥୀ ମନୋନୟନ ଏକାକଥା ନୁହେଁ। ଉପରେ ରାଜ୍ୟସଭାର ଯେଉଁ ଚରିତ୍ର ଦେଲୁ, ତା'ର ପ୍ରାର୍ଥୀ କିପରି ହେବା ଉଚିତ, ଉଣାଅଧିକେ ପାଠକେ ଅନୁମାନ କରିପାରୁଥିବେ। ସେଇ ପରିପ୍ରେକ୍ଷୀରେ ଓଡ଼ିଶାରୁ ଯେଉଁମାନେ ରାଜ୍ୟସଭାକୁ ଯାଉଛନ୍ତି, ସେମାନଙ୍କ ନିଜ ଦାୟିତ୍ୱ କିପରି ଭାବେ ସମ୍ପାଦନ କରୁଛନ୍ତି, ତା'ର ମୂଲ୍ୟାୟନ କରିବ କିଏ?

ଏଇଠି ଆମେ ବିଜୁବାବୁଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ପଶ୍ଚିମବଙ୍ଗ ବିଧାନସଭାର ପ୍ରତିନିଧି ହୋଇ ଯାଇଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ। ଗତ ଛ' ମାସ ତଳେ ରାଜ୍ୟସଭାର ତିନୋଟି ସ୍ଥାନ ପାଇଁ ଯେଉଁମାନେ ନିର୍ବାଚିତ ହେଲେ, ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତର ଆନ୍ତର୍ଜାତିକ ଖ୍ୟାତିପ୍ରାପ୍ତ ଅର୍ଥନୀତିଜ୍ଞ ଡଃ ଅଶୋକ ମିତ୍ର, ବିଖ୍ୟାତ ପ୍ରଫେସର ବିପ୍ଳବ ଦାଶଗୁପ୍ତ ଓ ନୀଳୋତ୍ପଳ ବସୁ, ପ୍ରଖ୍ୟାତ ରାଜନୀତିଜ୍ଞ ତଥା କେନ୍ଦ୍ରର ଅଭିଜ୍ଞ ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଏବଂ ବିଶିଷ୍ଟ ପାର୍ଲାମେଣ୍ଟାରିୟାନ୍ ଗୁରୁଦାସ ଦାସଗୁପ୍ତ ଓ ନିର୍ମଳ ବସୁ। ଆଇନାରେ ନିଜ

Digitized by srujanika@gmail.com

ମୁହଁ ନିଜକୁ ସୁନ୍ଦର ଦେଖାଯାଏ; ମାତ୍ର ତାହା ଶେଷ କଥା ନୁହେଁ। ବିଜୁବାବୁ ଆଜି ଜୀବନର ଶେଷସୀମାରେ ପହଞ୍ଚିଲେଣି। ପୁନର୍ଜନ୍ମରେ ତାଙ୍କର ବିଶ୍ୱାସ ଅଛି କି ନାହିଁ ଆମେ ଜାଣୁନା। କିନ୍ତୁ ତାଙ୍କୁ ଓଡ଼ିଶା ମନେରଖୁ, ତାଙ୍କୁ ନେଇ ଓଡ଼ିଶା ଗର୍ବ କରୁ, ଏହା ସେ ନିଶ୍ଚୟ ଚାହୁଁଥିବେ। ଜୀବନର ବହୁବିଧ ବର୍ଣ୍ଣାଢ୍ୟ ସୋପାନ ଦେଇ ସେ ଏପର୍ଯ୍ୟନ୍ତ ଆସିଛନ୍ତି। ଆଜି ମଧ୍ୟ ତାଙ୍କ ଜୀବନରେ ସେ ରଙ୍ଗ ଲିଭି ନାହିଁ। ଏବେ ମଧ୍ୟ ସେ ରଙ୍ଗ ଖେଳରେ ମତୁଆଲା। କିନ୍ତୁ ରୋମ୍ ଜଳୁଥିବାବେଳେ 'ନିରୋ' ବେହେଲା ବଜାଇବାର ଯେଉଁ ପ୍ରବାଦ ରହିଛି, ସେ ପ୍ରବାଦର ନାୟକ ଆଧୁନିକ ଯୁଗରେ ବିଜୁବାବୁ ହୁଅନ୍ତୁ, ତାହା ଅନ୍ତତଃ କୌଣସି ଓଡ଼ିଆ ଚାହେଁନାହିଁ। ତେଣୁ ଦିଲ୍ଲୀରେ ଓଡ଼ିଆଙ୍କୁ ନେଇ ବାନ୍ଦର ନାଚ କରି ଆମର ସମସ୍ତ ପ୍ରଜ୍ଞା, ବିଦ୍ୟା ଓ ଜାତୀୟତାବୋଧକୁ ଛିନ୍ନବିଚ୍ଛିନ୍ନ କରିଦେଇ ବିଜୁବାବୁ କି ଯଶ ଲାଭ କରିବେ, ତାହା ତାଙ୍କୁ ହିଁ ଜଣା।

ଦଳୀୟ ଭିତ୍ତିରେ ରାଜ୍ୟସଭାକୁ ପ୍ରାର୍ଥୀ ମନୋନୟନ ଆଜି ନୂଆକଥା ନୁହେଁ। କିନ୍ତୁ ତା'ର ଅର୍ଥ କ'ଣ ଯାହାକୁ ମନ ତାକୁ ପଠାଇବା ? କୁହାଯାଏ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଦିନ ଦିନ ଅପେକ୍ଷା କରିବାକୁ ପଡ଼େ। କେବଳ ଦୁଇଜଣ ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟତିକ୍ରମ। ଜଣେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ଆଉ ଜଣକ ଆମ ପଡ଼ୋଶୀ ରାଜ୍ୟର ଶ୍ରୀ ଜ୍ୟୋତି ବସୁ। ଏ ସମ୍ପର୍କରେ ଏକ ଉଦାହରଣ ଦେବାକୁ ଆମେ ଉଚିତ ମନେକରୁଛୁ। ନିକଟରେ ବିଜୁବାବୁ ଓଡ଼ିଶାର ୯୪-୯୫ ମସିହା ଯୋଜନା ବ୍ୟୟ ଅଟକଳ ଆଲୋଚନା ପାଇଁ ଦିଲ୍ଲୀରେ ଥିବାବେଳେ ଦିନେ ଅପରାହ୍ଣ ପାଞ୍ଚଟାରୁ ଛ'ଟା ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ସହ କେତେବେଳେ ସାକ୍ଷାତ କରିହେବ ବୋଲି ଜାଣିବା ପାଇଁ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଚାରି ବୁଝିବା ପାଇଁ ନିର୍ଦ୍ଦେଶ ଦେଲେ। ଟେଲିଫୋନ୍ କରି ପ୍ରଧାନମନ୍ତ୍ରୀଙ୍କ ଅଫିସ୍‌କୁ ପଚାରିବାରେ ଜବାବ୍ ଆସିଲା ପ୍ରଧାନମନ୍ତ୍ରୀ ବର୍ତ୍ତମାନ ଶୋଇଛନ୍ତି। ତେବେ ପାଞ୍ଚଟାରୁ ଛ'ଟା ମଧ୍ୟରେ ତାଙ୍କର ଅନ୍ୟ କାର୍ଯ୍ୟକ୍ରମ ରହିଛି। ତେଣୁ ଆସନ୍ତା କାଲି ଯେକୌଣସି ସମୟରେ ସାକ୍ଷାତ ବ୍ୟବସ୍ଥା କରିହେବ। ମାତ୍ର ବିଜୁବାବୁ ତହିଁ ପରଦିନ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ଥିବାରୁ ସେଥିରେ ମନଦେଲେ ନାହିଁ। ମାତ୍ର ଠିକ୍ ସାଢ଼େ ଚାରିଟା ବେଳକୁ ପ୍ରଧାନମନ୍ତ୍ରୀଙ୍କ ଘରୁ ଖବର ଆସିଲା ପ୍ରଧାନମନ୍ତ୍ରୀଙ୍କୁ ଦେଖାକରିବା ପାଇଁ ବିଜୁବାବୁ ଯେତେବେଳେ ଚାହିଁବେ ଆସିପାରିବେ॥

ଆଉ ଏକ ଘଟଣା ଯାହା ଆମେ ଆମର ଦୁଇଜଣ ବିଶିଷ୍ଟ ସାମ୍ବାଦିକ ବନ୍ଧୁଙ୍କ ନିକଟରୁ ଶୁଣିଥିଲୁ। ଆମର ହୃଦ୍‌ବୋଧ ହୋଇଛି। ତେଣୁ ଉଲ୍ଲେଖ

Digitized by srujanika@gmail.com

କଲୁ। ଦିନେ ବିଜୁବାବୁ ଖୁସ୍ ମିଜାଜ୍‌ରେ ଥିବାବେଳେ ଏହି ସାମ୍ବାଦିକ ବନ୍ଧୁମାନେ ପହଞ୍ଚିଗଲେ। ଅନ୍ୟ କଥାବାର୍ତ୍ତାରେ ହଠାତ୍ ବିଜୁବାବୁ କହିଲେ ଜାନକୀର (ଜାନକୀବଲ୍ଲଭ ପଟ୍ଟନାୟକ) ପାର୍ଲାମେଣ୍ଟରେ ପରଫରମାନ୍‌ସ ଖୁବ ଭଲ। ହଠାତ୍ ଦୁଇ ସାମ୍ବାଦିକ ବନ୍ଧୁ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଚାହିଁବାରୁ ବିଜୁବାବୁ କହିଲେ "୧୯୮୦ରେ ଜାନକୀ ଟୁରିଜିମ୍ ଓ ସିଭିଲ୍ ଆଭିଏସନ ଏବଂ ଲେବର ମିନିଷ୍ଟ୍ରିର କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଥିବାବେଳେ ମୁଁ ଲୋକସଭା ସଭ୍ୟ ଥିଲି। ଏହି ବିଭାଗଗୁଡ଼ିକର ପ୍ରଶ୍ନ ଆସିବା ବେଳେ ଓ ଅତିରିକ୍ତ ପ୍ରଶ୍ନରେ ଜାନକୀର ରିପ୍ଲାଇ ସୋ ଫୋର୍ସଫୁଲ୍ ଆଜ ଆନ ଓଡ଼ିଆ, ଆଇ ଫିଲ୍ଟ ପ୍ରାଉଡ୍ ଅଫ୍ ହିମ୍।" ବିଜୁବାବୁ ବର୍ତ୍ତମାନ ଏହି ଘଟଣାକୁ ସ୍ୱୀକାର କରିବେ କି ନାହିଁ ଆମେ ଜାଣୁନା। ମାତ୍ର ଉପରେ ଯେଉଁ ଦୁଇଟି ଘଟଣାର ଉଲ୍ଲେଖ କଲୁ ତାର ଏକମାତ୍ର ଉଦ୍ଦେଶ୍ୟ ହେଲା ବିଜୁବାବୁଙ୍କ ଉଜ୍ଜ୍ୱଳ ଭାବମୂର୍ତ୍ତି ଏବଂ ଚାରିତ୍ରିକ ମହନୀୟତାକୁ ପ୍ରକାଶ କରିବା।

ଯେଉଁ ଲୋକ ଓଡ଼ିଆଙ୍କ ପାଇଁ ଗର୍ବବୋଧ କରେ, ଓଡ଼ିଶାର ଭାବମୂର୍ତ୍ତି ପାଇଁ ଅହଂକାର କରେ, ସେ ରାଜ୍ୟସଭାକୁ ସଭ୍ୟ ନିର୍ବାଚନରେ ଯୋଗ୍ୟ ଲୋକକୁ ପ୍ରାଧାନ୍ୟ ନଦେଇ ଅଞ୍ଚଳକୁ, ଜାତିକୁ, ସଂପ୍ରଦାୟକୁ କିପରି ପ୍ରାଧାନ୍ୟ ଦେଲେ? ବିଜୁବାବୁଙ୍କୁ ସମଗ୍ର ଦେଶରେ ବୁଦ୍ଧିଜୀବୀମାନେ ସ୍ୱାଗତ କରିଥିଲେ ଯେତେବେଳେ ଜାତିଭିତ୍ତିକ ମଣ୍ଡଳ ସୁପାରିଶକୁ ସେ ପ୍ରତ୍ୟାଖ୍ୟାନ କଲେ। ଅଥଚ ସେଇ ବିଜୁବାବୁ ଜାତି, ବର୍ଣ୍ଣ ଓ ସମ୍ପ୍ରଦାୟ ରାଜନୀତିକୁ ପ୍ରଶ୍ରୟ ଦେଇ ଓଡ଼ିଶାକୁ ପୁଣି ପଛକୁ ଟାଣିନେଲେ? ଏହାର ଅର୍ଥ ନୁହେଁ ଏସବୁ ସଂପ୍ରଦାୟର ଯୋଗ୍ୟ ଲୋକଙ୍କୁ ହତାଦର କରିବା। ଆମର ଏକମାତ୍ର ଯୁକ୍ତି ଯୋଗ୍ୟତାକୁ ମୂଳାଧାର କରି ରାଜ୍ୟସଭା ସଭ୍ୟ ନିର୍ବାଚନ ହୋଇଥିଲେ ଓଡ଼ିଶା ବାହାରେ ଓଡ଼ିଆଙ୍କ ଇଜ୍ଜତ ରହିଥାନ୍ତା।

ଆମେ ଏବେବି ବୁଝିପାରୁନୁ ବିରାଟ ଓ ବିଶାଳ ବ୍ୟକ୍ତିତ୍ୱ ବିଜୁବାବୁ ତାଙ୍କୁ ପ୍ରତିନିଧିତ୍ୱ କଲାଭଳି ତାଙ୍କ ଭଳି ସମାନସ୍କନ୍ଧ ବା ସାମାନ୍ୟ ନିମ୍ନସ୍କନ୍ଧର ବ୍ୟକ୍ତିତ୍ୱକୁ ନ ପଠାଇ କେତେଗୁଡ଼ିଏ ଲିଲିପୁଟ୍‌ଙ୍କୁ କାହିଁକି ପଠାଇଛନ୍ତି? ଏହାହିଁ କ'ଣ ଯଦୁବଂଶର ଶେଷ ପରିଣତିର ପ୍ରଥମ ଦୃଶ୍ୟ?

•

Digitized by srujanika@gmail.com

# ବିଜୁ ବିଜୟ ଓ ବିଦ୍ରୋହୀ ବିଧାୟକ ( ୧ )

ଅବଶେଷରେ ଜନତା ବିଧାୟକଦଳ ବୈଠକରେ ବାପ-ପୁଅ ନାଟକର ଚୂଡ଼ାନ୍ତ ଦୃଶ୍ୟ ଅଭିନୀତ ହୋଇ ବିଜୁ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ କୋଠରୀ ଭିତରର ପବନ ମୁଖରିତ ହେଲା। ଚତ୍ୱରେ ଚତ୍ୱରେ କୋଳାକୋଳି। ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଜନତାଦଳର ଅର୍ଦ୍ଧେକ ବିଧାୟକ ଯେଉଁଭଳି ବିଜୁ ବିରୋଧୀ ଅଭିଯାନ ଚଳାଇଲେ, ତାହା ଜନସାଧାରଣଙ୍କୁ ଯେତିକି ବିସ୍ମିତ କରିଥିଲା, ଅଧିକ ବିସ୍ମିତ ଓ ଆମୋଦିତ କରିଥିଲା ଭାରତୀୟ ରାଜନୀତିର ପରିଣତ ବୟସର ଦୁର୍ଦ୍ଧର୍ଷ ରାଜନୀତିଜ୍ଞ ବିଜୁ ପଟ୍ଟନାୟକଙ୍କୁ। ବିଜୁବାବୁ ସହଜରେ ସବୁକଥା ଭୁଲିଯାନ୍ତି ବୋଲି ଯେଉଁ ଧାରଣା ରହିଛି, ତାହା ବାସ୍ତବ କ୍ଷେତ୍ରରେ ଠିକ୍ ବିପରୀତ। ସେ ସବୁକଥା ଠିକ୍ ଠିକ୍ ମନେରଖନ୍ତି। ତେଣୁ ଦୀର୍ଘ ପଚାଶ ବର୍ଷ ଧରି ଅପରିସୀମ ସାଧନା ବଳରେ ସେ ଭାରତୀୟ ଜନମାନସରେ ନିଜର ଯେଉଁ ନିର୍ବିକଳ୍ପ ଭାବମୂର୍ତ୍ତି ପ୍ରତିଷ୍ଠା କରିଥିଲେ, ମାତ୍ର ପାଞ୍ଚଦିନର ନାଟକରେ ତାଙ୍କରି ଦ୍ୱାରା ସୃଷ୍ଟ କେତେଜଣ ବ୍ୟକ୍ତି ତାକୁ ଚୂରମାର କରିଦେବା ପାଇଁ ପଛାଇଲେ ନାହିଁ। ଅଥଚ ସେହି ବ୍ୟକ୍ତିମାନେ ପୁଣି ବାପ-ପୁଅ ନାଟକର ସାନି ଅଭିନୟ କରି ଭାବ ଅଭିନୟ କରି ଭାବମୂର୍ତ୍ତିର ବିଦୀର୍ଣ୍ଣ ଅଂଶରେ ପ୍ରଲେପ ବୋଳି ତାକୁ ନୂଆ ରୂପ ଦେବାପାଇଁ ଉଦ୍ୟମ କରିଛନ୍ତି।

କିନ୍ତୁ ପାଞ୍ଚଦିନର ନାଟକ ବିଜୁ ପଟ୍ଟନାୟକଙ୍କୁ ସମଗ୍ର ଦେଶର ସେହି ପୂର୍ବର ଅପ୍ରତିଦ୍ୱନ୍ଦ୍ୱୀ ନେତା ପଦରୁ ଖସାଇଦେଇ ତାଙ୍କ ସ୍ଥାନରେ ଲାଲୁ ଯାଦବଙ୍କୁ ଅଭିଷିକ୍ତ କରିଦେଲା। ଏହି ବିଦ୍ରୋହ ନାଟକର ଖବର ସମ୍ବାଦପତ୍ରରୁ ପଢ଼ି ଜନତାଦଳର କେନ୍ଦ୍ରୀୟ ନେତାମାନେ ବିଜୁବାବୁଙ୍କୁ ଆଉ ଦିଲ୍ଲୀ ନିର୍ବାଚନ ପ୍ରଚାରରେ ଅଂଶନେବାକୁ ଡାକିଲେ ନାହିଁ। ଡାକିଲେ ଲାଲୁ ଯାଦବଙ୍କୁ। ନଭେମ୍ବର ପାଞ୍ଚ ତାରିଖରେ ନାଟକର ବାପ-ପୁଅ ଦୃଶ୍ୟ ଅଭିନୟ ହେଉଥିବା ବେଳେ ୧୯୯୨ ମସିହାର ଲୋକସଭା ନିର୍ବାଚନର ସେଇ ଦୃଶ୍ୟ ଆଖିରେ ନାଚିଗଲା। ପ୍ରୋଡ଼ିଗାଲ୍

Digitized by srujanika@gmail.com

ସନ୍ ଶ୍ରୀକାନ୍ତ ଜେନା ଜଗତପୁର ସାଧାରଣ ସଭାରେ ସେଇ ବାପ-ପୁଅ ଦୃଶ୍ୟ ଅଭିନୟ କଲେ। ବିଜୁବାବୁ ଅଧିକ ସମୟ କଠୋର ହୋଇ ରହିପାରିଲେ ନାହିଁ। ପୁଅକୁ କ୍ଷମାଦେଲେ। କିନ୍ତୁ ତା'ପରେ ହେଲା କ'ଣ ? ପ୍ରୋଡ଼ିଗାଲ୍ ସନ୍ ସେଇଭଳି ପ୍ରୋଡ଼ିଗାଲ୍ ହୋଇ ରହିଲା। କେବଳ ନିଜର ବିଜୟକୁ ନିଶ୍ଚିତ କରିବା ପାଇଁ ନାଟକ କରିଗଲା।

ତେଣୁ ନଭେମ୍ବର ପାଞ୍ଚ ତାରିଖରେ ମଞ୍ଚସ୍ଥ ପ୍ରୋଡ଼ିଗାଲ୍ ସନ୍ ନାଟକର ଯେଉଁ ଦୃଶ୍ୟ ଅଭିନୀତ ହେଲା, ତାହା ଜଗତ୍‌ପୁର ଠାରୁ ଅଭିନୀତ ନାଟକର ପୁନରାବୃତ୍ତି ମାତ୍ର କହିଲେ ଅତିଶୟୋକ୍ତି ହେବନାହିଁ। ତେବେ କଥା ହେଉଛି ଏ ନାଟକର ସୂତ୍ରଧର କିଏ ? ଯେଉଁ ପାତ୍ରପାତ୍ରୀମାନେ ଏ ନାଟକର ମୁଖ୍ୟ ଚରିତ୍ରଗୁଡ଼ିକରେ ଅଭିନୟ କଲେ, ସେମାନଙ୍କୁ ଯଦି ସୂତ୍ର ରୂପେ ଧରାଯାଏ ତେବେ ସୂତ୍ରଧରଙ୍କୁ ଖୋଜିବାରେ ଅସୁବିଧା ହେବନାହିଁ।

ରାଜନୀତିର ଗତି ଅତି ବିଚିତ୍ର। ଅଦ୍ଭୁତ ଏହାର ଚରିତ୍ର। ଯାହାକୁ ଗତକାଲି ଆମେ ଦେଖିଥିଲେ, ଆଜି ତାହା ସମ୍ପୂର୍ଣ୍ଣ ବଦଳି ଯାଇପାରେ। ଏହି ଯେପରି ବିଧାନସଭା ଦୁଆରମୁହଁରୁ ଏମ୍.ଏଲ.ଏ. ମାନଙ୍କୁ ଡାକି ବିଜୁବିରୋଧୀ ବୈଠକକୁ ଟାଣିନେଲେ ଉପମୁଖ୍ୟ ସଚେତକ ପ୍ରଦୀପ ମହାରଥୀ। ପଇଁଚାଳିଶ ଜଣ ଜନତାଦଳ ବିଧାୟକ ଟାଣି ହୋଇଗଲେ ରୁଦ୍ରମାଧବ ରାୟ, ବିବେକ ମେହେର, ଉମେଶ ସ୍ୱାଇଁ, ଅମର ଶତପଥୀ ଓ ଅରୁଣ ପଟ୍ଟନାୟକଙ୍କ ଡାକରେ। ସମସ୍ତେ ବସିଥିଲେ ରୋହିଦାସ ସୋରେନ୍‌ଙ୍କ ବାସଭବନରେ। ତାହାହିଁ ନାଟକର ପ୍ରଥମ ଦୃଶ୍ୟ। ଏହି ବୈଠକରେ ବିଜୁ ଶାସନ ପ୍ରଣାଳୀର ତୀବ୍ର ସମାଲୋଚନା କରାଗଲା। ବିଭିନ୍ନ ଖବରକାଗଜରେ କିଛି ଏମ୍.ଏଲ.ଏ. ଏହି ବୈଠକରେ ଉଚ୍ଚାରଣ କରିଥିବା ସଂଳାପ ମଧ୍ୟ ପ୍ରକାଶ ପାଇଛି। ଯେଉଁଥିରେ ବିଜୁ ପଟ୍ଟନାୟକଙ୍କୁ ନେତୃତ୍ୱ ପଦବୀରୁ ହଟାଇ ଦେବାପାଇଁ ମଧ୍ୟ ଦାବି ହୋଇଛି। ଏହି ସଂବାଦ ଓ ସଂଳାପକୁ ସଂପୃକ୍ତ ଏମ୍.ଏଲ.ଏ. ପ୍ରତିବାଦ କରିନଥିବାରୁ ତାହା ସତ୍ୟ ବୋଲି ଧରିନେବାକୁ ହେବ। କିନ୍ତୁ ଠିକ୍ ପାଞ୍ଚଦିନ ପରେ ଏହି ଏମ୍.ଏଲ.ଏ.ମାନେ ବିଜୁ ପଟ୍ଟନାୟକଙ୍କ ଜୟଧ୍ୱନିରେ କୋଠରୀ ଓ ବାରଣ୍ଡାର ପବନକୁ ମୁଖରିତ କଲେ। ଏଇଥାକୁ ଜନତା ଏମ୍.ଏଲ.ଏ.ମାନେ ସମ୍ଭବତଃ ପଲିଟିକ୍‌ସ କୁହନ୍ତି। କିନ୍ତୁ ଜନତା ଏମ୍.ଏଲ.ଏ.ମାନଙ୍କ ପଲିଟିକ୍‌ସ ରାଜନୀତିର ସୀମା ଛୁଇଁନାହିଁ। କାରଣ ଏବେ ଇଂରାଜୀ ଭାଷାର ପଲିଟିକ୍‌ସର ଅର୍ଥ ଓଡ଼ିଆରେ ଆଉ ରାଜନୀତି ନୁହେଁ।

Digitized by srujanika@gmail.com

ଜନତାଦଳର ସର୍ବଭାରତୀୟ ନେତାମାନେ ଏବେ ସମସ୍ତେ ଦିଲ୍ଲୀରେ। ଓଡ଼ିଶାରେ ଏହି ବିଧାୟକ ବିଦ୍ରୋହ ବିଜୁ ପଟ୍ଟନାୟକଙ୍କ ସର୍ବଭାରତୀୟ ଭାବମୂର୍ତ୍ତିକୁ ପ୍ରଥମେ ନଷ୍ଟ କରିଦେବାରେ ସାହାଯ୍ୟ କଲା। ବିଜୁବାବୁଙ୍କ ରାଗ ମଧ୍ୟ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ସେଇଥିପାଇଁ। କିନ୍ତୁ ଏଥିପାଇଁ ସାମ୍ବାଦିକ ବା ସମ୍ବାଦପତ୍ରକୁ ଦାୟୀ କରି ଲାଭ ନାହିଁ। ବିଜୁବାବୁ ମଧ୍ୟ ସେକଥା ଠିକ୍ ଜାଣିଛନ୍ତି। ସେହି ବୈଠକରେ ସେ ତା'ର ସୂଚନା ମଧ୍ୟ ଦେଇଛନ୍ତି। ଏହି ବୈଠକ ପରେ ଯେଉଁ ଏମ୍.ଏଲ.ଏ. ଭୁଲ୍ ବୁଝି କେତେକ ବନ୍ଧୁଙ୍କ ପ୍ରରୋଚନାରେ ଭିନ୍ନ କୋଠରୀରେ ଅଂଶୀଦାର ବନିଥିଲେ, ସେମାନେ ଆଉ ସେ କୋଠରୀକୁ ଯିବେନାହିଁ। କାରଣ ସେମାନେ ଠିକ୍ ଜାଣିଛନ୍ତି ବିଜୁବାବୁ ଜନତାଦଳ ଆଉ ଜନତାଦଳ ହିଁ ବିଜୁବାବୁ। ଏ ବିଷୟ କେତେକ ଏମ.ଏଲ.ଏ. ଏହି ସାମ୍ବାଦିକଙ୍କୁ ମଧ୍ୟ କହିଛନ୍ତି। ସେମାନେ ସ୍ୱୀକାର କରିଛନ୍ତି ଯେ, କେତେକଙ୍କ ସ୍ୱାର୍ଥ ପାଇଁ ସେମାନଙ୍କୁ ବିଜୁବାବୁଙ୍କ ବିରୋଧରେ ବ୍ୟବହାର କରାଗଲା।

ଏବେ ଆସନ୍ତୁ ମୂଳ ପ୍ରସଙ୍ଗକୁ ଯିବା। ଏମ୍.ଏଲ.ଏ.ମାନେ ଯେଉଁ ଦାବି ନେଇ ବିଦ୍ରୋହ କଲେ, ତାହା ବାସ୍ତବରେ ମୋ ଭଳି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବର୍ତ୍ତମାନ ଓଡ଼ିଶାରେ ଏମ୍.ଏଲ.ଏ.ମାନଙ୍କୁ ଯେତେ କ୍ଷମତା ଏ ସରକାର ଦେଇଛନ୍ତି, ଯେତେ ସୁବିଧା କରି ଦେଇଛନ୍ତି, ତାହା ଅତୀତରେ କେବେ ହୋଇଥିଲା ବୋଲି ଆମର ମନେହୁଏନାହିଁ। ଥରେ ଭୋଟ ପାଇ ଏମ୍.ଏଲ.ଏ. ହେଲେ ସେ କ'ଣ କରନ୍ତି ସେ ବିଷୟରେ କେହି କିଛି ବୁଝନ୍ତି ନାହିଁ। ଦଳର ରାଜ୍ୟସ୍ତରୀୟ ନେତା ବା ମୁଖ୍ୟମନ୍ତ୍ରୀ ବା ଜିଲ୍ଲା ସଭାପତି କେହି କିଛି ବୁଝନ୍ତି ନାହିଁ। ଏପରିକି ପାଞ୍ଚବର୍ଷ ପାଇଁ ବାହାରେ ରହିଲେ ବି ପରୱା ନାହିଁ। ଲୋକଙ୍କୁ ଏମାନେ ଯେଉଁ ପ୍ରତିଶ୍ରୁତି ଦେଇ ଆସିଥିଲେ, ତାହା ଅଧିକାଂଶ କ୍ଷେତ୍ରରେ ସେହି ପ୍ରତିଶ୍ରୁତିରେ ସୀମାବଦ୍ଧ ହୋଇ ରହିଯାଏ। କିନ୍ତୁ ତା'ର ଅର୍ଥ ନୁହେଁ ଯେ, ଏମ.ଏଲ.ଏ. ଅସୁବିଧାରେ ଥାନ୍ତି। କାମ ପାଇଁ ଅନେକଙ୍କର ଯେତିକି ଦରଦ ନାହିଁ, ବି.ଡି.ଓ., ତହସିଲଦାର, ଥାନା ଅଫିସରଙ୍କ ବଦଳିରେ ତା'ଠାରୁ ବେଶୀ ଆଗ୍ରହ ଥାଏ। ଗତ ସାଢ଼େ ତିନିବର୍ଷ ମଧ୍ୟରେ ବହୁ ଅଞ୍ଚଳରେ ଏହି ଧରଣର ଅଫିସରମାନେ ତିନି/ଚାରିଥର ଲେଖାଏଁ ଏବଂ ସ୍ଥଳବିଶେଷରେ ପାଞ୍ଚ/ଛ'ଥର ଲେଖାଏଁ ବଦଳି ହୋଇଛନ୍ତି। ଆଉ ରହିଲା ଅର୍ଥ ଓ କ୍ଷମତା।

ପଶ୍ଚିମ ଓଡ଼ିଶାର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଏବଂ ତାଙ୍କ ନିକଟରେ

Digitized by srujanika@gmail.com

ବସିଥିବା ଦୁଇଜଣ ବିଧାୟକ ଏଇ ସାମ୍ବାଦିକ ସହ ଆଲୋଚନା କାଳରେ ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କୁ ମୁକ୍ତକଣ୍ଠରେ ପ୍ରଶଂସା କଲେ। ସେମାନେ କହିଲେ ରାମକୃଷ୍ଣ ବାବୁ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ଥିବାବେଳେ ପ୍ରତି ବିଧାୟକଙ୍କ ଦାୟିତ୍ୱରେ ଯେଉଁ ପନ୍ଦର ଲକ୍ଷ ଟଙ୍କା ଖର୍ଚ୍ଚ ହେବା ବ୍ୟବସ୍ଥା ରଖିଗଲେ, ତାହା ଆମକୁ ରକ୍ଷା କରିଦେଇଛି। ତା' ନହୋଇଥିଲେ ବହୁ ଅଞ୍ଚଳରେ ରାସ୍ତାରେ ମାଟି ମୁଠାଏ ମଧ୍ୟ ପଡ଼ି ନଥାନ୍ତା। ସେମାନେ ସିଧାସଳଖ ଉପକୂଳବର୍ତ୍ତୀ ଅଞ୍ଚଳ ବିଶେଷକରି ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲାର କେତେକ ମନ୍ତ୍ରୀ ଓ ବିଧାୟକଙ୍କ କଥା ଉଲ୍ଲେଖ କରି କହିଲେ ଯେ, କଂଗ୍ରେସ ଶାସନରେ ତିର୍ତ୍ତୋଲକୁ ଯେପରି ରାଜସ୍ୱର ମୁଖ୍ୟ ଅଂଶ ବୋହିହୋଇଗଲା, ଏବେ ଏସବୁ ଅଞ୍ଚଳକୁ ସେହିଭଳି ସବୁ ଟଙ୍କା ଯାଉଛି। କେବଳ ଏହି ପନ୍ଦର ଲକ୍ଷ ଟଙ୍କା ଆମ ଭଳି ପଛୁଆ ଅଞ୍ଚଳଗୁଡ଼ିକୁ ରକ୍ଷା କରିଦେଇଛି। ଅନ୍ତତଃ ଆମେ ଆମ ଅଞ୍ଚଳରେ ମୁହଁ ଦେଖାଇ ପାରୁଛୁ।

ଜନତା ବିଧାୟକ ଦଳ ବୈଠକରେ ସଭାପତି ଶ୍ରୀ ଅଶୋକ ଦାସଙ୍କ ଉକ୍ତି କିନ୍ତୁ ପ୍ରଣିଧାନଯୋଗ୍ୟ। ଶ୍ରୀ ଦାସ ଯଥାର୍ଥରେ କହିଛନ୍ତି ଏମ୍.ଏଲ.ଏ.ମାନେ ଛାତିରେ ହାତ ରଖି କୁହନ୍ତୁ ଏ ଟଙ୍କା ଠିକ୍ ଭାବେ ଖର୍ଚ୍ଚ ହେଉଛି? ବହୁ ଏମ.ଏଲ.ଏ. ତାଙ୍କୁ କୁହାଇଦେଲେ ନାହିଁ। ଚିତ୍କାର କରି ତାଙ୍କୁ ବସାଇଦେଲେ। କିନ୍ତୁ ଶ୍ରୀ ଦାସଙ୍କ ବକ୍ତବ୍ୟ କ'ଣ ଭୁଲ? ଏମ.ଏଲ.ଏ.ମାନେ ଅଧିକ କ୍ଷମତା ଓ ସୁବିଧା ପାଇଁ ଏ ବିଦ୍ରୋହ କରିଥିଲେ। କୋଟିଏ ଟଙ୍କା ଖର୍ଚ୍ଚ କରିବାର ଦାୟିତ୍ୱ ସେମାନଙ୍କୁ ଦେବା ପାଇଁ ଓ ସେମାନଙ୍କ ନିର୍ବାଚନମଣ୍ଡଳୀରେ ବଦଳି-ନିଯୁକ୍ତି ସେମାନଙ୍କ କଥା ଅନୁସାରେ କରିବା ପାଇଁ ସେମାନଙ୍କର ଦାବି। କିନ୍ତୁ ଓଡ଼ିଶାର କେତେ ଏମ.ଏଲ.ଏ. ନିଜ ନିର୍ବାଚନମଣ୍ଡଳୀ ପାଇଁ କୋଟିଏ ଟଙ୍କା ଖର୍ଚ୍ଚ କରିବାର ଯୋଜନା କରିପାରିବେ? ସେମାନଙ୍କ ହାତରେ କି ମେସିନାରି ଅଛି? ପୁନଶ୍ଚ ବଦଳି-ନିଯୁକ୍ତି ଅଧିକାର ଦେଲେ ଯେଉଁ ଅବସ୍ଥା ସୃଷ୍ଟି ହେବ, ତାହା ସମଗ୍ର ରାଜ୍ୟ ଶାସନକୁ ଅଚଳ କରିଦେବ। ପ୍ରଶାସନରେ ଜନପ୍ରତିନିଧିଙ୍କ ଭୂମିକା ସଂପର୍କରେ ଏବେ ନୂଆ ବିତର୍କ ସୃଷ୍ଟି କରିବା ଆବଶ୍ୟକ। ଏହି ବିତର୍କ ହିଁ ଏମାନଙ୍କ ଯୋଗ୍ୟତା ସମ୍ପର୍କରେ ଯଥାର୍ଥ ଆଲୋକ ପ୍ରଦାନ କରିବ।

Digitized by srujanika@gmail.com

ଥରେ ଏମ୍.ଏଲ.ଏ. ହେବାପରେ ଅନେକଙ୍କର ଲାଇଫ ଷ୍ଟାଇଲ୍ ବଦଳି ଯାଉଛି। ମନ୍ତ୍ରୀ ହେଲେ ତ କଥା ନାହିଁ। ଯିଏ ପୂର୍ବରୁ ବିଡ଼ି ପିଇବାକୁ ପଇସା ପାଉନଥିଲା, ସେ ଏମ.ଏଲ.ଏ. ବା ମନ୍ତ୍ରୀ ହେବାପରେ ପୃଥିବୀର କଷ୍ଟଲିଏଷ୍ଟ ସିଗାରେଟ୍ ଓ ମଦ ପିଅନ୍ତି। ଏହା ଅବଶ୍ୟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ଏବେବି କେତେକ ମନ୍ତ୍ରୀ ଓ ଏମ.ଏଲ.ଏ. ଅଛନ୍ତି ଯେଉଁମାନେ ଏ ଧରଣର ନିଶାରେ ଅଭ୍ୟସ୍ତ ନୁହନ୍ତି କିମ୍ବା ତା'ର ପାଖ ମାଡ଼ନ୍ତି ନାହିଁ। ଯେଉଁମାନେ ସାଇକେଲରେ ଯିବାରେ ବା ଖୁବ୍ ବେଶୀ ହେଲେ ରିକ୍ସାରେ ଯିବା ଅଭ୍ୟାସ ଥିଲା, ସେମାନେ ନୂଆ ଚକ୍‌ଚକ୍ କାର୍ କିଣିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କର ଆୟର ପନ୍ଥା ମଧ୍ୟ କିଛି ନାହିଁ। କିନ୍ତୁ ସରକାର ଏମାନଙ୍କୁ ଲକ୍ଷାଧିକ ଟଙ୍କା ଋଣ ଦିଅନ୍ତି। ବିନା ଋଣରେ ମଧ୍ୟ ଏମାନଙ୍କ ଆୟ ଅଦୃଶ୍ୟ ସ୍ରୋତରୁ ଆସେ। ଏମ୍.ଏଲ.ଏ. ବା ମନ୍ତ୍ରୀ ଯେ ପାଞ୍ଚବର୍ଷ ନିଶ୍ଚୟ ରହିବେ, ତା'ର ମାନେ କିଛି ନାହିଁ। ଅବଶ୍ୟ ସବୁ କ୍ଷେତ୍ରରେ ବ୍ୟତିକ୍ରମ ଅଛି। କେତେକ ଉଚ୍ଚ ଶିକ୍ଷିତ ଏବଂ ଥିଲାଘରର ବ୍ୟକ୍ତି ମଧ୍ୟ ଏମ୍.ଏଲ.ଏ. ହେଉଛନ୍ତି। ଏମାନଙ୍କ କଥା ଅବଶ୍ୟ ସ୍ୱତନ୍ତ୍ର।

ଏହି ଅବସ୍ଥାରେ ସାଧାରଣ ଭାବେ ଆମେ ଯେଉଁମାନଙ୍କୁ ଦେଖୁଛୁ, ସେମାନଙ୍କ ହାତରେ ରାଜ୍ୟ ରାଜକୋଷର କୋଟିଏ ଟଙ୍କା ଖର୍ଚ୍ଚ କରିବା ପାଇଁ ଏବଂ ଅଫିସରମାନଙ୍କୁ ବିଲେଇ-କୁକୁର ଭଳି ବ୍ୟବହାର କରିବା ପାଇଁ କ୍ଷମତା ଦେଲେ କିଭଳି ପରିସ୍ଥିତି ସୃଷ୍ଟି କରିବ, ତାହା ସହଜରେ ଅନୁମେୟ। ଯାହା ଜନତାଦଳର ସଭାପତି ଅଶୋକ ଦାସ କହିଲେ, ତାହାର ସତ୍ୟତା ସମ୍ପର୍କରେ ବିଭିନ୍ନ ଅଞ୍ଚଳର ଲୋକେ ଯେ ଯଥେଷ୍ଟ ଓ୍ୱାକିବହାଲ ତା' କହିବା ବାହୁଲ୍ୟ ମାତ୍ର। ସ୍ୱାଧୀନତା ଯେତିକି ଯେତିକି ପୁରୁଣା ହେଉଛି, ଆମ ଲୋକପ୍ରତିନିଧିମାନେ ଦେଶକୁ, ଅଞ୍ଚଳକୁ ସେଇ ପରିମାଣରେ ଭୁଲିଯାଉଛନ୍ତି। ଫଳରେ ସେମାନଙ୍କ କର୍ତ୍ତବ୍ୟ ଦେଶସେବା ନହୋଇ ବ୍ୟକ୍ତିସେବା ବା ଆତ୍ମସେବାରେ ପରିଣତ ହୋଇଯାଇଛି। ଏହି ଆତ୍ମସେବାର ଅନ୍ୟ ନାମ ଜନପ୍ରତିନିଧି।

ତା ୧୩.୧୧.୧୯୯୩

•

Digitized by srujanika@gmail.com

# ( ୨ )

କଂଗ୍ରେସ ଅମଳରେ ଦଶବର୍ଷ ଶାସନ ମଧ୍ୟରେ ମନ୍ତ୍ରୀ ଓ ଏମ.ଏଲ.ଏ.ଙ୍କ ବିରୋଧରେ ଜନତାଦଳ ପକ୍ଷରୁ ଯେଉଁ ଦୁର୍ନୀତି ଅଭିଯୋଗ ହୋଇଥିଲା, ଆଜି ବିଜୁ ପଟ୍ଟନାୟକଙ୍କ ଶାସନର ସାଢ଼େ ତିନିବର୍ଷ ମଧ୍ୟରେ ଜନତାଦଳର ବହୁ ମନ୍ତ୍ରୀ ଓ ବିଧାୟକଙ୍କ ବିରୋଧରେ ଜନତାଦଳର କର୍ମୀମାନେ ଅନୁରୂପ ଅଭିଯୋଗ କଲେଣି। ଏ ଦୁର୍ନୀତି ସମ୍ପର୍କରେ କିଏ ତଦନ୍ତ କରିବ ? ଜନତାଦଳ ସରକାର ନା ଭବିଷ୍ୟତର ସରକାର ? କିମ୍ବା ବିଜୁବାବୁ ନିଜେ ?

ସେଇ ପରିପ୍ରେକ୍ଷୀରେ ଆଜି ଯେତେବେଳେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଦ୍ରୋହ ହେଉଛି, ସେତେବେଳେ ଜନସାଧାରଣ ହସୁଛନ୍ତି। ଏ ବିଦ୍ରୋହରୁ ଜନସାଧାରଣ କିଛି ପାଇବାର ନାହିଁ; ବରଂ ହଡସନ୍ତ ହେବେ। ଯେମିତି ବଦଳି କ୍ଷମତା ମିଳିଲେ ଅଫିସରଙ୍କ ହାଣ୍ଡିରେ ଆଉ କଳା ପଡ଼ିବ ନାହିଁ। ପ୍ରତି ୨/୩ ମାସରେ ବଦଳି ପାଲା ଚାଲିବ। କୋଟିଏ ଟଙ୍କାରେ କଣ୍ଟ୍ରାକ୍ଟର, ଟାଉଟର ଓ ସ୍ୱୟଂ ନେତାଙ୍କ ହାତ ଚିକ୍କଣ ହେବ। ଗାଁ ଦାଣ୍ଡ, ଗାଁ ବନ୍ଧ, ଗାଁ ବିଲ ଯେମିତି ଅଛି ସେମିତି ରହିବ। ଦିନକୁ ଦିନ ଖାଲ ହେବ, ପାଣି ଜମିବ, କିନ୍ତୁ ବାବୁଙ୍କୁ ଖୋଜିଲେ ମିଳିବେ ନାହିଁ।

ବିଧାୟକମାନଙ୍କ ମଧ୍ୟରୁ କେତେକଙ୍କ ରାଗ ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍‌ସପାଲ ସେକ୍ରେଟାରୀ ପ୍ୟାରୀମୋହନ ମହାପାତ୍ରଙ୍କ ଉପରେ। ସେମାନଙ୍କ ମତରେ ରାଜ୍ୟରେ ସି.ଏମ୍.ଙ୍କର ନୁହେଁ, ପି.ଏମ୍.ଙ୍କ ଶାସନ ଚାଲିଛି। ପ୍ରିନ୍‌ସପାଲ୍ ସଚିବ ପଦରୁ ପ୍ୟାରୀମୋହନ ମହାପାତ୍ରଙ୍କୁ ବଦଳି କଲେ କିଏ ସେ ସ୍ଥାନକୁ ଆସିଲେ ଏହି ଏମ.ଏଲ.ଏ.ମାନଙ୍କ ମନ ନେଇ କାମ କରିପାରିବ, ସେ ବିଷୟରେ କେହି କୌଣସି ନାମ ବୈଠକରେ ପ୍ରସ୍ତାବ କରିନାହାନ୍ତି। ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ ମସିହାରେ ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସଚିବ ରୂପେ ଜଣେ ସିନିଅର ଆଇ.ଏ.ଏସ୍. ଅଫିସର "ମୁଖ୍ୟମନ୍ତ୍ରୀଙ୍କ ସଚିବ" ପଦବୀରେ ଅବସ୍ଥାପିତ ହେଲେ। ତା' ପରଠାରୁ ଏହି ବ୍ୟବସ୍ଥା ଚଳି ଆସୁଛି। ସିଂହଦେଓଙ୍କ ପୂର୍ବ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀମାନେ ପ୍ରାଇଭେଟ୍ ସେକ୍ରେଟାରୀମାନଙ୍କୁ ନେଇ କାମ ଚଳାଉଥିଲେ। ପ୍ରାଇଭେଟ୍ ସେକ୍ରେଟାରୀମାନେ ଷ୍ଟେନୋରୁ ପଦୋନ୍ନତି ପାଇ ପାଇ ହେଉଥିଲେ। ୧୯୬୧ ମସିହାରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ରାମଚନ୍ଦ୍ରନ ନାମକ ଜଣେ ବ୍ୟକ୍ତି ତାଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ଥିଲେ। ରାମଚନ୍ଦ୍ରନ ୧୯୬୭ ପର୍ଯ୍ୟନ୍ତ ସେଇ ପଦବୀରେ ଅବସ୍ଥାପିତ ଥିଲେ। ୧୯୬୭ରେ

Digitized by srujanika@gmail.com

ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସେକ୍ରେଟାରୀ ହେଲେ ଶ୍ରୀ ପଞ୍ଚାନନ ତ୍ରିପାଠୀ। ତାଙ୍କ ପରେ ପରେ ୧୯୭୧ରେ ଶ୍ରୀ ବିଶ୍ୱନାଥ ଦାଶଙ୍କର ସେକ୍ରେଟାରୀ ହେଲେ ଶ୍ରୀ ବି.ଏମ. ପାଢ଼ୀ, ୧୯୭୨ରେ ନନ୍ଦିନୀ ଶତପଥୀଙ୍କର କିଛିକାଳ ଶ୍ରୀ ଡି.ପି. ବାଗ୍‌ଚି, କିଛି ସମୟ ପାଇଁ ଶ୍ରୀ ସୀତାକାନ୍ତ ମହାପାତ୍ର ଏବଂ ଶେଷରେ ୧୯୭୪ରେ ଶ୍ରୀମତୀ ଶତପଥୀଙ୍କର ସଚିବ ରୂପେ ରମାକାନ୍ତ ରଥ କାର୍ଯ୍ୟ କରିଥିଲେ। ୧୯୭୭ରେ ନୀଳମଣି ରାଉତରାୟଙ୍କ ସଚିବ ରୂପେ ଅକ୍ଷୟ ବିଶ୍ୱାଳ, ୧୯୮୦ରୁ ଜାନକୀବଲ୍ଲଭ ପଟ୍ଟନାୟକ ଆସିବା ପରେ ଦଶବର୍ଷ ମଧ୍ୟରେ ଯଥାକ୍ରମେ ସର୍ବଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର, ଅମୂଲ୍ୟରତ୍ନ ନନ୍ଦ ଓ ନୀଳମାଧବ ମହାନ୍ତି ସଚିବ ଦାୟିତ୍ୱ ତୁଲାଇଥିଲେ। ଆଜି ପ୍ୟାରୀବାବୁଙ୍କ ବିରୋଧରେ ଏମ୍.ଏଲ.ଏ.ମାନେ ଯେଉଁ ଅଭିଯୋଗ କରୁଛନ୍ତି, ଉପରୋକ୍ତ ସଚିବମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ଅନୁରୂପ ଅଭିଯୋଗ ସେତେବେଳେ ମଧ୍ୟ ଏମ.ଏଲ.ଏ.ମାନେ ଆଣୁଥିଲେ। ତା'ର ଏକମାତ୍ର କାରଣ ହେଲା, ବହୁ ଏମ୍.ଏଲ.ଏ. ବା ମନ୍ତ୍ରୀଙ୍କର ନିୟମ ବହିର୍ଭୂତ ଅନୁରୋଧକୁ ଉପେକ୍ଷା କରିବା ପାଇଁ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଉଥିଲେ। ଅବଶ୍ୟ ତା' ସଂଗେ ସଂଗେ ସଚିବମାନେ ଯେ ଧୂଆତୁଳସୀ, ତା' ମଧ୍ୟ ନୁହେଁ। କାରଣ କେତେକଙ୍କ ନାମରେ ସରକାରୀ କ୍ଷମତାର ଅପବ୍ୟବହାର ଅଭିଯୋଗ ମଧ୍ୟ ରହିଛି। ସେ ସମ୍ପର୍କରେ ବାରାନ୍ତରେ ସୁବିଧା ପାଇଲେ ଆଲୋଚନା କରିବି।

ଏବେ ପୁଣି ଫେରିବା ବିଦ୍ରୋହ ଅଙ୍ଗନକୁ। କୁହାଯାଉଛି ଯେଉଁମାନେ ଏ ବିଦ୍ରୋହର ନେତୃତ୍ୱ ନେଇଥିଲେ, ସେମାନେ ଦୁଇଟି ଗୋଷ୍ଠୀର ଲୋକ। ଖବରକାଗଜରେ ପ୍ରକାଶ ପାଇଥିବା ଖବର ଅନୁସାରେ ଏଥିରୁ ଗୋଟିଏ ଗୋଷ୍ଠୀ ଲୋକସଭା ସଦସ୍ୟ ଶ୍ରୀକାନ୍ତ ଜେନାଙ୍କ ଅନୁଗାମୀ ହୋଇଥିବାବେଳେ ଅନ୍ୟ ଗୋଷ୍ଠୀ ବିଜୟ ମହାପାତ୍ରଙ୍କ ଗୋଷ୍ଠୀଭୁକ୍ତ। ଶ୍ରୀକାନ୍ତ ଜେନା ଏମ୍.ପି. ହେବାପରେ ଏବେ ବିଜୁବାବୁଙ୍କ ସମକକ୍ଷ ନେତା ବୋଲି ନିଜକୁ ବିଚାର କରୁଛନ୍ତି। ବିଜୁବାବୁଙ୍କ ବିରୋଧରେ ଖୋଲାଖୋଲି ସ୍ୱର ଉତ୍ତୋଳନ କରି ଇତିମଧ୍ୟରେ ସେ ନିଜର ଭୂମିକା ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। କିନ୍ତୁ ବିଜୟ ମହାପାତ୍ର ! ସେ ତ ମୁଖ୍ୟମନ୍ତ୍ରୀଙ୍କର ଅତି ପ୍ରିୟ ଓ ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱ ଅନୁସାରେ ଦୁଇନମ୍ବର ମନ୍ତ୍ରୀ। ବିଜୟବାବୁଙ୍କ ସମ୍ମାନ ଓ ପତିଆରା ରଖିବା ପାଇଁ ବିଜୁବାବୁ ତାଙ୍କର ଚାରିଜଣ ବରିଷ୍ଠ ସହକର୍ମୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦେଇଥିଲେ। ଏହି ଘଟଣା ପରେ ପରେ ବିଜୟ ମହାପାତ୍ର ରାଜ୍ୟରେ ବିଜୁବାବୁଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିଲେ। ଏବେ ବିଜୟବାବୁ କେବଳ ଦୁଇ ନମ୍ବର ମନ୍ତ୍ରୀ

Digitized by srujanika@gmail.com

ନୁହନ୍ତି, ମୁଖ୍ୟମନ୍ତ୍ରୀଙ୍କର ସମସ୍ତ କ୍ଷମତା ପ୍ରୟୋଗ କରିବାର ଶକ୍ତି ତାଙ୍କ ନିକଟରେ ଅଛି। ବିଜୁବାବୁ ଯେତେବେଳେ ସମସ୍ତ କାର୍ଯ୍ୟ ପାଇଁ ବିଜୟବାବୁଙ୍କ ଉପରେ ନିର୍ଭର କଲେ ଏବଂ ବିଜୟ ମହାପାତ୍ର ଯେତେବେଳେ ତାଙ୍କର ଅନୁଗତମାନଙ୍କର ଅଳି ଅର୍ଦ୍ଦଳି ପୂରଣ କରିବା ଦିଗରେ ସକ୍ଷମ ହୋଇପାରୁଥିଲେ, ସେତେବେଳେ ଏ ପ୍ରକାର ବିଦ୍ରୋହ ହେଲା କାହିଁକି? ତେବେ କ'ଣ ଧରିନେବାକୁ ହେବ ଯେ, ବିଜୟ ମହାପାତ୍ର ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ନିଜର ଘନିଷ୍ଠ ଅନୁଗତ ବୋଲି ମନେକରି ଆସିଥିଲେ, ସେମାନେ ଆହୁରି ଅଧିକ କିଛି ଚାହୁଁଥିଲେ? କିମ୍ବା ମୋଗଲ ସାମ୍ରାଜ୍ୟରେ ଉତ୍ତରାଧିକାର ପାଇଁ ଯେଉଁ ପ୍ରକ୍ରିୟା କାର୍ଯ୍ୟକାରୀ ହେଉଥିଲା, ଜନତାଦଳରେ ତା'ର ପରୀକ୍ଷା ନିରୀକ୍ଷା କରିବା ପାଇଁ ଏହା ପ୍ରଥମ ପରୀକ୍ଷା। ଆମର ମନେହୁଏ ପ୍ରଥମ ପରୀକ୍ଷାରେ ଏହି ବିଦ୍ରୋହୀମାନେ କେତେକାଂଶରେ ସଫଳ ହୋଇଛନ୍ତି।

ଜନତାଦଳର ଚରିତ୍ର କଂଗ୍ରେସ ଦଳ ସହ ସମାନ ହେଲେ ମଧ୍ୟ ଏହାର ଏକ ଭିନ୍ନ ସଂସ୍କୃତି। କେନ୍ଦ୍ରୀୟ ସ୍ତରରେ ଏହା ବହୁନେତା ବିଶିଷ୍ଟ ଦଳ। ସବୁ ନେତା ନିଜକୁ ଅନ୍ୟ ଅପେକ୍ଷା ବଡ଼ ମନେକରନ୍ତି। ସବୁଠାରୁ ମଜାର କଥା ହେଉଛି– ଏହି ନେତାମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସେମାନଙ୍କ ନିଜ ରାଜ୍ୟରେ ସେଭଳି ଟାଣ ଖୁଣ୍ଟି ନଥିବା ବେଳେ ଏମାନେ ସର୍ବଭାରତୀୟ ନେତା। ନିଜ ରାଜ୍ୟରେ ଏମାନଙ୍କର ଅନୁଗତ ସଂଖ୍ୟା ମଧ୍ୟ ସୀମିତ। ଅଧିକାଂଶ ଜନତାଦଳ ନେତା କଂଗ୍ରେସରୁ ତଡ଼ା ଖାଇଛନ୍ତି। ଆଉ କେତେକ ବାହାରି ଆସିଛନ୍ତି। ବିଶୃଙ୍ଖଳିତ ଆଚରଣ ଯୋଗୁ କେତେକ ଏବଂ ଆଉ କେତେକ ସୋସାଲିଷ୍ଟ ଓ ପ୍ରଜା ସୋସାଲିଷ୍ଟ ଦଳର ସଦସ୍ୟ ମିଳିତ ହୋଇ ଏହି ଦଳ ଗଠନ ହୋଇଥିବାରୁ କେନ୍ଦ୍ରରେ ଅନେକ ସମୟରେ ଏମାନଙ୍କ ମଧ୍ୟରେ ଗୋଳମାଳ ହୁଏ। ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତାଲାଭ ପାଇଁ ଏମାନେ ମଝିରେ ମଝିରେ ଦୁଇ/ ତିନି ଭାଗ ହୋଇ ପୁଣି ସେଇ ଏକା କାରଣ ଯୋଗୁଁ ଏକତ୍ରିତ ହୁଅନ୍ତି। ଫଳରେ ସଂକୋଚନ ପ୍ରସାରଣ ଓ ଖଣ୍ଡବିଖଣ୍ଡିତ ଦଳ ପୁଣି ମଝିରେ ମଝିରେ ଏକ ସ୍ୱାଭାବିକ ଆକାର ଧାରଣ କରେ।

କିନ୍ତୁ ରାଜ୍ୟସ୍ତରରେ ଜନତାଦଳ ଏକନାୟକତ୍ୱ ଦଳ। ଯେପରି ଓଡ଼ିଶାରେ ବିଜୁ ପଟ୍ଟନାୟକ ଓ ବିହାରରେ ଲାଲୁପ୍ରସାଦ ଯାଦବ। ଏମାନେ ସାଧାରଣ ଭାବେ ଦଳର ସ୍ୱତଃସ୍ଫୂର୍ତ୍ତ ନେତା। ଏମାନଙ୍କୁ ସାଧାରଣରେ ଖୋଲାଖୋଲି ଭାବେ ଚାଲେଞ୍ଜ କରିବା ଦଳୀୟ କର୍ମୀମାନଙ୍କ ପକ୍ଷରେ ଧୃଷ୍ଟତା ବୋଲି ଧରାଯାଏ। ଲାଲୁ ଯାଦବ ପୂର୍ବରୁ ଏହି ଭୂମିକାରେ ନଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ହେବାପରେ

Digitized by srujanika@gmail.com

ସେ ନିଜ ସ୍ଥାନ ଦୃଢ଼ କରିନେଇଛନ୍ତି। ବିଜୁ ପଟ୍ଟନାୟକଙ୍କ କଥା କିନ୍ତୁ ଭିନ୍ନ। ୧୯୬୧ ମସିହାରୁ ବିଜୁବାବୁ ଓଡ଼ିଶାର ଜନମାନସରେ ନିଜ ପାଇଁ ଏଭଳି ଏକ ସ୍ଥାନ ସୃଷ୍ଟି କରି ରଖିଛନ୍ତି, ଯାହା ସହଜରେ ନଷ୍ଟ ହେବନାହିଁ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜନତାଦଳରେ ଏବେ ଯାହା ଘଟିଗଲା, ସେଥିରେ ବିଜୁ ପଟ୍ଟନାୟକ ଆଜି ପର୍ଯ୍ୟନ୍ତ ଯେଉଁ ଭୂମିକାରେ ନିଜକୁ ମଞ୍ଚାସୀନ କରିଥିଲେ, ତା'ର ପୁନର୍ବଲୋକନ କରିବାର ସମୟ ଉପସ୍ଥିତ ହୋଇଛି ବୋଲି ରାଜନୀତିକ ପର୍ଯ୍ୟବେକ୍ଷକମାନେ ଏବେ ମତ ପ୍ରକାଶ କରିବାକୁ ଆରମ୍ଭ କଲେଣି।

ବିଜୁବାବୁଙ୍କ ଅଖଣ୍ଡ ପ୍ରଭାବ ଜନତାଦଳ ଉପରେ ରହିଥିଲେ ମଧ୍ୟ ଜନସାଧାରଣଙ୍କୁ ସେ କ'ଣ ବୁଝାଇବେ? ନିର୍ବାଚନ ସମୟର ପ୍ରତିଶ୍ରୁତି ସମ୍ପର୍କରେ ଏମ୍.ଏଲ.ଏ.ମାନେ ପ୍ରଶ୍ନ କରିଛନ୍ତି। ଅଠର ଦଫା କାର୍ଯ୍ୟକ୍ରମକୁ ନେଇ ଜନତାଦଳ ସି.ପି.ଆଇ./ ସି.ପି.ଏମ୍. ଦଳ ସହ ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଇତିମଧ୍ୟରେ ଜନତାଦଳ ସରକାରର ଚାରିବର୍ଷ ପୂର୍ଣ୍ଣ ହେବାକୁ ବସିଲାଣି। ସି.ପି.ଆଇ./ସି.ପି.ଏମ୍. ଦଳ ଏହି ୧୮ ଦଫା କାର୍ଯ୍ୟକ୍ରମ ଉପରେ ଜନତାଦଳ ବିରୋଧରେ ରାସ୍ତା ବିପ୍ଳବ ଆରମ୍ଭ କରିବା ପରେ ଜନତାଦଳର କୌଣସି ଏମ୍.ଏଲ.ଏ.ଙ୍କ ନିଦ ଭାଙ୍ଗିଲା ନାହିଁ। ତେବେ ହଠାତ୍ ଏବେ କ'ଣ ନିର୍ବାଚନ ପାଖେଇ ଆସିବାରୁ ଏ ବ୍ୟବସ୍ଥା ନା ଆଉ କିଛି? ଜନତାଦଳ ଭିତରେ ତୀବ୍ର ଗୋଷ୍ଠୀକନ୍ଦଳର ଏହା ଏକ ରୂପ ନୁହେଁ ତ? ଛ' ମାସ ତଳେ ଦଳର ଯେଉଁ ଚାରିଜଣ ବରିଷ୍ଠ ମନ୍ତ୍ରୀଙ୍କୁ ବିଜୁବାବୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଲେ, ଏଥର ସେଇ ଘଟଣାର ପୁନରାବୃତ୍ତି ଘଟାଇ ଆଉ କେତେଜଣ ମନ୍ତ୍ରୀଙ୍କୁ ବାଦ୍ ଦେବାପାଇଁ ଉଦ୍ଦେଶ୍ୟ ନଥିଲା ତ? କିନ୍ତୁ ଅବସ୍ଥା ଭିନ୍ନ ମୋଡ଼ ନେଇଗଲା। ଏବେ କେତେକ ଏମ.ଏଲ.ଏ. ବିଜୁବାବୁଙ୍କ ପ୍ରଭୁତ୍ୱକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ମତରେ ବିଗତ ସାଢ଼େ ତିନିବର୍ଷର ଶାସନରେ ସେମାନେ ବିଭ୍ରାନ୍ତ, ବୀତସ୍ପୃହ, ବିରକ୍ତ ଓ ଦ୍ୱିଧାବିଭକ୍ତ ହୋଇପଡ଼ିଛନ୍ତି। ଶାସନରେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ। ସରକାରଙ୍କର ରାଜନୀତିକ ଦୃଢ଼ତା ଓ ସଂକଳ୍ପର ଘୋର ଅଭାବ ଦେଖାଦେଇଛି। ଏମ୍.ଏଲ.ଏ.ମାନେ ଏକଥା ବିଚାର କରିବାବେଳେ ମନରେ ସ୍ୱତଃ ପ୍ରଶ୍ନ ଉଠେ, କାହାକୁ ଆଖିରେ ରଖି ଏହି ବନ୍ଧୁମାନେ ବିଜୁବାବୁଙ୍କ ନେତୃତ୍ୱ ବିରୋଧରେ ଏ ପଦକ୍ଷେପ ନେଲେ? ସେଇ ମୁହୂର୍ତ୍ତରେ ମନେହେଉଥିଲା ଏହି ବିଦ୍ରୋହ ସ୍ୱତଃସ୍ଫୂର୍ତ୍ତ। କିନ୍ତୁ ଇତିହାସକୁ ଅନୁଧ୍ୟାନ କଲେ ବୁଝିହେବ ସବୁ ବିଦ୍ରୋହ, ବିପ୍ଳବ ବା ଅସନ୍ତୋଷ ତାହା ଛୋଟ ହେଉ ବା ବଡ଼ ହେଉ ତା' ପଛରେ କୌଣସି ବ୍ୟକ୍ତି ବା ଉଦ୍ଦେଶ୍ୟ

Digitized by srujanika@gmail.com

ନିଶ୍ଚିତ ଭାବେ ନିହିତ ଥାଏ। ଏ କ୍ଷେତ୍ରରେ ଯାହା ଦେଖାଯାଉଛି, ବିଜୟ ଓ ଶ୍ରୀକାନ୍ତଙ୍କ ଘନିଷ୍ଠ ସହଯୋଗୀ ଏମ୍.ଏଲ୍.ଏ.ମାନେ ନେତୃତ୍ୱ ନେଇଥିଲେ।

ଏହାକୁ ଲକ୍ଷ୍ୟ କରି କେତେକ ରାଜନୀତିକ ପର୍ଯ୍ୟବେକ୍ଷକ ମତ ଦେଉଛନ୍ତି ଆସନ୍ତା ନିର୍ବାଚନରେ ଜନତାଦଳକୁ ଓଡ଼ିଶାରେ ଶ୍ରୀକାନ୍ତ, ବିଜୟ ଓ ନଳିନୀ ମିଳିତ ଭାବେ ନେତୃତ୍ୱ ଦେବାକୁ ଉଦ୍ୟମ କରିବେ। ଏହା କେତେଦୂର ସତ୍ୟ, ଏବେଠୁଁ ନିଶ୍ଚିତ ଭାବେ କୁହାଯାଇ ନପାରିଲେ ମଧ୍ୟ ଏହାହିଁ ସମ୍ଭବତଃ ହେବାକୁ ଯାଉଛି। ସେ କ୍ଷେତ୍ରରେ ଜନତାଦଳର ସ୍ଥିତି କ'ଣ ହେବ ସମୟ କହିବ।

ଏ ବିଦ୍ରୋହର ଆଉ ଏକ ଦିଗ ହେଲା, ପଶ୍ଚିମ ଓଡ଼ିଶାର ଜନତାଦଳ ସଂଗଠନ। ଧୀରେ ଧୀରେ ଏମାନେ ସଂଗଠିତ ହେଉଛନ୍ତି। କାରଣ ବିଜୁବାବୁଙ୍କ ବୟସ ହୋଇଗଲାଣି। ସେ ନେତୃତ୍ୱ ନେବା ଆଉ ସମ୍ଭବ ନୁହେଁ। ପଶ୍ଚିମ ଓଡ଼ିଶାର ଜନତାଦଳ ନେତାମାନଙ୍କୁ ଏହି ବିଦ୍ରୋହ ମଧ୍ୟ ସଂଗଠିତ କରିଦେବାରେ ସାହାଯ୍ୟ କରିଦେଇଛି। ତା' ସଂଗେ ସଂଗେ ସେମାନଙ୍କର ବିରକ୍ତି ଭାବ ମଧ୍ୟ ଉପକୂଳବର୍ତ୍ତୀ ମନ୍ତ୍ରୀମାନଙ୍କ ବିରୋଧରେ ଦାନା ବାନ୍ଧିଛି। ଏକାଧିକ ମନ୍ତ୍ରୀ ଓ ଏମ୍.ଏଲ୍.ଏ. ଏହି ସାମ୍ବାଦିକଙ୍କୁ କହିଛନ୍ତି, ରାଜ୍ୟ ଯୋଜନାରେ ଅସମ ବଣ୍ଟନ ପଶ୍ଚିମ ଓଡ଼ିଶାକୁ ଅନଗ୍ରସର ଅଞ୍ଚଳରେ ପରିଣତ କରିଛି। ଏହି ଗୋଷ୍ଠୀ ଦଳର ସର୍ବୋଚ୍ଚ ନେତା ରୂପେ ବିଜୁବାବୁଙ୍କୁ ସମ୍ମାନ ଦେଉଥିଲେ ମଧ୍ୟ ବିଜୁବାବୁଙ୍କ ସୃଷ୍ଟ ବିଜୟ ମହାପାତ୍ର-ନଳିନୀ ମହାନ୍ତି ବା ଦାମୋଦର ରାଉତଙ୍କୁ ନେତା ରୂପେ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ମତରେ ପଶ୍ଚିମ ଓଡ଼ିଶାରେ ଏମାନଙ୍କ ଅପେକ୍ଷା ଉନ୍ନତମାନର ନେତା ଅନେକ ଅଛନ୍ତି। ତେଣୁ ବିଜୁବାବୁଙ୍କୁ ସେମାନେ ନେତା ରୂପେ ମାନୁଥିଲେ ମଧ୍ୟ ତାଙ୍କ ପ୍ରିୟ ବ୍ୟକ୍ତିଙ୍କୁ ନେତା ରୂପେ ଗ୍ରହଣ କରିବା ସମ୍ଭବ ନୁହେଁ। ଏହି ସାମ୍ବାଦିକଙ୍କୁ ପଶ୍ଚିମ ଓଡ଼ିଶାର କିଛି ମନ୍ତ୍ରୀ ଓ ଏମ୍.ଏଲ୍.ଏ. ଯୁକ୍ତି ଛଳରେ କହିଥିଲେ ଯେ, ବର୍ତ୍ତମାନ ବିଜୁବାବୁ ଏମାନଙ୍କୁ ଅଖଣ୍ଡ କ୍ଷମତା ଦେଇଥିବାବେଳେ ପଶ୍ଚିମ ଓଡ଼ିଶାର ଉନ୍ନୟନ ଦିଗରେ ଏମାନେ ନିଜ ପକ୍ଷରୁ ଦୃଷ୍ଟିଦେବା ଦୂରେ ଥାଉ, ଆମେ ଯେଉଁ ପ୍ରସ୍ତାବ ଦେଉଛୁ, ତାକୁ ମଧ୍ୟ ଶୀତଳ ଭଣ୍ଡାରରେ ପକାଇ ଦେଉଛନ୍ତି। ତେଣୁ ବର୍ତ୍ତମାନଠୁ ଯେତେବେଳେ ଏମାନଙ୍କ ମନୋଭାବ ଏଇଆ, ଏମାନେ ନେତା ହେଲେ ଆମେ ତ ରସାତଳଗାମୀ ହେବୁ।

ଭାରତୀୟ ରାଜନୀତି ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି, ଯେଉଁଠି ଭବିଷ୍ୟବାଣୀ କରିବା ସର୍ବଦର୍ଶୀ ରାଜନୀତିକ ପର୍ଯ୍ୟବେକ୍ଷକଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ। ତେଣୁ ୧୯୯୫ ପ୍ରଥମ ଭାଗରେ (ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ

Digitized by srujanika@gmail.com

ଶେଷ ହେବ ୧୯୯୫ ମାର୍ଚ୍ଚ ୪ ତାରିଖ) ଯେଉଁ ନିର୍ବାଚନ ହେବ, ସେତେବେଳେ ଜନତାଦଳର ମଙ୍ଗ ଧରିବ କିଏ ? ବିଜୁବାବୁଙ୍କୁ ୧୯୯୫ ମାର୍ଚ୍ଚ ୫ରେ ଅଶୀବର୍ଷ ପୂର୍ଣ୍ଣ ହୋଇ ୮୧ ବର୍ଷ ଚାଲିବ। ଯେଉଁ ବିବାଦ ଜନତାଦଳରେ ବର୍ତ୍ତମାନ ଅଛି, ତାହା କ୍ରମେ ଅଧିକ ସିନା ହେବ, କମିବ ନାହିଁ। ସେ କ୍ଷେତ୍ରରେ ବିଜୁବାବୁ ତାଙ୍କ ଦଳକୁ ଯଦି ନେତୃତ୍ୱ ନ ଦିଅନ୍ତି, ତେବେ କେନ୍ଦ୍ର ଜନତାଦଳ ଭଳି ଓଡ଼ିଶା ଜନତାଦଳ ଖଣ୍ଡ-ବିଖଣ୍ଡିତ ହୋଇପଡ଼ିବ।

ଜନତାଦଳର କେତେକ ସଦସ୍ୟ ବିଜୁବାବୁଙ୍କୁ କୃଷ୍ଣଙ୍କ ଅବତାର ଏବଂ ଓଡ଼ିଶା ଜନତାଦଳକୁ ଯଦୁବଂଶ ବୋଲି ଆଖ୍ୟା ଦେଇଛନ୍ତି। ସଚିବାଳୟର ଚାରିତାଲା ମୁଖ୍ୟମନ୍ତ୍ରୀ ଗଳିକୁ ଏହି ଏମ.ଏଲ.ଏ.ମାନେ ନିତ୍ୟ ବୃନ୍ଦାବନ ଆଖ୍ୟା ଦେଇଛନ୍ତି। ଶ୍ରୀକୃଷ୍ଣଙ୍କ ଅସ୍ତ୍ରତ୍ୟାଗ ପରେ ଯେପରି ଯଦୁବଂଶ ଧ୍ୱଂସ ହେବାର ଚରମ ପରିବେଶ ସୃଷ୍ଟି ହେଲା, ଆଜି ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜନତାଦଳରେ କ୍ରମବର୍ଦ୍ଧିଷ୍ଣୁ ଅନ୍ତଃକନ୍ଦଳ ସ୍ୱରୂପକୁ ଦେଖିଲେ ଯେ କେହି ଯଦୁବଂଶର ପରିଣତି କଥା ହିଁ ଚିନ୍ତା କରିବ।

ବିଜୁବାବୁଙ୍କ ଶାସନର ସମସ୍ତ ଦୁର୍ବଳତା ଓ ବ୍ୟତିକ୍ରମ ସତ୍ତ୍ୱେ ବିଜୁବାବୁଙ୍କୁ ଓଡ଼ିଆ ଜନମାନସରୁ ଏଇମିତି ଫିଙ୍ଗି ଦେଇହେବ ନାହିଁ। ଦୀର୍ଘ ପାଞ୍ଚ/ ଛ' ଦଶନ୍ଧି ଧରି ବହୁ ଯୁକ୍ତ ଓ ବିଯୁକ୍ତ ଚିହ୍ନ ଶରୀରରେ ବହନ କରି ଏହି ଦୀର୍ଘଦେହୀ ଶକ୍ତିଶାଳୀ ବ୍ୟକ୍ତି ଏକ କିମ୍ବଦନ୍ତୀ ପୁରୁଷରେ ପରିଣତ ହୋଇଯାଇଛନ୍ତି। ଆଜି ତାଙ୍କରି ଦ୍ୱାରା ସୃଷ୍ଟ ତାଙ୍କରି ସ୍ନେହାଧୀନ କିଛି ବ୍ୟକ୍ତି ଅତି ନିର୍ଦ୍ଦୟ ଭାବେ ତାଙ୍କର ସମସ୍ତ ପତିଆରା ଓ ଅହଙ୍କାରକୁ ଖଣ୍ଡବିଖଣ୍ଡ କରିଦେଲେ। ସମ୍ଭବତଃ ବିଜୁବାବୁ ଆଜି ତାଙ୍କ ଶୂନ୍ୟ ଅସ୍ତ୍ରାଗାରରେ ବସି ଅଭିସଂପାତ ଦେଉଥିବେ। ଆଉ ଚିନ୍ତା କରୁଥିବେ ଯଦୁବଂଶ ଧ୍ୱଂସ ହେବାର ମୁହୂର୍ତ୍ତ ଉପସ୍ଥିତ ହେବାକୁ ଯାଉଛି।

ତା ୧୬.୧୧.୧୯୯୩

Digitized by srujanika@gmail.com

# ବିଜୁବାବୁ ଓ ତାଙ୍କର ଦୁର୍ନୀତିଗ୍ରସ୍ତ ମନ୍ତ୍ରିମଣ୍ଡଳ

ଏହି ସନ୍ଦର୍ଭର ନାମକରଣ ଓ ଶୀର୍ଷକ ଦେଖି ପାଠକଙ୍କ ମଧ୍ୟରୁ କେହି କେହି ବିସ୍ମିତ ହୋଇପାରନ୍ତି। ଏପ୍ରକାର ଏକ ସ୍ପର୍ଶକାତର ଶିରୋନାମା ଆମେ କିପରି ଦେଲୁ, ତାକୁ ଚିନ୍ତା କରି କିଛି ବନ୍ଧୁ, ବିଶେଷକରି ଜନତାଦଳର କିଛି ବନ୍ଧୁ ଦ୍ୱନ୍ଦରେ ପଡ଼ିପାରନ୍ତି। କିନ୍ତୁ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ଏହି ଶବ୍ଦ ଚୟନ ଆମର ନିଜସ୍ୱ ନୁହେଁ। ଏହା ଆମେ ଜନତାଦଳର ବର୍ତ୍ତମାନର ସର୍ବଭାରତୀୟ ନେତା ଶ୍ରୀକାନ୍ତ ଜେନାଙ୍କ ବକ୍ତବ୍ୟ ବା ମନ୍ତବ୍ୟରୁ ଉଦ୍ଧାର କରିଛୁ। ଏହି ଶୀର୍ଷକ ପ୍ରୟୋଗ କରିବା ପୂର୍ବରୁ ଆମେ ଗତ ୧୯ ତାରିଖରେ ଜନତାଦଳ କାର୍ଯ୍ୟନିର୍ବାହୀ କମିଟି ବୈଠକର ବିବରଣୀକୁ ବିଭିନ୍ନ ସମ୍ବାଦପତ୍ରରୁ ପୁଙ୍ଖାନୁପୁଙ୍ଖ ପାଠ କରିଥିଲୁ। କିଛି ବିଷୟ ବିଭିନ୍ନ ବନ୍ଧୁଙ୍କୁ ପଚାରି ବୁଝିଥିଲୁ। ଜନତାଦଳର କିଛି କମିଟି ସଦସ୍ୟଙ୍କ ସହ ବାର୍ତ୍ତାଳାପ କରିଥିଲୁ। କୌଣସି କ୍ଷେତ୍ରରେ କେହି ଶ୍ରୀକାନ୍ତ ଜେନାଙ୍କର ଏହି ଖୋଲାଖୋଲି ଦୁର୍ନୀତି ଅଭିଯୋଗକୁ ବୈଠକରେ ଖଣ୍ଡନ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିବା କଥା କହିଲେ ନାହିଁ। ଶ୍ରୀକାନ୍ତ ନିଜେ ଏହି କାର୍ଯ୍ୟକାରୀ କମିଟିର ସଦସ୍ୟ। ଏହି ବୈଠକରେ ଶ୍ରୀକାନ୍ତଙ୍କ ମନ୍ତବ୍ୟର ଗୋଟିଏ ଅଂଶକୁ ବିରୋଧ କରି କେତେକ ସଦସ୍ୟ ଭାଷଣ ଦେଇଥିଲେ। ସେ ଅଂଶଟି ହେଉଛି ବିଜୁବାବୁ ଜନତାଦଳ ପାଇଁ ଲାଏବିଲିଟି ବା ବୋଝ। କିନ୍ତୁ 'ବିଜୁବାବୁଙ୍କ-ମନ୍ତ୍ରିମଣ୍ଡଳ ଦୁର୍ନୀତିଗ୍ରସ୍ତ' ଏହି ମନ୍ତବ୍ୟର ଖଣ୍ଡନ ନା ମୁହଁରେ ନା ଲେଖାରେ କେଉଁଥିରେ ହୋଇନାହିଁ। ତା'ର ଅନ୍ୟ ଅର୍ଥ କ'ଣ ହେବ? ଆମେ ସାଧାରଣ ଜନତା କ'ଣ ବୁଝିବୁ?

ରାଜନୀତିର ଗତି ପ୍ରକୃତରେ ଅତି ବିଚିତ୍ର। କେତେବେଳେ କୁଆଡ଼େ ଏହା ପ୍ରବହମାନ ହୁଏ, ତାହା ଜାଣିବା କଷ୍ଟ। ଯେମିତି ଏବେ ଚାଲିଛି ଜନତାଦଳର ରାଜନୀତି। ଆଜିପର୍ଯ୍ୟନ୍ତ ଆମ ସମସ୍ତଙ୍କର ଦୃଢ଼ ଧାରଣା ଥିଲା ଭାରତରେ ନହେଲେ ମଧ୍ୟ ଓଡ଼ିଶା ଜନତାଦଳରେ ବିଜୁବାବୁ ହେଉଛନ୍ତି ଏକମାତ୍ର ଅବିସଂବାଦିତ ନେତା। କିନ୍ତୁ ଗତ ୧୯ ତାରିଖ ଜନତାଦଳର କାର୍ଯ୍ୟକାରିଣୀ ବୈଠକରେ ଘଟିଥିବା ଘଟଣାଗୁଡ଼ିକୁ କ୍ରମାନ୍ୱୟରେ ସଜାଇଦେଲେ ଯେ କେହି ଏହି ସିଦ୍ଧାନ୍ତରେ ଉପନୀତ ହେବ ଯେ, ଜନତାଦଳର ଲୋକେ ବିଜୁବାବୁଙ୍କ ଭଳି ସାଧାରଣ

Digitized by srujanika@gmail.com

ଜନତାର ଚିତ୍ତ ଜୟକାରୀ ଅନନ୍ୟ-ସାଧାରଣ ମୈତ୍ରରଙ୍କୁ ପୂର୍ବରୁ ଯେଉଁ ନିର୍ଣ୍ଣାୟକ ଆସନରେ ବସାଇଥିଲେ, ଏବେ ଧୀରେ ଧୀରେ ତାଙ୍କ ନିକଟରୁ ଛଡ଼ାଇ ନେଉଛନ୍ତି। ତାଙ୍କର ସ୍ଥାନ ଦଳରେ ଆଉ ଚାରିଜଣଙ୍କ ଭଳି ସାଧାରଣ ସ୍ତରକୁ ଖସି ଆସୁଛି। ଦୀର୍ଘଦେହୀ, ପରାକ୍ରମଶାଳୀ ଏହି ପୁରୁଷ ଏବେ ଅନୁଭବ କଲେଣି, ତାଙ୍କର ନିଜର, ଏକାନ୍ତ ନିଜର ରୂପେ ଆଉ ବେଶି କେହି ଲୋକ ନାହାନ୍ତି। ଓଡ଼ିଶା ଜନତାଦଳରେ ତାଙ୍କୁ ଖୋଲାଖୋଲି ଚାଲେଞ୍ଜ କରିବାର ଧୃଷ୍ଟତା ଏବେ କେତେକଙ୍କର ଦେଖାଦେଇଛି। ନା, ଆମେ ଏଠି ଶ୍ରୀକାନ୍ତ ଜେନାଙ୍କ କଥା କହୁନାହୁଁ। କାରଣ ଶ୍ରୀକାନ୍ତ ଏବେ ବିଜୁବାବୁଙ୍କ ତୂଣୀର ଶର ହୋଇନାହାନ୍ତି। ସେ ନିଜେ ଏବେ ତୂଣୀ ଧାରଣ କରୁଛନ୍ତି। ତାଙ୍କ ତୂଣୀରେ ବହୁ ବିଷାକ୍ତ ଶର ଭରି ରହିଛି। ଆଉ ସେଗୁଡ଼ିକର ଏକମାତ୍ର ଲକ୍ଷ୍ୟସ୍ଥଳ ହେଲା ବିଜୁ ପଟ୍ଟନାୟକ।

ଆମେ ପୂର୍ବରୁ ବିଜୁ, ବିଜୟ ଓ ବିଦ୍ରୋହୀ ବିଧାୟକ ନିବନ୍ଧରେ ବିଜୁବାବୁଙ୍କୁ ଯଦୁବଂଶର ସୃଷ୍ଟିକର୍ତ୍ତା ରୂପେ ଚିତ୍ରଣ କରି ତାଙ୍କ ଅସ୍ତ୍ରାଗାର ଅସ୍ତ୍ରବିହୀନ ହୋଇପଡ଼ିଥିବା କଥା ଉଲ୍ଲେଖ କରିଥିଲୁ। ଗତ ୧୯ ତାରିଖ ବୈଠକରେ ଏହା କେତେ ସତ୍ୟ, କେତେ ନିଷ୍ଠୁର ବାସ୍ତବ ତାହାହିଁ ପ୍ରମାଣିତ ହୋଇଗଲା। ମନେହେଲା ସେଇ ପ୍ରବଳ ପରାକ୍ରାନ୍ତ ନାୟକ, ବହୁ ଦୁର୍ଜେୟ ଯୁଦ୍ଧର ଅନୁଭବୀ ସେନାପତି ସାମାନ୍ୟ ଶରର ଆଘାତରେ ଧରାଶାୟୀ ହୋଇପଡୁଛନ୍ତି। ଚତୁର୍ଦ୍ଦିଗରେ ଘେରି ରହିଥିବା ପାର୍ଶ୍ୱପରିଜନ, ଯେଉଁମାନେ ତାଙ୍କରି ଦ୍ୱାରା ପରାଙ୍ଗପୁଷ୍ଟ, ନୀରବରେ ଚାହିଁ ରହିଛନ୍ତି ଯଦୁବଂଶର ଶେଷ ନାୟକଙ୍କ ନୈରାଶ୍ୟ ଜର୍ଜରିତ ଅଶ୍ରୁବାଣ ମୁଖମଣ୍ଡଳକୁ।

ବିଜୁବାବୁ ଓ ତାଙ୍କ ମନ୍ତ୍ରିମଣ୍ଡଳ ଦୁର୍ନୀତିଗ୍ରସ୍ତ ବୋଲି ଶ୍ରୀକାନ୍ତ ଜେନା ବାରମ୍ବାର କହିବା ଓ ଜନତାଦଳର କେହି ତାକୁ ପ୍ରତିବାଦ ନ କରିବା ଦ୍ୱାରା ସାଧାରଣରେ ଜନତା ସରକାରଙ୍କ ଭାବମୂର୍ତ୍ତି ପ୍ରତି ସ୍ୱାଭାବିକ ଭାବେ ଏକ ପ୍ରତିକୂଳ ମନୋଭାବ ସୃଷ୍ଟି ହୋଇଛି। ଶ୍ରୀକାନ୍ତ ଜେନା ଏହା କହିବା ଦ୍ୱାରା ସାଧାରଣରେ ତାଙ୍କର ଭାବମୂର୍ତ୍ତି ବଢ଼ୁ ବା ନବଢ଼ୁ, ତାଙ୍କ ନିଜ ଦଳ ମଧ୍ୟରେ ନିଜକୁ ଜଣେ ଟାଣୁଆ ନେତା ରୂପେ ପ୍ରତିଷ୍ଠିତ କରାଇ ପାରିଛନ୍ତି। ସେ ଆଗାମୀ ନିର୍ବାଚନରେ ଜିତିବେ କି ହାରିବେ, ତାହା ଭିନ୍ନ କଥା। କିନ୍ତୁ ଏଇ ମୁହୂର୍ତ୍ତରେ ଓଡ଼ିଶା ଜନତାଦଳରେ ତାଙ୍କ ପ୍ରଭାବ ବିଜୁବାବୁଙ୍କ ଅପେକ୍ଷା କୌଣସି ଗୁଣରେ ନ୍ୟୂନ ନୁହେଁ। ବିଜୁବାବୁଙ୍କ ସ୍ତରର ନେତାଙ୍କୁ ଯେଉଁଳି ସ୍ପଷ୍ଟ ଭାଷାରେ ସେ ସମାଲୋଚନା କରୁଛନ୍ତି, ତାହାକୁ ପାଗଳର ପ୍ରଳାପ କହି ଉଡ଼େଇ ଦେଇହେବ ନାହିଁ। କାରଣ ଶ୍ରୀକାନ୍ତ କେନ୍ଦ୍ରୀୟ ଜନତାଦଳ ମାନ୍ୟତା ତାଲିକାରେ ଏବେ ବେଶ୍ ଉପରେ। ତେଣୁ ବିଜୁ ପଟ୍ଟନାୟକଙ୍କୁ ଦଳର ଏକ ଲାଏବିଲିଟି ବା ବୋଝ କହିବାକୁ ସେ କୁଣ୍ଠାବୋଧ କରିନାହାନ୍ତି। ତା' ସଂଗେ ସଂଗେ ଓଡ଼ିଶାର

Digitized by srujanika@gmail.com

ଜନତା ସରକାରକୁ ଚରମ ଦୁର୍ନୀତିଗ୍ରସ୍ତ କହି ସେ ବିଜୁବାବୁଙ୍କ ଉପରକୁ ଏଭଳି ଏକ ଶର ନିକ୍ଷେପ କରିଛନ୍ତି, ଯାହାକୁ ବିଜୁବାବୁ ବା ତାଙ୍କର କୌଣସି ମନ୍ତ୍ରୀ ପ୍ରତିରୋଧ କରିବା ବା ପ୍ରତିହତ କରିବା ପାଇଁ ପ୍ରତିଅସ୍ତ୍ର ଖୋଜି ପାଉନାହାନ୍ତି।

ଡିସେମ୍ବର ୧୯ ତାରିଖ ବୈଠକରେ ବିଜୁବାବୁ ଆଶା କରୁଥିଲେ ଶ୍ରୀକାନ୍ତଙ୍କ ବିରୋଧରେ ସ୍ୱର ଉତ୍ତୋଳନ ହେବ। କିନ୍ତୁ କେହି ମୁହଁଖୋଲି ସେକଥା ଉଠାଇଲେ ନାହିଁ। ଯାହା ବା ଉଠିଲା ସେ ସ୍ୱର ଅତ୍ୟନ୍ତ କ୍ଷୀଣ। ଶେଷରେ ନିଜେ ସର୍ବୋଚ୍ଚ ସେନାପତିଙ୍କୁ ଧନୁଷ୍ଟଙ୍କାର କରିବାକୁ ପଡ଼ିଲା। କିନ୍ତୁ ଯଦୁବଂଶର ଚରମ ପରିଣତି ପାଖ ହୋଇ ଆସିବା ଯୋଗୁଁ ହେଉ କିମ୍ବା ଦୀର୍ଘଦିନ ଧରି ଧନୁ ଆମଞ୍ଚନ କରିବାର ଅନଭ୍ୟାସ ଯୋଗୁଁ ହେଉ, ଧନୁଷ୍ଟଙ୍କାର ବଜ୍ର ନିର୍ଘୋଷର ସ୍ୱରରେ ଯେଉଁ ତୀବ୍ରତା ରହିବା କଥା, ତାହା ଅନୁପସ୍ଥିତ ଥିଲା। ତେବେ ମଧ୍ୟ ତାଙ୍କର ପ୍ରିୟଭାଜନ ହେବା ପାଇଁ ହେଉ କିମ୍ବା ନିଷ୍ଠାପର ସହଚର ଭାବେ ହେଉ ପ୍ରଦୀପ ମହାରଥୀ ଓ ଶରତ ପାଇକରାୟ ପ୍ରମୁଖ ଅଳ୍ପ କିଛି ସଦସ୍ୟ ଆଗେଇ ଆସିଲେ ତାଙ୍କୁ ସାହାଯ୍ୟ କରିବା ପାଇଁ। ସେମାନେ ଉଚ୍ଚକଣ୍ଠରେ ଶ୍ରୀକାନ୍ତ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ। ମାତ୍ର ହାୟ, କାକସ୍ୟ ପରିବେଦନା- ସେ ସ୍ୱର ସହ ଆଉ କେହି ସମବେତ ଭାବେ କଣ୍ଠଦାନ କଲେନାହିଁ।

କିନ୍ତୁ ସବୁଠାରୁ ବଡ଼ ଆଘାତ ଅପେକ୍ଷା କରିଥିଲା, ବିଜୁବାବୁଙ୍କ ପାଇଁ। ଯେଉଁ ମୁହୂର୍ତ୍ତରେ ମହାରଥୀ ଓ ପାଇକରାୟ ଶ୍ରୀକାନ୍ତଙ୍କ ବିରୋଧରେ ଦାବି କରୁଥିଲେ, ସେମାନଙ୍କୁ ଚମକାଇ ଦେଇ • ଅତି ବିସ୍ମୟଜନକ ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଉମେଶ ସ୍ୱାଇଁ ପ୍ରମୁଖ ତା'ର ତୀବ୍ର ପ୍ରତିବାଦ କଲେ। କେବଳ ସେଇ ପ୍ରତିବାଦରେ ସେମାନଙ୍କ ସ୍ୱର ସୀମାବଦ୍ଧ ନଥିଲା, ବରଂ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବ କି ନାହିଁ, ବିଜୁବାବୁଙ୍କ ମୁହଁ ଉପରେ ତାହା ପଚାରିବାର ଧୃଷ୍ଟତା ମଧ୍ୟ ସେମାନେ ପ୍ରଦର୍ଶନ କରିଥିଲେ। ସେମାନଙ୍କର ଯୁକ୍ତି ଥିଲା ଦଳକୁ ଠିକ୍ ବାଟରେ ଆଣିବା ପାଇଁ ଶ୍ରୀକାନ୍ତ ଜେନା ଏ ଧରଣର ବକ୍ତବ୍ୟ ଦେଇଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ତୁଷ୍ଟି ସାଧନ ପାଇଁ ମୁଖ୍ୟମନ୍ତ୍ରୀ, ଯୁବ ଜନତାର ଓଡ଼ିଶା ବନାଓ ର୍‍ୟାଲିରେ ଯେଉଁ ଚାଟୁକାରର ଭୂମିକା ନେଇଥିଲେ, ତାହା ଦଳୀୟ ଶୃଙ୍ଖଳାର ପରିପନ୍ଥୀ ହେବ କି ନାହିଁ? ଏ ଦୁଇ ସଦସ୍ୟଙ୍କ ଆଲୋଚନା ପରେ ଶ୍ରୀକାନ୍ତଙ୍କ ବିରୋଧରେ ଆଉ ପ୍ରସ୍ତାବ ଗ୍ରହଣ କରିବା ପାଇଁ କେହି ସାହସ କରିନଥିଲେ। ବୈଠକରେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହେଲା ଯେଉଁଠି ବିଜୁବାବୁ ଅତ୍ୟନ୍ତ ଅସହାୟ ହୋଇପଡ଼ିଲେ।

ବିଜୁବାବୁ ନିଶ୍ଚିତ ଭାବେ ଆଶା କରିଥିଲେ ତାଙ୍କର ସ୍ନେହାସ୍ପଦ ମନ୍ତ୍ରୀଗଣ ତାଙ୍କର ସହାୟତା କରିବେ। କିନ୍ତୁ କେହି ଜଣେହେଲେ ଆଗେଇ ଆସିଲେ

Digitized by srujanika@gmail.com

ନାହିଁ। ଅଶୋକ ଦାସ, ବିଜୟ ମହାପାତ୍ର ଓ ନଳିନୀ ମହାନ୍ତି, ଦାମୋଦର ରାଉତ, ସୂର୍ଯ୍ୟନାରାୟଣ ପାତ୍ର କେହି ଜଣେହେଲେ ଶ୍ରୀକାନ୍ତଙ୍କ ବିରୋଧରେ ପ୍ରସ୍ତାବ ଗ୍ରହଣ ପାଇଁ ମନ୍ତବ୍ୟ ଦେବାକୁ ଆଗେଇ ଆସିଲେ ନାହିଁ। ବୈଠକରେ ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳରୁ ତଡ଼ା ଖାଇଥିବା ରାମକୃଷ୍ଣ ପଟ୍ଟନାୟକ, ଶରତ କର ଓ ବିଶ୍ୱଭୂଷଣ ହରିଚନ୍ଦନ ବସିଥିଲେ। ମନେମନେ ସମ୍ଭବତଃ ହସୁଥିଲେ ତିନିଜଣ। ନିଜେ ବିଜୁବାବୁ ଶ୍ରୀକାନ୍ତଙ୍କ ଆଚରଣରେ କେବଳ କ୍ଷୁବ୍ଧ ନୁହନ୍ତି, ଚରମ ଅପମାନିତ। ଅଥଚ ତାଙ୍କ ମନୋଭାବକୁ ବୁଝି ମଧ୍ୟ କେହି ଆଗେଇ ଆସିଲେ ନାହିଁ। ସମ୍ଭବତଃ ସମସ୍ତେ ମନେକଲେଣି ବିଜୁବାବୁଙ୍କ ଅବସ୍ଥା ଏବେ ତାଳଗଛର ତଳବାହୁଙ୍ଗା ଭଳି। କେତେବେଳେ ଖସିଯିବେ। ତେଣୁ ଶ୍ରୀକାନ୍ତଙ୍କ ଭଳି ଉପର ବାହୁଙ୍ଗାକୁ ଟାଣି ଓଟାରି ଖସାଇବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା କ'ଣ ଅଛି ?

ଡିସେମ୍ବର ଊଣେଇଶ ତାରିଖର ବୈଠକ ବିଜୁବାବୁ ଓ ଓଡ଼ିଶା ଜନତାଦଳର ସ୍ଥିତି ସମ୍ପର୍କରେ ଅନେକ କିଛି ବିଷୟ ପରିଷ୍କାର କରିଦେଇଛି। ଆଉ ଗୋଟିଏ କଥା ସ୍ପଷ୍ଟ କରିଦେଇଛି ଜନତାଦଳର ମୁଖ୍ୟଗୋଷ୍ଠୀ ଶ୍ରୀକାନ୍ତ ଜେନାଙ୍କ ପଛରେ ଅଛନ୍ତି।

ଶ୍ରୀକାନ୍ତ ଜେନା ଓଡ଼ିଶା ମନ୍ତ୍ରିମଣ୍ଡଳରୁ ଦୁର୍ନୀତିଗ୍ରସ୍ତ ବୋଲି ଏଭଳି ଖୋଲାଖୋଲି ମନ୍ତବ୍ୟ କିପରି ଦେଲେ ବୋଲି ଆମେ କିଛି ଜନତାଦଳର ବିଧାୟକ ଓ ଆପାତତଃ ଦୃଷ୍ଟିରେ ସାଧୁ ସଚ୍ଚୋଟ ମନ୍ତ୍ରୀ ରୂପେ ପରିଚିତ କିଛି ବନ୍ଧୁଙ୍କ ସହ ଆଳାପ ଆଲୋଚନା କରିଥିଲୁ। ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା ପରେ ସମସ୍ତ ବିଷୟକୁ ଓଡ଼ିଆ ଭାଷାର ଗୋଟିଏ ପ୍ରବାଦରେ ସୀମାବଦ୍ଧ କରାଯାଇପାରେ। ତା' ହେଉଛି 'ଶାଗଖିଆକୁ ପେଜଖିଆ ସହିପାରେ ନାହିଁ।' ଶ୍ରୀକାନ୍ତ ବାବୁ ଏକଦା ମନ୍ତ୍ରୀ ଥିଲେ। କେନ୍ଦ୍ରରେ ମଧ୍ୟ ଟାଣୁଆ ମନ୍ତ୍ରୀ ଥିଲେ। (ଏବେ ତାଙ୍କ ହାତରେ ସିଧାସଳଖ କ୍ଷମତା ନାହିଁ। ଏହାହିଁ କ'ଣ ତାଙ୍କ ମନକୁ ଆନ୍ଦୋଳିତ କରୁଛି ?) ଓଡ଼ିଶା ଦଳରେ ତାଙ୍କର ପ୍ରଭାବ ମଧ୍ୟ ଏବେ ଦେଖାଗଲା। ଶ୍ରୀକାନ୍ତ ବାବୁଙ୍କୁ ତାଙ୍କର ରାଜନୀତିକ ଜୀବନ ଆରମ୍ଭ ବେଳୁ ଆମେ ଜାଣୁ ଓ ଶ୍ରଦ୍ଧା କରୁ। ସେ ସ୍ପଷ୍ଟବାଦୀ। ତେବେ ବର୍ତ୍ତମାନ କଥା ହେଉଛି ଓଡ଼ିଶା ମନ୍ତ୍ରିମଣ୍ଡଳରେ ସେ ଅଙ୍ଗୁଳି ନିର୍ଦ୍ଦେଶ କରି କହିବା ଉଚିତ କିଏ ଦୁର୍ନୀତିଗ୍ରସ୍ତ ଓ କିଏ ସାଧୁ ? ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ତଳ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଯେଉଁ ସମ୍ପତ୍ତି ତାଲିକା ଦାଖଲ କଲେ, ତାକୁ ପୁଙ୍ଖାନୁପୁଙ୍ଖ ମନ୍ଥନ କରିବା ପରେ ଆମେ ଏହି ନିର୍ଯ୍ୟାସରେ ଉପନୀତ ହେଲୁ ଯେ ଓଡ଼ିଶା ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଗୋଟାପଣ ଧୂଆତୁଳସୀ, ଏ ଅବସ୍ଥାରେ ବାବୁ ଶ୍ରୀକାନ୍ତଙ୍କ ଅଭିଯୋଗ ଆମକୁ କେବଳ ବିସ୍ମିତ କରିନାହିଁ ବ୍ୟଥିତ କରିଛି। ତେଣୁ ଆମର ଅନୁରୋଧ ଓଡ଼ିଶାବାସୀଙ୍କ

Digitized by srujanika@gmail.com

ଗୋଚରାର୍ଥେ ଶ୍ରୀକାନ୍ତ କେଉଁ ମନ୍ତ୍ରୀ କି ପ୍ରକାର ଦୁର୍ନୀତି କରିଛନ୍ତି, ତା'ର ଏକ ବିବରଣୀ ଦେବେ।

ଏବେ ରହିଲା ନିର୍ବାଚନ କଥା। ୧୯ ତାରିଖର ବୈଠକରେ ମୁଖ୍ୟମନ୍ତ୍ରୀ ତାଙ୍କ ସଖା-ସହୋଦରମାନଙ୍କର ଯେଉଁ ଆଚରଣ ଦେଖିଲେ, ସେଥିରେ ସମ୍ଭବତଃ ବିଧାନସଭା ବଜେଟ୍ ଅଧିବେଶନ ପରେ ପରେ ନିର୍ବାଚନ ପାଇଁ ମନ ବଳାଇ ପାରନ୍ତି। ତେବେ ଜନତାଦଳ ବୈଠକରେ ମନ୍ତ୍ରୀ ବିଜୟ ମହାପାତ୍ର ଜନତାଦଳର ସ୍ଥିତି ଦୁର୍ବଳ ବୋଲି ଯେଉଁ ଯୁକ୍ତି ଦର୍ଶାଇଛନ୍ତି, ତାହା ବାସ୍ତବରେ ଏକ ନିରପେକ୍ଷ ପର୍ଯ୍ୟାଲୋଚନା, ଅବଶ୍ୟ ସଂଗେ ସଂଗେ ମତ ଦେଇଛନ୍ତି ସମସ୍ତେ ଏକଜୁଟ ହୋଇ କାର୍ଯ୍ୟକଲେ ଏହା ଦୂରୀଭୂତ ହୋଇପାରିବ।

କିନ୍ତୁ ବିଜୟବାବୁଙ୍କ ମନରେ ଜନତାଦଳର ନୈରାଶ୍ୟଜନକ ସ୍ଥିତି ସମ୍ପର୍କରେ ଯେଉଁ ଆଶଙ୍କା ଉପୁଜିଛି ତାହା ବିଜୁବାବୁଙ୍କୁ ମଧ୍ୟ ଘୋର ଦ୍ୱନ୍ଦରେ ପକାଇଦେଇଛି। ଦଳର ପରିସ୍ଥିତି ଯଦି ସେଭଳି ଦୁର୍ବଳ, ସେ କ୍ଷେତ୍ରରେ ଆଉ ନିର୍ବାଚନ ପାଇଁ ଯିବା ବୋକାମି ହେବ। ବରଂ ୧୯୯୫ ଫେବୃଆରୀ ପର୍ଯ୍ୟନ୍ତ ସରକାରରେ ରହିବା ଭଲ। କାରଣ ନାହିଁ ମାମୁଁ ଠାରୁ ଅନ୍ତତଃ କଣାମାମୁଁ ଭଲ। ଅନ୍ୟପକ୍ଷରେ ଦଳର ଆଉ କେତେକ ନେତା ମନେକରନ୍ତି ସରକାରଙ୍କର ଭାବମୂର୍ତ୍ତି ଦିନକୁ ଦିନ କ୍ଷୁଣ୍ଣ ହେଉଥିଲେ ମଧ୍ୟ ଏବେ ନିର୍ବାଚନକୁ ଯିବା ଉଚିତ। କାରଣ ରାଜ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦୀ କଂଗ୍ରେସ ଦଳ ବର୍ତ୍ତମାନ ସଂଗଠିତ ନୁହନ୍ତି। କଂଗ୍ରେସ ଦଳ ବହୁ ଗୋଷ୍ଠୀରେ ବିଭକ୍ତ। ଏହି ଦୁଇଟି ମତବାଦ ଭିତରେ ଜନତାଦଳ ଏବେ ନିର୍ବାଚନକୁ ଯିବା ନଯିବା କଥା ସ୍ଥିର କରିବେ।

ତେବେ ଏହା ନିଶ୍ଚିତ ଯେ, ଜନତାଦଳ ଆଗାମୀ ମାର୍ଚ୍ଚ-ଏପ୍ରିଲ୍ ପୂର୍ବରୁ ନିର୍ବାଚନ ପାଇଁ ନିଷ୍ପତ୍ତି ନେବେନାହିଁ। ତା'ର କାରଣ ହେଉଛି ମାର୍ଚ୍ଚ ମାସରେ ରାଜ୍ୟସଭାକୁ ଓଡ଼ିଶାରୁ ତିନିଜଣ ସଦସ୍ୟ ନିର୍ବାଚିତ ହେବେ। ଏଥର ଯେଉଁ ତିନିଜଣ ରାଜ୍ୟସଭାରୁ ଅବସର ନେବେ, ସେମାନେ ହେଲେ ରେଳ ରାଷ୍ଟ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା, କଳାହାଣ୍ଡିର ମନମୋହନ ମାଥୁର ଓ ଫୁଲବାଣୀର ଜଗଦିଶ ଜାନୀ। ମାର୍ଚ୍ଚ ମାସ ନିର୍ବାଚନରେ ଜନତାଦଳର ତିନିଜଣ ବ୍ୟକ୍ତି ରାଜ୍ୟସଭାକୁ ଅକ୍ଳେଶରେ ନିର୍ବାଚିତ ହୋଇ ପାରିବେ। ତେଣୁ ଯାହାହେଲେ ମଧ୍ୟ ମାର୍ଚ୍ଚ ପୂର୍ବରୁ ନିର୍ବାଚନ ପାଇଁ ଜନତାଦଳ ଯିବ ବୋଲି ଆଶା କରାଯାଉନାହିଁ।

ଜନତାଦଳର କାର୍ଯ୍ୟ ନିର୍ବାହକ ବୈଠକ ପରେ ଦଳ ଭିତରେ ବିଜୁବାବୁଙ୍କ ସହ ଆମେ ଶ୍ରୀକାନ୍ତ ଜେନାଙ୍କୁ ସମାନସ୍କନ୍ଧ ବା ସମତୁଲ୍ୟ ନେତା ରୂପେ ମାନିବାକୁ ବାଧ୍ୟ ହେଉଛୁ। ଅବଶ୍ୟ ଏକଥା ବାହାରେ କିମ୍ବା ଦଳର ସାଧାରଣ ବିଧାୟକମାନଙ୍କ ଆଗରେ କହିବାବେଳେ ସେମାନେ ସ୍ପଷ୍ଟ ଭାଷାରେ ଏହାର

Digitized by srujanika@gmail.com

ପ୍ରତିବାଦ କରୁଛନ୍ତି। ସେମାନେ କହୁଛନ୍ତି- ''ହେଃ, ଆପଣ କ'ଣ କହୁଛନ୍ତି? କାହା ସାଙ୍ଗେ କାହାକୁ ତୁଳନା କରୁଛନ୍ତି।'' ତେବେ ଦଳର ବୈଠକରେ ଏହାର ପ୍ରତିବାଦ କଲନାହିଁ କାହିଁକି? ସେମାନଙ୍କର ଉତ୍ତର- କ'ଣ ପ୍ରତିବାଦ କରିଥାନ୍ତୁ। ଯିଏ ପ୍ରତିବାଦ କରିବା କଥା, ସେମାନେ ତ କେହି କଲେନାହିଁ- ବିଜୁବାବୁ ତ ସେଇମାନଙ୍କୁ କୁଣ୍ଢେଇ ଧରିଛନ୍ତି। ଆମେ ଅଯଥା ଚିହ୍ନା ପଡ଼ିବୁ କାହିଁକି?

- କିନ୍ତୁ ବିଜୁବାବୁ କ'ଣ ସେକଥା ବୁଝିପାରିଛନ୍ତି?

- ବୁଝିଲେ ବୁଝନ୍ତୁ, ନ ବୁଝିଲେ ନାହିଁ। କିନ୍ତୁ ଯାହା ହେବ ସେଇ ତ ସମ୍ଭାଳିବେ। ଖୋଲା ମଇଦାନରେ ଜନତାଙ୍କ ସମ୍ମୁଖରେ ବିଜୁବାବୁ କେଉଁଠି ଶ୍ରୀକାନ୍ତ କେଉଁଠି?

- ବିଜୁବାବୁ ଯେତେ ଭୁଲ କରନ୍ତୁ- ସାଧାରଣ ଏମ୍.ଏଲ.ଏ. ତାହା ମାନିବାକୁ ନାରାଜ। ଯୁକ୍ତି କରି ସେମାନଙ୍କୁ ତାହା ଜଣାଇଦେଲେ ମଧ୍ୟ ସେମାନଙ୍କ ଉତ୍ତର ହେଉଛି ବୁଢ଼ାହେଲେଣି- କ'ଣ ଗୋଟେ ଭୁଲ କରିଦେଲେ। ଭାସିଗଲା କ'ଣ? ଯଦି ତାଙ୍କୁ କୁହାଯାଏ, ବିଜୁବାବୁଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହେଉଛି, ସେମାନେ ଉତ୍ତର ଦେବେ ଦଳ ଚଳାଇବାକୁ ହେଲେ କିଛି ଦୁର୍ନୀତି କରିବାକୁ ପଡ଼ିବ।

ବିଜୁବାବୁଙ୍କ ପ୍ରତି ଏ ଅନ୍ଧ ସମର୍ଥନ କାହିଁକି? ତା'ର ଏକମାତ୍ର ଉତ୍ତର ହେଉଛି ଦେବାଳିଆ ଜନତାଦଳର ସମସ୍ତ ଗହଣା ଅପହୃତ ହୋଇଯିବା ପରେ ବିଜୁ ପଟ୍ଟନାୟକ ରୂପକ ନିମକାଠିଟି ଦେହରେ ଲାଗିଛି। ଏବେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ସେଇ ନିମକାଠିର ମହକ ହଜିଯାଇନାହିଁ। ଏମ୍.ଏଲ.ଏ.ମାନେ ମନେକରନ୍ତି, ସେଇ ମହକ ହିଁ ସେମାନଙ୍କୁ ପୁଣି ଥରେ ବିଧାନସଭାକୁ ଫେରାଇ ଆଣିବ। କାରଣ ସେଇ ନିମକାଠିର ମହକରେ ଯେଉଁ ସମ୍ମୋହନ ମନ୍ତ୍ର ଅଛି, ତାହାକୁ ଆଉ କେହି ହାସଲ କରିପାରିବେ ନାହିଁ। ସେଠି ଶ୍ରୀକାନ୍ତ ଜଣେ ରସହୀନ-ଗନ୍ଧହୀନ ପୁରୁଷ।

ଅନ୍ୟପକ୍ଷରେ ଭାରତୀୟ ରାଜନୀତିର ଏହି ମିଜାଜୀ ପୁରୁଷ ଜୀବନର ତୃତୀୟାଶ୍ରମରେ ପହଞ୍ଚି ଏବେ ମଧ୍ୟ ତାଙ୍କ ପଦତଳର ରାଜନୀତିର ମାଟିକୁ ଜାବୁଡ଼ି ଧରି ରହିବାକୁ ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଦେଖାଯାଉ ଭବିଷ୍ୟତ ତାଙ୍କ ପାଇଁ କ'ଣ ରଖିଛି?

ତା ୩.୧.୧୯୯୪

•

Digitized by srujanika@gmail.com

# ନିର୍ବାଚନ ଓ ବିଜୁବାବୁଙ୍କ ଜନତା ଦଳ ( ୧ )

ନିର୍ବାଚନ ଆଉ ଛ' ମାସ ପରେ। କ୍ଷମତାସୀନ ଦଳ ଠାରୁ ଆରମ୍ଭ କରି କ୍ଷୁଦ୍ରତମ ଦଳ ପର୍ଯ୍ୟନ୍ତ ସମସ୍ତେ ବିଜୟ ଲାଭ ପାଇଁ ନିଜ ନିଜ କୌଶଳ ସ୍ଥିର କରିବାରେ ବ୍ୟସ୍ତ। 'ଗଣତନ୍ତ୍ର' ବୋଲି ଯେଉଁ ଶବ୍ଦ ଆମକୁ, ଆମ ଚେତନ ଓ ଅବଚେତନ ମନକୁ ଆଚ୍ଛନ୍ନ କରିରଖିଛି ତାରି ଅନ୍ୟତମ ମୁଖ୍ୟ ପ୍ରକ୍ରିୟା ହେଲା 'ନିର୍ବାଚନ'। 'ଗଣତନ୍ତ୍ର' ଯେତିକି ଯେତିକି ପୁରୁଣା ହୋଇଯାଉଛି ନିର୍ବାଚନ ଠିକ୍ ସେହି ଅନୁପାତରେ ପୁରୁଣା ହୋଇଯାଉଛି। ଆଉ ଆମେ ଓଡ଼ିଶାବାସୀ ନିର୍ବାଚନର ଏହି ଅଗ୍ନିରେ ପୋଡ଼ି ହୋଇ 'ସୀତା' ହେବା ବଦଳରେ ଅନୁତାପରେ ଦଗ୍ଧ ହୋଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିରହିଛୁ। କାରଣ ଯାହାଙ୍କୁ ଆମେ ବାଛୁଛୁ ସେମାନେ ଆମକୁ ବାଛରା ବନେଇ ନିଜ କାମ ବେଶ୍ ଆରାମରେ କରୁଛନ୍ତି। ଗଣତନ୍ତ୍ର ଯେତିକି ଯେତିକି ପୁରୁଣା ହେଉଛି ଦୁର୍ନୀତି, ଅସାମାଜିକତା, ଅପାରଗତା ଓ ଅଯୋଗ୍ୟତା ପ୍ରଶାସନ ଓ କ୍ଷମତାକୁ ଅପିଧାନ କରି ପକାଉଛି। ଏଥିରୁ ମୁକ୍ତ ହେବା ପାଇଁ ସାଧାରଣ ଲୋକେ ବାଟ ପାଉନାହାନ୍ତି।

ବିଜୁବାବୁ ଲୋକଙ୍କୁ ୧୯୯୦ ସାଲ ନିର୍ବାଚନରେ ଭେଟିଲେ। ବିଜୁବାବୁ ଲୋକଙ୍କୁ ଆକାଶକୁସୁମ ତୋଳି ଆଣିବେ ବୋଲି ଲୋଭ ଦେଖାଇଲେ। ଲୋକଙ୍କ ଆଖିରେ ଏଇମିତି ବିଜୁ ପଟ୍ଟନାୟକ ସଦାବେଳେ 'ରବିନ ହୁଡ୍'ର ପ୍ରତୀକ ରୂପେ ଦେଖା ଦେଇଥାନ୍ତି। ୧୯୯୦ ସାଲ ନିର୍ବାଚନରେ ଏଇ ପରିଣତ ବୟସର ରବିନ ହୁଡ୍‌ଙ୍କ କଥାକୁ ଲୋକେ ଅବିଶ୍ୱାସ କଲେ ନାହିଁ। ଜନତାଦଳର ପ୍ରଖର ହାଓ୍ୱାରେ ବିଜୁବାବୁ ଏକାକୀ ଅଶ୍ୱାରୋହୀ ସାଜି ସମଗ୍ର ରାଜ୍ୟରୁ ଭୋଟ ସାଉଁଟି ଆଣିଲେ। ଅଣ୍ଟି ତାଙ୍କର ଉଚ୍ଛୁଳି ପଡ଼ିଲା। କଣ୍ଠ ତାଙ୍କର ପୂରିଗଲା। ପାର୍ଶ୍ୱଚରମାନଙ୍କୁ ନେଇ ସଚିବାଳୟରେ ପ୍ରବେଶ କଲେ। ସଚିବାଳୟ ମନ୍ତ୍ରୀଗଳିର କୋଣ-ଅନୁକୋଣ ଭରିଗଲା ପାର୍ଶ୍ୱ-ପାରିଷଦରେ। ମନ୍ତ୍ରୀଗଳିରେ ସ୍ଥାନ ଅକୁଳାଣ ହେଲା। ବିଛାଡ଼ି ହୋଇ ପଡ଼ିଲେ ପାରିଷଦ ସଚିବାଳୟର ବିଭିନ୍ନ ଦିଗକୁ। ସାଧାରଣ ଲୋକେ ବିଜୁବାବୁଙ୍କୁ ଆଶା ଭରସାର ଏକମାତ୍ର ନାୟକ ରୂପେ ଗ୍ରହଣ କରିନେଇଥିଲେ। ୧୯୯୦ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୀବନର ପ୍ଲାଟିନମ୍ ଜୁବିଲି (ପଞ୍ଚସ୍ତରି

Digitized by srujanika@gmail.com

ବର୍ଷ ପୂର୍ତ୍ତି) ଉତ୍ସବରେ ଓଡ଼ିଶାର ଜନସାଧାରଣ ତାଙ୍କୁ ଉପହାର ଦେଇଥିଲେ ଏକ ମହାର୍ଘ୍ୟ ଫଳ। ତା'ହେଲା ଓଡ଼ିଶାର ମୁଖ୍ୟମନ୍ତ୍ରିତ୍ୱ। ଗତ ତିରିଶ ବର୍ଷ ଧରି ବିଜୁବାବୁ ଏହି ନିଷିଦ୍ଧ ଫଳ ଖାଇ ସେ ଖାନ୍ନା କମିଶନର ସମ୍ମୁଖୀନ ହୋଇଥିଲେ ତାକୁ ସେ ଭୁଲିଗଲେ। ପୁଣି ସେଇ ନିଷିଦ୍ଧ ଫଳ ପାଇଁ ଧାଇଁ ଶେଷରେ ସଫଳ ହେଲେ। କିନ୍ତୁ ଏଥର ସେଇ ନିଷିଦ୍ଧ ଫଳ ଭକ୍ଷଣ କରି ବିଜୁବାବୁ ତିଷ୍ଠିଗଲେ ପୂରା ପାଞ୍ଚବର୍ଷ। ୧୯୬୧ର ସେଇ ଦୁଇବର୍ଷର କାର୍ଯ୍ୟକାଳ ବିଜୁବାବୁଙ୍କ ଜନମାନସରେ ତିରିଷ ବର୍ଷ ପର୍ଯ୍ୟନ୍ତ ବଞ୍ଚାଇ ଦେଇଥିଲା। ମାତ୍ର ୧୯୯୦ରେ ପାଞ୍ଚବର୍ଷିଆ କାର୍ଯ୍ୟକାଳ ଲକ୍ଷ୍ୟହୀନ ଭାବେ ତାଙ୍କୁ ଟାଣି ନେଇଗଲା ଏକ ଅନ୍ଧକାର ଗହ୍ୱର ଭିତରକୁ। ଯେଉଁଠି ଯାଉ ଯାଉ 'ରବିନହୁଡ'ର ମୁଖା ଖଣ୍ଡ ଖଣ୍ଡ ହୋଇ ବାଟ ସାରା ବିଞ୍ଚି ହୋଇଯାଉଛି।

ବିଜୁବାବୁ କ'ଣ ଏହି ପ୍ରତିକୂଳ ପରିବେଶ ବା ପରିଣତି ପ୍ରତି ସଚେତନ? ଅନେକ ସମୀକ୍ଷକ ଏହି ପ୍ରଶ୍ନ ଅନେକଙ୍କୁ କରିଥାନ୍ତି। ଆମେ ମନେକରୁ ବିଜୁବାବୁଙ୍କୁ ଯେଉଁମାନେ ଆତ୍ମଭୋଳା ଲୋକ ଓ କୌଣସି କଥାକୁ ଭ୍ରୂକ୍ଷେପ କରୁନଥିବା ଲୋକ ବୋଲି ମନେ କରନ୍ତି ସେମାନଙ୍କ ବିଚାରଧାରା ସମ୍ଭବତଃ ଠିକ୍ ନୁହେଁ। ଏକଥା ଅବଶ୍ୟ ସତ୍ୟ ଯେ ନାରୀମାନଙ୍କୁ ଦେଖିଲେ ସେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ନ୍ତି। କିନ୍ତୁ ନାରୀମାନଙ୍କୁ ଦେଖି କେଉଁ ପୁରୁଷ କର୍କଶ ହୋଇଯିବାର ଦୃଷ୍ଟାନ୍ତ ମଧ୍ୟ ନାହିଁ। ମହିଷାସୁର ଭଳି ଶକ୍ତିଶାଳୀ ରାକ୍ଷସ ଯେତେବେଳେ ନାରୀ ଦର୍ଶନରେ ହୀନବଳ ହୋଇପଡ଼ିଲା ସେଠି ବିଜୁବାବୁ କେତେକର? କିନ୍ତୁ ବିଜୁବାବୁ ରାଜନୀତିକ ବିଚାର ବିବେଚନାରେ ନିଶ୍ଚିତ ଭାବେ ପାରଙ୍ଗମ। ଦୀର୍ଘ ଅଭିଜ୍ଞତାଠାରୁ ସେ ଏତିକି ଜାଣିଛନ୍ତି ଏକ ପ୍ରବଳ ଜୁଆର ପରେ ଭଟ୍ଟା ଅବଶ୍ୟମ୍ଭାବୀ। ତେଣୁ ପାଞ୍ଚବର୍ଷର ଶାସନ ପରେ ସେ ରାଜନୀତିକ ପ୍ରତିକୂଳତାର ଯେ ସମ୍ମୁଖୀନ ହେବେ ଏହା ଏକ ସାଧାରଣ କଥା। ତେବେ ମଣିଷର ଆଶା-ଆକାଂକ୍ଷାର ଅନ୍ତ ନାହିଁ। ସେହିଭଳି ବିଜୁବାବୁଙ୍କର ମଧ୍ୟ ଆଶା ହେଉଛି ରାଜ୍ୟ କଂଗ୍ରେସର ବିବାଦୀୟ ନେତୃତ୍ୱ ଓ ପରସ୍ପର ବିରୋଧୀ କାର୍ଯ୍ୟକଳାପ ତାଙ୍କୁ ପୁଣି ଥରେ ଗାଦିସୀନ କରିଦେବାରେ ବିଚିତ୍ର କ'ଣ?

ଆଜି ରାଜନୀତିକ ସମୀକ୍ଷକମାନଙ୍କ ନିକଟରେ ଏହି ପ୍ରଶ୍ନ ଦେଖାଦେଇଛି। ଓଡ଼ିଶା ବିଧାନସଭାର ନିର୍ବାଚନ ଯେତିକି ପାଖେଇ ପାଖେଇ ଆସୁଛି ପରବର୍ତ୍ତୀ ସରକାର କିଏ ଗଢ଼ିବ ସେଇ ପ୍ରଶ୍ନହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଜୁଙ୍କ ଜନତାଦଳ ପୁଣିଥରେ କିମ୍ବା ଜାନକୀବାବୁ ଫୁଲକାର ବିଜୟୀ ଖେଳୁଆଡ଼ ହେବେ? ଏବେ ପ୍ରଥମେ ଜନତାଦଳର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆସନ୍ତୁ ବିଚାର

Digitized by srujanika@gmail.com

କରିବା । ଜନତାଦଳରେ କ'ଣ ଚାଲିଛି, ବିଜୁବାବୁ କ'ଣ କରୁଛନ୍ତି ? ଜନତାଦଳର ସମସ୍ୟାଗୁଡ଼ିକୁ ପରପର ଏହିଭଳି ସଜେଇ ଦିଆଯାଇପାରେ । (୧) ବେଲୁର ବିଷାକ୍ତ ମଦଜନିତ ଓ ବାଳକୃଷ୍ଣ ବେହେରା କମିଶନ (୨) ଡି.ଆଇ.ଜି. ଅନାଦି ସାହୁଙ୍କ ବିସ୍ଫୋରକ ସାକ୍ଷ୍ୟଦାନ (୩) ବହୁ ବ୍ୟକ୍ତିଙ୍କର ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କୁ ବେଲୁର ରକ୍ଷାକର୍ତ୍ତା ଭାବେ ଅଭିଯୋଗ କରି ଖୋଲାଖୋଲି ସାକ୍ଷ୍ୟ ଦାନ (୪) ବିଜୟଙ୍କ ଇସ୍ତଫା ନାଟକ (୫) ରାମକୃଷ୍ଣ ପଟ୍ଟନାୟକଙ୍କର ନଳିନୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବି (୬) କେନ୍ଦ୍ର ଜନତା ଦଳର ବିଭାଜନ ଓ ଫାଟ ଯୋଡ଼ିବା ପାଇଁ ବିଜୁବାବୁଙ୍କ ଅନାଗ୍ରହ (୭) ବିଜୁବାବୁଙ୍କ ଅନୁଗତ ଗୋଷ୍ଠୀଙ୍କ ସହ ସାଲିସ୍ କରିବା ପାଇଁ ଶ୍ରୀକାନ୍ତଙ୍କ ନାସ୍ତିସୂଚକ ଜବାବ (୮) ପଚାଶ ଜଣ ବିଧାୟକଙ୍କର ରାମକୃଷ୍ଣଙ୍କୁ ବହିଷ୍କାର ଦାବି (୯) ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କେନ୍ଦ୍ରରେ ବିଭାଜିତ ଜନତା ଗୋଷ୍ଠୀର ଓଡ଼ିଶା ରାଜ୍ୟଶାଖା ସଭାପତି ପଦ ପାଇଁ ନିମନ୍ତ୍ରଣ (୧୦) ବିଜୁବାବୁଙ୍କ ବିରୋଧରେ ଶ୍ରୀକାନ୍ତଙ୍କ ତୀବ୍ର ସମାଲୋଚନା (୧୧) ବେଲୁ ମଦ ମାମଲାରେ ଶ୍ରୀକାନ୍ତଙ୍କ ବିସ୍ମୟକର ନିରବତା (୧୨) ମୟୂରଭଞ୍ଜ ଲୋକସଭା ଉପନିର୍ବାଚନରେ ପରାଜୟ (୧୩) ଅଣଗେଜେଟେଡ୍ କର୍ମଚାରୀଙ୍କ ନିକଟରେ ବିଜୁ ବାବୁଙ୍କର ଆତ୍ମସମର୍ପଣ (୧୪) ମନ୍ତ୍ରୀମାନଙ୍କ ମଧ୍ୟରେ ଗୋଷ୍ଠୀ ଉପଗୋଷ୍ଠୀ ଏବଂ ସର୍ବଶେଷ କିନ୍ତୁ ତୁଚ୍ଛ ନୁହେଁ (Last but not the least) (୧୫) ଜନତାଦଳ ନେତା ଓ ମନ୍ତ୍ରୀଙ୍କ ମଧ୍ୟରୁ ଶତକଡ଼ା ୯୯ ଭାଗ ବ୍ୟକ୍ତିଙ୍କ ଶିରାପ୍ରଶିରାରେ ଦୁର୍ନୀତିର ରକ୍ତ ।

ନିର୍ବାଚନ ପାଖେଇ ଆସୁଥିବାବେଳେ ଦଳ ଭିତରେ ଯେଉଁ ଚରମ ଗୋଷ୍ଠୀ ବିବାଦର ସୂତ୍ରପାତ ହୋଇଛି ତାହା ଆଉ ଦଳର ଆଭ୍ୟନ୍ତରୀଣ ବ୍ୟାପାର ବା ଗୋପନୀୟ ଘଟଣା ହୋଇ ନାହିଁ । ଏହା ଦାଣ୍ଡରେ ପଡ଼ି ହାଟରେ ଗଡ଼ଗଡ଼େଇଲାଣି । ତେଣୁ ବିଜୁବାବୁ ଲୋକଙ୍କୁ କ'ଣ କହିବବେ । ବିଜୁବାବୁଙ୍କ ଜନତାଦଳରେ ବିଜୁବାବୁ ଯେଉଁମାନଙ୍କୁ ଗୁରୁତ୍ୱ ଦେଉଛନ୍ତି ବା କ୍ଷମତାର କେନ୍ଦ୍ରକରି ବସାଇଛନ୍ତି ଲୋକଙ୍କ ନିକଟରେ ସେମାନଙ୍କ ଭାବମୂର୍ତ୍ତି କ'ଣ ? ଜନସାଧାରଣଙ୍କ ନିକଟରେ ବିଜୁବାବୁଙ୍କର ଯେଉଁ ସଯତ୍ନ ବର୍ଦ୍ଧିତ ଶ୍ରଦ୍ଧାସ୍ପଦ (Charismatic) ଭାବମୂର୍ତ୍ତି ଏତେକାଳ ପର୍ଯ୍ୟନ୍ତ ରହି ଆସିଥିଲା ତାହା ଅକ୍ଷୁଣ୍ଣ ଅଛି ତ ? ବିଗତ ପାଞ୍ଚବର୍ଷରେ ସେ ତାଙ୍କର ସମସ୍ତ ସହକର୍ମୀ ଓ ସ୍ତାବକମାନଙ୍କ ପ୍ରତି ସମାନ ନ୍ୟାୟ କରିଛନ୍ତି ତ ?

ରାଜନୀତିରେ ଭଦ୍ରଲୋକଙ୍କର ଅଭାବ ନାହିଁ । ତେବେ କେତେକ ଅସାମାଜିକ, ଜଣାଶୁଣା ଅପରାଧୀ, ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ସାମାଜିକତାର ମୁଖା ପିନ୍ଧି ଏହା ଭିତରକୁ ପଶି ଆସୁଛନ୍ତି । ମାତ୍ର ସମୟର କଷଟି ପଥରେ ସେମାନଙ୍କ ଏହି

Digitized by srujanika@gmail.com

ମୁଖାଟି ଖସିପଡ଼ି ଅସଲ ରୂପ ପଦାକୁ ବାହାରି ଆସୁଛି। ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳରେ ଏବଂ ବିଭିନ୍ନ ପଦାଧିକାରରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଏଭଳି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ସମ୍ପର୍କରେ ସାଧାରଣ ଲୋକେ ଅବହିତ ଥିବାବେଳେ ବିଜୁବାବୁ ଯେ ସେମାନଙ୍କୁ ଜାଣିନଥିବେ ତା ନୁହେଁ। ସେ କ୍ଷେତ୍ରରେ ସେମାନଙ୍କୁ ଦଳ ଭିତରେ ସ୍ଥାନ ଦେଲେ କିପରି? ଏଠି ପ୍ରଶ୍ନ ଉଠିପାରେ ଏଭଳି ଲୋକଙ୍କୁ ଜନସାଧାରଣ ଭୋଟ ଦେଲେ କାହିଁକି? କିନ୍ତୁ ଜନସାଧାରଣଙ୍କ ଉପାୟ କ'ଣ? ହାୱାରେ ଉଡ଼ି ଆସୁଥିବା ଏହି ଅସାମାଜିକ ବ୍ୟକ୍ତିଗଣ ସେହିଭଳି ହାୱାରେ ଭୋଟ ଉଡ଼େଇ ନିଅନ୍ତି। ଅବଶ୍ୟ ଏହା କେବଳ ଯେ ଜନତାଦଳ ପାଇଁ ପ୍ରଯୁଜ୍ୟ ତା ନୁହେଁ କଂଗ୍ରେସର ମଧ ଠିକ୍ ସେଇ ଅବସ୍ଥା। କିନ୍ତୁ ବିଜୁବାବୁ ଆଉ ରାଜ୍ୟ କଂଗ୍ରେସ ମଧ୍ୟରେ ଅନେକ ତଫାତ୍। ବିଜୁବାବୁ ଓଡ଼ିଶା ଜନତାଦଳର ନିଜେ ସର୍ବେସର୍ବା। ସେ ନ ଚାହିଁଲେ କୌଣସି ବ୍ୟକ୍ତି ନିର୍ବାଚିତ ହେବା ଦୂରେ ଥାଉ ଟିକେଟ ପାଇବ ନାହିଁ। ଆଉ ଜନତାଦଳର ତଥାକଥିତ କେନ୍ଦ୍ରୀୟ ନେତୃବର୍ଗଙ୍କ ଚାପରେ କେହି ଯଦି ଟିକେଟ୍ ପାଇଯାନ୍ତି ତେବେ ନିର୍ବାଚନରେ ତାଙ୍କୁ ପରାସ୍ତ ହେବାକୁ ପଡ଼ିବ। ଠିକ୍ ଯେପରି ଅବସ୍ଥା ହେଲା ବାବୁ ତ୍ରିଲୋଚନ କାନୁନ୍‌ଗୋଙ୍କର। ବିଜୁବାବୁଙ୍କ ସୁନଜରରେ ନଥିବାରୁ ଓଡ଼ିଶାର ଜଣେ ପ୍ରବୀଣ ରାଜନୀତିଜ୍ଞ ତଥା ଲୋକସେବକ ତ୍ରିଲୋଚନଙ୍କୁ ଜନତା ଦଳର ଟିକେଟ୍ ମିଳିଥିଲେ ମଧ ପରାସ୍ତ ହେବାକୁ ପଡ଼ିଲା ନ କହି ପରାସ୍ତ କରିଦିଆଗଲା। ତେଣୁ ବିଜୁବାବୁ ଦଳ ଉପରେ ଏବଂ ଗୋଟିଏ ଗୋଟିଏ ସମୟରେ ସାଧାରଣ ଲୋକଙ୍କ ଉପରେ ଯେ ଅଖଣ୍ଡ ପ୍ରଭାବ ବିସ୍ତାର କରନ୍ତି ତାହା କହିବା ବାହୁଲ୍ୟମାତ୍ର।

୧୯୬୧ରେ ବିଜୁବାବୁଙ୍କ କାର୍ଯ୍ୟକଳାପ ଓ ୧୯୯୦ର କାର୍ଯ୍ୟକଳାପ ମଧ୍ୟରେ ଏଭଳି ଆକାଶ ପାତାଳ ତଫାତ୍ କାହିଁକି? ଏ ପ୍ରଶ୍ନ ଅନେକ ଯେତେବେଳେ କରନ୍ତି, ଆମେ ମନେକରୁ ବିଜୁବାବୁଙ୍କ ୧୯୬୧ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ୧୯୯୦ର ସଦସ୍ୟଙ୍କ ମଧ୍ୟରେ ତଫାତ୍ ସାଙ୍ଗକୁ ଯଥାର୍ଥ ପରାମର୍ଶ ଅଭାବ ହିଁ ବିଜୁବାବୁଙ୍କ ଦୁର୍ଦ୍ଦଶାର କାରଣ। ୧୯୬୧ ସାଲରେ ଯେଉଁମାନେ ମନ୍ତ୍ରୀ ଥିଲେ ସେମାନେ ହେଲେ ସର୍ବଶ୍ରୀ ବୀରେନ୍ ମିତ୍ର (ଉପ ମୁଖ୍ୟମନ୍ତ୍ରୀ), ନୀଳମଣି ରାଉତରାୟ, ସତ୍ୟପ୍ରିୟ ମହାନ୍ତି, ପବିତ୍ର ମୋହନ ପ୍ରଧାନ, ବନମାଳୀ ବାବୁ, ଟି. ସାଙ୍ଗନା, ଜଗନ୍ନାଥ ରାଓ, ସଦାଶିବ ତ୍ରିପାଠୀ, ପ୍ରହଲ୍ଲାଦ ମଲ୍ଲିକ, ଚନ୍ଦ୍ରମୋହନ ସିଂହ, ଚିତ୍ତରଞ୍ଜନ ନାୟକ, ସନ୍ତୋଷ କୁମାର ସାହୁ ଓ ସରସ୍ୱତୀ ପ୍ରଧାନ (ଶେଷ ପାଞ୍ଚଜଣ ଉପମନ୍ତ୍ରୀ) ଏହି ତାଲିକା ଦେବାର ଏକମାତ୍ର କାରଣ ହେଉଛି ଯେ ବିଜୁବାବୁଙ୍କୁ ପରାମର୍ଶ ଦେବାପାଇଁ ତାଙ୍କ ମନ୍ତ୍ରିମଣ୍ଡଳରେ ବହୁ ବୋଦ୍ଧା

Digitized by srujanika@gmail.com

ବ୍ୟକ୍ତି ଥିଲେ। ଯେଉଁମାନେ ଉଭୟ ଶିକ୍ଷା-ଦୀକ୍ଷା ଓ ଅଭିଜ୍ଞତା ଦିଗରୁ ଅତ୍ୟନ୍ତ ଯୋଗ୍ୟ ଓ ପାରଙ୍ଗମ ବ୍ୟକ୍ତି ଥିଲେ। ପ୍ରଶାସନିକ କ୍ଷେତ୍ରରେ ସେହିଭଳି ଶ୍ରୀ ବି. ଶିବରମଣଙ୍କ ଭଳି ଜଣେ ବିଚକ୍ଷଣ ବ୍ୟକ୍ତି ତାଙ୍କର ମୁଖ୍ୟ ଶାସନ ସଚିବ ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ୧୯୯୦ରେ ବିଜୁବାବୁ ଏସବୁ କିଛି ଗ୍ରହଣ ନକରି 'ଏକଲା ଚଲୋରେ' ନୀତିରେ କାର୍ଯ୍ୟ ଆରମ୍ଭ କରିଥିଲେ। ଗୋଟିଏ ଦିଗରେ ରାମକୃଷ୍ଣ ପଟ୍ଟନାୟକ, ଶରତ କର, ବିଶ୍ୱଭୂଷଣ ହରିଚନ୍ଦନ, ଜଗନ୍ନାଥ ମଲ୍ଲିକ, ହରିଶ୍ଚନ୍ଦ୍ର ବକ୍ସିପାତ୍ର, ଚୈତନ୍ୟ ପ୍ରସାଦ ମାଝି, ଭାଗବତ ବେହେରା, ଘାସିରାମ ମାଝି, ଦାମୋଦର ରାଉତ ଓ ବେଦପ୍ରକାଶ ଅଗ୍ରୱାଲଙ୍କ ଅପେକ୍ଷା ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କୁ ଅଧିକ ଗୁରୁତ୍ୱ ଦେବାରେ କି କାରଣ ଥାଇପାରେ ? ଅନେକ ଏହାକୁ ଏବେ ସୁଦ୍ଧା ଠିକ୍ ଭାବେ ବୁଝିପାରି ନାହାନ୍ତି। ତେବେ ୧୯୬୧ ଅପେକ୍ଷା ୧୯୯୦ରେ ତାଙ୍କର ଯେଉଁ ଚରମ ବିଫଳତା ହେଲା, ତାହା ହେଉଛି କଂଗ୍ରେସ ଓ ଜନତାଦଳ ମଧ୍ୟରେ ଯେଉଁ ତଫାତ୍ ଏବଂ ଲଗାମ ଓ ଲଗାମଛଡ଼ା ମଧ୍ୟରେ ଯେଉଁ ତଫାତ୍ ତାରି ପ୍ରତୀକ। ୧୯୬୧ରେ ସେ ଥିଲେ କଂଗ୍ରେସ ସଦସ୍ୟ ଓ ତାଙ୍କ ଲଗାମ ଥିଲା କେନ୍ଦ୍ରରେ। କିନ୍ତୁ ୧୯୯୦ରେ ସେ ଥିଲେ ଅରଣା ମଈଁଷି। ତାଙ୍କ କାର୍ଯ୍ୟକଳାପକୁ ରୋକିବା ପାଇଁ କିମ୍ବା ତାଙ୍କୁ ସୁପରାମର୍ଶ ଦେବା ପାଇଁ ତାଙ୍କ ମନ୍ତ୍ରିମଣ୍ଡଳରେ ବା ସରକାରରେ କେହି ନଥିଲେ। ଯାହାର ଫଳ ସ୍ୱରୂପ ବିଗତ ଚାରିବର୍ଷର ବନ୍ଧ୍ୟାତ୍ୱ।

ପୁନଶ୍ଚ ବିଜୁବାବୁ ଏବଂ ତାଙ୍କ ପ୍ରିୟଭାଜନ ବିଜୟ-ନଳିନୀଙ୍କ ମଧ୍ୟରେ ବୟସ, ବ୍ୟକ୍ତିତ୍ୱ, ଅଭିଜ୍ଞତା, ନେତୃତ୍ୱ ଓ ସର୍ବୋପରି ସାମାଜିକ ପ୍ରତିଷ୍ଠା କ୍ଷେତ୍ରରେ ଏଭଳି ବ୍ୟାପକ ତାରତମ୍ୟ ରହିଛି ଯାହା ବିଜୁବାବୁଙ୍କୁ ପରାମର୍ଶ ଦେବାର ଧୃଷ୍ଟତା ଏମାନେ କରିବା ସମ୍ଭବ ନୁହେଁ। ସାଧାରଣ ଭାବେ ବିଜୁବାବୁଙ୍କ ଚରିତ୍ରର ମୁଖ୍ୟଦିଗଟି ହେଲା ଦୁର୍ଦ୍ଧର୍ଷତା। ସେ ଯାହା ଚାହିଁବେ ତାହା କରିଯିବେ- ସେଥିପାଇଁ ସେ କାହାରି ପରାମର୍ଶକୁ ଅପେକ୍ଷା କରନ୍ତି ନାହିଁ। କିନ୍ତୁ ଠିକ୍ ଭାବେ ତାଙ୍କୁ ବୁଝେଇ ପାରିଲେ ଏବଂ ମସ୍ତିଷ୍କର ଆଣ୍ଟେନାକୁ ତାହା ଠିକ୍ ଭାବେ ହିଟ୍ କରିପାରିଲେ ସେ ବୁଝନ୍ତି। ତେବେ ଆଣ୍ଟିନାକୁ ସ୍ପର୍ଶ କରିବା ଭଳି ତାଙ୍କ ଦଳରେ ବା ସରକାରରେ ଯେଉଁମାନେ ଥିଲେ ବା ଅଛନ୍ତି ବିଜୁବାବୁ ସେମାନଙ୍କୁ ପାଖରେ ପୂରାଉ ନାହାନ୍ତି।

Digitized by srujanika@gmail.com

# ବିଜୁବାବୁଙ୍କ ଜନ୍ମଦିବସ ଓ ସରକାରୀ ବିଜ୍ଞାପନ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ୭୯ ବର୍ଷ ଚାଲିଲା। ମାର୍ଚ୍ଚ ୫ ତାରିଖ ତାଙ୍କର ଜନ୍ମ ଦିନ। ଏହି ଦିନଟିକୁ ଏବେ ଓଡ଼ିଶାରେ ତାଙ୍କ ସରକାର ପଞ୍ଚାୟତ ଦିବସ ନାମକରଣ କରି ସରକାରୀ ଛୁଟି ଦିବସ ରୂପେ ଘୋଷଣା କରିଛନ୍ତି। ବିଭିନ୍ନ ସରକାରୀ ବିଭାଗ ଏହି ଦିନଟିରେ ବଡ଼ ବଡ଼ ବିଜ୍ଞାପନମାନ ବିଭିନ୍ନ କାଗଜକୁ ଦେବା ସଙ୍ଗେ ସଙ୍ଗେ ରାଜଧାନୀ ଭୁବନେଶ୍ୱରରେ ନାନା ଧରଣର ସରକାରୀ ଓ ସରକାରୀ ପ୍ରୋତ୍ସାହିତ ଉତ୍ସବାନୁଷ୍ଠାନ ଆୟୋଜନ କରାଯାଇଥାଏ।

ବିଜୁବାବୁ ଓଡ଼ିଶାର ଜନପ୍ରିୟ ନେତା। ତାଙ୍କର ନିଜସ୍ୱ ମତ, ଯାହା ଅନେକ ସମୟରେ ସେ ଖୋଲାଖୋଲି ପ୍ରକାଶ କରିଥାନ୍ତି ତାହା ହେଉଛି ବର୍ତ୍ତମାନ ଯେଉଁମାନେ ବିଧାନସଭାକୁ ଜନତା ଦଳର ସଦସ୍ୟ ହୋଇ ଆସିଛନ୍ତି ସେମାନଙ୍କ ଭିତରୁ ଅନେକ ତାଙ୍କରି ପାଇଁ ଆସିଛନ୍ତି। ଲୋକମାନେ ତାଙ୍କ ନାମରେ ଭୋଟ ଦେଇଛନ୍ତି। ତେଣୁ ବର୍ତ୍ତମାନର ଏମ୍.ଏଲ୍.ଏ.ମାନେ ତାଙ୍କୁ ଛାଡ଼ି ନିର୍ବାଚନ ଜିତିବା ସମ୍ଭବ ନୁହେଁ। ଅବଶ୍ୟ ବିଜୁବାବୁଙ୍କ ଏ ଧରଣର କଥାକୁ ରାମକୃଷ୍ଣ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ଭଳି କେତେକ ଏମ୍.ଏଲ୍.ଏ.ମାନେ ସ୍ୱୀକାର କରନ୍ତି ନାହିଁ। ଆଉ କେତେକ ଜନତା ଏମ୍.ଏଲ୍.ଏ. ଏହାକୁ ସ୍ୱୀକାର କରୁନଥିଲେ ମଧ୍ୟ ଖୋଲାଖୋଲି ଭାବେ ଏହାକୁ ଖଣ୍ଡନ ମଧ୍ୟ କରିପାରୁ ନାହାନ୍ତି। ବିଜୁବାବୁ ଜାଣନ୍ତି ତାଙ୍କ ଦଳର ନେତାମାନଙ୍କ ପିଉ କେତେ। ତେଣୁ ସେ ଏମାନଙ୍କୁ ସ୍ଥଳବିଶେଷରେ ଯେଚ୍ଛାତା ବ୍ୟବହାର କରନ୍ତି। ପ୍ରାୟ ସମସ୍ତ ନେତା ଏହାକୁ ମୁଣ୍ଡ ପାତି ସହିନିଅନ୍ତି। କେତେକ ଅବଶ୍ୟ ବାହାରେ ଆସି କୁହନ୍ତି କ'ଣ କରିବା ବୁଢ଼ା ହେଲେଣି। ଅନେକ ସମୟରେ ମୁଣ୍ଡ କାମ କରୁନି। ଯେଉଁମାନେ ଏ କଥା କୁହନ୍ତି ସେମାନେ ଭଲ ଭାବେ ଜାଣନ୍ତି ଯେ ବିଜୁବାବୁଙ୍କ ମୁଣ୍ଡ ଠିକ୍ ଭାବେ କାମକରେ। କାହାକୁ କ'ଣ କିପରି ଭାବେ ବ୍ୟବହାର କରାଯିବା ଉଚିତ ତାହା ସେ ଠିକ୍ ଭାବେ ବୁଝିଛନ୍ତି। ଯେମନ୍ତ ଦିଅଁକୁ ସେମନ୍ତ ପୂଜା ନ୍ୟାୟରେ ସେ ବ୍ୟବହାର କରନ୍ତି। ତେବେ ଏ କଥା ସତ୍ୟ ଯେ ବିଜୁବାବୁଙ୍କ

Digitized by srujanika@gmail.com

ମୁଡ୍ ବା ମିଜାଜ୍ ଉପରେ ଅନେକ ସମୟରେ ଅନେକ କଥା ନିର୍ଭର କରେ। ମୁଡ୍ ଠିକ୍ ଥିଲେ ସେ ଜଣକ ଉପରେ କୌଣସି କାରଣ ବା ଔଚିତ୍ୟ ନଥାଇ ସୁବର୍ଣ୍ଣ କଳସର ଜଳ ଯେପରି ଢାଳି ଦିଅନ୍ତି ମୁଡ୍ ଖରାପ ବେଳେ ସେହିଭଳି ନ୍ୟାୟ ପାଇବା ପାଇଁ ଆସିଥିବା କୌଣସି ବ୍ୟକ୍ତିକୁ ଚରମ ଦଣ୍ଡ ଦେବାକୁ ପଛାନ୍ତି ନାହିଁ। ତାଙ୍କ ଚରିତ୍ରର ଏହି ବିଶେଷ ପ୍ରକାଶମାନ ଅଂଶଟି ବୟସର ବୃଦ୍ଧି ସହ କୌଣସି ସମ୍ପର୍କ ରଖେ ନାହିଁ। ଆମେ ଯାହା ଦେଖିଛୁ, ଯାହା ଶୁଣିଛୁ, କେବଳ ଆମେ ନୋହୁ ଏ ରାଜ୍ୟର ଅନେକ ଜାଣନ୍ତି। ଏହା ତାଙ୍କର ବହୁଦିନର ସାଥୀ। ତାକୁ ଛାଡ଼ିବା ସମ୍ଭବ ନୁହେଁ। ଠିକ୍ ଯେପରି ପଙ୍କଜ ଉଦାସଙ୍କ ସେଇ ଗଜଲ:-

"ସରାବ୍ ଚିଜ୍ ହି ଐସି ହୈନା ଛୋଡ଼ଯାଏ ୟେ ମେରେ ୟାର କି ଜୈସି ହୈ ନ ଛୋଡ଼ଯାଏ।"

ଆମେ କହୁ କହୁ ଢିଙ୍କିରୁ ଢେଙ୍କାନାଳ ପର୍ଯ୍ୟନ୍ତ ଆସିଗଲୁ। ଆରମ୍ଭ କରିଥିଲୁ ବିଜୁବାବୁଙ୍କ ୭୯ତମ ଜୟନ୍ତୀରୁ। ଏଥର ଫେରିଯିବା ଜୟନ୍ତୀ ଉତ୍ସବକୁ। ବିଜୁବାବୁ ଅଧୁନା ଓଡ଼ିଶାର ସର୍ବାଧିକ ଜନପ୍ରିୟ ନେତା ବୋଲି ଯାହା ଆମେ-ଆପଣମାନେ ବିଭିନ୍ନ ସମୟରେ କଥାବାର୍ତ୍ତା ହେଉ ଏଥର ତାଙ୍କ ସରକାରୀ ଜୟନ୍ତୀ ଦେଖିବା ପରେ ଆମ ମନରେ କେଜାଣି କେମିତି ଖଟ୍‌କା ଲାଗିଲା। ଆମର ମନେହେଲା ବିଜୁବାବୁଙ୍କ ଜନପ୍ରିୟତାରେ ଭଟ୍ଟା ପଡ଼ିଲାଣି। ସାଧାରଣ ଲୋକେ ସମ୍ଭବତଃ ଆପେ ଆପେ ତାଙ୍କ ଜନ୍ମଦିନ ପାଳନ ପାଇଁ ଏଇମିତି ବାହାରକୁ ଆସୁନାହାନ୍ତି। ତା ନ ହୋଇଥିଲେ ଘରୋଇ ଭାବେ ପାଳନ ହେଉଥିବା ତାଙ୍କ ଜନ୍ମଦିନ ପ୍ରଚାର ପାଇଁ ସରକାରୀ ତହବିଲରୁ ଟଙ୍କା ଆସିଥା'ନ୍ତା କିପରି? ଆମେ ମାର୍ଚ୍ଚ ୫ ତାରିଖର ସମାଜ ଯେତେବେଳେ ଖୋଲିଦେଲୁ ଦେଖିଲୁ ପଛ ପୃଷ୍ଠରେ ୧/୪ର୍ଥାଂଶ ପୃଷ୍ଠା ବ୍ୟାପୀ ବିଜ୍ଞାପନ। ବିଜୁବାବୁଙ୍କ ଫଟୋ ସହ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ। ତଳେ ଦକ୍ଷିଣ ପାଖେ ନିବେଦକ ହୋଇଛନ୍ତି ଶ୍ରୀଯୁକ୍ତ ଶିବାନନ୍ଦ ରାୟ, ସାଧାରଣ ସମ୍ପାଦକ, ବିଜୁ ଜୟନ୍ତୀ କମିଟି (ଓଡ଼ିଶା), ଭୁବନେଶ୍ୱର। ସୌଜନ୍ୟ ଦେଖାଇଛନ୍ତି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଭୁବନେଶ୍ୱର। ତେବେ ଏହି ସୌଜନ୍ୟ ପାଇଁ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାକୁ ପନ୍ଦର ହଜାର ଟଙ୍କା ଦେବାକୁ ପଡ଼ିଥିବ।

ବିଜୁବାବୁ ଏ ଜାତିର ଜଣେ ଯୋଗଜନ୍ମା ପୁରୁଷ। ତାଙ୍କର ବୟସର ଜାତୀୟ ନେତା ଏବେ ଭାରତ ବର୍ଷରେ ନାହାନ୍ତି। ଜ୍ୟୋତିବସୁ ତାଙ୍କର ସମସାମୟିକ। କିନ୍ତୁ ସ୍ୱାଧୀନତା ସଂଗ୍ରାମରେ ଜ୍ୟୋତିବସୁଙ୍କ ତୁଳନାରେ ବିଜୁବାବୁଙ୍କ କୃତିତ୍ୱ

Digitized by srujanika@gmail.com

ଅନେକ ଅଧିକ। ଓଡ଼ିଆ ଜନମାନସରେ ବିଜୁବାବୁଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କିନ୍ତୁ ୧୯୬୧ ମସିହାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ୧୯୭୭ ମସିହାର କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ୧୯୯୦ ସାଲର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଚରିତ୍ର ମଧ୍ୟରେ ଢ଼େର୍ ପାର୍ଥକ୍ୟ ରହିଛି।

ସ୍ଥପତିର ଆତ୍ମା। ଅହରହ କାମ କରିବା ପାଇଁ ତାଙ୍କ ପ୍ରାଣ ଛଟପଟ ହେଉଥିଲା ଏବଂ ତା'ର ଫଳ ସ୍ୱରୂପ ୧୯୬୧ରୁ ୧୯୬୭ ସାଲ ପର୍ଯ୍ୟନ୍ତ ସମୟକୁ ଓଡ଼ିଶାରେ ନିର୍ମାଣର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ। ୧୯୬୧ରୁ ମାତ୍ର ୨ ବର୍ଷ ପାଇଁ ସେ ମୁଖ୍ୟମନ୍ତ୍ରୀ ଥିଲେ। କାମରାଜ ଯୋଜନାରେ ତାଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଲା। ୧୯୬୧ରେ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କର ଅତି ପ୍ରିୟପାତ୍ର ଥିଲେ। ଇଂରାଜୀରେ 'ବ୍ଲୁ ଆଇଡ୍ ବୟ' ବୋଲି ଯେଉଁ ପ୍ରବାଦ ଅଛି ସେତେବେଳେ ବିଜୁବାବୁଙ୍କୁ ସେଇ ଅର୍ଥରେ ନେହେରୁଙ୍କ ପ୍ରିୟ ବୋଲି କୁହାଯାଉଥିଲା। ତେବେ କେତେକ ରାଜନୀତିକ ପର୍ଯ୍ୟାଲୋଚକଙ୍କ ମତରେ ନେହେରୁ ମହତାବଙ୍କ ତୀବ୍ର ବିରୋଧୀ ଥିବାରୁ ବିଜୁବାବୁଙ୍କୁ କଂଗ୍ରେସ ରାଜନୀତିରେ ଉପରକୁ ଆସିବାରେ ସୁଯୋଗ ଦେଇଥିଲେ। ସେଇ ସୁଯୋଗ ନେଇ ବିଜୁବାବୁ କେବଳ ମୁଖ୍ୟମନ୍ତ୍ରୀ ହୋଇନଥିଲେ ଓଡ଼ିଶା ପାଇଁ ଅନେକ ପ୍ରକଳ୍ପ କେନ୍ଦ୍ରରୁ ଆଣିଥିଲେ। ପାରାଦୀପ ବନ୍ଦର ନିର୍ମାଣ ଠାରୁ ଆରମ୍ଭ କରି ତାଳଚେର ଥର୍ମାଲ, ସୁନାବେଡ଼ା ମିଗ୍ କାରଖାନା ଆଦି ସମସ୍ତ ପ୍ରକଳ୍ପ ଏହି ସମୟର କୀର୍ତ୍ତି। ତେବେ ବିଜୁବାବୁଙ୍କ କାମ ତାଙ୍କୁ ଲୋକଙ୍କର ଯେତିକି ପ୍ରିୟ କରେ, ତାଙ୍କର ଲଗାମଛଡ଼ା କଥାବାର୍ତ୍ତା ଅନେକଙ୍କୁ ତାଙ୍କ ପ୍ରତି ବୀତସ୍ପୃହ କରିପକାଏ। ୧୯୬୪ରେ ନେହେରୁଙ୍କ ପରଲୋକପ୍ରାପ୍ତି ପରେ ବିଜୁବାବୁଙ୍କ ଭାଗ୍ୟରବି ମଧ୍ୟ ଅସ୍ତମିତ ହୋଇଗଲା। ତେବେ ୧୯୬୭ ମସିହା ନିର୍ବାଚନରେ ସେ ହିଁ କଂଗ୍ରେସକୁ ନେତୃତ୍ୱ ଦେଲେ। ମାତ୍ର ୧୯୬୧ରେ ଯେଉଁ ବ୍ୟକ୍ତି ଜନସାଧାରଣଙ୍କ ଅଶେଷ ଶ୍ରଦ୍ଧା, ସମ୍ମାନ ଓ ପ୍ରୀତିପାତ୍ର ହୋଇ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ବିପୁଳ ସଂଖ୍ୟାଗରିଷ୍ଠତାରେ ବିଜୟୀ କରାଇଥିଲେ, ସେଇ ବ୍ୟକ୍ତି ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ଜନସାଧାରଣଙ୍କ ବିଷଦୃଷ୍ଟିରେ ପଡ଼ି ଗଣଶତ୍ରୁ ପାଲଟିଗଲେ। ୧୯୬୭ ସାଲରେ ବିଜୁବାବୁଙ୍କର କେତେକ ନିର୍ବାଚନ ସଭାରେ ଏହି ପ୍ରତିବେଦକ ଉପସ୍ଥିତ ଥିଲା। ଅନେକ ସ୍ଥାନରେ ବିଜୁବାବୁଙ୍କୁ ଛୋଟା ଚପଲ ସାଙ୍ଗକୁ ପ୍ରବଳ ଟେକାମାଡ଼ର ସମ୍ମୁଖୀନ ହେବାକୁ ପଡ଼ିଛି। ମୁଣ୍ଡଫାଟି ଯାଇ ରକ୍ତାକ୍ତ ଅବସ୍ଥାରେ ସେ ଭାଷଣ ଦେଇଛନ୍ତି। ପ୍ରବଳ ଆତ୍ମବିଶ୍ୱାସ ଓ ଔଦ୍ଧତ୍ୟ ତାଙ୍କୁ ଏଥିପାଇଁ ପ୍ରେରଣା ଦେଉଥିଲେ ମଧ୍ୟ ୧୯୬୭ ନିର୍ବାଚନରେ କଂଗ୍ରେସ ଦଳ ଶୋଚନୀୟ ଭାବେ ପରାସ୍ତ ହେଲା।

Digitized by srujanika@gmail.com

୧୯୯୦ ମାର୍ଚ୍ଚ ୫ ତାରିଖରେ ଶପଥ ନେବା ଘଟଣାରେ ଅନେକ ଲୋକ ଜାଣିଲେ ଯେ ବିଜୁବାବୁଙ୍କ ଜନ୍ମଦିନ ହେଉଛି ଏହି ଦିନଟି। ଗତ ୩ ବର୍ଷ ଅର୍ଥାତ୍ ୯୧ରୁ ୯୩ ସାଲ ପର୍ଯ୍ୟନ୍ତ ଯେପରି ଧୁମ୍‌ଧାମ୍‌ରେ ଏହା ପାଳନ ହେଲା ଏଥର ତାହା କିପରି ସ୍ତିମିତ ହୋଇଗଲା ଭଳି ମନେହେଲା। ହଠାତ୍ ଏ ବ୍ୟତିକ୍ରମ କାହିଁକି ବୁଝିହେଲା ନାହିଁ। ସମ୍ଭବତଃ ନିର୍ବାଚନ ପାଖେଇ ଆସୁଛି ଯେତିକି ଏହି ଉତ୍ସବରେ ସେତିକି ସେତିକି ଶୈଥିଲ୍ୟ ପ୍ରକାଶ ପାଉଛି। ବିଭିନ୍ନ ସମ୍ବାଦପତ୍ରରେ କେତେଗୁଡ଼ିଏ ପୂର୍ବାପର ସମ୍ପର୍କ ବିହୀନ ବିଜ୍ଞାପନ ଦେଇ ଏ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ମଧ୍ୟ ବୁଝିହେଉନାହିଁ। ପୂରା ପୃଷ୍ଠାର ବିଜ୍ଞାପନ କିମ୍ବା ଅଧା, ଚଉଠ ପୃଷ୍ଠା ବିଜ୍ଞାପନ କେଉଁଥିପାଇଁ ଉଦ୍ଦିଷ୍ଟ ତା'ର ମଧ୍ୟ କୌଣସି ଉଲ୍ଲେଖ ନାହିଁ। ବିଜୁବାବୁଙ୍କ ଜନ୍ମଦିନ କିମ୍ବା ପଞ୍ଚାୟତିରାଜ ମନ୍ତ୍ରୀ ଦାମବାବୁଙ୍କ ଜନ୍ମଦିନ ସେ କଥା ମଧ୍ୟ ଜଣାପଡ଼ିଲା ନାହିଁ। ସମ୍ବାଦରେ ବିଶ୍ୱରଞ୍ଜନଙ୍କର ବିଜୁବାବୁଙ୍କ ଉପରେ ତାଙ୍କ ଚାରିତ୍ରିକ ମୂଲ୍ୟାୟନ ସମ୍ପର୍କିତ ଏକ ଚମତ୍କାର ଲେଖା ପ୍ରକାଶ ପାଇବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ସମାଜର ସହଯୋଗୀ ସମ୍ପାଦିକା ଶ୍ରୀମତୀ ମନୋରମା ମହାପାତ୍ରଙ୍କର 'ସମାଜ'ରେ ଏକ ନିବନ୍ଧ ପ୍ରକାଶ ପାଇଛି। ଶ୍ରୀମତୀ ମହାପାତ୍ରଙ୍କ ଲେଖାର ଶୀର୍ଷକ ତୁଙ୍ଗ ନେତା: ବିଜୁବାବୁ। ଏହି ଲେଖାଟି ପାଠ କରିବା ପରେ ଯେକୌଣସି ସାଧାରଣ ପାଠକର ସ୍ୱତଃ ମନେହେବ, ଏକାଡେମୀର ସଭାପତି ପଦରେ ଦ୍ୱିତୀୟ ଥର ପାଇଁ ନିଜକୁ ଆସୀନ କରାଇବା ଲାଗି ଏହା ଏକ ବିକଳ୍ପ ପ୍ରାର୍ଥନା। ଆମକୁ କେତେକ ବନ୍ଧୁ ଏହି ମର୍ମରେ ମଧ୍ୟ ପ୍ରଶ୍ନ କରିଛନ୍ତି। ଆମେ କିନ୍ତୁ ମନେକରୁ ଶ୍ରୀମତୀ ମହାପାତ୍ର ଏସବୁ କାର୍ଯ୍ୟରୁ ବହୁ ଊର୍ଦ୍ଧ୍ୱରେ।

ଆମେ ଜାଣୁ ବିଜୁବାବୁ ଜନ୍ମଦିନ ପାଳନରେ ସେତେ ସିରିୟସ୍ କେବେ ନଥିଲେ। ପୂର୍ବରୁ ଅନ୍ତତଃ ୧୯୯୦ ସାଲ ପୂର୍ବ ପର୍ଯ୍ୟନ୍ତ (ଯେତେବେଳେ ସରକାରରେ ଥିଲେ ମଧ୍ୟ) ଏଭଳି ଜନ୍ମଦିବସ ପାଳନ ହୋଇଥିବା କଥା ଆମର ମନେନାହିଁ। ତେବେ ପ୍ରତି ମୁହୂର୍ତ୍ତରେ ବିଜୁବାବୁ ତାଙ୍କ ଚରିତ୍ରର ନୂଆ ନୂଆ ଦିଗ ଉନ୍ମୋଚନ କରନ୍ତି। ଏଇ ସେଦିନ ମାର୍ଚ୍ଚ ୨ ତାରିଖରେ ବିଧାନସଭାରେ ଦରଦାମ୍ ବୃଦ୍ଧି ଉପରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଆଗତ ନିନ୍ଦା ପ୍ରସ୍ତାବ ଆଲୋଚନାରେ ଅତି ଭାବପ୍ରବଣ ହୋଇ କିପରି ଏମ୍.ପି.ମାନେ, ମନ୍ତ୍ରୀମାନେ ଓ ସରକାରୀ କର୍ମଚାରୀମାନେ ସରକାରୀ ଅର୍ଥର ଅପବ୍ୟବହାର କରୁଛନ୍ତି, ଜନସେବା କରିବା ପାଇଁ ନିର୍ବାଚିତ ନେତାମାନେ କିପରି ବିପୁଳ ପରିମାଣ ଦରମା ନେଇ ଜନତାଙ୍କ ଅର୍ଥକୁ ବରବାଦ୍ କରୁଛନ୍ତି, ତାହାର ତୀବ୍ର ସମାଲୋଚନା କରି ଭାଷଣ ଦେଇଥିଲେ।

Digitized by srujanika@gmail.com

ଅଥଚ ତାହାର ମାତ୍ର ୩ ଦିନ ପରେ ତାଙ୍କ ଜନ୍ମଦିନ ନାମରେ ସରକାରୀ ଅର୍ଥରେ ଯେଉଁ ହୋରିଖେଳ ହେଲା, ତାହା ତାଙ୍କ ଚରିତ୍ର ରୂପକ ଟଙ୍କାର ଅନ୍ୟ ପାର୍ଶ୍ୱଭୂମି ଦେଖାଇ ଦେଉଛି।

କିନ୍ତୁ ଏତେ ସବୁ ସତ୍ତ୍ୱେ ବିଜୁ ପଟ୍ଟନାୟକ ଓଡ଼ିଆଙ୍କ ପ୍ରାଣରେ ଓଡ଼ିଆଙ୍କ ହୃଦୟରେ ନିଜର ସ୍ଥାନକୁ ଏଭଳି ଭାବେ ଏକ ସ୍ୱଚ୍ଛ ପରଦାରେ ଲେଖି ରଖିଯାଇଛନ୍ତି; ଯାହା ଲିଭିଯିବନି। ନିର୍ବାଚନରେ ହାରିବା ଜିତିବା ତାଙ୍କ ପାଇଁ କେବେ ବଡ଼ କଥା ନଥିଲା। ଏବେ ମଧ୍ୟ ନାହିଁ। ଜୀବନର ତିନୋଟିଯାକ ପର୍ଯ୍ୟାୟ କୈଶୋର, ଯୌବନ ଓ ଜରାକୁ ସେ ଅତିକ୍ରମ କରି ଏବେ ପୁଣି ମନେହୁଏ କୈଶର ଆଉ ଯୌବନର ମଧ୍ୟସ୍ଥଳରେ ପହଞ୍ଚିଛନ୍ତି। ଜୀବନର ରଙ୍ଗରେ ସେ ମତୁଆଲା। ତେବେ ହେ କଳିଙ୍ଗ ସମ୍ରାଟ! ଜୀବନଟା କେବଳ ସ୍ୱପ୍ନରେ ବିତେନାହିଁ। ଏଠି ବାସ୍ତବତା ଅଛି- ଆଉ ସେଇ ବାସ୍ତବ ଅତି ନିଷ୍ଠୁର। ଠିକ୍ ଯେପରି ନିରନ୍ନ, ସର୍ବହରା, ଭୋକିଲା ଲକ୍ଷ ଲକ୍ଷ ମଣିଷଙ୍କ ଭଳି ଯେଉଁମାନଙ୍କ ଆଖିରେ ସ୍ୱପ୍ନ ନାହିଁ, ଅଛି ଶୂନ୍ୟତା; ତାହାହିଁ ବାସ୍ତବ।

ସେହିମାନଙ୍କ ପ୍ରିୟ ନେତା, ପ୍ରିୟ ମଣିଷ ରୂପେ ଆପଣ ପ୍ରଶାସନର ମୁଖ୍ୟ। ସେହିମାନଙ୍କ ଦୃଷ୍ଟିରୁ ଶୂନ୍ୟତା ଦୂର କରିବା ପାଇଁ ଆପଣଙ୍କ ସମ୍ମୁଖରେ ଯେଉଁ ଗୁରୁ ଦାୟିତ୍ୱ ଅଛି, ତାହାକୁ ଏଡ଼ାଇ ଦେଇ ବୁଲିଲେ ଅପଯଶ ପାଇବ ସିନା!

ତା ୨୭.୭.୧୯୯୪

•

Digitized by srujanika@gmail.com

# ନିର୍ବାଚନ ଓ ବିଜୁବାବୁଙ୍କ ଜନତା ଦଳ ( ୨ )

ବିଜୁବାବୁଙ୍କର ବିଗତ ସାଢ଼େ ଚାରିବର୍ଷର ଶାସନକାଳରେ ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ବା ବିଷୟଟି କ'ଣ ? ଏହି ପ୍ରଶ୍ନ ଆମେ ଅନେକ ରାଜନୀତିକ ଓ ଅଣରାଜନୀତିକ ବନ୍ଧୁଙ୍କୁ କରିଛୁ। କେତେକ ଇସ୍ପାତ କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ଚରମ ବିଫଳତା ବୋଲି ଉଲ୍ଲେଖ କରିବା ବେଳେ ଆଉ କେତେକ ବ୍ୟାପକ ଦୁର୍ନୀତି ବୋଲି ଉତ୍ତର ଦେଇଛନ୍ତି। କେତେକ ଲୋକପାଳ ବ୍ୟବସ୍ଥା ଉଡ଼ାଇ ଦେବା ଘଟଣାକୁ ଆଉ କେତେକ ବେଲୁର ଚୋରା ବିଷାକ୍ତ ମଦ୍ୟପାନ ଯୋଗୁଁ ଦୁଇଶହରୁ ଅଧିକ ଲୋକଙ୍କ ମୃତ୍ୟୁକୁ ଏହି ପରିସରଭୁକ୍ତ କରିଛନ୍ତି। ମାତ୍ର ଏସବୁ ଆମ ମନକୁ ଛୁଇଁଲେ ମଧ୍ୟ ଆମେ ମନେକରୁ ସବୁଠାରୁ ଉଲ୍ଲେଖନୀୟ ଘଟଣାଟି ଏହାଠାରୁ ସଂପୂର୍ଣ୍ଣ ଭିନ୍ନ। ତା' ହେଉଛି ବିଜୁବାବୁ ତାଙ୍କର ସମଗ୍ର କାର୍ଯ୍ୟକାଳ ମଧ୍ୟରେ କେବେହେଲେ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ କିଛି କହିନାହାନ୍ତି। ବିଜୁବାବୁ କାହାକୁ ସମାଲୋଚନା କରିବା ବେଳେ ନିଜକୁ କେବେ ନିୟନ୍ତ୍ରଣ ମଧ୍ୟରେ ରଖିପାରନ୍ତି ନାହିଁ। ଜାନକୀବଲ୍ଲଭ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ରବି ରାୟ ପ୍ରମୁଖଙ୍କ ସଂପର୍କରେ ଅତ୍ୟନ୍ତ ରୁଚିହୀନ ଓ ରୂକ୍ଷ ମନ୍ତବ୍ୟ ଦେବାରେ ପଛେଇ ନାହାନ୍ତି। ଗତ ସାଢ଼େ ଚାରିବର୍ଷ ମଧ୍ୟରେ କେବଳ ଥରେ ମାତ୍ର ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ବିରୁଦ୍ଧରେ କିଛି ଟାଣ କଥା କହିଥିଲେ। ମାତ୍ର ପରେ ତାହା ସଂଶୋଧନ କରି ନେଇଥିଲେ ଚନ୍ଦ୍ରଶେଖରଙ୍କୁ ସାକ୍ଷାତ କରି।

ଏବେ ନିର୍ବାଚନ ପାଖେଇ ଆସୁଥିବା ସମୟରେ ଜନତା ଦଳ ସରକାର ଓ ତାଙ୍କ ବିରୁଦ୍ଧରେ କଂଗ୍ରେସ ଦଳର ନେତା ଜାନକୀବାବୁ ତୀବ୍ର ସମାଲୋଚନା କରିବା ବେଳେ କେନ୍ଦ୍ର ସରକାର ବା ପ୍ରଧାନମନ୍ତ୍ରୀଙ୍କ ସଂପର୍କରେ ତାଙ୍କର ନୀରବତା ଦଳର ନେତା ଓ କର୍ମୀମାନଙ୍କୁ ବେଶ୍ ଅସୁବିଧାରେ ପକାଇଛି। ସେଦିନ ଓଡ଼ିଶା ବିଧାନସଭାର ବାରଣ୍ଡାରେ ଜନତା ଦଳର କିଛି ବିଧାୟକ ବନ୍ଧୁ ଏହି ଘଟଣା ଉପରେ ଆଲୋଚନା କରୁଥିଲେ। ଆମେ ନୀରବରେ ସେହି ବନ୍ଧୁମାନଙ୍କ ଆଲୋଚନା ଶୁଣୁଥିଲୁ। ଏହି ଏମ.ଏଲ.ଏ. ବନ୍ଧୁମାନଙ୍କ ନାମ ଆମେ ପ୍ରକାଶ କରୁନାହୁଁ। କାରଣ ଏହି ଆଲୋଚନା ସଂପୂର୍ଣ୍ଣ ଅଣଆନୁଷ୍ଠାନିକ ଥିବା ଦୃଷ୍ଟିରୁ ଓ ସାମ୍ବାଦିକତାର

Digitized by srujanika@gmail.com

ଶୀଳାଚାର ଦୃଷ୍ଟିରୁ ସେମାନଙ୍କ ନାମ ପ୍ରକାଶ କରିବା ସ୍ପୃହଣୀୟ ମଧ୍ୟ ନୁହେଁ। ଏହି ବନ୍ଧୁମାନେ ବିଜୁବାବୁଙ୍କ ଉପରେ ବେଶ୍ ଅସନ୍ତୁଷ୍ଟ। କାରଣ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ନ କହିଲେ ନିର୍ବାଚନରେ ଲୋକଙ୍କୁ କ'ଣ କହି ପ୍ରଭାବିତ କରିବେ? ବିଜୁବାବୁ କାହିଁକି କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କୁ ଭୟ କରୁଛନ୍ତି ବୋଲି ସେମାନେ ପରସ୍ପରକୁ ପଚାରୁଥିଲେ। ବିଜୁବାବୁଙ୍କ ସାଧୁତା ସଂପର୍କରେ ଏମ.ଏଲ.ଏ. ବନ୍ଧୁମାନେ ବେଶ୍ ରସାଳ ମନ୍ତବ୍ୟ ମଧ୍ୟ କରିବାକୁ ପଛେଇ ନଥିଲେ। କିନ୍ତୁ ଗୋଟିଏ କଥା ସମସ୍ତେ ମାନିଲେ ବିଜୁବାବୁଙ୍କ ଛଡ଼ା ଓଡ଼ିଶାରେ ଜନତାଦଳର ଗତ୍ୟନ୍ତର ନାହିଁ।

ଓଡ଼ିଶା ଜନତାଦଳର ଗୋଟିଏ ପତାକା ଏବଂ ଜଣେ ନେତା। ଏହା ଅବଶ୍ୟ କେନ୍ଦ୍ର ଜନତା ଦଳ ପ୍ରତି ପ୍ରଯୁଜ୍ୟ ନୁହେଁ, ସେଠି ଅନେକ ନେତା; ପତାକା ଅନେକ। ଏଠି ରବି ରାୟଙ୍କ ସ୍ଥାନ ଯେପରି ନଗଣ୍ୟ, ସେହିପରି ବିଜୁବାବୁଙ୍କୁ ବାଦ୍ ଦେଇ ଶ୍ରୀକାନ୍ତଙ୍କ ଅସ୍ତିତ୍ୱ କ'ଣ ଅଛି? କିନ୍ତୁ ଦିଲ୍ଲୀ ରାଜନୀତିରେ ଏ ଦୁହେଁ ବଡ଼ ନେତା। ତେଣୁ ଜନତାଦଳ ଭିତରେ ଯେତେ ଗୋଳମାଳ ଲାଗୁ, ଯେତେ ପିଟାପିଟି, ଶୋଧାଶୋଧି ହୁଅନ୍ତୁ ବିଜୁବାବୁ ସେଥିପାଇଁ ଚିନ୍ତିତ ନୁହନ୍ତି। କାରଣ ଏଣୁଅ ଦଉଡ଼ି ଦଉଡ଼ି ସିଜୁ ବୁଦାକୁ। ଛୋଟ ଛୋଟ କଥାରେ ବିଜୁବାବୁ କାନ ଦିଅନ୍ତି ନାହିଁ। ବିଜୁବାବୁ ଅନେକ ସମୟରେ ତାଙ୍କ ଯଥାସମ୍ଭବ ସଚ୍ଚୋଟ (Reasonably honest) ମନ୍ତ୍ରୀ ବା ନେତାମାନଙ୍କୁ ଉପଦେଶ ଛଳରେ କୁହନ୍ତି ଦଳ ପାଣିରେ ଚାଲେ ନାହିଁ କିମ୍ବା ନିର୍ବାଚନ ପବନରେ ହୁଏ ନାହିଁ। ଏସବୁରି ପାଇଁ ଅର୍ଥ ଦରକାର। ବିଜୁବାବୁଙ୍କ ପାଖରେ ଘନିଷ୍ଠ ଭାବେ ଘୂରି ଘୂରି କରୁଥିବା ନେତା ଓ ମନ୍ତ୍ରୀମାନେ ତାଙ୍କର ରାଜନୀତି ଦର୍ଶନ ଓ ଦୁର୍ନୀତିର ସଂଜ୍ଞା ସଂପର୍କରେ ବେଶ୍ ୱାକି ବହାଲ। ତେଣୁ ଏମାନେ ନିଜ ପଥ ନିଜେ ବାଛି ନିଅନ୍ତି। କାରଣ 'ଅକଲମନ୍ଦକୁ ଇସାରା କାଫି'। ତେବେ ଅନେକ ସମୟରେ ଇସାରାର ଅର୍ଥ ଏଭଳି ବ୍ୟାପକ ହୋଇପଡୁଛି ଯେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ନ୍ତି। ଦୁର୍ନୀତି ମାତ୍ରାତିରିକ୍ତ ହୋଇପଡ଼େ। ତାକୁ ସମ୍ଭାଳିବାକୁ ବିଜୁବାବୁ ଆଉ ସମର୍ଥ ହୋଇପାରୁ ନାହାନ୍ତି। ଅନେକ ସମୟରେ ଏହି ବ୍ୟାପକ ଦୁର୍ନୀତିହିଁ ନିର୍ବାଚନର ମଙ୍ଗକୁ ବିପରୀତମୁଖୀ କରିଦିଏ।

ଜାନକୀବଲ୍ଲଭ ପଟ୍ଟନାୟକ ଓ ତାଙ୍କ ବନ୍ଧୁମାନଙ୍କୁ ଚରମ ଦୁର୍ନୀତିଗ୍ରସ୍ତ ବୋଲି ଢେଣ୍ଢୁରା ପିଟି ବିଜୁବାବୁ ସେମାନଙ୍କ ବିରୁଦ୍ଧରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କଲେ। ଶାସନକୁ ଆସିବା ପୂର୍ବରୁ ଏମାନଙ୍କ ଦୁର୍ନୀତିକୁ ପଦାରେ ପକାଇ ରାସ୍ତାରେ ଉଲଗ୍ନ କରି ଚଲାଇବେ ବୋଲି ସେ ଘୋଷଣା କଲେ। ଏବେ ସେ ଯିବାକୁ

Digitized by srujanika@gmail.com

ବାହାରିଲେଣି। ଅଥଚ ଜାନକୀ ପଟ୍ଟନାୟକ ବା ତାଙ୍କ ବନ୍ଧୁମାନଙ୍କର କୌଣସୁ ଦୁର୍ନୀତି ପଦାକୁ ଆସି ପାରିଲା ନାହିଁ। କିମ୍ବା ସେମାନଙ୍କ ମଧ୍ୟରୁ କାହାରି ସଂପତ୍ତି ଉଚ୍ଛେଦ କରାଯାଇ ପାରିଲା ନାହିଁ। ଏବେ ଆସୁଥିବା ନିର୍ବାଚନରେ ବିଜୁବାବୁ, ତାଙ୍କ ମନ୍ତ୍ରୀ ଓ ନେତାମାନଙ୍କର ଦୁର୍ନୀତିକୁ ନେଇ କଂଗ୍ରେସ ତାର ପ୍ରଚାରର ମୂଳ ଅସ୍ତ୍ର କରେ (ଯାହା ଆରମ୍ଭ ହୋଇଗଲାଣି) ତେବେ ବିଜୁବାବୁ କ'ଣ ଉତ୍ତର ଦେବେ। ଲୋକପାଳ ବ୍ୟବସ୍ଥାକୁ ଉଚ୍ଛେଦ କରି ବିଜୁବାବୁ ତାଙ୍କ ଦଳର ବହୁ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀ ଓ ନେତାଙ୍କୁ ଆଇନଗତ ବ୍ୟବସ୍ଥାରୁ ରକ୍ଷା କରିପାରିଥିଲେ ମଧ୍ୟ ଜନସାଧାରଣଙ୍କ ମନ ଭିତରେ ଧୀରେ ଧୀରେ ବସା ବାନ୍ଧି ରହିଥିବା ବିରକ୍ତି ଓ କ୍ରୋଧ ଭାବକୁ କିଭଳି ଉପାୟରେ ବନ୍ଦ କରିପାରିବେ ? ଅବଶ୍ୟ ଏକଥା ସତ୍ୟ ଯେ ଜନସାଧାରଣ କଂଗ୍ରେସ ଶାସନର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଯେ ଭୁଲିଯାଇଛନ୍ତି ତା ନୁହେଁ, ତେବେ ଜନତା ଦଳ ଶାସନର ପାଞ୍ଚବର୍ଷ ମଧ୍ୟରେ ସେଇ ବିରକ୍ତି ଓ କ୍ରୋଧ ଶୀତଳ ହୋଇଆସୁଛି, ଆଉ ସେଥିପାଇଁ ଜନତା ମନ୍ତ୍ରୀ ଓ ନେତାଙ୍କ ଅବଦାନ କମ୍ ନୁହେଁ। ଏହି ଘଟଣା ସାଙ୍ଗକୁ ରବି ରାୟ ଓ ଶ୍ରୀକାନ୍ତ ଜେନାଙ୍କର ବିଜୁବାବୁ ଓ ତାଙ୍କ ସରକାର ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଜନତାଙ୍କ କ୍ରୋଧାଗ୍ନିରେ ଘୃତାହୁତି ସଦୃଶ। ଗତ କେତେମାସ ହେବ ଦୁର୍ନୀତି ଓ ଅପାରଗତାର ଅଭିଯୋଗ କରି ବୋମା ଫୁଟାଉଛନ୍ତି ବାବୁ ରାମକୃଷ୍ଣ ପଟ୍ଟନାୟକ। ରାମକୃଷ୍ଣ ବାବୁଙ୍କୁ ଲୋକେ ବିଶ୍ୱାସ କରୁଛନ୍ତି। କାରଣ ସେ ବିଜୁବାବୁଙ୍କ ପାଖ ଲୋକ। ଏ ଅବସ୍ଥାରେ ବିଜୁବାବୁ କେଉଁ ଦିଗକୁ ସମ୍ଭାଳିବେ ?

ଆମେ ସମସ୍ତେ ଜାଣୁ ଯେ କୌଣସି ନିର୍ବାଚନରେ ଶାସକଦଳ ରକ୍ଷଣାତ୍ମକ ଭୂମିକା ଗ୍ରହଣ କରେ। ଅନେକ କ୍ଷେତ୍ରରେ ଶାସକ ଦଳର ଦୁଷ୍କର୍ମ ପାଇଁ ବିରୋଧୀଦଳ ସରକାରକୁ ଆସେ। ଲୋକେ ବିରୋଧୀଦଳର ନୀତି ଆଦର୍ଶରେ ପ୍ରଭାବିତ ହୋଇ ଭୋଟ ଦିଅନ୍ତି ନାହିଁ। ଶାସକ ଦଳର ଦୁର୍ନୀତି, ଅପାରଗତା ଓ ନେତାମାନଙ୍କର ଆୟ ବହିର୍ଭୂତ ସଂପତ୍ତିର ଉଲଗ୍ନ ପରିପ୍ରକାଶ ଜନସାଧାରଣଙ୍କୁ ଶାସକ ଦଳ ପ୍ରତି ବିମୁଖ କରିପକାଏ। ବିଜୁବାବୁ ଏକଥା ଜାଣିନାହାନ୍ତି, ତା ନୁହେଁ। କିନ୍ତୁ ଜାଣିଶୁଣି ହେଉ ବା ଅବହେଳାରୁ ହେଉ ଶାସନର ଲଗାମ ତାଙ୍କ ହାତରେ ରହିଲା ନାହିଁ। ଯେଉଁମାନଙ୍କ ହାତରେ ଲଗାମ ରହିଲା ସେମାନେ ଲଗାମଛଡ଼ା ହୋଇଯିବା ଫଳରେ ଲୋକଙ୍କର ଦୁଃଖଦୁର୍ଦ୍ଦଶାର ଅନ୍ତ ରହିଲା ନାହିଁ।

ବିଜୁବାବୁଙ୍କ ସାଢ଼େ ଚାରିବର୍ଷର ଶାସନ ସଂପର୍କରେ ସାଧାରଣ ଲୋକ ଅନେକ ପ୍ରଶ୍ନ କରୁଛନ୍ତି। ତେବେ ବିଭିନ୍ନ ସମୟରେ ସାଧାରଣ ଲୋକେ ଯେଉଁ

Digitized by srujanika@gmail.com

ଅଭିଯୋଗଗୁଡ଼ିକ ଉଠାଇଛନ୍ତି ସେ ଗୁଡ଼ିକ ମଧ୍ୟରୁ କେତୋଟି ନିମ୍ନରେ ଦିଆଗଲା। ପାଠକ ବନ୍ଧୁମାନେ ନିଜ ନିଜ ଦୃଷ୍ଟିରୁ ଏହାର କ୍ରମ ତାଲିକା କରିପାରନ୍ତି। (୧) ଲୋକପାଳ ବ୍ୟବସ୍ଥାର ଉଚ୍ଛେଦ ଫଳରେ ମନ୍ତ୍ରୀ ଓ ଅମଲାଙ୍କ ବିରୁଦ୍ଧରେ ସାଧାରଣ ଲୋକଙ୍କ ପକ୍ଷରୁ ଅଭିଯୋଗ (ଦୁର୍ନୀତି ଓ ଅନ୍ୟାନ୍ୟ ଅଭିଯୋଗ) ରାସ୍ତା ବନ୍ଦ (୨) ସ୍ପେଶାଲ କୋର୍ଟର ପ୍ରବର୍ତ୍ତନ- ମାତ୍ର ସରକାରଙ୍କ ଅନୁମତି ବିନା ଅଭିଯୋଗ ଆଗତ ସମ୍ଭବ ନୁହେଁ (୩) ବେଲୁ ନାମକ ବ୍ୟକ୍ତି ସହ ସରକାରୀ ବଡ଼ପଣ୍ଡାମାନଙ୍କର ସଂପର୍କ ଓ ବିଷାକ୍ତ ମଦମୃତ୍ୟୁ ବିଚାର ବିଭାଗ ତଦନ୍ତ କମିଶନ ନିଯୁକ୍ତିକୁ ବିରୋଧ (୪) ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠାରେ ଚରମ ବ୍ୟର୍ଥତା (୫) ବିଭିନ୍ନ ଅପରାଧ ବୃଦ୍ଧି (୬) ବିଦ୍ୟୁତ୍ କାଟ୍ (୭) ନାରୀମାନଙ୍କ ପ୍ରତି ବିଜୁବାବୁଙ୍କର ଅତିମାତ୍ରାରେ ସମ୍ବେଦନଶୀଳତା (୮) ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଚରମ ଅବହେଳା (୯) ସରକାରୀ ସ୍ତରରୁ ଓଡ଼ିଆ ଭାଷା ଉଚ୍ଛେଦ (୧୦) ସରକାରୀ କାରଖାନା ଓ ସଂପତ୍ତିର ବେସରକାରୀ କରଣ (୧୧) ବିନା ପ୍ରକଳ୍ପ ରିପୋର୍ଟ, ବିନା ଅର୍ଥ ବ୍ୟବସ୍ଥାରେ ବହୁ ପ୍ରକଳ୍ପର ଶିଳାନ୍ୟାସ।

ଆଦର୍ଶଗତ ଦ୍ୱନ୍ଦ୍ୱ ଯୋଗୁଁ ହେଉ ବା ବିଜୁବାବୁଙ୍କ ବ୍ୟକ୍ତିତ୍ୱ ଯୋଗୁଁ ହେଉ ଓଡ଼ିଶାର ବିଭିନ୍ନ ସମୟର ବହୁ ବିଖ୍ୟାତ ଛାତ୍ରନେତା କଂଗ୍ରେସରେ ଯୋଗ ନଦେଇ ଜନତା ଦଳରେ ଅଛନ୍ତି। କେତେକ କଂଗ୍ରେସ ଛାଡ଼ି ଆଉ କେତେକ ଅନ୍ୟଦଳ ଛାଡ଼ି ଜନତାଦଳରେ ଅଛନ୍ତି। ଏମାନଙ୍କ ମଧ୍ୟରୁ କେତେକ ମନ୍ତ୍ରୀ ଆଉ କେତେକ ଏମ.ଏଲ.ଏ. ଓ ଅନ୍ୟ ପଦ ପଦବୀରେ ଅଛନ୍ତି। ଯେପରି ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର। ବକ୍ସିପାତ୍ର ୧୯୫୬ ସୀମା ଆନ୍ଦୋଳନର ମୁଖ୍ୟ ନେତା। ରେଭେନ୍ସା କଲେଜ ଛାତ୍ର ସଂସଦର ସଭାପତି ତଥା ସୀମା ଆନ୍ଦୋଳନର ପ୍ରମୁଖ ନେତା ରୂପେ ସେତେବେଳେ ଓଡ଼ିଶାରେ ସେ ଯେଉଁ ଖ୍ୟାତି ଲାଭ କରିଥିଲେ, ସେଇ ମୁହୂର୍ତ୍ତରେ ବିଜୁବାବୁଙ୍କ ଭଳି ନେତାଙ୍କ ଅପେକ୍ଷା ଜନପ୍ରିୟତାରେ ଟପି ଯାଇଥିଲେ ବୋଲି କହିଲେ ଖୁବ ଗୋଟାଏ ଭୁଲ୍ ହୋଇଯିବ ବୋଲି ଆମେ ମନେକରୁନାହୁଁ। ଆଉ ଯେଉଁମାନେ ଅଛନ୍ତି ସେମାନଙ୍କ ମଧ୍ୟରେ ୧୯୬୪ ଛାତ୍ର ଆନ୍ଦୋଳନର ପ୍ରମୁଖ ନେତା ଭାଗବତ ବେହେରା (ଯୋଗାଣ ମନ୍ତ୍ରୀ), କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ତ୍ରିଲୋଚନ କାନୁନ୍‌ଗୋ ଏବଂ କେତେକାଂଶରେ ଗଣଶିକ୍ଷା ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଅନ୍ୟତମ। କିନ୍ତୁ ବିଜୁବାବୁ ଏମାନଙ୍କୁ ପସନ୍ଦ କରନ୍ତି ନାହିଁ। ପରବର୍ତ୍ତୀ ସମୟରେ ବହୁ ଏମ.ଏଲ.ଏ. ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ନେତା ଥିଲେ। ଏହି ପ୍ରସଙ୍ଗ ଅବତାରଣା କରିବାର ଏକମାତ୍ର

Digitized by srujanika@gmail.com

କାରଣ ହେଉଛି ବିଜୁବାବୁ ଦଳ ଭିତରେ ବୁଦ୍ଧିଜୀବୀ, ସଚ୍ଚୋଟ, ନୀତିବାନ ଲୋକଙ୍କୁ ଗ୍ରହଣ କରୁଥିଲେ ମଧ୍ୟ ସରକାର ଚଳାଇବା କ୍ଷେତ୍ରରେ ଏମାନଙ୍କୁ ଗୁରୁତ୍ୱ ଦେବା ଦୂରେ ଥାଉ ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କୁ ଦୂରେଇ ରଖନ୍ତି। ସମ୍ଭବତଃ ନିଜର ଦୁର୍ବଳତାକୁ ଏଭଳି ବ୍ୟକ୍ତିମାନଙ୍କ ସମ୍ମୁଖରେ ପ୍ରକଟ ନ କରାଇବା ପାଇଁ ଏହା ଏକ କୌଶଳ ଯଦି କୁହାଯାଏ, ତେବେ ଅନୁଚିତ ବକ୍ତବ୍ୟ ହେବନାହିଁ। ବିଜୁବାବୁ ସମଗ୍ର ପୃଥିବୀ ଘୂରି ବୁଲିଛନ୍ତି। ଭାରତୀୟ ରାଜନୀତିଜ୍ଞଙ୍କ ମଧ୍ୟରେ ସେ ସମ୍ଭବତଃ ତାଙ୍କ ସମୟର ଅଳ୍ପ କେତେଜଣଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଯେ ପୃଥିବୀର ସମ୍ଭ୍ରାନ୍ତ ସମାଜରେ ନିଜକୁ ମିଶାଇ ପାରିଥିଲେ। କିନ୍ତୁ ଓଡ଼ିଶାରେ ତାଙ୍କର ରାଜନୀତିକ ଗତି ପ୍ରକୃତି ଦେଖିଲେ ଅନେକ ସମୟରେ ତାଙ୍କର କୌଳିନ୍ୟତା ଲଜ୍ଜା ପାଏ। ଇଂରାଜୀରେ ଗୋଟିଏ ପ୍ରବାଦ ଅଛି 'A man is known by the company he keeps' ଅର୍ଥାତ୍ ସଙ୍ଗ ଦେଖି ଲୋକ ଚିହ୍ନାଯାଏ। କିନ୍ତୁ ବିଜୁବାବୁଙ୍କ ପାଇଁ ଏହା ଠିକ୍ ପ୍ରୟୋଗ କରି ହେବ କି ନାହିଁ ଆମେ କହିପାରିବୁ ନାହିଁ। ତାର କାରଣ ଦେଶର ଅଭିଜାତ ସଂପ୍ରଦାୟର ଅନ୍ୟତମ ପ୍ରମୁଖ ସଦସ୍ୟ ଓଡ଼ିଶାରେ ତାଙ୍କ ହାତ ପାଖରେ ଥିବା ହୀରା ଛାଡ଼ି ଜିରାକୁ ଆଦରି ନେବାର ଏ ପ୍ରବଣତା କାହିଁକି? କିମ୍ବା ଏକଥା ହୋଇପାରେ ବିଜୁବାବୁ ତାଙ୍କର ସେଇ ସ୍ୱଭାବ-ସୁଲଭ ଅହଙ୍କାର ଆଉ ପତିଆରାର ବଶବର୍ତ୍ତୀ ହୋଇ ଏ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ କରି କହୁଛନ୍ତି ତୁମେ ଯାହାକୁ ଜିରା କହୁଛ ସେଇମାନେ ମୋ ହାତରେ ପଡ଼ିଲେ କିପରି ହୀରାରେ ରୂପାନ୍ତରିତ ହୁଅନ୍ତି ତାହାହିଁ ତୁମେ ଦେଖ। ମୋ ହାତରେ ପଡ଼ିଲେ ମାଟି ପଥର ସୁନା ହୁଏ। ତମ ଆଉ ମୋ ଭିତରେ ସେଇଆହିଁ ପ୍ରଭେଦ।

ପାରିବ ଯଦି ଭୋଟ ଦିଅ-ନଚେତ୍ ନାହିଁ।

ତା ୨.୮.୧୯୯୪

•

Digitized by srujanika@gmail.com

# ନିର୍ବାଚନ ହାଓ୍ୱା - କାହା ଗୁଡ଼ି କେତେ ଉପରକୁ ଉଠିବ ?

ଏବଠୁଁ ଓଡ଼ିଶାର ନିର୍ବାଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେଲାଣି। କେତେକ ବନ୍ଧୁ ଦେଖାସାକ୍ଷାତ ବେଳେ ନିର୍ବାଚନ ଖୁବ୍ ଶୀଘ୍ର ହୋଇଯାଇପାରେ ବୋଲି ମତାମତ ଦେଉଛନ୍ତି। ଅବଶ୍ୟ ଏ ପ୍ରକାର ବକ୍ତବ୍ୟ ପଛରେ ସେମାନେ ସେଭଳି ଜୋର୍‌ଦାର୍ ପ୍ରମାଣ ବା ଯୁକ୍ତି ଦେଖାଇପାରୁନାହାନ୍ତି। ତେବେ ଯେତେ ବେଶୀ ହେଲେ ମଧ୍ୟ ଅକ୍ଟୋବର ପୂର୍ବରୁ ନିର୍ବାଚନ ହେବନାହିଁ ବୋଲି ଆମର ଧାରଣା। କାରଣ ନଭେମ୍ବର, ଡିସେମ୍ବର ବେଳକୁ କର୍ଣ୍ଣାଟକ, ଆନ୍ଧ୍ର ଓ ଗୁଜରାଟ ଆଦି ରାଜ୍ୟରେ ନିର୍ବାଚନ ହେବ। ସେଇ ସମୟରେ ଓଡ଼ିଶାରେ ମଧ୍ୟ ନିର୍ବାଚନ କରାଯାଇପାରେ ବୋଲି ରାଜନୀତିକ ମହଲ ମତବ୍ୟକ୍ତ କରୁଛନ୍ତି। ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳ ଏଇମିତି ୧୯୯୫ ଫେବୃଆରୀ ଶେଷ ସୁଦ୍ଧା ଶେଷ ହେବ। ପ୍ରଥମେ ଆଶା କରାଯାଉଥିଲା ବିଜୁବାବୁ ତିନବର୍ଷ ମୁଣ୍ଡରେ ନିର୍ବାଚନ କରି ପୁଣି ସଂଖ୍ୟାଗରିଷ୍ଠତା ଲାଭ କରି ସରକାର ଗଢ଼ିବେ। ମାତ୍ର ତା' ହେଲାନାହିଁ। ଏବେ ଚାରିବର୍ଷ ପୂର୍ଣ୍ଣ ହେବାକୁ ଯାଉଛି। ତେଣୁ ଏମାନେ ତାଙ୍କ କାର୍ଯ୍ୟକାଳକୁ ଶେଷ ପର୍ଯ୍ୟନ୍ତ ଟାଣିବେ। କାରଣ ହାଓ୍ୱା ଠିକ୍ ଏବେ ଜନତାଦଳର ଅନୁକୂଳରେ ବୋହୁନାହିଁ। ହାଓ୍ୱାର ଗତି ଏବେ ବିପରୀତ।

ଓଡ଼ିଶାରେ ରାଜନୀତି କହିଲେ ଜନତା ଓ କଂଗ୍ରେସ। ଏପଟେ ପଟ୍ଟନାୟକ, ସେପଟେ ମଧ୍ୟ ପଟ୍ଟନାୟକ। ୧୯୮୦ରୁ ୯୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ କଂଗ୍ରେସ ଶାସନ ଚଳିଲା। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ କଂଗ୍ରେସ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ଏକାଦିକ୍ରମେ ଦଶବର୍ଷ ଶାସନ ଗାଦିରେ ରହିଲା। ଦଶବର୍ଷ ପରେ ଜନତାଦଳ କଂଗ୍ରେସକୁ କଂଗ୍ରେସ- ବିରୋଧୀ ହାଓ୍ୱାରେ ପରାସ୍ତ କରି ଶାସନକୁ ଆସିଲା। କଂଗ୍ରେସ ବିରୋଧୀ ହାଓ୍ୱା ଯେପରି ଜନତାଦଳକୁ ଶାସନକୁ ଆଣିଲା, ଏବେ ଠିକ୍ ତା'ର ବିପରୀତ ଅବସ୍ଥା ସୃଷ୍ଟି ହେବାକୁ ଯାଉଛି। ଜନତାଦଳକୁ ସେମାନଙ୍କ ନିଜର ବିରୋଧୀ ହାଓ୍ୱା ଏବେ ଧୀରେ ଧୀରେ ଅସୁବିଧାରେ ପକାଇବାକୁ ଯାଉଛି। ଏବେ ଅନେକ ଜନତାଦଳ ବିଧାୟକ

Digitized by srujanika@gmail.com

ସେମାନଙ୍କର ମନର ନୈରାଶ୍ୟ ଭାବକୁ ଆଉ ଗୋପନ ରଖିପାରୁନାହାନ୍ତି । ସେମାନେ କଥାବାର୍ତ୍ତା ବେଳେ ସ୍ପଷ୍ଟ ଭାବେ ଜଣାଇ ଦେଉଛନ୍ତି, ଆମ ଅମଳରେ କ'ଣ କାମ ହୋଇନି । ବିଭିନ୍ନ କନ୍‌ଷ୍ଟିଚ୍ୟୁଏନ୍‌ସିରେ ଭଲ କାମ ହୋଇଛି । କିନ୍ତୁ ପ୍ରଚାର କାହିଁ ?

- କେବଳ ପ୍ରଚାର କଲେ କ'ଣ ସବୁ ହୋଇଯିବ ?

- ହଁ, ବର୍ତ୍ତମାନ ତ' ପ୍ରଚାର ଯୁଗ । ଯାହା ହୋଇଛି, ତାହା ଠିକ୍ ଭାବେ ପ୍ରଚାର ହେଲେ ଆମ ପାଲରେ ହାୱା ଲାଗନ୍ତା ।

- କ'ଣ ହୋଇଛି - ଯାହା ପ୍ରଚାର କରିବ ?

- କାହିଁକି, ଗାଁ ଗହଳରେ ରାସ୍ତାଘାଟଠୁଁ ଆରମ୍ଭ କରି ନଳକୂପ ଯାଏ ସବୁ ତ ହୋଇଛି ।

- ତେବେ ଗାଁ ଲୋକେ ତୁମ ବିରୋଧରେ କାହିଁକି କହୁଛନ୍ତି ? ଜନତାଦଳର ବିଧାୟକ ବନ୍ଧୁ ଦୁଇଜଣ ରୀତିମତ୍ ବିରକ୍ତ ହୋଇ କହିଲେ, ଗାଁ ଲୋକେ କେହି ଆମ ବିରୋଧୀ ନୁହନ୍ତି ।

- ତେବେ ଆଉ ସମସ୍ୟା କ'ଣ ? ତୁମେ ତ ପୁଣି ଆସିବ । ଆଉ ନିରାଶ ହେଉଛ କାହିଁକି ?

ବିଧାୟକ ବନ୍ଧୁ ଦୁଇଜଣଙ୍କ ମଧ୍ୟରୁ ଜଣେ କହିଲେ, ନା କଥା ତା' ନୁହେଁ । କେଜାଣି କେମିତି ଜନତାଦଳ ବିରୋଧରେ ଗୋଟେ ପ୍ରଚାର ହୋଇଯାଇଛି ଯେ, ଆମ ବେଳେ କିଛି ହୋଇନି । ଯାହାକୁ ପଚାରିଲେ ସମସ୍ତେ କହୁଛନ୍ତି, ଏଥର ଆଉ ନୁହେଁ ।

ଏହି କଥୋପକଥନ ସଚିବାଳୟ ବାରଣ୍ଡାରେ ଠିଆହୋଇ ଚାଲିଥିବା ବେଳେ ଜଣେ ମନ୍ତ୍ରୀ ତାଙ୍କ ଗଳି ଭିତରକୁ ଯାଉଯାଉ ଆମକୁ ଦେଖି ଆମ ପାଖକୁ ଆସି ସାଦର ସମ୍ଭାଷଣ କରି କହିଲେ ଆସ ଭାଇ ମୋ ରୁମ୍‌ରେ ଆଲୋଚନା କରିବା । ମନ୍ତ୍ରୀବନ୍ଧୁଙ୍କ ଆମନ୍ତ୍ରଣରେ ଆମେ ସମସ୍ତେ ତାଙ୍କ କୋଠରୀକୁ ଗଲୁ । ମନ୍ତ୍ରୀବନ୍ଧୁ କହିଲେ କ'ଣ ଆଉ ସବୁ ଖବର ? ଆମେ ବିଧାୟକ ବନ୍ଧୁ ଦୁହିଁଙ୍କ ସହ ବାକ୍ୟାଳାପ ସମ୍ପର୍କରେ ଜଣାଇବାରୁ ସେ କହିଲେ, ଆମେ ପୁଣି ଶାସନକୁ ଆସିବୁ । ମନ୍ତ୍ରୀଙ୍କ ସ୍ପଷ୍ଟ କଥା ଶୁଣି ଆମେ ଦ୍ୱିରୁକ୍ତି କଲୁନାହିଁ । କାରଣ ସ୍ୱର ଯେତେ ସ୍ପଷ୍ଟ ମନ୍ତ୍ରୀଙ୍କ ଭାବମୂର୍ତ୍ତି ସେଇ ପରିମାଣରେ ଅସ୍ପଷ୍ଟ । ନିଜକୁ ଓ ମନକୁ ବୁଝାଇବା ପାଇଁ ଏହା ଏକ ବାହ୍ୟ ପରିପ୍ରକାଶ । କିନ୍ତୁ ଅନ୍ତରେନ୍ଦ୍ରିୟରେ ତାଙ୍କର ବିଦାୟର ଡିଣ୍ଡିମ ଯେ ବାଜି ଉଠିଲାଣି, ତା' ତାଙ୍କର ଅତି ସ୍ପଷ୍ଟ ବକ୍ତବ୍ୟରୁ ହିଁ ପ୍ରତିପାଦିତ ହେଉଥିଲା ।

Digitized by srujanika@gmail.com

ଆମେ ମନ୍ତ୍ରୀବନ୍ଧୁଙ୍କୁ ପଚାରିଲୁ- ଏତେ ସ୍ପଷ୍ଟ କଥା କହିଲ ଯେ, ଗୋଟିଏ କଥା ଆମକୁ ବୁଝାଇଦିଅ। ଏଥର ବିଜୁବାବୁ ଲୋକଙ୍କ ପାଖରେ କି ସ୍ଲୋଗାନ ଦେବେ? ମନ୍ତ୍ରୀ କ'ଣ ଟିକିଏ ଭାବିଲେ। ତା'ପରେ କହିଲେ ତାହା ବିଜୁବାବୁ ଠିକ୍ ମ୍ୟାନେଜ କରିନେବେ। ଆମେ ମନ୍ତ୍ରୀବନ୍ଧୁଙ୍କ ସହ ଆଉ ବିଶେଷ କିଛି ଯୁକ୍ତି କରିବା ଉଚିତ ମନେକଲୁ ନାହିଁ। କାରଣ ମନ୍ତ୍ରୀଙ୍କର ବୌଦ୍ଧିକତାର ମାନ ଯେଉଁ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଛି, ତା' ଉପରକୁ ଗଲେ ସେ ନିଜେ ଅପମାନିତ ହୋଇପଡ଼ିବେ। ତେଣୁ ଆଲୋଚନାର ବିଷୟ ଓ ଧାରାର ପରିବର୍ତ୍ତନ କରିବାକୁ ହେଲା। ଏଣୁ ତେଣୁ କଥାବାର୍ତ୍ତା ହୋଇ ବିଦାୟ ନେଲୁ।

ନିର୍ବାଚନ ପାଇଁ ଏବେ ଜନତାଦଳ ପକ୍ଷରୁ ହାୱା ସୃଷ୍ଟି କରିବାକୁ ବିଜୁବାବୁ ଗସ୍ତ ଆରମ୍ଭ କଲେଣି। ତେବେ ଏଥରର ଅବସ୍ଥା ବିଶେଷ ଅନୁକୂଳ ନୁହେଁ ବୋଲି ସେ ନିଜେ ଅନୁଭବ କଲେଣି। ୧୯୯୦ ମସିହା ନିର୍ବାଚନରେ ସେ ଯେଉଁ ୧୮ ଦଫା କାର୍ଯ୍ୟକ୍ରମ ଜନତାଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ, ସେଥିମଧ୍ୟରୁ କୌଣସି ଗୋଟିକର ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ ବୋଲି ତାଙ୍କର ତତ୍କାଳୀନ ନିର୍ବାଚନ ଅଂଶୀଦାର ସି.ପି.ଆଇ. ଓ ସି.ପି.ଏମ୍. ଦଳ ଏବେ ଖୋଲାଖୋଲି ଅଭିଯୋଗ କରୁଛନ୍ତି। ବେକାରୀ ଓ ଦାରିଦ୍ର୍ୟ ବୃଦ୍ଧି ପାଇବା ବେଳେ ନିଯୁକ୍ତି ପୂରାପୂରି ବନ୍ଦ ହୋଇଯାଇଛି। ତେବେ କେଉଁ ବିଷୟକୁ ନେଇ ଏଥର ବିଜୁବାବୁ ତାଙ୍କର ନୂଆ ସ୍ଲୋଗାନ ଦେବେ, ତାହା ସମସ୍ତେ ଆଗ୍ରହର ସହ ଲକ୍ଷ୍ୟ ରଖିଛନ୍ତି।

ବିଜୁବାବୁ ଏବେ ଇସ୍ପାତ ପଛରେ ଗୋଡ଼ାଉଛନ୍ତି। ବିଜୁବାବୁଙ୍କ ବହୁଦିନର ସ୍ୱପ୍ନ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା। ଏଥିପାଇଁ କେନ୍ଦ୍ର ସରକାର ତାଙ୍କୁ ସାହାଯ୍ୟ କଲେନାହିଁ। ବିଜୁବାବୁ ଶରଣାପନ୍ନ ହୋଇଛନ୍ତି ଆବାସିକ ଭାରତୀୟ ସ୍ୱରାଜ ପଲ୍ ଏବଂ ଖୁବ୍ ନିକଟରେ ଟାଟା କଂପାନୀର ଚେୟାରମ୍ୟାନ୍ ରତନ ଟାଟାଙ୍କର। ବିଜୁବାବୁ ଏ ଦୁଇ ଶିଳ୍ପପତିଙ୍କୁ ଓଡ଼ିଶାରେ ଲାଲ କାର୍ପେଟ ଅଭ୍ୟର୍ଥନା ଜଣାଇଛନ୍ତି। କେବଳ ସେତିକି ନୁହେଁ ସ୍ୱରାଜ ପଲ୍‌ଙ୍କୁ ରାଜ୍ୟ ସରକାରଙ୍କର ବିମାନ ଯୋଗାଇଦେବା ସଂଗେ ସଂଗେ ତାଙ୍କ ସହ ବମ୍ବେ ଯାଇ ଶିଳ୍ପ ଉନ୍ନୟନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ମଧ୍ୟ ପଛେଇନଥିଲେ। ସ୍ୱରାଜ୍ ପଲ୍‌ଙ୍କ ପିଛା ଅନ୍ତତଃ କୋଟିଏ ଦେଢ଼କୋଟି ଟଙ୍କା ବ୍ୟୟ ହେଲାଣି ବୋଲି କୁହାଯାଉଛି। କିନ୍ତୁ ପ୍ରତିବଦଳରେ ମିଳିଛି କ'ଣ? ସ୍ୱରାଜ ପଲ୍‌ଙ୍କ ମୁଖନିଃସୃତ ବାଣୀ। ସେହି ଅମୃତସମ ବାଣୀ ପ୍ରତି ଓଡ଼ିଆର କର୍ଣ୍ଣଗହ୍ୱରରେ ପ୍ରବେଶ କରି ବାରମ୍ବାର ଆମକୁ ରୋମାଞ୍ଚିତ କରୁଛି। କିନ୍ତୁ ସେଇ ବାଣୀ ଯେପରି ହାୱାରେ ଆସୁଛି, ସେହିଭଳି ହାୱାରେ ଚାଲିଯାଉଛି। ତେଣୁ ଥୋକେ ଓଡ଼ିଆ ଏବେ କହିଲେଣି, ସ୍ୱରାଜ୍ ପଲ୍ ହାୱାରେ ଇସ୍ପାତ କାରଖାନା କରୁଛନ୍ତି। ଏବେ ଇସ୍ପାତ

Digitized by srujanika@gmail.com

କାରଖାନା ନୂଆ ସଂଯୋଗୀ ହେଉଛନ୍ତି ଟାଟା କମ୍ପାନୀ। ଏଇ ସେଦିନ ଟାଟାର ସର୍ବଶକ୍ତିମାନ୍ ଚେୟାରମ୍ୟାନ୍ ରତନ ଟାଟା ଭୁବନେଶ୍ୱର ଆସିଥିଲେ। ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ସହ କଥାବାର୍ତ୍ତା ହେଲେ। ରତନ ଟାଟାଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଅଫିସ୍ କୋଠରୀରୁ ତାଙ୍କ ଗାଡ଼ି ପର୍ଯ୍ୟନ୍ତ ବଳେଇଦେବାକୁ ଆସିଲେ। ସେଦିନ ଏକଥା ଏହି ପ୍ରତିବେଦକ ସମେତ ଯେଉଁମାନେ ଦେଖିଛନ୍ତି ସେମାନଙ୍କ ମନରେ ଓଡ଼ିଆପୁଅ ବିଜୁବାବୁଙ୍କ ପାଇଁ ଯେଉଁ ଅହଂକାର, ପତିଆରା ଆଉ ଗର୍ବ ବସା ବାନ୍ଧି ରହିଥିଲା, ତାହା ଖଣ୍ଡବିଖଣ୍ଡ ହୋଇ ସଚିବାଳୟର ସେହି ଶେଷ ଅଳିନ୍ଦର ମାର୍ବଲ ଚତ୍ୱରରେ ବିଞ୍ଛିହୋଇ ପଡ଼ିଲା। ଓଡ଼ିଶା ପାଇଁ ଟାଟା କମ୍ପାନୀର ଅବଦାନ ଉଲ୍ଲେଖଯୋଗ୍ୟ ନୁହେଁ। ଟାଟା କମ୍ପାନୀ ପୂର୍ବତନ ଚେୟାରମ୍ୟାନ୍ ଋଷି ମୋଦିଙ୍କ ବକ୍ତବ୍ୟ ଅନୁସାରେ ବିହାର ପରେ ଓଡ଼ିଶାରୁ ଟାଟା କମ୍ପାନୀ ସର୍ବାଧିକ ଆୟ କରନ୍ତି; କିନ୍ତୁ ସେହି ତୁଳନାରେ ଓଡ଼ିଶାକୁ ଟାଟା କମ୍ପାନୀର ଅବଦାନ କ'ଣ ?

ନିର୍ବାଚନରେ ଇସ୍ପାତ କାରଖାନାର ଭୂମିକା କ'ଣ ? ଇସ୍ପାତ କାରଖାନା ପ୍ରତିଷ୍ଠା କଲେ ଲୋକେ ଭୋଟ ଦେବେ କାହିଁକି ? କାରଖାନା ପ୍ରତିଷ୍ଠା ହେବ ଦୈତାରୀରେ। ଗଂଜାମ ଲୋକ ବା କୋରାପୁଟର ଲୋକ ପାଇବେ କ'ଣ ? ତାହା ହୋଇଥିଲେ 'ନାଲ୍‌କୋ' ଭଳି ଏତେ ବଡ଼ କାରଖାନା ପ୍ରତିଷ୍ଠା ହେଲାପରେ କଂଗ୍ରେସ ପରାସ୍ତ ହେଲା କାହିଁକି ? ତାହାଛଡ଼ା ସେହି ପୁରୁଣା ବ୍ଲାଷ୍ଟ ଫର୍ଣ୍ଣେସ୍ ପଦ୍ଧତିରେ ଇସ୍ପାତ କାରଖାନା ପ୍ରତିଷ୍ଠା କରି ଉପକାର କ'ଣ ହେବ ? ସ୍ୱରାଜ ପଲ୍ ହୁଅନ୍ତୁ ବା ରତନ ଟାଟା ହୁଅନ୍ତୁ ଏମାନେ ସମସ୍ତେ ବେପାରୀ। ଏମାନଙ୍କ ମଧ୍ୟରୁ କେହି ଓଡ଼ିଶାର ଲୋକ ନୁହନ୍ତି। ପ୍ରଥମେ ଏମାନେ ନିଜର ଲାଭକଥା ବିଚାର କରି ପାଦ ବଢ଼ାଇବେ। ଟାଟା କମ୍ପାନୀ ଶହ ଶହ କୋଟି ଟଙ୍କା ଓଡ଼ିଶାରୁ ନେଉଥିବାବେଳେ ବମ୍ବେରେ ଥିବା ଟାଟା ହସ୍‌ପିଟାଲରେ, ଟାଟା ଇଞ୍ଜିନିୟରିଂ କଲେଜରେ ଓଡ଼ିଶା ପାଇଁ କେତୋଟି ସ୍ଥାନ ରିଜର୍ଭ ଅଛି ? ଓଡ଼ିଶାରେ କେତୋଟି ହସ୍‌ପିଟାଲ, ଇଞ୍ଜିନିୟରିଂ କଲେଜ, ସ୍ପୋର୍ଟସ୍ ହଷ୍ଟେଲ ଟାଟାର ଅଛି ? ଆମେ ତ' ସହଜରେ ଗରିବ। ବିଜୁବାବୁ ପ୍ରଥମେ ଆସି ଯେଉଁ କନ୍‌ଫ୍ରଣ୍ଟେସନ ବା ଯୁଦ୍ଧଂ ଦେହି ଡାକରା ଦେଇଥିଲେ, ଏମାନଙ୍କ ପାଇଁ ତାହାହିଁ ଯଥାର୍ଥ ଉତ୍ତର ଥିଲା। କିନ୍ତୁ ହଠାତ୍ ଏହି ବେପାରୀ ତୋଷଣ ନୀତି ସେ କାହିଁକି ଗ୍ରହଣ କଲେ, ତାହା ଆମଭଳି ଅନେକଙ୍କୁ ବିସ୍ମିତ କରିଛି। ନିର୍ବାଚନରେ ଏହା ତାଙ୍କୁ କେଉଁ ପଟରୁ ସାହାଯ୍ୟ କରିବ ?

ନିର୍ବାଚନ ଏବେ ହେଉ ବା ଯେବେ ହେଉ, ବିଜୁବାବୁ ଆରମ୍ଭରୁ ଯେତେସବୁ କଥା କହିଛନ୍ତି, ସବୁ ବିଷୟ ଉପରେ ପ୍ରଶ୍ନ ଆସିବ। ଏଠି ଆଉ ଏକ ପ୍ରସଙ୍ଗ ମଧ୍ୟ ବିଚାରକୁ ଆସୁଛି। ତାହା ହେଉଛି ସି.ପି.ଆଇ. ଓ ସି.ପି.ଏମ୍.ର ଭୂମିକା।

Digitized by srujanika@gmail.com

୧୯୯୦ ନିର୍ବାଚନରେ ଜନତାଦଳ ସହ ଏହି ଦୁଇଟି ଦଳ ୧୮ ଦଫା କାର୍ଯ୍ୟକ୍ରମ ଭିତ୍ତିରେ ମେଣ୍ଟ ଗଠନ କରି ନିର୍ବାଚନ ଲଢ଼ିଲେ। ଏବେ ଏ ଦୁଇଦଳ ବିଜୁବାବୁଙ୍କ ବ୍ୟବହାରେ ଅତ୍ୟନ୍ତ କ୍ଷୁଣ୍ଣ ହୋଇ ଜନତାଦଳ ସହ କୌଣସି ସଂପର୍କ ନାହିଁ ବୋଲି ବାରମ୍ବାର ଘୋଷଣା କରୁଛନ୍ତି। ଯେଉଁ ପତିଆରା ବା ଔଦ୍ଧତ୍ୟ ଦେଖାଇ ବିଜୁବାବୁ ବା ତାଙ୍କ ଦଳର ସଭାପତି ଅଶୋକ ଦାସ ଏହି ଦୁଇଦଳଙ୍କୁ ପୋଇଲୀ ଭଳି ଛିଛାକର କଲେ, ୧୯୯୪ରେ ପରିସ୍ଥିତି ସଂପୂର୍ଣ୍ଣ ବଦଳିଯାଇଛି।

ଏଥର କଂଗ୍ରେସକୁ ଅଟକାଇବାକୁ ହେଲେ ଏହି ଦୁଇଦଳଙ୍କୁ ପାଖକୁ ଆଣିବାକୁ ଜନତାଦଳ ବାଧ୍ୟହେବ। ଅନ୍ୟପକ୍ଷରେ ସି.ପି.ଆଇ. ବା ସି.ପି.ଏମ୍ ଜନତାଦଳ ବା ବିଜୁବାବୁଙ୍କ ବିରୋଧରେ ଯେତେ ଯାହା ଚିତ୍କାର କଲେ ମଧ୍ୟ ଏମାନେ ନିଜସ୍ୱ ଶକ୍ତିରେ ଗୋଟିଏ ହେଲେ ସ୍ଥାନ ବିଧାନସଭାରେ ଦଖଲ କରିପାରିବେ ନାହିଁ। ତେଣୁ ବିନାଶ୍ରୟେ ନ ବଂଚନ୍ତି କବିତା-ବନିତା-ଲତା ଭଳି ଏମାନଙ୍କୁ ଜନତାଦଳ ଉପରେ ଲଟେଇବାକୁ ପଡ଼ିବ।

ଜନତାଦଳର ଅବସ୍ଥା ବାହାରେ ଯାହା, ଭିତରେ ତା'ଠାରୁ ଆହୁରି ଖରାପ। ରାଜ୍ୟସଭା ନିର୍ବାଚନ ଏ ଅବସ୍ଥାକୁ ଅନେକାଂଶରେ ସ୍ପଷ୍ଟ କରିଦେବ। ମାଘମାସରେ ଗୁଡ଼ି ଉଡ଼ାହୁଏ। ଭଲଭାବେ ନିବୁଜ ହୋଇ ଟାଣ କାଗଜରେ ତିଆରି ହୋଇଥିବା ଗୁଡ଼ିର ସୂତାକୁ ତଳକୁ ଟାଣିଲେ ଗୁଡ଼ି ଉପରକୁ ଉଠେ। କିନ୍ତୁ ଗୁଡ଼ିଟି ଫଟା ଥିଲେ ଉପରକୁ ନଯାଇ ତଳକୁ ଖସିଆସେ। ଏବେ ଜନତାଦଳର ଅବସ୍ଥା ଅନେକଙ୍କ ମତରେ ଏହି ଫଟା ଗୁଡ଼ି ପରି ହୋଇଛି। ୧୯୯୦ରେ ଯେଉଁ ଟାଣ କାଗଜର ଗୁଡ଼ିଟା ଆକାଶରେ ଉଡୁଥିଲା, ବିଗତ ଚାରିବର୍ଷ ମଧ୍ୟରେ ବହୁ ଦୋଷତ୍ରୁଟି, ଦୁର୍ନୀତି ଓ ଅପାରଗତାର ଚେକାମାଡ଼ରେ ସେ ଗୁଡ଼ିର ଅନେକ ଅଂଗ ଫାଟିଯାଇଛି।

ତେଣୁ ୧୯୯୦ ମସିହାର ଗୁଡ଼ିଟି ଯେଉଭଳି ବେପରୁଆ ହୋଇ ଆକାଶରେ ଜନତାଦଳର ବିଜୟର ବାର୍ତ୍ତା ନେଇ ଘୂରି ବୁଲୁଥିଲା, ସେହି ଗୁଡ଼ି ଆଗାମୀ ନିର୍ବାଚନରେ କେଉଁ ସ୍ଥାନ ନେବ, ତାହାହିଁ ସମସ୍ତେ ଆଗ୍ରହର ସହ ଲକ୍ଷ୍ୟ କରୁଛନ୍ତି। ଗୁଡ଼ିରେ ଲେପ ପକାଇ ଜନତାଦଳ ଗୁଡ଼ିକୁ ଆକାଶରେ କେତେ ସମୟ ଆଉ ଉଡ଼ାଇବ ?

ତା ୧୯.୧.୧୯୯୪

●

Digitized by srujanika@gmail.com

# ଦିନରେ ବସନ୍ତ ଆମେ....

ଚାହୁଁ ଚାହୁଁ ୯୩ ମସିହା ଚାଲିଗଲା । ଆମ ନିକଟରେ ଛାଡ଼ିଦେଇଗଲା ଅନେକ ଘଟଣା ଆଉ ଦୁର୍ଘଟଣାର ପଂକ୍ତିକା । ରଖିଦେଇଗଲା ଅନେକ ବ୍ୟଥା, ବେଦନା ଏବଂ ଅପରିସୀମ ତିକ୍ତ-ମଧୁର ସ୍ମୃତି । ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ସମାଜନୀତି ଆଉ ଅର୍ଥନୀତି ସମସ୍ତ କ୍ଷେତ୍ରରେ ୯୩ ନିଜର ପଦଚିହ୍ନ ଏଭଳି ଭାବେ ଥାପିଦେଇ ଯାଇଛି, ଯାହା ସହଜରେ ଲିଭିଯିବ ନାହିଁ । ୧୯୯୩ ବର୍ଷର ସର୍ବଶେଷ ପୃଷ୍ଠା କ୍ୟାଲେଣ୍ଡରରୁ ଛିଣ୍ଡାଇଦେବା ପରେ ପରେ ତାହା ଇତିହାସରେ ପରିଣତ ହୋଇଗଲା । ଏହି ଶେଷପୃଷ୍ଠା ସ୍ୱାଧୀନତା ପରବର୍ତ୍ତୀ ଭାରତର ରାଜନୀତିକ ଇତିହାସରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠା ହୋଇ ବହୁବର୍ଷ ତିଷ୍ଠି ରହିବ । ଲିଭି ଲିଭି ଆସୁଥିବା ଭାରତୀୟ ରାଜନୈତିକ ନୈତିକତାବୋଧକୁ ପୁନରୁଜ୍ଜୀବିତ କରିବା କ୍ଷେତ୍ରରେ ଯେଉଁ ତିନିଜଣ ବ୍ୟକ୍ତିବିଶେଷଙ୍କ ନାମ ଇତିହାସର ସୁବର୍ଣ୍ଣ ପୃଷ୍ଠା ମଣ୍ଡନ କରିବ, କ୍ୟାଲେଣ୍ଡରର ଏହି ଶେଷ ପୃଷ୍ଠାରେ ସେମାନଙ୍କ କୃତିତ୍ୱର ଦିନ ଲିପିବଦ୍ଧ ହୋଇ ରହିଛି । ସେ ତିନିଜଣ ହେଲେ ନିର୍ଭୀକତାର ପ୍ରତୀକ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ. ଶେଷାନ୍, ନିରପେକ୍ଷତାର ସୂତ୍ରଧର ଜେ.ପି.ସି. ଚେୟାରମ୍ୟାନ୍ ରାମନିବାସ ମିର୍ଦ୍ଧା ଓ ନୈତିକ ମୂଲ୍ୟବୋଧର ବାସବେୟ ଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ।

ଅତୀତକୁ ସବୁ ସମୟରେ ରୋମନ୍ଥନ କରାଯାଏନାହିଁ । କିନ୍ତୁ ଏଭଳି କେତେ ଘଟଣା ବା ଦୁର୍ଘଟଣା ଘଟିଥାଏ, ଯାହା ରୋମନ୍ଥିତ ହେଲେ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ମିଳେ । ଏହି ଆଲୋଚନା ବା ପର୍ଯ୍ୟାଲୋଚନା ଅତଡ଼ା ଖସୁଥିବା ସାମାଜିକ ନୈତିକତାବୋଧର ବନ୍ଧରେ ମାଟି ପକାଇ ଆଉ ଅଧିକ ଧସା ପଡ଼ିବାରୁ ରକ୍ଷା କରିପାରେ । ଭାରତବର୍ଷର ସାମ୍ପ୍ରତିକ ରାଜନୀତି ଓ ରାଜନୀତିଜ୍ଞମାନଙ୍କର ସ୍ଖଳିତ ନୈତିକତାବୋଧକୁ ରୋକିବାରେ ଉପରୋକ୍ତ ତିନିଜଣ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରା କିଛି ପରିମାଣରେ ସହାୟକ ହୋଇପାରେ ବୋଲି ଯଦି କୁହାଯାଏ ତେବେ ତାହା ଅତିଶୟୋକ୍ତି ହେବନାହିଁ ବୋଲି ଆମେ ଆଶା କରିପାରୁ ।

Digitized by srujanika@gmail.com

ଅନେକ ସମୟରେ ଶାସନକୁ କେତେକ ସାଧୁ, ସଚ୍ଚୋଟ ଓ ବିଚାରବନ୍ତ ବ୍ୟକ୍ତି ଆସନ୍ତି। ବିଭିନ୍ନ ଚାପ ଯୋଗୁଁ ହେଉ ବା କ୍ଷମତାର ମୋହିନୀ ମାୟାରୁ ହେଉ, ସେମାନଙ୍କ ମଧ୍ୟରୁ କେତେକ ନିଜର ବିଚାରବୁଦ୍ଧି ହରାଇ ବସନ୍ତି। ନିଜକୁ ସେଇ ପ୍ରବହମାନ ଅର୍ଥ ଓ କ୍ଷମତାର ସ୍ରୋତରେ ଭସାଇ ଦିଅନ୍ତି। କ୍ଷମତା ପାଇ ଆଉ ହରାଇବାକୁ ସେମାନେ ଚାହାନ୍ତି ନାହିଁ। ପୁନର୍ବାର କ୍ଷମତାଲାଭ ପାଇ ସେମାନେ ଯାହାକିଛି କରିବା ପାଇଁ ପ୍ରସ୍ତୁତ ହୋଇଯାନ୍ତି। ଏପରିକି ବାହୁବଳରେ ବିଜୟ ସମ୍ଭାବନା ଥିବା ଦୁର୍ଦ୍ଧାନ୍ତ ଅପରାଧୀମାନଙ୍କୁ ଗଣତନ୍ତ୍ରର ସର୍ବୋଚ୍ଚ ପ୍ରତିଷ୍ଠାନକୁ ଆଣିବା ପାଇଁ କୁଣ୍ଠାବୋଧ କରୁନାହାନ୍ତି। ଏହି ରୋଗ ଏବେ ଆମ ଦେଶରେ ଯେତେ ବ୍ୟାପକ ଆକାର ଧାରଣ କରିଛି, ସେଥିରେ ସ୍ୱାଭାବିକ ଭାବେ ମନେହେବ ଆଉ କିଛିଦିନ ପରେ ଲୋକସଭା ଓ ବିଧାନସଭାଗୁଡ଼ିକ ଡକାୟତ ଓ ମାଫିଆମାନଙ୍କ ମୁଖ୍ୟ ଆଡ୍‌ଡାସ୍ଥଳୀ ହୋଇଯିବ।

କ୍ଷମତାର କଷଟିପଥରରେ ଯିଏ ଥରେ ପରଖ ହୋଇ ନିଜର ସ୍ୱତନ୍ତ୍ର ସତ୍ତା ଜାହିର ରଖିପାରିଛନ୍ତି, ସେମାନେ ଅବଶେଷରେ ଜନସାଧାରଣଙ୍କ ଆସ୍ଥା ଓ ଶ୍ରଦ୍ଧାଭାଜନ ହୋଇଛନ୍ତି। ଆଜି ଦେଶରେ ସେହିଭଳି ଏକ ପରିସ୍ଥିତି ଭିତରକୁ ଟାଣିହୋଇ ଯାଉଛନ୍ତି ଟି.ଏନ୍. ଶେଷାନ ଓ ଡକ୍ଟର ମନମୋହନ ସିଂହ। ସାମୟିକ ଭାବେ ଅବଶ୍ୟ ରାମନିବାସ ମିର୍ଦ୍ଧା।

ଅର୍ଥମନ୍ତ୍ରୀ ମନମୋହନ ସିଂହ ଜେ.ପି.ସି. ରିପୋର୍ଟରେ ଅତ୍ୟନ୍ତ ବିରକ୍ତି ପ୍ରକାଶ କରିଥିଲେ। ଯେଉଁଭଳି ଭାବେ ଅର୍ଥମନ୍ତ୍ରୀକୁ ଜେ.ପି.ସି. ରିପୋର୍ଟରେ ଦୋଷୀ ସାବ୍ୟସ୍ତ କରାଗଲା, ସେଥିରେ ବ୍ୟଥିତ ହୋଇପଡ଼ିଲେ ମନମୋହନ ସିଂହ। ମାତ୍ର ପ୍ରଧାନମନ୍ତ୍ରୀ ତାଙ୍କୁ ଏଭଳି ଭାବପ୍ରବଣ ନହେବା ପାଇଁ ପରାମର୍ଶ ଦେଲେ। ତା' ସତ୍ତ୍ୱେ ଡକ୍ଟର ସିଂହ ୨୩ ତାରିଖରେ କୋରିୟରରେ ତାଙ୍କ ଇସ୍ତଫାପତ୍ର ପଠାଇଦେଲେ। ପ୍ରଧାନମନ୍ତ୍ରୀ ବିସ୍ମିତ ହେଲେ ଏବଂ କାର୍ଯ୍ୟ ଚଳାଇଯିବାକୁ ଅନୁରୋଧ କଲେ। କେତେକ ମତବ୍ୟକ୍ତ କରନ୍ତି ଇସ୍ତଫା ଦେବା ପରେ ୩୦ ତାରିଖରେ ଜେ.ପି.ସି. ରିପୋର୍ଟ ଉପରେ ସେ ଅର୍ଥମନ୍ତ୍ରୀ ରୂପେ ପାର୍ଲାମେଣ୍ଟରେ ଉତ୍ତର ଦେବା ଦ୍ୱାରା ତାଙ୍କର ଯେଉଁ ଭାବମୂର୍ତ୍ତି ଇସ୍ତଫା ଫଳରେ ସୃଷ୍ଟି ହୋଇଥିଲା, ସେଥିରେ ଆଞ୍ଚ ପହଞ୍ଚିଲା। କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ହିଁ ତାଙ୍କୁ ଏ ଉତ୍ତର ଦେବାକୁ ଅନୁରୋଧ କରିଥିଲେ ଏବଂ ଡକ୍ଟର ସିଂହ ତାହାହିଁ କରିଥିଲେ।

ଏଠି ଲକ୍ଷ୍ୟ କରିବା କଥା ଯେ, କେବଳ ବାମପନ୍ଥୀ ଦଳଗୁଡ଼ିକ ଅର୍ଥମନ୍ତ୍ରୀଙ୍କ ଇସ୍ତଫା ଉପରେ ବିଶେଷ ଭାବେ ଜୋର ଦେଇଥିଲେ। ଯେତେବେଳେ ସମଗ୍ର ଦେଶରେ ସାଧାରଣ ଲୋକେ ଡକ୍ଟର ସିଂହଙ୍କ ଇସ୍ତଫା ଗ୍ରହଣ ନକରିବା ପାଇଁ

Digitized by srujanika@gmail.com

ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ଜଣାଉଛନ୍ତି, ସେତେବେଳେ ବାମପନ୍ଥୀ ଦଳଗୁଡ଼ିକର ଏ ପ୍ରକାର ମନୋଭାବ କାହିଁକି? ଡକ୍ଟର ସିଂହ ଜଣେ ରାଜନୀତିଜ୍ଞ ନୁହନ୍ତି। ଭାରତବର୍ଷରେ ସ୍ୱାଧୀନତା ପରେ ସେ ହେଉଛନ୍ତି ଦ୍ୱିତୀୟ ଅର୍ଥମନ୍ତ୍ରୀ (ପ୍ରଥମ-ଚିନ୍ତାମନ ଦେଶମୁଖ), ଯେ ଅର୍ଥବଳୟରୁ ଆସିଛନ୍ତି। ଯେଉଁ କେତେକ ବିରୋଧୀଦଳ ତାଙ୍କର ଇସ୍ତଫା ଗ୍ରହଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କଲେ, ସେମାନେ କିନ୍ତୁ ଡକ୍ଟର ସିଂହଙ୍କ ସାଧୁତା, ଚରିତ୍ର ଓ କାର୍ଯ୍ୟପ୍ରଣାଳୀର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପ୍ରଶଂସା ହିଁ ତାଙ୍କୁ ଲୋକଙ୍କର ଆସ୍ଥା ଭାଜନ କରିବାରେ ସାହାଯ୍ୟ କରିଛି। କେବଳ ସେତିକି ନୁହେଁ, ଜେ.ପି.ସି. ରିପୋର୍ଟରେ ତାଙ୍କ ବିରୋଧରେ ସାମାନ୍ୟ ବିରୋଧାଭାସ ମଧ୍ୟ ନାହିଁ। ଯାହା ଅଛି ତାଙ୍କ ବିଭାଗ ବିରୋଧରେ।

ମନମୋହନଙ୍କୁ ବାମପନ୍ଥୀଙ୍କ ବିରୋଧର କାରଣ ହେଲା, ମନମୋହନ ପ୍ରାରମ୍ଭରେ ଅର୍ଥନୀତିଜ୍ଞ ରୂପେ କାର୍ଯ୍ୟ ଆରମ୍ଭ କଲାବେଳେ ବାମ ଅର୍ଥନୀତି ପ୍ରତି ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। କିନ୍ତୁ ଏବେ ମନ ପରିବର୍ତ୍ତନ କରିବା ଫଳରେ ବାମପନ୍ଥୀ ଲବି ତାଙ୍କୁ ସହଜରେ କ୍ଷମା ଦେବାକୁ ଚାହୁଁନାହାନ୍ତି। ଯାହାର ପରିଣତି ସ୍ୱରୂପ ଏକଦା ଅତ୍ୟନ୍ତ ଘନିଷ୍ଠ ଭାରତର ବିଖ୍ୟାତ ବାମପନ୍ଥୀ ଅର୍ଥନୀତିଜ୍ଞ ଦୀପକ ନାୟାର, ପ୍ରଭାତ ପଟ୍ଟନାୟକ ଓ ସୁମିତ୍ରା କିଷ୍ଟି ପ୍ରମୁଖ ସିଂହଙ୍କ ପକ୍ଷ ଛାଡ଼ି ତାଙ୍କର ମୁକ୍ତ ବା ବଜାର ଅର୍ଥନୀତିର ତୀବ୍ର ସମାଲୋଚନା କରିଛନ୍ତି। ସମ୍ପ୍ରତି ପ୍ରଭାତ ପଟ୍ଟନାୟକ ଇକୋନୋମିକ ଓ ପଲିଟକାଲ ଉଇକ୍ଲିରେ ସିଂହଙ୍କ ବର୍ତ୍ତମାନର ନୀତିର ସମାଲୋଚନା କରିଛନ୍ତି।

କିନ୍ତୁ ଯେଉଁମାନେ ବଜାର ଅର୍ଥନୀତିର କୁପ୍ରଭାବ ସଂପର୍କରେ ଦୁଇବର୍ଷ ତଳେ ଦେଶର ଏକ ଅନ୍ଧକାର ଚିତ୍ରର କଳ୍ପନା କରି ଶିହରି ଉଠୁଥିଲେ, ଆଜି ସେମାନେ ଆଶ୍ୱସ୍ତ ହୋଇଛନ୍ତି। ପୁଂଜି ବିନିଯୋଗରେ ଉଦାର ନୀତି ପ୍ରୟୋଗ ଫଳରେ ଦେଶର କ୍ରମକ୍ଷୟିଷ୍ଣୁ ଆର୍ଥିକ ଅବସ୍ଥା ଗତ ଦୁଇବର୍ଷ ମଧ୍ୟରେ ଯେପରି ରୋକାଯାଇ ପାରିଛି, ତାହା ଏବେ ଅନ୍ତତଃ ନିରପେକ୍ଷ ବୁଦ୍ଧିଜୀବୀମାନେ ସ୍ୱୀକାର କରିଛନ୍ତି। ବୌଦ୍ଧିକତାର ଦ୍ୱାହି ଦେଇ ଦଳେ ଲୋକ ଗୋଟିଏ ଇଜିମ୍‌ର ବୈବୋଧିକ ସାଜି ଯେଉଁକି ପରିସ୍ଥିତି ସୃଷ୍ଟି କରନ୍ତି, ସେଥିରେ ଏ ଦେଶର ଶିକ୍ଷିତ ଲୋକେ ମଧ୍ୟ ନିର୍ବୋଧ ପାଲଟି ଯାଆନ୍ତି।

ଏବେ ଡଙ୍କେଲ ପ୍ରସ୍ତାବକୁ କେନ୍ଦ୍ରକରି ଖୁବ୍ ହଇହୋଲ୍ଲା ଚାଲିଛି। ଡଙ୍କେଲ ପ୍ରସ୍ତାବ ସଂପର୍କରେ ଆମର ଧାରଣା ଅବଶ୍ୟ ସ୍ୱଚ୍ଛ ନୁହେଁ। ସପକ୍ଷ-ବିପକ୍ଷ ମତବାଦରେ ଖବରକାଗଜରେ ସ୍ତମ୍ଭ ପୂର୍ଣ୍ଣ ହୋଇଯାଉଛି। ଯେଉଁମାନେ ଡଙ୍କେଲ

Digitized by srujanika@gmail.com

ପ୍ରସ୍ତାବ ସପକ୍ଷରେ, ସେମାନେ ମତ ଦେଉଛନ୍ତି ଏହାର ଭାରତରେ ଉନ୍ନତମାନର ଔଷଧ, ସାର, ବିହନ ଆଦି ବିଭିନ୍ନ ଦ୍ରବ୍ୟ ଶସ୍ତାରେ ଯୋଗାଇଦେବ। ମାତ୍ର ଏହାର ବିରୋଧୀ ଗୋଷ୍ଠୀଙ୍କ ମତରେ ଏହା ଭାରତର ସମଗ୍ର ଶିଳ୍ପ ବ୍ୟବସ୍ଥାକୁ ଧ୍ୱଂସ କରିଦେବା ସଂଗେ ସଂଗେ ବଡ଼ ବଡ଼ ବିଦେଶୀ କଂପାନୀଗୁଡ଼ିକ ଆମ ଶିଳ୍ପଗୁଡ଼ିକର ପ୍ରକୃତ ମାଲିକ ହୋଇପଡ଼ିବେ। କିନ୍ତୁ ଆମ କ୍ଷୁଦ୍ର ବିଚାରବୁଦ୍ଧିରେ ଗୋଟିଏ କଥା ବୁଝିବାରେ ଆମେ ଅକ୍ଷମ ହେଉଛୁ। ତା'ହେଉଛି ଏ ପ୍ରସ୍ତାବଟିକୁ ଗ୍ରହଣ କରିବା ପାଇଁ ଯେଉଁମାନେ ନିଷ୍ପତ୍ତି ନେଲେ, ସେମାନେ ସମସ୍ତେ ଭାରତୀୟ। ପ୍ରଧାନମନ୍ତ୍ରୀ ଶ୍ରୀ ନରସିଂହ ରାଓ, ଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଓ କେନ୍ଦ୍ର ଅର୍ଥମନ୍ତ୍ରକର କର୍ମକର୍ତ୍ତା ସମସ୍ତେ ଏ ଦେଶର ଲୋକ। ସମସ୍ତେ ଏ ଦେଶରେ ରହିବେ। ଏହି ନିଷ୍ପତ୍ତି ସହ ଜଡ଼ିତ ଉଚ୍ଚ ପର୍ଯ୍ୟାୟର ସମସ୍ତ ଅମଲା ଏହି ଦେଶରେ ମଧ୍ୟ ରହିବେ। ଏବେ ସୁଦ୍ଧା ଏମାନଙ୍କ ବିରୋଧରେ ଦେଶଦ୍ରୋହର ଅଭିଯୋଗ ଉଙ୍କେଇ ପ୍ରସ୍ତାବ ବିରୋଧୀ ସଚେତନ ବୌଦ୍ଧିକ ବ୍ୟକ୍ତିମାନେ ଆଣିନାହାନ୍ତି। ଏଥିରେ ଆମେ ଅଜ୍ଞ ଜନତା କ'ଣ ବୁଝିବୁ ? ଏୟା କ'ଣ ବୁଝିବାକୁ ହେବ ଯେ, ଜନସମର୍ଥନ ପାଇଁ ଶାସନରେ ଥିବା ଦଳେ ଭାରତୀୟ ଭାରତକୁ ବିକିବାକୁ ବସିଥିବାବେଳେ ଜନସମର୍ଥନ ପାଇନଥିବା ଆଉ ଦଳେ ଭାରତୀୟ ଭାରତକୁ ଭାରତରେ ରଖିବା ପାଇଁ ଜାବୁଡ଼ି ଧରିଛନ୍ତି। ଗତ ଡିସେମ୍ବର ୧୫ ତାରିଖରେ ଏହି ପ୍ରସ୍ତାବ ଗ୍ରହଣ ପାଇଁ କେନ୍ଦ୍ର ସରକାର ଦସ୍ତଖତ କରିଥିବା କୁହାଯାଉଛି।

ଏବେ କଥା ହେଉଛି, ଭାରତ ସରକାର ମନମୋହନ ସିଂହଙ୍କ ନିର୍ଦ୍ଦେଶିତ ପଥରେ ତାଙ୍କର ଅର୍ଥନୈତିକ ବ୍ୟାପାରକୁ ପରିଚାଳନା କରୁଥିବାରୁ ମନମୋହନ ସିଂହ ନିଜେ ରହିବା ଯେ ଜରୁରୀ, ତାହା କହିବା ନିଷ୍ପ୍ରୟୋଜନ। କାରଣ ଜଣକର ପିଲାକୁ ଆଉ ଜଣେ ପାଳନ କରିବା ଅପେକ୍ଷା, ନିଜେ ପିଲାର ମା' ତା' ପିଲାକୁ ପାଳନ କରିବା ମାନସିକ ଓ ସ୍ୱାସ୍ଥ୍ୟଗତ କାରଣରୁ ଯେ ଭଲ, ତାହା କହିବା ବାହୁଲ୍ୟ ମାତ୍ର। ଏହି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ମନମୋହନ ସିଂହ ତାଙ୍କ ଇସ୍ତଫା ଉପରେ ଜୋର ନଦେବା ସ୍ୱାଭାବିକ ଭାବେ ତାଙ୍କ ନୈତିକତାବୋଧର ପରିପନ୍ଥୀ ନୁହେଁ ବୋଲି କହିଲେ ଅତିଶୟୋକ୍ତି ହେବନାହିଁ।

ଉପରେ ଆମ ଗଣତନ୍ତ୍ରକୁ ଅପରାଧୀ ଓ ଅପରାଧୀକରଣର ଏକ ସଂସ୍ଥାରେ ପରିଣତ କରିବା ପାଇଁ ଧୀରେ ଧୀରେ ଯେପରି କେତେକ ବ୍ୟକ୍ତି, ନେତା ଓ ଦଳ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି, ତାହା ଏ ଦେଶର ରାଜନୈତିକ

Digitized by srujanika@gmail.com

ସ୍ୱାଧୀନତା ପାଇଁ ଯେ ଏକ ବିପଦ ସୃଷ୍ଟି କରିଛି, ତାହା କହିବା ବାହୁଲ୍ୟ ମାତ୍ର। ଆମର ଅର୍ଥନୈତିକ ସ୍ୱାଧୀନତା ଏପର୍ଯ୍ୟନ୍ତ ଲାଭ ହୋଇନାହିଁ। ଏ ଅବସ୍ଥାରେ ଗଣତନ୍ତ୍ରର ସର୍ବୋଚ୍ଚ ସଂସ୍ଥାକୁ ସାଧୁ-ସଚ୍ଚୋଟ ବ୍ୟକ୍ତିବିଶେଷଙ୍କୁ ଯଦି ଅଣାନଯାଏ, ତେବେ ଅଚିରେ ଏ ଦେଶରେ ଗୃହଯୁଦ୍ଧ ଲାଗିଯିବାର ସମ୍ଭାବନାକୁ ଏଡ଼ାଇଦେଇ ହେବନାହିଁ। କଷ୍ଟଲବ୍ଧ ସ୍ୱାଧୀନତାରେ ଯେଉଁ କଳଙ୍କି ଧୀରେ ଧୀରେ ଲାଗିବାକୁ ବସିଲାଣି, ତା'ର ନିରାକରଣ ପାଇଁ ସବୁ ଦଳର ଚିନ୍ତାଶୀଳ ବ୍ୟକ୍ତିମାନେ ଏବେ ଏକାଠି ବସି ଦିଗ ସ୍ଥିର କରନ୍ତୁ। ଆମର ବିରୋଧୀଦଳର ଏକମାତ୍ର ନୀତି ହେଉଛି, ସରକାର ଯାହା କରିବେ ତାହା ବିରୋଧ କରିବା। କୌଣସି ବିଷୟ ଉପରେ ଏକ ନିରପେକ୍ଷ ପର୍ଯ୍ୟାଲୋଚନା କରି ନିଷ୍ପତ୍ତି ନେବା ନୀତି ସମ୍ଭବତଃ ଏମାନେ ଜାଣିଶୁଣି ଗ୍ରହଣ କରନ୍ତି ନାହିଁ। କିଛି ବିରୋଧୀଦଳ ନିଜ ଇଜିମ୍‌କୁ ନେଇ ମସ୍‌ଗୁଲ ଥାଆନ୍ତି। ସେମାନଙ୍କ ମତରେ ତାଙ୍କ ଇଜିମ୍ ଅନ୍ତର୍ଗତ ନୀତି ହିଁ ସର୍ବୋତ୍କୃଷ୍ଟ। ଆଉ ଆମେ ଅଜ୍ଞ ଜନତା ଏମାନଙ୍କ କଥାରେ ବିଭ୍ରାନ୍ତ ହୋଇ ନୀତି କ'ଣ-ଅନୀତି କ'ଣ ତାର ବିଚାର କରିବାର ବୁଦ୍ଧିବୃତ୍ତି ହରାଇ ବସୁଛୁ।

ସାମଗ୍ରିକ ଭାବେ ଅର୍ଥମନ୍ତ୍ରୀ ଡକ୍ଟର ସିଂହଙ୍କ ଭାବମୂର୍ତ୍ତି ଜନସାଧାରଣଙ୍କ ନିକଟରେ ଯେଭଳି ଉଜ୍ଜ୍ୱଳ ହୋଇ ରହିଛି, ତାହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିଥାଆନ୍ତା, ଯଦି ମନମୋହନ ଜଣେ ରାଜନୀତିକ ବ୍ୟକ୍ତି ହୋଇଥାଆନ୍ତେ। ନରସିଂହ ରାଓ ଭଲଭାବେ ଜାଣିଛନ୍ତି ମନମୋହନଙ୍କର ରାଜନୀତିକ ପଦବୀ ପାଇଁ ଆକାଂକ୍ଷା କେବେ ନଥିଲା ଓ ଏବେ ମଧ୍ୟ ନାହିଁ। କିନ୍ତୁ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ଯେଉଁ ମନ୍ତ୍ରୀମାନଙ୍କ ବିରୋଧରେ ବିଭିନ୍ନ ଗୁରୁତର ଅଭିଯୋଗମାନ ଝୁଲୁଛି, ସେ ସଂପର୍କରେ ସେ ଜାଣିଶୁଣି ଚୁପ୍ ରହୁଥିବା ବାସ୍ତବରେ ଅନେକଙ୍କୁ ବିସ୍ମିତ କରିଛି। ଜେ.ପି.ସି. ରିପୋର୍ଟରେ ବି. ଶଙ୍କରାନନ୍ଦ, ରାମେଶ୍ୱର ଠାକୁର, କଳ୍ପନାଥ ରାୟ ଓ ବଳରାମ ସିଂହ ଯାଦବ ପ୍ରମୁଖ ମନ୍ତ୍ରୀମାନଙ୍କ ନାମରେ ଯେଉଁ ଅଭିଯୋଗମାନ ହୋଇଛି, ଏବେ ସୁଦ୍ଧା ସେମାନେ ଇସ୍ତଫା ନଦେବା ବା ପ୍ରଧାନମନ୍ତ୍ରୀ ସେମାନଙ୍କୁ ଇସ୍ତଫା ଦେବାପାଇଁ ନିର୍ଦ୍ଦେଶ ନଦେବା ସମସ୍ତଙ୍କୁ ବିସ୍ମିତ କରିଛି। ଠିକ୍ ସେହିଭଳି ନିଜ ରାଜ୍ୟ କର୍ଣ୍ଣାଟକରେ ଜମି କେଳେଙ୍କାରିରେ ଜଡ଼ିତ ରେଳମନ୍ତ୍ରୀ ଶ୍ରୀ ଜାଫର ସରିଫ ଏବଂ ନିଜ ଭାଇଙ୍କ ସହ ବ୍ୟବସାୟ ସୂତ୍ରରେ ଆବଦ୍ଧ ରହି ସେଥିରୁ ଅର୍ଜନ କରିଥିବା ୪୨ ଲକ୍ଷ ୭୧ ହଜାର ଟଙ୍କା ସମ୍ପର୍କୀୟ ଅଭିଯୋଗରେ ଜଡ଼ିତ କ୍ୟାପ୍‌ଟେନ୍ ସତୀଶ ଶର୍ମା ନିଜ ପକ୍ଷରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକଥା ବିଚାର କରିନାହାନ୍ତି। ଏତେ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀଙ୍କ ଗହଣରେ ବାସକରୁଥିବା ପ୍ରଧାନମନ୍ତ୍ରୀ ଶ୍ରୀ ରାଓ ଅର୍ଥମନ୍ତ୍ରୀଙ୍କ ଭଳି ଜଣେ ସାଧୁ ସଚ୍ଚୋଟ ବ୍ୟକ୍ତିଙ୍କ

Digitized by srujanika@gmail.com

ଇସ୍ତଫା ଗ୍ରହଣ ନକରିବା ସ୍ୱାଭାବିକ ବ୍ୟାପାର। କାରଣ ମନମୋହନ ଯଦି ଜଣେ ରାଜନୀତିଜ୍ଞ ହୋଇଥାନ୍ତେ, ତେବେ ସମ୍ଭବତଃ ଏତେବେଳକୁ ତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରସ୍ତାବ କରିବାକୁ ତାଙ୍କ ପାଖ ଲୋକମାନେ ବ୍ୟସ୍ତ ହୁଅନ୍ତେଣି। କିନ୍ତୁ ରାଓ ଜାଣିଛନ୍ତି ମନମୋହନ ସେ ଦିଗରେ ଆଗ୍ରହୀ ନୁହଁନ୍ତି। କିନ୍ତୁ ଜେ.ପି.ସି.ର ଅଙ୍ଗୁଳି ନିର୍ଦ୍ଦେଶିତ ମନ୍ତ୍ରୀଗଣ ସରିଫ କିମ୍ବା ଶର୍ମାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। କାରଣ ଜଣକୁ ହଟାଇ ଆଉ ଜଣକୁ ନ ହଟାଇଲେ ବିପଦ। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଯେ ବହୁ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀଙ୍କର ଆଡ୍‌ଡାସ୍ଥଳ, ଏବେ ତାହା ପ୍ରମାଣିତ ହୋଇଯାଇଛି। ବିରୋଧୀଦଳ ବାମ-ଦକ୍ଷିଣ ଖେଳରେ ନମାତି ଦୁର୍ନୀତିଗ୍ରସ୍ତ ଏହି ମନ୍ତ୍ରୀମାନଙ୍କର ମୁଖା ଖୋଲିବା ପାଇଁ ଯଦି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଅନ୍ତେ, ତେବେ ଏ ଦେଶ ପାଇଁ ବହୁ ଉପକାର କରନ୍ତେ। ଯାହା ଜେ.ପି.ସି.ରେ ରାମନିବାସ ମିର୍ଦ୍ଧା କରିପାରିଲେ, ଯାହା ଜଣେ ନିର୍ବାଚନ କମିଶନର କରିପାରିଲେ, ତାକୁ ସମଗ୍ର ବିରୋଧୀଦଳ କରିବା କ୍ଷେତ୍ରରେ ଅସଫଳ କାହିଁକି ?

ଏହାର କ'ଣ ଉତ୍ତର ? ଆମେ କି ନିର୍ଯାସରେ ପହଞ୍ଚିବା ? ଏଇୟା ହୋଇପାରେ ଯେ, ବିରୋଧୀଦଳ ଭାବୁଛନ୍ତି, ଆମେ ଶାସନକୁ ଆସିଲେ ସେଇୟା କରିବା। ତେଣୁ ଏ ଦିଗରେ ବେଶୀକିଛି ଆଗେଇବା କ'ଣ ଦରକାର ? ଆଉ ଆମ ଦୁର୍ନୀତିଗ୍ରସ୍ତ ନିର୍ଲଜ୍ଜ ମନ୍ତ୍ରୀଗଣ ? ସେମାନେ ଭାବୁଛନ୍ତି ସ୍ୱାଧୀନତା ପରେ ରାଜନୀତିରେ ଏହାହିଁ ତ ଖେଳ। ଆମ ପୂର୍ବସୂରୀମାନେ ଏହାହିଁ କରିଥିଲେ। ଆମେ କରୁଛୁ। ଆମ ପରେ ଯିଏ ଆସିବ, ସେ ମଧ୍ୟ କରିବ। ତେଣୁ କାନ୍ଦୁଥିବା - ଯାହା ପାଉଥିବା ବାନ୍ଧୁଥିବା। ଏମାନଙ୍କ ଅବସ୍ଥା ହେଉଛି ଠିକ୍ ଓଡ଼ିଆ ସିନେମା ସଂଗୀତ ଭଳି- "ଦିନରେ ବସନ୍ତ ଆମେ ରାତିରେ ବାସନ୍ତି।"

ତା ୧୩.୧.୧୯୯୪

●

Digitized by srujanika@gmail.com

# ମଦ ବେପାରୀ, ସରକାର ଓ ମନ୍ତ୍ରୀସଭାର ଗୋପନ ଦଲିଲ

ବିଜୁବାବୁଙ୍କ ଶାସନର ଆୟୁଷ ଆଉ କେତେ ଦିନ? ଏହି ପ୍ରଶ୍ନ ସେଦିନ ବିଧାନସଭା କରିଡୋରରେ ଠିଆ ହୋଇ ଜଣେ ବନ୍ଧୁ ଆମକୁ ପଚାରିଲେ। ଆମେ ବୋକା ଭଳି ଟିକେ ହସି ଦେଇ କହିଲୁ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଶାସନର ଚତୁର୍ଥ ବର୍ଷ ପୂର୍ତ୍ତି ପାଳନ ହେଉଛି। ବନ୍ଧୁଜଣକ କହିଲେ ତାର ଅର୍ଥ ବିଜୁବାବୁ ଆହୁରି ବର୍ଷେ କାଳ ରହିବେ? ଆମେ ସେହିଭଳି ହସିଲା ମୁହଁରେ କହିଲୁ କଣ ବୋକାଙ୍କ ଭଳି କହୁଛ? ସେ କହିଲେ ଆପଣ କହୁଛନ୍ତି ଚତୁର୍ଥ ବର୍ଷ ପୂର୍ତ୍ତି। ସେଇଥିପାଇଁ କହିଲି ଆଉ ବର୍ଷେ। ଆମେ ପୁଣି ଉତ୍ତରରେ କହିଲୁ, "ଆମେ ତ କହିନାହୁଁ ବିଜୁବାବୁ ଆଉ ବର୍ଷେ ରହିବେ। ଆମେ କହିଲୁ ବିଜୁବାବୁଙ୍କ ଶାସନର ଆୟୁଷ ଚାରିବର୍ଷ ପୂରିଲା। ଆଉ ସେ କେତେଦିନ ରହିବେ ସେ ସଂପର୍କରେ ଏବେ ବିଚାର କରିବାର କଥା। ବନ୍ଧୁ ପୁଣି ଆମକୁ ପଚାରିଲେ ଆପଣ ଏତେ ପୁରୁଖା ସାମ୍ବାଦିକ ଅଥଚ ବିଜୁବାବୁ ଆଉ କେତେ ଦିନ ରହିବେ କହିପାରୁ ନାହାନ୍ତି। ଆମେ ଉତ୍ତର ଦେଲୁ ଆମର ପେଶା ସାମ୍ବାଦିକତା, ଭବିଷ୍ୟବକ୍ତା ନୁହେଁ। ତେଣୁ କିଏ କେତେଦିନ ରହିବ ସେ ବିଷୟ କିପରି କହିବୁ? ତେବେ ଏତିକି କଥା ଅନ୍ତତଃ କୁହାଯାଇପାରେ ଯେ, ବିଜୁବାବୁ ତାଙ୍କର ଅଶୀତିତମ ଜୟନ୍ତୀ ମୁଖ୍ୟମନ୍ତ୍ରୀ ରୂପେ ପାଳନ କରିବା କଷ୍ଟକର ହେବ। ବନ୍ଧୁ ଜଣକ ମୋ ମୁହଁକୁ ଚାହିଁ ପଚାରିଲେ ତେବେ କଣ ଆଗାମୀ ନିର୍ବାଚନରେ ଜନତାଦଳ ଶାସନକୁ ଆସିବ ନାହିଁ?

ଆସିବ ନାହିଁ ବୋଲି ଏବଠୁ ଜୋର ଦେଇ କିଛି ତ କୁହାଯାଇନପାରେ। ତେବେ ଆମେ ସାଧାରଣ ଭାବେ ଲୋକଙ୍କ ଚରିତ୍ର ଯାହା ଦେଖୁ ସେଥିରେ ଆଉ ଥରେ ନ ଗଙ୍ଗୋଦତ୍ତ ପୁନଃରପି କୂପମ୍ ନ୍ୟାୟରେ ବିଜୁବାବୁଙ୍କୁ ଯେ ଶାସନକୁ ଫେରାଇବେ ଏହା ସ୍ପଷ୍ଟ ବା ସ୍ୱଚ୍ଛାଭାବେ କହିଦେଇ ହେବ ନାହିଁ। ବିଜୁବାବୁ ଜିଲ୍ଲା ଭ୍ରମଣ କରି ଲୋକଙ୍କୁ ଯେଉଁଭଳି ଭାବେ ଜମାଉଛନ୍ତି ତାହା

Digitized by srujanika@gmail.com

ଯେ ତାଙ୍କ ଜନପ୍ରିୟତାର ମାପକାଠି ବା ସଂକେତ ତାହା ଯଦି କୁହାଯାଏ ତେବେ ସେ ପୁଣି ଆସିବେ। ବନ୍ଧୁ ଜଣକ ପଚାରିଲେ ଠିକ୍ ଯେପରି କଂଗ୍ରେସ ଦୁଇ ଦୁଇଥର ଆସିଲା? ଆମେ କହିଲୁ- ନା, ତା ନୁହେଁ ପ୍ରଥମ ଥର ଜନତାଦଳର ଆଣ୍ଟିଭୋଟ ଏବଂ ଦ୍ୱିତୀୟଥର ଇନ୍ଦିରା ଗାନ୍ଧିଙ୍କ ପରଲୋକଜନିତ ଘଟଣା କଂଗ୍ରେସ ପାଇଁ ଏକ ଫ୍ଲଡ଼ଗେଟ ଖୋଲି ଦେଇଥିଲା। ଏଥର ନିର୍ବାଚନରେ ଜନତାଦଳର ମୂଳଶତ୍ରୁ ହେଉଛନ୍ତି ନିଜେ ଜନତା। ନିଜ ନିଜ ମଧ୍ୟରେ ପ୍ରବଳ ଦଳାଦଳି ଏବଂ କ୍ଷମତାର ଚରମ ଅପବ୍ୟବହାର ଏମାନଙ୍କୁ ଧୀରେ ଧୀରେ ଜନସାଧାରଣଙ୍କ ନିକଟରୁ ଦୂରକୁ ଦୂରକୁ ଟାଣି ନେଉଛି। ଅଧିକାଂଶ ବିଧାୟକ ନିଜ ଅଞ୍ଚଳ ଅପେକ୍ଷା ଅନ୍ୟ ଅଞ୍ଚଳରେ ବାସକରିବାକୁ ଶ୍ରେୟ ମଣୁଛନ୍ତି। ଆମର ଯାହା ଖବର ସେଥିରେ କେତେକ ବିଧାୟକ ଗତ ଚାରିବର୍ଷରେ ଚାରିଥର ମଧ୍ୟ ନିଜ ଅଞ୍ଚଳ ଗସ୍ତ କରିନାହାନ୍ତି।

କିନ୍ତୁ ବିଜୁବାବୁ ଦେଶୀ ମଦ ପ୍ରଚଳନ ବନ୍ଦ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଲେ ତାହା ତାଙ୍କ ଜନପ୍ରିୟତାକୁ ନିଶ୍ଚିତ ଭାବେ ଦ୍ୱିଗୁଣିତ କରିବ ବୋଲି ବନ୍ଧୁ ଜଣକ ମନ୍ତବ୍ୟ ଦେବାରେ ଆମେ କହିଲୁ ଦ୍ୱିଗୁଣିତ କରିବ କି ଶତଗୁଣ କରିବ ତାହା ବାସ୍ତବ କ୍ଷେତ୍ରରେ ଜଣାପଡ଼ିବ। ମାତ୍ର ଗୋଟିଏ ବିଷୟ ଆମକୁ ଖଟକା ଲାଗୁଛି। ତା ହେଲା ବିଜୁବାବୁ ଦେଶୀ ମଦର କୁ-ପ୍ରଭାବ ବିଷୟ ଆଜି ଯେ ନୂଆ କରି ଜାଣିଲେ ତାହା ତ ନୁହେଁ। ୧୯୯୨ ମସିହା ମେ ୭ ତାରିଖରେ କଟକରେ ବେଲୁ ମଦ ପାନ କରି ଶହ ଶହ ଲୋକ ମୃତ୍ୟୁମୁଖରେ ପଡ଼ିଥିବା ବିଷୟ ସମସ୍ତେ ଜାଣନ୍ତି। ଆମେ ସାଧାରଣ ଲୋକେ ଏ ସଂପର୍କରେ ଯେତିକି ଜାଣୁ ବିଜୁବାବୁ କିନ୍ତୁ ତାର ଭିତର କଥା ଆହୁରି ଅନେକ ଜାଣନ୍ତି। ଓଡ଼ିଶାରେ ଦେଶୀ ମଦ ବେପାରୀ ସିରାଜ, ସାହୁ-ଜୟସ୍ୱାଲଙ୍କ କ୍ଷମତା କି ଅସୀମ ତାହା ମଧ୍ୟ ଆମେ ଜାଣୁ। ବେଲୁ ମଦ ସଂପର୍କରେ ଯେତିକି ପ୍ରକାଶ ପାଇଛି, ସେଥିରେ ବେଲୁ ଭଳି ଜଣେ ବ୍ୟକ୍ତିର ଶକ୍ତି କେତେ ଥିଲା ଏବଂ ବିଜୁବାବୁଙ୍କ ପ୍ରଶାସନର କେତେ ବିଶିଷ୍ଟ ଓ ଅଶିଷ୍ଟ ବ୍ୟକ୍ତିଙ୍କୁ ନିଜର ମାୟା ଜାଲରେ ସେ ବାନ୍ଧି ରଖିଥିଲା ତାହା ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି। ବେଲୁର ଆବିର୍ଭାବ ବିଜୁବାବୁଙ୍କ ଶାସନ ସମୟରେ। ଦୁର୍ଭାଗ୍ୟବଶତଃ ମଦ୍ୟ ପ୍ରସ୍ତୁତ ପ୍ରଣାଳୀରେ କିଛି ତ୍ରୁଟି ଯୋଗୁଁ ଶତାଧିକ ବ୍ୟକ୍ତି ଅକାଳ ମୃତ୍ୟୁବରଣ କଲେ। ମାତ୍ର ତା ନହୋଇଥିଲେ ବେଲୁ ମଦ ବନ୍ଦ ହେବାର କୌଣସି ପରିସ୍ଥିତି ଉପୁଜି ନଥା'ନ୍ତା। ଏବେ ଯେ ତାହା ଚାଲୁନାହିଁ ସେକଥା ମଧ୍ୟ କିଏ କହିବ? କିନ୍ତୁ 'ବେଲୁ' ଏଠି ଆମ ଆଲୋଚନାର ଅଂଶବିଶେଷ ନୁହେଁ। କଥାଟି ହେଉଛି

Digitized by srujanika@gmail.com

ବିଜୁବାବୁ ଦେଶୀ ମଦର କୁପ୍ରଭାବ ଓ କୁପରିଣାମ ସଂପର୍କରେ ବିଶେଷ ଭାବେ ଓ୍ୱାକି ବହାଲ ଆଜି ନୁହେଁ ତାଙ୍କ ରାଜନୀତିକ ଜୀବନର ପ୍ରାକ୍ କାଳରୁ। ତେବେ ଶାସନକୁ ଆସିବାର ଚାରିବର୍ଷ ପରେ ଏଭଳି ଅଚାନକ ଏକ ଘୋଷଣା କରିବାର କି କାରଣ ଥାଇପାରେ ?

ବିଜୁବାବୁ ଜାଣନ୍ତି, ଆମେ ମଧ୍ୟ ଜାଣୁ ମଦ୍ୟପାନ- ମଦ୍ୟ ପ୍ରସାର ଆଧୁନିକ ସମୟରେ ଏକ ପ୍ରାକୃତିକ ପ୍ରକ୍ରିୟାରେ ପରିଣତ ହୋଇଯାଇଛି। ସାଧାରଣ ଦିନମଜୁରିଆଠାରୁ ଆରମ୍ଭ କରି ଉଚ୍ଚ ସଂଭ୍ରାନ୍ତ ବଂଶୀୟ ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ଏହାର ନିୟନ୍ତ୍ରଣ ମଧ୍ୟରେ ରହିଛନ୍ତି। ବିଜୁବାବୁଙ୍କ ତଥାକଥିତ ଘୋଷଣା ସେମାନଙ୍କୁ ସେଥିରୁ ନିବୃତ୍ତ କରିପାରିବ ନାହିଁ। ନଦୀର ପ୍ରବହମାନ ଧାରା ଓ ମଣିଷର ଚରିତ୍ରର ଧାରା ଏକକଥା ନୁହେଁ। ନଦୀର ଧାରକୁ ବନ୍ଧାଯାଇ ପାରେ; କିନ୍ତୁ ଚରିତ୍ରର ସ୍ଖଳନକୁ ରୋକାଯିବା ସମ୍ଭବ ନୁହେଁ। ଆଜି ବିଜୁବାବୁଙ୍କ ଦେଶୀ ମଦ ନିବାରଣ ନୀତି କାନକୁ ଭଲ ଶୁଣା ଯାଇପାରେ ମାତ୍ର ବାସ୍ତବ କ୍ଷେତ୍ରରେ ଏହା ଯେ ସାଧାରଣ ଲୋକଙ୍କର ଦୁର୍ଗତିର କାରଣ ହେବ ତାହା କହିବା ନିଷ୍ପ୍ରୟୋଜନ। ଯଦି ଜଣେ ବେଲୁ ଅସୀମ ଶକ୍ତିଶାଳୀ ଶାସନକଳକୁ ନିଜ ଅକ୍ତିଆରରେ ରଖି ଏତେକାଳ ସ୍ୱଚ୍ଛନ୍ଦରେ ନିଜର କାର୍ଯ୍ୟ ସଂପାଦନ କରି ପାରିଲା ତେବେ ଆଉ ଯେଉଁ ବେଲୁମାନେ ଅନ୍ୟ ସ୍ଥାନରେ ବାହାରିବେ ସେମାନଙ୍କୁ କିପରି ବା କିଏ ନିୟନ୍ତ୍ରଣ କରିବ ? ଆମର ମନେହୁଏ ଏବେ ଦେଶୀମଦ ନିବାରଣ ନାମରେ ଏହି ଅନୀତି ବ୍ୟବସାୟକୁ ନୀତିଗତ ବ୍ୟବସାୟରେ ପରିଣତ କରିବାକୁ ସୁବିଧା ଦିଆ ହେବ। ପନ୍ଝେ ଭାବାବେଶରେ ‘ମଦ ବନ୍ଦ କର ମଦ ବନ୍ଦ କର’ ବୋଲି ଯେଉଁ ଚିତ୍କାର କରନ୍ତି ଏବଂ ଏହା ବନ୍ଦ କରିବା ପାଇଁ ଆଇନ ହେଉ ବୋଲି ଦାବି କରନ୍ତି ସେମାନେ ଲୋକଙ୍କୁ ଏବେ ଅସଂଖ୍ୟ ବେଲୁମାନଙ୍କର ଦୟା ଉପରେ ଛାଡ଼ିଦେବେ। ବାସ୍ତବତାକୁ ଆଖି ବନ୍ଦ କରି ଦେଇ କେବଳ କଳ୍ପନାର ମାୟାଜାଲ ମଧ୍ୟରେ ଚରି ବୁଲିଲେ ସମସ୍ୟାର ସମାଧାନ ହେବନାହିଁ।

ଆମର ମନେହୁଏ ଦେଶୀ ମଦ ବନ୍ଦ କରିବା ପଛରେ କାହାରି କିଛି ହୃଦୟ ପରିବର୍ତ୍ତନ ଯୋଗୁଁ, ଜନସ୍ୱାର୍ଥ ଯୋଗୁଁ ବା ଜନମଙ୍ଗଳ କାମନା ଯୋଗୁଁ ଘଟିଛି ବୋଲି ଯଦି କୁହାଯାଏ ତେବେ ତାହା ଠିକ୍ ହେବ ନାହିଁ। ମହୁଲି ବନାମ କଣ୍ଟ୍ରି ସ୍ପିରିଟ୍‌ର ଯେଉଁ ଲଢ଼ାଇ ଚାଲିଛି ଏବଂ ବିଜୁବାବୁଙ୍କ ମନ୍ତ୍ରୀମାନେ ଯେପରି ଏହା ଭିତରେ ଗୋଟିଏ ଗୋଟିଏ ଅଂଶବିଶେଷ ହୋଇ ନିଜ ନିଜ ମଧ୍ୟରେ ଯଦୁବଂଶ ପତନର କ୍ରୀଡ଼ାରେ ମାତିଗଲେ ସେଥିରୁ ଦଳକୁ ରକ୍ଷା କରିବା ପାଇଁ ସମ୍ଭବତଃ ବିଜୁବାବୁଙ୍କୁ ଧନ୍ଦୁ ଆମନ୍ତ୍ରଣ କରିବାକୁ ପଡ଼ିଲା। ମାତ୍ର

Digitized by srujanika@gmail.com

ଗତ ଚାରିବର୍ଷର ଅବ୍ୟବହୃତ ଘୁଣ ଧରିଯାଇଥିବା ସେହି ଧନୁର ଶର କେତେ ବାଟ ଯିବ ତାହା ସ୍ୱୟଂ ବିଜୁବାବୁ ମଧ୍ୟ ଜାଣନ୍ତି ନାହିଁ। ତେଣୁ ଶରଟି ମାରିଲି ମାରିଲି ବୋଲି କହୁ କହୁ ଶର ଫିଟିଗଲା।

ବନ୍ଧୁଙ୍କ ସହ କଥୋପକଥନ ଏଇଠି ଶେଷ କରି ଆମେ ଆସନ୍ତୁ ଟିକେ ଅତୀତକୁ ଯିବା। ଗୋଟିଏ ଛୋଟ ଘଟଣା, ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଉଟ ଷ୍ଟିଲ ବା ମହୁଲି ମଦ ଭାଟି ନିଲାମ ହେଲା। ନିଲାମ ଧରିଥିଲେ ବିଶିଷ୍ଟ ମଦ ବେପାରୀ ଜୟସୁଆଲ। ୧୯୯୩-୯୪ ସାଲ ପାଇଁ ଏହି ନିଲାମ ସର୍ବାଧିକ ଅର୍ଥରେ ଜୟସୁଆଲ ଧରିଥିଲେ। ନିଲାମ ପରେ ଏହା ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ଆସିଲା। ଅବକାରୀ ବିଭାଗର କର୍ତ୍ତାମାନେ ଜୟସୁଆଲଙ୍କୁ ମହୁଲିମଦ ପ୍ରସ୍ତୁତ ପାଇଁ ଠିକା ଦେବାକୁ ଷ୍ଟ୍ରଙ୍ଗ ରେକୋମଣ୍ଡେସନ କରିଥିଲେ। ଅବକାରୀ ମନ୍ତ୍ରୀ ବାବୁ ଜୟରାମ ପାଙ୍ଗୀ ଜୋରଦାର ଯୁକ୍ତି ଦେଲେ। ମହୁଲି ମଦର ଉପକାରିତା ଉପରେ ତାଙ୍କର ଗବେଷଣାଲବ୍ଧ ବିଚାର ଉପସ୍ଥାପିତ କଲେ। ମନ୍ତ୍ରିମଣ୍ଡଳ ବୈଠକରେ ଘମାଘୋଟ ଆଲୋଚନା ହେଲା। ଶେଷରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଷ୍ପତ୍ତି ହେଲା ସୁନ୍ଦରଗଡ଼ରେ ଡିଷ୍ଟିଲାରୀ ମଦ ବା କଣ୍ଟ୍ରି ସ୍ପିରିଟ୍‌ରେ ପ୍ରସ୍ତୁତ ମଦ ପ୍ରଚଳନ ହେବ। ଜୟସୁଆଲ କିନ୍ତୁ ନଛୋଡ଼ବନ୍ଦା। ସିଧା ଚାଲିଲେ ହାଇକୋର୍ଟ। କିରେ ବାବା ମଦ ତ' ମଦ, ସେଥିରେ ମହୁଲି ମଦ ନ ହୋଇ କଣ୍ଟ୍ରି ସ୍ପିରିଟ୍ ହେବ କାହିଁକି? ଲୋକଙ୍କୁ ଶସ୍ତା ମଦ ଯୋଗାଇବା ସରକାରଙ୍କ କର୍ତ୍ତବ୍ୟ। ଲୋକେ ମଦ ପିଇ ମାତାଲ ହେବେ- ତା ପୁଣି ଅଧିକା ପଇସା ଦେଇ! ଯଦି କମ୍ ପଇସାରେ ଜଣେ ମାତାଲ ହୋଇପାରିବ, ତେବେ ସେଥିପାଇଁ ଅଧିକ ପଇସା ଦେଇ କଣ୍ଟ୍ରି ସ୍ପିରିଟରେ କାହିଁକି ମଦ କରିବ?

ସରକାରଙ୍କ ଯୁକ୍ତି କିନ୍ତୁ ଭିନ୍ନ। ଲୋକେ ମଦ ପିଅନ୍ତୁ। କଣ୍ଟ୍ରି ସ୍ପିରିଟରେ ପ୍ରସ୍ତୁତ ମଦ ମହୁଲି ମଦ ଅପେକ୍ଷା ଯେ ଯଥେଷ୍ଟ ନିରାପଦ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ସ୍ପିରିଟ୍‌ର ଦାମ୍ ବୃଦ୍ଧି ଯୋଗୁଁ ମଦର ଦାମ୍ ବୃଦ୍ଧି ପାଇବ। ସେଥିରେ ସାଧାରଣ ଲୋକେ ମଦ ପାଇଁ ପଇସା ନ ପାଇ କ୍ରମେ ବେଆଇନ ଭାବେ ପ୍ରସ୍ତୁତ ନିକୃଷ୍ଟ ମଦ ପିଇବେ ଏବଂ ତା'ର ଫଳ ହେବ ମୃତ୍ୟୁ। ଠିକ୍ ଯେପରି ଘଟିଲା କଟକ, ଭଦ୍ରକ ଓ ନୀଳଗିରିରେ।

ଜୟସୁଆଲ ମନ୍ତ୍ରିମଣ୍ଡଳରେ ପେଶ ହୋଇଥିବା ମେମୋରାଣ୍ଡମକୁ ନିଜ ନଥିଭୁକ୍ତ କରି ମାନ୍ୟବର ହାଇକୋର୍ଟରେ ମୋକଦ୍ଦମା ଦାୟର କଲେ। ମନ୍ତ୍ରିମଣ୍ଡଳର ଦଲିଲ ବା କ୍ୟାବିନେଟ୍ ମେମୋରାଣ୍ଡମ ଏଇମିତି ଅତ୍ୟନ୍ତ ଗୋପନୀୟ ଦଲିଲ।

Digitized by srujanika@gmail.com

ସେ ଦଲିଲ କିପରି ଜୟସ୍ୱାଲଙ୍କ ହାତକୁ ଗଲା ଏବଂ ସେ ଏହି ଗୋପନୀୟ ସରକାରୀ ଦଲିଲକୁ କିପରି ଭାବେ ନଥିଭୁକ୍ତ କଲେ, ତାହା ସମସ୍ତଙ୍କୁ ଚମତ୍କୃତ କରିଛି। ମୁଖ୍ୟମନ୍ତ୍ରୀ ମହୋଦୟ ଏହା ଉପରେ ତଦନ୍ତ କରିବେ କି? ମାନ୍ୟବର ହାଇକୋର୍ଟ ଏହି ନଥି ଦେଖିବା ପରେ ଏବଂ ସେଥିରେ ମହୁଲି ପାଇଁ ସୁପାରିଶ ଅନୁଧ୍ୟାନ କରିବା ପରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, କାହିଁକି ମହୁଲି ନହୋଇ ଡିଷ୍ଟିଲାରୀ ମଦ ହେବ, ତାର କାରଣ ଦର୍ଶାଅ। ତେବେ ମନ୍ତ୍ରିମଣ୍ଡଳ ନିଷ୍ପତ୍ତି କେବଳ ହଁ ନା ଓ ସ୍ଥଗିତ ବୋଲି କୁହାଯାଉଥିବାବେଳେ ସରକାର ଏହା ଦର୍ଶାଇବେ ନାହିଁ ବୋଲି ଜଣାଇବାରେ ଜୟସ୍ୱାଲ ଜୟଲାଭ କରିଥିଲେ। ରାଜ୍ୟ ସରକାର ଅବଶ୍ୟ ଏହାପରେ ସୁପ୍ରିମକୋର୍ଟ ଗଲେ। ସାରା ରାଜ୍ୟରେ ମହୁଲି ଚଳିବ ବୋଲି କହିବାରେ ଜୟସ୍ୱାଲ ନିଜ ମୋକଦ୍ଦମା ପ୍ରତ୍ୟାହାର କରିନେଲେ।

ତେବେ ଏଠି କଥା ତା' ନୁହେଁ। ମହୁଲି ହେଉ ବା ଡିଷ୍ଟିଲାରୀ ମଦ ହେଉ, ସରକାରୀ ନୀତି ସ୍ପଷ୍ଟ ନୁହେଁ। ଏବେ କୁହାଯାଉଛି ଏହି ବେପାରରୁ ସରକାର ମୋଟ ଚାଳିଶ କୋଟି ଟଙ୍କା ପାଉଥିଲେ। ତାହା ହରାଇବାକୁ ପଡ଼ିବ। ଏଠି ଅନୁମାନ କରନ୍ତୁ ଯେଉଁଠି ସରକାରଙ୍କ ପ୍ରାପ୍ୟ ଚାଳିଶ କୋଟି ସେଠି ମଦ ବେପାରୀମାନଙ୍କର ପ୍ରାପ୍ୟ କେତେ ହୋଇଥିବ! ଅନୁମାନ ଠିକ୍ ଭାବେ କରି ନପାରିଲେ ମଧ୍ୟ ଅନ୍ତତଃ ଚାରି ପାଞ୍ଚଶହ କୋଟି ଟଙ୍କା ହୋଇଥିବ। ଏଥିସହ ଅନେକ ଲୋକଙ୍କ ନିଯୁକ୍ତି ସୁବିଧା ମଧ୍ୟ ରହିଛି। ତେଣୁ ଚାରି/ପାଞ୍ଚ ଶହ କୋଟି ଟଙ୍କା ରୋଜଗାର ହରାଉଥିବା ଏହି ମହାଧନୁର୍ଦ୍ଧର ବ୍ୟକ୍ତିମାନେ କ'ଣ ହାତ ଗୋଡ଼ ବାନ୍ଧି ବସି ରହିବେ!

ବିଜୁବାବୁ ଆଦିବାସୀ ଯୁବତୀମାନଙ୍କ କରୁଣ ପ୍ରାର୍ଥନାରେ ବିଚଳିତ ହୋଇ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯେଉଁ ପଦକ୍ଷେପ ନେଲେ, ତାହା ୧୯୯୦ ସାଲ୍‌ରେ ନେଇଥିଲେ ଆଜି ତାଙ୍କର ଏହି ସାଧୁ ଉଦ୍ଦେଶ୍ୟ ପ୍ରତି କେହି ଭ୍ରୂକୁଟି ପ୍ରଦର୍ଶନ କରିନଥାନ୍ତେ। ୧୯୯୪-୯୫ ମସିହାରେ ଓଡ଼ିଶା ଦେଶୀମଦ ବିହୀନ ହୋଇଯିବ। ଦୁଇବର୍ଷ ତଳେ କଟକରେ ନଗରପାଳ ଗାନ୍ଧିବାଦୀ ନେତା ଶ୍ରୀ ତ୍ରିଲୋଚନ କାନୁନ୍‌ଗୋ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ପାଞ୍ଚଦିନ ଅନଶନ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଦିନେହେଲେ ସେଠିକୁ ଯାଇ ନଥିଲେ। ଅପରନ୍ତୁ ମତ ଦେଇଥିଲେ ସମ୍ପୂର୍ଣ୍ଣ ନିଶା ନିବାରଣ ହେଲେ ଚୋରାମଦ କାରବାର ବୃଦ୍ଧି ପାଇବ ଓ ଲୋକେ ମହରଗରୁ ଯାଇ କାନ୍ତାରରେ ପଡ଼ିବେ।

ଆଜି ନିଶା ନିବାରଣ ଘୋଷଣା ଶୁଣିବା ପରେ ଆମର ମନକୁ ଗୋଟିଏ

Digitized by srujanika@gmail.com

ପ୍ରଶ୍ନ ଆନ୍ଦୋଳିତ କରୁଛି। ତା'ହେଲା ଯେଉଁଠି ଜଣେ ବେଲ୍ଲୁକୁ ସମ୍ଭାଳିବା ବିଜୁବାବୁଙ୍କ ପ୍ରଶାସନ ପକ୍ଷରେ ସମ୍ଭବ ହୋଇପାରି ନଥିଲା, ସେଠି ଏବେ ଆଉ ଯେଉଁ କୋଡ଼ିଏ ଜଣ ମହାବେଲ୍ଲୁଙ୍କର ଆବିର୍ଭାବ ହେବ, ତାକୁ କିଏ ସମ୍ଭାଳିବ ?

ତେଣୁ ହେ କଳିଙ୍ଗ ସମ୍ରାଟ ! ଏ ରାଜ୍ୟରେ ନିଶା ନିବାରଣବାନା ଉଡ଼ାଅ; କିନ୍ତୁ ବାନା ଯେପରି ବାବନା ନହୁଏ।

ତା ୩.୩.୯୪

Digitized by srujanika@gmail.com

# ପରଦା ଉଠ୍‌ନେ ବାଲା ହୈ

ସେଦିନ ଜନତାଦଳର କୃଷକ ର୍‌ୟାଲି ପାଖକୁ ଯିବାପାଇଁ ଆମେ ଯେତେବେଳେ ବାହାରିଲୁ, ଦେଖିଲୁ ର୍‌ୟାଲିରୁ ଲୋକେ ଫେରୁଛନ୍ତି। ମନରେ କୌତୂହଳ ହେଲା, ସ୍କୁଟର ଅଟକାଇ ଫେରି ଆସୁଥିବା ଜଣେ ଯୁବକକୁ ପଚାରିଲୁ କ'ଣ ର୍‌ୟାଲି ଭାଙ୍ଗିଗଲା ? ଯୁବକ ମୋ ମୁହଁକୁ ଚାହିଁ କହିଲେ ଜୀ-ସଭା ଆରମ୍ଭ ହେବ। ତୁମେ ଚାଲି ଆସୁଛ କାହିଁକି ବୋଲି ପଚାରିବାରେ ସେ ଉତ୍ତର ଦେଲା ସଭାରେ ବସି କ'ଣ କରିବୁ। ଆମେ ସବୁ ଯାଉଛୁ ମନ୍ଦିରକୁ ଆରଥର ମନ୍ଦିର ଯାଇପାରିଲୁ ନାହିଁ। ଯୁବକ ଓ ତା'ର ସାଙ୍ଗମାନେ ଚାଲିଗଲେ। ଆମେ ର୍‌ୟାଲି ସ୍ଥଳକୁ ଆସିଲୁ। ତଥାପି ମଧ୍ୟ ର୍‌ୟାଲିରେ ଅନେକ ଲୋକ ଥା'ନ୍ତି। ଆମେ ଚାରିପଟେ ଘୂରି ଦେଖିଲୁ। ଲୋକ ଧୀରେ ଧୀରେ ଭାଙ୍ଗି ଯାଉଥା'ନ୍ତି। ଏହା କେବଳ ଯେ ଏହି ର୍‌ୟାଲିରେ ଘଟିଲା- ତା' ନୁହେଁ, ସବୁ ର୍‌ୟାଲିରେ ଏହାହିଁ ଘଟେ। ଲୋକଙ୍କୁ ଅଣାଯାଏ, ଲୋକେ ସଭାସ୍ଥଳରେ ପହଞ୍ଚି ସ୍ଥାନ ତ୍ୟାଗ କରନ୍ତି।

ନିର୍ବାଚନ ଯେତିକି ପାଖ ହୋଇ ଆସୁଛି ଏ ର୍‌ୟାଲି, ଏ ସମାବେଶ ସେତିକି ସେତିକି ବଢ଼ୁଛି। ନାମ ମନେ ନଥିବା ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରର ଏକ ସଂଗୀତ ଏଇ ପରିବେଶରେ ମନକୁ ଆସୁଛି। ତା'ହେଲା "ପରଦା ଉଠ୍‌ନେ ବାଲା ହୈ, ତମାସା ହୋନେ ବାଲା ହୈ, କୋଇ ହସ୍‌ନେ ବାଲା ହୈ, କୋଇ ରୋନେ ବାଲା ହୈ।" ନିର୍ବାଚନର ଅଦୃଶ୍ୟ ଘଣ୍ଟିର ଧ୍ୱନି ମୁଖ୍ୟ ଦଳଗୁଡ଼ିକର ନେତା, ଉପନେତା ଓ ସର୍ବୋଚ୍ଚ ନେତାଙ୍କ ମୁଣ୍ଡ ଭିତରେ ବେଶ୍ ଶବ୍ଦ କରି ବାଜିବାକୁ ଆରମ୍ଭ କଲାଣି। ଯେଉଁମାନେ ଶାସନରେ ଅଛନ୍ତି ଶାସନକୁ ହରାଇବାର ଭୟ, ଯେଉଁମାନେ ଶାସନକୁ ଆସିବା ପାଇଁ ପାଗଭିଡ଼ି ବସିଛନ୍ତି; ସେମାନଙ୍କ ମନରେ ହାର-ଜିତ୍‌ର ଦ୍ୱନ୍ଦ୍ୱ ଆଉ ଯେଉଁମାନେ କେବେ ଶାସନକୁ ଆସିନଥିଲେ ବା ଏବେ ମଧ୍ୟ ଆସିବାର ନାହିଁ, ସେମାନଙ୍କ ମଧ୍ୟରୁ କେତେକ ବିଜୟ ପାଇଁ ଆଶାୟୀ ଦଳ ବା ନେତାଙ୍କୁ ନିଜର ମୂଳଚାଲ ଭିତରକୁ ଆଣିବା ପାଇଁ ବ୍ୟଗ୍ର। ଏହି ହେଉଛି ଭାରତୀୟ ଗଣତନ୍ତ୍ର।

Digitized by srujanika@gmail.com

ସ୍ୱାଧୀନତା ଯେତିକି ଯେତିକି ପୁରୁଣା ହେଉଛି କ୍ଷମତା ପାଇଁ କନ୍ଦଳ ସେତିକି ଉଗ୍ରରୂପ ଧାରଣ କରୁଛି। କ୍ଷମତା ଲାଭପାଇଁ ଦଳ ବା ବ୍ୟକ୍ତି ଯେ କୌଣସି ମୂଲ୍ୟ ଦେବାକୁ ପଛଉ ନାହାନ୍ତି। କ୍ଷମତାର ଦଣ୍ଡଧରମାନେ କ୍ଷମତାରୁ ଯେଉଁ ସ୍ୱାଦ ଲାଭ କରୁଛନ୍ତି ବାରମ୍ବାର ତାହା ଲାଭ କରିବା ପାଇଁ ବ୍ୟଗ୍ର ହୋଇ ପଡୁଛନ୍ତି। ତା'ର ପରିପ୍ରକାଶ ଘଟିଛି ର୍‍ୟାଲିରେ। ରାଜନୀତିକ ର୍‍ୟାଲି ବ୍ୟତୀତ କର୍ମଚାରୀମାନଙ୍କ ର୍‍ୟାଲି ମଧ୍ୟ ଅଛି। ସବୁ ଉଦ୍ଦେଶ୍ୟ ଏକା। ଗତ ଦୁଇମାସ ମଧ୍ୟରେ ଯେଉଁ ଦୁଇଟି ର୍‍ୟାଲି ରାଜନୈତିକ ଦଳଗୁଡ଼ିକ ଦ୍ୱାରା ହୋଇନଥିଲା ତାହା ହେଲା ଶିକ୍ଷକ ମହାସଂଘ ଓ ସରକାରୀ କର୍ମଚାରୀ ସଂଗ୍ରାମ ସମିତି ଦ୍ୱାରା ଆୟୋଜିତ ସମାବେଶ, କିନ୍ତୁ ଏ ଦୁଇଟି ସମାବେଶରେ ରାଜନୈତିକ ନେତାମାନଙ୍କ ଯୋଗଦାନ ଓ କ୍ଷମତାସୀନ ଦଳ ବିରୁଦ୍ଧରେ ବିଷୋଦ୍‌ଗାର ଏଭଳି ଖୋଲାଖୋଲି ହେଲା, ଯାହା ଏ ସମାବେଶରେ ମୂଳ ଚରିତ୍ରକୁ ବଦଳାଇ ଦେଇ ରାଜନୈତିକ ରୂପ ଦେଇଥିଲା। ତେଣୁ ବସ୍ତୁତଃ ଏହି ର୍‍ୟାଲି ଦୁଇଟି ସରକାରଙ୍କଠାରୁ ଦରମା ନେଉଥିବା ଦୁଇଟି କର୍ମଚାରୀ ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲେ ମଧ୍ୟ ସରକାରଙ୍କ ଏବଂ ଅନ୍ୟ କଥାରେ କ୍ଷମତାସୀନ ଦଳ ବିରୁଦ୍ଧରେ ଅନ୍ୟ ଦଳଗୁଡ଼ିକର ହାତବାରିସି ହୋଇ ଆୟୋଜିତ ଦୁଇଟି ର୍‍ୟାଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଯୁବକମାନଙ୍କୁ ଆଗରେ ରଖି ଜନତା, କଂଗ୍ରେସ ଓ ବି.ଜେ.ପି. ଦଳ ପ୍ରଥମେ ର୍‍ୟାଲି କଲେ। ଯୁବ କଂଗ୍ରେସ, ଯୁବଜନତା, ଯୁବମୋର୍ଚ୍ଚାର ଆହ୍ୱାନରେ ର୍‍ୟାଲି। କିନ୍ତୁ ଉଦ୍‌ବୋଧନ ଦେଲେ ବୃଦ୍ଧ ନେତାମାନେ। ସେଇମାନଙ୍କ ପାଇଁ ପ୍ଲାଟଫର୍ମ ତିଆରି କଲେ ଯୁବ ସଂପ୍ରଦାୟ। ତା'ପରେ ଜନତାଦଳ ଦ୍ୱାରା ଆୟୋଜିତ ପଞ୍ଚାୟତ ଦିବସ ଅର୍ଥାତ୍ ବିଜୁବାବୁଙ୍କ ଜନ୍ମ ଦିବସ ର୍‍ୟାଲି ଏବଂ ପରେ ପରେ କୃଷକ ର୍‍ୟାଲି। ଉଭୟ ଜନତା ଦଳର ଆୟୋଜନରେ। ଶ୍ରୋତା ଏକା-ବକ୍ତା ଏକା। କେବଳ ଭିନ୍ନ ଭିନ୍ନ ସମୟ।

ତେବେ ଗୋଟିଏ କଥା ବୁଝି ହେଲାନି। ସବୁ ଦଳ ଏତେ ଲୋକଙ୍କୁ ପଇସା ଖର୍ଚ୍ଚ କରି ଶହ ଶହ ବସ୍ ଟ୍ରକ୍ ଭଡ଼ା କରି, ଦିନକର ଭାତିଆ ଦେଇ ଭୁବନେଶ୍ୱର ଆଣି ର୍‍ୟାଲି କରିବାର ଆବଶ୍ୟକତା କ'ଣ ? ପ୍ରଥମେ ଦେଖାଯାଉ ଜନତା ଦଳର କଥା। ଜନତା ଦଳ ଶାସନରେ ଅଛନ୍ତି। ତାଙ୍କର ବଳ କେତେ ସେ କଥା ସେମାନେ ଭଲ ଭାବେ ଜାଣନ୍ତି। ରାଜଧାନୀ ଲୋକଙ୍କୁ ସେମାନଙ୍କ ଶକ୍ତି କେତେ ଜଣାଇବା ପାଇଁ ଏତେ ଲୋକଙ୍କୁ କ'ଣ ରାଜଧାନୀକୁ ଆଣିଥିଲେ ? ଯଦି ତା' ନହୁଏ ତେବେ କେଉଁଥିପାଇଁ ଏବଂ କାହା ଆଗରେ

Digitized by srujanika@gmail.com

ଶକ୍ତି ପ୍ରଦର୍ଶନ ପାଇଁ ଏତେ ବିରାଟ ଆୟୋଜନ? ଆମର ମନେହୁଏ ସମ୍ଭବତଃ ଭାଙ୍ଗିପଡୁଥିବା ନିଜ ଦଳର ମନୋବଳକୁ ବାନ୍ଧି ରଖିବା ପାଇଁ ଏତେ ସବୁ ଆୟୋଜନ। କିନ୍ତୁ ଏହାଦ୍ୱାରା କ'ଣ ମନୋବଳକୁ ଉପରକୁ ଉଠାଇ ହେବ? ବିଜୁବାବୁ ଯୁବ ଜନତା, ପଞ୍ଚାୟତ ଜନତା ଓ କୃଷକ ଜନତା ରୂପରେ ରାଜଧାନୀକୁ ଆସିଥିବା ସେଇ ଏକା ଲୋକଙ୍କୁ ତିନି ତିନି ଥର ଭାଷଣ ଦେଇ ଦେଶର ଓ ରାଜ୍ୟର କଥା, ଜାନକୀବାବୁଙ୍କ ଦୁର୍ନୀତି ଓ ନରସିଂହ ରାଓଙ୍କ ସହ ତାଙ୍କର ବନ୍ଧୁତା ସଂପର୍କରେ କହି ବୁଝାଇଲେ ଆମେ ଆଉ ଥର ଆସିଲେ କ'ଣ କ'ଣ କରିବୁ। 'ଭୀମ ବଳ ଭୀମ ମା' ବୁଝେ' ବୋଲି ଯେଉଁ ପ୍ରବାଦ ଅଛି ଓଡ଼ିଶାରେ ଜନତାଦଳର ଶକ୍ତି କେତେ ତା' (ଜନତା ଦଳର ମା' ବାବା ସବୁ କିଛି) ବିଜୁବାବୁ ଭଲ ଭାବେ ଜାଣନ୍ତି। ବିଜୁବାବୁ ଏଥର ଶାସନକୁ ଆସିବା ପରଠାରୁ ସରକାରୀ ବ୍ୟୟ ସଂକୋଚନ ସଂପର୍କରେ ତାଙ୍କର ବାରମ୍ବାର ସରମନ ଶୁଣି ଶୁଣି ପ୍ରଧାନମନ୍ତ୍ରୀ ଶ୍ରୀ ରାଓ ଜାତୀୟସ୍ତରରେ ତାଙ୍କୁ ବ୍ୟୟ ସଂକୋଚନ କମିଟିର ଚେୟାରମ୍ୟାନ ରୂପେ ନିଯୁକ୍ତ କଲେ। ବିଜୁବାବୁ ଏହି କମିଟିର ଚେୟାରମ୍ୟାନ ହୋଇ ପ୍ରଥମ ସୁପାରିଶ କଲେ ସରକାରୀ କର୍ମଚାରୀଙ୍କର ଡି.ଏ., ଫ୍ରିଜ୍ କରି ଦେବାକୁ। ଅର୍ଥାତ୍ ଆଉ କିଛି ବର୍ଷ ପାଇଁ ମହଙ୍ଗା ଭତ୍ତା ନଦେବା ପାଇଁ ସେଇ ବିଜୁବାବୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାଜଧାନୀ ଲୋକଙ୍କୁ ଦେଖାଇବା ପାଇଁ ତିନି ତିନି ଥର ଏ ସର୍କସ ବା ଯାତ୍ରାର ଆୟୋଜନ କାହିଁକି କଲେ ବୁଝିହେଲାନାହିଁ। ରାଜଧାନୀ ଅଞ୍ଚଳ ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀର ଅର୍ଦ୍ଧେକ। ତାଙ୍କ ନିଜର ସରକାର ଏଠି ଅବସ୍ଥାପିତ। ସେ ନିଜେ ମଧ୍ୟ ରାଜଧାନୀର ଏମ.ଏଲ.ଏ.। ଯଦି ଅନ୍ୟ ଦଳମାନଙ୍କୁ ଏହାଦ୍ୱାରା ଭୟଭୀତ ବା ପ୍ରଭାବିତ କରିବା ଉଦ୍ଦେଶ୍ୟ ଥାଏ ତେବେ ତାହା ମଧ୍ୟ ଫଳବତୀ ହେବ ନାହିଁ। କାରଣ ଅନ୍ୟ ଦଳର ଅଫିସଗୁଡ଼ିକ ଏଇମିତି ଫାଙ୍କା। ଅନେକ ଅଫିସରେ ସନ୍ଧ୍ୟା ପରେ ବତୀ ଜଳେନାହିଁ। ଅନେକ ଅଫିସରେ ଟଙ୍କା ଅଭାବରୁ ଟେଲିଫୋନ୍ ମଧ୍ୟ ନାହିଁ। ଏହିଭଳି ଅବସ୍ଥାରେ ଅନ୍ୟ ଦଳର ଲୋକଙ୍କୁ ନିଜ ଶକ୍ତି ପ୍ରଦର୍ଶନ କରିବାରେ କୌଣସି ଅର୍ଥ ମଧ୍ୟ ନାହିଁ। ତେବେ କାହିଁକି ଏବଂ କେଉଁଥିପାଇଁ ଏ ର୍ୟାଲି?

ଏବେ ଆସନ୍ତୁ ବିଚାର କରିବା କଂଗ୍ରେସ ଦଳର କଥା। ଓଡ଼ିଶାରେ ଜନତାଦଳର ଏକମାତ୍ର ପ୍ରତିଦ୍ୱନ୍ଦୀ କଂଗ୍ରେସ ଦଳ। ୧୯୯୦ ନିର୍ବାଚନରେ କଂଗ୍ରେସ ଦଳର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଠିକ୍ ଯେପରି ଜନତାଦଳର ଅବସ୍ଥା ହୋଇଥିଲା ୧୯୮୦ ସାଲରେ। ଏବେ କଂଗ୍ରେସ ଆଶା କରୁଛି ପୁଣି ଶାସନକୁ ଆସିବା ପାଇଁ। ସେଇଥିପାଇଁ ରାଜଧାନୀରେ ସେମାନେ ମଧ୍ୟ ର୍ୟାଲିର

Digitized by srujanika@gmail.com

ଆୟୋଜନ କଲେ। ଯୁବ କଂଗ୍ରେସର ସଭାପତି ରୂପେ ଶରତ ପଟ୍ଟନାୟକ ନିଯୁକ୍ତ ହେବା ପରେ ପ୍ରଥମେ ଡାକଦେଲେ ଏକ ବଡ଼ଧରଣର ର୍ୟାଲି ପାଇଁ। ୧୯୯୦ ପରେ ଏହା କଂଗ୍ରେସ ଦଳ ପକ୍ଷରୁ ପ୍ରଥମ ଆସ୍ଫାଳିଆ ର୍ୟାଲି। ରାଜ୍ୟର ବିଭିନ୍ନ ସ୍ଥାନରୁ କର୍ମୀ ଆସିଲେ- ନେତା ଆସିଲେ। ର୍ୟାଲି ହେଲା। ଡାକ ଦିଆଗଲା ବିଜୁ ହଟାଅ- ଓଡ଼ିଶା ବଞ୍ଚାଅ। ଆଉ ଏକ ଡାକ ଦିଆଗଲା ଓଡ଼ିଶାରେ ସମ୍ବିଧାନର ୩୫୬ ଧାରା ଲାଗୁକର। ଅର୍ଥାତ୍ ବିଜୁଙ୍କୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କର।

ଏହି ର୍ୟାଲି କଂଗ୍ରେସ ଦଳ ପାଇଁ କିଛିଟା ଆଶାର ଆଲୋକ ବିଚ୍ଛୁରିତ କରିଛି। ପ୍ରଥମ କଥା ହେଲା ମୃତପ୍ରାୟ କଂଗ୍ରେସ ଦଳକୁ ନୂଆ ଜୀବନର ଆଲୋକ ଦେଖାଇଛି ଏବଂ ଦଳର ନେତାମାନେ ଏତେ ଲୋକଙ୍କୁ ଏକ ସ୍ଥାନରେ ଏକଜୁଟ କରିପାରିବାର ଶକ୍ତି ଏବେ ବି ରଖିଛନ୍ତି, ତାହା ଆଶ୍ୱାସନାର ବିଷୟ ହୋଇପାରିଛି। ତେବେ ର୍ୟାଲି ଭିତରେ କଂଗ୍ରେସ ନେତାମାନଙ୍କ ମଧ୍ୟରେ ଥିବା ବିବାଦ ପୁଣି ପଦାକୁ ଫୁଟି ବାହାରିଲା। କାହୁ ଲେଙ୍କାଙ୍କୁ ଯଦି କଂଗ୍ରେସ ଦଳର ପ୍ରଥମ ଧାଡ଼ିର ନେତା କୁହାଯିବ ତେବେ ସେଦିନ ର୍ୟାଲିରେ ତାଙ୍କର ହୀନିମାନ ଅବସ୍ଥା ଯିଏ ଲକ୍ଷ୍ୟ କରିଥିବ ସେ ଏହି ଦଳର ଐକ୍ୟ ସଂପର୍କରେ ସନ୍ଦିହାନ ହେବ। ସେଦିନ ର୍ୟାଲି ଯଦିଓ ଯୁବ କଂଗ୍ରେସ ପକ୍ଷରୁ ଡକାଯାଇଥିଲା ଜାନକୀବାବୁ ମୁଖ୍ୟତଃ ସାମଗ୍ରିକ ଭାବେ ଅଗ୍ରଭାଗର ଏକ ନମ୍ବର ଲୋକ ଥିଲେ। ଚାରିବର୍ଷ ପରେ ଏହି ର୍ୟାଲିକୁ କିନ୍ତୁ କେନ୍ଦ୍ରମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଆସିଲେ ନାହିଁ। ଏହା ଇଚ୍ଛାକୃତ କିମ୍ବା ଅପଦସ୍ତ ହେବା ଭୟ ତାହା ଜାଣି ହେଲାନାହିଁ।

ଏଥର ବି.ଜେ.ପି. ଥିଲେ ଥିଲେ ହଠାତ୍ ଧୂମକେତୁ ଭଳି ଆସି ସେମାନେ ମଧ୍ୟ ର୍ୟାଲି ପଡ଼ିଆରେ ହାଜର। ବି.ଜେ.ପି. ଅନ୍ୟମାନଙ୍କ ର୍ୟାଲି ଦେଖି ରାଜଧାନୀବାସୀଙ୍କୁ କହିଲେ, "ଆରେ ଭାଇ ହମ୍ ଭି କିସିସେ କମ୍ ନେହିଁ।" ଏକଥା ଏବେ ପ୍ରାୟ ଛଣାଶୁଣା ବି.ଜେ.ପି.ର ଶକ୍ତି ମୁଖ୍ୟତଃ ପଶ୍ଚିମ ଓଡ଼ିଶାରେ। ଉପକୂଳବର୍ତ୍ତୀ ଅଂଚଳରେ ବି.ଜେ.ପି.ର ଏଇମିତି ପ୍ରଭାବ ନାହିଁ। ତେଣୁ ଦୁର୍ଭିକ୍ଷ ପ୍ରପୀଡ଼ିତ ଏବଂ ପିଲା ବିକ୍ରି ଅଂଚଳରୁ ହଜାର ହଜାର ଲୋକଙ୍କୁ ଧରି ରାଜଧାନୀରେ ର୍ୟାଲି କରିବାକୁ ଏମାନେ ହାଜର। ବି.ଜେ.ପି. ର୍ୟାଲିରେ ଏତିକି ରାଜଧାନୀବାସୀଙ୍କର ଲାଭ ହେଲା ଯେ ଅଟଳ ବିହାରୀ ବାଜପେୟୀ ଓ ଉମା ଭାରତୀଙ୍କ ଭଳି ଦୁଇଜଣ ବିଶିଷ୍ଟ ନେତାଙ୍କର ଚମତ୍କାର ଭାଷଣ ଶୁଣିବାକୁ ପାଇଲେ। କିନ୍ତୁ ଏ ଭାଷଣ ବି.ଜେ.ପି.କୁ ଉପକୂଳବର୍ତ୍ତୀ ଅଂଚଳରୁ କ'ଣ ଭୋଟ ଦେଇପାରିବ?

Digitized by srujanika@gmail.com

ଭାରତବର୍ଷରେ ସାମଗ୍ରିକ ଭାବେ ବି.ଜେ.ପି. ଏବେ କଂଗ୍ରେସର ବିକଳ୍ପ। କିନ୍ତୁ ଉତ୍ତର ଭାରତର ହିନ୍ଦୀ ବଳୟରେ ଏହି ଶକ୍ତି ସୀମାବଦ୍ଧ। ତେଣୁ ଓଡ଼ିଶା ଭଳି ଅଣହିନ୍ଦି ଅଂଚଳରେ ବି.ଜେ.ପି. ତା'ର ଶକ୍ତି ବୃଦ୍ଧି ପାଇଁ ସମ୍ଭବତଃ ର୍‍ୟାଲି ମାଧ୍ୟମରେ ଏହି ପ୍ରଚେଷ୍ଟା କରୁଛି। ଦେଖାଯାଉ- ଫଳେନ ପରିଚୟତେଃ।

ଦକ୍ଷିଣପନ୍ଥୀ ବି.ଜେ.ପି. ର୍‍ୟାଲି ପରେ ରାଜଧାନୀକୁ ମାଡ଼ି ଆସିଲେ ବାମପନ୍ଥୀ ସର୍ବହରାର ଦଳ। ସି.ପି.ଆଇ., ସି.ପି.ଆଇ. (ଏମ) ଓ ଏସ.ୟୁ.ସି.ଆଇ.। ପ୍ରଥମ ଦୁଇଟି ଦଳ ଯାଆଁଳା ଭାଇ। ଏହି ଦଳଗୁଡ଼ିକର ଅଦ୍ଭୁତ ମାନସିକତା। କଂଗ୍ରେସକୁ ବିରୋଧ କରିବା ବେଳେ ଜନତାଦଳ ସହ ଏମାନଙ୍କର ଘନିଷ୍ଠତା। ସି.ପି.ଆଇ.-ସି.ପି.ଏମ. ଭଳି କଂଗ୍ରେସ-ଜନତା ଗୋଟିଏ ଲାଉର ଦୁଇଟି ମଞ୍ଜି। ଅଥଚ ଦୁଇ ସର୍ବହରା ଦଳର ଜନତାକୁ ଅଧିକ ପସନ୍ଦ। ତେବେ ର୍‍ୟାଲିରେ ସମସ୍ତେ ବିଜୁ ପଟ୍ଟନାୟକଙ୍କୁ ତୀବ୍ର ସମାଲୋଚନା କଲେ। କିନ୍ତୁ ର୍‍ୟାଲି ପରେ ସି.ପି.ଏମ. ନେତା ହରକିଷନ ସିଂହ ସୁରଜିତ୍ ସ୍ୱୀକାର କଲେ ଯେ କଂଗ୍ରେସ ଓ ବି.ଜେ.ପି.କୁ ରୋକିବାକୁ ହେଲେ ବିଜୁ ପଟ୍ଟନାୟକ ହିଁ ଏକମାତ୍ର ଶକ୍ତି। ତେଣୁ ଯାହା ଏବେ ଦେଖାଯାଉଛି ର୍‍ୟାଲିରେ ଏମାନେ ଯାହା କୁହନ୍ତି ଶେଷରେ ସେଇ 'ତମସାଂ ଭଜ ମୁଢ଼ ମତେ।' ଅର୍ଥାତ୍ "ବିଜୁ ପଟ୍ଟନାୟକ ଶରଣମ୍ ଗଚ୍ଛାମି।"

ଏବେ ର୍‍ୟାଲି ସଂସ୍କୃତିକୁ ଯିବା। ଭାରତ ବର୍ଷରେ ର୍‍ୟାଲି କରିବା ଅର୍ଥାଗମର ଏକ ପନ୍ଥା ବୋଲି ବିଚାର କରାଯାଉଛି। ଯେଉଁ ଦଳ ର୍‍ୟାଲି କରୁନା କାହିଁକି ସେଥିପାଇଁ ଅର୍ଥ ଯୋଗାଇବେ ଠିକାଦାର, ଦୋକାନଦାର, ଶିଳ୍ପପତି ଓ ଇଞ୍ଜିନିଅର। ତେଣୁ ଶାସନକୁ ଯେଉଁ ଦଳ ଆସନ୍ତୁ ଏହି ଗୋଷ୍ଠୀମାନଙ୍କର ଅସୁବିଧା କେବେ ହୁଏ ନାହିଁ। କାରଣ ଏଇମାନେ ବେଲୁନ୍‌କୁ ଫୁଲାନ୍ତି। ଏମାନଙ୍କ ହାତରେ ପମ୍ପ ଥିବା ପର୍ଯ୍ୟନ୍ତ ଆମ ରାଜନୈତିକ ନେତାମାନେ ଆଉ ଚୋଚଲା ହେବେ ନାହିଁ କିମ୍ବା ଏମାନଙ୍କ ପମ୍ପରୁ ଓ୍ୱାସର ଖସାଇବାକୁ ସାହସ କରିବେ ନାହିଁ। ଆଉ ଆମ ଭଳି ର୍‍ୟାଲିର ଜନସମୁଦ୍ରରେ ଠିଆ ହୋଇଥିବା ଲୋକମାନେ ନିରବଧି କାଳ ପର୍ଯ୍ୟନ୍ତ ଏଇମାନଙ୍କର ଶିକାର ହୋଇ ରହିଥିବା।

ତା ୪.୪.୧୯୯୪

•

Digitized by srujanika@gmail.com

# କ୍ଷମତାର ଅନ୍ଧଗଳି ଓ ବିପଦଗ୍ରସ୍ତ ଶେଷାନ୍

ଅବଶେଷରେ ବାଧ୍ୟହୋଇ ହିମାଚଳ ପ୍ରଦେଶ ରାଜ୍ୟପାଳ ଶ୍ରୀ ଗୁଲସର ଅହମ୍ମଦ ନିଜ ପଦବୀରୁ ଇସ୍ତଫା ଦେଲେ। ବି.ଜେ.ପି.ର ଅଭିଯୋଗ ଉପରେ ତଦନ୍ତ କରି ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଟି.ଏନ. ଶେଷାନ ମଧ୍ୟପ୍ରଦେଶର ସାତ୍ନା ବିଧାନସଭା ନିର୍ବାଚନମଣ୍ଡଳୀରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନ ସ୍ଥଗିତ ରଖିଲେ। ରାଜ୍ୟପାଳ ଶ୍ରୀ ଅହମ୍ମଦ ନିଜ ପୁଅକୁ କ୍ଷମତାର ଶିଡ଼ିରେ ଚଢ଼ାଇବାର ଲୋଭ ସମ୍ବରଣ କରିପାରିଲେ ନାହିଁ। ସରକାରଙ୍କ ପ୍ରଦତ୍ତ ରାଜକୀୟ ମହିମାକୁ ସାତ୍ନା ନେଇଗଲେ। ତାହାହିଁ ତାଙ୍କ ପଦବୀ ପାଇଁ ସଂବର୍ଦ୍ଧକ ହୋଇଉଠିଲା। ଟି.ଏନ. ଶେଷାନ ରାଜନୀତିର ଏହି ଅବାଞ୍ଛିତ ବ୍ୟକ୍ତିଙ୍କୁ ବାଧ୍ୟକଲେ ରାଜକୀୟ ମୁକୁଟ ଖୋଲିବାକୁ। ଗୁଲସର୍ ଅହମ୍ମଦଙ୍କ ଭଳି ଅନେକ ଲୋକ ଏ ଦେଶରେ ଅଛନ୍ତି, ଯେଉଁମାନଙ୍କୁ କେନ୍ଦ୍ର ସରକାର ରାଜକୀୟ ମହତ୍ତ୍ୱ ଏହିଭଳି ଅପାତ୍ରରେ ଦାନ କରିଛନ୍ତି। କେନ୍ଦ୍ରରେ ଥିବା କଂଗ୍ରେସ ସରକାର ହୁଅନ୍ତୁ ବା ପ୍ରଧାନମନ୍ତ୍ରୀ ହୁଅନ୍ତୁ, ଯେଉଁମାନେ ଏଭଳି ଲୋକଙ୍କୁ ଶିରପା ବାନ୍ଧନ୍ତି, ସେମାନେ ମଧ୍ୟ ଯେ ଏହି ଅମର୍ଯ୍ୟାଦାଜନକ କାର୍ଯ୍ୟରେ ଅଂଶୀଦାର, ତାହା କହିଲେ ବହୁବଚନ ହେବନାହିଁ।

ଏହାଠାରୁ ଆହୁରି କେଳେଙ୍କାରି ଘଟଣା ଘଟିଥିଲା ତ୍ରିପୁରାରେ। ନିର୍ବାଚନ ପୂର୍ବରୁ ତ୍ରିପୁରାର ତତ୍କାଳୀନ କଂଗ୍ରେସ ସରକାର ନିଜର କ୍ଷମତାର ଅପବ୍ୟବହାର କରି ସରକାରୀ କଳକୁ ନିର୍ବାଚନ କାର୍ଯ୍ୟରେ ଲଗାଇଥିଲେ। ସି.ପି.ଏମ୍. ଦଳ ପକ୍ଷରୁ ଅଭିଯୋଗ ଉଠିଲା, କେବଳ ତ୍ରିପୁରା ସରକାର ନୁହନ୍ତି, କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଶ୍ରୀ ସନ୍ତୋଷମୋହନ ଦେବ ଏହି ଘଟଣାରେ ନିଜକୁ ସାମିଲ କରିନେଲେ। ତଦନ୍ତ ହେଲା, ଟି.ଏନ. ଶେଷାନ ନିଶ୍ଚିତ ହେଲେ ରାଜ୍ୟ ସରକାରଙ୍କର କାର୍ଯ୍ୟକଳାପରେ। ସତର୍କ କଲେ। କିଛି ଫଳହେଲା ନାହିଁ। ତା'ପରେ ସେହି ବଜ୍ରନିର୍ଘୋଷ। ନିର୍ବାଚନ ବାତିଲ। ସରକାରଙ୍କର ଆସନରେ ରହିବାର କାର୍ଯ୍ୟକାଳ ଶେଷ ହେଲା। ବିରକ୍ତ ଓ ଅସନ୍ତୁଷ୍ଟ କେନ୍ଦ୍ର ସରକାର ଅନନ୍ୟୋପାୟ ହୋଇ ତ୍ରିପୁରାରେ ରାଷ୍ଟ୍ରପତି ଶାସନ ଜାରି କଲେ। ତା'ର ପରବର୍ତ୍ତୀ ଘଟଣା ସମସ୍ତଙ୍କୁ ଜଣା।

Digitized by srujanika@gmail.com

ଶେଷାନଙ୍କ ମୁକୁଟରେ ଆଉ ଏକ ପର ଯୋଡ଼ାହେଲା, ଯେତେବେଳେ ସେ ସଦ୍ୟସମାପ୍ତ ନିର୍ବାଚନ ପୂର୍ବରୁ ରାଜସ୍ଥାନ ସରକାରଙ୍କ ପୋଲିସ୍ ଡି.-ଜି. ବଦଳାଇବା ଘଟଣାର ତୀବ୍ର ବିରୋଧ କଲେ। ବାଧ୍ୟହୋଇ ରାଜ୍ୟପାଳ ନିଜ ନିଷ୍ପତ୍ତି ସ୍ଥଗିତ ରଖିଲେ। ସେହି ପ୍ରକ୍ରିୟାରେ ରାଜସ୍ଥାନର ସଂଖ୍ୟାଲଘୁ କମିଶନଙ୍କ ନିଯୁକ୍ତି ମଧ୍ୟ ସ୍ଥଗିତ ରହିଲା।

ଦେଶରେ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ପାଇଁ ନିର୍ବାଚନ ଏକ ଅବଶ୍ୟମ୍ଭାବୀ ପ୍ରକ୍ରିୟା। କିନ୍ତୁ ଏବେ ନିର୍ବାଚନକୁ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଯେପରି ପ୍ରହସନରେ ପରିଣତ କରିଦେଇଛନ୍ତି, ସେଥିରେ ମୂଳ ଗଣତାନ୍ତ୍ରିକ ପ୍ରକ୍ରିୟା ବିପଦର ସମ୍ମୁଖୀନ ହୋଇପଡ଼ିଛି। ଜନସମର୍ଥନ ନାମରେ ଲୋକପ୍ରତିନିଧି ରୂପେ ନିଜକୁ ଜାହିର କରୁଥିବା ଲୋକଙ୍କ ମଧ୍ୟରୁ ଥୋକେ ଲୋକ ସାମାଜିକ ସ୍ତରରେ ଅସାମାଜିକତାର ଧ୍ୱଜା ଉଡ଼ାଉଥିବା ଶ୍ରେଣୀର ମୁଖ୍ୟ ପ୍ରତିନିଧି। ଏମାନଙ୍କ ସମ୍ମୁଖରେ ଏକମାତ୍ର ପନ୍ଥା ଯେନତେନ ଉପାୟରେ କ୍ଷମତା ଲାଭ ଓ ଧନ ସଂଗ୍ରହ। ସେ ଗୋପନରେ ହେଉ ବା ଖୁଲମଖୁଲା କ୍ଷମତାର ପ୍ରୟୋଗ କରିହେଉ। ଏହି ବ୍ୟକ୍ତିମାନେ ସମାଜର ମଉଡ଼ମଣି। ସମାଜର ବୁଦ୍ଧିଜୀବୀ, ଚିନ୍ତାଶୀଳ, ଗଣତାନ୍ତ୍ରିକ ଭାବଧାରାରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ନପୁଂସକ ପାଲଟି ଯାଇଛନ୍ତି। ମୁହଁର ଭାଷା, ମନର ଚିନ୍ତା ଆଉ ହାତର କଲମକୁ ଏହି ଅସାମାଜିକ ବ୍ୟକ୍ତିମାନେ ସ୍ତବ୍ଧ କରିଦେଇଛନ୍ତି। ଆମେ ଦଳେ ଲୋକ କ୍ଲବ୍‌ର ପାନଶାଳାରେ, ଘର ଭିତରେ ବୈଠକଖାନା ଚା' ଆସରରେ ଆଉ ମର୍ଣ୍ଣିଂ ୱାକ୍‌ରେ ନିଜ ନିଜ ଭିତରେ ବେଶ ଉତ୍ତପ୍ତ ଆଲୋଚନା କରୁ; କିନ୍ତୁ ପ୍ଲାଟ୍‌ଫର୍ମ ଉପରେ ଏକ ନିର୍ଜୀବ ମାଂସପିଣ୍ଡୁଳାରେ ପରିଣତ ହୋଇଯାଉ। ସାମାଜିକ ଆବରଣରେ ଥିବା ଏହି ଅସାମାଜିକ ବ୍ୟକ୍ତିଙ୍କୁ ଆମେ ସଲାମ କରି ଉଚ୍ଚକଣ୍ଠରେ କହୁ, ଆପଣ ଏ ରାଜ୍ୟର, ଏ ଦେଶର ଗର୍ବ।

ଧୀରେ ଧୀରେ ଆମେ ଏଭଳି ଏକ ପରିବେଶକୁ ଟାଣିହୋଇଯାଉଛୁ, ଯେଉଁଠି ଅମଲାତନ୍ତ୍ର ଏବେ ରାଜତନ୍ତ୍ର (ଲୋକପ୍ରତିନିଧି)ର ଧମକରେ ପରିଚାଳିତ। ଫଳରେ ବହୁ କ୍ଷେତ୍ରରେ ଭୃତ୍ୟ ବ୍ୟକ୍ତି ବୃହନ୍ନଳା ବେଶରେ ବୃତ୍ତିଭୋଗୀ ହୋଇ ରହିବାପାଇଁ ବାଧ୍ୟହେଉଛନ୍ତି। ବୁଦ୍ଧିଜୀବୀମାନେ ବ୍ୟାଜସ୍ତୁତି କରୁଛନ୍ତି। କାରଣ ତାହାହିଁ ତାଙ୍କ ପକ୍ଷରେ ଏକମାତ୍ର ପଥ।

ଏହିଭଳି ବ୍ୟକ୍ତିବିଶେଷଙ୍କର ଶାସନ ଓ ସାମାଜିକ କ୍ଷେତ୍ରରେ କାୟା ବିସ୍ତାରକୁ ବାଧାଦେବା ପାଇଁ ଆବଶ୍ୟକ ମୁକ୍ତ ଓ ନିରପେକ୍ଷ ନିର୍ବାଚନ। ନିର୍ବାଚନ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ। କିନ୍ତୁ କରିବ କିଏ ? ଶାସନକୁ ଆସୁଥିବା ରାଜନୀତିକ

Digitized by srujanika@gmail.com

ଦଳଗୁଡ଼ିକ ନିଜର ସୁବିଧା ମତ ନୀତି ସ୍ଥିର କରନ୍ତି। କିନ୍ତୁ ଆମର ସମ୍ବିଧାନପ୍ରଣେତାମାନେ ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ଦୁଇଟି ଅସ୍ତ୍ର ରଖିଯାଇଛନ୍ତି। ଏହି ଦୁଇଟି ଅସ୍ତ୍ର ପରିଚାଳନା ପାଇଁ ଯଦି ଯଥାର୍ଥ ବ୍ୟକ୍ତି ମିଳନ୍ତି, ତେବେ ତାହାହିଁ ଏ ଦେଶକୁ ଧ୍ୱଂସମୁଖରୁ ରକ୍ଷା କରିବ। ଏ ଅସ୍ତ୍ର ଦୁଇଟି ହେଲା ନିର୍ବାଚନ କମିଶନ ଓ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର- ଜେନେରାଲ। ସମ୍ବିଧାନର ୩୨୪ ଧାରା ଅନୁସାରେ ନିର୍ବାଚନ କମିଶନ ସୃଷ୍ଟି ହୋଇଛି। ତେଣୁ ମୁଖ୍ୟ ନିର୍ବାଚନ କମିଶନର ଦେଶରେ ନିର୍ବାଚନ ପରିଚାଳନା ପାଇଁ ସମ୍ବିଧାନ ଦ୍ୱାରା ସ୍ୱାଧୀନ ଭାବେ ଅଧିକାର ପ୍ରାପ୍ତ ହୋଇଛନ୍ତି।

ଆଜିପର୍ଯ୍ୟନ୍ତ ଏ ଦେଶରେ ଲୋକେ ନିର୍ବାଚନ କମିଶନ ଅଫିସ୍ ସମ୍ପର୍କରେ ସେଭଳି ସଚେତନ ନଥିଲେ। ଟି.ଏନ. ଶେଷାନ ଏ ପଦବୀ ପାଇଁ କେବଳ ମର୍ଯ୍ୟାଦା ଆଣି ଦେଇନାହାନ୍ତି, ଗଣତନ୍ତ୍ରର ମୁଖ୍ୟ ଅଂଗ- ନିର୍ବାଚନ ପରିଚାଳନା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଛନ୍ତି। ଏହି ପଦରେ ଆଗାମୀ ଦିନମାନଙ୍କରେ ଯେଉଁ ବ୍ୟକ୍ତିମାନେ ଅଭିଷିକ୍ତ ହେବେ, ସେମାନଙ୍କ କାର୍ଯ୍ୟକୁ ଲୋକେ ତୁଳନା କରିବେ ଶେଷାନଙ୍କ କାର୍ଯ୍ୟ ସହିତ। ଭାରତବର୍ଷ ରାଜନୀତିକ ଇତିହାସରେ ଟି.ଏନ. ଶେଷାନ ଏକ ସ୍ୱତନ୍ତ୍ର ଅଧ୍ୟାୟର ଅଧିକାରୀ ହେବେ, ସେଥିରେ କାହାରି ଦ୍ୱିରୁକ୍ତି ନାହିଁ।

ଏବେ ଶେଷାନ ଯଥାର୍ଥ ଭାବେ ଭୋଟର ଚିହ୍ନଟ କାର୍ଡ ଉପରେ ଜୋର ଦେଇଛନ୍ତି। ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇପାରିବ। ସେ ସତର୍କ କରିଦେଇଛନ୍ତି ଯଦି ତୁରନ୍ତ ଏ ଚିହ୍ନଟ କାର୍ଡ ପ୍ରବର୍ତ୍ତନ କରାନଯାଏ, ତେବେ ୧୯୯୫ ଜାନୁଆରୀ ପହିଲା ପରେ ନିର୍ବାଚନ କରାଇଦେବେ ନାହିଁ।

ଶେଷାନଙ୍କ କାର୍ଯ୍ୟଧାରା ଉପରେ କେତେକ ନେତା ବିଶେଷକରି ଜ୍ୟୋତି ବସୁଙ୍କ ଭଳି ଜଣେ ବିଶିଷ୍ଟ ଓ ବରିଷ୍ଠ ଜାତୀୟସ୍ତରର ନେତା ତୀବ୍ର ସମାଲୋଚନା କରୁଛନ୍ତି। ଶ୍ରୀ ବସୁ ଶ୍ରୀ ଶେଷାନଙ୍କ ବ୍ୟକ୍ତିଗତ ଚରିତ୍ର ଉପରେ ଅତି ନିର୍ଦ୍ଦୟ ମନ୍ତବ୍ୟ ଦେବାକୁ ପଛାଇ ନାହାନ୍ତି। ଏହାର ଏକମାତ୍ର କାରଣ ହେଲା, ପଶ୍ଚିମବଙ୍ଗରେ ଏକ ପରିଚ୍ଛନ୍ନ ନିର୍ବାଚନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଏବଂ ସରକାରଙ୍କର ଗୋଡ଼ାଣିଆ ହୋଇନଥିବା ଜଣେ ନିର୍ଭୀକ ବରିଷ୍ଠ ଆଇ.ଏ.ଏସ. ଅଫିସରଙ୍କୁ ମୁଖ୍ୟ ନିର୍ବାଚନ ଅଫିସର ରୂପେ ନିଯୁକ୍ତି ଦେବାପାଇଁ ଶେଷାନ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ବାରମ୍ବାର ଚାପ ଦେଇଥିଲେ। କେବଳ ସେତିକି ନୁହେଁ, ପଶ୍ଚିମବଙ୍ଗର ସାଧାରଣ ନିର୍ବାଚନ ଓ ଉପନିର୍ବାଚନରେ ଅନେକ ଗୁଡ଼ିଏ ଭୋଟକେନ୍ଦ୍ରର ନିର୍ବାଚନକୁ ବାତିଲ କରି ପୁନର୍ବାର ନିର୍ବାଚନ କରାଇଥିଲେ। ଫଟୋ ପରିଚୟପତ୍ର

Digitized by srujanika@gmail.com

ବ୍ୟବସ୍ଥାକୁ ଜ୍ୟୋତି ବସୁଙ୍କ ଦଳ ବିରୋଧ କରୁଛନ୍ତି। କେଉଁଥିପାଇଁ ତାହା ସମସ୍ତଙ୍କୁ ଜଣା।

ଜଣେ ବ୍ୟକ୍ତିର ସମସ୍ତ କାର୍ଯ୍ୟକଳାପ ବା ଚିନ୍ତାଧାରା ଯେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବ, ତାହା ସମ୍ଭବ ନୁହେଁ। କିନ୍ତୁ ଯଦି ଜଣେ ବ୍ୟକ୍ତି ସାଧୁ, ସଚ୍ଚୋଟ ଓ ଦକ୍ଷତା ସହକାରେ କାର୍ଯ୍ୟ କରେ, ତେବେ ତା'ର କିଛି କିଛି ତ୍ରୁଟିକୁ ମାର୍ଜନା କରାଯାଇଥାଏ। ଅବଶ୍ୟ ଯଦି ତ୍ରୁଟି ଅତ୍ୟନ୍ତ ଗୁରୁତର ହୁଏ, ତେବେ ତାହା ଭିନ୍ନ ପ୍ରଶ୍ନ। ଟି.ଏନ. ଶେଷାନ୍‌ଙ୍କ କାର୍ଯ୍ୟପ୍ରଣାଳୀରେ ସାମାନ୍ୟ କିଛି କିଛି ତ୍ରୁଟି ଥାଇପାରେ; ମାତ୍ର ତାହାକୁ ମାରାତ୍ମକ ବୋଲି କହିହେବନାହିଁ। ଏବେ ତାଙ୍କ ବିରୋଧରେ ଏକ ଅଭିଯୋଗ ହୋଇଛି 'ମିଜୋରାମ'ର ଭୋଟ ନଭେମ୍ବର ୩୦ ତାରିଖରେ ହେଉଥିବାରୁ ହିନ୍ଦୀ ବଳୟର ଭୋଟ ଗଣତି ଆଉ ଦୁଇଦିନ ଘୁଞ୍ଚାଇଦେବା ଉଚିତ ଥିଲା।

ଶେଷାନଙ୍କ କୃତିତ୍ୱ ହେଉଛି ସମ୍ପ୍ରତି ଶେଷ ହୋଇଥିବା ହିନ୍ଦୀ ବଳୟର ନିର୍ବାଚନ। ଏହି ରାଜ୍ୟଗୁଡ଼ିକରେ ଅଧିକାଂଶ ଭୋଟ କେନ୍ଦ୍ର ସ୍ପର୍ଶକାତର ଅଞ୍ଚଳରେ, ଯାହାକୁ ଇଂରାଜୀରେ 'ସେନ୍‌ସିଟିଭ୍' ଏରିଆ କୁହାଯାଇଥାଏ। ପ୍ରତି ନିର୍ବାଚନରେ ଏହି ଅଂଚଳ ଗୁଡ଼ିକରେ କେବଳ ଗୋଳମାଳ ନୁହେଁ, ବହୁଲୋକଙ୍କ ଜୀବନହାନି ହେବା ଏକ ସାଧାରଣ ଘଟଣା। ମାତ୍ର ଏ ନିର୍ବାଚନ ତା'ର ଏକ ବ୍ୟତିକ୍ରମ। ତାହାହିଁ ଟି.ଏନ. ଶେଷାନଙ୍କ କୃତିତ୍ୱ। Call a spade a spade। ତେଣୁ ଯାହାର ଯାହା କୃତିତ୍ୱ ତାକୁ ଦେବା ଉଚିତ।

ଏହି ପରିପ୍ରେକ୍ଷୀରେ ଆସନ୍ତୁ ଯିବା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ବାଚନ କମିଶନରେ ନିଯୁକ୍ତ ଦୁଇ ସଦସ୍ୟଙ୍କ ପ୍ରସଙ୍ଗକୁ। କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରସିଂହ ରାଓଙ୍କ ଦୁଇ ବଶମ୍ବଦ ବ୍ୟକ୍ତି ଡକ୍ଟର ଏମ୍.ଏସ୍. ଗିଲ୍ ଓ ଜି.ଭି. କୃଷ୍ଣମୂର୍ତ୍ତି। ଏ ଦୁହେଁ ନିଯୁକ୍ତି ପାଇଲେ ଏଭଳି ଏକ ସମୟରେ ଯେତେବେଳେ ଶେଷାନ ଦିଲ୍ଲୀରେ ଅନୁପସ୍ଥିତ ଥିଲେ। ପୁନଶ୍ଚ କୃଷ୍ଣମୂର୍ତ୍ତି ହେଉଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ରାଓଙ୍କର ଜଣେ ଆତ୍ମୀୟ। ଦୁଇ ଅନୁଗତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ଶେଷାନଙ୍କୁ ନିୟନ୍ତ୍ରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ପଥ ବାଛିଥିଲେ, ସୁପ୍ରିମକୋର୍ଟର ଅନ୍ତର୍ବର୍ତ୍ତୀ ରାୟ ତା' ଉପରେ ଦାଉ ସାଧିଲା। ସୁପ୍ରିମକୋର୍ଟର ଏକ ଡିଭିଜନ ବେଞ୍ଚ ତାଙ୍କ ଅନ୍ତର୍ବର୍ତ୍ତୀ ରାୟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ନିର୍ବାଚନ କମିଶନଙ୍କର କାର୍ଯ୍ୟକ୍ରମରେ ବା ସିଦ୍ଧାନ୍ତ ଗ୍ରହଣ କ୍ଷେତ୍ରରେ ପୂର୍ଣ୍ଣ ନିୟନ୍ତ୍ରଣ ରହିବ ମୁଖ୍ୟ ନିର୍ବାଚନ କମିଶନରଙ୍କ। ଅନ୍ୟ ଦୁଇ କମିଶନ ସଦସ୍ୟଙ୍କ ସହ ମୁଖ୍ୟ କମିଶନର ପରାମର୍ଶ କରିପାରନ୍ତି; କିନ୍ତୁ ସିଦ୍ଧାନ୍ତ ଗ୍ରହଣ କ୍ଷେତ୍ରରେ କେବଳ ମୁଖ୍ୟ ନିର୍ବାଚନ

Digitized by srujanika@gmail.com

କମିଶନରଙ୍କ କର୍ତ୍ତୃତ୍ୱ ରହିବ। ସୁପ୍ରିମକୋର୍ଟଙ୍କର ଏହି ରାୟ ପରେ ତକ୍କର ଗିଲ୍ ଛୁଟିରେ ଯାଇଛନ୍ତି। କିନ୍ତୁ କୃଷ୍ଣମୂର୍ତ୍ତି ମାଟି କାମୁଡ଼ି ପଡ଼ିରହିଛନ୍ତି। ନିର୍ବାଚନ କମିଶନରଙ୍କୁ ତିନି ସଦସ୍ୟ ବିଶିଷ୍ଟ କରିବା ଦାବି ଅନେକ ନେତା କରିଥିଲେ। ଖୋଲାମନରେ ବିଚାର କଲେ ଏ ଦାବି ଅଯୌକ୍ତିକ ନୁହେଁ। କାରଣ ଭାରତ ଭଳି ଏକ ବିରାଟ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ବିଶେଷ କରି ନିର୍ବାଚନ ପରିଚାଳନା ପାଇଁ ଏକ ପରିଷ୍କାର ନୀତି ଗ୍ରହଣ କ୍ଷେତ୍ରରେ ତିନିଜଣିଆ କମିଶନର ଆବଶ୍ୟକତା ରହିଛି। ମାତ୍ର ଯେଉଁ ଉପାୟରେ କେନ୍ଦ୍ର ସରକାର ଅଧ୍ୟାଦେଶ ବଳରେ ଏହା ଲାଗୁକଲେ, ସେଥିରେ ନିର୍ଦ୍ଦିଷ୍ଟ ଅଭିସନ୍ଧି ଯେ ପରିସ୍ଫୁଟ, ଏହା ଯେ କେହି ନିର୍ବୋଧ୍ୟ ବ୍ୟକ୍ତି ମଧ୍ୟ କହିପାରିବ। ଶେଷାନଙ୍କ ଲଗାମ ଧରିବା ପାଇଁ କେନ୍ଦ୍ର ସରକାରଙ୍କ ଏ ପ୍ରସ୍ତାବକୁ ଶେଷାନ ଚାଲେଞ୍ଜ କଲେ ସୁପ୍ରିମକୋର୍ଟରେ। ଶେଷାନ ତା'ର ସୁଫଳ ପାଇଲେ।

ଏହି ନିବନ୍ଧର ଉଦ୍ଦେଶ୍ୟ ନୁହେଁ କେବଳ ଶେଷାନଙ୍କ ପ୍ରଶଂସା। ଲେଖିବାବେଳେ ଆପେ ଆପେ କେତେବେଳେ ଏହା ଆସିଯାଉଛି। ଶେଷାନ ସମ୍ପ୍ରତି ଦିଲ୍ଲୀରୁ ପ୍ରକାଶିତ 'ପାୟୋନିୟର' ଦୈନିକ ଇଂରାଜୀ ସମ୍ବାଦପତ୍ରରେ ସରକାରୀ କର୍ମଚାରୀମାନଙ୍କ ସମ୍ପର୍କରେ ଅତି କଟୁ ମନ୍ତବ୍ୟ ପ୍ରଦାନ କରିଛନ୍ତି। ତାଙ୍କ ମତରେ ଏ ଦେଶର ଅମଲାମାନେ ମାର୍ଜିତ ପତିତା ବ୍ୟତୀତ ଆଉ କିଛି ନୁହନ୍ତି। ଦେଶର ବ୍ୟୁରୋକ୍ରାଟ୍‌ମାନଙ୍କ ଉଦ୍ଦେଶ୍ୟରେ ସେ ପୁଣି କହିଛନ୍ତି, ଏମାନଙ୍କ ମଧ୍ୟରୁ ଶତକଡ଼ା ୯୮ ଶତାଂଶ ଦୁର୍ନୀତିଗ୍ରସ୍ତ। ଏମାନେ ସମସ୍ତେ ଯେ ଲାଞ୍ଚ ବା ଘୁଷ ନିଅନ୍ତି, ତା' ନୁହେଁ। କିନ୍ତୁ ଅଧିକାଂଶ ନୈତିକତା ଦୃଷ୍ଟିରୁ ଦୁର୍ନୀତିଗ୍ରସ୍ତ। କାରଣ ଏମାନେ ମନ୍ତ୍ରୀ ରାଜନୀତିକ ନେତା ବା ସେଇ ଧରଣର ବ୍ୟକ୍ତିଙ୍କର ଭୁଲ କଥାକୁ ମଧ୍ୟ ବିରୋଧ କରନ୍ତି ନାହିଁ। ସେ ପୁଣି କହିଛନ୍ତି, ସଚିବ ପର୍ଯ୍ୟାୟରେ ଟଙ୍କା ପଇସା ବ୍ୟାପାରରେ ଦୁର୍ନୀତିଗ୍ରସ୍ତ ଅନେକ ଅଫିସରଙ୍କୁ ଜାଣନ୍ତି। ତେବେ ସେମାନଙ୍କ ସଂଖ୍ୟା ମୋଟ ଆଇ.ଏ.ଏସ. ଅଫିସରଙ୍କ ମଧ୍ୟରେ ଖୁବ୍ ବେଶୀ ୨୦ ଶତାଂଶ ହେବ।

ଗତ ଶନିବାର ୨୬ ନଭେମ୍ବର ଦିନ ଦୂରଦର୍ଶନ ନିର୍ବାଚନ ବିଶ୍ଳେଷଣ ସମୟରେ ପ୍ରଣୟ ରାୟ ଓ ବିନୋଦ ଦୁଆଙ୍କ ପ୍ରଶ୍ନର ଉତ୍ତର ଦେଇ ଶେଷାନ କହିଲେ, ନିରାପତ୍ତା ବ୍ୟବସ୍ଥାର ଯଥେଷ୍ଟ ଉନ୍ନତି ହୋଇଥିବା ଯୋଗୁଁ ଦିଲ୍ଲୀ ଓ ଅନ୍ୟ ଚାରୋଟି ରାଜ୍ୟରେ ନିର୍ବାଚନରେ ଏତେ ବେଶୀ ସଂଖ୍ୟାରେ ଲୋକେ ଭୋଟ ଦେଇପାରିଛନ୍ତି। ଗୋଟିଏ ଦିନରେ ସମଗ୍ର ଦେଶରେ ନିର୍ବାଚନ ହୋଇପାରିବ। ମାତ୍ର ନିରାପତ୍ତା ବ୍ୟବସ୍ଥା ହୋଇପାରିବ କି ? ଲୋକେ ନିଜକୁ ନିରାପଦ ମନେନକଲେ

Digitized by srujanika@gmail.com

ଭୋଟ ଦେବାକୁ ଆସିବେ ନାହିଁ। ତେଣୁ ନିର୍ବାଚନ ଏହିଭଳି ବିଭିନ୍ନ ଦିନମାନଙ୍କରେ କରିବା ପାଇଁ ସେ ସିଦ୍ଧାନ୍ତ ନେଇଥିଲେ।

ଷ୍ଟେଟ୍‌ସମ୍ୟାନ୍ ସମ୍ବାଦପତ୍ର ତାଙ୍କର ନଭେମ୍ବର ୨୬ ତାରିଖ ସମ୍ପାଦକୀୟ ଟିପ୍ପଣୀରେ ଶେଷାନ ଓ ବର୍ତ୍ତମାନର ଶାସକମାନଙ୍କର ଦଳୀୟ ରାଜନୀତି ସମ୍ପର୍କରେ ଏକ ଚମତ୍କାର ମନ୍ତବ୍ୟ ଦେଇଛନ୍ତି। ଏଥିରେ କୁହାଯାଇଛି, କଂଗ୍ରେସ ଦଳ କେନ୍ଦ୍ରରେ ଯେପରି ଦଳୀୟ ଭିତ୍ତିରେ ସମସ୍ତ ବିଷୟରେ ବିଚାର କରୁଛନ୍ତି, ଠିକ୍ ସେହିପରି ଚିନ୍ତାଧାରା ନେଇ କେତେଗୁଡ଼ିଏ ବ୍ୟକ୍ତିଙ୍କୁ ରାଜ୍ୟପାଳ କରି ପଠାଇଛନ୍ତି। ଏହି ବ୍ୟକ୍ତିମାନଙ୍କ ନିକଟରୁ ନିରପେକ୍ଷତା ଆଶା କରିବା ନିରର୍ଥକ। ସମ୍ପୃକ୍ତ ରାଜ୍ୟର କଂଗ୍ରେସ ନେତାମାନଙ୍କ ଖୁସି ଖିଆଲ ଅନୁସାରେ ଏହି ରାଜ୍ୟପାଳମାନେ ଶାସନ କରନ୍ତି। ଏଭଳି କ୍ଷେତ୍ରରେ ଟି.ଏନ. ଶେଷାନଙ୍କ ଭଳି ନିରପେକ୍ଷ ଓ ଟାଣୁଆ ଅଫିସର ଏବଂ ସାତ୍‌ନା (ମଧ୍ୟପ୍ରଦେଶ)ର ଜିଲ୍ଲାପାଳଙ୍କ ଭଳି ନିର୍ଭୀକ ଅଫିସରଙ୍କର ଆବଶ୍ୟକତା ଏବେ ଅଧିକରୁ ଅଧିକ ଅନୁଭୂତ ହେଉଛି। ନାଗରିକମାନେ ଏଭଳି ସଚ୍ଚୋଟ ଅଫିସରମାନଙ୍କ ନିରାପତ୍ତା ଯେପରି ବ୍ୟାହତ ନହୁଏ ସେ ଦିଗରେ ଦୃଷ୍ଟି ରଖିବା ସର୍ବାଦୌ କର୍ତ୍ତବ୍ୟ। ଶାସକ ଦଳ ଯେଉଁଭଳି ଭାବେ ନିଜ ଦଳର କେତେକ ବ୍ୟକ୍ତିଙ୍କୁ ରାଜ୍ୟପାଳ ନିଯୁକ୍ତି କରୁଛନ୍ତି, ତାହା ଏହି ପଦବୀର ମର୍ଯ୍ୟାଦାକୁ ପଦାନତ କରିଦେଉଛି। ଯେଉଁଠି ଏଭଳି କାର୍ଯ୍ୟ ହେଉଛି, ସେହି ସରକାରଙ୍କୁ ସମ୍ବିଧାନର ନିର୍ଦ୍ଦେଶ ସଂପର୍କରେ ବୁଝାଇଦେବା କେବଳ ବୋକାମି ଛଡ଼ା ଆଉ କ'ଣ ହୋଇପାରେ ?

କ୍ଷମତାର ନିଶା ଅତି ଅଦ୍ଭୁତ ଓ ମାରାତ୍ମକ। ସଚରାଚର ଯାହାଙ୍କୁ ଆମେ ଜଣେ ଜାତୀୟ ସ୍ତରର ନେତା, ଜନପ୍ରିୟ ଓ ସଚ୍ଚୋଟ ବ୍ୟକ୍ତି ବୋଲି ଭାବୁ ବା ବିଚାର କରୁ, କ୍ଷମତା ଲାଭ ପାଇଁ ତାଙ୍କର ବ୍ୟଗ୍ରତା, ବ୍ୟାକୁଳତା ଓ ହିଂସ୍ର ମନୋଭାବ ଦେଖିଲେ ସ୍ୱତଃ ମନରେ ଆସେ ଏମାନଙ୍କ ନିକଟରୁ ନିରପେକ୍ଷତା ଆଶା କରାଯିବ କିପରି ? ପକ୍ଷପାତିତ୍ୱ ଏବେ ଜାତୀୟ ନୀତିରେ ପରିଣତ ହୋଇଗଲାଣି। ଶାସନରେ ଥିବା ବ୍ୟକ୍ତି ବା ବ୍ୟକ୍ତିବିଶେଷ ଓ ବିରୋଧୀଦଳରେ ଥିବା ଦଳ ବା ବ୍ୟକ୍ତି ସମସ୍ତେ ଏ ଦୋଷଦୁଷ୍ଟ। ତେଣୁ ଅନ୍ୟାୟ-ଅନୀତିକୁ ଧରି ମାଡ଼ି ଚାଲିଥିବା ଏ ଗାଡ଼ି ଯେତେବେଳେ ସମ୍ମୁଖରେ କୌଣସି ବାଧା ପାଏ, ତାହାକୁ ଭାଙ୍ଗିଦେବା ପାଇଁ ଉଦ୍ୟମ କରେ। ଆଜି ଏ ଦେଶରେ ଠିକ୍ ସେହି ଅବସ୍ଥା ସୃଷ୍ଟି ହୋଇଛି।

ଟି.ଏନ. ଶେଷାନ୍ ଏବେ ସେହି ଲୌହ ପ୍ରାଚୀରର ଭୂମିକା ନେଇଛନ୍ତି। ଏ ଦେଶରେ ଅଗଣିତ ନରନାରୀ ଆଜି ଯାହା ମନେମନେ ଚିନ୍ତା କରୁଥିଲେ,

Digitized by srujanika@gmail.com

ତାକୁ ରୂପ ଦେବାପାଇଁ ଶେଷାନ ଉଦ୍ୟମ କରୁଛନ୍ତି। ନିର୍ବାଚନ ଫଳାଫଳ ବିଶ୍ଳେଷଣ ସମୟରେ ତାଙ୍କର ବକ୍ତବ୍ୟ ବାସ୍ତବରେ ପ୍ରଣିଧାନଯୋଗ୍ୟ। ସେ କହିଥିଲେ ଦେଶରେ ୫୮ କୋଟି ଭୋଟରଙ୍କ ଆଶା-ବିଶ୍ୱାସର ପ୍ରତୀକ ହେଉଛି ନିର୍ବାଚନ। ଏହି ନିର୍ବାଚନ ଯଦି ମୁକ୍ତ ଓ ନିରପେକ୍ଷ ନହୁଏ, ତେବେ ମୁଁ ଏମାନଙ୍କୁ କି ଜବାବ ଦେବି? ମୁଁ ମୋ ଆତ୍ମାକୁ, ମୋ ବିବେକକୁ କି ଜବାବ ଦେବି? କିନ୍ତୁ ଶେଷାନ ଭୁଲିଗଲେ ଏ ଦେଶରେ ଏଭଳି ଦଳେ ବ୍ୟକ୍ତି ଅଛନ୍ତି; ଯେଉଁମାନେ ଆତ୍ମା, ବିବେକ ଓ ୫୮ କୋଟି ଭୋଟରଙ୍କ ଅପେକ୍ଷା ବେଶୀ ପସନ୍ଦ କରନ୍ତି କ୍ଷମତାର ଅନ୍ଧଗଳିକୁ। ତେଣୁ ଅନ୍ଧକାର ଭିତରର ଏହି ଜୀବମାନେ କେତେବେଳେ ଶେଷାନଙ୍କ ଭଳି ଆଲୋକସ୍ତମ୍ଭକୁ ନିର୍ବାପିତ କରିଦେବା ପାଇଁ ଯେ ଆଗେଇ ନଆସିବେ, ତା' କିଏ କହିବ?

ତା ୭.୧୨.୯୩

•

Digitized by srujanika@gmail.com

# କଳିଙ୍ଗେଶ୍ୱରଙ୍କ ଖମାର ବାଡ଼ି...

ଧୀରେ ଧୀରେ ଓଡ଼ିଶାରେ ନିର୍ବାଚନ ହାୱା ବୋହିବାକୁ ଆରମ୍ଭ କଲାଣି। ନିର୍ବାଚନ କମିଶନର ହିସାବ ଅନୁସାରେ ୧୯୯୫ ମାର୍ଚ୍ଚ ୧୭ ତାରିଖ ମଧ୍ୟରେ ଓଡ଼ିଶାରେ ନିର୍ବାଚନ ଶେଷ ହେବ। ତେଣୁ ୧୯୯୪ ସାଲର ଶେଷ ଦୁଇମାସକୁ ଲୋକେ ନିର୍ବାଚନର ପରିଧିଭୁକ୍ତ କରିଦେଇସାରିଲେଣି। ବାଦ-ପ୍ରତିବାଦ, ଯୁକ୍ତିତର୍କ, ମିଶାଣ ଫେଡ଼ାଣ ସବୁକିଛି ଆରମ୍ଭ ହୋଇଯାଇଛି। ଆରମ୍ଭ ହୋଇଗଲାଣି ବୁଲାବୁଲି ଓ ଗୋହି ଖୋଳାଖୋଳି। ଆରମ୍ଭ ହୋଇଗଲାଣି ସ୍ତାବକତା ଓ ବିରୋଧିତା। ସବୁ ମିଶି ନିର୍ବାଚନ ନିର୍ବାଚନ ଭାବ। ଅଦ୍ଭୁତ ଗୋଟାଏ ଶିହରଣ।

ଓଡ଼ିଶା ନିର୍ବାଚନ ହେଉଛି ପଟ୍ଟନାୟକ ବନାମ ପଟ୍ଟନାୟକ। କଂଗ୍ରେସ ବନାମ ଜନତା। ଆଉ ସବୁ ଯେତେ ଖୁଚୁରା ପଇସା। ଗତ ୧୮/୨୦ ବର୍ଷ ଧରି ଏ ଖେଳ ଚାଲିଛି। ୧୯୭୭ରୁ ୧୯୯୦ ନିର୍ବାଚନ ପର୍ଯ୍ୟନ୍ତ ଓଡ଼ିଶାରେ ଯେଉଁ ୪ ଥର ନିର୍ବାଚନ ହୋଇଛି, ତାହା କେବଳ ହାୱା ଭିତ୍ତିକ। ଯାହା ଆଡ଼େ ହାୱା ସେହି ସରକାର କଲା। ୧୯୭୭ରେ ଜନତାପାର୍ଟି ପାଇଁ, ୧୯୮୦ରେ କଂଗ୍ରେସ, ୧୯୮୫ରେ କଂଗ୍ରେସ ଏବଂ ୧୯୯୦ରେ ଜନତାଦଳ ପାଇଁ ପ୍ରବଳ ହାୱା ବୋହୁଥିଲା। ଯାହା ସପକ୍ଷରେ ହାୱା ସେ ମାଲାମାଲ ହେଲାବେଳକୁ ବିରୋଧୀଦଳ ପୂରାପୂରି ଫାଙ୍କା ହୋଇଯାଉଥିଲେ। ଏପରିକି ୧୯୮୦ ଓ ୧୯୯୦ରେ ସ୍ୱୀକୃତ ବିରୋଧୀଦଳ ନେତା ପଦ ମଧ୍ୟ ରହିଲା ନାହିଁ। ବିରୋଧୀଦଳ ପଦା ହୋଇଯିବା ଫଳରେ ସରକାର ଲଗାମଛଡ଼ା ହୋଇଗଲେ। ଫଳସ୍ୱରୂପ ନିର୍ବାଚନବେଳେ ଯେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଆସିଥିଲେ, ଗୋଟିଏ ହେଲେ ପୂରା କରିପାରିଲେ ନାହିଁ।

ଏହି ପ୍ରେକ୍ଷାପଟ୍ଟରେ ଏଥର ଅର୍ଥାତ୍ ୧୯୯୫ ସାଲର ନିର୍ବାଚନ ଏବଂ ତା'ର ଫଳାଫଳ କ'ଣ ହେବ, ସେ ସଂପର୍କରେ ଆଜିଠୁଁ ଚିନ୍ତା ଭାବନା ଆରମ୍ଭ ହୋଇଯିବା ସ୍ୱାଭାବିକ ଘଟଣା। ୧୯୯୫ ସାଲରେ ଓଡ଼ିଶା ବିଧାନସଭା ପାଇଁ ଯେଉଁ ନିର୍ବାଚନ ହେବ, ସେଥିରେ କିଏ ଆସିବ ବା ସରକାର ଗଢ଼ିବ, ସେ ସଂପର୍କରେ କେହି କୌଣସି ସ୍ପଷ୍ଟ ମତ ଦେଇନାହାନ୍ତି। ଭୋଟରମାନେ ବର୍ତ୍ତମାନ ମୁହଁ ଖୋଲିବା ଆରମ୍ଭ କରିନାହାନ୍ତି। ତେବେ ଏ କଥା ସ୍ପଷ୍ଟ ହୋଇଯାଇଛି

Digitized by srujanika@gmail.com

ଲୋକେ କୌଣସି ଦଳର ପ୍ରତିଶ୍ରୁତିରେ ଆଉ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। କାରଣ ସେମାନେ ଭଲଭାବେ ଜାଣନ୍ତି ଏ ପ୍ରତିଶ୍ରୁତି ସବୁ ହେଉଛି ପାଣିର ଗାର। ଶାସନକୁ ଯିବାପରେ ନିର୍ବାଚନ ବେଳର ଏହି ଜନସେବକମାନେ ଜନତାଙ୍କ ପ୍ରଭୁ ବନିଯାଆନ୍ତି। ଜନତାଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ଭୁଲିଯାଆନ୍ତି। ଚରମ ବିଳାସ ବ୍ୟସନରେ ନିଜର ସମୟ ଅତିବାହିତ କରନ୍ତି। ଯେଉଁମାନଙ୍କୁ ନେହୁରା ହୋଇ ଗୋଡ଼ହାତ ଧରି ଏମାନେ ଭୋଟ ନିଅନ୍ତି, ନିର୍ବାଚନ ପରେ ସେମାନଙ୍କୁ ଅଇଁଠା ପତ୍ର ଭଳି ଫିଙ୍ଗି ଦିଅନ୍ତି।

ଏଇ ଯେମିତି ବିଜୁବାବୁ, ୧୮ ଦଫା କାର୍ଯ୍ୟକ୍ରମ ନେଇ ୧୯୯୦ ସାଲରେ ନିର୍ବାଚନ ପ୍ରଚାରରେ ମାତ୍ କଲେ। ଲୋକେ କଂଗ୍ରେସର ୧୦ ବର୍ଷର ଶାସନରେ ବିରକ୍ତ ଥିଲେ। ସେହି ବିରକ୍ତି ବିଜୁବାବୁଙ୍କ ଅଣ୍ଟିରେ ଆଶୀର୍ବାଦ ହୋଇ ଝରିପଡ଼ିଲା। ବିଜୁବାବୁ ଶାସନକୁ ଆସିବା ପରେ ୧୮ ଦଫା କାର୍ଯ୍ୟକ୍ରମକୁ ପୂରାପୂରି ଭୁଲିଗଲେ। ନିର୍ବାଚନରେ ତାଙ୍କ ସଙ୍ଗୀ ସି.ପି.ଆଇ./ ସି.ପି.ଆଇ.(ଏମ୍) ବାରମ୍ବାର ତାଙ୍କୁ ୧୮ ଦଫା କାର୍ଯ୍ୟକ୍ରମ ସମ୍ପର୍କରେ ଯେତେ ମନେପକାଇଲେ ମଧ୍ୟ ରାଜା ଦୁଷ୍ମନ୍ତଙ୍କ ଭଳି ସେ ସବୁ ଭୁଲିଗଲେ। ନିର୍ବାଚନରେ ସେ ଏପରି କିଛି କହିଥିଲେ ବୋଲି ତାଙ୍କର ସ୍ମରଣ ମଧ୍ୟ ରହିଲା ନାହିଁ। ସି.ପି.ଆଇ. ଓ ସି.ପି.ଆଇ.(ଏମ୍) ଦୁଇଦଳ ତାଙ୍କର ପାଖେ ପାଖେ, ସେକଥା ମଧ୍ୟ ସେ ପାସୋରି ପକାଇଲେ। ଶକୁନ୍ତଳାଙ୍କ ଭଳି ଏ ଦଳ ଦୁଇଟି ଏବେ ମଧ୍ୟ ମନେମନେ ବିଜୁବାବୁଙ୍କୁ ଝୁରି ହେଉଛନ୍ତି। କିନ୍ତୁ ବିଜୁବାବୁ ନିର୍ବିକାର। ସମ୍ଭବତଃ ସେ ନିଜେ ନିର୍ବାଚନର ସମ୍ଭାବ୍ୟ ପରିଣାମ ସମ୍ପର୍କରେ ଏକପ୍ରକାର ନିଶ୍ଚିତ ହୋଇସାରିଲେଣି। ତେଣୁ ଅଯଥା ଏ ଦୁଇ ଦଳକୁ ସାଙ୍ଗରେ ନେଇ ମୋଟା ଟଙ୍କା ଦେଇ ନିର୍ବାଚନ ଲଢ଼ିବାର କୌଣସି ମାନେନାହିଁ ବୋଲି ସେ ମନେକରନ୍ତି। ଅବଶ୍ୟ ଏବେ ଉପରଠାଉରିଆ ଭାବେ ବିଜୁବାବୁ ସମସ୍ତଙ୍କୁ (ଅଣକଂଗ୍ରେସ ଦଳଙ୍କୁ) ଏକ ଆହ୍ୱାନ ଦେଇଛନ୍ତି। କିନ୍ତୁ ଆମର ମନେହୁଏ ତାର କୌଣସି ପ୍ରଭାବ କାହା ଉପରେ ପଡ଼ିନାହିଁ।

ଏଥର ତୃତୀୟ ଶକ୍ତି ରୂପେ ଉଭା ହେବାକୁ ଚେଷ୍ଟା କରୁଛନ୍ତି ସମତାଦଳ ସହ ସମାଜବାଦୀ ଜନତାଦଳ, ଦୁଇ କମ୍ୟୁନିଷ୍ଟ ଦଳ ଏବଂ ଏସ.ୟୁ.ସି.ଆଇ.ଏ. ସମସ୍ତେ ଏବେ ଧୀରେ ଧୀରେ ଏକତ୍ର ହେଉଛନ୍ତି। କିନ୍ତୁ ଲୋକେ ଏମାନଙ୍କୁ କେଉଁ ପରିମାଣରେ ବିଶ୍ୱାସ କରିବେ, ତାହା ଏବେଠୁଁ କହିବା ମୁସ୍କିଲ। ଏମାନେ ପ୍ରତ୍ୟେକେ ଅତୀତରେ ସୁବିଧାବାଦ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସମତା ଓ ସମାଜବାଦୀ ଜନତାଦଳର ନେତାମାନେ ସେମାନଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ସେମାନଙ୍କ ମୂଳଦଳରୁ ତଡ଼ା ଖାଇଛନ୍ତି ବା ବାଧ୍ୟ ହୋଇ ଇସ୍ତଫା

Digitized by srujanika@gmail.com

ଦେଇଛନ୍ତି। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ନିଜ ସୁବିଧା ପାଇଁ କେତେବେଳେ କଂଗ୍ରେସର ଆଉ କେତେବେଳେ ବିଜୁବାବୁଙ୍କ ଦଳର ଷ୍ଟେପିନ୍ ହୋଇ କାର୍ଯ୍ୟ କରିବା କଥା ସମସ୍ତେ ଜାଣନ୍ତି। ଏହି ଦଳର ନେତାମାନେ ଉପରେ ଯାହା କରନ୍ତି, ତଳେ କର୍ମୀମାନେ ଯେ ସଦାବେଳେ ତାହା ସମର୍ଥନ କରନ୍ତି, ତା' ନୁହେଁ- କିନ୍ତୁ ନେତାଙ୍କୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତି। ତେବେ ଏବର୍ଷର ପରିସ୍ଥିତି ମନେହେଉଛି ସାମାନ୍ୟ ଭିନ୍ନ। ସ୍ୱାଧୀନତା ପରଠାରୁ କବିତା, ବନିତା, ଲତା ଭଳି ବ୍ୟବହାର କରୁଥିବା ଏହି ଦଳଗୁଡ଼ିକ ଏବେ ଏକତ୍ରିତ ହୋଇ ନିଜ ଗୋଡ଼ରେ ଠିଆ ହେବାର ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା ବାସ୍ତବ କ୍ଷେତ୍ରରେ ସଫଳ ହେବ କି ନା, ତାହା କେବଳ ସମୟ ହିଁ କହିବ।

୧୯୯୦ରେ ବିଜୁବାବୁ କଂଗ୍ରେସ ବିରୋଧରେ, ଜାନକୀବାବୁଙ୍କ ବିରୋଧରେ ଯାହା କହି ନିର୍ବାଚନ ଲଢୁଥିଲେ, ୧୯୯୫ରେ ତାହା ସଂପୂର୍ଣ୍ଣ ବୁମେରାଂ ହୋଇଯିବ ତାଙ୍କ ପାଇଁ। ୧୯୯୦ରେ ତାଙ୍କର ମୁଖ୍ୟ ସ୍ଲୋଗାନ ଥିଲା କଂଗ୍ରେସର କୁଶାସନ, ଜାନକୀ ପଟ୍ଟନାୟକଙ୍କ ଦୁର୍ନୀତି, ଦ୍ୱିତୀୟ ଇସ୍ପାତ କାରଖାନା, ବେକାରମାନଙ୍କୁ ନିଯୁକ୍ତି ଏବଂ ଦୁର୍ନୀତିଗ୍ରସ୍ତ କଂଗ୍ରେସ ମନ୍ତ୍ରୀ ଓ ଅମଲାମାନଙ୍କର ସମ୍ପତ୍ତି ବାଜ୍ୟାପ୍ତି। ବିଜୁବାବୁଙ୍କ କଥାକୁ ଅନେକେ ବିଶ୍ୱାସ କରିଥିଲେ। ତା'ର ଫଳସ୍ୱରୂପ ତାଙ୍କର ପ୍ରାର୍ଥୀମାନଙ୍କୁ ଲୋକେ ଭୋଟ ଦେଇଥିଲେ। ବିଜୁବାବୁ ତାଙ୍କର ନିୟମିତ ଅଢ଼େଇ ବର୍ଷିଆ ରେକର୍ଡକୁ ଭାଙ୍ଗି ଏଥର ପୂରା ପାଞ୍ଚବର୍ଷ ରହିଲେ। ମାତ୍ର ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ଗୋଟିଏ ହେଲେ ରକ୍ଷାକଲେ ନାହିଁ କିମ୍ୱା ରକ୍ଷା କରିବା ପାଇଁ ଯେଉଁ ଉଦ୍ୟମ କରିବା କଥା, ତାହା କଲେନାହିଁ। ଯେଉଁଠି 'ନାଲ୍‌କୋ' ମାତ୍ର ତିନିବର୍ଷ ମଧ୍ୟରେ ୬୦୦ ମେଗାୱାଟର ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପୂର୍ଣ୍ଣ କରିପାରିଲା, ସେଠି ୧୯୮୭ରୁ ଆରମ୍ଭ ହୋଇଥିବା ଇବ୍ ବିଦ୍ୟୁତ୍ ପ୍ରକଳ୍ପର ଗୋଟିଏ ୟୁନିଟ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।

ଠିକ୍ ୧୯୯୦ରେ ଦଶବର୍ଷର କଂଗ୍ରେସ ଶାସନ ବିରୋଧରେ ଲୋକଙ୍କର ଯେଉଁ ବିରକ୍ତି ଭାବ ଆସିଥିଲା, ୧୯୯୫ରେ ଜନତାଦଳ ପ୍ରତି ଅନୁରୂପ ଭାବ ଆସିଛି। ଜନତାଦଳ, ଏହାର ଅଧିକାଂଶ ମନ୍ତ୍ରୀ ଓ ଏମ୍.ଏଲ୍.ଏ. ଏବଂ ସର୍ବୋଚ୍ଚ ନେତା ବିଜୁବାବୁଙ୍କ ବିରୋଧରେ ଆଜି ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି। ଦୁଇବର୍ଷ ତଳେ ତାଙ୍କ ମନ୍ତ୍ରିମଣ୍ଡଳରୁ ବରଖାସ୍ତ ହୋଇଥିବା ଅନ୍ୟତମ ବରିଷ୍ଠ ମନ୍ତ୍ରୀ ଜଗନ୍ନାଥ ମଲ୍ଲିକ ଏବେ ତାଙ୍କ ବିରୋଧରେ ଯେଉଁ ଗୁରୁତର ଅଭିଯୋଗ କରିଛନ୍ତି, ତାକୁ ଗିଳିପାରୁନାହାନ୍ତି କିମ୍ୱା ଉଦ୍‌ଗାରି ପାରୁନାହାନ୍ତି। କଂଗ୍ରେସ ପାଇଁ ଏହା ଏକ ମୂଲ୍ୟବାନ୍ ସ୍ଲୋଗାନ ହେବ। ତେବେ ବିଜୁବାବୁ ଅନେକ ସମୟରେ ଏଭଳି କାମ କରନ୍ତି, ଯାହା ତାଙ୍କର ସାଧୁତା ସଂପର୍କରେ ଲୋକଙ୍କୁ ସନ୍ଦିହାନ

Digitized by srujanika@gmail.com

କରିପକାଏ। ଏଇ ଯେମିତି ବିଜୁବାବୁ ବିରୋଧୀଦଳ ନେତା ଥିବାବେଳେ ସରକାରଙ୍କ ଠାରୁ ତାଙ୍କ ଦରମା ଭତ୍ତା ନେଉଥିବାବେଳେ, ବିଧାନସଭା ଅଧିବେଶନ ବେଳର ଦୈନିକ ଭତ୍ତା, କମିଟିର ମିଟିଂରେ ଯୋଗଦେବାର ଦୈନିକ ଭତ୍ତା ଆଦି ସମସ୍ତ ଅର୍ଥ କଡ଼ାଗଣ୍ଡା ଆକାରରେ ବୁଝିନେଉଥିଲେ। ସେତେବେଳେ ବିଜୁବାବୁଙ୍କ ଦରମା ଭତ୍ତାର ପରିମାଣ ମୁଖ୍ୟମନ୍ତ୍ରୀ ପାଉଥିବା ଦରମା ଅପେକ୍ଷା ଅଧିକ ଥିଲା। ମଝିରେ ବିଜୁବାବୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆମେରିକା ଗସ୍ତରେ ଯିବା ଲାଗି ସରକାରଙ୍କୁ ଯାତାୟାତ ଖର୍ଚ୍ଚ ମାଗିଥିଲେ। ସେତେବେଳେ ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ବୁଝିପାରିଥିଲେ, ବିଜୁବାବୁ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛନ୍ତି। କିନ୍ତୁ ଏ କ'ଣ ? ହଠାତ୍ କଳିଙ୍ଗେଶ୍ୱର ଏତେ ସମ୍ପତ୍ତି ଲାଭ କଲେ କେଉଁଠୁ ଓ କିପରି ? ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଗଲାପରେ ସେ ମାତ୍ର ଗୋଟିଏ ଟଙ୍କା ଦରମା ନେଲେ। ବିରୋଧୀଦଳ ନେତା ଥିବାବେଳେ ଯେଉଁ ବ୍ୟକ୍ତି ଦରମା ଭତ୍ତା ସବୁ କିଛି ନେଉଥିଲେ, ସେ ମୁଖ୍ୟମନ୍ତ୍ରୀ ହେବାପରେ ଗୋଟିଏ ଟଙ୍କା ନେଇ ତାଙ୍କ ଗୁଜରାଣ ମେଣ୍ଟାଉଛନ୍ତି କିପରି ? ବିଜୁବାବୁଙ୍କର ଏହି ଦ୍ୱୈତ ବ୍ୟକ୍ତିତ୍ୱ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଏ। ତାଙ୍କର କର୍ମୀମାନେ ଦ୍ୱିଧାରେ ପଡ଼ନ୍ତି। ଘଟଣା କ'ଣ ବୁଝିପାରନ୍ତି ନାହିଁ। ଏହା ସାଙ୍ଗେ ସାଙ୍ଗେ ବିଜୁବାବୁ ବିଭିନ୍ନ ଅନୁଷ୍ଠାନକୁ ଲକ୍ଷ ଲକ୍ଷ ଟଙ୍କା ତାଙ୍କ ନିଜ ପାଣ୍ଠିରୁ ଦାନ କରନ୍ତି। ଏ ଟଙ୍କା ତାଙ୍କ ନିଜସ୍ୱ ପାଣ୍ଠିକୁ ଆସେ କେଉଁଠୁ ? ତାଙ୍କ ସ୍ୱଉପାର୍ଜିତ ନା ଅନ୍ୟ କେଉଁ ସୂତ୍ରରୁ ଆନୀତ ? 'ନ୍ୟୁଜ' ସମ୍ବାଦସଂସ୍ଥା ଦ୍ୱାରା ପରିବେଷିତ ଏକ ସମ୍ବାଦ ଗତ କିଛିମାସ ତଳେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା। ଏହି ସମ୍ବାଦରେ ବିଜୁବାବୁଙ୍କର ବାପୁଜୀ ନଗର ଆହ୍ଲାବାଦ ବ୍ୟାଙ୍କରେ ଥିବା ଦୁଇଟି ଆକାଉଣ୍ଟର ନମ୍ବର ଦିଆଯାଇ ଗୋଟିଏ ଆକାଉଣ୍ଟରେ ୫୭ ଲକ୍ଷ ଟଙ୍କା ଏବଂ ଅନ୍ୟ ଆକାଉଣ୍ଟରେ ୩୬ ଲକ୍ଷ ଟଙ୍କା ଥିବା କଥା ଉଲ୍ଲେଖ କରାଯାଇଥିଲା। ୩୬ ଲକ୍ଷ ଟଙ୍କା ମଧ୍ୟରୁ ୧୪ ଲକ୍ଷ ଟଙ୍କା ଇଣ୍ଡୋନେସିଆର ବାଲି ଦ୍ୱୀପରେ ଉତ୍କଳୀୟ ସଂସ୍କୃତିର ପ୍ରଚାର ପାଇଁ ଯାଇଥିବା ଦଳ ପାଇଁ ବ୍ୟୟ ହୋଇଥିଲା। ଏହି ସମ୍ବାଦ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୌଣସି ପ୍ରତିବାଦ କରାଯାଇ ନଥିଲା। ତେଣୁ ସମ୍ବାଦର ସତ୍ୟତା ସଂପର୍କରେ ସନ୍ଦେହ ନରହିବା ଉଚିତ। କିନ୍ତୁ ଯେତେବେଳେ ଏଭଳି ଏକ ସମ୍ବାଦ ପ୍ରକାଶ ପାଇଲା, ସେତେବେଳେ କେହି ଏହା ଉପରେ କୌଣସି ଗୁରୁତ୍ୱ ନଦେବା ଯେତିକି ବିସ୍ମୟକର, ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ କିମ୍ବା ନିଜେ ବିଜୁ ପଟ୍ଟନାୟକ ପ୍ରତିବାଦ ନ କରିବା ଅନୁରୂପ ବିସ୍ମୟକର।

ବିଜୁବାବୁଙ୍କର ନେତୃତ୍ୱ ନେବାରେ ଏକ ସହଜାତ ଗୁଣ ଅଛି। ତା' ନହେଲେ ଦିଲ୍ଲୀରେ ରହୁଥିବା ବିଜୁବାବୁ ଓଡ଼ିଶାର ଏକାଙ୍ଗ ଚକ୍ରବର୍ତ୍ତୀ କିପରି

Digitized by srujanika@gmail.com

ହୋଇଥାନ୍ତେ ? ଆମେ ଓଡ଼ିଆଏ ତାଙ୍କୁ ଆମର ସବୁକିଛି ବୋଲି ଧରିନେଇଛୁ। ନବ ଚୌଧୁରୀ, ମହତାବ, ବିରେନ ମିତ୍ର, ନନ୍ଦିନୀ ଶତପଥୀ, ନୀଳମଣି ରାଉତରାୟ ବା ଜାନକୀ ପଟ୍ଟନାୟକ ଯାହା କଲେ ବା ଯାହା ହେଲେ ଓଡ଼ିଶାର ଲୋକ। ଏହି ଓଡ଼ିଶାରେ ରହିବେ। କାରଣ ଓଡ଼ିଶାକୁ ଛାଡ଼ି ସେମାନେ ଆଉ କୁଆଡ଼େ ଯିବାର ସମ୍ଭାବନା ନାହିଁ। କାରଣ ଏମାନେ ସମସ୍ତେ ଓଡ଼ିଆ। ଏମାନଙ୍କ ପରିବାର ଏଇଠି। ଏମାନଙ୍କ ଭାଇ ଭଗାରି ସମସ୍ତେ ଏଇଠି ଅଛନ୍ତି। ଏମାନଙ୍କ ପିଲାଛୁଆ ସମସ୍ତେ ଏଇଠି। ନବବାବୁ, ମହତାବ ବାବୁ, ବିରେନଦା ସମସ୍ତେ ଏଇଠି ସ୍ୱର୍ଗାରୋହଣ କଲେ। ମାଳତୀଦେବୀ, ଇଶ୍ୱରୀମା ମିତ୍ର ସମସ୍ତେ ଏଇଠି ଅଛନ୍ତି।

କିନ୍ତୁ ବିଜୁବାବୁ ? ଜନ୍ମ ସୂତ୍ରରେ ସେ ଓଡ଼ିଆ। ଓଡ଼ିଆଙ୍କ ସହ ସେ ଏକ ବାହ୍ୟ ଭାବପ୍ରବଣ ସମ୍ପର୍କ ଅନେକ ଦିନରୁ ଗଢ଼ି ସାରିଛନ୍ତି। ମନପ୍ରାଣରେ କିନ୍ତୁ ସେ କ'ଣ ଓଡ଼ିଆ ? ତାଙ୍କ ପରିବାର ରୁହନ୍ତି ବାହାରେ। କାମ ନଥିଲେ ସେ ମଧ୍ୟ ରୁହନ୍ତି ଦିଲ୍ଲୀରେ। ଆଦ୍ୟ ଯୌବନରେ ପାଇଲଟ ରୂପେ କାର୍ଯ୍ୟ କରିବା ପରେ ସ୍ୱାଧୀନତାର ପ୍ରାକ୍ କାଳରେ ଓଡ଼ିଶାରେ ଗଢ଼ିଲେ ଶିଳ୍ପ କାରଖାନା। ମାତ୍ର କ୍ଷମତା ରାଜନୀତିରେ ଯୋଗଦେବା ପରେ ତାଙ୍କ ସଂସ୍ଥା ସବୁ ବିକ୍ରି କରି ଓଡ଼ିଶା ବାହାରେ ପୁଣି ନୂଆକରି ନିଜ ପରିବାର ନାମରେ ଶିଳ୍ପ କାରଖାନା ଗଢ଼ିଲେ। ପରେ ପରେ ଓଡ଼ିଶା ହୋଇଗଲା ତାଙ୍କର ଖମାର ବାଡ଼ି। ରାଜନୀତିକ ଫସଲ ଯେଉଁଥର ଭଲ ହେଲା, ତାକୁ ବିକି ଭାଙ୍ଗି ଟଙ୍କା ନେଇ ବାହାରେ ରଖିଲେ। ଆମେ ଯେଉଁମାନେ ଭାବପ୍ରବଣତାର ଶିକାର ହୋଇ କଳିଙ୍ଗେଶ୍ୱରଙ୍କ ବାନା ଧରି ଜୟଗାନ କରି ଚାଲିଲୁ, ପାଇଲୁ କ'ଣ ? ଦ୍ୱିତୀୟ ଇସ୍ପାତ କାରଖାନା ବା ତାପଜ ବିଦ୍ୟୁତ୍ କେନ୍ଦ୍ର ନା ଶିଳ୍ପୋନ୍ନତ ଓଡ଼ିଶା ?

୧୯୬୧ର କଳିଙ୍ଗେଶ୍ୱରଙ୍କ ବିଜୁଳି ୧୯୬୪ରେ ବର୍ଷା ହୋଇ ଝରି ପଡ଼ିବା ପରେ ପରେ ଆଉ ବିଜୁଳି କିମ୍ବା ବର୍ଷା କରିବାରେ ସେ ସକ୍ଷମ ହୋଇନାହାନ୍ତି। ୧୯୭୧, ୧୯୭୭ ଆଉ ଏବେ ୧୯୯୦। ଆମେ ବିଜୁବାବୁଙ୍କ ବିଜୁଳିକୁ ଯେତେ ଅପେକ୍ଷା କଲେ ମଧ୍ୟ ତାହା ଆଉ ଝଲକିଲା ନାହିଁ। ଆଉ ଆମେ ଓଡ଼ିଆଏ ବିଜୁଳି ହେଇ ମାରିବ, ବର୍ଷା ହେଇ ବରଷିବ, ବରଷିବ କହି ଯେତେ ଅପେକ୍ଷା କଲୁ, ତାହା କେବଳ ଅପେକ୍ଷାରେ ହିଁ ସାର ହେଲା।

ସାରା ସମୟଟା ନିଦାଘରେ ଓଡ଼ିଆଏ ପୋଡ଼ିହୋଇ ସନ୍ତୁଳି ହେଲେ ସିନା। ହେ କଳିଙ୍ଗେଶ୍ୱର ! କାହିଁକି ଏ କଷଣ ?

ତା ୨୨.୧୧.୧୯୯୪

•

Digitized by srujanika@gmail.com

# ଦେଶୀମଦ, ସରକାର ଓ ନିଶା ନିବାରଣ ବାନା

ଓଡ଼ିଶାରେ ଦେଶୀମଦ ପ୍ରସ୍ତୁତି ଓ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେଲା ବୋଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୯୪ ଫେବୃଆରୀ ୨୫ ତାରିଖରେ ଓଡ଼ିଶା ବିଧାନସଭାରେ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିଲେ। ଓଡ଼ିଶାର ଦରିଦ୍ର ଜନସାଧାରଣ ବିଶେଷ କରି ଆଦିବାସୀମାନଙ୍କୁ ଦେଶୀମଦର ଶୋଷଣରୁ ରକ୍ଷା କରିବା ପାଇଁ ବିଜୁବାବୁଙ୍କ ଏହି ପଦକ୍ଷେପକୁ ହତଚକିତ ଜନତାଦଳର ସଦସ୍ୟମାନେ ପ୍ରଥମେ ବୁଝିପାରିଲେ ନାହିଁ। ମାତ୍ର ପର ମୁହୂର୍ତ୍ତରେ ବୁଝିପାରି ପ୍ରଚଣ୍ଡ ଟେବୁଲ ବାଡ଼େଇ ବିଜୁବାବୁଙ୍କ କଥାକୁ ସ୍ୱାଗତ କରିବା ସାଙ୍ଗେ ସାଙ୍ଗେ ବିରୋଧୀ କଂଗ୍ରେସ ଦଳର ସଦସ୍ୟଙ୍କୁ ଲକ୍ଷ୍ୟକରି ହାୟ ହାୟ କଲେ। ଆଦିବାସୀ ରମଣୀମାନଙ୍କର ବିକଳ ପ୍ରାର୍ଥନା ଯୋଗୁଁ ବିଜୁବାବୁ ଏହି ତଥାକଥିତ ଯୁଗାନ୍ତକାରୀ ପଦକ୍ଷେପ କେବଳ ନେଲେନାହିଁ, ତା' ସଙ୍ଗେ ସଙ୍ଗେ ଓଡ଼ିଶାକୁ ଚାଳିଶ କୋଟି ଟଙ୍କାର ରାଜସ୍ୱ ଆୟରୁ ବଞ୍ଚିତ କଲେ।

୧୯୯୨ ମେ' ୭ ଓ ୮ ତାରିଖରେ ବେଲ୍ଗୁର ବିଷାକ୍ତ ମଦ ପିଇ ଦୁଇ ଶହରୁ ଅଧିକ ଲୋକ ପ୍ରାଣ ହରାଇବା ପରେ କଟକ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ଶ୍ରୀ ତ୍ରିଲୋଚନ କାନୁନ୍‌ଗୋ ରାଜ୍ୟରୁ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ଅନଶନ ଆରମ୍ଭ କଲେ। ବିଜୁବାବୁ ସେତେବେଳେ ବିଦେଶ ଗସ୍ତରେ ଥିଲେ। ତାଙ୍କ ପାଖକୁ ଖବର ଗଲା। ମାତ୍ର ନିଶା ନିବାରଣ ହେବ ବୋଲି ବା ଓଡ଼ିଶାକୁ ଫେରିଲେ ତା'ର ବିଚାର କରିବେ ବୋଲି କୌଣସି ପ୍ରତିଶ୍ରୁତି ଦେଲେନାହିଁ। ଓଡ଼ିଶାକୁ ଫେରିବା ପରେ ଏ ସମ୍ପର୍କରେ ବରଂ ଓଲଟା କଥା କହିଲେ। ଓଡ଼ିଶାର ନିଜସ୍ୱ ସମ୍ବଳର ଅଭାବ ଥିବାବେଳେ ଅବକାରୀ ବିଭାଗରୁ ମିଳୁଥିବା ବିପୁଳ ଅର୍ଥ ହରାଇବା ସମ୍ଭବ ନୁହେଁ ବୋଲି ମତ ଦେଇଥିଲେ। ହଠାତ୍ ସେଇ ବିଜୁବାବୁ ରାଜ୍ୟର ସମ୍ବଳରୁ ଚାଳିଶ କୋଟି ଟଙ୍କା କ୍ଷତି କରି ଅଚାନକ ଭାବେ ଏହି ନିଶା ନିବାରଣ ବାନା କାହିଁକି ଉଡ଼ାଇଲେ ? ବିଜୁବାବୁଙ୍କୁ ଯେଉଁମାନେ ଜାଣନ୍ତି, ସେମାନେ ଏଥିରେ କେବଳ ବିସ୍ମିତ ହେଲେନାହିଁ, ଏହାର

Digitized by srujanika@gmail.com

ମୂଳ ଉସ କେଉଁଠି ତାହା ଖୋଜିବାକୁ ଲାଗିଲେ।

ବିଜୁବାବୁ ଦେଶୀମଦ ବିଭାଗକୁ ସମ୍ପୂର୍ଣ୍ଣ ନିଶାନିବାରଣ ମଧ୍ୟରେ ଆବଦ୍ଧ କରିବା ପାଇଁ ଯେତେବେଳେ ଘୋଷଣା କରିଦେଲେ, ସେତେବେଳେ ଅବକାରୀ ବିଭାଗର ଉଚ୍ଚ ହାକିମମାନେ ଘୋର ଅସୁବିଧାରେ ପଡ଼ିଗଲେ। କାରଣ ନିଶା ନିବାରଣର ପୂର୍ଣ୍ଣାଙ୍ଗ କ୍ରାନ୍ତି ପାଇଁ ଯେତିକି ପରିମାଣର କର୍ମଚାରୀ ଓ ଗାଡ଼ି ଆବଶ୍ୟକ, ଅବକାରୀ ବିଭାଗର ତାହା ନାହିଁ। ସାଧାରଣ ସମୟରେ ରାଜ୍ୟରେ ଚୋରାମଦ କାରବାରକୁ ରୋକିବା ପାଇଁ ଯେତେବେଳେ ଚଳାଘନା ଉଦ୍ୟମ ଚାଲିଥିଲା, ସେତେବେଳେ ଜଣେ ମାତ୍ର ବେଲୁ ସାରା ରାଜ୍ୟରେ ଯେଉଁ ସାମ୍ରାଜ୍ୟ ବିସ୍ତାର କରିଥିଲା, ତା'ର ଇତିହାସ ସମସ୍ତେ ଜାଣିବା ପରେ ଏବେ ଚାରିଆଡ଼େ 'ଚୋରାମଦ'ର ନିୟମିତକରଣ ବ୍ୟବସ୍ଥାକୁ ରୋକାଯିବ କିପରି ? ଏବଂ ରୋକିବ ବା କିଏ ? କାରଣ ବର୍ତ୍ତମାନ ରାଜ୍ୟରେ "ତୁ ତ ମୁତୁରି- ମୁଁ ତ ମୁତୁରି ହେଁସ କାହିଁ ପାଇଁ ଧୋଇବା" ନ୍ୟାୟରେ ଶାସନ ଚାଲିଛି। ସଂପୂର୍ଣ୍ଣ ନିଶା ନିବାରଣରେ ରାଜ୍ୟର ସମାଜସେବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ନାଗରିକମାନେ ଯେତେ ଖୁସି ନୁହନ୍ତି, ବେଶୀ ଖୁସି ଅବକାରୀ ବିଭାଗର ତଳୁ ଉପର ପର୍ଯ୍ୟନ୍ତ କର୍ମଚାରୀମାନେ। କାରଣ ସେମାନଙ୍କ ପାଇଁ ସୌଭାଗ୍ୟର ଦ୍ୱାର ବିଜୁବାବୁ ଖୋଲିଦେଇଛନ୍ତି। ଆଗାମୀ ନିର୍ବାଚନରେ ଅନ୍ୟ କେହି ବିଜୁବାବୁଙ୍କୁ ଭୋଟ ଦିଅନ୍ତୁ କି ନାହିଁ, ଏହି ବିଭାଗରୁ ସେ ଅଧିକାଂଶ ଭୋଟ ପାଇବେ। ଏବେ ଏହି ବିଭାଗର ଅଧିକାଂଶ କର୍ମଚାରୀଙ୍କର କଚେପୁଅ ବାର। କାରଣ ଦରମା ବହିର୍ଭୂତ ପଇସା ରୋଜଗାର ପାଇଁ ସେମାନଙ୍କୁ କାହା ଦ୍ୱାରକୁ ଯିବାକୁ ପଡୁନାହିଁ। ମାସୱାରୀ ଟଙ୍କା ଘରେ ଆସି ପହଞ୍ଚିଯାଉଛି।

ଓଡ଼ିଶା ସରକାର ବାହାସ୍ଫୋଟ ମାରିଲେ ଆମେ ଲୋକଙ୍କ ମଂଗଳ ପାଇଁ ୪୦ କୋଟି ଟଙ୍କା କ୍ଷତି କରିବାରେ ପଛାଇଲୁ ନାହିଁ। କିନ୍ତୁ ଏହି ୪୦ କୋଟି ଟଙ୍କା ବଦଳରେ ଦେଶୀମଦ କ'ଣ ବନ୍ଦ ହେଲା ? ଦୁଇବର୍ଷ ତଳେ ଯାହା ଜଣେ ବେଲୁ କରୁଥିଲା, ଆଜି ରାଜ୍ୟର ଚାରିଆଡ଼େ ଶହ ଶହ ବେଲୁ ତାକୁହିଁ ଜୀବିକା ଭାବେ ଗ୍ରହଣ କରିନେଇଛନ୍ତି। ଆଉ ରହିଲା ଅବକାରୀ ବିଭାଗ, ପ୍ରଶାସନ ଏବଂ ନେତା। ଯେଉଁଠି ସରକାର ଆଇନଗତ ଭାବେ ୪୦ କୋଟି ଟଙ୍କା ପାଉଥିଲେ, ଏବେ ଏ ସମସ୍ତ କର୍ମଚାରୀଙ୍କ ସମେତ ରାଜ୍ୟର ଟାଣୁଆ ନେତା ବା ମନ୍ତ୍ରୀମାନଙ୍କୁ ତାଙ୍କର ଏକଚତୁର୍ଥାଂଶ ଅର୍ଥରେ ପକେଟରେ ପୂରାଇ ସ୍ୱଚ୍ଛନ୍ଦରେ ନିଜର କାର୍ଯ୍ୟ ଚଳାଇନେବାରେ କୌଣସି ଅସୁବିଧା ହେଉନାହିଁ। ଆମର ଦିବ୍ୟଚକ୍ଷୁ ବିଶିଷ୍ଟ ମନ୍ତ୍ରୀ ଏବଂ ନେତାମାନେ ଦିବ୍ୟାଙ୍ଗନାମାନଙ୍କ ଗହଣରେ

Digitized by srujanika@gmail.com

ଦିବ୍ୟଧାମରେ ବିଦେଶରୁ ଆନୀତ ଦିବ୍ୟାସୁରା ପାନରେ ନିଜକୁ ହଜାଇଦେଇ ରାଜ୍ୟବାସୀଙ୍କ ମଙ୍ଗଳ କାମନାରେ ନିଜକୁ ବୁଡ଼ାଇ ରଖୁଛନ୍ତି।

ବିଜୁବାବୁଙ୍କର ଏହି ଅସମୟୋଚିତ ଘୋଷଣା ପରେ ରାଜ୍ୟ ଅବକାରୀ ବିଭାଗ ଚୋରାମଦ କାରବାର ବନ୍ଦ କରିବାକୁ ଅଧିକ କର୍ମଚାରୀ ଓ ଯାନବାହନ ପାଇଁ ୮ କୋଟି ଟଙ୍କାର ଏକ ପ୍ରସ୍ତାବ ସରକାରଙ୍କୁ ପଠାଇଲେ। ଅବକାରୀ ବିଭାଗ ଯୁକ୍ତି ଦର୍ଶାଇଥିଲେ, ବର୍ତ୍ତମାନ ଯେତିକି କର୍ମଚାରୀ ଓ ଗାଡ଼ି ମଟର ଅଛି, ସେଥିରେ ସମଗ୍ର ରାଜ୍ୟରେ ଚୋରାମଦ ରୋକିବା ସମ୍ଭବ ନୁହେଁ। ତେଣୁ ଅଧିକ କର୍ମଚାରୀ ବ୍ୟବସ୍ଥା ନକଲେ ନିଶା ନିବାରଣ ବ୍ୟବସ୍ଥାକୁ ସୁସ୍ପଷ୍ଟ ଭାବେ ପରିଚାଳନା କରାଯାଇ ପାରିବ ନାହିଁ। ଫେବୃଆରୀ ୨୫ ତାରିଖରୁ ଜୁନ୍ ମାସ ସୁଦ୍ଧା ଏହି ପ୍ରସ୍ତାବ ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିରହିଛି। ଏହା ଯେ କାର୍ଯ୍ୟକାରୀ ହେବ, ତା'ର ସମ୍ଭାବନା ମଧ୍ୟ ନାହିଁ। ଆମର ଯାହା ଖବର, ସରକାର ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ତେଣୁ ଅବକାରୀ ବିଭାଗ ଚୁପ୍‌ଚାପ୍ ହାତଗୋଡ଼ ବାନ୍ଧି ବସିଛନ୍ତି। ଏବେ ବିଭିନ୍ନ ସମ୍ବାଦପତ୍ରରେ ବିଭିନ୍ନ ସ୍ଥାନରେ ବିଷାକ୍ତ ଦେଶୀମଦ ପାନକରି ଲୋକ ମରୁଥିବା କଥା ପ୍ରକାଶ ପାଉଛି। ଏହା ଉପରେ କି ପ୍ରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଆମକୁ ଜଣାନାହିଁ। କିନ୍ତୁ ଆମର ମନେହୁଏ ରାଜ୍ୟରେ ନିଶାନିବାରଣ ବ୍ୟବସ୍ଥା କରି ସରକାରୀ ଦଳର ପ୍ରାର୍ଥୀମାନଙ୍କ ପାଇଁ ଆଗାମୀ ନିର୍ବାଚନ ଲାଗି ଖର୍ଚ୍ଚ ଯୋଗାଡ଼ କରି ଦେବାର ଏକ ଚମତ୍କାର ପରିକଳ୍ପନା। ଏହା ବିରୋଧରେ ବନ୍ଧୁ ତ୍ରିଲୋଚନ ବା ଭୂଦାନ ନେତୃବର୍ଗ କିଛି କହିବାର ନାହିଁ। ସମସ୍ତଙ୍କୁ ବୋକା ବନାଇ ଆଦିବାସୀ ରମଣୀଙ୍କର ପ୍ରିୟଭାଜନ ହୋଇ ବିଜୁବାବୁ ବାଜିମାତ୍ କରିଦେଲେ। ବିଜୁବାବୁଙ୍କୁ ଯେଉଁମାନେ ବିଭିନ୍ନ ବିରୂପ ବିଶେଷଣରେ ବିଭୂଷିତ କରନ୍ତି, ସେମାନେ ବିଜୁବାବୁଙ୍କର ଏହି ଚମତ୍କାର ବିଶ୍ଳେଷଣାତ୍ମକ ଦିଗଟି କଥା ଭୁଲିଯାଆନ୍ତି। ଏଇ ତ' ରାଜନୀତି! ୫୦ ବର୍ଷ କାଳ ବିଜୁବାବୁ ଭାରତୀୟ ରାଜନୀତିରେ ଅଛନ୍ତି। ତାଙ୍କର ଏହି ଦୀର୍ଘ ଅଭିଜ୍ଞତା ସହ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ଭାବେ ସେ ଯେଉଁ ପାକଳ ବୟସ ଓ ବୁଦ୍ଧିର ଅଧିକାରୀ ହୋଇଛନ୍ତି, ତାହାରି ଫଳ ହେଉଛି ଏହି ସଫଳ ନିଶାନିବାରଣ। ବିନା ରିସ୍କରେ ବିପୁଳ ଅର୍ଥାଗମ।

କଟକର ବିଷାକ୍ତ ମଦମୃତ୍ୟୁ ଘଟଣାର ତଦନ୍ତ କମିଶନର ସାକ୍ଷ୍ୟ ପ୍ରମାଣ ଏବେ ଚାଲିଛି। ପୋଲିସ୍ ବିଭାଗ ଡି.ଆଇ.ଜି. ଶ୍ରୀ ଅନାଦି ସାହୁଙ୍କ ସାକ୍ଷ୍ୟ ସଂପ୍ରତି ସବୁଠାରୁ ବିବଦମାନ ବିଷୟ ହୋଇପଡ଼ିଛି। ଏହି ସାକ୍ଷ୍ୟର ସାରତତ୍ତ୍ୱ ହେଲା 'ବେଲୁ' ନାମକ ଜଣେ ବେଆଇନ ମଦ୍ୟ ପ୍ରସ୍ତୁତକାରୀଙ୍କ ମୁଖ୍ୟ ସହାୟକ

Digitized by srujanika@gmail.com

ଥିଲେ, ଓଡ଼ିଶା ମନ୍ତ୍ରିମଣ୍ଡଳର ଦୁଇଜଣ ପ୍ରଭାବଶାଳୀ ମନ୍ତ୍ରୀ। ତେବେ ଏହା ସତ୍ୟ କି ମିଥ୍ୟା, ତାହା କମିଶନଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ଜଣାପଡ଼ିବ। ଏହି ଘଟଣା ଉପରେ ଆମେ ବର୍ତ୍ତମାନ କୌଣସି ଆଲୋଚନା କରୁନାହୁଁ। କାରଣ ଆଗକୁ ଆହୁରି ଚାଞ୍ଚଲ୍ୟକର ତଥ୍ୟ ମଧ୍ୟ ଆସିପାରେ। ଏହି ପ୍ରସଙ୍ଗର ଅବତାରଣା କରିବା ବେଳେ ଆଉ ଏକ ବିଷୟ ଡି.ଆଇ.ଜି.ଙ୍କ ସାକ୍ଷ୍ୟରୁ ସୂଚନା ମିଳୁଛି। ତାହା ହେଉଛି ଏହି ଘଟଣାକୁ ଚପାଇଦେବା କିମ୍ବା 'ବେଲୁ'କୁ ହେଉ ବା ତା'ର ସହାୟକମାନଙ୍କୁ ହେଉ, ଘଣ୍ଟ ଘୋଡ଼ାଇବ ପାଇଁ କଟକର ଜିଲ୍ଲାପାଳ ଓ ଏସ.ପି.ଙ୍କ ଭୂମିକା। ପୂର୍ବରୁ ଏ ସଂପର୍କରେ ବେଲୁର ଅନ୍ତରେ ପ୍ରତିପାଳିତ ବହୁ ପୋଲିସ୍ ଅଫିସର ଓ ଅବକାରୀ କର୍ମଚାରୀଙ୍କ ମାସୁଆରୀ ଭତ୍ତା ତାଲିକା ସମସ୍ତଙ୍କୁ ଚକିତ କରିଥିଲା। ଏହି ତାଲିକାରେ ନାମ ଥିବା ବ୍ୟକ୍ତିମାନେ ତା'ର ପ୍ରତିବାଦ କରିନାହାନ୍ତି।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା, ଏହି ତାଲିକାକୁ ସରକାର ବସାଇଥିବା ଜଣିକିଆ ତଦନ୍ତ କମିଶନ (ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ସୁଧାଂଶୁମୋହନ ପଟ୍ଟନାୟକ) ତାଙ୍କ ରିପୋର୍ଟରେ ନଥିଭୁକ୍ତ କରିଛନ୍ତି। ତା' ସତ୍ତ୍ୱେ ଏହି କର୍ମଚାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ତ' ଦୂରେଥାଉ, ସେମାନଙ୍କୁ କୈଫିୟତ ମଧ୍ୟ ତଲବ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ବିଜୁବାବୁଙ୍କ ନିଶାନିବାରଣ ବାନାର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ସନ୍ଦିହାନ ହେବାକୁ ପଡୁଛି। କାହାକୁ ନେଇ ଏ ନିଶାନିବାରଣ? ସମ୍ଭବତଃ ବିଜୁବାବୁ ଭାବୁଛନ୍ତି ଏ ରାଜ୍ୟର ମଦବେପାରୀ ଓ ମଦ୍ୟପଙ୍କର ହୃଦୟ ପରିବର୍ତ୍ତନ ହୋଇଯାଇଛି। ତେଣୁ ଅଧିକା କର୍ମଚାରୀ ଆବଶ୍ୟକତା ନାହିଁ। ଖଳ ପ୍ରକୃତିର ଲୋକେ କହୁଛନ୍ତି– ନା ନା, ତା' ନୁହେଁ, ଯେତିକି ଅର୍ଥ ଏବେ ମିଳିବ, ତାହାକୁ ଅଧିକ ଭାଗ ଭାଗ କରାଯିବା ଆବଶ୍ୟକ ନାହିଁ। କିଛି କର୍ମଚାରୀ ଓ ନେତା ଧନବାନ୍ ହୁଅନ୍ତୁ।

ହେ କଳିଙ୍ଗଈଶ୍ୱର! ନିଶାନିବାରଣ ବାନାକୁ ଏଇମିତି ବାବନା କରି ଦରିଦ୍ର ଓଡ଼ିଆକୁ ବୃଦ୍ଧାଙ୍ଗୁଷ୍ଠ ଦେଖାଉଥାଅ। ତୁମର ଜୟ ହେଉ।

ତା ୧୪.୭.୧୯୯୪

•

Digitized by srujanika@gmail.com

# ବାଙ୍କୀର ବକ୍ରପଥ ଓ ପ୍ରକ୍ସି ଲୋକପ୍ରତିନିଧି

ଚଳିତ ୧୯୯୪ ସାଲ ପ୍ରାରମ୍ଭରେ ଏହି ପ୍ରତିବେଦକ ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହେବା ପରେ ବହୁ ବନ୍ଧୁ ଓ ଶୁଭେଚ୍ଛୁ ଶୁଭ କାମନା କରି ଅଭିନନ୍ଦନ ଜଣାଇବା ଠାରୁ ଆରମ୍ଭ କରି ସମ୍ବର୍ଦ୍ଧନା ସଭାମାନ ଆୟୋଜନ କରିଥିଲେ। ଏହି ସଭାଗୁଡ଼ିକ ମଧ୍ୟରେ ଯେଉଁ ସଭାଟିକୁ ଆମେ ଅନ୍ୟ ସଭାଠାରୁ ଭିନ୍ନ ଦୃଷ୍ଟିରୁ ବ୍ୟକ୍ତ କରୁଛୁ, ତାହା ହେଲା ବାଙ୍କୀରେ (କଲେଜ ପରିସରରେ) ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନା ସଭା।

ଏହାର ଅର୍ଥ କେହି ବିଚାର କରିବା ଉଚିତ ନୁହେଁ ଯେ, ଅନ୍ୟ ସଭାଗୁଡ଼ିକୁ ଆମେ ଊଣା ଗୁରୁତ୍ୱ ଦେଉଛୁ। କିନ୍ତୁ ଆମେ ବାଙ୍କୀ ନାଗରିକ କମିଟି ପ୍ରଦତ୍ତ ସମ୍ବର୍ଦ୍ଧନା ସଭାଟିକୁ ଯେଉଁଥିପାଇଁ ଭିନ୍ନ ଦୃଷ୍ଟିରେ ଚିତ୍ରଣ କରୁଛୁ ତାହା ହେଲା ବାଙ୍କୀ ଆମର ଜନ୍ମଭୂମି।

ଏହି ପ୍ରସଙ୍ଗ ଏଠାରେ ଆମେ ଉପସ୍ଥାପିତ କଲାବେଳେ କେହି କେହି ଏହାକୁ ଅପ୍ରାସଙ୍ଗିକ ମନେ କରିପାରନ୍ତି। ସମ୍ବର୍ଦ୍ଧନା ସମ୍ପର୍କରେ ଆମେ ନିଜର ପ୍ରତିବେଦନ ଉପସ୍ଥାପିତ କରିବା ମୂଳ କାରଣ ହେଉଛି ବାଙ୍କୀ ପ୍ରତି ଶାସନ ବା ପ୍ରଶାସନର ବକ୍ରମୁଖ ସମ୍ପର୍କରେ କିଛି ଲେଖିବା ପାଇଁ ହିଁ ଏହାର ଅବତାରଣା। କଥା ମଧ୍ୟରେ ଲଥା ଭଳି ସମ୍ବର୍ଦ୍ଧନା ସଭାରୁ ବକ୍ତବ୍ୟ ଆରମ୍ଭ କଲୁ। ବାଙ୍କୀ ସବ୍‌ଡିଭିଜନ ଓଡ଼ିଶାର ଅନ୍ୟତମ କ୍ଷୁଦ୍ର ସବ୍‌ଡିଭିଜନ। ଭୌଗୋଳିକ ଦୃଷ୍ଟିକୋଣରୁ ୧୯୭୬ ମସିହାରେ ତତ୍କାଳୀନ ସ୍ୱତନ୍ତ୍ର ଜନକଂଗ୍ରେସ ସରକାର ଏହାକୁ ଏକ ସବ୍‌ଡିଭିଜନର ରୂପ ଦେଇଥିଲେ। ଦୁଇଟି ଥାନା, ଦୁଇଟି ବ୍ଲକ ଓ ଗୋଟିଏ ତହସଲିକୁ ନେଇ ଗୋଟିଏ ସବ୍‌ଡିଭିଜନ ଗଠିତ। ସେଦିନ ଅନୁଷ୍ଠାନ ସମାପ୍ତ ହେବା ପରେ ଶୁଣିଲି ବାଙ୍କୀର ବିଧାୟକ କ୍ୱଚିତ୍ ବାଙ୍କୀକୁ ଆସୁଛନ୍ତି। ଗତ ୪ ବର୍ଷ ମଧ୍ୟରେ ବାଙ୍କୀରେ କାମ ଯାହା ହୋଇଛି ତାହା ଉଲ୍ଲେଖଯୋଗ୍ୟ ନୁହେଁ। ବର୍ତ୍ତମାନ ସରକାର ଯେଉଁ ଏମ୍.ଏଲ୍.ଏ.ଭିତ୍ତିକ ଉନ୍ନୟନ କାମ କରିଦେଲେ, ତାହା ଅନେକ ଅଞ୍ଚଳରେ ବିଭ୍ରାଟ ସୃଷ୍ଟି କରିଛି। ସାଧାରଣ ଲୋକ ଏବଂ ସରକାରୀ ଦଳର ବହୁ ସଚ୍ଚା କର୍ମୀ ଯେଉଁମାନେ ବିଧାୟକଙ୍କ ସୁନଜରରେ

Digitized by srujanika@gmail.com

ନାହାନ୍ତି ଅତ୍ୟନ୍ତ ଦୟନୀୟ ଭାବେ ସମୟ ଅତିବାହିତ କରୁଛନ୍ତି। ଉନ୍ନୟନ କାର୍ଯ୍ୟକ୍ରମ ତ ନାହିଁ। ଟଙ୍କା ମଧ୍ୟ କୁଆଡ଼େ ଯାଉଛି ଜାଣିହେଉନି। ବାଙ୍କୀର ଏମ୍.ଏଲ୍.ଏ. ବାବୁ ଘନଶ୍ୟାମ ସାହୁ ଜନତା ଦଳର। କଟକର ନାମକରା ଆଡ୍‌ଭୋକେଟ୍। କଟକ ସହରରେ ବିରାଟ ସମ୍ପତ୍ତି। ବାଙ୍କୀରେ ତାଙ୍କର ବାସସ୍ଥାନ ଏମିତି ନାହିଁ। ତେଣୁ ବାଙ୍କୀ ପ୍ରାୟ ଆସନ୍ତି ନାହିଁ ବୋଲି ସ୍ଥାନୀୟ ବହୁ ଲୋକ, ଏପରିକି ଜନତା ଦଳର ବହୁ କର୍ମୀ ଅଭିଯୋଗ କରନ୍ତି। ଜନତାଦଳ ସହ ସମ୍ପର୍କ ନଥିବା ଜଣେକ ବ୍ୟକ୍ତି ତାଙ୍କର ବାଙ୍କୀପାଇଁ ପ୍ରତିଭୂ। ବାଙ୍କୀରେ ତାଙ୍କୁ ସମସ୍ତେ ଘନବାବୁଙ୍କ ଅସଲ ଲୋକ ବୋଲି ଜାଣନ୍ତି। ତେଣୁ ଯାହା ହେବା କଥା ତାହା ହୁଏ।

ଆମେ ଯେଉଁ ବିଷୟ ଏଠାରେ ଉଲ୍ଲେଖ କଲୁ ସେଥିରେ ବାଙ୍କୀକୁ ଏକ ପ୍ରତୀକ ରୂପେ ଗ୍ରହଣ କରିଛୁ। ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଉଣାଅଧିକେ ଅନେକ ସ୍ଥାନରେ ଏଇଆ। ଓଡ଼ିଶାର ରାଜନୀତି ବିଶେଷ କରି ସରକାରୀ ଦଳର ରାଜନୀତି ବିଜୁବାବୁଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ଚାଲେ। ତେଣୁ ଏଠାରେ ଏକା ଏକା ବାଦ୍‌ଶାହା ନ୍ୟାୟରେ ଯେ ଯାହା ପାରିଲା କଲା। ବିଜୁବାବୁଙ୍କର ସେଥିପ୍ରତି ନଜର ମଧ୍ୟ ନାହିଁ। ସେ ଭାବନ୍ତି ସେ ପ୍ରଭୁ। ଅନ୍ୟମାନେ ସେବକ। ତା' ନହୋଇଥିଲେ ବିଗତ ୨୫ ବର୍ଷ ଧରି ତାଙ୍କ ପତାକା ଧରି ବାଙ୍କୀସାରା ଘୂରି ବୁଲୁଥିବା ବାବୁ ଶ୍ୟାମସୁନ୍ଦର ବିଜୁ ଶାସନର ଗତ ୪ ବର୍ଷ ମଧ୍ୟରେ କେଉଁଠି ଗୋଟେ ପଦପଦବୀ ପାଇନଥାନ୍ତେ। ତାଙ୍କର ବହୁ ପରେ ଦଳକୁ ଓ ବିଜୁଙ୍କ ନିକଟକୁ ଆସିଥିବା ବ୍ୟକ୍ତିବିଶେଷ ଏମ୍.ପି, ଓ ସରକାରୀ ଚେୟାରମ୍ୟାନ ହୋଇ ଶୀତତାପ ନିୟନ୍ତ୍ରିତ ଗାଡ଼ିରେ ବସି ଘୂରି ବୁଲୁଥାନ୍ତେ।

ଅଧିକାଂଶ ନେତା ବାଙ୍କୀ ଭଳି ଅନେକ ଅଞ୍ଚଳକୁ ନିଜର କରଦ ଭୂଇଁ ରୂପେ ବିଚାର କରିଆସିଛନ୍ତି। ଏଇ ଯେମିତି ଜନତା ଦଳର ପ୍ରବଳ ପ୍ରତାପୀ ଯୁବନେତା ବାବୁ ଶ୍ରୀକାନ୍ତ ଜେନା। ୧୯୯୦ ଲୋକସଭା ନିର୍ବାଚନରେ ବାଙ୍କୀରେ ଶ୍ରୀକାନ୍ତ ୧୦ ହଜାରରୁ ଅଧିକ ଭୋଟ ପାଇଥିଲେ। ସମସ୍ତେ ସେତେବେଳେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କାରଣ ଜାନକୀବାବୁଙ୍କ ଜନପ୍ରିୟତା ବାଙ୍କୀରେ ବେଶ୍ ଭଲ। ତେବେ ୧୯୯୨ ଲୋକସଭା ନିର୍ବାଚନରେ ପଶାପାଲିର ଗୋଟି ବଦଳିଗଲା। ଶ୍ରୀକାନ୍ତ ବାଙ୍କୀରୁ ହାରିଗଲେ। ତାଙ୍କ କାରଣ ହେଲା ନିର୍ବାଚିତ ହେବାପରେ ଶ୍ରୀକାନ୍ତଙ୍କର ଆଉ ମୁହଁ ଦେଖିବାକୁ ମିଳିଲା ନାହିଁ। ସେ ସମ୍ଭବତଃ ବିଜୁବାବୁଙ୍କ ମିଜାଜ୍ ଅନୁସାରେ ନିଜ ମିଜାଜ୍ ଠିକ୍ କଲେ। ସେ ମଧ୍ୟ ଭାବିଲେ "ହେ ଭୋଟରଗଣ। ତୁମେମାନେ ଭୋଟ ଦେଇଛ। ଏଣିକି ମୁଁ ହେଉଛି ତୁମର

Digitized by srujanika@gmail.com

ପ୍ରଭୁ- ହର୍ତ୍ତାକର୍ତ୍ତା । ମୋ ନିକଟକୁ ଆସ- ଅପେକ୍ଷା କର- ମୋ ସମୟ ଅନୁସାରେ ତୁମର ଦୁଃଖ ଶୁଣିବି ।’’

୧୯୯୦ରେ ପାର୍ଲାମେଣ୍ଟ ଆସନରେ କଂଗ୍ରେସରେ ପରାଜୟର ମୂଳ କାରଣ ହେଲା ଜାନକୀ ବାବୁଙ୍କ ଦଶବର୍ଷର ଶାସନ କାଳ ମଧ୍ୟରେ ବାଙ୍କୀରେ ଗାଣ୍ଡୁଆଏ ମାଟି ମଧ୍ୟ ପଡ଼ିନଥିଲା । ବାଙ୍କୀର ଦୁଇପାର୍ଶ୍ୱରେ ଆଠଗଡ଼ ଓ ଖୋର୍ଦ୍ଧାରେ ୩୦/୪୦ କୋଟି ଟଙ୍କା ଲେଖାଏଁ ପୁଞ୍ଜି ଖଟାଗଲେ ମଧ୍ୟ ବାଙ୍କୀ ଦୀପଶିଖା ପାଦପ୍ରଦୀପର ଅନ୍ଧାକାର ଭିତରେ ଛପିଯାଇଥିଲା । ଜାନକୀବାବୁ ‘ପ୍ରଜାତନ୍ତ୍ର’ରେ ସମ୍ପାଦକ ଥିବାବେଳୁ ୧୯୫୬ ମସିହାରୁ ବାଙ୍କୀ ସହ ସଂପୃକ୍ତ । ଯୋଗେଶ ବାବୁଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ ଭାବେ ଜାନକୀବାବୁ ପ୍ରାୟ ଯୋଗେଶ ବାବୁଙ୍କ ନିର୍ବାଚନ ପ୍ରଚାର ପାଇଁ ବାଙ୍କୀ ଯାଉଥିଲେ । ସ୍ୱାଭାବିକ ଭାବେ ଜାନକୀବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଲୋକେ ଆଶା କରୁଥିଲେ ବାଙ୍କୀରେ ବେଶ୍ ବଡ଼ ବଡ଼ କିଛି କାରଖାନା ହେବ । କିନ୍ତୁ ହାୟ ବାଙ୍କୀବାସୀ ! ଜକକା ହୋଇ କେବଳ ଚାହିଁ ରହିଲେ । ସ୍ପିନିଂ ମିଲ୍, ଚିନିକଳ, ତେଲକଳ, ସବୁ ଗୋଟିକ ପରେ ଗୋଟିଏ ଖୋର୍ଦ୍ଧା, ଆଠଗଡ଼, ବଡ଼ମ୍ବା, ତିଗିରିଆକୁ ଗଲା । ଟାଣୁଆ କଂଗ୍ରେସ ଏମ୍.ଏ.ଏଲ୍. ବାବୁ ଅକ୍ଷୟ ପଟ୍ଟନାୟକ ବାଙ୍କୀରେ ନରହି ଭୁବନେଶ୍ୱରରେ ରହିଲେ । ବାଙ୍କୀ ଅଜ୍ଞାନ ନେତୃତ୍ୱର ଅନ୍ଧକାର ମଧ୍ୟରେ ବୁଡ଼ିଗଲା ।

ଆଜି ଜାନକୀବାବୁ ରାଜନୀତିକ ହିସାବନିକାଶ କରିବା ବେଳେ ଖୋର୍ଦ୍ଧା ଓ ଆଠଗଡ଼ରୁ କ’ଣ ପାଇଲେ- କ’ଣ ଦେଲେ ତାହା ଭଲଭାବେ ହୃଦୟଙ୍ଗମ କରିପାରୁଥିବେ । ଆମର ମନେହୁଏ ଏବେ ମଧ୍ୟ ବାଙ୍କୀରୁ ଜାନକୀବାବୁ ବିଧାନସଭାକୁ ପ୍ରତିଦ୍ୱନ୍ଦ୍ୱିତା କଲେ ଅକ୍ଳେଶରେ ବିଜୟ ଲାଭ କରିବେ । ଅଥଚ ଖୋର୍ଦ୍ଧା, ଆଠଗଡ଼ରେ ସେ ପରିସ୍ଥିତି ରହିଛି ବୋଲି ଜୋର ଦେଇ କହିହେବ ନାହିଁ ।

ରିପ୍ରେଜେଣ୍ଟେସନ୍ ଅଫ ପିପୁଲ୍ସ ଆକ୍ଟ ୧୯୫୧ ବା ୧୯୫୧ ଲୋକପ୍ରତିନିଧି ଆଇନ ଅନୁସାରେ ଜଣେ ଭାରତୀୟ ଭୋଟର ଭାରତର ଯେ କୌଣସି ସ୍ଥାନରେ ଲୋକସଭା ପାଇଁ ଓ ରାଜ୍ୟ ଭିତରର ଜଣେ ଭୋଟର ଯେ କୌଣସି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇପାରିବେ; ଏହି ଆଇନ ପ୍ରଣୟନ କଲାବେଳେ ପ୍ରଣେତାମାନେ ଯେଉଁ ମୂଳ ବିଷୟଟି ଛାଡ଼ିଗଲେ, ତାହା ହେଲା ଯେଉଁ ଲୋକପ୍ରତିନିଧିମାନେ ନିର୍ବାଚିତ ହେବା ପରେ ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ବର୍ଷ ବର୍ଷ ଧରି ଅନୁପସ୍ଥିତ ରହିବେ, ସେମାନଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା । କାରଣ ତା’ ନହେବା ଦ୍ୱାରା ଆଜି ବାଙ୍କୀରେ ଯାହା ଘଟିଛି ବା ଅନ୍ୟ କେତେକ ନିର୍ବାଚନ ମଣ୍ଡଳୀରେ ଯାହା ଘଟୁଛି ତାହାକୁ ରୋକାଯାଇ

Digitized by srujanika@gmail.com

ପାରୁନାହିଁ। ଏବେ ପାଞ୍ଚବର୍ଷ ଏମ୍.ଏଲ୍.ଏ. ହୋଇଗଲେ ଅନେକଙ୍କ ଧାରଣା ତିନି ପୁରୁଷ ପାଇଁ ସମ୍ପତ୍ତି ରଖାଯାଇ ପାରିବ। ଅବଶ୍ୟ ଏହା ସମସ୍ତ ଏମ୍.ଏଲ୍.ଏ.ଙ୍କ ପାଇଁ ଯେ ପ୍ରଯୁଜ୍ୟ, ତାହା ନୁହେଁ। ଏବେ ମଧ କେତେକ ମନ୍ତ୍ରୀ ଅଛନ୍ତି ଯେଉଁମାନଙ୍କ ସାଧୁତା ପ୍ରଶ୍ନାତୀତ। ଏମ୍.ଏଲ୍.ଏ.ମାନଙ୍କ ମଧ୍ୟରେ ସାଧୁ ସଚ୍ଚୋଟ ଲୋକ ଯେ ନାହାନ୍ତି ତାହା ମଧ ନୁହେଁ। କିନ୍ତୁ ଏମାନଙ୍କ ସଂଖ୍ୟା ଏତେ କମ୍ ଯେ ତାହା ଉଦାହରଣଯୋଗ୍ୟ ନୁହେଁ। କିନ୍ତୁ ଏହି ସାଧୁ-ସଚ୍ଚୋଟ ମନ୍ତ୍ରୀ ବା ଏମ୍.ଏଲ୍.ଏ.ମାନେ ଅସାଧୁତାର ପ୍ରତୀକ ସପ୍ତରଥୀଙ୍କ ଆକ୍ରମଣରେ ଅଭିମନ୍ୟୁ ଭଳି ବଧ ହେଉଛନ୍ତି।

୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନତା ଲାଭ କରିବା ପରେ ଅଗଷ୍ଟ ୨୯ ତାରିଖରେ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ଗଣପରିଷଦ 'ଚିଠା ପ୍ରସ୍ତୁତ କମିଟି' ଡଃ ବି.ଆର୍. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ବସି ବହୁ ଆଲୋଚନା ପରେ ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରସ୍ତୁତ କଲେ ଓ ସେହିଦିନ ଏହା ପାର୍ଲାମେଣ୍ଟରେ ଗୃହୀତ ହେଲା। ୧୯୫୦ ଜାନୁଆରୀ ୨୬ ତାରିଖରୁ ସମ୍ବିଧାନ ଚାଲୁ ହେଲା ଓ ସେହିଦିନଠାରୁ ଭାରତ ହେଲା ସାର୍ବଭୌମ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର। ୧୯୭୬ ସାଲ ଡିସେମ୍ବର ମାସରେ ଜରୁରୀ ପରିସ୍ଥିତି ବେଳେ ୪୨ ତମ ସଂଶୋଧନ କରାଯାଇ କୁହାଗଲା ଭାରତ ହେଉଛି ଏକ ସାର୍ବଭୌମ ସମାଜତାନ୍ତ୍ରିକ, ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର। ଅନ୍ୟ କଥାରେ ମୂଳ ବ୍ୟବସ୍ଥାରେ ଯୋଗ କରାଗଲା ସମାଜତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ବିଶେଷଣ ଦୁଇଟି। ସ୍ୱାଧୀନ ଭାରତର ବୟସ ବର୍ତ୍ତମାନ ୪୭ ବର୍ଷ। ସାର୍ବଭୌମ ଗଣତାନ୍ତ୍ରିକ ଭାରତର ବୟସ ହେଲା ୪୪ ବର୍ଷ ଏବଂ ସମାଜତାନ୍ତ୍ରିକ- ଧର୍ମ ନିରପେକ୍ଷ ଭାରତର ବୟସ ମାତ୍ର ୧୮ ବର୍ଷ। ଆମର ସମ୍ବିଧାନ ପ୍ରଣେତା ଓ ସଂଶୋଧନ କର୍ତ୍ତାମାନଙ୍କ ମଧ୍ୟରୁ ଏବେ ଅନେକ ଆଉ ନାହାନ୍ତି। କିନ୍ତୁ ଏହି ନେତୃବର୍ଗ ଗୋଟିଏ ବିଷୟ ସଂଶୋଧନ କରିବା ଲାଗି ଭୁଲିଗଲେ ଯେ ଲୋକଙ୍କ ଭୋଟ ପାଇ ନିର୍ବାଚିତ ହୋଇଥିବା ଏହି ତଥାକଥିତ ଜନପ୍ରତିନିଧିମାନେ ଲୋକଙ୍କ ସହ ପ୍ରତାରଣା କଲେ କିପରି ଭାବେ ସେମାନେ ଦଣ୍ଡନୀୟ ହେବେ? ପାଞ୍ଚବର୍ଷ ପର୍ଯ୍ୟନ୍ତ ଏହିଭଳି ଗଣଶତ୍ରୁମାନଙ୍କୁ ନରଖି ବହୁ ପୂର୍ବରୁ ସେମାନଙ୍କୁ ତାଙ୍କର ପଦରୁ ବିଦାୟ ଦେବାପାଇଁ ପରବର୍ତ୍ତୀ ସଂଶୋଧନ ଅଣାଯିବା ଉଚିତ। କିନ୍ତୁ ହାୟ! ଏ ଦେଶରେ ଯେଉଁଠି ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ନିଜସ୍ୱ ନିର୍ବାଚନ ମଣ୍ଡଳୀରେ ପରାସ୍ତ ହୁଅନ୍ତି ସେଠି ଏ ଧରଣର ସଂସ୍କାର ଆଶା କରିବା ବୃଥା ମାତ୍ର।

Digitized by srujanika@gmail.com

ତେଣୁ ସ୍ୱାଧୀନତାର ପ୍ରକୃତ ସ୍ୱାଦ ଚାଖିବା ପାଇଁ ବକ୍ରପଥରେ ଆଙ୍ଗୁଠିକୁ ସମ୍ବିଧାନର ଠେକିରେ ଭର୍ତ୍ତି କରି ଘିଅ ମହୁ ଉଠାଇ ଆଣିବା ପାଇଁ ପରବର୍ତ୍ତୀ ପ୍ରଜନ୍ମ ହିଁ ଏକମାତ୍ର ଭରସା । ନଚେତ୍ ଆମେ ଯେଉଁମାନେ 'ହାଭ୍‌ନଟ୍ସ' ରହିଛେ ଏହିଭଳି ନିରବଧି କାଳ ପର୍ଯ୍ୟନ୍ତ ବହୁ ଘନଶ୍ୟାମଙ୍କର ବହୁ ତ୍ରିପାଠୀମାନଙ୍କ ଦ୍ୱାରା ନିର୍ବହଣ ହୋଇଆସୁଥିବା ।

ତା ୯.୩.୧୯୯୪

•

Digitized by srujanika@gmail.com

ଓଡ଼ିଶାର ସାଂବାଦିକତା କ୍ଷେତ୍ରରେ ବରେନ୍ଦ୍ର କୃଷ୍ଣ ଧଳ ଏକ ସୁପରିଚିତ ନାମ। ମନନଶୀଳ ବିଶ୍ଳେଷଣ ଓ ଚମତ୍କାର ଭାଷା ପ୍ରୟୋଗ ଦ୍ୱାରା ଯେ କୌଣସି ଘଟଣାକୁ ସେ ଏଭଳି ସୁଖପାଠ୍ୟ କରି ତୋଳିପାରନ୍ତି, ଯାହା ପାଠକମାନଙ୍କୁ ରସବୋଧର ଏକ ନୂତନ ଜଗତକୁ ଟାଣି ନେଇଥାଏ। ୧୯୯୦ ମସିହାରେ ଜାତୀୟ ସାଂବାଦିକ ୟୁନିୟନର ସର୍ବଭାରତୀୟ ସଭାପତି ରୂପେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୯୯୩ ମସିହା ପର୍ଯ୍ୟନ୍ତ ସେହି ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଥିଲେ। ଏ କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଯେ ଏଭଳି ଏକ ସମ୍ମାନଜନକ ପଦ ଲାଭକରି ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଛନ୍ତି।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶ୍ରୀ ଧଳ ଜଣେ ସୁଖ୍ୟାତ ଲେଖକ। ଚାରୋଟି ଉପନ୍ୟାସ, ପାଞ୍ଚୋଟି କ୍ଷୁଦ୍ରଗଳ୍ପ ସଂକଳନ, ଗୋଟିଏ ଶିଶୁଗଳ୍ପ ସଂକଳନ ଏବଂ ପାଞ୍ଚୋଟି ଅନୁବାଦ ପୁସ୍ତକର ସେ ରଚୟିତା। ବଂଗଳାରୁ ଅନୂଦିତ 'ଶାମ୍ବ' ପୁସ୍ତକ ପାଇଁ ସେ ୧୯୯୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ।

ବଂଗଳାଭାଷାରେ 'ଅସମାପ୍ତ ଶତକ' ନାମରେ ତାଙ୍କର ଏକ ଗଳ୍ପ ସଂକଳନ କଲିକତାର ବିଖ୍ୟାତ ପ୍ରକାଶନ ସଂସ୍ଥା ଭୋସ୍ତକ ପ୍ରକାଶ କରିଛନ୍ତି। ବଂଗଳାର ବହୁ ପ୍ରସିଦ୍ଧ ପତ୍ର-ପତ୍ରିକାରେ ତାଙ୍କର ଗଳ୍ପ ନିୟମିତ ପ୍ରକାଶ ପାଇଥାଏ।

ସଂପ୍ରତି ଓଡ଼ିଶାର ବିଖ୍ୟାତ ସାହିତ୍ୟ ଅନୁଷ୍ଠାନ 'ଲେଖକ ସାମ୍ମୁଖ୍ୟ'ର ସେ ସାଧାରଣ ସଂପାଦକ ଓ ଭୁବନେଶ୍ୱର ପୁସ୍ତକମେଳାର ମୁଖ୍ୟ ପ୍ରବର୍ତ୍ତକ।

—o—

Digitized by srujanika@gmail.com